Digitized by srujanika@gmail.com

ଓଡ଼ିଆ ଗଳ୍ପ ସଂକଳନ

ମୁଦିତା ଲୋପାମୁଦ୍ରା

ଆନନ୍ଦ ଚନ୍ଦ୍ର ପତ୍ରି

ଗ୍ରନ୍ଥ ଭାରତୀ, ଭୁବନେଶ୍ୱର

Digitized by srujanika@gmail.com

ମୁଦ୍ରିତା ଲୋପାମୁଦ୍ରା
(ଓଡ଼ିଆ ଗଳ୍ପ ସଂକଳନ)

ଆନଂଦ ଚଂଦ୍ର ପହି

ପ୍ରଥମ ପ୍ରକାଶ : **ଅଗଷ୍ଟ ୨୦୦୧**

© ଆନଂଦ ଚଂଦ୍ର ପହି

ପ୍ରକାଶକ ଗ୍ରନ୍ଥଭାରତୀ, ଭୁବନେଶ୍ୱର
ନିକୋ ପାର୍କ ରୋଡ୍, ଭୁବନେଶ୍ୱର-୧୨
ମୁଖ୍ୟ କାର୍ଯ୍ୟାଳୟ : ବରିମେଳକ, ବରି, ସିମୁଳିଆ, ବାଲେଶ୍ୱର-୭୫୬ ୧୨୬

ପ୍ରଚ୍ଛଦ ଅଧ୍ୟାପକ ବଳଦେବ ମହାରଥୀ
ଅକ୍ଷର ସଜ୍ଜା ଶାରଳା ଗ୍ରାଫିକ୍ସ, ଭୁବନେଶ୍ୱର-୧୨
ମୁଦ୍ରଣ ଜଗନ୍ନାଥ ପ୍ରୋସେସ,ଡଗରପଡ଼ା, କଟକ
ମୂଲ୍ୟ ଟ. ୯୫.୦୦ ମାତ୍ର

MUDRITAA LOPAAMUDRAA
(Oriya Story Collection)

Anand Chandra Pahi

First Edition : **August 2001**

Publisher : **Grantha Bharatee**, Bhubaneswar
Nicco Park Road, Bhubaneswar-12
Head Office : Barimelak, Bari, Simulia,
Balasore-756 126

Cover Design : **Baladev Maharatha**

Laser Typeset : **Sarala Graphics**, Bhubaneswar-12

Printed at : **Jagannath Process**, Dagarpada, Cuttack

Price **Rupees NINETY FIVE only**

Digitized by srujanika@gmail.com

ଅଜା-ଆଈ, ମାମୁ-ମାଈଁ, ଜେଜେ-ଜେଜେମା, ବାପା-ବୋଉ, ଦାଦା-ଖୁଡ଼ୀ, ପିଉସା-ପିଉସୀ, ମଉସା-ମାଉସୀ, ଯେଉଁମାନେ ମୋତେ ଚାଲିବା ଶିଖାଇଛନ୍ତି, କଥା କହିବା ଶିଖାଇଛନ୍ତି ଓ ମୋ ହାତଧରି ଅକ୍ଷର ଲେଖିବା ଶିଖାଇଛନ୍ତି, ଯେଉଁମାନଙ୍କ ସ୍ନେହ, ଶୁଭେଚ୍ଛା, ଭଲପାଇବା, ଆଶିଷ, ଆକଟ, ଉତ୍ସାହ, ଗାଳିମାଡ଼,ପରାମର୍ଶ, ଓ ପ୍ରେରଣା ମୋ ଭିତରେ ଲେଖକ ସତ୍ତାଟିଏ ସୃଷ୍ଟି କରିବାରେ ସମର୍ଥ ହୋଇଛି, ସେଇମାନଙ୍କ ସ୍ନେହସିକ୍ତ ସ୍ମୃତି ଓ ସମ୍ମାନାର୍ଥେ ମୋର ସମର୍ପଣ ଏଇ ସପ୍ତମ ଗଳ୍ପ ସଂକଳନ 'ମୁଦ୍ରିତା ଲୋପାମୁଦ୍ରା'...

ଆନଂଦ

Digitized by srujanika@gmail.com

ନିଜ କଥା

ଓଡ଼ିଆ ସାହିତ୍ୟର ପାଠକ ସଂଖ୍ୟା ଆଶଙ୍କାଜନକ ଭାବେ କମିବାରେ ଲାଗିଛି । ତେଣୁ ଗୋଟିଏ ବହିର ଛାପା ସଂଖ୍ୟା ଏଗାର ଶହରୁ କମି ଏବେ ପାଞ୍ଚ ଶହରେ ପହଞ୍ଚିଲାଣି ।

ଓଡ଼ିଆ ସାହିତ୍ୟର ପାଠକ ସଂଖ୍ୟା ଏମିତି ଉଦ୍‌ବେଗଜନକ ଭାବେ କମିବାର କାରଣ କ'ଣ ? କେତେକ କୁହନ୍ତି ଆମ ରାଜ୍ୟରେ ବହୁ ସଂଖ୍ୟାରେ ଇଂରାଜୀ ମାଧମ ସ୍କୁଲ ଖୋଲିଛି ଏବଂ ସେହି ଇଂରାଜୀ ମାଧମ ସ୍କୁଲରୁ ଉତ୍ତୀର୍ଣ୍ଣ ହେଉଥିବା ଛାତ୍ରଛାତ୍ରୀ ଓଡ଼ିଆ ବହି ବା ପତ୍ରପତ୍ରିକା ପଢ଼ିବାକୁ ବିମୁଖ ହେଉଛନ୍ତି । ଦ୍ୱିତୀୟ କାରଣ ହେଉଛି ଦୂରଦର୍ଶନର ବହୁଳ ପ୍ରସାର । ଲୋକମାନେ ଅବସର ସମୟରେ ଦୂରଦର୍ଶନ ଦେଖି ସମୟ କାଟୁଛନ୍ତି । ଦୂରଦର୍ଶନର ନାଚ, ଗୀତ, କୁଇଜ, ସିରିଆଲ, ଖେଳ ଓ ସିନେମା ଦର୍ଶକମାନଙ୍କୁ ବାନ୍ଧି ରଖୁଛି, ବହିର ପୃଷ୍ଠା ଖୋଲିବାକୁ ସମୟ ଦେଉ ନାହିଁ ।

ଏ ସବୁ ସମସ୍ୟା କଣ ଆମ ପଡ଼ୋଶୀ ରାଜ୍ୟ ପଶ୍ଚିମବଙ୍ଗରେ ନାହିଁ ନା କେରଳରେ ନାହିଁ । ଆମ ରାଜ୍ୟଠୁ ସେସବୁ ରାଜ୍ୟରେ ଇଂରାଜୀ ମାଧ୍ୟମ ସ୍କୁଲ ସଂଖ୍ୟା ବେଶି ଏବଂ ସେ ରାଜ୍ୟମାନଙ୍କରେ ଦୂରଦର୍ଶନର ପ୍ରସାର ଅଧିକ । କିନ୍ତୁ ପଶ୍ଚିମବଙ୍ଗ ଓ କେରଳରେ ତାଙ୍କ ଭାଷାରେ ପ୍ରକାଶିତ ପୁସ୍ତକ ଓ ପତ୍ରପତ୍ରିକାର ଆଦର, ପଠନ ଓ ବିକ୍ରି ବହୁତ ବେଶି । ପ୍ରତି ପୁସ୍ତକ ସେ ସବୁ ରାଜ୍ୟରେ ଦଶ ହଜାରରୁ ଅଧିକ ଛପାଯାଏ । ତାଙ୍କ ଅଗ୍ରଣୀ ସାହିତ୍ୟ ପତ୍ରିକାର ପ୍ରତି ସଂଖ୍ୟାର ଛାପା ସଂଖ୍ୟା ଲକ୍ଷ ଛୁଇଁଯାଏ । କେରଳର 'ମନୋରମା' ସାହିତ୍ୟ ପତ୍ରିକାର ପ୍ରତିସଂଖ୍ୟାର ଛାପା ଲକ୍ଷାଧିକ । ପୁସ୍ତକଟିଏ ବା ପତ୍ରିକାଟିଏ ପ୍ରକାଶିତ ହେବା ପୂର୍ବରୁ ତାକୁ ପଢ଼ିବାକୁ ସେ ରାଜ୍ୟର ପାଠକମାନେ ଚାହିଁ ବସିଥାନ୍ତି ।

Digitized by srujanika@gmail.com

ଓଡ଼ିଆ ସାହିତ୍ୟର ପାଠକ ସମସ୍ୟା ଦିନକୁ ଦିନ ସଙ୍କଟ ଆଡ଼କୁ ମୁହାଁଉଛି । ଏହି ପାଠକ ସମସ୍ୟାର ନିରାକରଣ ନହେଲେ ଦିନ ଆସିବ ଲେଖକ କେବଳ ତା ନିଜ ଲେଖାର ପାଠକ ହେବ ।

ନିଜ ରୁଚିର ବହିଖଣ୍ଡେ କି ସାହିତ୍ୟ ପତ୍ରିକା ଖଣ୍ଡେ ଦୁଇଖଣ୍ଡ ପ୍ରତି ମାସରେ କିଣି ପଢ଼ିବା ପରି ଆର୍ଥିକ ସ୍ୱଚ୍ଛଳତା ଆମ ରାଜ୍ୟର ସବୁ ଲୋକଙ୍କର ନଥିଲେ ମଧ୍ୟ କିଛି ଲୋକଙ୍କର ନିଶ୍ଚିତ ଭାବେ ଅଛି । ଓଡ଼ିଶାର ତିନିକୋଟି ଲୋକଙ୍କ ମଧ୍ୟରୁ ଅନ୍ତତଃ ଦଶ, ପନ୍ଦର ଲକ୍ଷ ଲୋକଙ୍କର ଓଡ଼ିଆ ସାହିତ୍ୟ ବହି ଓ ପତ୍ରିକା କିଣି ପାରିବାର ସାମର୍ଥ୍ୟ ଅଛି । ଏହା ଏକ ରୁଚି ଓ ଓଡ଼ିଆ ସାହିତ୍ୟ ତଥା ସଂସ୍କୃତି ପ୍ରତି ସମ୍ମାନର କଥା । ଆର୍ଥିକ ସ୍ୱଚ୍ଛଳ ପ୍ରତି ପରିବାର ଇଚ୍ଛା କଲେ ପ୍ରତି ମାସରେ ଖଣ୍ଡେ ଦୁଇ ଖଣ୍ଡ ଓଡ଼ିଆ ସାହିତ୍ୟ ପୁସ୍ତକ ଓ ସାହିତ୍ୟ ପତ୍ରିକା କିଣି ପଢ଼ି ପାରନ୍ତେ । ଏ ବହିକିଣାକୁ ପ୍ରତି ସ୍ୱଚ୍ଛଳ ପରିବାର ତାଙ୍କ ମାସିକ ବଜେଟରେ ସ୍ଥାନ ଦେଲେ ତାହା ନିୟମିତ ଓ ସହଜ ହୋଇ ପାରନ୍ତା । ପ୍ରତି ମାସର ବଜେଟରେ ଯେମିତି ଖବର କାଗଜ, ଇଲେକ୍ଟ୍ରିକ ବିଲ, ଟେଲିଫୋନ୍ ବିଲ, କେବୁଲ ଟି.ଭି., ଦୁଧ, ପନିପରିବା, ତେଜରାତି, ପିଲାଙ୍କ ଟିଉସନ ଫିସ୍ ଇତ୍ୟାଦି ପାଇଁ ବ୍ୟବସ୍ଥା ଅଛି, ସେମିତି ଓଡ଼ିଆ ଗଳ୍ପ, ଉପନ୍ୟାସ, ନାଟକ, କବିତା ପୁସ୍ତକ ଓ ମାସିକ ବା ସାପ୍ତାହିକ ସାହିତ୍ୟ ପତ୍ରିକା କିଣିବା ପାଇଁ ବ୍ୟବସ୍ଥା ରଖାଯାଇ ପାରନ୍ତା ।

ଦୂରଦର୍ଶନ, ରେଡ଼ିଓ, ଖବରକାଗଜ ଓ ସାହିତ୍ୟପୁସ୍ତକ ପ୍ରତ୍ୟେକର ସ୍ୱତନ୍ତ୍ର ଆବଶ୍ୟକତା ଅଛି । କିନ୍ତୁ ଗଳ୍ପ, ଉପନ୍ୟାସ, ନାଟକ କି କବିତା ପଢ଼ିବାରେ ଯେଉଁ ସାରସ୍ୱତ ଆନନ୍ଦ ମିଳେ ତାହା ଅନ୍ୟ କେଉଁଥିରୁ ମିଳେ ନାହିଁ । ଇଂଲଣ୍ଡ, ଆମେରିକା, ଫ୍ରାନ୍ସ ପରି ଦେଶ ଯେଉଁଠି ଇଲେକ୍‌ଟ୍ରୋନିକ ମିଡ଼ିଆର ବହୁଳ ପ୍ରସାର ସେଠି ମଧ୍ୟ ପୁସ୍ତକର ଅପାର ଆଦର । ଗଳ୍ପ ବା ଉପନ୍ୟାସ ପୁସ୍ତକଟିଏ ପ୍ରକାଶିତ ହେବା ମାତ୍ରେ ଧାଡ଼ିବାନ୍ଧି ପାଠକମାନେ ତାହା କିଣନ୍ତି । ଅବଶ୍ୟ ସେସବୁ ଦେଶରେ ସାହିତ୍ୟ ପୁସ୍ତକର ବିଜ୍ଞାପନର ଯଥେଷ୍ଟ ବ୍ୟବସ୍ଥା କରାଯାଇଥାଏ ।

ଆମ ସାହିତ୍ୟର ପାଠକ ସଂଖ୍ୟା କମିବା ଦିଗରେ ଆମ ଲେଖକମାନେ ବେଶି ଭାଗ ଦାୟୀ । ସାହିତ୍ୟରେ ପରୀକ୍ଷା ନାଆଁରେ କବିତା ଅବୋଧ୍ୟ, ଦୁର୍ବୋଧ, ଏକାନ୍ତ ବ୍ୟକ୍ତିଗତ ହେଲା, ଗଳ୍ପ ପ୍ରତୀକଧର୍ମୀ ଓ ଗଳ୍ପହୀନ ହେଲା, ନାଟକ, ଅବୋଧ, ଦୁର୍ବୋଧ, ଓ କାହାଣୀହୀନ ହେଲା ।

Digitized by srujanika@gmail.com

ଫଳରେ ପାଠକମାନେ ଓଡ଼ିଆ ସାହିତ୍ୟ ପ୍ରତି ବିମୁଖ ହେଲେ । ଓଡ଼ିଆ ସାହିତ୍ୟର ପାଠକ ସଂଖ୍ୟା ବିପଦଜନକ ଭାବେ କମିଗଲା ।

ଏବେ କିନ୍ତୁ ଏ ପରିସ୍ଥିତି ଆଉ ନାହିଁ । କବିତା ଏବେ ସୁବୋଧ, ସୁଗମ, ସହଜ ଓ ଆକର୍ଷଣୀୟ ହେଲାଣି, ଗଳ୍ପରେ ଏବେ ଗଳ୍ପ ଭରପୂର ଓ ପାଠକକୁ ବାନ୍ଧି ରଖିବାପରି ସ୍ୱାଦିଷ୍ଟ ହେଲାଣି । ନାଟକ ମଧ୍ୟ ବାସ୍ତବଧର୍ମୀ ମର୍ମସ୍ପର୍ଶୀ ହେଲାଣି । ଉପନ୍ୟାସ ତାର ଚମକ ଓ ଆକର୍ଷଣରେ ପାଠକର ମନକୁ କିଣି ନେବାକୁ ଏବେ ସମର୍ଥ ହେଲାଣି । ପୁସ୍ତକଗୁଡ଼ିକ ଏବେ ଉନ୍ନତ ଛାପା ପ୍ରଣାଳୀ ଯୋଗୁ ଆଗଠୁ ଛାପାରେ, ପ୍ରଚ୍ଛଦରେ, ଅଙ୍ଗସଜ୍ଜାରେ ଅଧିକ ପରିଚ୍ଛନ୍ନ ଓ ସୁନ୍ଦର ଦିଶିଲେଣି । ଦୃଷ୍ଟି ଟାଣି ରଖିବା ପରି ଆକର୍ଷଣୀୟ ବେଶ ପରିପାଟୀରେ ବଜାରକୁ ବାହାରିଲେଣି । ସବୁଠୁ ବଡ଼ କଥା ପାଠକମାନଙ୍କୁ ସାହିତ୍ୟ ଆଡ଼କୁ ଆକର୍ଷଣ କରିବା ପାଇଁ ଲେଖକମାନେ ସଚେତନ ।

କିନ୍ତୁ ପାଠକମାନଙ୍କ ପାଖରେ ଏଇ ବାର୍ତ୍ତାଟି ପହଞ୍ଚାଇ ସେମାନଙ୍କୁ ଆମ ସାହିତ୍ୟ ଆଡ଼କୁ ପୁଣି ଫେରାଇ ଆଣିବା ପାଇଁ ଆମ ପାଖରେ କିଛି ବ୍ୟବସ୍ଥା ନଥିବା ପରି ମନେ ହେଉଛି । ତେବେ ଏମିତି ଅବସ୍ଥା ବେଶିଦିନ ରହିବା ଶୁଭଙ୍କର ନୁହେଁ ।

ଆମ ପିଲାବେଳେ ସ୍କୁଲ ଜୀବନରୁ ଗଳ୍ପ, ଉପନ୍ୟାସ, ଜୀବନୀ, ବହିପଢ଼ା ଆରମ୍ଭ ହେଉଥିଲା । ଲାଇବ୍ରେରୀ ପିରିଅଡରେ ଆମ ଶିକ୍ଷକ ଆମକୁ ଲାଇବ୍ରେରୀରୁ ବହି ଦେଉଥିଲେ ଘରେ ପଢ଼ିବା ପାଇଁ । ସେଇଦିନଠୁ ଆମ ଭିତରେ ସାହିତ୍ୟ ପଢ଼ିବା ପ୍ରବୃତ୍ତି ସୃଷ୍ଟି ହେଉଥିଲା । ଧୀରେ ଧୀରେ ହାଇସ୍କୁଲ, କଲେଜ ଓ ୟୁନିଭରସିଟି ଜୀବନରେ ସେଇ ପ୍ରବୃତ୍ତିର ଅଭିବୃଦ୍ଧି ଘଟୁଥିଲା ।

ଏବେ କିନ୍ତୁ ପ୍ରାଥମିକ ବିଦ୍ୟାଳୟ, ମାଧ୍ୟମିକ ବିଦ୍ୟାଳୟ କିମ୍ବା କଲେଜ ଜୀବନରେ ମଧ୍ୟ ସାହିତ୍ୟ ବହିଗୁଡ଼ିକ ଲାଇବ୍ରେରୀରେ ଅଛୁଆଁ ପଡ଼ି ରହୁଛି । ଲାଇବ୍ରେରୀ ଦାୟିତ୍ୱରେ ଥିବା ଶିକ୍ଷକ ଖଣ୍ଡେ ହେଲେ ସାହିତ୍ୟ ବହି କୌଣସି ଛାତ୍ରକୁ ପଢ଼ିବାକୁ ଦେବାକୁ ଉଚିତ ମନେ କରୁନାହାଁନ୍ତି । ଏବେ ଛାତ୍ରମାନେ ଲାଇବ୍ରେରୀ ବହି ନେଲେ ଆଉ ନ ଫେରାଇବା ଭୟ ଥିବାରୁ ଲାଇବ୍ରେରୀରୁ ବହି ବାହାରକୁ ଯିବାଟା ସଂପୂର୍ଣ୍ଣ ରୂପେ ନିଷେଧ କରାଯାଇଛି; ଫଳରେ ଗଳ୍ପ ଉପନ୍ୟାସ, କବିତା, ନାଟକ କି ଭ୍ରମଣ କାହାଣୀ ପରି ସାହିତ୍ୟ ବହି ପଢ଼ିବା ପ୍ରବୃତ୍ତିଟା ଛାତ୍ର ଜୀବନରୁ ହିଁ ମରିଯାଉଛି ।

Digitized by srujanika@gmail.com

ଛାତ୍ର, ଶିକ୍ଷକ, ବ୍ୟବସାୟୀ, କର୍ମଜୀବୀ, ଡାକ୍ତର, ଇଂଜିନିୟର, ପ୍ରଶାସନିକ ଅଧିକାରୀ, କିରାଣି, ଝିଅ, ବୋହୂ ନା ଯୁଦ୍ଧକ୍ଷେତ୍ରରେ ଯୁଦ୍ଧକରୁଥିବା ସୈନିକ କିଏ ଆମ ସାହିତ୍ୟ ପଢ଼ିବ ? ଆମ ଓଡ଼ିଆ ସାହିତ୍ୟିକଙ୍କ ମଧ୍ୟରୁ ଅନେକ ଯେ ନିଜ ଲେଖା ବ୍ୟତୀତ ଅନ୍ୟର ଲେଖା ପଢ଼ିବାରେ ଆଗ୍ରହ ରଖନ୍ତି ନାହିଁ – ଏକଥା ଆମେ କାହା ଆଗେ କହିବା ?

ସବୁଠୁ ଆଶ୍ଚର୍ଯ୍ୟର କଥା ଅଧିକାଂଶ ଲୋକ ଆମ ସାହିତ୍ୟ ପଢୁ ନଥିଲେ ମଧ ପ୍ରତିବର୍ଷ କିଛି କିଛି ନୂଆ ନୂଆ ପୁସ୍ତକ ପ୍ରକାଶିତ ହେଉଛି । ପ୍ରତିବର୍ଷ ଆମ ରାଜ୍ୟରେ ବହୁ ସଂଖ୍ୟାରେ ପୁସ୍ତକ ମେଳାର ଆୟୋଜନ କରାଯାଉଛି । ଅଧିକାଂଶ ଲୋକ ପୁସ୍ତକମେଳାରୁ ଅଣଓଡ଼ିଆ ପାଠ୍ୟପୁସ୍ତକ ବହୁ ସଂଖ୍ୟାରେ କିଣି କାଁ ଭାଁ ଓଡ଼ିଆ ସାହିତ୍ୟ ପୁସ୍ତକ କିଣୁଛନ୍ତି; ପଢ଼ନ୍ତୁ କି ନ ପଢ଼ନ୍ତୁ ।

ଓଡ଼ିଆ ସାହିତ୍ୟର ଏମିତି ଅନାଦର ବଢ଼ି ବଢ଼ି ଚାଲିଲେ ଦିନେ ଓଡ଼ିଆ ସାହିତ୍ୟ ଓ ଭାଷାର ଅସ୍ତିତ୍ୱ ପ୍ରତି ବିପଦ ସୃଷ୍ଟି କରିବ । ଦିନ ଆସିବ ଏହା କେବଳ ଏକ କଥିତ ଭାଷାରେ ସୀମିତ ରହିବ । ଏସବୁ ଜାଣି ମଧ୍ୟ ଆମେ ଚୁପ୍ ରହିଲେ ଚଳିବ ନାହିଁ । ଓଡ଼ିଆ ଭାଷା ଓ ସାହିତ୍ୟର ପ୍ରତ୍ୟେକ ଶୁଭଚିନ୍ତକ ପ୍ରତ୍ୟେକ ଓଡ଼ିଆ ଏ ଦିଗରେ ନିଜ କ୍ଷମତାକୁ ଚାହିଁ କିଛିନା କିଛି କରିବା ଆବଶ୍ୟକ ।

ଅଗଷ୍ଟ ୧୫, ୨୦୦୧ — ଆନଂଦ ଚଂଦ୍ର ପହି

ନିହଲପ୍ରସାଦ, ଢେଙ୍କାନାଳ

Digitized by srujanika@gmail.com

ଗଳ୍ପକ୍ରମ

ଗଳ୍ପ	ପୃଷ୍ଠା
ଅସୀମାର ସୀମା	୯
ଅସୁନ୍ଦରୀ ଝିଅ	୧୯
ସଂଘର୍ଷ	୨୭
ଅଭିନୟ	୪୦
ମୁଦ୍ରିତା ଲୋପାମୁଦ୍ରା	୫୧
ପ୍ରିୟ ପରିଧି	୬୩
ହଳଦୀବସନ୍ତର କ୍ଷତ	୭୬
ମାନଚିତ୍ର	୮୨
ପ୍ରତିଶ୍ରୁତି ପ୍ରଥମ ରାତିର	୯୪
ଆମେରିକାନ୍ ସାର୍ଟ	୧୦୧
କିଛି ଘଟଣା : କିଛି କଳ୍ପନା	୧୧୨
ଅନ୍ତରଙ୍ଗ ଆକର୍ଷଣ	୧୨୩
ଅଭିଜ୍ଞିତ୍‌ର ଅଭିଳାଷ	୧୩୩
ଲକ୍ଷ୍ମଣରେଖା ବିବାହିତାର	୧୩୯
ଅଦ୍ଭୁତ ଅଭ୍ୟାସ	୧୫୦
ଘର	୧୬୨
ତୈଳଚିତ୍ର	୧୭୩
ମୁହାଁମୁହିଁ	୧୮୪
ଘରୋଇ ହସ୍ତକ୍ଷେପ	୧୯୩
ଜରାନିବାସ	୨୦୩
ଶେଷମନ୍ତ୍ର	୨୧୪

Digitized by srujanika@gmail.com

ଅସୀମାର ସୀମା

ଭଗବାନ ଏତେ ସୁନ୍ଦର ମଣିଷ ସୃଷ୍ଟି କରିପାରନ୍ତି ବୋଲି ବନଜଙ୍କର ଆଗରୁ ଧାରଣା ନ'ଥିଲା । ଚିତ୍ରଶିଳ୍ପୀ କିମ୍ବା ମୂର୍ତ୍ତିକାର ମଧ ଏତେ ସୁନ୍ଦର ମଣିଷର ଚିତ୍ର କି ମୂର୍ତ୍ତି ଗଢ଼ି ପାରିବ ନାହିଁ; କାରଣ ମଣିଷର କଳା-କଳ୍ପନା ଓ ସୃଷ୍ଟିମାନସ ସୀମିତ ।

ଅସୀମାକୁ ଦେଖିବା ବେଳୁ ବନଜ ବିସ୍ମିତ ହୋଇଥିଲେ ଯେତିକି, ବିଭୋର ହୋଇଥିଲେ ତା'ଠୁ ଢେର ଅଧିକ । ସିଏ ଯେଉଁ ବ୍ୟାଙ୍କରେ ମ୍ୟାନେଜର ସେଇ ବ୍ୟାଙ୍କରେ ଅସୀମା ପ୍ରୋବେସନ୍ ଅଫିସର ।

ବନଜ ମନେ ମନେ ରୋମାଞ୍ଚିତ ହେଲେ ।

ଏତେ ସୁନ୍ଦରୀ ଝିଅଟିଏ ଦେଖିଲେ ପ୍ରତି ପୁରୁଷ, ବିଶେଷ କରି ଯୁବ ପୁରୁଷଠାରେ ଦୁଇଟି କ୍ରିୟା ଦେଖାଯାଏ । ଝିଅଟି ତୁଳନାରେ ସିଏ କେତେ ସୁନ୍ଦର ତା'ର ଗୋଟେ ଆକଳନ ମନେମନେ ପ୍ରସ୍ତୁତ କରେ ଓ ନିଜକୁ, ନିଜ ବେଶ ପୋଷାକକୁ ସଜାଡ଼ି ନେଇ ସେ ଝିଅଟି ଆଗରେ ନିଜ ଚେହେରାକୁ ସୁନ୍ଦର ଭାବେ ପ୍ରୋଜେକ୍ଟ କରିବାର ପ୍ରଚେଷ୍ଟା ଜାରିରଖେ ।

ଅଫିସ୍‌ରେ ବୟସଥିବା ସୁନ୍ଦରୀ ଝିଅଟିଏ କାମ କରୁଥିଲେ ସେ ଅଫିସ୍‌ର ବୁଢ଼ା ଅଫିସରଠାରୁ ନିପାରିଲା ପିଅନ ପର୍ଯ୍ୟନ୍ତ ସମସ୍ତଙ୍କ ବେଶ ପୋଷାକ ସଫା ସୁତୁରା ରହେ, ସେଥିରେ ଆଇରନ୍‌ର ଗାର ତୀକ୍ଷ୍ଣ ହୁଏ । ଜୋତା ଚପଲରେ ରଙ୍ଗ ଦିଆଯାଏ, ମୁହଁରୁ ଦାଢ଼ି କଟାଯାଇ କ୍ରିମ୍ ଲାଗି ଚିକ୍କଣ ହୁଏ । ଉପସ୍ଥାନ ବୃଦ୍ଧି ଘଟେ ।

ବନଜ ତାଙ୍କ ଅଫିସ୍‌ର ପିଅନ ବରଜୁକୁ ଡାକିଲେ । ବରଜୁ ଆସିଲା । ତା'ର ବୟସ ଚାଳିଶ କି ବୟାଳିଶ ହେବ । ସିଏ ଏ ଅଫିସ୍‌ରେ ସବୁଠୁ କମ୍ ଦରମା ପାଉଥିବା

ଆନଂଦ ଚଂଦ୍ର ପହି

Digitized by srujanika@gmail.com

କର୍ମଚାରୀ ହୋଇଥିଲେ ବି ତା' ବେଶ ପୋଷାକର ଔଜ୍ଜଲ୍ୟ କିଛି କମ୍ ନ ଥିଲା । ବନଜ ମନେ ମନେ ହସିଲେ- ଏସବୁ ସେଇ ଅସୀମାର ଅସୀମ ରୂପ ଲାବଣ୍ୟର ଅଦ୍ଭୁତ କରାମତି । ସୁନ୍ଦରୀ ଝିଅଟିର ସୌନ୍ଦର୍ଯ୍ୟ ଏ ବ୍ୟାଙ୍କର ସମସ୍ତ କର୍ମଚାରୀଙ୍କ ମଧ୍ୟରେ ସୌନ୍ଦର୍ଯ୍ୟବୋଧ ସୃଷ୍ଟି କରିଛି ।

ବରଜ୍ଜୁକୁ ଆଦେଶ କଲେ ବନଜ— ଅସୀମା ମ୍ୟାଡ଼ାମଙ୍କୁ ଡାକ ।

ବରଜ୍ଜୁ ମୁହଁରେ ମୁରୁକି ହସ । ଅସୀମ ସୁନ୍ଦରୀ ଅସୀମା ମ୍ୟାଡ୍‌ମଙ୍କଠି ନୂଆ ମ୍ୟାନେଜରଙ୍କର ହଠାତ୍ କ'ଣ କାମ ପଡ଼ିଲା ?

ମୁହଁର ହସକୁ ଆୟତ୍ତରେ ରଖି ବରଜ୍ଜୁ ଡାକିଲା ଅସୀମାକୁ । ବ୍ୟାଙ୍କର ସମସ୍ତ କର୍ମଚାରୀ କାମ ଛାଡ଼ି ଅସୀମାକୁ ଚାହିଁଲେ । କଥାଟା ସମସ୍ତେ ହଠାତ୍ ଯେମିତି ବୁଝିଗଲେ- ଟୋକା ମ୍ୟାନେଜର ନୂଆ କରି କାଲି ଜଏନ୍ କରିଛନ୍ତି । ସୁନ୍ଦରୀ ଅସୀମାଙ୍କର ସାନ୍ନିଧ୍ୟ ପାଇଁ ତାଙ୍କୁ ଡ଼ାକିଛନ୍ତି ନିଜ ଚ୍ୟାମ୍ବରକୁ ।

ଅନିଚ୍ଛାସତ୍ତ୍ୱେ ଅସୀମା ନିଜ ସିଟ୍ ଛାଡ଼ି ନୂଆ ମ୍ୟାନେଜରଙ୍କ ଚ୍ୟାମ୍ବରକୁ ପଶିଲେ । ସହକର୍ମୀମାନଙ୍କ ହସ ହସ ମୁହଁ ଚାହିଁ ରହିଲା ମ୍ୟାନେଜରଙ୍କ ଗ୍ଲାସ୍ ଚ୍ୟାମ୍ବରକୁ ।

ବନଜଙ୍କ ସାମ୍ନା ଚେୟାରରେ ବସୁ ବସୁ ଅସୀମା ପଚାରିଲେ— ମତେ ଡ଼କାଇଲେ ସାର୍ ?

କିଛି ଉତ୍ତର ନ ଦେଇ କେବଳ ମୁରୁକି ମୁରୁକି ହସିଲେ ବନଜ । ଅସୀମାକୁ ଖୁବ୍ ଅପ୍ରସ୍ତୁତ ଲାଗିଲା । ଇଏ କି ଅଦ୍ଭୁତ ଲୋକ ଏ ନୂଆ ମ୍ୟାନେଜର ! ବ୍ୟାଙ୍କର ବିଜି ଆୱାରରେ ନିଜ ରୁମ୍‌କୁ ଡକାଇ ଆଣି ଏମିତି ଚୁପ୍‌ଚାପ୍ ବସି ମୁରୁକି ମୁରୁକି ହସିବାର ଉଦ୍ଦେଶ୍ୟ କ'ଣ ? ବ୍ୟାଙ୍କର ଅନ୍ୟାନ୍ୟ କର୍ମଚାରୀମାନେ କ'ଣ ଭାବୁଥିବେ ? ଏ କାଚଘର ଭିତର ଦୃଶ୍ୟଟାକୁ ବ୍ୟାଙ୍କର ସବୁଲୋକ ଉତ୍ସୁକ ହୋଇ ଅନାଇଁଥିବେ ।

ଅସୀମା ଚେୟାର ଛାଡ଼ି ଠିଆ ହେଲେ । ତଥାପି ମ୍ୟାନେଜର କିଛି ନ କହି କେବଳ ଅସୀମାକୁ ଚାହିଁଥିଲେ । ଅସୀମା କାଚ ରୁମ୍‌ରୁ ବାହାରିବା ପୂର୍ବରୁ କହିଲେ- ମୋ ଟେବୁଲ୍‌ରେ ଅନେକ କାମ ଅଛି । ମୁଁ ଆସୁଛି ସାର୍ ।

ବନଜ ତଥାପି କିଛି ନ କହି କେବଳ ଅସୀମାକୁ ଚାହିଁଥିଲେ । ତାଙ୍କ ଦୃଷ୍ଟି ଅସୀମା ଉପରେ ନିବଦ୍ଧ ଥିଲା, କିନ୍ତୁ ସିଏ ଖୁବ୍ ଅନ୍ୟମନସ୍କ ଥିଲେ ।

ଅସୀମା ନିଜ ଚେୟାରକୁ ଫେରିବା ପରେ ବ୍ୟାଙ୍କର ସମସ୍ତ ଆଖି ଅସୀମାଙ୍କ ଉପରେ ଠୁଳ ହୋଇଗଲା । ବ୍ୟାଙ୍କର ଯୁବ କିରାଣି ସମର୍ଥ ନାୟକ ଅସୀମାକୁ ପଚାରିଲା— ମ୍ୟାନେଜର ଆପଣଙ୍କୁ କ'ଣ କହିଲେ କି ମ୍ୟାଡ଼ମ୍ ? ଏତେ ସମୟ କ'ଣ ଗପୁଥିଲେ ?

ଆନଂଦ ଚଂଦ୍ର ପହି

Digitized by srujanika@gmail.com

ଅସୀମା ଆଖି ଉଠାଇ ସମର୍ଥକୁ ଚାହିଁଲେ । ନିଜକୁ ଖୁବ୍ ଯତ୍ନର ସହ ସଜାଇଛି ସମର୍ଥ । ତା' ପୋଷାକରୁ ପରଫ୍ୟୁମ୍‌ର ବାସ୍ନା । ଅସୀମା କିଛି ଉତ୍ତର ନଦେଇ କାମ କରିବାକୁ ଆରମ୍ଭ କଲେ ।

ସମର୍ଥ ନିଜ ଟାଇଟାକୁ ଟିକେ ସଜାଡ଼ି ନେଇ କହିଲା- ମ୍ୟାନେଜର ଖୁବ୍ ଭଲ ଲୋକ । ଅତ୍ୟନ୍ତ ଆକ୍ଟିଭ ଓ ସ୍ମାର୍ଟ । ମୁଁ ଭାବୁଛି ଏ ବର୍ଷ ଆମ ବ୍ୟାଙ୍କ ଷ୍ଟାଫ୍ ଓ ଅଫିସର୍‌ମାନେ ମିଶି ଗୋଟେ ଡ୍ରାମା କରିବା । ଆପଣ ତାଙ୍କ ସାଙ୍ଗରେ ତ କଥା ହେଲେ, କ'ଣ ଜଣାପଡୁଛି ? ସିଏ କଳାପ୍ରିୟ ନା ନାହିଁ ? ରୋମାଣ୍ଟିକ ତ ନିଶ୍ଚୟ ।

ଅସୀମା ତଥାପି ନୀରବ ରହିବାକୁ ପସନ୍ଦ କଲେ ।

ସମର୍ଥ କିନ୍ତୁ ଛାଡ଼ିବା ଲୋକ ନୁହଁ । ଆକ୍ଷେପ କଲା- କ'ଣ କଥାବାର୍ତ୍ତାଟା ଏକଦମ୍ ଗୋପନୀୟ ?

ଅସୀମା ବଡ଼ ବଡ଼ ଆଖି କାଢ଼ି ସମର୍ଥକୁ ଚାହିଁଲେ । କିନ୍ତୁ ଭାବିଲେ, ଉତ୍ତର ଦେବା ଯଥାର୍ଥ ହେବ ନାହିଁ । ମ୍ୟାନେଜର କିଛି କହିଲେ ନାହିଁ ବୋଲି କହିଲେ କେହି ତାଙ୍କ କଥାକୁ ବିଶ୍ୱାସ କରିବେ ନାହିଁ ।

ସେ ଦିନଟାଯାକ ବ୍ୟାଙ୍କ ଷ୍ଟାଫ୍‌ମାନଙ୍କ ମଧ୍ୟରେ ଅସୀମା ଓ ମ୍ୟାନେଜରଙ୍କୁ କେନ୍ଦ୍ରକରି ଭିତିରି ଆଲୋଚନା ଚାଲିଲା । କିଛି ହସ ଆଉ କିଛି ଆଲୋଚନାର ଟୁକୁରା ଅସୀମାଙ୍କ କାନରେ ବାଜିଥିଲେ ବି ଅସୀମା ସେସବୁ ନ ଜାଣିବା ପରି ନୀରବ ରହିଲେ । କିଛି ସମୟ ଅନ୍ୟମନସ୍କତାରେ କଟାଇଲେ ଅସୀମା । ଅଯଥାଟାରେ ଏମିତି ଗୋଟେ ଆଲୋଚନାର ଘେର ଭିତରେ ନିଜେ ପଡ଼ିଯାଇଥିବାରୁ ମନରେ ଖୁବ୍ କଷ୍ଟ ପାଇଥିଲେ ସେ ଦିନଟା ସାରା ।

ବ୍ୟାଙ୍କରୁ ଫେରିବା ପରେ ମଧ ସେଇ ଚିନ୍ତା ତାଙ୍କୁ ଆଚ୍ଛନ୍ନ କରି ରଖିଥିଲା । ସଂଧ୍ୟାରେ ବସି ବସି ସେଇକଥା ଭାବୁଥିଲେ ଅସୀମା । ନୂଆ ମ୍ୟାନେଜର ବନଜ ପଟ୍ଟନାୟକ ତାଙ୍କୁ ଏମିତି ଅଜବ ବ୍ୟବହାର କାହିଁକି ଦେଖାଇଲେ ? ତାଙ୍କୁ କ'ଣ କିଏ ତାଙ୍କ ବିଷୟରେ ଆଗରୁ କହିଛି ବୋଧହୁଏ । ବନଜ ପଟ୍ଟନାୟକଙ୍କ ଚେହେରାରୁ ମନେହୁଏ ତାଙ୍କୁ ତଉତିରିଶି, ପଇଁତିରିଶିରୁ ଅଧିକ ବୟସ ହେବ ନାହିଁ । ଏ ବୟସରେ ପୁରୁଷମାନେ ଖୁବ୍ ସୌନ୍ଦର୍ଯ୍ୟପିପାସୁ ହେବାଟା ସ୍ୱାଭାବିକ । ତାଙ୍କୁ ରୁମ୍‌କୁ ଡ଼କାଇ ତା' ସହିତ ଆଳାପ ଆଲୋଚନା କରିବାରେ ହୁଏତ ସେମିତି କିଛି ଅସ୍ୱାଭାବିକତା ନ ଥିଲା । କିନ୍ତୁ କିଛି ନ କହି କେବଳ ମୁରୁକି ମୁରୁକି ହସିବାର ଅର୍ଥ କ'ଣ ହୋଇପାରେ ?

ହଠାତ୍ କଲିଂବେଲ୍ ବାଜିଲା । କାନ୍ଥ ଘଣ୍ଟାକୁ ଚାହିଁଲେ ଅସୀମା । ସମୟ ସଂଧ୍ୟା ସାତଟା ପନ୍ଦର । ଦୁଧବାଲା ବୋଧହୁଏ ଦୁଧ ଆଣିଛି । ଅସୀମା ସେମିତି ସୋଫା ଉପରେ ବସି ବଡ଼ ପାଟିରେ କହିଲେ— କବାଟ ଖୋଲା ଅଛି । ଭିତରକୁ ଆସ ।

Digitized by srujanika@gmail.com

ଘର ଭିତରକୁ ପଶି ଆସିଲେ ବନଜ ପଟ୍ଟନାୟକ । ଅସୀମା ଆଶ୍ଚର୍ଯ୍ୟ ହୋଇ ଠିଆ ହୋଇପଡ଼ିଲେ । ମନେ ମନେ ଭାବିଲେ ଇଏ ପୁଣି ଏଠି କାହିଁକି ? ଲୋକଟାର ମସ୍ତିଷ୍କ ବିକୃତି ଘଟିଛି ନା କ'ଣ ?

ଘର୍ ଭିତରକୁ ପଶୁ ପଶୁ ବନଜ କହିଲେ- ଆପଣଙ୍କ ଘରଟା ଖୋଜିବାକୁ କିଛି ସମୟ ଲାଗିଗଲା । ଏଠି ପହଞ୍ଚୁ ପହଞ୍ଚୁ ସଂଧ୍ୟା ହୋଇଗଲା । ଆଚ୍ଛା ଆପଣ ଆଶ୍ଚର୍ଯ୍ୟ ହେଉଛନ୍ତି ନା, ମୁଁ କାହିଁକି ଖୋଜି ଖୋଜି ଆସି ଆପଣଙ୍କୁ ଘରେ ଭେଟୁଛି ବୋଲି ?

ଅସୀମା ମନର ସମସ୍ତ ଭାବନାକୁ ଚାପି ଭଦ୍ରତା ଖାତିର୍‌ରେ ଉତ୍ତର ଦେଲେ- ନା, ନା । ଆପଣ ମୋ ଘରକୁ ଆସିବାଟା ମୋର ଖୁବ୍ ସୌଭାଗ୍ୟର କଥା । ଆରେ ଠିଆ ହେଲେ କ'ଣ, ବସନ୍ତୁ ନା ।

ବନଜ ବସୁ ବସୁ କହିଲେ- ମୁଁ ପ୍ରକୃତରେ ଆଜି ଅଫିସ୍‌ରେ ମୋ ଅଜବ ଆଚରଣ ପାଇଁ ଆପଣଙ୍କଠୁ ଭୁଲ୍ ମାଗିବାକୁ ଆସିଛି । ସତରେ ମୁଁ ଲଜ୍ଜିତ । ଖୁବ୍ ଲଜ୍ଜିତ ।

ଅସୀମା ସୌଜନ୍ୟ ଦୃଷ୍ଟିରୁ ମନାକଲେ- ନା, ଏଥିରେ ଲଜ୍ଜିତ ହେବାର କ'ଣ ଅଛି ? ଆପଣ ତ ମୋତେ କିଛି କହି ନାହାଁନ୍ତି କିମ୍ବା ଆପତ୍ତିଜନକ ଆଚରଣ ପ୍ରଦର୍ଶନ କରିନାହାଁନ୍ତି ।

''ସେଇ କିଛି ନ କହିବାଟା ହିଁ ମୋର ସବୁଠୁ ବଡ଼ ଅପରାଧ । ଜଣେ ଭଦ୍ରମହିଳାଙ୍କୁ ନିଜ କୋଠରୀକୁ ଡ଼କାଇ କିଛି ନ କହି କେବଳ ମୁରୁକି ମୁରୁକି ହସିବାଟା କେତେ ବଡ଼ ଅଶାଳୀନ ବ୍ୟବହାର, ତାହା....

ଟିକେ ଅଟକି ବନଜ ପୁଣି କହିଲେ- ଆପଣଙ୍କୁ ପ୍ରଥମେ ପିଅନ ହାତରେ ମୋ ଚ୍ୟାମ୍ବରକୁ ଡକାଇବା ବେଳେ ମୁଁ ଜାଣିଥିଲି ମୁଁ ସେଇ ବ୍ୟାଙ୍କର ଜଣେ ପ୍ରୋବେସନ୍ ଅଫିସର୍ ଅସୀମା ସାମଲଙ୍କୁ ଡକାଇଛି । କିନ୍ତୁ.... ମୋ ରୁମ୍‌ରେ ମୁଁ ଯେଉଁ ମହିଳାଙ୍କୁ ଦେଖିଲି ମୁଁ ତାଙ୍କୁ ପୂର୍ବରୁ କେଉଁଠି ଖୁବ୍ ଅନ୍ତରଂଗ ପରିବେଶରେ ଭେଟିଛି । ମୁଁ ତାହା ହଠାତ୍ ସ୍ମରଣ କରି ନ ପାରି ଅନ୍ୟମନସ୍କ ହୋଇଗଲି । ଏଇ ଭଦ୍ରମହିଳାଙ୍କୁ ଆଗରୁ କେଉଁଠି ଭେଟିଛି ଏମିତି ଗୋଟେ ଭାବନା ଭିତରେ ବୁଡ଼ିଗଲି । ତେଣୁ ସୌଜନ୍ୟ ଦୃଷ୍ଟିରୁ ଆପଣଙ୍କୁ ଆସନ ଦେବା କିମ୍ବା କିଛି କହିବା ବିଷୟ ମୁଁ ସଂପୂର୍ଣ୍ଣ ଭାବେ ଭୁଲିଗଲି ।

ଅସୀମା ଆଶ୍ଚର୍ଯ୍ୟ ହେଲେ- ମତେ ଆପଣ ପୂର୍ବରୁ କେଉଁଠି ଦେଖିଥିଲେ ? ନା, ଅସମ୍ଭବ । ମୁଁ ଆପଣଙ୍କୁ ଆଦୌ ଜାଣି ନାହିଁ, କିମ୍ବା ମୋର ଆପଣଙ୍କ ସହିତ କେବେ ସାକ୍ଷାତ୍ ହୋଇ ନାହିଁ । ଆପଣ ହୁଏତ ମୋ ଚେହେରାର ଆଉ କୌଣସି ଭଦ୍ରମହିଳାଙ୍କୁ ଦେଖିଛନ୍ତି ।

– ନା, ଅସୀମା ଦେବି ! ସେ ଭୁଲ୍ ମୋର ହେବନାହିଁ । କ୍ଷମା କରିବେ,

Digitized by srujanika@gmail.com

ଆପଣଙ୍କ ପରି ସୁନ୍ଦର ଚେହେରାର ଦୁଇଜଣ ଭଦ୍ରମହିଳା ସୃଷ୍ଟି କରିବା ସୃଷ୍ଟିକର୍ତ୍ତାଙ୍କ ପକ୍ଷେ ମଧ କଷ୍ଟକର କାମ ବୋଲି ମୁଁ କହିବି । ଆପଣଙ୍କ ଚେହେରାର ଆଉ କାହାକୁ ଦେଖିବାର ପ୍ରଶ୍ନ ଉଠୁନାହିଁ । ପୂର୍ବରୁ ମୁଁ ଆପଣଙ୍କୁ ହିଁ ଦେଖିଥିଲି ।

– କିନ୍ତୁ ମୁଁ ତ ଆପଣଙ୍କୁ ପୂର୍ବରୁ ଦେଖିନାହିଁ ।

ବନଜ ପଟ୍ଟନାୟକ ପକେଟ୍ ଭିତରୁ ଗୋଟିଏ ଲଫାପା ବାହାର କରି ଅସୀମାଙ୍କୁ ଦେଖାଇ କହିଲେ- ମୁଁ କିନ୍ତୁ ଆପଣଙ୍କୁ ଦେଖିଛି । ଯା ଭିତରେ ମୋ କଥାର ପ୍ରମାଣ ଅଛି । ଆଜି ଆପଣଙ୍କୁ ଦେଖିବା ପରେ ମୋ ମନରେ ସଂଦେହ ସୃଷ୍ଟି ହେଲା । ଆପଣଙ୍କୁ ପୂର୍ବରୁ ଦେଖିଛି । କିନ୍ତୁ କେଉଁଠି କିପରି ଭାବେ ଦେଖିଛି ତାହା ମନେ ପଡ଼ିଲା ନାହିଁ । ଘରକୁ ଫେରି ବହୁତ ଖୋଜା ଖୋଜି ପରେ ଏଇ ଲଫାପାଟି ପାଇଲି । ସବୁ ସଂଦେହର ଅତୁଆ ସୂତା ଖୋଲିଗଲା ।

ବନଜଙ୍କ ହାତରେ ଲଫାପାଟିକୁ ଦେଖି ଆହୁରି ଆଶ୍ଚର୍ଯ୍ୟ ହେଲେ ଅସୀମା । ବନଜଙ୍କ ହାତରେ ତାଙ୍କ ଚିଠି । ସିଏ ବନଜଙ୍କୁ ଆଗରୁ ମୋଟେ ଜାଣି ନଥିଲେ, ଚିଠି କେମିତି ଲେଖିଲେ ?

ବନଜ କହିଲେ, ନା, ଅସୀମା ଦେବି ! ଆପଣ ଶଙ୍କା କରନ୍ତୁ ନାହିଁ । ଏ ଚିଠି ଆପଣ ଲେଖି ନାହାଁନ୍ତି । ଆପଣଙ୍କ ବିଷୟରେ ଏ ଚିଠି ମୋତେ ମିଳିଥିଲା ।

ଅସୀମା ପୁଣି ଆଶ୍ଚର୍ଯ୍ୟ ହେଲେ । ତାଙ୍କ ବିଷୟରେ ଚିଠି ପୁଣି ବନଜବାବୁଙ୍କ ପାଖକୁ ! ମୋତେ ବନଜବାବୁ ପୂର୍ବରୁ କେଉଁଠି ଦେଖିଥିବାର ପ୍ରମାଣ ଏ ଚିଠିରୁ କେମିତି ମିଳିବ ?

ଅସୀମାଙ୍କ ମୁହଁର ବିସ୍ମୟ ଭାବକୁ ଲକ୍ଷ୍ୟକରି ବନଜ ମୁରୁକି ହସି କହିଲେ- ହଁ, ଏଇ ଚିଠି ହିଁ ପ୍ରମାଣ କରିବ ଆଗରୁ ମୁଁ ଆପଣଙ୍କୁ ଦେଖିଥିଲି ବୋଲି ।

ବନଜ ଏଥର ଲଫାପାଟି ଖୋଲିଲେ । ତା' ଭିତରୁ ପ୍ରଥମେ ବାହାର କଲେ ଚିଠିଟିଏ ଓ ତା'ପରେ ଅସୀମାଙ୍କର ରଙ୍ଗିନ୍ ଫଟୋଟିଏ । ଅସୀମାଙ୍କ ଆଖି ଏ ଦୃଶ୍ୟରେ ବଡ଼ ବଡ଼ ହୋଇଗଲା । ମ୍ୟାଜିକ୍ ଦେଖିବା ପରି ତଟସ୍ଥ ହୋଇ ବନଜବାବୁଙ୍କ ହାତରେ ଥିବା ଫଟୋ ଓ ଚିଠିକୁ ସିଏ ଚାହିଁ ରହିଲେ ।

ବନଜ କହିଲେ– ଏଥିରେ ଆଶ୍ଚର୍ଯ୍ୟ ହେବାରେ କିଛି ନାହିଁ ଅସୀମାଦେବୀ । ଆପଣଙ୍କ ସ୍ୱାମୀ ସମ୍ରାଟର ମୁଁ ଅତି ଅନ୍ତରଂଗ ବନ୍ଧୁ । କିନ୍ତୁ ତା' ବିଭାଘର ବେଳେ ମୁଁ ଭାରତରେ ନ ଥିଲି । ମୋ ବଡ଼ ଭିଣୋଇଙ୍କ ଚିକିତ୍ସା ପାଇଁ ତାଙ୍କର ଆଟେଣ୍ଡାଣ୍ଟ ଭାବେ ଆମେରିକା ଯାଇଥିଲି । ସେଇ ସମୟରେ ସମ୍ରାଟ ଆପଣଙ୍କର ଏଇ ଫଟୋ ସହିତ ଏ ଚିଠିଟି ମୋ ପାଖକୁ ପଠାଇଥିଲା । ମୋର ଆମେରିକାରୁ ଫେରିବାରେ ବିଳମ୍ବ ହେଲା । ସେଠି ଛଅ ମାସ ରହିବାକୁ ମୁଁ ବାଧ୍ୟ ହେଲି । ଭିଣୋଇଙ୍କ ସ୍ୱାସ୍ଥ୍ୟର ବିଶେଷ

Digitized by srujanika@gmail.com

ଉନ୍ନତି ହେବାପରେ ତାଙ୍କୁ ଧରି ଏଇ ଅଳ୍ପଦିନ ହେଲା ମୁଁ ଭାରତ ଫେରିଲି। ଛୁଟିରୁ ଫେରିବା ପରେ ମୁଁ ଏ ବ୍ୟାଙ୍କରେ ଜଏନ୍ କରିଛି।

ଆଚ୍ଛା ଅସୀମାଦେବି ! ମୁଁ ଗୋଟେ କଥା କିନ୍ତୁ ଏ ପର୍ଯ୍ୟନ୍ତ ବୁଝିପାରି ନାହିଁ। ଆପଣଙ୍କ ନାଆଁଟା ଅସୀମା, ମାତ୍ର ସମ୍ରାଟ ତା'ର ଚିଠିରେ ଲେଖିଛି ସୀମା ବୋଲି। ଇଏ କେମିତି ସମ୍ଭବ ? ସୀମା ଓ ଅସୀମା କ'ଣ ଜଣେ ମଣିଷର ନାମ ?

ନିଜକୁ ସହଜ କରି ଅସୀମା ଉତ୍ତର ଦେଲେ- କିଏ ଜଣେ ବିଶିଷ୍ଟ ଓଡ଼ିଆ ଔପନ୍ୟାସିକ ଲେଖିଛନ୍ତି, ''ନାରୀ ନୀର ପରି ପାତ୍ରୋଚିତ ଆକାର ଧାରଣ କରେ।'' ପାଣିର ନିଜର ଆକାର ନାହିଁ। ତାହା ଗ୍ଲାସ୍‌ରେ ପଶିଲେ ଗ୍ଲାସ୍ ଆକାର, ମାଠିଆରେ ଥିଲାବେଳେ ମାଠିଆ ଆକାର ଓ କୂଅରେ ରହିଲେ କୂଅ ଆକାର। ସେହିପରି ପୁରୁଷମାନେ ନାରୀକୁ ଯେଉଁ ଆକାରରେ ରଖିବେ ସିଏ ସେଇ ଆକାର ଧାରଣ କରିବ। ପୁରୁଷ ଚାହିଁଲେ ଅସୀମାର ଡେଣା କାଟି ତାକୁ ଘର ଭିତରେ ବନ୍ଦ କରି ସୀମା ନାମରେ ଡାକିବା କିଛି ଅସମ୍ଭବ ନୁହଁ। ନାରୀର କିଛି ସ୍ୱତନ୍ତ୍ରତା ରହୁ, କିଛି ସ୍ୱାଧୀନତା ରହୁ ତାହା ପୁରୁଷ ଚାହେଁନା।

– ଆପଣଙ୍କ କଥାରୁ ମୁଁ କିଛି ବୁଝିପାରିଲି ନାହିଁ ଅସୀମାଦେବୀ।

ସମ୍ରାଟ କ'ଣ ଆପଣଙ୍କ ନାଆଁଟା ଅସୀମାରୁ ସୀମାକୁ ପରିବର୍ତ୍ତନ କରି ଦେଇଥିଲା ?

– ଆପଣଙ୍କ ଅନୁମାନ ସତ୍ୟ ବନଜବାବୁ ! ସମ୍ରାଟଙ୍କୁ ଅସୀମା ନାଆଁଟା ଅସହ୍ୟ ହେଲା। ସିଏ ଅସୀମାର ଅସୀମତାକୁ ଖର୍ବ କରି ମୋ ନାଆଁ ରଖିଥିଲେ ସୀମା। ମୋତେ ବୁଝାଇବା ପାଇଁ କହିଲେ- ''ତୁମ ନାଆଁଟା ନେଗେଟିଭ୍ ନେଗେଟିଭ୍ ଲାଗୁଛି। ମୁଁ ତାକୁ ପଜିଟିଭ୍ କରିଦେଉଛି। ତୁମକୁ ମୁଁ ଆଜିଠାରୁ ସୀମା ବୋଲି ଡାକିବି। ସୀମା ନାଆଁରେ ଯେଉଁ ଲାଳିତ୍ୟ ଅଛି, ତାହା ଅସୀମା ନାଆଁରେ ନାହିଁ।'' ସେଇଦିନଠୁ ସିଏ ମୋତେ ସବୁଠି ସୀମା ନାଆଁରେ ପରିଚିତ କରାଇଥିଲେ।

– ସମ୍ରାଟର ପୋଷ୍ଟିଂ ବର୍ତ୍ତମାନ କେଉଁଠି ? ମତେ ଚିଠି ଲେଖିବା ବେଳେ ସିଏ ସମ୍ବଲପୁରରେ ଥିଲା। ସିଏ କ'ଣ ପ୍ରତି ସପ୍ତାହାନ୍ତରେ ଏଠିକି ଆସୁଛି ନା ଆପଣ ସେଠିକି ଯାଉଛନ୍ତି ?

– ନା। କେହି କୁଆଡେ ଯିବା ଆବଶ୍ୟକ ହେଉ ନାହିଁ। ସିଏ ତାଙ୍କ ସ୍ଥାନରେ, ମୁଁ ମୋ ସ୍ଥାନରେ।

ବନଜ ହସି ହସି କହିଲେ– ଇଏ କେମିତି କଥା ? ଆପଣଙ୍କ ବିଭାଘର ମୋତେ ଛଅ ମାସର କଥା। ଏ ନୂଆ ନୂଆ ସମୟରେ କେହି କାହାଠୁ ଦୂରେଇ ରହିବା କ'ଣ ସମ୍ଭବ ?

Digitized by srujanika@gmail.com

– ଆଜିକାଲି ଅସମ୍ଭବ ହୋଇ ଆଉ କିଛି ନାହିଁ । ଜୀବନ ଏତେ ଜଟିଳ ହେଲାଣି ଯେ ମଣିଷ ପ୍ରତିଦିନ ନୂଆ ନୂଆ ସମସ୍ୟାର ସମ୍ମୁଖୀନ ହେଉଛି । ଆମେ ଏମିତି ଗୋଟେ ପରିସ୍ଥିତିରେ ପଡ଼ିଛୁ ଯାହା ଫଳରେ ଆମର ବିବାହ ବିଚ୍ଛେଦ ପ୍ରାୟ ଏକ ପ୍ରକାର ନିଶ୍ଚିତ ।

ଆପଣ ଇଏ କ'ଣ କହୁଛନ୍ତି ଅସୀମା ଦେବୀ ? ମୁଁ ଜାଣିବାରେ ସମ୍ରାଟ ଖୁବ୍ ଭଲ ଲୋକ । ଶାନ୍ତ, ଶିଷ୍ଟ, ଉପକାରୀ, ସହନଶୀଳ । ଏମିତି ଯେତେ ସବୁ ଭଲ ଗୁଣର ମୂର୍ତ୍ତିମନ୍ତ ଅବତାର ହେଉଛି ସମ୍ରାଟ । ପ୍ରକୃତରେ ସିଏ ମଣିଷ ଭିତରେ ସମ୍ରାଟଟିଏ । ତା'ର କିଛି ଖରାପ ଗୁଣ ଥିବା କଥା ମୁଁ ତା'ର ଅନ୍ତରଂଗ ହୋଇ ବି ଜାଣିନାହିଁ । ତା' ପରିବାର ଲୋକଙ୍କୁ ମଧ୍ୟ ମୁଁ ଖୁବ୍ ପାଖରୁ ଦେଖିବାର ସୁଯୋଗ ପାଇଛି । ସେମାନେ ଖୁବ୍ ଭଦ୍ର ଓ ଅମାୟିକ, ବିଶେଷ କରି ମଉସା, ମାଉସୀ ଭାରି ଭଲ ମଣିଷ ।

ଆପଣ ଯାହା ଜାଣିଛନ୍ତି ସବୁ ସତ୍ୟ ବନଜବାବୁ । ସମସ୍ତେ ଭଲ ମଣିଷ । ସମସ୍ତେ ସ୍ନେହଶୀଳ । ସେମାନଙ୍କର କାହାର କିଛି ଭୁଲ୍ ନାହିଁ । ସବୁ ଭୁଲ୍ ମୋର ।

– ଆପଣ ଯଦି ନିଜର ଭୁଲ୍ ବୁଝିସାରିଲେଣି ତା' ହେଲେ ତାକୁ ସୁଧାରି ନେଉ ନାହାଁନ୍ତି କାହିଁକି ? ଜୀବନର ଅନେକ କଥା ଆଡଜଷ୍ଟମେଣ୍ଟ ଉପରେ ଅନେକଟା ନିର୍ଭରଶୀଳ ।

– ନା ବନଜବାବୁ ! ସୁଧାରି ନେବାର ବାଟ ଆଉ ନାହିଁ । ମୁଁ ଯେଉଁଠି ପହଞ୍ଚିଛି ସେଠୁ ଆଗକୁ ଯାଇପାରୁ ନାହିଁ କି ପଛକୁ ଫେରିପାରୁ ନାହିଁ । ଆପଣ ତାଙ୍କର ଅନ୍ତରଂଗ ବନ୍ଧୁ, ଆପଣଙ୍କ ପାଖରେ ମୋର ଲୁଚାଇବାର କିଛି ନାହିଁ । ବରଂ ଆପଣଙ୍କ ଆଗରେ କଥାଟା ପ୍ରକାଶ କରିଦେଲେ ମୋତେ ଟିକେ ହାଲୁକା ଲାଗିବ ।

ମୋତେ ଯେଉଁଦିନ ପ୍ରଥମେ ସମ୍ରାଟ ଦେଖିବାକୁ ଆମ ଘରକୁ ଆସିଥିଲେ ସେଦିନ ହିଁ ଆମ ଦୁହିଁଙ୍କ ଭିତରେ ଦ୍ୱନ୍ଦ୍ୱର ମୂଳଦୁଆ ପଡ଼ିଲା । ସିଏ ମୋ ନାଆଁ, ରୁଚି, ଆଉ ଶିକ୍ଷା ବିଷୟରେ ପଚାରିଲେ । ମୋ ସାର୍ଟିଫିକେଟ୍ ସବୁ ଦେଖିଲେ । ମୋ କ୍ୟାରିଅର ଖୁବ୍ ଉଜ୍ଜ୍ୱଳ । ମୁଁ ପ୍ରଥମ ଶ୍ରେଣୀରୁ ଏମ୍.ଏ. ପର୍ଯ୍ୟନ୍ତ ସବୁଠି ଶତକଡ଼ା ଅଶୀଭାଗରୁ ଅଧିକ ନମ୍ବର ରଖି ସ୍କୁଲ, କଲେଜ ଓ ୟୁନିଭରସିଟି ସବୁଠି କୃତିତ୍ୱ ହାସଲ କରିଛି । ବିଭିନ୍ନ ଏକ୍‌ଷ୍ଟ୍ରା କରିକୁଲାର ଆକ୍ଟିଭିଟିଜ୍‌ରେ ମଧ୍ୟ ବହୁ ସାର୍ଟିଫିକେଟ କପ୍, ପୁରସ୍କାର, ପ୍ରଶଂସାପତ୍ର ପାଇଛି ।

ସମ୍ରାଟ ମୋତେ ପଚାରିଲେ- ଆଚ୍ଛା ଆପଣଙ୍କର ତ ଏତେ ଭଲ କ୍ୟାରିଅର, ଆପଣଙ୍କ ଭବିଷ୍ୟତ ଇଚ୍ଛା କ'ଣ ? ବିବାହ କରି ଜଣେ ହାଉସ୍ ୱାଇଫ୍ ଭାବେ ଜୀବନ କଟାଇବେ ନା ଚାକିରି କରିବେ ? ମୁଁ ଉତ୍ସାହିତ ହୋଇ ସଂଗେ ସଂଗେ କହିଲି, ମୁଁ ବ୍ୟାଙ୍କ ସର୍ଭିସ ଓ ସିଭିଲ୍ ସର୍ଭିସ ପାଇଁ ପ୍ରସ୍ତୁତ ହେଉଛି । ଦୁଇ ବର୍ଷ ହେଲା କୋଚିଂ ନେଉଛି । ବ୍ୟାଙ୍କ ସର୍ଭିସ ପାଇଁ ପରୀକ୍ଷା ମଧ୍ୟ ଦେଇଛି । ମୋ ଉତ୍ତର ଶୁଣି ସମ୍ରାଟ

Digitized by srujanika@gmail.com

ଅତ୍ୟନ୍ତ ଖୁସି ହେବେ ବୋଲି ମୁଁ ଭାବିଥିଲି । କିନ୍ତୁ ତାଙ୍କ ମୁହଁ ବିବର୍ଣ୍ଣ ଦିଶିଲା । ସିଏ କହିଲେ– ମୁଁ କିନ୍ତୁ ଚାହେଁ ଜଣେ ହାଉସ ୱାଇଫ୍ । ମୁଁ ଜଣେ ପଦସ୍ଥ ଅଫିସର । ମୋର ମାସିକ ବେତନ ଗୋଟିଏ ପରିବାରକୁ ସ୍ୱଚ୍ଛନ୍ଦରେ ଚଳାଇବା ପାଇଁ ଯଥେଷ୍ଟ । ମୋତେ ବିବାହ କରିବା ପାଇଁ ଇଚ୍ଛା ଥିଲେ ଆପଣଙ୍କୁ ଚାକିରି କରିବା ଇଚ୍ଛା ତ୍ୟାଗ କରିବାକୁ ପଡ଼ିବ ।

ମୁଁ କିନ୍ତୁ ସମ୍ରାଟଙ୍କ ଏ ଅନମନୀୟ ଇଚ୍ଛା ପାଖରେ ନିଜକୁ ସମର୍ପଣ କରିପାରି ନଥିଲି । ସିଏ ମୋ ବାପାଙ୍କୁ ଡାକି ସ୍ପଷ୍ଟ କହିଲେ- ଆପଣଙ୍କ ଝିଅ ମୋର ପସନ୍ଦ । କିନ୍ତୁ ସିଏ ନିଜେ ଚାକିରି କରିବାଇଚ୍ଛା ତ୍ୟାଗ ନ କଲେ ଏ ବିଭାଘର ପ୍ରସ୍ତାବରେ ମୁଁ ସମ୍ମତି ଜଣାଇ ପାରିବି ନାହିଁ ।

ସେଦିନ ସାକ୍ଷାତ୍ ଆଲୋଚନା ସେତିକିରେ ବନ୍ଦ ରହିଲା । ଆମ ଡ୍ରଇଂରୁମ୍‌ରେ ସମ୍ରାଟ ଚୁପ୍ ଚାପ୍ ଗମ୍ଭୀର ହୋଇ ବସି ରହିଲେ । ଅନ୍ୟ ଗୋଟିଏ ବଖରାରେ ମୋ ବାପା, ବୋଉ, ବଡ଼ଭାଇ, ମା' ଆଉ ସାନଭଉଣୀ ଚାରିକଡ଼ରୁ ମୋ ଉପରେ ଚାପ ପକାଇଲେ– ନା, ଏତେ ସୁନ୍ଦର ଓ ଏତେ ଭଲ ଚାକିରି କରିଥିବା ପିଲା ଛାଡ଼ି ଦେଲେ ଆମେ ଆଉ ପାଇବୁ ନାହିଁ ।

ବୋଉ ବୁଝାଇଲା- ତୋର ତ ଏବେ ଚାକରି ହେଇନେଇଁ, ତୁ ଏବେଠୁ ଏତେ ବ୍ୟସ୍ତ କାହିଁକି ହଉଛୁ ? ବାହାଘର ସରିଯାଉ, ତତେ ଯଦି ଚାକିରି ମିଳେ ସେତେବେଳେ ଜ୍ୱାଇଁଙ୍କୁ ବୁଝାଇବା, ତୁ ଯଦି ମୋଟା ଦରମାର ଭଲ ଚାକିରି ପାଉ ତା'ହେଲେ ଜ୍ୱାଇଁଙ୍କର ମଧ୍ୟ ଲୋଭ ଆସିପାରେ । ସିଏ କଦାପି ମନା କରିବେ ନାହିଁ । ଏଇନେ ଘରସଂସାର, ଖର୍ଚ୍ଚ କିଛି ତାଙ୍କ ମୁଣ୍ଡରେ ପଡ଼ି ନାହିଁ । ବେଳ ଆସିଲେ ସିଏ ବଳେ ବୁଝିଯିବେ ।

ଭାଇ କହିଲେ– ଏଇନେ ସିନା ସିଏ ଆମର କିଛି ନୁହଁନ୍ତି, ବିଭାଘର ସରିଗଲେ ସିଏ ଆମ ନିଜ ଲୋକ ହୋଇଯିବେ । ତାଙ୍କୁ ସବୁକଥା ବୁଝାଇ କହିହେବ । ଚାକିରି କରିଥିବା ଝିଅ କି ବୋହୂ କ'ଣ ଆମ ସହରରେ ନା ଆମ ରାଜ୍ୟରେ କେହି ନାହାଁନ୍ତି ? ବିଭାଘର ପରେ ତାଙ୍କୁ ଏକଥା ବୁଝାଇବା କିଛି କଷ୍ଟକର ହେବ ନାହିଁ ।

ବାପା ଯୁକ୍ତି ବାଢ଼ିଲେ- ତତେ ଆସି ସତେଇଶ ବର୍ଷ ହେଲାଣି । ଏ ବର୍ଷ ତୋ ବାହାଘର ନ କଲେ ତୋ ସାନଭଉଣୀ ଅନିମାର ବାହାଘର କେବେ କରିବି ? ସିଏତ ସେତେ ଭଲ ପାଠ ପଢ଼ି ନାହିଁ । ତା' ବାହାଘର ଶୀଘ୍ର କରିଦେବାକୁ ମୁଁ ଚାହୁଛି । ତା' କଥା ତୁ ଟିକେ ଚିନ୍ତା କରିବା କଥା ।

ମୁଁ ସଫା ସଫା ଶୁଣାଇ ଦେଲି- ଏମିତି ସର୍ତ୍ତରେ ବିବାହ କରିବାକୁ ମୁଁ ରାଜି ନୁହେଁ । ମୁଁ ଚାକିରି କରିବି, ନିଜେ ସ୍ୱାବଲମ୍ବୀ ହେବି । ତା'ପରେ ଯାଇ ବିଭା ହେବି । ତୁମେ ଆଗ ଅନିମାର ବିଭାଘର ବ୍ୟବସ୍ଥା କର ।

ଆନଂଦ ଚଂଦ୍ର ପତି

Digitized by srujanika@gmail.com

ବାପା, ବୋଉ ଏକ ସ୍ୱରରେ ଆପତ୍ତି କଲେ– ସେ କଥା ଆଦୌ ସମ୍ଭବ ନୁହେଁ । ବଡ଼ ଥାଉଁ ଥାଉଁ ସାନ ଝିଅର ବିଭାଘର କଲେ ବଡ଼ର ବିଭାଘରରେ ଅନେକ ପ୍ରତିବନ୍ଧକ ସୃଷ୍ଟି ହେବ । ଅଯଥାରେ ଅନେକ କଳଙ୍କର କାଳି ଫିଙ୍ଗି ତା'ର ଜୀବନକୁ ଦୁର୍ବିସହ କରିଦେବ ଆମ ଏ ସମାଜ ।

ବାପା, ବୋଉ, ଭାଇ ସମସ୍ତଙ୍କ ଚାପ ଓ ସାନ ଭଉଣୀର ନିରୀହ ମୁହଁ ଯୋଗୁଁ ମୋ ଅନିଚ୍ଛା ସତ୍ତ୍ୱେ ମୁଁ ମୌନ ରହିବାକୁ ବାଧ୍ୟ ହେଲି । ମୋର ମୌନତାକୁ ସମ୍ମତି ଭାବେ ଧରିନେଇ ସମ୍ରାଟ ବିଭାଘର ପାଇଁ ସ୍ୱୀକୃତି ଦେଲେ ।

ଆମ ବୈବାହିକ ଜୀବନ ଖୁବ୍ ଖୁସିରେ କଟିଲା । କିନ୍ତୁ ଠିକ୍ ଯେଉଁଦିନ ମୋର ଜନ୍ମଦିନ ପାଳନ ପାଇଁ ତାଙ୍କ ସାଙ୍ଗସାଥୀ ଓ ମୋ ସାଙ୍ଗସାଥୀମାନଙ୍କୁ ପାର୍ଟିକୁ ନିମନ୍ତ୍ରଣ କରା ଯାଇଥିଲା, ସେଦିନ ପୋଷ୍ଟମ୍ୟାନ ରେଜେଷ୍ଟ୍ରି ଚିଠିଟିଏ ଆଣି ମୋତେ ଖୋଜିଲା । ମୁଁ ଚିଠିଟି ଧରିବା ମାତ୍ରେ ମୋଠୁ ଛଡ଼ାଇ ନେଲେ ସମ୍ରାଟ । ବ୍ୟାଙ୍କରୁ ରେଜେଷ୍ଟ୍ରି ଚିଠି କାହିଁକି ଆସିଛି ବୋଲି ଖୁବ୍ ଉତ୍ସୁକ ହୋଇ ସେ ଖୋଲିଲେ । ଚିଠିଟି ଥିଲା ମୋ ନାମରେ ଗୋଟିଏ ନିଯୁକ୍ତି ପତ୍ର ବ୍ୟାଙ୍କ ପ୍ରୋବେସନ୍ ଅଫିସର ଭାବେ । ନିର୍ଦ୍ଦେଶ ଥିଲା ଚିଠି ପାଇବାର ଦଶ ଦିନ ଭିତରେ ଚାକିରିରେ ଯୋଗଦାନ କରିବା ପାଇଁ ।

ଯୁଦ୍ଧରେ କ୍ଷତାକ୍ତ ସେନାପତି ପରି ସମ୍ରାଟଙ୍କ ମୁହଁ ଦୁଃଖ, କ୍ରୋଧ ଓ ବ୍ୟସ୍ତତାରେ ଲାଲ ପଡ଼ିଗଲା । ସେ ନିଯୁକ୍ତି ପତ୍ରଟାକୁ ଚିରି ଦେବାକୁ ଉଦ୍ୟମ କଲାବେଳେ ମୁଁ ତାଙ୍କ ହାତରୁ ଟାଣି ନେଲି ।

ସମ୍ରାଟ ଚିତ୍କାର କଲେ- ତୁମେ କୌଣସି ଚାକିରି କରି ପାରିବ ନାହିଁ । ବିବାହ ପୂର୍ବରୁ ମୁଁ ଏ ସର୍ତ୍ତ ରଖିଥିଲି ଓ ତୁମେ ମୋର ସର୍ତ୍ତ ଗ୍ରହଣ କରି ମୋତେ ବିବାହ କରିଛ ।

ମୁଁ ତାଙ୍କୁ ବୁଝାଇବାକୁ ଚେଷ୍ଟା କଲି- ଚିଠିଟା ଚିରିବା ଉଚିତ ନୁହେଁ । ତା'ଛଡ଼ା ଆଜି ଫଙ୍କସନ୍ । ଆଜି ଦିନଟା ଖୁସି ମନେଇବା କଥା । ଆଜି ଦିନରେ କିଛି ଚିରାଚିରି କରିବା କଥା ନୁହେଁ । ତୁମେ ଯା, ପାର୍ଟି ପାଇଁ ସବୁ ଜିନିଷ ଠିକ୍ ସମୟରେ ଆଣିବାର ବ୍ୟବସ୍ଥା କର, ମୁଁ ଯାଏଁ ଡେକୋରେସନ୍ ଦେଖେ । ଆଉ ଅଳ୍ପ ସମୟ ଭିତରେ ନିମନ୍ତ୍ରିତ ଅତିଥିମାନେ ଆସିଯିବେ ।

ସମ୍ରାଟ କିନ୍ତୁ କଥାଟାକୁ ସେଇଠି ଧରି ବସିଲେ- ନା, ସୀମା ! ମତେ ତୁମେ ଭୁଲାଇବାକୁ ଚେଷ୍ଟା କରନା, ସେ ନିଯୁକ୍ତି ପତ୍ରଟା ମୋ ହାତକୁ ଦିଅ । ସେଟାକୁ ନ ଚିରିବା ପର୍ଯ୍ୟନ୍ତ ମୁଁ କୌଣସି କାମ କରିବି ନାହିଁ ।

ସେଦିନ ଆମ ଦୁଇ ଜଣଙ୍କ ଭିତରେ ଯୁକ୍ତି ବଢ଼ି ବଢ଼ି କଳିରେ ପରିଣତ ହେଲା । ମୋ ଜନ୍ମଦିନ ପାଇଁ ନିମନ୍ତ୍ରିତ ହୋଇ ଆସିଥିବା ଅତିଥିମାନେ ଅନନ୍ୟୋପାୟ ହୋଇ ଫେରିଗଲେ । ରାତି ଦୁଇଟା ପର୍ଯ୍ୟନ୍ତ ଆମେ ଦୁହେଁ ଲଢ଼ିଲୁ । ସମ୍ରାଟ ତାଙ୍କ ନିଷ୍ପତ୍ତିରେ

Digitized by srujanika@gmail.com

ଅଟଳ, ମୁଁ ମୋ ସଂକଳ୍ପରେ ଦୃଢ଼ ।

ସକାଳୁ ବସ୍ ଧରି ମୁଁ ଆମ ଘରେ ପହଞ୍ଚିଲି । ସମ୍ରାଟଙ୍କ ଅନିଚ୍ଛାସତ୍ତ୍ୱେ ଏଇ ବ୍ୟାଙ୍କରେ ପ୍ରୋବେସନ୍ ଅଫିସର୍ ଭାବେ ଜଏନ୍ କଲି । ମୁଁ ତାଙ୍କର କୌଣସି ଖବର ଏ ପର୍ଯ୍ୟନ୍ତ ନେଇ ନାହିଁ । ସିଏ ମଧ୍ୟ ସେଇ ଦିନଠୁ ମୋ ସହିତ କୌଣସି ସଂପର୍କ ରଖି ନାହାଁନ୍ତି ।

ନିଜ କଥା କହିସାରିବା ବେଳକୁ ଅସୀମାଙ୍କ ଆଖି ଆକାଶରୁ କେଇ ଟୋପା ବର୍ଷା ଓହ୍ଲାଇ ଆସିଥିଲା । ସିଏ ମୁହଁ ଧୋଇବାକୁ ପାଖ ବଖରାର ୱାସିଂଗ ବେସିନ୍ ପାଖକୁ ଉଠିଗଲେ ।

ବନଜ ନିଃଶବ୍ଦରେ ଉଠି ଠିଆ ହେଲେ ଓ ଘରୁ ଗୋଡ଼ କାଢ଼ି ପଦାକୁ ଚାଲି ଆସିଲେ ।

□□

Digitized by srujanika@gmail.com

ଅସୁନ୍ଦରୀ ଝିଅ

ବାଇଶ ବର୍ଷର ଲିଜା ନିଜକୁ ଚାହିଁଲା । ଅନ୍ୟ ଝିଅମାନଙ୍କ ପରି ତା'ର ବି ମନ ଅଛି । ଦେହ ଅଛି । ଦେହରେ ଯୌବନ ଅଛି । ଉତ୍ତାପ ଅଛି । କିନ୍ତୁ ସିଏ ଅସୁନ୍ଦରୀ ବୋଲି ତାକୁ କେହି ଭଲ ପାଆନ୍ତି ନାହିଁ । ସାଙ୍ଗ, ସାଥୀ, ସାଇ, ପଡ଼ିଶା, ଭାଇଭଉଣୀ ଏପରିକି ନିଜ ବାପା, ମାଆଙ୍କ ମୁହଁ ବି ଶୁଖିଯାଏ ତାକୁ ଦେଖିଲେ । ଲିପି, ଦୀପି, ସଂଗୀତା, ପ୍ରଜ୍ଞା, ସୁଚରିତା ପରି ତା' କ୍ଲାସ୍‌ର ଝିଅମାନେ ତା'ଠୁ ଦୂରତା ରଖି ଚଳନ୍ତି । ଲିଜା ସେମାନଙ୍କ ଆଡ଼କୁ ଲାଗିଗଲେ ସେମାନେ ଦୂରେଇ ଯାଆନ୍ତି । ୟୁନିଭରସିଟିର ଲିଜା କ୍ଲାସର ପୁଅମାନଙ୍କ ଭିତରୁ କେହି ବି ତାକୁ ଥରଟେ ମୁହଁ ଉଠାଇ ଚାହିଁ ନାହିଁ କି କେବେ ପଦେ ହେଲେ କଥା କହିନାହିଁ । ବସ୍‌ଷ୍ଟପ୍‌ରେ, କ୍ଲାସରୁମ୍‌ରେ, ଲାଇବ୍ରେରୀରେ, କ୍ୟାଣ୍ଟିନ୍‌ରେ କି କ୍ଲାସ୍‌ବାହାରେ କେବେ କେମିତି କୌଣସି ପୁଅ ସହପାଠୀ ଲିଜାର ମୁହା ମୁହିଁ ହୋଇଗଲେ ବାଟଭାଙ୍ଗି ଚାଲିଯାଆନ୍ତି ।

ଅପମାନିତା ଲିଜା ନିଜ ଚେହେରାକୁ ଦର୍ପଣରେ ଦେଖେ । ତା' ଦେହର ରଙ୍ଗ କୋଇଲା ପରି ଗାଢ଼ କଳା । ନାକ ଚେପଟା । ଆଖି ଦୁଇଟା ଗାଡ଼ ଗାଡ଼ । ଓଠଟା ବଡ଼ । ଥୋଡ଼ି ମୋଟା ମୋଟା । ନିଜ ଅସୁନ୍ଦର ମୁହଁର ଚେହେରା ଦେଖି ଲିଜା ଦୁଃଖରେ ଭାଙ୍ଗିପଡ଼ିଲା । ନିଜ ବାପା, ମାଆଙ୍କ ପ୍ରତି ତା' ମନରେ ବିଦ୍ରୋହ ଜନ୍ମିଲା । ଏମିତି ଗୋଟେ ଅସୁନ୍ଦର ଝିଅକୁ ଜନ୍ମ ଦେବା ଯେତିକି ଭୁଲ୍, ଜନ୍ମପରେ ତାକୁ ମାରି ନ ଦେବା ସେତିକି ଅପରାଧ ବୋଲି ଲିଜା ପାଟିରୁ ବାହାରି ପଡ଼ିଲା । ଲିଜାର ବଡ଼ଭାଇ ଓ ସାନ ଭଉଣୀ କେହି ଲିଜାପରି ଅସୁନ୍ଦର ନୁହଁନ୍ତି । ବରଂ ସେମାନେ ସୁନ୍ଦର ଭାବେ ସମାଜରେ ତାଙ୍କ ସାଙ୍ଗସାଥୀଙ୍କ ଗହଣରେ ଆଦୃତ । ଅତଏବ ତାକୁ ଅସୁନ୍ଦର କରି ଜନ୍ମଦେବାରେ ତା' ବାପା, ମାଆଙ୍କର ସେତେଟା ହାତ ନାହିଁ ବୋଲି ଲିଜା ମନରେ ଧାରଣା ଜନ୍ମେ ।

ଆନନ୍ଦ ଚନ୍ଦ୍ର ପହି

Digitized by srujanika@gmail.com

ତାକୁ ଅସୁନ୍ଦରୀ କରି ଜନ୍ମଦେବା ମୂଳରେ କେବଳ ଜଣଙ୍କର ହାତ ଅଛି । ସେ ହେଉଛନ୍ତି ଭଗବାନ । ପ୍ରତି ସକାଳ ସଂଧ୍ୟାରେ ଲିଜା ଭଗବାନଙ୍କୁ ଗାଳିଦିଏ । ଭଗବାନ ଚାହିଁଥିଲେ ତା' ସାନ ଭଉଣୀ ଲିସା ପରି ତାକୁ ମଧ୍ୟ ସୁନ୍ଦରୀ କରି ପାରିଥାନ୍ତେ । ସୁନ୍ଦରୀ ନ କଲେ ନାହିଁ, ତାକୁ ଅସୁନ୍ଦରୀ ନ କରିଥିଲେ ତା' ଜୀବନ ଜିଇବା ଏତେ କଷ୍ଟକର ହୋଇ ନଥାନ୍ତା ।

ଲିଜାର ମନେ ଅଛି ତା' ହାଇସ୍କୁଲ ଦିନର କଥା । ସିଏ ସେତେବେଳେ ହାଇସ୍କୁଲର ଶେଷବର୍ଷର ଛାତ୍ରୀ । ତା' କ୍ଲାସର ଦୀପା ପ୍ରତିଦିନ ସ୍କୁଟି ଚଢ଼ି ସ୍କୁଲ ଆସେ । ନିଜର ସୁନ୍ଦର ରୂପ ପାଇଁ ଦୀପା ସ୍କୁଲର ସବୁ ପୁଅପିଲାଙ୍କର ପ୍ରିୟ । ନିଜ ସୌନ୍ଦର୍ଯ୍ୟର ସ୍ୱାଭିମାନରେ ଡ଼େଇଁ ଡ଼େଇଁ ଚାଲେ ଦୀପା । ଦୀପା ଲିଜା ସହିତ କଥାବାର୍ତ୍ତା କରେନା କିମ୍ବା ସାଙ୍ଗ ହୁଏନା । ଲିଜାକୁ ଦେଖିଲେ ବାଟକାଟି ଚାଲିଯାଏ । ଦିନେ ଦୀପା ତା' ସ୍କୁଟିର ଚାବିକାଠି କ୍ଲାସରୁମ୍‌ରେ କେଉଁଠି ପକାଇଦେଇ ଆସିଥିଲା । ଚାବିକାଠିଟା ଦୀପାର ଭ୍ୟାନିଟ୍ ବ୍ୟାଗରେ ନାହିଁ ବୋଲି ସିଏ ଜାଣିବା ବେଳକୁ ସ୍କୁଲର ଛୁଟି ଘଣ୍ଟା ବାଜି ସାରିଲାଣି । ସ୍କୁଟିପାଖରୁ ପୁଣି କ୍ଲାସରୁମ୍‌କୁ ଫେରିଗଲା ଦୀପା । କ୍ଲାସରୁମ୍‌ରେ ସେତେବେଳେ ଆଉ କେହି ନ ଥିଲେ ଲିଜା ବ୍ୟତୀତ । ଲିଜାର ଜୋତାଫିତା ଛିଣ୍ଡି ଯାଇଥିବାରୁ ସିଏ ଜୋତାରେ ସେଫ୍ଟିପିନ୍ ମାରୁଥାଏ । ଲିଜା ତଳୁ ମୁହଁ ଉଠାଇ ଦେଖିଲା ଦୀପା କ୍ଲାସସାରା ନଇଁ ନଇଁ କ'ଣ ଖୋଜୁଛି । ଲିଜା ମଧ୍ୟ କ୍ଲାସରୁମ୍ ସାରା ନିଜ ଆଖି ପହଁରାଇ ଆଣିଲା । ହଠାତ୍ ତା' ଆଖିରେ ପଡ଼ିଲା ଦୀପାର ସ୍କୁଟିର ଚାବିକାଠିଟା ଗୋଟେ ବେଞ୍ଚର ଗୋଡ଼ ତଳେ ରହିଯାଇଛି । ଦୀପା କିନ୍ତୁ ଅନେକ ଥର ଏପଟ ସେପଟ ହୋଇ ଖୋଜିବାସତ୍ତ୍ୱେ ଚାବିକାଠିଟାର ସନ୍ଧାନ ପାଇବାରେ ସମର୍ଥ ହେଲା ନାହିଁ । ତଥାପି ଦୀପା ଲିଜାକୁ କିଛି ନ ପଚାରି କ୍ଲାସ ଛାଡ଼ି ଚାଲିଗଲା । ସୁନ୍ଦରୀ ଦୀପାର ସ୍ୱାଭିମାନ ଦେଖି ଲିଜା ଆଶ୍ଚର୍ଯ୍ୟ ହୋଇଥିଲା । ନିଜକୁ କ'ଣ ବୋଲି ଭାବନ୍ତି ଏ ସୁନ୍ଦରୀ ଝିଅମାନେ ? ଅସୁନ୍ଦରୀ ଝିଅ ସହିତ କଥାବାର୍ତ୍ତା କଲେ ତା'ର ଅସୁନ୍ଦରପଣ କ'ଣ ସେମାନଙ୍କୁ ସଂକ୍ରମିତ ହେବ ?

ଲିଜା ବି ସେଦିନ ସ୍ୱାଭିମାନର ଟାଣରେ ଫୁଲି ଉଠିଥିଲା । ଦୀପା ଯଦି ତାକୁ କଥା ନ କହୁଛି ଉପରେ ପଡ଼ି ନିଜ ଆଡୁ କିଛି କହିବାକୁ ଲିଜା ପସନ୍ଦ କରି ନ ଥିଲା । ସେ ଦିନ ଦୀପାକୁ ତା' ଗାଡ଼ିର ତାଲା ଭାଙ୍ଗିବାକୁ ପଡ଼ିଥିଲା । ଲିଜା ଖଣ୍ଡେ ଦୂରରେ ଠିଆ ହୋଇ ଦୀପା ଗାଡ଼ିର ତାଲା ଭଙ୍ଗା ଦୃଶ୍ୟ ଦେଖିଥିଲା ଓ ଉପଭୋଗ କରିଥିଲା । ଲିଜାକୁ ଲାଗିଲା ସୁନ୍ଦରୀ ଦୀପାର ସୁନ୍ଦର ମୁହଁଟାକୁ ମାଡ଼ ଦିଆଯାଇ ବିକୃତ କରି ଦିଆଯାଉଛି ।

ଲିଜାର କଲେଜ ଜୀବନରେ ମଧ୍ୟ ଏମିତି ଅନେକ ଛୋଟ ଛୋଟ ଘଟଣା ଯାହା

Digitized by srujanika@gmail.com

ଅନ୍ୟ କେହି ଏଯାଏ ମନେ ରଖି ନ ଥିଲେ ମଧ୍ୟ ଲିଜାର ମନରେ ସେ ସବୁ ଶକ୍ତ ଗଣ୍ଠିପଡ଼ି ରହିଛି । ପ୍ଲସଥ୍ରିର ପ୍ରଥମ ବର୍ଷ । ଲିଜାର କ୍ଲାସମେଟ୍ ପ୍ରୀତି ନାଆଁରେ କଲେଜ ଠିକଣାରେ ଆସିଥିବା ଚିଠିଟା ଲିଜା ନଜରରେ ପ୍ରଥମେ ପଡ଼ିଲା । ସେତେବେଳକୁ କଲେଜକୁ କୌଣସି ଛାତ୍ରଛାତ୍ରୀ ଆସି ନ ଥିଲେ । ବ୍ଲୁ ଲଫାପା, ମିଠା ମିଠା ବାସ୍ନାରେ ଭରପୂର ଚିଠିଟା ନିଶ୍ଚୟ ଗୋଟେ ପ୍ରେମଚିଠି । ଲିଜା ତା' ଜୀବନରେ କେବେ ପ୍ରେମଚିଠି ପାଇ ନାହିଁ କି, ଭବିଷ୍ୟତରେ କେବେ ପାଇବାର ଆଶା ରଖିନାହିଁ । କିନ୍ତୁ ହଠାତ୍ ଏମିତି ଗୋଟେ ପ୍ରେମଚିଠିର ସାନ୍ନିଧ୍ୟ ତାକୁ ରୋମାଞ୍ଚିତ କଲା । ପ୍ରେମଚିଠିର ସ୍ୱାଦ ଚାଖିବା ପାଇଁ ଲିଜା ଭିତରେ ଗୋଟେ ସମ୍ମୋହନ ସୃଷ୍ଟିହେଲା । ଅନ୍ୟ କେହି ଚିଠିଟା ଦେଖିବା ଆଗରୁ କ୍ଷିପ୍ରଗତିରେ ଚିଠିଟିକୁ ଉଠାଇଆଣି ନିଜ ଭ୍ୟାନିଟ୍ ବ୍ୟାଗରେ ଭର୍ତ୍ତିକଲା ଲିଜା । ନିଜେ ଚୋରାପ୍ରୀତି କରିଥିବା ପରି ତା' ଛାତିର କମ୍ପନ ବଢ଼ିଗଲା । ଭ୍ୟାନିଟ୍ ବ୍ୟାଗରେ ବିଷଧର ସାପଟିଏ ରଖିଥିବା ପରି ପ୍ରତି ମୁହୂର୍ତ୍ତରେ ସିଏ ଚମକି ପଡୁଥିଲା । ନିର୍ଦ୍ଦିଷ୍ଟ ସମୟରେ କ୍ଲାସ ଆରମ୍ଭ ହେଲା । କିନ୍ତୁ କ୍ଲାସର ପାଠ ପଢ଼ାରେ ତା' ମନ ନ ଥିଲା । ସେ ଉତ୍‌କଣ୍ଠିତା ହୋଇ ଅପେକ୍ଷା କରିଥିଲା କଲେଜ ଛୁଟି ସମୟକୁ । କଲେଜ ଛୁଟି ଘଣ୍ଟା ବାଜିବା ସଙ୍ଗେ ସଙ୍ଗେ ସିଏ କଲେଜ ଛାଡ଼ିବ, ଗୋଟିଏ ବନ୍ଦ କୋଠରୀ ଭିତରେ ପ୍ରୀତିର ପ୍ରେମଚିଠି ପଢ଼ିବ ।

କିନ୍ତୁ ଗୋଟିଏ ପିରିଅଡ୍ ମଝିରେ ପ୍ରୀତି ଲିଜାକୁ କ୍ଲାସର ବାହାରକୁ ଡ଼ାକିଲା ଆଉ ତା' ଚିଠି ଚୋରିକରିଥିବା ଯୋଗୁ ତାକୁ ମନଇଚ୍ଛା ଗାଳିଦେଲା । ଲିଜା ଚିଠିଟି ଉଠାଇ ନେବାବେଳେ ଷ୍ଟେୟାର କେସ୍‌ରେ ଠିଆହୋଇ କଲେଜ ପିଅନ ପଦନ ଦେଖିଛି, କାରଣ ସେ ଚିଠିଟି ଡ଼ାକରେ ଆସି ନ ଥିଲା । ପଦନ ନିଜ ହାତରେ ଆଣି ଚିଠିଟି ଥୋଇଥିଲା । ପ୍ରୀତିର ରିକ୍ସା ରାସ୍ତାରେ ଖରାପ ହେବା ଯୋଗୁ ତା'ର କଲେଜ ଆସିବା ବିଳମ୍ବ ହେଲା, ଆଉ ସେଇ ବିଳମ୍ବର ସୁଯୋଗ ନେଇ ଲିଜା ସେ ଚିଠିଟି ଉଠାଇ ଆଣିଛି ।

ଲିଜା ଅନ୍ୟ ଉପାୟ ନ ପାଇ ପ୍ରୀତିକୁ ଚିଠିଟି ଫେରାଇବାକୁ ବାଧ୍ୟ ହେଲା ଆଉ ନିଜକୁ ନିର୍ଦ୍ଦୋଷ ପ୍ରମାଣିତ କରିବା ପାଇଁ ସଫେଇ ଦେଲା- ଚିଠିଟି ଅନ୍ୟ କେଉଁ ପୁଅପିଲା ହାତରେ ପଡ଼ିଗଲେ କଥାଟା ଅସୁନ୍ଦର ହେବ ବୋଲି ମୁଁ ନେଇ ଆସିଥିଲି । କ୍ଲାସ୍ ପରେ ତୋତେ ଫେରାଇଥାନ୍ତି ।

ପ୍ରୀତି କିନ୍ତୁ ଲିଜାର ଏ ଉତ୍ତରରେ ସନ୍ତୁଷ୍ଟ ନ ହୋଇ ଲିଜାକୁ ଭର୍ତ୍ସନା କରିଥିଲା- ଅସୁନ୍ଦରୀମାନଙ୍କ ଆଡ୍ରେସରେ କେବେ ପ୍ରେମଚିଠି ଆସିନଥାଏ ଏକଥା ସାରା ଜୀବନ ମନେ ରଖିଥିବୁ ଲିଜା । ଅନ୍ୟର ପ୍ରେମଚିଠି ପଢ଼ିଲେ ତୋ ଅସୁନ୍ଦର ରୂପ କେବେ ସୁନ୍ଦର ହୋଇଯିବ ନାହିଁ । ପ୍ରେମଚିଠି ତ ଦୂରର କଥା, ତୁ ତୋ ଜୀବନରେ କାହାଠୁ କେବେ ଚିଠି ଖଣ୍ଡେ ବି ପାଇବୁ କି ନାହିଁ ସନ୍ଦେହ ।

ଆନନ୍ଦ ଚନ୍ଦ୍ର ପତି

Digitized by srujanika@gmail.com

ଲିଜା ସେଦିନ ନିଜକୁ ଲୁହରେ ଗାଧୋଇ କାନ୍ଦିଥିଲା । ତା' ସାଙ୍ଗ ଝିଅମାନଙ୍କ ମଧ୍ୟରୁ କିଛି ଅତି ସୁନ୍ଦରୀ, କିଛି ସାଧାରଣ ଭାବେ ସୁନ୍ଦରୀ ଆଉ କିଛିଙ୍କ ସୌନ୍ଦର୍ଯ୍ୟ ଚଳନୀୟ । ସେ ସମସ୍ତଙ୍କୁ ଯୁବକମାନେ ପ୍ରୀତିପୂର୍ଣ୍ଣ ଦୃଷ୍ଟିରେ ଚାହାଁନ୍ତି । କେତେକଙ୍କର ବଏଫ୍ରେଣ୍ଡ୍ ଅଛନ୍ତି, ଆଉ କେତେକଙ୍କୁ ବଏଫ୍ରେଣ୍ଡ୍ ମିଳିବାର ଆଶା ଖୁବ୍ ଉଜ୍ଜ୍ୱଳ । ରାସ୍ତାଘାଟରେ ଯିବା ଆସିବା ବେଳେ, ଦୋକାନ ବଜାରରେ ବୁଲିବାବେଳେ, ସ୍କୁଲ କଲେଜରେ ପଢ଼ିବାବେଳେ ସେମାନେ ଯୁବକମାନଙ୍କ ଦୃଷ୍ଟି ଆକର୍ଷଣ କରନ୍ତି । କେତେ ଝିଅ ପ୍ରେମଚିଠି ଦେଉଛନ୍ତି ଓ ପାଉଛନ୍ତି । କିଛି ଝିଅ ସେମାନଙ୍କ ବଏଫ୍ରେଣ୍ଡମାନଙ୍କ ସହିତ ବିଭିନ୍ନ ସ୍ଥାନରେ ନଚେତ୍ ଫୋନ୍‌ରେ କଥାବାର୍ତ୍ତା କରୁଛନ୍ତି କି ପାର୍କ, ସିନେମା, ବଜାର ପରି ସ୍ଥାନରେ ସାକ୍ଷାତ କରୁଛନ୍ତି । ଆଉ କିଛି ଝିଅଙ୍କର ବାହାଘର ପ୍ରସ୍ତାବ ଆସୁଛି । କିନ୍ତୁ ଲିଜା ସେସବୁରୁ ବଞ୍ଚିତା । ତା'ର କେହି ବଏଫ୍ରେଣ୍ଡ ନାହିଁ କି ଗାର୍ଲଫ୍ରେଣ୍ଡ ନାହିଁ । କୌଣସି ଯୁବକ କେବେ ଲିଜାର ମୁହଁକୁ ଚାହିଁ କଥାବାର୍ତ୍ତା କରିଥିବାର ତା'ର ମନେ ନାହିଁ । ସିଏ କାହାକୁ ପ୍ରେମଚିଠିଟିଏ ଲେଖିବାର ସୁଯୋଗ କେବେ ସୃଷ୍ଟି କରିପାରେ ନାହିଁ । କିନ୍ତୁ ପ୍ରତି ଫଗୁଣରେ ଫୁଲ ଫୁଟିଲେ ଲିଜା ଭିତରଟା କେମିତି ଫୁଲପାଖୁଡ଼ା ପରି ଖୋଲି ଖୋଲି ଯାଏ । ବସନ୍ତର ମଳୟ ଛୁଆଁରେ ତା' ଦେହଦେଉଳର ପ୍ରତି କାନ୍ଥରେ ପୁଲକ ସୃଷ୍ଟିହୁଏ । ଜହ୍ନରାତିର ମନଭୁଲା ରୂପ ଲିଜାର ମନ, ପ୍ରାଣ ଓ ଦେହରେ ରୋମାଞ୍ଚ ସୃଷ୍ଟିକରେ ।

ସେଦିନ ସେମିତି କାନ୍ଦୁ କାନ୍ଦୁ ନିଦଯାଇଥିଲା ଲିଜା । ରାତିରେ ତାକୁ କେହି ଡ଼ାକି ନଥିଲେ ଖାଇବା ପାଇଁ, କେହି ପଚାରି ନଥିଲେ ତା' ମନ ଦୁଃଖର କାରଣ । ଏମିତିକି ତା' ମାଆ ମଧ୍ୟ ତାକୁ ପଚାରି ନ ଥିଲେ । ଅନ୍ୟମାନଙ୍କ ଅନାସ୍ଥାଭାବଠୁ ତା' ନିଜ ବାପାମାଆଙ୍କ ହତାଦର ଲିଜାକୁ ବେଶି କଷ୍ଟ ଦିଏ । ଘରେ ତା' ଭାଇ ଭଉଣୀଙ୍କ ଜନ୍ମଦିନର ଔଜ୍ଜ୍ୱଲ୍ୟ ତା' ଜନ୍ମଦିନରେ ନ ଥାଏ । କେମିତି ବାଧ୍ୟବାଧକତାରେ ତା'ର ଜନ୍ମଦିନ ପାଳିତ ହୁଏ । ତା' ପାଇଁ ଭଲ ପୋଷାକଟିଏ କରିବାର ଆଗ୍ରହ କାହାର ନ ଥାଏ । ଅସୁନ୍ଦରୀ ଝିଅ ପାଇଁ ସୁନ୍ଦର ପୋଷାକର ଆବଶ୍ୟକତା ନାହିଁ ବୋଲି ସମସ୍ତଙ୍କର ଧାରଣା । ଲିଜା କିନ୍ତୁ କାହାକୁ ବୁଝାଇ ପାରେ ନାହିଁ ଯେ ସୁନ୍ଦରୀ ଝିଅ ଅପେକ୍ଷା ଅସୁନ୍ଦରୀ ଝିଅ ପାଇଁ ଦାମି ଓ ସୁନ୍ଦର ପୋଷାକର ଆବଶ୍ୟକତା ବେଶି । ସୁନ୍ଦର ପୋଷାକର ଚାକଚକ୍ୟ ଅନ୍ୟମାନଙ୍କ ଦୃଷ୍ଟି ଆକର୍ଷଣ କରିବାରେ ସହାୟକ ହୁଏ ।

ଲିଜାର ସମସ୍ତଙ୍କ ଉପରେ ରାଗହୁଏ । ସିଏ ରାଗେ ତା'ର ସାଙ୍ଗ ଝିଅମାନଙ୍କ ଉପରେ; କାରଣ ସେମାନେ ତା' ସହିତ କେହି ସାଙ୍ଗ ହେବାପାଇଁ କିମ୍ବା କଥାବାର୍ତ୍ତା କରିବା ପାଇଁ ଆଗ୍ରହୀ ନୁହଁନ୍ତି । ସିଏ ରାଗେ ତା' କ୍ଲାସର ପୁଅ ସାଙ୍ଗମାନଙ୍କ ଉପରେ କାରଣ ସେମାନେ ତାକୁ ହସିକରି ପଦେ କଥା କୁହନ୍ତି ନାହିଁ । ତାକୁ କେହି କେବେ

Digitized by srujanika@gmail.com

ପ୍ରେମଚିଠି ଖଣ୍ଡେ ଦିଅନ୍ତି ନାହିଁ କିମ୍ବା ସିନେମା କି ପାର୍କକୁ ଡ଼ାକନ୍ତି ନାହିଁ । ସିଏ ରାଗେ ତା' କଲେଜର ଅଧ୍ୟାପକମାନଙ୍କ ଉପରେ, ଯେଉଁମାନେ ତା' କ୍ଲାସର ଅନ୍ୟ ଝିଅମାନଙ୍କ ସହିତ ହସାହସି, ଗପସପ, ମିଶାମିଶି କରନ୍ତି; କିନ୍ତୁ ସେମାନେ ତା' ସହିତ ଭଲରେ ପଦଟିଏ ହେଲେ କଥା କୁହନ୍ତି ନାହିଁ । ସିଏ ରାଗେ ତା'ର ସାଇପଡ଼ିଶାର ଟୋକାମାନଙ୍କ ଉପରେ; କାରଣ ସେମାନେ କେବେ ତା' ଆଖିରେ ଆଖି ମିଳାଇ ନାହାଁନ୍ତି କି ତାକୁ କେବେ ପଦେ ହେଲେ କମେଣ୍ଟ ମାରି ନାହାଁନ୍ତି ।

ଏମିତି ଗୋଟେ ଆଲୋଡ଼ା ମଣିଷର ପୃଥିବୀରେ ବଞ୍ଚିବାର କିଛି ଚ଼ାର୍ମ ନାହିଁ । ଲିଜା ତା' ଜୀବନରେ କ'ଣ ପାଇଛି ଆଜିଯାଏ ସେ କଥା ହିସାବ କରିବାକୁ ଯାଇ ସିଏ ଠୁଳ କରିଥିଲା କିଛି ଘୃଣା, ହତାଦର ଆଉ ଲାଞ୍ଛନା । ହାଇସ୍କୁଲ, କଲେଜ ତା'ପରେ ୟୁନିଭରସିଟି । ସ୍କୁଲରେ ସୁନ୍ଦରୀ ଝିଅମାନଙ୍କର ପ୍ରେମ, ପ୍ରେମଚିଠି, ପ୍ରେମିକ-ପ୍ରେମିକା ଆଳାପ, ସାକ୍ଷାତ ଯେତିକି ତା'ର ଢ଼େର ଅଧିକ ଗୁଣ ୟୁନିଭରସିଟିରେ । ଏଇ ସୁନ୍ଦରୀ ଝିଅମାନଙ୍କ ଉପସ୍ଥିତିକୁ ସହ୍ୟ କରିପାରେନା ଲିଜା । ଏମାନେ ଚାଲିଗଲେ ପୃଥିବୀ ଥରିଉଠେ, ପାରିପାର୍ଶ୍ୱିକ ବାୟୁମଣ୍ଡଳ ଦୋହଲିଯାଏ ଓ ଅନେକ ଦୃଷ୍ଟି ଟାଣିହୋଇ ଏମାନଙ୍କ ଚାରିପଟେ ଲଘୁଚାପ ସୃଷ୍ଟି ହୁଏ ।

ୟୁନିଭରସିଟି ପରିବେଶ ଲିଜାକୁ ଅଧିକ ଈର୍ଷାନ୍ୱିତା କରିଛି । ପାର୍କ, ଆମ୍ବତୋଟା, କୃଷ୍ଣଚୂଡ଼ା ଗଛମୂଳ, ସବୁଠି ଯୋଡ଼ିଯୋଡ଼ି ହୋଇ ବସିଥିବା ପୁଅଝିଅଙ୍କୁ ଦେଖିଲେ ଲିଜା ଛାତିରେ ଛୁରୀ ଚ଼ାଲିଯାଏ । ଥଣ୍ଡରେ ଥଣ୍ଡ ଯୋଡ଼ି ଘଣ୍ଟା ଘଣ୍ଟା ଗପୁଥିବା, ହସୁଥିବା, ପୁଅଝିଅଙ୍କ କଥାର ଭଗ୍ନାଂଶ ଲିଜାର ଦେହ ଓ ମନରେ କଣ୍ଟା ପରି ଫୁଟିଯାଉଥିଲା । ଦିନ ଯାଇ ସଂଜ ଆସେ, ସଂଜ ଟପି ରାତି ଆସେ, ଆକାଶରେ ତାରା ଫୁଟେ, ଜହ୍ନ ହସେ, ତଥାପି ସେମାନଙ୍କ ଯୋଡ଼ି ଫିଟେ ନାହିଁ, ବରଂ ଅଧିକ ଘନିଷ୍ଠ ହୁଏ ।

ପ୍ରତିଦିନ ଏମିତି ଦୃଶ୍ୟ ଦେଖି ଦେଖି ଲିଜାର ରକ୍ତରେ ନିଆଁ ଲାଗେ । ନିଆଁର ତାତିରେ ତା' ଦେହରେ, ମନରେ ତହକ ପଶି ତାକୁ ବିବଶ କରେ । ରାତିରେ ଶୋଇ ଶୋଇ ଲିଜା ସ୍ୱପ୍ନ ଦେଖେ । ସ୍ୱପ୍ନରେ ତା'ର ମନର ମଣିଷ ଆସେ । ତାକୁ ପକ୍ଷୀରାଜ ଘୋଡ଼ାରେ ବସାଇ ଉଡ଼ାଇ ନିଏ କେଉଁ ଅଜଣା ରାଇଜକୁ । ସେଠି ଥାଏ ତା'ର ରାଜଉଆସ, ଦାସ, ଦାସୀ, ପୋଇଲୀ ପରିଚ଼ାରୀ । ତା' ମନର ମଣିଷର ଆଲିଙ୍ଗନ ଭିତରେ ଲିଜା ହଜିଯାଏ । ଏଇ ସ୍ୱପ୍ନଦେଖା ସମୟତକ ଲିଜା ଖୁସି ରହେ । ସ୍ୱପ୍ନ ଭାଙ୍ଗିଗଲେ ରାତି ଅଧରେ ବିଛଣାରେ ବସି ତା'ର ସ୍ୱପ୍ନର ମଣିଷକୁ ଘଣ୍ଟା ଘଣ୍ଟା ମନେପକାଏ । ସିଏ ଭଗବାନଙ୍କୁ ପ୍ରାର୍ଥନା କରେ ତାକୁ ରାତିସାରା ସ୍ୱପ୍ନ ଦେବାକୁ । ଭଗବାନଙ୍କୁ ସତର୍କ କରାଇଦିଏ- ଦେଖ ଭଗବାନ ! ଏମିତି ଭୁଲ୍ ଆଉ କେବେ କରିବ

Digitized by srujanika@gmail.com

ନାହିଁ । ଯେଉଁ ଝିଅକୁ ଦେହ ଦେବ ଆଉ ଦେହରେ ଯୌବନ ଦେବ ତାକୁ କେବେ ଅସୁନ୍ଦରୀ କରିବ ନାହିଁ । ଅସୁନ୍ଦରୀ ମଧ ତୁମରି ସୃଷ୍ଟି । ତୁମ ସୃଷ୍ଟିର ଏମିତି ଅନାଦର ତୁମେ କେମିତି ଦେଖୁଛ ପ୍ରଭୁ ? କେମିତି ସହିଛ ? ମୁଁ ସହିପାରୁ ନାହିଁ ।

ଲିଜା ବିଭାଗର ୟୁନିଭରସିଟିର ପିଲାମାନେ ସପ୍ତଶଯ୍ୟାକୁ ପିକ୍‌ନିକ୍‌ରେ ବାହାରିଲେ । କଲେଜରୁ ଗୋଟିଏ ବସ୍‌ରେ ଖୁନ୍ଦାଖନ୍ଦି ହୋଇ ଯାଇଥିବା ପଚସ୍ତରୀ ପୁଅ ଝିଅ, ସପ୍ତଶଯ୍ୟାରେ ପହଞ୍ଚି ଯୋଡ଼ି ଯୋଡ଼ି ହୋଇ ବସିଗଲେ ବିଭିନ୍ନ ପଥର ଉପରେ ଗଛତଳେ, ଲଟାମାଳରେ, ଝରଣା କୂଳରେ । ଅଧାପକ ଓ ଅଧାପିକାମାନେ ମଧ ଏକାଠି ଆସର ଜମାଇ ଦେଲେ । କିନ୍ତୁ ଲିଜା ଏକଦମ୍ ଏକୁଟିଆ ହୋଇଗଲା । ଶାଳ ପିଆଶାଳ ଗଛ ଛାଇରେ ଏକାହୋଇ ବସିଥିଲା ଲିଜା ଅଶୋକବନରେ ଏକାକିନୀ ସୀତା ପରି ।

ଲିଜାର କାନରେ ପିଟି ହେଉଥିଲା ପୁଅଝିଅଙ୍କ ହସ, ଗୀତ, କଥାବାର୍ତ୍ତା । ବିଭିନ୍ନ ମୁଦ୍ରାରେ ପୁଅ ଝିଅ ପରସ୍ପର ଉପରେ ଢ଼ଳିପଡ଼ିବାର ଦୃଶ୍ୟ ମଧ ଲିଜାର ଦୃଷ୍ଟିରେ ବାରମ୍ବାର ପଡୁଥିଲା । ଲିଜା ଭିତରେ ଅନେକ ପ୍ରତିକ୍ରିୟା ସୃଷ୍ଟି ହେଉଥିଲା । ଅନ୍ୟମାନଙ୍କୁ ପିକ୍‌ନିକ୍ ଅଫୁରନ୍ତ ଆନନ୍ଦ ଦେଉଥିବାବେଳେ ଲିଜାକୁ ଅବ୍ୟକ୍ତ ଯନ୍ତ୍ରଣା ଦେଉଥିଲା ।

ପି.ଜି. ପାଠପଢ଼ା ସରିବା ପରେ ଲିଜାର ୟୁନିଭରସିଟି ଯିବା ବନ୍ଦ ହୋଇଗଲା । ଘରେ ବସି ବସି ଲିଜାକୁ ବୋର୍ ଲାଗିଲା । ତା' ସାଙ୍ଗ ଝିଅମାନେ ଗୋଟି ଗୋଟି ହୋଇ ବିଭା ହୋଇଯିବା ଖବର ତାକୁ ଅଧିକ ଆଘାତ ଦେଲା । ତା' ସାଙ୍ଗମାନଙ୍କ ଭିତରୁ କିଏ ପ୍ରେମ ବିବାହ କରିଛି, ଆଉ କିଏ ବାପା, ମାଆ, ଭାଇଙ୍କଦ୍ୱାରା ଆୟୋଜିତ ବରକୁ ବୈଦିକ ରୀତିରେ ବିବାହ କରିଛି । ସରିତା କାହା ସହ ଘର ଛାଡ଼ି ପଳାଇଥିବା ଖବର ମଧ ଲିଜାକୁ ଈର୍ଷାନ୍ୱିତ କରିଥିଲା । ଲିଜା ପାଇଁ ସବୁ ବାଟ ବନ୍ଦ । ତାକୁ ଏବେ ପଚିଶ ବର୍ଷ ହୋଇଥିଲେ ବି ଗୋଟିଏ ହେଲେ ବିବାହ ପ୍ରସ୍ତାବ ଆସିନାହିଁ ଏଯାଏ । କାହା ସାଙ୍ଗରେ ଘର ଛାଡ଼ି ପଳାଇଯିବାର ସମ୍ଭାବନା ମଧ ସିଏ ଏଯାଏ ସୃଷ୍ଟି କରିପାରି ନାହିଁ ।

ଅସୁନ୍ଦରୀ ଝିଅ ବିଭା ହେବ ନାହିଁ ବୋଲି ଲିଜାର ବାପା, ମା' ଧରି ନେଇ ନିଶ୍ଚିନ୍ତରେ ବସିଛନ୍ତି । ଖଣ୍ଡେ ହେଲେ ଭଲ ଶାଢ଼ି କିଣାଯାଇ ଫଟୋଟିଏ ମଧ ଲିଜାର ଉଠାଯାଇ ନାହିଁ । କୌଣସି ଉଦ୍‌ଯୋଗ ନାହିଁ ଲିଜା ବିଭାଘର ପାଇଁ ।

ଲିଜା ପାଇଁ ଏକମାତ୍ର ବାଟ ଖୋଲାଅଛି- ସିଏ ଚାକିରି କରିପାରିବ । ତା'ର ନିଜର ଦକ୍ଷତା ଉପରେ ଭରସା ଅଛି । ବିଭିନ୍ନ ଚାକିରି ପାଇଁ ଫର୍ମ ପକାଇ ପରୀକ୍ଷା ଦେଇଛି । ଲିଖିତ ପରୀକ୍ଷାରେ ଭଲ ନମ୍ବର ରଖି ପୋଜିସନ୍ ରଖିଛି; କିନ୍ତୁ ସାକ୍ଷାତକାର ବେଳେ ସେ ଅକୃତକାର୍ଯ୍ୟ ହେଉଛି । ଏତେ ଅସୁନ୍ଦରୀ ଝିଅକୁ କେହି ଚାକିରି ଦେବାକୁ ପ୍ରସ୍ତୁତ ନୁହଁନ୍ତି । ଅନେକ ସ୍ଥାନରେ ନାରୀ ପ୍ରାର୍ଥୀମାନେ ନିଜର ସୌନ୍ଦର୍ଯ୍ୟ ଯୋଗୁ ପୁରୁଷ

Digitized by srujanika@gmail.com

ପ୍ରାର୍ଥୀଙ୍କୁ ପଛରେ ପକାଇ ଚାକିରି ପାଇଥାନ୍ତି । ମାତ୍ର ଲିଜା କ୍ଷେତ୍ରରେ ତା'ର ବ୍ୟତିକ୍ରମ । ଅସୁନ୍ଦରୀ ରୂପ ପାଇଁ ଲିଜା ହାତରୁ ସବୁ ଚାକିରି ଖସିଯାଉଛି ।

ତେବେ ଲିଜା ମନର ଏକ ନିଭୃତ କୋଣରେ ସଂଜବତୀ ପରି ଦିକ୍‌ଦିକ୍ ହୋଇ ଜଳୁଛି କଣିକାଏ ଆଶା । ତା'ର ପାଠ, ବୁଦ୍ଧି ଓ ଜ୍ଞାନ ବଳରେ ସିଏ ଦିନେ ନା ଦିନେ ଗୋଟିଏ ଚାକିରି ପାଇବ । କୌଣସି ନା କୌଣସି ସ୍ଥାନରେ ତାକୁ ଚାକିରି ମିଳିବ । ଅନେକ ନାହିଁ ନାହିଁ ଭିତରେ ଏଇ ଗୋଟିକ ଆଶା ତାକୁ କ୍ରିୟାଶୀଳା କରାଇ ରଖିଛି ।

ଚାକିରିଟିଏ ପାଇଲେ ହୁଏତ ପ୍ଲାଷ୍ଟିକ୍ ସର୍ଜରୀ ସାହାଯ୍ୟରେ ଲିଜା ତା'ର ଚେପା ନାକକୁ ସିଧା କରିପାରିବ । ନାକକୁ ସାଇଜ କରି ପାରିଲେ ହୁଏତ ତା' ଅସୁନ୍ଦରପଣ ଅନେକଟା କମିଯିବ । ଏମିତି ଗୋଟେ ଆଶା ନେଇ ଲିଜା ଦିନରାତି ଚାକିରି ପାଇଁ ପଢ଼ାପଢ଼ି ଓ ପ୍ରସ୍ତୁତି ଜାରି ରଖିଥିଲା । ବିଭିନ୍ନ ସ୍ଥାନକୁ ଏକୁଟିଆ ଯାଉଥିଲା । ଦିନେ ଦିନେ ଲିଜା ଅଧ ରାତିରେ ଘରକୁ ଫେରେ । ତା' ବାପା, ମାଆ, ଭାଇ ଦିନେ ହେଲେ ସେଥିପାଇଁ ଆପତ୍ତି କରି ନାହାଁନ୍ତି; କାରଣ ସେମାନେ ଜାଣନ୍ତି ଅସୁନ୍ଦରୀ ଝିଅ ଅନ୍ଧାର ଓ ବିଳମ୍ବିତ ରାତିରେ ମଧ୍ୟ ନିରାପଦ । ତା'ର ବଡ଼ିଗାର୍ଡ଼ ତା'ର ଅସୁନ୍ଦରପଣ ।

କଲିକତାରେ ଇଣ୍ଟରଭିଉ ଦେଇ ଲିଜା ଫେରିଲା ରାତି ବାରଟାରେ । ଭୁବନେଶ୍ୱର ପ୍ଲାଟଫର୍ମ ଫାଙ୍କା ଫାଙ୍କା । ଲିଜା ପ୍ଲାଟଫର୍ମ ଛାଡ଼ି ବାହାରକୁ ଆସିଲା । ବାହାରେ ନିବୁଜ ଅନ୍ଧାର । ସାରା ଭୁବନେଶ୍ୱରର ବିଜୁଳି କଟିଯାଇଛି । ଟ୍ୟାକ୍ସି କି ଟେମ୍ପୋ ଗୋଟିଏ ହେଲେ ଦିଶୁନାହିଁ । ଅନ୍ଧାର କାଟି ଆଗକୁ ଗୋଡ଼ ବଢ଼ାଇଲା ଲିଜା । ପ୍ଲାଟଫର୍ମରୁ ଘର ଅତି ବେଶିରେ ତିନି କିଲୋମିଟର ।

ଟିକେ ଆଗରେ ମାଷ୍ଟର କ୍ୟାଣ୍ଟିନ୍ ଛକରେ ଦୁଇଟା ପୋଲିସ ପେଟ୍ରୋଲିଙ୍ଗ ଡ଼ିଉଟିରେ ଠିଆ ହୋଇଥିଲେ । ଅନ୍ଧାରରେ ଲିଜା ସେମାନଙ୍କୁ ନ ଦିଶୁଥିଲେ ମଧ୍ୟ ପୋଲିସ ଦୁଇଟାଙ୍କ ପ୍ରୋଫାଇଲ ଲିଜାକୁ ଦିଶୁଥିଲା । ସେ ଦୁଇଜଣ ମୁହାଁମୁହିଁ ଠିଆ ହୋଇ ବିଜୁଳିର ଫେରିବାକୁ ଅପେକ୍ଷା କରିଥିଲେ । ପୋଲିସ୍ ଦୁଇଜଣଙ୍କୁ କଟାଇ ଲିଜା ଆଗକୁ ବଢ଼ିଲା ।

କଂଗ୍ରେସ ଭବନ ଡ଼େଇଁଯିବା ପରେ ଅନ୍ଧାର ରାସ୍ତାର ମଝିରେ କିଏ ଗୋଟେ ଖୁଣ୍ଟ ପରି ଠିଆ ହୋଇଥିଲା । ଲିଜା ଭାବୁଥିଲା ମାଷ୍ଟର କ୍ୟାଣ୍ଟିନ୍‌ରେ କଟାଇ ଆସିଥିବା ଲୋକ ଦୁଇଟା ପୋଲିସ୍, ହେଲେ ଏ ଲୋକଟା କିଏ ? ଭୂତ ହୋଇପାରେ । ନା, ଭୂତ ବିଷୟରେ ସେ ଯାହା ଜାଣେ ସେମାନେ ଅନ୍ଧାର ରାତିରେ ଧଳା ପୋଷାକ ପିନ୍ଧନ୍ତି । ଅନ୍ଧାରରେ ଭୂତମାନେ ତାଙ୍କର ଏଇ ଧଳା ପୋଷାକ ପାଇଁ ବାରିହୋଇ ଦିଶନ୍ତି । ଏଇଟା ଧଳା ଦିଶୁନାହିଁ । ଅତଏବ ଭୂତ ନୁହଁ, ମଣିଷ ।

ଆନଂଦ ଚଂଦ୍ର ପତି

Digitized by srujanika@gmail.com

ଲିଜା ଚଞ୍ଚଳ ପାଦ ପକାଇ ସେ ଲୋକକୁ ପାରହୋଇ ଯିବାବେଳେ ସେ ଅନ୍ଧାର ମୂର୍ତ୍ତିଟା ତାକୁ ମାଡ଼ିବସିଲା । ଲିଜା ଚିତ୍କାର କରିବା ପୂର୍ବରୁ ତା' ପାଟିକୁ ଗୋଟେ ଶକ୍ତ ହାତ ଚାପିଧରିଲା । ଲିଜାକୁ ଲାଗିଲା ଜଣେ ବଳିଷ୍ଠ ଯୁବକର ବାହୁବେଷ୍ଟନୀ ଭିତରେ ସିଏ ସଂପୂର୍ଣ୍ଣ ଚାପି ହୋଇଯାଉଛି । ତା' ଶରୀରର ବିଭିନ୍ନ ଅଂଶରେ ବଳିଷ୍ଠ ହାତର ଛୁଆଁ ତା'ଠି ଅପୂର୍ବ ଶିହରଣ ଓ ରୋମାଞ୍ଚ ସୃଷ୍ଟି କରୁଛି । ଲିଜା ନିଜ ଅଜାଣତରେ ନିଜକୁ ସଂପୂର୍ଣ୍ଣ ସମର୍ପଣ କରି ଦେଇଛି ସେଇ ବଳିଷ୍ଠ ପୌରୁଷ ପାଖରେ । ଲିଜାର ପ୍ରତିରୋଧ କ୍ରମେ ସହଯୋଗରେ ପରିଣତ ହେଉଛି । ଲିଜା ଯେଉଁ ସୁଖର ସନ୍ଧାନରେ ଏତେଦିନ କଟାଇ ଦେଲା ତାହା ତାକୁ ଏମିତି ଏକ ଅଦ୍ଭୁତ ପରିବେଶ ଓ ପରିସ୍ଥିତିରେ କିଏ ପରିବେଷଣ କରିବ ବୋଲି ସିଏ କେବେ କଳ୍ପନା କରିନଥିଲା ।

ଆତ୍ମତୃପ୍ତିରେ ବିଭୋର ହୋଇ ପୁରୁଷର ଆଲିଙ୍ଗନ ଭିତରେ ଆଖିମୁଦି ପଡ଼ି ରହିଲା ଲିଜା । ହଠାତ୍ ବିଜୁଳି ଆଲୁଅ ଜଳିଉଠିଲା । ପୁରୁଷଟି ତା' ଆଲିଙ୍ଗନରୁ ଲିଜାକୁ ଫିଙ୍ଗିଦେଇ ବିଜୁଳି ବେଗରେ ଅନ୍ତର୍ଦ୍ଧାନ ହୋଇଗଲା । ମାଷ୍ଟରକ୍ୟାଣ୍ଟିନ ଛକରେ ଥିବା ପୋଲିସ୍ ଦୁଇଜଣ ଲିଜା ଆଡ଼କୁ ଧାଇଁ ଆସିଲେ । ଲିଜା ସେତେବେଳକୁ ନିଜର ଲୁଗାପଟା ସଜାଡ଼ି ଉଠିବାକୁ ଚେଷ୍ଟାକରୁଥିଲା ।

ଦୁଇ ପୋଲିସ୍ ଭିତରୁ ଜଣେ ପଚାରିଲା-ସେ ଟୋକା କିଏ ?

ଲିଜା ସହଜ କଣ୍ଠରେ ଉତ୍ତର ଦେଲା- କୋଉ ଟୋକା ? ମୁଁ କାହାକୁ ଦେଖିନାହିଁ ।

ଆର ପୋଲିସ୍ ହାତରେ ଧରିଥିବା ଲାଠିଟାକୁ ହଲାଇ କହିଲା-ଏଇଠି ତମ ସାଙ୍ଗରେ ଗୋଟେ ଟୋକା ନଟର ପଟର ହଉଥିଲା ଅନ୍ଧାରରେ । ବିଜୁଳି ଆଲୁଅ ଆସିଲା ସାଙ୍ଗେ ସାଙ୍ଗେ କୁଆଡ଼େ ଚାଲିଗଲା ?

ଲିଜା ଦୃଢ଼ତାର ସହିତ ମନାକଲା-ମୁଁ କାହାକୁ ଦେଖିନାହିଁ । କୌଣସି ଟୋକାକୁ ମୁଁ ଚିହ୍ନେ ନାହିଁ । ଏଠି ଅନ୍ଧାରରେ ମୁଁ ଝୁଣ୍ଟିପଡ଼ିଥିଲି । ଆଲୁଅ ଆସିବାରୁ ଝାଡ଼ିଝୁଡ଼ି ହୋଇ ଉଠୁଛି । ବାଟ ଛାଡ଼ନ୍ତୁ ମୁଁ ଘରକୁ ଯିବି ।

ପୋଲିସ୍ ଦୁଇଜଣ ଆଉ କିଛି ଉପାୟ ନ ପାଇ ରାସ୍ତା ଛାଡ଼ି ଦେଲେ ଲିଜାକୁ ।

□□

ଆନଂଦ ଚଂଦ୍ର ପାହି

Digitized by srujanika@gmail.com

ସଂଘର୍ଷ

ସକାଳ ଦଶଟା । ମୁଁ ତରବର ହୋଇ ଖାଉଛି ଅଫିସ୍‌ରେ ସହଳ ପହଂଚିବା ପାଇଁ । ଖାଦ୍ୟ ଥଣ୍ଡା କରିବା ପାଇଁ ଫ୍ୟାନ୍‌ଟା ଫୁଲ୍ ସିଡ୍‌ରେ ବୁଲୁଛି ମୋ ମୁଣ୍ଡ ଉପରେ । ଟେଲିଫୋନ୍‌ଟା ବାଜିଲା । ଟେଲିଫୋନ୍ ରିଙ୍ଗ୍‌ରୁ ଜାଣିଲି ଏସ୍.ଟି.ଡି. କଲ୍ । ଖାଇବା ପାଖରୁ ଉଠିଯାଇ ଫୋନ୍ ଧରିଲି ।

ମୋ ପୁତୁରା ଅସିତ ସେପଟରୁ କାନ୍ଦି ଉଠିଲା– ବଡ଼ବାପା ! ଗାଆଁ ଗଣ୍ଡଗୋଳରେ ମୋ ବାପାଙ୍କ ମୁଣ୍ଡ ଫାଟି ଯାଇଛି । ତାଙ୍କ ଅବସ୍ଥା ଭଲ ନାହିଁ । ଚଣ୍ଡିଖୋଲ ଡାକ୍ତର କହିଲେ ତାଙ୍କୁ କଟକ ନ ନେଲେ ଏଠି କିଛି କରି ହେବ ନାହିଁ । ବୋଉ କାନ୍ଦି କାନ୍ଦି ନୟାନ୍ତ । ମୋ ମୁଣ୍ଡକୁ କିଛି ବୁଦ୍ଧି ଦିଶୁ ନାହିଁ । ତମେ ଟିକେ ଶୀଘ୍ର ଆସ ।

ମୁଁ ଅସିତକୁ ଆଶ୍ୱାସନା ଦେଲି– ତୁ ବ୍ୟସ୍ତ ହ'ନା । ତୁ ଚଣ୍ଡିଖୋଲରୁ କହୁଛୁ ତ ? ଠିକ୍ ଅଛି । ଗୋଟେ ଟ୍ୟାକ୍ସି ଭଡ଼ାକରି ତୋ ବାପାକୁ କଟକ ବଡ଼ଡାକ୍ତରଖାନାକୁ ନେଇଆ । ମୁଁ ଏଇ ସଙ୍ଗେ ସଙ୍ଗେ କଟକ ବାହାରିଲି ।

ମୁଁ ଅଫିସ୍ ଯିବା ବନ୍ଦ୍‌କରି କଟକ ବାହାରିଲି । ମୋ ସାଙ୍ଗରେ ମୋ ସ୍ତ୍ରୀ ସ୍ୱାତୀ ମଧ ବାହାରିଲେ । ଘରେ ଯାହା ଯେଉଁଠି ଥିଲା ଏକାଠି କରି ଦେଖିଲି ଦୁଇ ହଜାର ଟଙ୍କା ପାଖାପାଖି । ସେଇ ଦୁଇ ହଜାର ଟଙ୍କା ଧରି ଦୁହେଁ ବସ୍ ଧରି କଟକରେ ପହଞ୍ଚିଲୁ । ଆମେ ଡାକ୍ତରଖାନାରେ ଅଧଘଣ୍ଟାଏ ଅପେକ୍ଷା କଲା ପରେ ଅସିତ ତା' ବାପାଙ୍କୁ ଧରି ପହଞ୍ଚିଲା ।

ମୁଁ ଶରତର ଅବସ୍ଥା ଦେଖି ଭୟ ପାଇଗଲି । ସ୍ୱାତୀ କାନ୍ଦି ପକାଇଲେ । ଶରତର ତାଳୁ ଫାଟି ଯାଇଛି । ସେନ୍ସ ନାହିଁ । ଆମେ ତାକୁ ନ୍ୟୁରୋସର୍ଜରୀ ୱାର୍ଡରେ ଆଡ଼ମିସନ୍

ଆନଂଦ ଚଂଦ୍ର ପହି

Digitized by srujanika@gmail.com

କରାଇଲୁ । ତତ୍‌କ୍ଷଣାତ୍ ଶରତର ବ୍ରେନ୍ ସ୍କାନ୍ କରାଗଲା ।

ଦୁଇଦିନର ଅକ୍ଳାନ୍ତ ପରିଶ୍ରମ ପରେ ଡାକ୍ତରମାନେ ଶରତର ସେନ୍ସ ଫେରାଇବାକୁ ସମର୍ଥ ହେଲେ । ଆସ୍ତେ ଆସ୍ତେ ଶରତ ଆଖି ଫିଟାଇ ଚାହିଁଲା । ମୋତେ, ସ୍ୱାତୀକୁ ଓ ତା' ପୁଅ ଅସିତକୁ ଚିହ୍ନିଲା ।

ଡାକ୍ତର କହିଲେ– ଆଉ ବିପଦର କାରଣ ନାହିଁ । ଆଉ ଚାରି ପାଞ୍ଚ ଦିନ ଭିତରେ ସିଏ ଠିକ୍ ହୋଇଯିବେ । ବ୍ରେନ୍‌ରେ ବିଶେଷ ଆଘାତ ଲାଗିନାହିଁ ।

ମୁଁ ପଚାରିଲି– ବ୍ରେନ୍ ଅପରେସନ୍ ହେବ ନାହିଁ ତ ?

ଡାକ୍ତର ମନା କଲେ, କହିଲେ– ରୋଗୀକୁ ଦୁଇ ଚାରିଦିନ ଅବ୍‌ଜର୍‌ଭେସନ୍‌ରେ ରଖାଯିବ । ତା'ପରେ ଯାହା ନିଷ୍ପତ୍ତି ନିଆଯିବ ।

ଆମ ଗାଆଁ ଗଣ୍ଡଗୋଳରେ ଆଘାତ ପାଇ ଅତି ଗୁରୁତର ଅବସ୍ଥାରେ ଡାକ୍ତରଖାନାର ଅନ୍ୟାନ୍ୟ ୱାର୍ଡ଼ରେ ଭର୍ତ୍ତି ହୋଇଥିଲେ ଆମ ଗାଁର ନଖିଆ ନାୟକ, ପଦିଆ ସ୍ୱାଇଁ, ଦୋଳ ଘଡେଇ, ସୋଉରୀ ପରିଡ଼ା, ଦୀନା ଦଳେଇ ଆଉ ନବୀନ ରାଉ । ଗାଆଁରୁ ପ୍ରତିଦିନ ଲୋକ ଆସୁଥିଲେ ସେମାନଙ୍କୁ ଦେଖିବାକୁ । ତିନି ଚାରିଦିନର ଚିକିତ୍ସା ପରେ ସେମାନଙ୍କ ଭିତରୁ ଅଧିକାଂଶ ଗାଆଁକୁ ଫେରି ଯାଇଥିଲେ । କିନ୍ତୁ ଦୁଇ ତିନିଜଣଙ୍କ ଅବସ୍ଥା ସୁଧୁରିବାକୁ ଅଧିକ ଦିନ ଲାଗିଲା । ନବୀନ ରାଉ ପେଟରେ ଛୁରାମାଡ଼ କ୍ଷତଟା ଭଲ ହେବାକୁ ଅନେକ ଦିନ ଲାଗିବ ବୋଲି ନବୀନର ସାନ ଭାଇ ଗଗନ କହୁଥିଲା ।

ଡାକ୍ତରଖାନାରେ ଆଠଦିନ ରହିବା ପରେ ଶରତ ସଂପୂର୍ଣ୍ଣ ସୁସ୍ଥ ବୋଲି ଡାକ୍ତର ଘୋଷଣା କଲେ । ଶରତ ଡାକ୍ତରଖାନାରୁ ଡିସ୍‌ଚାର୍ଜ ହୋଇ ମୋ ସହିତ ଭୁବନେଶ୍ୱର ଆସିଲା । ଶରତଠୁ ବୁଝିଲି ଗାଆଁ ଗଣ୍ଡଗୋଳ ଆଉ ତା' ମୁଣ୍ଡ ଫଟାର ହେତୁ । ଆମ ଗାଆଁରେ ଦୁଇ ଦଳ । କୁଆଁର ପୂନେଇଁକି ଦୁଇ ସ୍ଥାନରେ ଲକ୍ଷ୍ମୀପୂଜା । ଏ ଲକ୍ଷ୍ମୀପୂଜା କରିବା ପରଂପରା ଶହେ ବର୍ଷ ତଳର । କଲିକତାରୁ କାରିଗର ଆସି ଉଭୟ ପଟର ମୂର୍ତ୍ତି ଗଢ଼େ, ମେଢ଼ ସଜାଏ । ଓଡ଼ିଶାର ନାମଜାଦା ଦୁଇଟା ଅପେରା ପାର୍ଟି ଗାଆଁକୁ ଯାଇ ତିନିରାତି ଅପେରା ମଞ୍ଚସ୍ଥ କରନ୍ତି ।

ଶରତ କହିଲା– ଏ ବର୍ଷର ଲକ୍ଷ୍ମୀପୂଜା ଖୁବ୍ ଜାକ୍ ଜମକରେ ହୋଇଥିଲା । ଲକ୍ଷ୍ମୀ ମେଢ଼ ବିସର୍ଜନ ବେଳେ ଗଣ୍ଡଗୋଳ ହେଲା । ଦୁଇଦଳ ବିସର୍ଜନ ପାଇଁ କଟକରୁ ଡ୍ରମପାର୍ଟି, ବାଣ, ଆଉ ପାଖଆଖ ପାଞ୍ଚଖଣ୍ଡ ଗାଆଁର ସଂକୀର୍ତ୍ତନ ଦଳକୁ ଆଣିଥିଲେ । ରାତିରେ ବିସର୍ଜନ ପ୍ରସେସନ୍ ଯିବ । ଗାଆଁରୁ ପ୍ରସେସନ୍ ବାହାରି ଗାଆଁଠୁ ତିନି କିଲୋମିଟର ଦୂରରେ ଥିବା ମହାଦେବ ପୋଖରୀରେ ଲକ୍ଷ୍ମୀମୂର୍ତ୍ତି ବିସର୍ଜନ ଦିଆଯିବ ।

ଏଇ ଲକ୍ଷ୍ମୀପୂଜା ମେଢ଼ ତିଆରି, ଅପେରା ପାର୍ଟି ଖର୍ଚ୍ଚ, ଆଉ ବିସର୍ଜନ ଖର୍ଚ୍ଚ

Digitized by srujanika@gmail.com

ପାଇଁ ଉଭୟ ଦଳର ରାଣ୍ଡୀ ଖଣ୍ଡୀ, ଧାନକୁଟୀ ନିଆଶ୍ରୀଠାରୁ ଆରମ୍ଭ କରି ଗାଆଁର ଚାଷୀ ମୂଲିଆ, ଧନୀ ମହାଜନ, ଗାଆଁଠୁ ଦୂରରେ ଥିବା ଉଭୟ ଦଳର ସମସ୍ତ ସରକାରୀ, ବେସରକାରୀ ଚାକିରିଆ ମଧ ଚାନ୍ଦା ଦେଇଛନ୍ତି ।

ବିସର୍ଜନ ପ୍ରସେସନ୍ ଆଗରେ ଜେନେରେଟର ସହିତ ଲାଇଟ୍, ତା' ପଛକୁ ବ୍ୟାଣ୍ଡପାର୍ଟି ଓ ବ୍ୟାଣ୍ଡପାର୍ଟି ସହିତ ମଦପିଇ ହିନ୍ଦୀଗୀତ ତାଳରେ ନାଚୁଥିବା ଗାଆଁଟୋକା, ସଂକୀର୍ତ୍ତନ ଦଳ ଆଉ ସେମାନଙ୍କ ପଛକୁ ଲକ୍ଷ୍ମୀମେଢ଼ । ବାଣ ମାରିବାବାଲା ସବା ଆଗରେ ।

ମଝିସାହିରୁ ଆସିଲା ଆମ ଦଳର ପ୍ରସେସନ୍ ଆଉ ଡିହସାହିରୁ ବାହାରିଲା ତାଙ୍କ ଦଳର ପ୍ରସେସନ୍ । ଉଭୟ ଦଳର ପ୍ରସେସନ୍ ମୁହାଁମୁହିଁ ହୋଇଗଲା ଚଉପାଢ଼ୀ ସାହି ଓସ୍ତମୂଳେ । ଆମ ଦଳବାଲା କୁହାଟିଲେ– ତମ ପ୍ରସେସନ୍ ପଛେଇ ପଛେଇ ହଟିଯାଉ, ଆମ ପ୍ରସେସନ୍ ଆଗଯିବ । ସେ ଦଳବାଲା ଅଡ଼ି ବସିଲେ ନା– ସେ କଥା ହେଇପାରିବ ନାହିଁ । ଆମ ପ୍ରସେସନ୍ ପଛକୁ ହଟିବ ନାହିଁ । ତମ ପ୍ରସେସନ୍ ହଟେଇ ନିଅ ।

କ୍ଷଣକ ଭିତରେ ଉଖରା ଉଖରି ହୋଇ ଦୁଇଦଳ ଭିତରେ ଖଣ୍ଡଯୁଦ୍ଧ ଆରମ୍ଭ ହୋଇଗଲା । ମେଢ଼ ପଛରେ ଲୁଚାଇ ରଖିଥିବା ଠେଙ୍ଗା, ତଲୱାର, ବର୍ଚ୍ଛା, ଭୁଜାଲି ଦୁଇ ଦଳର ଟୋକାଏ ଧରିକି ରେରେକାର ଶବ୍ଦ କରି ଧାଇଁଲେ । ଗାଁ ଦାଣ୍ଡ କୁରୁକ୍ଷେତ୍ରରେ ପରିଣତ ହୋଇଗଲା । ଉଭୟ ଦଳର ଲୋକେ ଖଣ୍ଡିଆ ଖାବରା ହେଲେ । ମୁଁ ସଂକୀର୍ତ୍ତନ ଦଳରେ ଗିନି ବଜାଉ ଥିଲି । ମୋ ମୁଣ୍ଡରେ ଗୋଟେ ଶକ୍ତ ଠେଙ୍ଗା ପାହାର ବାଜିଲା । ମୁଁ ତଳେ ପଡ଼ିଗଲି । ତା' ପରଠୁ ମୁଁ ଆଉ କିଛି ଜାଣି ନାହିଁ ।

ଆଜି ଶରତ ମୁହଁରୁ ମୁଁ ଯାହା ଶୁଣିଲି ଏମିତି ଅନେକ କଥା ଗାଆଁରେ ଥିବାବେଳେ ମୁଁ ଜାଣିଥିଲି । ଆମ ଗାଆଁରେ ଏମିତି ଦୁଇ ଦଳ ହେବା ଆଉ ଦୁଇ ଦଳ ଭିତରେ ସାମାନ୍ୟ ସାମାନ୍ୟ ଘଟଣାକୁ ନେଇ ଲଢ଼ିବା କଥାଟା ମୋ ପିଲାଦିନରୁ ମୁଁ ଦେଖିଆସିଛି । ଆଗ ଅପେକ୍ଷା ଏବକା ଗଣ୍ଡଗୋଳରେ ପରିଣତି କିନ୍ତୁ ଅଧିକ ଭୟଙ୍କର ହେଉଛି । ଆଗ ଅପେକ୍ଷା ଏବେ ଗଣ୍ଡଗୋଳରେ ଅଧିକ ମାରାତ୍ମକ ମାରଣାସ୍ତ୍ରମାନ ବ୍ୟବହୃତ ହେଉଛି ।

ଶରତ ମୋ ପାଖରେ ଆଠ ଦିନ ରହିବା ପରେ ଗାଆଁକୁ ଫେରିଲା । ସିଏ ଗାଆଁରେ ପହଞ୍ଚିବାର ପାଞ୍ଚଦିନ ପରେ ମୁଁ ତା'ଠୁ ଚିଠିଟିଏ ପାଇଲି । ଲେଖିଥିଲା- ମୁଁ ଗାଆଁରେ ପହଞ୍ଚି ଶୁଣିଲି ମୋ ନାଆଁରେ ମକଦ୍ଦମା ହେଇଚି । ମୋ ପରି ଆମ ଗାଆଁର ଉଭୟ ଦଳର ଯେତେ ଲୋକ ସେଇ ଗଣ୍ଡଗୋଳରେ ମାଡ଼ଖାଇ ଡାକ୍ତରଖାନା ପଡ଼ିଥିଲେ ସେଇମାନଙ୍କ ନାଆଁରେ ମକଦ୍ଦମା । ଗଣ୍ଡଗୋଳ ପରେ ଗାଆଁକୁ ପୋଲିସ

Digitized by srujanika@gmail.com

ଆସିଲା, ଗାଆଁ ଲୋକଙ୍କଠୁ ଗଣ୍ଡଗୋଳ ବିଷୟରେ କାହା ମୁହଁରୁ ଅକ୍ଷରଟେ ମଧ କାଢ଼ି ପାରିଲା ନାହିଁ । ଶେଷକୁ ପୋଲିସ ଚଣ୍ଡିଖୋଲ ଡାକ୍ତରଖାନା ଓ କଟକ ବଡ଼ ଡାକ୍ତରଖାନା ଆସି ଆମ ଗାଆଁ ଲୋକ ଯେଉଁମାନେ ମାଡ଼ଖାଇ ଚିକିତ୍ସିତ ହେଉଥିଲେ ସେଇମାନଙ୍କ ନାଆଁ ଟିପି ନେଇ ତାଙ୍କରି ନାଆଁରେ କେଶ୍ ଦେଇଚି । ଆମ ଦଳର ସଭା ବସିଥିଲା । ସ୍ଥିର ହୋଇଚି ସମସ୍ତେ ଚାନ୍ଦାକରି କେଶ୍ ଲଢ଼ିବେ । ଆମ ବିରୋଧୀ ଦଳ ଲୋକମାନେ ମଧ ସେଇ ନିଷ୍ପତ୍ତି ନେଇଚନ୍ତି । କିନ୍ତୁ ମୋର ଏ ମକଦ୍ଦମା, ଥାନା, କଚେରିକୁ ଭାରି ଭୟ ।

ଆମ ଦଳର ମକଦ୍ଦମାଖୋର ମନୁଆଁ ମାହାନ୍ତି କହୁଛି– ଏ ମକଦ୍ଦମାରେ କାହାର କିଛି ହବ ନେଇଁ । ସାକ୍ଷୀ କେହି ନାହିଁ । ମକଦ୍ଦମା ବେଶୀ ବାଟ ଉଠିବ ନାହିଁ । ଯାହା ହେଲେ ବି ମତେ ଭାରି ଡ଼ର ମାଡ଼ୁଚି ।

ମୋ ନାଆଁରେ ୱାରଣ୍ଟ ଆସି ଫେରିଯାଇଚି । କୋଉ ଦିନ ପୋଲିସ ଆସି ମତେ ଘରୁ ବାନ୍ଧି ନେବ ତା'ର ଠିକଣା ନାହିଁ । ଆମ ଦଳର ଲୋକମାନେ ଠିକ୍ କରିଛନ୍ତି ସମସ୍ତେ ଏକାବେଳକେ ଯାଇ ଢେଙ୍କାନାଳ କୋର୍ଟରେ ହାଜର ହେଇ ଜାମିନ ନେଇ ଆସିବାକୁ । ମୁଁ ଭାବିଚି ସେମାନଙ୍କ ସାଙ୍ଗରେ ଚାଲିଯିବି । ତମ ଉତ୍ତରକୁ ଅପେକ୍ଷା କରି ରହିଲି ।

ଚିଠିଟି ପାଇ ଶରତକୁ ସାଙ୍ଗେ ସାଙ୍ଗେ ଲେଖିଦେଲି- ଅନ୍ୟମାନଙ୍କ ସହିତ ଯାଇ ଢେଙ୍କାନାଳ କଚେରିରୁ ଜାମିନ ନେଇ ଆସିବାକୁ । ଜାମିନ ନେଇ ଆସିଲେ ଆଉ ପୋଲିସର ଗିରିଫଦାରୀ ଭୟ ନ ଥିବ । ତେଣିକି ଓକିଲ ଲଗାଇ କେଶ୍ ଲଢ଼ିବା କଥା । ଯଦି କେହି ସାକ୍ଷୀ ନ ବାହାରିବେ ତା'ହେଲେ କେଶ୍‌ଟା ନିଶ୍ଚୟ ଦୁର୍ବଳ ହୋଇଯିବ ବୋଲି ତାକୁ ସାନ୍ତ୍ୱନା ଦେଲି ।

ଏ ଘଟଣାର ଦୁଇ ମାସ ପରେ ହଠାତ୍ ଦିନେ ଶରତ ପୁଣି ଆସି ପହଞ୍ଚିଲା । ତା' ସାଙ୍ଗରେ ଆମ ଗାଁର ନରିଆ ଘଡ଼େଇ । ଦୁହେଁ ପିନ୍ଧିଛନ୍ତି ଦୁଇଟା ଲୁଙ୍ଗି, ଗଞ୍ଜି । ଦେହରେ କାମିଜ ନାହିଁ କି ପାଦରେ ଚପଲ ନାହିଁ । ଭୁବନେଶ୍ୱର ସହରରେ ଏମିତି ପୋଷାକରେ ଘରେ ପ୍ରବେଶ କରିବା କେତେ ଦୂର ମର୍ଯ୍ୟାଦାହାନିକାରକ ସେ କଥା ପ୍ରତ୍ୟେକ ସହର ବାସିନ୍ଦା କେବଳ ଅନୁଭବ କରିପାରିବେ । ମୋର ସୌଭାଗ୍ୟକୁ ସେମାନେ ପହଞ୍ଚିଲା ବେଳକୁ ରାତି ଆଠଟା ହୋଇ ଯାଇଥିଲା । ତେଣୁ ପାଖ ପଡ଼ିଶାଙ୍କ ଦୃଷ୍ଟି ହୁଏତ ସେମାନଙ୍କ ଉପରେ ପଡ଼ି ନ ଥିବ ।

ଏମିତି ଅଚାନକ ଅସମୟରେ ଆସିବାର କାରଣ ସଂପର୍କରେ ଶରତ କହିଲା- ଆମ ନାଆଁରେ ପୋଲିସ୍‌ର ୱାରେଣ୍ଟ ପରଓ୍ୱାନା ଅଛି । ଆମ ଗାଆଁରୁ ଆମ ଦଳିଆ ଆଠଜଣଙ୍କୁ ପୋଲିସ ଗିରଫ୍ କରିକି ନେଲା । ଆମେ ବାରି ପଛବାଟେ ଅଧାକାଛି ଡେଇଁ

Digitized by srujanika@gmail.com

ବିଲେ ବିଲେ ପଳେଇ ଆସିଲୁ ଚଢ଼େଇଧରା ଛକକୁ । ସେଇଠି ବସ୍ ଚଢ଼ି ତମ ପାଖକୁ ପଳେଇ ଆସିଚୁ । କାଲି ଯେମିତି ହେଲେ ଢେଙ୍କାନାଳ ଯାଇ ଆମକୁ କୋର୍ଟରୁ ଜାମିନ ଆଣିବାକୁ ପଡ଼ିବ ।

ମୁଁ ପଚାରିଲି– କ'ଣ ସେଇ ମାଡ଼ପିଟ ମକଦ୍ଦମାର ଜାମିନ୍ ତୁ ଏଯାଏ କରାଇ ନାହୁଁ ?

ଶରତ ଉତ୍ତର ଦେଲା– ନାଇଁ ନନା ! ସେ ମକଦ୍ଦମାରେ ଜାମିନ ଏଠୁ ଯିବାର ପନ୍ଦର ଦିନ ଭିତରେ ଆଣିଥିଲି । ଏଟା ଆଉ ଗୋଟେ କେଶ୍ ।

– ଆଉ ଗୋଟେ କେଶ୍ ? ଖୁବ୍ ଆତଙ୍କ ଓ ଉତ୍କଣ୍ଠା ସହ ମୁଁ ପ୍ରଶ୍ନ କଲି । କିନ୍ତୁ ଶରତ ମୁହଁରେ ଆତଙ୍କର ଚିହ୍ନ ନାହିଁ । ପ୍ରଥମ କେଶ୍ ବେଳେ ସିଏ ଯେତିକି ଆତଙ୍କିତ ଥିଲା, ଏଥର ଅନେକଟା ଭୟ କଟିଯାଇଥିବା ପରି ତା' ମୁହଁଟା ଦମ୍ଭ ଦିଶୁଥିଲା, ଆଖି ସହଜ ଦିଶୁଥିଲା ।

ଖୁବ୍ ସହଜ ଓ ସ୍ୱାଭାବିକ କଣ୍ଠରେ ଶରତ କହିଲା– ଇଏ ଗୋଟେ ମିଛ କାଠ ଚୋରି କେଶ୍ । ଆମ ଦଳର କିଛିଲୋକ ଚୋରାକାଠ ପାଇଁ ଶାଗୁଆନ୍ ଜଙ୍ଗଲକୁ ପଶିଥିଲେ, କିନ୍ତୁ ଆଉ କେତେକଙ୍କ ନାଆଁ ମିଛରେ ଖଂଜା ଯାଇଛି । ଆମ ଗାଆଁର ଖୁସୁରା ସ୍ୱାଇଁର କାମ ଇଏ । ଥାନାବାଲା ଆଉ ଫରେଷ୍ଟରଙ୍କ ସାଙ୍ଗରେ ନସର ପସର ହୁଏ । ସେମାନଙ୍କ ଖଣ୍ଡିଆ ସିଗାରେଟ୍ ଓ ଅଇଣ୍ଠା ଚା' ପିଏ । ସମସ୍ତଙ୍କ ନାଆଁରେ ସେମାନଙ୍କ କାନରେ ମିଛ ସତ ଫୋଡେ । ମୁଁ ସେ ଦିନ କୁଆଡ଼େ ଯାଇ ନେଇଁ; ସିଏ ମୋ ନାଆଁଟା ମିଛରେ ଯୋଡ଼ି ଦେଇଚି । କାଠ ଆଣିଛନ୍ତି ଛଅ ଘର, କିନ୍ତୁ ସିଏ ଦଶ ଘରକୁ କେଶ୍‌ରେ ପକେଇଚି ।

ସେ ରାତି ଶରତ ଆଉ ନରିଆ ମୋ କ୍ୱାର୍ଟରରେ ରହିଲେ । ସକାଳେ ମୋର ଦୁଇଟା ଧୋତି ଆଉ ଦୁଇଟା ସାର୍ଟ ପିନ୍ଧି ଢେଙ୍କାନାଳ ଗଲେ । ଜାମିନୀ ଖର୍ଚ୍ଚ ପାଇଁ ଶରତ ମୋଠୁ ପାଆଁଶ ଟଙ୍କା ନେଲା ।

ଶରତ ମୋଠୁ ଟଙ୍କା ନେଇ ଢେଙ୍କାନାଳ ଗଲା, କିନ୍ତୁ ଢେଙ୍କାନାଳରୁ ଭୁବନେଶ୍ୱର ନ ଫେରି ସିଧା ଗାଆଁକୁ ଫେରିଲା । ସେଇ ଘଟଣାର ଦୁଇମାସ ପରେ ଶରତଠୁ ପୁଣି ଚିଠିଟିଏ ପାଇଲି । ସିଏ ଲେଖିଥିଲା ସରପଞ୍ଚ ଭୋଟ ଆଉ ଦଶଦିନ ଅଛି । ଭୋଟ ଦିନଟା ରବିବାର । ଅଫିସ୍ ଛୁଟି । ଆମେ ସମସ୍ତେ ଗାଆଁକୁ ଯାଇ ଭୋଟ ଦେବା ପାଇଁ ଅନୁରୋଧ କରିଛି । ଗାଆଁରେ ପହଞ୍ଚି ଭୋଟ ଦେବାପାଇଁ ରାଣ ନିୟମ ପକାଇଛି । ଆଉ ଲେଖିଛି ତାଙ୍କ ଦଳର ପ୍ରାର୍ଥୀ ଯଦି ସରପଞ୍ଚ ଭୋଟରେ ନ ଜିତେ ତା'ହେଲେ ସେମାନେ ଗାଆଁଦାଣ୍ଡରେ ମୁହଁଟେକି ଚାଲିପାରିବେ ନାହିଁ ।

ଚିଠି ମୋ ହାତରୁ ମୋ ସ୍ତ୍ରୀ ସ୍ୱାତୀ ଛଡ଼ାଇ ନେଇ ପଢ଼ିଲେ । ଭୋଟ ଦେବା

Digitized by srujanika@gmail.com

ପାଇଁ ନୁହଁ ଗାଆଁକୁ ଯିବା ପାଇଁ ସିଏ ଆଗ୍ରହ ପ୍ରକାଶ କଲେ । କହିଲେ- କ'ଣ କହୁଚ ? ଅନେକ ଦିନ ହେଲା ଗାଆଁକୁ ଯାଇନା, ଚାଲୁନ ବୁଲି ଆସିବା ? ବେଶିଦିନ ନୁହଁ, ଦୁଇ ତିନି ଦିନ ରହି ଫେରିଆସିବା ।

ଗାଆଁକୁ ଯିବାର ଇଚ୍ଛାଟା ମୋ ଗହୀର ମନ ଭିତରେ ନିଘୋଡ ନିଦରେ ଶୋଇଥିଲା, ସ୍ୱାତୀଙ୍କ ଆଗ୍ରହ ଯୋଗୁଁ ଗାଆଁକୁ ଯିବା ପ୍ରୋଗ୍ରାମଟା ଫାଇନାଲ୍ ହୋଇଗଲା ।

– ଭୋଟ ଆସନ୍ତା ରବିବାର । ଆମେ ଯିବା ଶନିବାର ଦିନ ଉପରଓଳି । ଫେରିବା ସୋମବାର ଦିନ ସକାଳ ବସ୍‌ରେ । ଅଫିସ୍‌ରୁ ଛୁଟି ନେବାକୁ ପଡ଼ିବ ନାହିଁ ।

ପ୍ରୋଗ୍ରାମ ଅନୁସାରେ ଶନିବାର ରାତି ଆଠଟାରେ ଘରେ ପହଞ୍ଚିଲି । ମୋତେ ଦେଖି ଶରତ ଖୁବ୍ ଖୁସି ହେଲା । ସ୍ୱାତୀକୁ ଦେଖିବା ପରେ ତା' ଖୁସିଟା ଦ୍ୱିଗୁଣିତ ହୋଇଗଲା । ଦୁଇ ଖଣ୍ଡ ଭୋଟ ତାଙ୍କ ପ୍ରାର୍ଥୀ ସପକ୍ଷରେ ମିଳିବ ବୋଲି ସେ ନିଶ୍ଚିତ ହୋଇଗଲା ।

ମୁଁ ପରଦିନ ସକାଳ ଆଠଟାରେ ନିତ୍ୟକର୍ମ ସାରି ଭୋଟ ଦେବାପାଇଁ ପ୍ରସ୍ତୁତ ହୋଇଗଲି । ଗାଆଁ ଦାଣ୍ଡର ଦୁଇ ପଟ କାନ୍ଥମାନଙ୍କରେ ଦୁଇ ଦଳର ପ୍ରାର୍ଥୀଙ୍କର ପୋଷ୍ଟର ଲାଗିଛି । ବିଭିନ୍ନ ଗୀତ ଓ ସ୍ଲୋଗାନ ଲେଖାଯାଇଛି ।

ଗାଆଁର ଦୁଇ ଦଳର ଲୋକେ ଗାଆଁଟାକୁ ଦୁଇପଟରୁ ଟଣା ଓଟରା କରିବା ଫଳରେ ଗାଆଁଟା ଦୁଇ ଫାଳ ହୋଇ ଚିରି ଯାଇଛି । ଗୋଟିଏ ଦଳର ଲୋକେ ଅନ୍ୟଦଳର ଲୋକଙ୍କ ସହିତ କଥାବାର୍ତ୍ତା କରୁ ନାହାଁନ୍ତି । ମୂଲିଆ, ମଜୁରିଆ, ମିସ୍ତ୍ରୀ, ଧୋବା, ବାରିକ, ଗଉଡ଼, ଗୁଡ଼ିଆ, କମାର, କୁମ୍ଭାର ସବୁ ଦୁଇ ଭାଗ କରି ଦୁଇ ଦଳ ବାଣ୍ଟି ନେଇଛନ୍ତି । ଦୋକାନ, ବଜାର, ହାଟ, କୂଅ, ପୋଖରୀ ସବୁଠି ଦଳୀୟ ଭିତ୍ତିରେ କାରବାର । ବାହା, ନିମନ୍ତ, ପୂନେଇଁ, ପର୍ବ, ଭୋଜିଭାତ ମଧ୍ୟ ଦଳୀୟ ଭିତ୍ତିରେ ପରିଚାଳିତ ହେଉଛି ।

ଦଳ କଥାରେ ଲୋକମାନଙ୍କ ପାଟି ଖୋଲୁଛି, ବନ୍ଦ ହେଉଛି, ମୁହଁ ହସୁଛି, କାନ୍ଦୁଛି, ଆଖି ଫିଟୁଛି, ମୁଦି ହେଉଛି ।

ଉଭୟ ଦଳର ଶୀର୍ଷରେ ଥିବା ମଣିଷମାନେ ଅର୍ଦ୍ଧଶିକ୍ଷିତ, ଟାଉଟର, ଗୁଣ୍ଡା, ମକଦ୍ଦମାଖୋର, ଘରଭଙ୍ଗା, ଭୟଙ୍କର ଅମଣିଷ । ଏମାନଙ୍କ ପ୍ରତି ଗାଆଁର ତଳସ୍ତରର ଲୋକମାନଙ୍କର ସମର୍ଥନ କି ସଦିଚ୍ଛା ନାହିଁ । ଅଛି କେବଳ ଆକଣ୍ଠ ଭୟ । ଭୟ ଅଠାରେ ଯୋଡ଼ିହୋଇଯାଇଛି ତଳୁ ଉପର ପର୍ଯ୍ୟନ୍ତ । ପରିସ୍ଥିତିର ଫାଶରେ ଚିପି ହୋଇଯାଇଛି ସେମାନଙ୍କ ବେକ ।ଟାଣି, ଭିଡ଼ି ହେଲେ ସେ ଫାଶର ଗଣ୍ଠି ଶକ୍ତ ହେଉଛି ପଛେ ହୁଗୁଳୁ ନାହିଁ ।

ନାରାଚ ପରି ବହୁ ସଂଖ୍ୟାରେ ମକଦ୍ଦମା ଭେଦିଛି ପ୍ରତି ଲୋକଙ୍କ ଶରୀର ।

Digitized by srujanika@gmail.com

କେହି ହଲି, ଚଳି ପାରୁନାହାଁନ୍ତି । ପ୍ରତିଦିନ କେଶ୍ ତାରିଖ । କେହିନା କେହି ବସ୍‌ଚଢ଼ି ଧାଇଁଛନ୍ତି ଢେଙ୍କାନାଳ କଚେରିକୁ କେଶ୍ ତାରିଖ ଦଉଡ଼ିରେ ଘୋଷାରି ହୋଇ ।

ଗାଆଁର ଶିକ୍ଷିତ ଯୁବକ ଅରୁଣ ମୋତେ ନମସ୍କାର କଲା । ସେ ନମସ୍କାରଟା ମଧ ବୁଝିବିଚାରି କରିଛି ସିଏ । ସିଏ ଜାଣେ ମୋ ସାନ ଭାଇ ଶରତ ତାଙ୍କ ଦଳର ଲୋକ । ତେଣୁ ସିଏ ଧରିନେଇଛି ମୁଁ ନିଶ୍ଚୟ ତାଙ୍କ ଦଳର ଲୋକ । ମୋତେ ନମସ୍କାର କରିବାରେ ଦଳୀୟ ଦୃଷ୍ଟିକୋଣରୁ ସିଏ ଅପରାଧମୁକ୍ତ । ଆଜି ଗାଆଁର ପ୍ରତିଲୋକର ସମସ୍ତ କ୍ରିୟାକଳାପ ଗାଆଁ ରାଜନୀତି ହିଁ ନିୟନ୍ତ୍ରଣ କରୁଛି ।

ମୁଁ ଗାଆଁ ସହିତ ସହରକୁ ତୁଳନା କଲି । ସହରର ଲୋକମାନେ କିନ୍ତୁ ରାଜନୀତି ଦ୍ୱାରା ଆଦୌ ନିୟନ୍ତ୍ରିତ ନୁହଁନ୍ତି । ସହରୀ ଲୋକଙ୍କ ଦୈନନ୍ଦିନ କାର୍ଯ୍ୟକଳାପରେ ରାଜନୀତିର ହସ୍ତକ୍ଷେପ ଅନୁଭୂତ ହୁଏ ନାହିଁ । ସେଠି ଅଫିସ ବାହାରେ ମଣିଷ ସ୍ୱାଧୀନ, ମୁକ୍ତ ।

ଅରୁଣ ବି.ଏ. ପାଶ୍ କରି ପାଞ୍ଚବର୍ଷ ହେଲା ଗାଆଁରେ ଗୋଡ଼ହାତ ଜାକି ବସିଛି । ତା' ନାଆଁରେ ପାଞ୍ଚଟା ମକଦ୍ଦମା ଖଞ୍ଜି ଦିଆଯାଇ ତାକୁ ମାଦଳ କରି ଗାଆଁରେ ବସାଇ ଦିଆଯାଇଛି । ଭିଡ଼ିମୋଡ଼ି ହେଉଛି. ଉଠି ଚାଲିଯିବାକୁ ଚେଷ୍ଟା କରି ବସିବା ସ୍ଥାନରେ ଦୁଲ୍‌ଦାଲ୍ କଚାଡ଼ି ହୋଇପଡୁଛି । ତା'ର ମୁକ୍ତିର ସମସ୍ତ ରାସ୍ତା ଅବରୁଦ୍ଧ ।

ଅରୁଣକୁ ପଚାରିଲି- ତୁମ ପରି ଆଉ କେତେ ଶିକ୍ଷିତ ଯୁବକ ଗାଆଁରେ ବେକାର ହୋଇ ବସିଛନ୍ତି ଆଉ ଏଇ ଗାଆଁ ଟାଉଟରଙ୍କ ହାତବାରିସ୍ ହୋଇ ସେମାନଙ୍କ ଇଙ୍ଗିତରେ ଉଠ୍ ବସ୍ ହେଉଛନ୍ତି ?

ଅରୁଣ ସନ୍ତର୍ପଣରେ ଚାରିକଡ଼କୁ ଚାହିଁଲା ପରେ କହିଲା- ଆମ ଦଳରେ ମତେ ଛାଡ଼ି ପ୍ରସନ୍ନ, ହରେନ୍ଦ୍ର, ଗୌତମ, ଅଶୋକ, ଶୀତାଂଶୁ, ନିରୋଦ, ଅସୀମ, ଗଗନ ଆଉ ପରେଶ । ଏ ସମସ୍ତେ ଶିକ୍ଷିତ ବେକାର । କିନ୍ତୁ ସମସ୍ତଙ୍କ ନାଆଁରେ ପାଞ୍ଚ ସାତ ଲେଖାଁ କେଶ୍-ନିଆଁ ଗେଞ୍ଜାଯାଇଛି । ସେମାନେ ଯୁଆଡେ ଯାଉଛନ୍ତି ତାଙ୍କ ପଛରେ କେଶ୍-ନିଆଁ ହୁଦ୍ ହୁଦ୍ ହୋଇ ଜଳୁଛି ।

ମୁଁ ପ୍ରଶ୍ନ କଲି- ଆଉ ତୁମ ପ୍ରତିପକ୍ଷରେ କ'ଣ କେହି ଶିକ୍ଷିତ ବେକାର ନାହାଁନ୍ତି ?

ଅରୁଣ କହିଲା- ନାହାଁନ୍ତି କାହିଁକି ? ଅଛନ୍ତି, ଢେର ସଂଖ୍ୟାରେ ଅଛନ୍ତି । ପ୍ରଦ୍ୟୁମ୍ନ, ପ୍ରୀତିଶ୍, ଗୌରାଙ୍ଗ, କ୍ଷିତୀଶ, ନବଘନ, ନୃସିଂହ, ସୁଧୀର. ପ୍ରଶାନ୍ତ, ପ୍ରବୀର, ପ୍ରଫୁଲ୍ଲ, ଗିରୀଶ, ନରେଶ ଆଉ ଅନିଲ୍ । ସେମାନଙ୍କର ମଧ ସମଦଶା । ସମସ୍ତେ କେଶ୍ ଅଠାକାଣ୍ଡିଆରେ ପଡ଼ିଛନ୍ତି । ପ୍ରତ୍ୟେକଙ୍କ ହାତ ଗୋଡ଼ରେ କାଣ୍ଡିଆ ଅଠା । ପାଦଟିଏ ଚଳିବାର କାହାର ଜୁ ନାହିଁ ।

ଆମ ଦଳରେ କ'ଣ ନା ସେ ଦଳରେ କ'ଣ, କାହାରି ସ୍ୱାଧୀନତା ନାହିଁ ।

ଆନଂଦ ଚଂଦ୍ର ପହି

Digitized by srujanika@gmail.com

ଏ ଶିକ୍ଷିତ ଯୁବକମାନଙ୍କ ସ୍ୱାଧୀନତା, ସ୍ୱାଭିମାନ, ଦମ୍ଭ, ଶକ୍ତି ସବୁକୁ ପଙ୍ଗୁ କରି ଦିଆଯାଇଛି । ଗାଆଁ ଛାଡ଼ି, ପଦାକୁ ସେମାନଙ୍କର ଗୋଡ଼ ବଢ଼ାଇବାର ସମସ୍ତ ଶକ୍ତି ଓ ଇଚ୍ଛାକୁ ଛେଚି ଛେଚି ଛେଚରା କରାଯାଇଛି । ଗାଆଁର ଅଶିକ୍ଷିତ ଲୋକଙ୍କଠାରୁ ଗାଆଁର ଶିକ୍ଷିତ ଯୁବକମାନେ ଆଜି ରାଜନୀତି ନଟେଇ ଭିତରେ ସୂତା ହୋଇ ଅଧିକ ଘେରା ଗୁଡ଼େଇ ହୋଇଛନ୍ତି । ସେଠୁ ଫିଟିବାର ସମ୍ଭାବନା ଆଦୌ ନାହିଁ ।

ଅରୁଣକୁ ଆଡ଼େଇ ଆଗେଇଲି ଭୋଟବୁଥ୍ ଉଦ୍ଦେଶ୍ୟରେ । ଗାଆଁ ସ୍କୁଲରେ ଭୋଟ୍‌କେନ୍ଦ୍ର ତିଆରି ହୋଇଛି । ଆମ ଗାଆଁର ଲୋକସଂଖ୍ୟାକୁ ଚାହିଁ ଚାରିଟା ବୁଥ୍ ହୋଇଚି । ବୁଥ୍ ଆଗରେ ପିମ୍ପୁଡ଼ି ଧାର ପରି ଲମ୍ବା ଲାଇନ୍ ।

ଗାଆଁ ସ୍କୁଲଘରର ଛାତ ଭାଙ୍ଗି ଅନେକ ସ୍ଥାନରେ ସୂର୍ଯ୍ୟ କିରଣ ସିଧା ପଡୁଛି ଘର ଭିତରେ । କାନ୍ଥ ଆଉ ଚଟାଣ ମନ୍ଦା ମନ୍ଦା ହୋଇ ଛାଡ଼ି ଗଲାଣି । ଗାଆଁ କଳି ତକରାଳ ଯୋଗୁ ସରକାରୀ ଡାକ୍ତରଖାନା, ଧନ୍ଦାମୂଳକ ସରକାରୀ କଲେଜ ଆଉ ପଶୁଡାକ୍ତରଖାନା ଉଠିଗଲା ନିକଟସ୍ଥ ଗାଆଁ ଅଲଣ୍ଡାକୁ । ଗାଆଁ ରାସ୍ତା ଖାଲ ଢିପ, ଖମା, ଢିମା, କାଦୁଅ, ପଙ୍କରେ ଭର୍ତ୍ତି । ଠାକୁରଘର, ଡାକଘର, ଗୋଲାଘର, ପଞ୍ଚାୟତ ଅଫିସ, ଅଙ୍ଗନବାଡ଼ି ସ୍କୁଲ, ସବୁଠି ରାଜନୀତିର ହାତଭର୍ତ୍ତି ଖେଳ ।

ଶରତ ମତେ ଡ଼ାକିଲା ଧାଡ଼ିରେ ଠିଆ ହୋଇ ଶୀଘ୍ର ଭୋଟ ଦେଇଦେବା ପାଇଁ । ମୋ ନାଆଁ ଥିବା ଭୋଟର ଲିଷ୍ଟର ଚିରକୁଟି ଖଣ୍ଡେ ମୋ ହାତରେ ଗୁଞ୍ଜିଦେଲା । ମୁଁ ତା’ ଉପରେ ଟିକେ ଆଖି ପକାଇ ସାର୍ଟ ପକେଟ୍‌ରେ ରଖିଦେଲି । ଭୋଟ ଦେବା ଅପେକ୍ଷା ଭୋଟ୍‌କେନ୍ଦ୍ରର ଦୃଶ୍ୟ ମୋତେ ବେଶି ଆମୋଦିତ କରୁଥିଲା । ଶରତକୁ ମୁଁ କହିଲି– ତୁ ବ୍ୟସ୍ତ ହ’ନା, ମୁଁ ମୋ ସୁବିଧାରେ ଭୋଟ ଦେବି ।

କିଛି ଅକ୍ଷମ ଲୋକଙ୍କୁ ଟେକି ଟେକି ଆଣି ଭୋଟ୍‌କେନ୍ଦ୍ରରେ ପହଞ୍ଚାଇବା, କିଛି ବୁଢ଼ାବୁଢ଼ିଙ୍କୁ ରିକ୍ସାରେ, ଶଗଡ଼ରେ କି ଦୋଳାରେ ଆଣି ଛାଡ଼ିବା ଓ ରୋଗଗ୍ରସ୍ତ ଲୋକଙ୍କୁ ଖୁବ୍ ଦୟନୀୟ ଭାବେ ଆଣି ଭୋଟ ଧାଡ଼ିରେ ଠିଆ କରାଇବା ଦୃଶ୍ୟ ଦେଖି ମୁଁ ଅଭିଭୂତ ହୋଇଥିଲି । ସତରେ ରାଜନୀତି ଆଉ କ୍ଷମତାର ନିଶା କେତେ ପ୍ରଖର !

ଦୁଇଜଣ ଲୋକ କିଏ ଫୁସ୍‌ଫାସ୍ ହେଉଥିବା ମୋ କାନରେ ବାଜିଲା । ମୁହଁ ବୁଲାଇ ଚାହିଁଲି ଓ ଚିହ୍ନିଲି । ସେ ଦୁଇଜଣଙ୍କ ଭିତରୁ ଜଣେ ବନ ରାଉତ, ଆର ଜଣକ ମଧୁ ମହାନ୍ତି । ସେ ଦୁହେଁ କେଉଁ ଦଳର ତାହା ମୋତେ ଜଣା ନାହିଁ । ତେବେ ସେମାନଙ୍କ କଥାବାର୍ତ୍ତାରୁ ମୁଁ ବୁଝିଲି, ଆମ ଗାଆଁର ଅଗଣି ରାଉତ ଭୋଟ୍ ଦେବାକୁ ଆସିବା ପାଇଁ ନାହିଁ କରୁଛନ୍ତି । ତାଙ୍କ ପୁଅବୋହୂ ସମସ୍ତେ ବୁଝାଇବାସତ୍ତ୍ୱେ ସିଏ ଭୋଟ୍ ଦେବାକୁ ଆଗ୍ରହୀ ନୁହଁନ୍ତି । ଏମିତି ଭଲରେ ଯଦି ସିଏ ଆସିବାକୁ ମନା କରିବେ ତାଙ୍କୁ ଜବରଦସ୍ତ ଦୋଳାରେ ବସେଇ ଭୋଟ୍‌କେନ୍ଦ୍ରକୁ ଆଣିବାକୁ ହେବ । ଗୋଟେ ବୁଢ଼ା ନ ଆସିଲେ

Digitized by srujanika@gmail.com

ସବୁ ବୁଢ଼ା ଏମିତି ପେଙ୍ଗିଲ୍ ଖେଳିବେ ।

ମୁଁ ଭୋଟ୍‌କେନ୍ଦ୍ରରୁ ଫେରିଆସିଲି ଆମ ଗାଆଁର ଶତାବ୍ଦୀ ପୁରୁଷ ଅଗଣି ଅଜାଙ୍କ ଘରକୁ । ତାଙ୍କ ଘରଟା ଶୂନ୍‌ଶାନ୍ । ସମସ୍ତେ ଯାଇଛନ୍ତି ଭୋଟ୍‌କେନ୍ଦ୍ରକୁ । ଅଗଣି ଅଜାଙ୍କ ଦର୍ଶନ ନ ପାଇ ଫେରିଯାଉଥିଲି, ପଛରୁ ତାଙ୍କ ପାଟି ଶୁଭିଲା । ଫେରି ଚାହିଁଲି ଅଗଣି ଅଜା ଧାନ ଖଳାରେ ଅଖା ପାରି ବସିଚନ୍ତି । ମୁଁ ତାଙ୍କ ପାଦଛୁଇଁ ପ୍ରଣାମ କଲି, ସିଏ ମୋ ମୁଣ୍ଡ ଆଉଁଶି ଆଶୀର୍ବାଦ ଦେଲେ ।

ଅଗଣି ଅଜାଙ୍କ ବୟସ ଶହେ ପାଖାପାଖି ହୋଇଥିଲେ ବି ତାଙ୍କ ଆଖି, କାନ, ଦାନ୍ତ କିଛି ପାଚି ନ ଥିଲା, ସବୁ କଞ୍ଚା ଥିଲା । ସବୁ କାର୍ଯ୍ୟକ୍ଷମ । ମୁଁ ତାଙ୍କୁ ପଚାରିଲି– ସମସ୍ତେ ଭୋଟଦେବାକୁ ଗଲେ, ତମେ କାଇଁକି ଯାଇନା ? ତମେ କ'ଣ ଭୋଟ ଦେବ ନାହିଁ ?

ଅଜା ତାଙ୍କ ପେଚୁଆ ଆଖିରେ ମତେ କଟମଟ କରି ଚାହିଁଲେ । କିଛି କହିଲେ ନାହିଁ ।

ମୁଁ ପୁଣି ପ୍ରଶ୍ନ କଲି– ତମେ ଭୋଟ ଦେବାକୁ ଯିବ ନାହିଁ ?

ସିଏ ମତେ ପଚାରିଲେ– କାହାକୁ ଭୋଟ ଦେବି ପ୍ରଶାନ୍ତ ? ଏଇ ମଙ୍ଗୁ ମହାନ୍ତି କି ହରି ବିଶ୍ୱାଳ ଭିତରୁ ଗୋଟାକୁ ? ଏ ଦିଇଟା କିଏ ? ଧୋବା ନା ଭଣ୍ଡାରି ?

ମୁଁ ଉତ୍ତର ଦେଲି- ସେ ଦୁଇ ଜଣ ପରା ଆମ ପଞ୍ଚାୟତର ସରପଞ୍ଚ ପ୍ରାର୍ଥୀ । ତାଙ୍କ ଭିତରୁତ ଯାହାକୁ ହେଲେ ଭୋଟ୍ ଦେବାକୁ ହେବ ।

ଅଗଣି ଅଜା ଖୁବ୍ ଦୁଃଖ ଆଉ ଅବଶୋଷର ଦୀର୍ଘନିଃଶ୍ୱାସଟେ ଛାଡ଼ିଲେ ଯାହାର ପବନ ମୋ ମୁହଁରେ ପିଟି ହେଲା, ଅଜା କିଛି ନ କହି ଚୁପ୍‌ଚାପ୍ ବସି ରହିଲେ । କିନ୍ତୁ କିଛି କହିବାକୁ ତାଙ୍କ ଭିତରେ କିଛି ଗୋଟେ ପ୍ରସ୍ତୁତି ଚାଲିଥିବା ମୁଦ୍ରାରେ ତାଙ୍କ ଛାତି ଉଠ୍‌ପଡ୍ ହେଉଥିଲା ତାଙ୍କ ଓଠ ଓ ନାକ ଥରୁଥିଲା ।

ମୁଁ ତାଙ୍କୁ ଆଶ୍ୱାସନା ଦେଇ, ରାଜନୀତି ଆଜିକାଲି ଖୁବ୍ ନିମ୍ନସ୍ତରକୁ ଗଲାଣି । ନିଜ ସ୍ୱାର୍ଥ ସାଧନ ପାଇଁ ଏ ରାଜନୀତି ଖେଳ ।

ଅଗଣି ଅଜା ପ୍ରତିବାଦ କଲେ– ଆରେ ପ୍ରଶାନ୍ତ ରାଜନୀତି କାହାକୁ କହୁଛୁ ? ଆଉ କୋଉ ଗାଆଁରେ ରାଜନୀତି ଥିଲେ ଥିବ, ଆମ ଗାଆଁରେ କିନ୍ତୁ ରାଜନୀତି ଫାଜନୀତି କିଛି ନାହିଁ ।

ମୁଁ ଆଶ୍ଚର୍ଯ୍ୟ ହେଲି– ରାଜନୀତି ନାହିଁ କେମିତି ? ମୁଁ ଦେଖିବା ଦିନୁ ଆମ ଗାଆଁ ଲୋକମାନେ ଦୁଇଟି ରାଜନୈତିକ ଦଳରେ ବିଭକ୍ତ । ପ୍ରଥମେ ଆମ ଗାଆଁରେ ଥିଲା କଂଗ୍ରେସ, ଗଣତନ୍ତ୍ର, ତା'ପରେ କଂଗ୍ରେସ, ଜନକଂଗ୍ରେସ, ତା'ପରେ କଂଗ୍ରେସ, ଉତ୍କଳ କଂଗ୍ରେସ, ତା'ପରେ କଂଗ୍ରେସ, ଜନତା ।

ଆନଂଦ ଚଂଦ୍ର ପତି

Digitized by srujanika@gmail.com

ଅଗଣି ଅଜା ମତେ ପ୍ରଶ୍ନ କଲେ– ଏବେ ଆମ ଗାଆଁରେ କେଉଁ କେଉଁ ଦଳ ଅଛନ୍ତି କହିପାରିବୁ ? ମୁଁ କହୁଛି ଶୁଣ- ଦୁଇ ଦଳଯାକ କଂଗ୍ରେସ । ତଥାପି ସେମାନେ ଏକ ନୁହଁନ୍ତି । ଆଗଠୁ ଅଧିକ ଖରାପ ସଂପର୍କ ଦୁଇ ଦଳ ମଧରେ । ବର୍ତ୍ତମାନ ଦଳେ କଂଗ୍ରେସ, ଆଉ ଦଳେ ଅସନ୍ତୁଷ୍ଟ କଂଗ୍ରେସ ।

ଗୋଟିଏ ଦଳ ହେଇଗଲେ ଉଭୟ ଦଳର ନେତାଙ୍କର ଆଉ ତାଙ୍କ ଚଣ୍ଡୀ, ଚାମଣ୍ଡାଙ୍କର କିଛି ପ୍ରତିପତ୍ତି ରହିବ ନାହିଁ । ସେମାନେ ଅଚଳ ଖପରା ହୋଇ ଏଠି ସେଠି ପଡ଼ି ରହିବେ । ସେମାନଙ୍କୁ କେହି ଖାତିର କରିବେ ନାହିଁକି ସେମାନଙ୍କ ହାତ ଚିକ୍କଣ ହେବ ନାହିଁ । ଦଳର ନୁହଁ ତାଙ୍କ ନିଜ ନିଜର ସ୍ୱାର୍ଥ ଏ ସବୁର ମୂଳ । ସେଇଥିପାଇଁ ଦଳ ଭିତରେ ଆଉ ଗୋଟେ ଦଳର ଭିଆଣ । ଯେମିତି ହେଉ ଦୁଇଟା ଦଳ ଦରକାର ।

ମୁଁ ଦେଖିଲି ଅଗଣି ଅଜାଙ୍କ ମୁହଁ ଆଗ ଅପେକ୍ଷା ଅଧିକ ଦୃଢ଼ ଦିଶୁଛି । ତାଙ୍କ କଥା ଅଧିକ ଟାଣ ହେଉଛି । ସିଏ କହିଲେ– ଶୁଣିବୁ ? ମୁଁ ହଁ ମାରିବା ମୁଦ୍ରାରେ ମୁଣ୍ଡ ହଲାଇଲି । ଅଗଣି ଅଜା ପୁରୁଣା ଦିନ କଥା କହିବାକୁ ନିଜକୁ ପ୍ରସ୍ତୁତ କରୁଥିଲେ ।

ଏକଡ଼ ସେକଡ଼କୁ ଟିକେ ଚାହିଁ କହିଲେ- ମତେ ସେତେବେଳକୁ ସତର ଅଠର ବର୍ଷ ହେଇଥାଏ । ଆମ ଗାଆଁରେ ଦୁଇଟା ଧନୀ ପରିବାର ଥିଲା । ଗୋଟେ ସାଆନ୍ତରା ଘର, ଆଉ ଆରଟା ବଳବନ୍ତରା ଘର । ମୁଁ ଏ ଦୁଇ ପରିବାରର ଧନ ଦଉଲତ ଦେଖିଛି । ଏବେ ଧାନ ଖଳାରେ ଗଉଣୀରେ ଧାନ ମପାହେବା ପରି ସେ ଦୁଇ ପରିବାରର ଟଙ୍କା ଗଉଣୀରେ ମପାଯାଉଥିଲା, ଭାରରେ ବୁହାଯାଉଥିଲା । ଯଦୁ ସାଆନ୍ତରା ଘୋଡ଼ା ଚଢୁଥିଲେ, ଶ୍ୟାମ ବଳବନ୍ତରା ପାଲିଙ୍କି ଚଢୁଥିଲେ । ଦୁଇ ପରିବାର ମଧରେ ଧନ ଆଉ ମାନର ଲଢ଼େଇ ଗାଆଁରୁ କୋର୍ଟ କଚେରି ପର୍ଯ୍ୟନ୍ତ ଲମ୍ବିଥିଲା । ଦୁଇ ପରିବାର ପଛରେ ସେମାନଙ୍କ କର୍ମଚାରୀ, ମୂଲିଆ, ଚାକିରିଆ, ଖାତକ ଆଉ ଗୋଡ଼ାଣିଆ ।

ଏ ଦୁଇ ପରିବାର ମଧରେ ପ୍ରଥମ ବଡ଼ ଧରଣର ଲଢ଼େଇ ଆରମ୍ଭ ହେଲା ନକଡ଼ି ନାୟକ ମାମଲାରୁ । ନକଡ଼ିର ସାନପୁଅ ବାହାଘର ଦୁଇବର୍ଷ ପରେ ସର୍ପାଘାତରେ ମରିଗଲା । ତା'ର ବିଧବା ସ୍ତ୍ରୀ କେତକୀ ନାଆଁରେ ତା' ଶ୍ୱଶୁର ନକଡ଼ିର ନାଆଁକୁ ଯୋଡ଼ି ନାନା ଅଶ୍ଳୀଳ କଥା ଗାଆଁରେ ଶୁଣିବାକୁ ମିଳିଲା । ଏଇ କଥାଟା ଯଦୁ ସାଆନ୍ତରାଙ୍କ କାନକୁ ଆସିଲା । ଦିନେ ସିଏ ନକଡ଼ିକୁ ତା' ବିଧବା ବୋହୂ ସହିତ ଥିବା ଆପତ୍ତିଜନକ ସଂପର୍କ ବିଷୟରେ ପଚାରିଲେ । ନକଡ଼ି ଏକଥାରେ ଦୃଢ଼ ପ୍ରତିବାଦ କଲା । ଏ ସବୁ ନିହାତି ମିଛ ଓ ମନଗଢ଼ା ବୋଲି କହିଲା ।

ଯଦୁ ସାଆନ୍ତରା କଥାଟା ନକଡ଼ିଠାରୁ ଆଦାୟ କରିବା ପାଇଁ ତା' ଗାଲକୁ ଚାପୁଡ଼ାଟାଏ ମାରି ଦେଲେ । ସାବଧାନ କରାଇ ଦେଲେ ଏମିତି ଅସଂଯତ କାମ କଲେ

Digitized by srujanika@gmail.com

ଗାଆଁରୁ ଗଳାଧକ୍କା ଦେଇ ବାହାର କରି ଦିଆଯିବ ।

ଏଇ ଘଟଣାରେ ଶ୍ୟାମ ବଳବନ୍ତରାଙ୍କୁ ଖୁବ୍ ସୁନ୍ଦର ମୌକା ମିଳିଗଲା । ସିଏ ଲୋକ ପଠାଇ ନକଡ଼ିକୁ ଟିହାଇଲେ ଯଦୁ ସାଆନ୍ତରାଙ୍କ ନାଆଁରେ ମାନହାନି ମକଦ୍ଦମା କରିବାକୁ । ନକଡ଼ି ମକଦ୍ଦମା କରିବାକୁ ରାଜି ହେଲା ନାହିଁ । କିନ୍ତୁ ଅପମାନଟା ତାକୁ ଜୋର୍‌ରେ ବାଧିଥିବାରୁ ସିଏ ଆଉ ଘରୁ ନ ବାହାରି ଘର ଭିତରେ ଦିନରାତି ଲୁଚିକି ରହିଲା । କେତକୀ ନିନ୍ଦା ଅପବାଦକୁ ଡ଼ରି ନିଜ ବାପଘରକୁ ପଳାଇଗଲା ।

ବଳବନ୍ତରା କିନ୍ତୁ ଛାଡ଼ିବା ଲୋକ ନୁହଁନ୍ତି । ଲୋକ ଲଗାଇ ନକଡ଼ି ବେକରେ ଶାବଳ ପକେଇ ରାତି ଅନ୍ଧାର ଭିତରେ ତାକୁ ମାରିଦେଲେ । ତା' ଶବଟାକୁ ଗାଆଁ ଓସ୍ତ ଗଛରେ ବେକରେ ରସି ଲଗାଇ ଓହଳାଇ ଦେଲେ । ସକାଳକୁ ଗାଆଁସାରା ପ୍ରଚାର ହେଇଗଲା ଯଦୁ ସାଆନ୍ତରାଙ୍କ ମାଡ଼ରେ ଅପମାନିତ ହୋଇ ନକଡ଼ି ଓସ୍ତ ଗଛରେ ଦଉଡ଼ି ଦେଇ ମରିଛି ।

ଯଦୁ ସାଆନ୍ତରାଙ୍କ ନାଆଁରେ ମର୍ଡ଼ର କେଶ୍ ହେଲା । ଶ୍ୟାମ ବଳବନ୍ତରା ଆଉ ତାଙ୍କ ଲୋକେ ଯଦୁ ସାଆନ୍ତରାଙ୍କ ବିରୋଧରେ ସାକ୍ଷୀ ଦେଲେ । ଏ ଘଟଣା ଆଜିକି ଅଣି ବର୍ଷ ତଳର । ସେଇଦିନଠୁ ବଳବନ୍ତରା ଆଉ ସାଆନ୍ତରା ପରିବାରର ବଳ କଷାକଷି ଚାଲିଛି ଆଜିଯାଏ । ଗାଆଁରେ ଦୁଇଟି ଦଳ । ଗୋଟେ ବଳବନ୍ତରା ଦଳ ଆରଟା ସାଆନ୍ତରା ଦଳ । ବଳବନ୍ତରାଙ୍କର ଯାହା ହଁ, ସାଆନ୍ତରାଙ୍କର ସେଟା ନା । ଗାଆଁର ଯାହା ଘରେ ସୋରିଷ ଫୁଟିଲା ତା'ର ବାସନା ପହଞ୍ଚିଲା ସାଆନ୍ତରା ଆଉ ବଳବନ୍ତରାଙ୍କ ନାକରେ । ପ୍ରତିଟି ଛୋଟ ଘଟଣାକୁ ମୋଟ କରି ଉଭୟ ଦଳ କୋର୍ଟ କଚେରୀରେ ଲଢ଼ିଲେ । ଏଇ ଲଢ଼େଇ ଚାଲିଛି ଅଣି ବର୍ଷ ହେଲା । ଯା ଭିତରେ କେବଳ ଏ ଦୁଇ ଦଳରେ ରାଜନୈତିକ ରଙ୍ଗ ଲାଗି ନାଆଁ ବଦଳି ଚାଲିଛି । କେତେବେଳେ କଂଗ୍ରେସ, ଗଣତନ୍ତ୍ର, କେତେବେଳେ କଂଗ୍ରେସ, ଜନକଂଗ୍ରେସ/କେତେବେଳେ କଂଗ୍ରେସ, ଉତ୍କଳ କଂଗ୍ରେସ/କଂଗ୍ରେସ, ଜନତା/ ଆଉ କଂଗ୍ରେସ, ଅସନ୍ତୁଷ୍ଟ କଂଗ୍ରେସ ।

ମତେ କିନ୍ତୁ ଦିଶୁଛି ତା' ମୂଳରେ ଅଛନ୍ତି ସେଇ ସାଆନ୍ତରା ଆଉ ବଳବନ୍ତରା । ଆଜିକୁ ଚାଳିଶ ବର୍ଷ ତଳେ କିନ୍ତୁ ଗୋଟେ ଆଶା ଦେଖା ଦେଇଥିଲା ବଳବନ୍ତରା ଆଉ ସାଆନ୍ତରାଙ୍କ ଦୁଇ ପରିବାର ଶତ୍ରୁତା ଭୁଲି ଏକ ହୋଇ ଯିବା ପାଇଁ । ବଳବନ୍ତରାର ସାନପୁଅ ପ୍ରଦୀପ ଆଉ ସାଆନ୍ତରାର ସାନଝିଅ ସଂଗୀତା ଦୁଇ ପରିବାରର ଶତ୍ରୁତା ବାଡ଼ ଡ଼େଇଁ ପରସ୍ପରକୁ ଭଲ ପାଇ ବସିଲେ ଆଉ ଦୁଇଦଳ, ଦୁଇ ପରିବାରଙ୍କ ପ୍ରବଳ ବିରୋଧକୁ ଖାତିର ନ କରି ମନ୍ଦିରରେ ମାଳା ବଦଳ କରି ବିବାହ କଲେ ।

ଏ ପ୍ରେମ ବିବାହ ପରେ ପ୍ରଦୀପ ସଂଗୀତାକୁ ଧରି ବଳବନ୍ତରାଙ୍କ ଘରକୁ ଗଲା । ବଳବନ୍ତରା ସେତେବେଳେ ଘରେ ନ ଥିଲେ । ତାଙ୍କ ସ୍ତ୍ରୀ ପୁଅବୋହୂଙ୍କୁ ବନ୍ଦାପନା କରି

Digitized by srujanika@gmail.com

ଘରକୁ ନେଲେ । ଗାଆଁଲୋକେ ଚୁପ୍‌ଚାପ୍ ଫୁସ୍‌ଫାସ୍ ହେଲେ- ଦୁଇ ପରିବାର ଭିତରେ ବନ୍ଧୁତାର ଗାରଟିଏ ପଡ଼ିବ ଆଉ ଧୀରେ ଧୀରେ ଦୁଇ ପରିବାର ତାଙ୍କର ପୁରୁଣା ଶତ୍ରୁତା ଭୁଲିଯିବେ ।

କିନ୍ତୁ ସେ କଥା ହେଲା ନାହିଁ । ବଳବନ୍ତରା ଓ ସାଆନ୍ତରା କିଛି ନିଷ୍ପତ୍ତି ନେବା ପୂର୍ବରୁ ଉଭୟ ଦଳର ଟାଉଟର, ଚାମଚା, କଳହଖୋର ଲୋକେ ହୁଲସ୍ଥୁଲ କଲେ । ବଳବନ୍ତରା ଓ ସାଆନ୍ତରା ସେମାନଙ୍କର ପୁରୁଣା ଶତ୍ରୁତା ଭୁଲି ଯଦି ମିଶିଯିବେ ତା'ହେଲେ ସେମାନେ କୁଆଡ଼େ ଯିବେ ? ତାଙ୍କ ଭବିଷ୍ୟତ କ'ଣ ହେବ ? ଏତେ ଦିନ ଧରି ପରସ୍ପର ବିରୋଧରେ ଲଢ଼ି ଆସିଥିବା ଲୋକମାନେ ପରସ୍ପରକୁ ବନ୍ଧୁଭାବରେ କେମିତି କୋଳେଇ ନେବେ ? ନା, ସେ କଥା ହେଇ ପାରିବ ନାହିଁ । ପୁଅ ଝିଅଙ୍କଠୁ ଦଳ ବଡ଼ । ବନ୍ଧୁତା ସବୁଦିନିଆ ନୁହଁ, ଶତ୍ରୁତା ସବୁଦିନିଆ । ବନ୍ଧୁତା ବଡ଼ ନୁହଁ, ଶତ୍ରୁତା ବଡ଼ ।

ବଳବନ୍ତରା ଓ ସାଆନ୍ତରାଙ୍କ ଶତ୍ରୁତା ବଳବତ୍ତର ରହିଲା । ଦଳ ପାଇଁ ପ୍ରଦୀପ ଓ ସଂଗୀତା ଘରୁ ତଡ଼ାଖାଇ ଗାଆଁ ଛାଡ଼ି ଆସାମ ଚାଲିଗଲେ । ସେଇ ଦିନଠୁ ସେ ଦୁହେଁ ଗାଆଁକୁ ପିଠିକରି ଯାଇଛନ୍ତି ମୁହଁ କରି ଫେରି ନାହାଁନ୍ତି ।

ମୁଁ ଅଗଣି ଅଜାଙ୍କୁ ପ୍ରଶ୍ନ କଲି- ସେଇ ଯଦୁ ସାଆନ୍ତରା କି ଶ୍ୟାମ ବଳବନ୍ତରା ତ ଏବେ ଆଉ ନାହାଁନ୍ତି । ଏ ଦୁଇ ଦଳ ଏବେ ବଞ୍ଚିଚି କେମିତି ?

ଅଗଣି ଅଜା ହସି ହସି କହିଲେ- ଏବେ ଯଦୁ ସାଆନ୍ତରା ନାହାଁନ୍ତି, ତାଙ୍କ ବଡ଼ପୁଅ ଗଙ୍ଗା ସାଆନ୍ତରା ଅଛି । ଶ୍ୟାମ ବଳବନ୍ତରା ନାହାଁନ୍ତି ତାଙ୍କ ବଡ଼ପୁଅ ପ୍ରତାପ ବଳବନ୍ତରା ଅଛି । ବାପ ହାତରୁ ଖସି ଦଳର ଲଗାମ ପଡ଼ିଚି ପୁଅ ହାତରେ । ପୁଅ ହାତରୁ ନାତି ନେବ । ଦଳ ଚାଲିଛି, ଚାଲିବ । ଦଳର ନାଆଁ ଯାହା ହେଉନା କାହିଁକି ତା' ମୂଳରେ ଅଛନ୍ତି ବଳବନ୍ତରା ଆଉ ସାଆନ୍ତରା ।

ଅଗଣି ଅଜାଙ୍କ କଥା ସରିବା ବେଳକୁ ମୋ ଚାରିକଡ଼େ ଅନେକ ଲୋକଙ୍କ କୋଳାହଳ ଶୁଣି ମୁଁ ଚମକି ପଡ଼ିଲି । ଆମ ଚାରିପଟେ ବେଢ଼ି ଠିଆ ହୋଇଛନ୍ତି ଆମ ଗାଆଁର ଅସନ୍ତୁଷ୍ଟ କଂଗ୍ରେସ ଦଳର ଲୋକମାନେ । ସେମାନଙ୍କ ଭିତରୁ ଜଣେ ଚିତ୍କାର କଲା- ଏଠି କି ପାଲା ଚାଲିଛି ପ୍ରଶାନ୍ତବାବୁ ? ତମେ ପରା ସରକାରୀ ଚାକିରି କରିଚ ? ଭୋଟ ପ୍ରଚାର କାଲିଠୁ ବନ୍ଦ ହେଲାଣି । ତମେ କିନ୍ତୁ ଏବେ ବି ପ୍ରଚାର ଚଳେଇଛ ? ଅଗଣି ଅଜା ଆମ ଦଳର ଲୋକ । ତମେ ତାଙ୍କୁ ଟଙ୍କା ପଇସା ଲାଞ୍ଚ ଦେଇ ଫୁସୁଲେଇ ଫାସ୍‌ଲେଇ ତମ ପାର୍ଟିରେ ଭୋଟ ଦେବାକୁ ମତାଉଛ ! ଛି, ଛି, ତମେ ପରା ଶିକ୍ଷିତ ଲୋକ । ତମର ଏଇ ବୁଦ୍ଧି ? ସାହସ ଅଛି ଯଦି ବାହାରି ଆସ ଆମ ସାମନାକୁ । ମୁଣ୍ଡଟା ଗଣ୍ଡିରୁ ଛିଣ୍ଡେଇ ଦବୁ ।

ଅସନ୍ତୁଷ୍ଟ କଂଗ୍ରେସ ଦଳରୁ ଜୟ ମହାନ୍ତି ମୋ ବିରୋଧରେ ଏମିତି ଗର୍ଜୁଥିବା

Digitized by srujanika@gmail.com

ବେଳେ ମୁଁ ଅଗଣି ଅଜାଙ୍କ ପାଖରେ ବୋକା ହୋଇ ଠିଆ ହୋଇଥାଏ । କିଛି ଦୂରରେ ଆଉ କିଛି ଲୋକଙ୍କର ପାଟି ଶୁଭିଲା । ସେମାନଙ୍କ ମଧ୍ୟରୁ ଜଣେ କିଏ ଚିତ୍କାର କରୁଥାଏ– ଦେଖିବା କିଏ ପ୍ରଶାନ୍ତ ବାବୁଙ୍କ ଦିହରେ ଟିପ ଛୁଇଁବ ? ଯିଏ ଛୁଇଁବ ତା' ବେକଟା ସେଇଠି ରହିବ । କାହାର ସାହସ ଅଛି, କାହା ମାଆ ଏତେ ଦୁଧ ପେଇଚି ସିଏ ଆମ ସାମନାକୁ ଆସୁ ।

ଦୁଇ ଦଳଙ୍କ ଭିତରେ ଲଢ଼େଇ ଆରମ୍ଭ ହୋଇଗଲା । ହାତାହାତି, ଧରାଧରି, ମରାମରି, ଠେଙ୍ଗା, ପଥର, ଛୁରା ଆଉ ଭୁଜାଲି, ବର୍ଚ୍ଛା ଚାଲିଲା । ପର ଆପଣା, ଶତ୍ରୁ ମିତ୍ର ବାଛବିଚାର ରହିଲା ନାହିଁ । କୁହାଟ, ଗର୍ଜନ ତର୍ଜନରେ ଗାଆଁ ପରିବେଶ ବିଦୀର୍ଣ୍ଣ ହୋଇଗଲା ।

ମୁଁ ଗଣ୍ଡଗୋଳ ଭିତରକୁ ପଶୁଥିଲି ପ୍ରକୃତ କଥାଟା ପ୍ରକାଶ କରି ଗୋଳମାଳଟାକୁ ଆୟତ୍ତ କରିବା ପାଇଁ, କିନ୍ତୁ ଅଗଣି ଅଜା ମତେ ପଛରୁ ଭିଡ଼ି ଧରି ଆକଟ କଲେ– ନା ପ୍ରଶାନ୍ତ ତୁ ସେ ଗୋଳଯୁଦ୍ଧ ଭିତରକୁ ପଶ୍‌ନା । ସେମାନେ ଖଣ୍ଡିଆ ଖାବରା ନ ହେବା ପର୍ଯ୍ୟନ୍ତ ଥୟ ହେବେ ନାହିଁ । ସେମାନେ ରକ୍ତମୁଖା ହେଇଚନ୍ତି, ଯିଏ ଆଗରେ ପଡ଼ିବ ତାକୁ ହାଣି ପକେଇବେ । ଭୁଲ୍ ଠିକ୍, କି ଭଲମନ୍ଦ ବାରିବା ଅବସ୍ଥାରେ ସେମାନେ ନାହାଁନ୍ତି । ସେମାନେ ହୋସ୍‌ରେ ନାହାଁନ୍ତି । ତୁ ସେମାନଙ୍କ ଆଗକୁ ଯାଆନା । ହାଣ ଖାଇବୁ ।

ମୁଁ ପ୍ରଶ୍ନ କଲି- ତା' ବୋଲି ସେମାନେ ଭୁଲ କଥା ଉପରେ ଅଯଥାରେ ଲଢ଼ିବେ ଆଉ ମୁଁ ଏମିତି ଠିଆ ହୋଇ ଦେଖିବି ?

ଅଗଣି ଅଜା କହିଲେ- ମୁଁ ଧୃତରାଷ୍ଟ୍ରଙ୍କ ମନ୍ତ୍ରୀ ସଂଜୟ ପରି ଏଇଠି ବସି ଆମ ଗାଆଁବାଲାଙ୍କ ଲଢ଼େଇ ଏତେ ଦିନ ହେଲା ଦେଖୁଚି । ଏମାନଙ୍କ ଲଢ଼େଇ ସବୁବେଳେ ଭୁଲ୍ କଥା ଉପରେ ହିଁ ହୋଇଥାଏ । ଏମାନଙ୍କ ଲଢ଼େଇ ସବୁବେଳେ ଅଯଥା । ପରସ୍ପର ବିରୋଧରେ ଲଢ଼ି ଏମାନଙ୍କର ସମସ୍ତ ଶକ୍ତି ଅଯଥାରେ ଉଜାଡ଼ି ଦିଅନ୍ତି ।

ମୁଁ ସେଇଠି ଠିଆ ଠିଆ ଦେଖୁଥିଲି ଦୁଇଟି ଦଳର ମଣିଷ ପଶୁ ପାଲଟି ନିଜ ନିଜ ମଧ୍ୟରେ ମରାମରି, ହଣାହଣି ହୋଇ ଲହୁଲୁହାଣ ହେଉଛନ୍ତି ।

ସେଇ ଲଢ଼େଇ ଦୃଶ୍ୟର ସଂଖ୍ୟା ମୋ ଆଖିରେ ବହୁ ଗୁଣିତ ହୋଇଯାଉଥିଲା । ମୁଁ ଦେଖିଲି ଭାରତ ମାନଚିତ୍ର ଉପରେ ପ୍ରତି ଗାଆଁର ଲୋକେ ଦୁଇଦଳ ହୋଇ ଦୁର୍ବାର ସଂଘର୍ଷରେ ମାତିଛନ୍ତି ।

□□

ଆନନ୍ଦ ଚନ୍ଦ୍ର ପହି

Digitized by srujanika@gmail.com

ଅଭିନୟ

କଲିଂ ବେଲ୍ ବାଜିଲା ।

ଗଗନ କହିଲେ– ମାସର ଶେଷ ସପ୍ତାହ । ଏ ସମୟରେ କିଏ ଆସିଲା ? ସରସ୍ୱତୀପୂଜା ଚାନ୍ଦା ପାଇଁ କ୍ଲବ ପିଲାମାନେ ଆସିଚନ୍ତି ବୋଧହୁଏ । ଭୁବନେଶ୍ୱରରେ ଆଜିକାଲି ଗଣେଶ ପୂଜା, ସରସ୍ୱତୀ ପୂଜା ସଂଖ୍ୟା ବହୁତ ବଢ଼ିଗଲାଣି । ଶିକ୍ଷିତ ବେକାରମାନଙ୍କର ଇଏ ଗୋଟେ ଆୟ ପନ୍ଥା । ବର୍ଷରେ ଦୁଇ ଦୁଇଥର କିଛି କିଛି ଆଦାୟ କରି ଫୂର୍ତ୍ତି କରିବାର ଫନ୍ଦି । ସୁନୀତା ! ତମେ ଯା, କବାଟ ଖୋଲ । ମୁଁ ନାହିଁ ବୋଲି କହିବ ।

ସୁନୀତା କବାଟ ଖୋଲିଲେ । କ୍ଲବ ପିଲା ନୁହଁନ୍ତି । ମଫସଲି ସ୍ତ୍ରୀ ଲୋକଟିଏ ଠିଆ ହୋଇଛି । ବୟସ ତିରିଶ ଏପଟେ । ସୁନ୍ଦର ରୂପ । କିନ୍ତୁ ସ୍ୱାସ୍ଥ୍ୟ ଭାଙ୍ଗି ଯାଇଛି ।

ଆଜିକାଲି ସ୍ତ୍ରୀଲୋକମାନେ ବିଭିନ୍ନ ଅଭିନୟ କରି ଭିକ୍ଷା କରୁଛନ୍ତି । କିଏ କହୁଛି ମୋ ସ୍ୱାମୀଙ୍କର ଓପନ୍ ହାର୍ଟ ସର୍ଜରୀ ହେବ । କିଏ କହୁଛି ଦୁର୍ଘଟଣାରେ ମୋ ପୁଅର ମୁଣ୍ଡ ଫାଟି ଯାଇଛି । ତା'ର ଦି' ଦିନ ହେଲା ହୋସ୍ ନାହିଁ । କଟକ ବଡ଼ ଡାକ୍ତରଖାନାରେ ତା' ମୁଣ୍ଡ ଅପରେସନ୍ ହବ । ଆଉ କିଏ ପୁଅ ବ୍ରତଘର, କିଏ ଝିଅ ବାହାଘର ପାଇଁ ଭିକ୍ଷା କରୁଛି, ଘର ଘର ବୁଲି, କଲିଂ ବେଲ୍ ବଜାଇ ।

କିନ୍ତୁ ସ୍ତ୍ରୀ ଲୋକଟି କିଛି ନ କହି ସୁନୀତାଙ୍କ ମୁହଁକୁ କଟମଟ୍ ଚାହିଁ ଚୁପ୍‌ଚାପ୍ ଠିଆ ହୋଇ ରହିଲା । ସୁନୀତା କବାଟ ବନ୍ଦ କରି ଦେବାକୁ ଗଲାବେଳେ ସ୍ତ୍ରୀ ଲୋକଟି ପଚାରିଲା- ଏଇଟା ଗଗନ ଘଡେଇଙ୍କ ଘର ? ଦେବୀ ପ୍ରସାଦ ଗାଆଁର...

ସୁନୀତା ଆଶ୍ଚର୍ଯ୍ୟ ହୋଇ ସ୍ତ୍ରୀ ଲୋକଟିକୁ ପଢ଼ିବା ଦୃଷ୍ଟିରେ ଚାହିଁ ପଚାରିଲେ- ହଁ । କିନ୍ତୁ ତୁମେ ?

ଆନନ୍ଦ ଚନ୍ଦ୍ର ପହି

Digitized by srujanika@gmail.com

ସ୍ତ୍ରୀ ଲୋକଟିର ମନରେ ଦମ୍ଭ ଫେରି ଆସିଲା । ସେ କହିଲା- ମୁଁ ଦେବୀ ପ୍ରସାଦ ଗାଆଁ ଝିଅ, ରତନୀ ।

ରତନୀର କଣ୍ଠ ଶୁଣି ଗଗନବାବୁ କବାଟ ପର୍ଯ୍ୟନ୍ତ ଚାଲିଯାଇଥିଲେ । ରତନୀ ଭୂଇଁରେ ମୁଣ୍ଡ ଲଗାଇ ଗଗନବାବୁଙ୍କୁ ଓ ସୁନୀତାଙ୍କୁ ପ୍ରଣାମ କଲା ।

ଗଗନବାବୁ ରତନୀର ମୁହଁକୁ ଚାହିଁଲେ । ଏ ରତନୀ ତା' ଯୌବନ ବେଳେ ଖୁବ୍ ସୁନ୍ଦରୀ ଥିଲା । କିନ୍ତୁ କ'ଣ ପାଇଁ ତା' ଚେହେରା ଆଜି ଏମିତି ହେଇଛି ? ରତନୀର ମୁହଁ ଭିତର ଦେଇ ବହୁତ ଦିନ ତଳର ଚିତ୍ରଟିଏ ଓହ୍ଲାଇ ଆସୁଥିଲା ଗଗନବାବୁଙ୍କ ଆଖି ସାମନାକୁ । ତାଙ୍କ ଗାଆଁରେ ପ୍ରତିବର୍ଷ କୁଆଁର ପୂନେଇଁ ବେଳକୁ ତିନିରାତି ଅପେରା ହୁଏ । ତାଙ୍କ ଗାଆଁର ଲୋକସଂଖ୍ୟା ଏଇ ସମୟରେ ତିନି ଚାରି ଗୁଣ ବଢ଼ିଯାଏ । ପାଖଆଖ ଗାଆଁରୁ ସବୁଲୋକ, ଦୂର, ପାଖ ସବୁ ବନ୍ଧୁବାନ୍ଧବ ଆସନ୍ତି । ଦଶହରା ଛୁଟିଯୋଗୁ ସ୍କୁଲ କଲେଜ, କଚେରି, ଅଫିସ ସବୁ ବନ୍ଦ ଥାଏ । ଯିଏ ଯେଉଁଠି ଥାଉନା କାହିଁକି ସମସ୍ତେ ଏକାଠି ହୁଅନ୍ତି ଏଇ କୁମାରପୂର୍ଣ୍ଣିମାକୁ ।

କୁମାରପୂର୍ଣ୍ଣିମା ରାତିର କଇଁଫୁଲିଆ ଜହ୍ନ, ଶରତ ଋତୁର ନିର୍ମଳ ଆକାଶ ଆଉ ପରିମଳ ପରିବେଶ ମନରେ ରୋମାଞ୍ଚ ଆଣେ । ସଂଜ ପହରେ ଗାଆଁ ଝିଅଙ୍କ ପୁଚି ଆଉ ଲୁଚକାଳି ଖେଳ, କୁଆଁର ପୂନେଇଁ ଆଉ ଜହ୍ନିଓଷା ଗୀତ ଗାଆଁ ଚିତ୍ରକୁ ରଙ୍ଗିନ୍ କରାଏ ।

ଗାଆଁ ପିଲାମାନେ ଅପେରା ମଞ୍ଚ ପାଖରେ ସଂଜ ପହରୁ ଅଖା, ପାଲ, ସପ, ମସିଣା, ପକାଇ ଜାଗା ଅଧିକାର କରି ବସନ୍ତି । କିଏ କାହା ଜାଗା ଜବର ଦଖଲ କରିବା ସଂପର୍କୀୟ କଳିଗୋଳ ଓ ସେମାନଙ୍କ ଭିତରେ ବୁଝାମଣା ଚାଲିଥାଏ ସଂଜ ପହରୁ ରାତି ଏଗାରଟା, ସାଢ଼େ ଏଗାରଟା ପର୍ଯ୍ୟନ୍ତ । ଅପେରାର କନ୍‌ସର୍ଟ ବାଜିବା ପରେ ତାଙ୍କର କେଁ କଟର, ଗହଳ ଚହଳ ବନ୍ଦ ହୁଏ । ଅପେରା ଆରମ୍ଭ ହୁଏ ରାତି ବାରଟାରେ ।

ପ୍ରତି ବର୍ଷ କୁଆଁର ପୂନେଇଁକି ଗଗନବାବୁ ଗାଆଁକୁ ଯାଆନ୍ତି । ସେ ବର୍ଷ କୁଆଁର ପୂନେଇଁର ଶେଷ ରାତି ଥିଲା । ଅପେରା କରୁଥିଲେ ଜଗଦ୍ଧାତ୍ରୀ ଦଳ । ଭଲ ଯାତ୍ରା ପାର୍ଟି ବୋଲି ସେଇ ଗୋଟିଏ ଦଳ ସେଇ ମଞ୍ଚକୁ ଆସିଲାଣି ଲାଗ ଲାଗ ସାତ ଥର । ଜଗଦ୍ଧାତ୍ରୀ ଅପେରାର ସବୁ କଳାକାର ଦେବୀପ୍ରସାଦ ଗାଆଁର ପ୍ରତି ଘରେ ପରିଚିତ ହୋଇ ଯାଇଥିଲେ । ପ୍ରତିବର୍ଷ କୁମାରପୂର୍ଣ୍ଣିମା ଯାତ୍ରା ପରେ ଜଗଦ୍ଧାତ୍ରୀ ଦଳର ଅଭିନେତାମାନଙ୍କ ସଂପର୍କରେ ଗାଆଁ ଲୋକଙ୍କ ଭିତରେ ଆଲୋଚନା ଚାଲେ ମାସେ, ଦୁଇମାସ । ଅପେରା ଗୀତ, ସଂଳାପକୁ ଗୁଣୁଗୁଣୁ ହୁଅନ୍ତି ଗାଆଁ ଲୋକ । ଗାଆଁ ପିଲାଏ କାଠ ଖଣ୍ଡା ଧରି ଯୁଦ୍ଧ କରନ୍ତି ।

ସେତେବେଳେ ଅପେରା ଦଳମାନେ ପୌରାଣିକ, ଐତିହାସିକ ନାଟକ ମଞ୍ଚସ୍ଥ

Digitized by srujanika@gmail.com

କରୁଥିଲେ ବେଶି, ସାମାଜିକ ନାଟକ କାଆଁ ଭାଆଁ । ନାଟକରେ ପୁଅମାନେ ଝିଅ ଭୂମିକାରେ ଅଭିନୟ କରୁଥିଲେ । ସେ ଦିନର ନାଟକ ଥିଲା 'ସଂଯୁକ୍ତା ସ୍ୱୟମ୍ବର' । ଆରମ୍ଭରୁ ନାଟକଟି ଖୁବ୍ ଚମତ୍କାର ଲାଗୁଥିଲା । ପୃଥ୍ୱୀରାଜର ଅଭିନୟ ସମସ୍ତଙ୍କୁ ମୁଗ୍ଧ କରିଥିଲା । ଯାତ୍ରା ଖୁବ୍ ଜମି ଯାଇଥିଲା ।

ସ୍ୱୟମ୍ବର ଆରମ୍ଭ ହେଲା । ସଂଯୁକ୍ତା ବରଣମାଳା ଧରି ନିମନ୍ତ୍ରିତ ରାଜାମାନଙ୍କ ପାଖକୁ ଗଲେ । କିନ୍ତୁ କାହାରି ବେକରେ ବରଣମାଳା ନ ଦେଇ ସ୍ୱୟମ୍ବର ସଭାର ଦ୍ୱାର ଦେଶରେ ଦ୍ୱାରପାଳ ଭାବରେ ରଖାଯାଇଥିବା ପୃଥ୍ୱୀରାଜଙ୍କ ପ୍ରତିମୂର୍ତ୍ତି ପାଖରେ ଠିଆ ହେଲେ । ଉତ୍‌କଣ୍ଠିତ ହୋଇ ବାରମ୍ବାର ଚାହୁଁଥାନ୍ତି ପୃଥ୍ୱୀରାଜଙ୍କ ଆସିବା ବାଟକୁ । ସିଏ ପ୍ରତିମୂର୍ତ୍ତି ଗଳାରେ ବରଣମାଳା ଦେବା ସଂଗେ ସଂଗେ ପୃଥ୍ୱୀରାଜ ଆସି ତାଙ୍କୁ ଘୋଡ଼ାରେ ବସାଇ ନେଇଯିବା କଥା । କିନ୍ତୁ ପୃଥ୍ୱୀରାଜ ଏତେ ବିଳମ୍ବ କରୁଛନ୍ତି କାହିଁକି ? ସଂଯୁକ୍ତା ପୃଥ୍ୱୀରାଜର ପ୍ରତିମୂର୍ତ୍ତି ପାଖରେ ଠିଆ ହୋଇ ଗ୍ରୀନ୍‌ରୁମ୍ ଆଡ଼କୁ ଚାହିଁଲେ । ପୃଥ୍ୱୀରାଜଙ୍କର ଦେଖା ନାହିଁ । ସଂଯୁକ୍ତା ଆଉ ଅଧିକ ସମୟ ଅପେକ୍ଷା ନ କରି ପୃଥ୍ୱୀରାଜଙ୍କ ପ୍ରତିମୂର୍ତ୍ତିରେ ବରଣମାଳା ଲମ୍ବାଇ ଦେଲେ । ତଥାପି ପୃଥ୍ୱୀରାଜ ଆସୁ ନାହାଁନ୍ତି । ସମସ୍ତେ ବିସ୍ମିତ ।

ମଞ୍ଚ ଉପରେ ଥିବା ସମସ୍ତ କଳାକାର ଉତ୍‌କଣ୍ଠିତ ହୋଇ ପୃଥ୍ୱୀରାଜର ଆସିବା ବାଟକୁ ଚାହିଁ ରହିଲେ । ପୃଥ୍ୱୀରାଜ ଆସି ସଂଯୁକ୍ତାକୁ ଅପହରଣ କଲେ ସେମାନେ ତା'ର ଅନୁଧାବନ କରିବେ । ପୃଥ୍ୱୀରାଜ ସଂଯୁକ୍ତାକୁ ଅପହରଣ ନ କଲେ ନାଟକ ଏଇଠୁ ଆଗେଇ ପାରିବ ନାହିଁ । ସମସ୍ତ କଳାକାର ସ୍ଥାଣୁ ହୋଇ ମଞ୍ଚ ଉପରେ ଠିଆ ହୋଇ ରହିଲେ । ଦର୍ଶକମାନେ ଅତିଷ୍ଠ ହୋଇ ଚିତ୍କାର କଲେ - ପୃଥ୍ୱୀରାଜ କୁଆଡେ ଗଲେ ? ପୃଥ୍ୱୀରାଜ କ'ଣ ଗାଧୋଇ ଯାଇଚି ନା ଚା' ପିଉଚି ?

କନ୍‌ସର୍ଟ ପାର୍ଟି ପାଖରୁ ଜଣେ ଅପେରା ଲୋକ ଉଠିଗଲା ଗ୍ରୀନ୍‌ରୁମ୍‌କୁ । ଅଳ୍ପ ସମୟ ଭିତରେ ଫେରିଆସି ଅପେରାର ମ୍ୟାନେଜରଙ୍କ କାନରେ କ'ଣ କହିଲା । ମ୍ୟାନେଜର ଗ୍ରୀନ୍‌ରୁମ୍‌କୁ ଗଲେ ।

ଦର୍ଶକମାନେ ପାଟିତୁଣ୍ଡ କଲେ । ମଞ୍ଚ ଉପରକୁ କାଗଜ ପୁଡ଼ିଆ, ଛୋଟ ଛୋଟ ଗୋଡ଼ି, କଦଳୀ ଚୋପା, ଖଣ୍ଡିଆ ସିଗାରେଟ୍, ଖଣ୍ଡିଆ ବିଡ଼ି, ଛିଣ୍ଡା ଚପଲ ଇତ୍ୟାଦି ପଡ଼ିଲା । ମଞ୍ଚ ଉପରେ ଥିବା କଳାକାରମାନେ ଗ୍ରୀନ୍‌ରୁମ୍‌କୁ ଫେରିଯିବାକୁ ବାଧ ହେଲେ ।

ଅପେରାର ମ୍ୟାନେଜର ମଞ୍ଚ ଉପରକୁ ଆସି ମାଇକରେ ଘୋଷଣା କଲେ- ଦୁଃଖର ସହିତ ମୁଁ ଜଣାଇବାକୁ ବାଧ ହେଉଛି ଯେ ପୃଥ୍ୱୀରାଜ ଭୂମିକାରେ ଅଭିନୟ କରୁଥିବା ଆମର ବିଶିଷ୍ଟ କଳାକାର ନାରାୟଣ ଚନ୍ଦ୍ର ଦାସ ହଠାତ୍ ନିଖୋଜ ହୋଇ

Digitized by srujanika@gmail.com

ଯାଇଛନ୍ତି । ତେଣୁ ଆଜି ଆମେ ନାଟକ ପ୍ରଦର୍ଶନ କରିବାକୁ ଅକ୍ଷମ ।

ଲୋକମାନେ କିନ୍ତୁ ମ୍ୟାନେଜରଙ୍କ କଥା ଶୁଣିବାକୁ ପ୍ରସ୍ତୁତ ନଥିଲେ । ରାତି ଦୁଇଟାରେ ସେମାନେ ଯିବେ କୁଆଡ଼େ ? ସେଠି ଯେତେ ଲୋକ ଯାତ୍ରା ଦେଖୁଥିଲେ ସମସ୍ତେ ସେଇ ଗାଆଁର ଲୋକ ନୁହଁନ୍ତି । ଅନେକ ଲୋକ ପାଖଆଖ ଗାଆଁମାନଙ୍କରୁ ଆସିଥିଲେ । ଯେମିତି ବି ହେଉ କିଛି ଅଭିନୟ ଦେଖାଇବାକୁ ପଡ଼ିବ ବୋଲି ଦର୍ଶକମାନେ ବାଧ କଲେ ।

ଅପେରାବାଲା ବାଧ ହୋଇ ରାତି ସାରା ଡ୍ୟାନ୍ସ, ଡୁଏଟ୍ ଦେଖାଇ ଲୋକମାନଙ୍କ ମନୋରଂଜନ କଲେ ।

ତା' ପରଦିନ ସକାଳୁ ଶୁଣାଗଲା ନିଧି ମହାପାତ୍ରଙ୍କ ଝିଅ ରତନୀର ଖୋଜ ଖବର ନାହିଁ । ସମସ୍ତେ ସନ୍ଦେହ କଲେ ଅପେରାର ପୃଥ୍ୱୀରାଜ ଭୂମିକାରେ ଅଭିନୟ କରୁଥିବା କଳାକାର ନାରାୟଣ ଦାସ ରତନୀକୁ ନେଇ ପଳେଇଛି । ସନ୍ଧ୍ୟାବେଳକୁ ଦେବୀପ୍ରସାଦ ଗାଆଁରେ ରାଷ୍ଟ୍ର ହୋଇଗଲା- ନାରାୟଣ ଆଉ ରତନୀ ଦୁହେଁ କଟକ କଚେରୀରେ ରେଜେଷ୍ଟ୍ରି ମ୍ୟାରେଜ କରି ସାରିଲେଣି । ନିଧି ମହାପାତ୍ର ଆଉ ତାଙ୍କ ପୁଅ ଅର୍ଜୁନ, ନାରାୟଣ ଦାସର ଗାଆଁ ଆଉ କଟକ ଯାଇ ଫେରିଆସିଲେ । ନାରାୟଣ ଓ ରତନୀ ବାହାଘର ପରେ କଲିକତା ପଳେଇଚନ୍ତି ।

ରତନୀ ନାରାୟଣ ଦାସ ସାଙ୍ଗରେ ପଳେଇ ଯିବା ସାତ ଆଠ ବର୍ଷ ହେଲାଣି । ସୁନୀତା ଚା' ଦୁଇକପ ଆଣି ଦେଖିଲେ ରତନୀ ଚୁପ୍‌ଚାପ୍ ବସିଛି । ଗଗନବାବୁ ତାକୁ ଚାହିଁ କ'ଣ ଭାବୁଚନ୍ତି । ଚା କପ୍ ଥୋଇବା ଶବ୍ଦରେ ଗଗନବାବୁ ପ୍ରକୃତିସ୍ଥ ହେଲେ ।

ରତନୀ ଚା ପିଏ ନାହିଁ ବୋଲି ମନା କଲା । କହିଲା- ଗଗନ ଭାଇ । ମୁଁ ତମ ପାଖକୁ ଗୋଟେ ନିହାତି ଜରୁରୀ କାମରେ ଆସିଥିଲି ।

କି ପ୍ରକାର ସାହାଯ୍ୟ ପାଇଁ ରତନୀ ଆସିଛି ? ତା' ସ୍ୱାମୀ ନାରାୟଣ ଦାସ ପାଇଁ କିଛି ଗୋଟେ ଚାକିରି ? ନା ତା' ସ୍ୱାମୀର ଦେହ ପା' କିଛି ଖରାପ ଅଛି ?

ରତନୀ ମୁହଁରେ ଅନେକ ଦୁଃଖ । କହିଲା- ତମେ ଟିକେ ମୋ ସାଙ୍ଗରେ ଯିବ ଗଗନ ଭାଇ ।

ଗଗନବାବୁ କହିଲେ– ରତନୀର ସ୍ୱାମୀ କ'ଣ କୌଣସି ଅପରାଧ କରି ଭୁବନେଶ୍ୱରରେ କୌଣସି ଥାନାରେ ଅଟକ ଅଛି ? ସେ ଯାହା ହେଲେ ବି ସିଏ ଥାନା ଫାନାକୁ ଯାଇ ପାରିବେ ନାହିଁ । ଥାନାକୁ ତାଙ୍କର ଭାରି ଭୟ । ସେପରି କୌଣସି ଅପ୍ରୀତିକର ସ୍ଥାନକୁ ଯିବାର ଦୁର୍ଯୋଗ ତାଙ୍କ ଭାଗ୍ୟରେ ଏ ପର୍ଯ୍ୟନ୍ତ ପଡ଼ି ନାହିଁ ।

ରତନୀ ସେତେବେଳକୁ ବସି ବସି ଭୂଇଁରେ ଗାର କାଟୁଥିଲା । କଥାଟା କେମିତି ଆରମ୍ଭ କରିବ ସେଥିପାଇଁ ନିଜକୁ ପସ୍ତୁତ କରୁଥିଲା । ମୁହଁ ଉଠାଇ ଗଗନକୁ ଚାହିଁ

Digitized by srujanika@gmail.com

କହିଲା– ମୋ ଜୀବନରେ ଏମିତି ଗୋଟେ ଦୁର୍ଯ୍ୟୋଗ ଆସିବ ବୋଲି ମୁଁ କେବେ ଭାବି ନ ଥିଲି ।

ଗଗନବାବୁ ଚମକି ପଡ଼ିଲେ । କି ଦୁର୍ଯ୍ୟୋଗର ସମ୍ମୁଖୀନ ରତନୀ ? ସେ ଦୁର୍ଯ୍ୟୋଗରୁ ରକ୍ଷା ପାଇବା ପାଇଁ ସିଏ ବା କି ସାହାଯ୍ୟ କରିପାରିବେ ?

ରତନୀ କଣ୍ଠରେ ଅନୁନୟ– ତୁମେ କିନ୍ତୁ ମୋତେ ସାହାଯ୍ୟ କରିବ ବୋଲି କଥା ଦେଲେ ମୁଁ କହିବି ।

ଗଗନବାବୁ ଏଥର ଆହୁରି ଭୟ ପାଇଗଲେ । ଆଶଙ୍କା ନିଆଁରେ ତାଙ୍କ ମୁହଁଟା ବିବର୍ଣ୍ଣ ଦିଶିଲା । କି ସାହାଯ୍ୟ ମାଗିବ ରତନୀ ? ଟଙ୍କା ପଇସା ସାହାଯ୍ୟ ମାଗିବା କଥା ହେଲେ ସିଏ ସଫା ସଫା ମନା କରିଦେବେ । ପ୍ରତିଦିନ କିଏ ନା କିଏ ଆସି ପହଞ୍ଚୁଛି । ତା' ଖାଇବା, ରହିବା କଥା ବୁଝି ତା'ର ଭୁବନେଶ୍ୱରରେ ଯାହା କାମ ଅଛି ତାକୁ ତୁଲାଇ ବିଦା ନ କରୁଣୁ ଆଉ ଜଣେ ଆସି ପହଞ୍ଚି ଯାଉଚି । ଏମିତି ଅବସ୍ଥାରେ ମାସ ଶେଷରେ ପୁଣି ଟଙ୍କା ପଇସା ଧାର ଦେବା କଥା ମୋଟେ ସମ୍ଭବ ନୁହେଁ । ରତନୀକୁ କଥା ଦେବା ଆଗରୁ କଥାଟା କ'ଣ ତାଠୁ ବୁଝି ନେବାକୁ ହେବ ।

ଗଗନବାବୁ ରତନୀକୁ ପଚାରିଲେ– କଥାଟା କ'ଣ ଖୋଲିକି କହ । କଥାଟା କ'ଣ ଶୁଣିଲେ ମୁଁ ଯାହା କହିବି ।

ରତନୀ କହିଲା– ମୁଁ ତମକୁ ସେମିତି କିଛି ବଡ଼ ଧରଣର ହଇରାଣରେ ପକେଇବି ନାହିଁ କି ତମକୁ କିଛି ଖର୍ଚ୍ଚାନ୍ତ କରେଇବି ନାହିଁ । ମୋ ପାଇଁ ତୁମର କେବଳ କିଛି ସମୟ ଖର୍ଚ୍ଚ ହେବ ।

ଗଗନବାବୁ କାନ୍ଥ ଘଣ୍ଟାକୁ ଚାହିଁଲେ । ଅପରାହ୍ନ ତିନିଟା ବାଜିଲାଣି । ଗାଆଁ ଝିଅଟା/ଲେଖାଯୋଖାରେ ଭଉଣୀ ହେବ । ଆଜି ରବିବାର । ରତନୀ ପାଇଁ ଘଣ୍ଟେ ଦୁଇଘଣ୍ଟା ସମୟ ଖର୍ଚ୍ଚ କରିବାରେ ଆପତ୍ତି ନାହିଁ ।

ସୁନୀତା ରତନୀକୁ ଚାହିଁ ପଚାରିଲେ– ତମେ କହୁନ କ'ଣ କାମ ଅଛି ?

ତଥାପି କିଛି ନ କହି ରତନୀ ଚୁପ୍ ରହିଲା । ହୁଏତ କହିବାକୁ ରତନୀ ନିଜକୁ ପ୍ରସ୍ତୁତ କରୁଥିଲା ।

ଗଗନବାବୁ ପଚାରିଲେ– ଆଚ୍ଛା, ରତନୀ ! ତୋ ବର କୁଆଡ଼େ ଗଲେ ? ତୁ ଏକା ଏକା କେମିତି ଆସିଲୁ ? ସିଏ ଏବେ ବି ଯାତ୍ରା ଦଳରେ କାମ କରୁଚନ୍ତି ନା ଛାଡ଼ି ସାରିଲେଣି ?

ରତନୀ ହଠାତ୍ କାନ୍ଦି ପକାଇଲା– ସେଇଟା ମୋର ଦୁଃଖ ଗଗନ ଭାଇ ! ତାଙ୍କରି ଯୋଗୁଁ ଆଜି ମୋର ଏ ଅବସ୍ଥା । ତମେ ତ ଜାଣିଚ ବାପା, ମାଆ, ଭାଇ, ଘର ଗାଆଁ ସବୁ ଛାଡ଼ି ମୁଁ ରାତି ରାତି ତାଙ୍କ ସାଙ୍ଗେ ପଳେଇଥିଲି । ଅପେରାରେ ରାଜା ଅଭିନୟ

Digitized by srujanika@gmail.com

କରୁଥିବା ଲୋକକୁ ମୁଁ ସତ ରାଜା ବୋଲି ଭାବୁଥିଲି । କିନ୍ତୁ ତାଙ୍କ ଘରେ ପହଞ୍ଚି ଦେଖିଲି ସେମାନେ ଆମଠୁ ଆହୁରି ଗରିବ । ଭଙ୍ଗା ମାଟି ଘର । ବିଲ ବାଡ଼ି ଜମା ନାହିଁ । ଘରେ ବୁଢ଼ାବାପା, ବୁଢ଼ୀମାଆ । ସିଏ ବର୍ଷକୁ ଆଠ ମାସ ଅପେରାକୁ ଯାଆନ୍ତି ଆଉ ବର୍ଷା ଚାରିମାସ ଘରେ ବସନ୍ତି । ଆଠ ମାସର ରୋଜଗାରରେ ବର୍ଷକ ଚଳିବା ଭାରି କଷ୍ଟ । ତଥାପି ମୁଁ କଷ୍ଟେ ମଷ୍ଟେ ଚଳେଇ ନେଉଥିଲି ।

ଦିନେ ସିଏ ଅତ୍ୟନ୍ତ ଖୁସି ହୋଇ ମତେ କହିଲେ– ଆଉ ଆମକୁ ବର୍ଷା ଚାରିମାସ ବସିବାକୁ ପଡ଼ିବ ନାହିଁ । ମାଲିକ ଏଥର ଆମକୁ ବାରମାସର ଦରମା ଦେବ । ଅପେରାକୁ ଏଣିକି ଅଭିନେତ୍ରୀ ଭୂମିକାରେ ଅଭିନୟ କରିବା ପାଇଁ ଝିଅମାନେ ଆଗେଇ ଆସିଲେଣି । ନୂଆ ନୂଆ ଟେକ୍‌ନିକ୍ ପଶି ଅପେରା ଏବେ ସିନେମାକୁ ବଳି ଗଲାଣି । ଏଣିକି କେବଳ ଜୁଲାଇ, ଅଗଷ୍ଟ ଦୁଇ ମାସକୁ ଛାଡ଼ି ସବୁଦିନ ଅପେରା ଚାଲିବ । ଯୋଉ ଦୁଇମାସ ଅପେରା ନ ହେବ ସେଇ ସମୟରେ ଆମେ ନୂଆ ନୂଆ ନାଟକ ରିହର୍ସାଲ୍ କରିବୁ ।

ମୁଁ ଏକଥା ଶୁଣି ଖୁସି ହେଲି । କିନ୍ତୁ ସେଇଦିନଠୁ ସିଏ ଘର ଛାଡ଼ି ଗଲେ ଯେ ଆଉ ଘରକୁ ଫେରିଲେ ନାହିଁ । କେବେ କେମିତି ମନ ହେଲେ ବର୍ଷରେ ଗୋଟିଏ ଦିନ ଆସନ୍ତି । ଦିନରେ ଆସି ଦିନେ ଦିନେ ଫେରିଯାଆନ୍ତି । ପ୍ରଥମ ବର୍ଷ ମାସକୁ ମାସ ଦରମା ପଠାଉଥିଲେ । ଦି'ଇ ବର୍ଷ ହେଲା ଦରମା ଟଙ୍କା ପଠଉ ନାହାଁନ୍ତି କି ଆସୁ ନାହାଁନ୍ତି । ଶାଶୁ, ଶ୍ୱଶୁର, ବୁଢ଼ା, ବୁଢ଼ୀ, ଦୁଇଟା ମୋ ବେକରେ ବନ୍ଧା । ଚିଠି ଲେଖି ଲେଖି ଥକିଲିଣି । କିଛି ଉତ୍ତର ନାହିଁ । ମୁଁ ଶୁଣିଲି ତାଙ୍କ ସାଙ୍ଗରେ ସ୍ୱପ୍ନା ବୋଲି ଗୋଟେ ଝିଅ ହିରୋଇନ୍ ପାର୍ଟ କରୁଛି । ସିଏ ତାରି ସାଙ୍ଗରେ ଅଛନ୍ତି । ତା' ପିଛା ପଇସା ଉଡ଼ଉଚନ୍ତି । ସିଏ କୁଆଡ଼େ ତାକୁ ବାହା ହେବେ ।

ଶେଷ ଆଡ଼କୁ ରତନୀର କଣ୍ଠସ୍ୱର ରୁନ୍ଧି ହୋଇ ଆସିଲା । ସିଏ କାନ୍ଦି ପକାଇଲା । ଆଉ କିଛି କହିବାକୁ ଚେଷ୍ଟା କରି ମଧ୍ୟ କିଛି କହିବାକୁ ସମର୍ଥ ହେଲା ନାହିଁ ।

ସୁନୀତାଦେବୀ ଓ ଗଗନବାବୁଙ୍କ ଆଖି ଛଳ ଛଳ ହୋଇଗଲା । ସୁନୀତା ପଚାରିଲେ– ତୁମ ସ୍ୱାମୀ ଏବେ କେଉଁଠି ?

ରତନୀ ଲୁଗା କାନିରେ ଆଖି ଓ ମୁହଁ ପୋଛି କହିଲା– ଜଗଦ୍ଧାତ୍ରୀ ଅପେରା ଦଳ ଏଇ ଭୁବନେଶ୍ୱରରେ କୋଉଠି ଯାତ୍ରା କରୁଚି । ସିଏ ଏଇ ଭୁବନେଶ୍ୱରରେ ଅଛନ୍ତି । ମୁଁ ଆସିଛି ଗଗନଭାଇଙ୍କୁ ସାଙ୍ଗରେ ଧରି ସେଇ ଯାତ୍ରାଦଳକୁ ଯିବି । ତାଙ୍କୁ ଦେଖା କରି ପଚାରିବି– ମୁଁ ତାଙ୍କର କି ଅପରାଧ କରିଥିଲି ? କାହିଁକି ସିଏ ମତେ ଏତେ ହୀନସ୍ତା କରୁଚନ୍ତି ? ବୁଢ଼ାବୁଢ଼ୀ ଦୁଇଟାଙ୍କୁ ଏମିତି କଲବଲ କାଇଁକି କରୁଚନ୍ତି ?

Digitized by srujanika@gmail.com

ରତନୀ ପୁଣି କାନ୍ଦି ପକାଇଲା । ସୁନୀତା ତାକୁ ଅନେକ ସମୟ ପର୍ଯ୍ୟନ୍ତ ସାନ୍ତ୍ୱନା ଦେଇ ତା'ର କାନ୍ଦ ବନ୍ଦକଲେ । ଗଗନବାବୁ ଖବର ନେଇ ବୁଝିଲେ– ଜଗଦ୍ଧାତ୍ରୀ ଦଳ ପୁରୁଣା ଭୁବନେଶ୍ୱରରେ ମ୍ୟୁନିସିପାଲ୍‌ଟି ପଡ଼ିଆରେ ତମ୍ବୁ ପକାଇ ଟିକେଟେଡ ଶୋ କରୁଚନ୍ତି ।

ରାତି ନଅଟା ବେଳକୁ ରତନୀକୁ ସ୍କୁଟର ପଛରେ ବସାଇ ଗଗନବାବୁ ମ୍ୟୁନିସିପାଲ୍‌ଟି ପଡ଼ିଆରେ ପହଞ୍ଚିଲେ । ବିରାଟ ତମ୍ବୁ ପଡ଼ିଛି । ତମ୍ବୁ ଚାରିପଟେ ପାଲଟଣା ପାଚେରି ଘେରିଛି । ପାଚେରି କାନ୍ଥରେ ଆଜିର ନାଟକ ସଂପର୍କରେ ଅନେକ ଲାଇଫ ସାଇଜ୍ ପୋଷ୍ଟର ଲଗାଯାଇଛି । ଗଗନବାବୁ ଅନେକ ଦିନ ହେଲା ଅପେରା ଦେଖି ନାହାଁନ୍ତି । ସିଏ ଅପେରା ଦେଖୁଥିବା ବେଳେ ପୌରାଣିକ କିମ୍ବା ଐତିହାସିକ ନାଟକ ଅଭିନୀତ ହେଉଥିଲା । ଏବେ କିନ୍ତୁ ସବୁ ନାଟକ ସାମାଜିକ । ବ୍ରେକ୍ ଡ୍ୟାନ୍ସ, ରେପ୍, ମର୍ଡର, ଦ୍ୱି ଅର୍ଥବୋଧକ ଅଶ୍ଳୀଳ ସଂଳାପ, ଅତ୍ୟଧିକ ପ୍ରେମଦୃଶ୍ୟ ପ୍ରତି ଅପେରାରେ ଭର୍ତ୍ତି । ଜଗଦ୍ଧାତ୍ରୀ ଅପେରାର ବିଭିନ୍ନ ନାଟକର ନାଆଁ ଟେଣ୍ଟ ପାଚେରିରେ କାନ୍ଥରେ ବିଜ୍ଞାପିତ ହୋଇଥିଲା । ସେଗୁଡ଼ିକୁ ଗଗନବାବୁ ଠିଆ ଠିଆ ଖଣ୍ଡେ ଦୂରରୁ ପଢ଼ିଲେ । ନାଟକର ନାଁଗୁଡ଼ିକ ଥିଲା– ଅଢ଼େଇ ଦିନର ସ୍ୱାମୀ, ବୋହୂ ଆଣିଥିଲି ବେଶ୍ୟାପଡ଼ାରୁ, ସୁର ସାରଙ୍କ ସାନ ଝିଅ, ବାସନ୍ତୀ କଲୋନୀ ରାଉରକେଲା, ସ୍ୱାମୀ ଧାର୍‌ରେ ମିଳୁଚି, ସିନ୍ଦୂର ହଜିଲା ଟିକିଲି ପାଇଁ, କାନିରେ ବାନ୍ଧିଲି ଖଇ କଉଡ଼ି, ଶାମୁକା ଝୁରୁଛି ସାଗର କୂଳେ, ମଶାଣିରେ ମଧୁଶଯ୍ୟା ।

ଗଗନବାବୁ ରତନୀକୁ ସ୍କୁଟରରୁ ଓହ୍ଲାଇ ଦେଇ ଏକମୁହାଁ ହୋଇ ଘରକୁ ଫେରିଲେ । ରତନୀ ସେଇ ଅପେରା ଆଗରେ ଠିଆ ହୋଇ ଟେଣ୍ଟ କାନ୍ଥରେ ଲାଗିଥିବା ପୋଷ୍ଟରକୁ ଦେଖିଲା । ପୋଷ୍ଟରରେ ତା' ସ୍ୱାମୀ ଓ ସେଇ ସ୍ୱପ୍ନାର ଛବି । ଖୁବ୍ ଅଶ୍ଳୀଳ ମୁଦ୍ରାରେ ତା' ସ୍ୱାମୀ ସେଇ ଝିଅଟାକୁ ଭିଡ଼ି ଧରିଛନ୍ତି, ଚୁମ୍ବନ କରୁଛନ୍ତି । ବିଭିନ୍ନ ଉତ୍ତେଜକ ମୁଦ୍ରାରେ ତା' ସ୍ୱାମୀ ଓ ସ୍ୱପ୍ନାର ଛବି ସେଇ ଟେଣ୍ଟ କାନ୍ଥରେ ଭର୍ତ୍ତି ।

ରତନୀର ମୁଣ୍ଡ ବୁଲାଇ ଦେଲା । ସିଏ ଆଉ ଠିଆ ହୋଇ ନ ପାରି ସେଠି ପଡ଼ିଗଲା । ଲୋକମାନେ ତାକୁ ଘେରିଗଲେ । ଜଗଦ୍ଧାତ୍ରୀ ଦଳର ମ୍ୟାନେଜର ଘଟଣା ସ୍ଥଳରେ ପହଞ୍ଚି ରତନୀର ପ୍ରାଥମିକ ଚିକିତ୍ସା କରାଇ ତା'ର ଚେତା ଆଣିଲେ । ରତନୀ ପ୍ରକୃତିସ୍ଥ ହୋଇ ସଜାଡ଼ି ହୋଇ ବସିଲା । ଷ୍ଟେଜ୍‌ଠାରୁ ଅଳ୍ପ ଦୂରରେ ଗୋଟିଏ ଚେୟାରରେ ରତନୀକୁ ବସାଇ ତାଠୁ ସବୁକଥା ଶୁଣିଲେ ମ୍ୟାନେଜର । ନିଜ ସ୍ୱାମୀ ବିଷୟରେ କହିବା ବେଳେ ରତନୀ ଖୁବ୍ ଭାବପ୍ରବଣ ହୋଇ କଇଁ କଇଁ ହୋଇ କାନ୍ଦି ପକାଇଲା । ସ୍ୱାମୀକୁ ସାକ୍ଷାତ କରିବାକୁ ବ୍ୟାକୁଳ ହେଲା ।

ମ୍ୟାନେଜର ରତନୀକୁ ବୁଝାଇଲେ– ଏତେ ବ୍ୟସ୍ତ ହେଲେ ଚଳିବ ନାହିଁ ।

Digitized by srujanika@gmail.com

ବର୍ତ୍ତମାନ ରାତି ଦଶଟା ବାଜିଲାଣି । ଆଜିର ନାଟକ ପାଇଁ ଟିକେଟ କଟା ସରିଲାଣି । ଅନେକ ଦର୍ଶକ ଆସିଗଲେଣି । ଆଉ ଅଳ୍ପ ସମୟ ପରେ ନାଟକ ଆରମ୍ଭ ହେବ । ଆଜିର ନାଟକରେ ତୁମ ସ୍ୱାମୀଙ୍କ ଭୂମିକା ମୁଖ୍ୟ । ସିଏ ମେକ୍‌ଅପ ନେଇ ସାରିଲେଣି । ଏ ସମୟରେ ତୁମେ ତାଙ୍କୁ ସାକ୍ଷାତ କରିବା ସମ୍ଭବ ନୁହେଁ । ଆଜିର ନାଟକ ମଞ୍ଚସ୍ଥ ହୋଇ ସାରୁ, ସକାଳ ହେଉ, ମୁଁ ତୁମ ଦୁହିଁଙ୍କର ସାକ୍ଷାତର ବ୍ୟବସ୍ଥା କରିବି ।

ରତନୀ ପାଖରେ ଆଉ କିଛି ବିକଳ୍ପ ନଥିଲା । ନାଟକ ଅଳ୍ପ ସମୟ ପରେ ଆରମ୍ଭ ହେଲା । ଦୀର୍ଘ ପାଞ୍ଚ ଘଣ୍ଟା ଧରି ନାଟକ ଚାଲିଲା । ଚାରି ଆଡ଼ ଟେଣ୍ଟଦ୍ୱାରା ନିବୁଜ । ଟେଣ୍ଟ ଭିତରେ ପାଞ୍ଚ ଛଅ ହଜାର ଦର୍ଶକ । ସେମାନଙ୍କ ନିଃଶ୍ୱାସ, ସିଗାରେଟ୍, ବିଡ଼ି ଧୂଆଁ, ଆଉ ମଝିରେ ମଝିରେ ଡ୍ୟାନ୍ସ ବେଳେ ଅପେରା ତରଫରୁ ଛଡ଼ା ଯାଉଥିବା ଧୂଆଁ ମିଶି ପରିବେଶଟା ରୁଦ୍ଧ ହୋଇଯାଉଥିଲା । ପାଚେରିରେ ଯେତିକି ଅଶ୍ଳୀଳ ଛବି ଲାଗିଛି ତାଠୁ ଅଧିକ ଅଶ୍ଳୀଳ ଅଙ୍ଗ ପ୍ରଦର୍ଶନ, ଅଶ୍ଳୀଳ ନାଚ, ଆଲିଙ୍ଗନ, ଚୁମ୍ବନ ଓ ଧର୍ଷଣର ଦୃଶ୍ୟ ନାଟକ ଭିତରେ ଖୁନ୍ଦି ହୋଇଛି ।

ରତନୀର ଆଖି ଲଜ୍ଜାରେ ବୁଜି ହୋଇଗଲା । ହୀରୋଇନ୍ ସ୍ୱପ୍ନା ସହିତ ତା' ସ୍ୱାମୀଙ୍କର ଅଭିନୟ ଅତି ଅଶ୍ଳୀଳ ଓ ଅରୁଚିକର ଲାଗୁଥିଲା ତାକୁ । ସିଏ ଅନେକ ସମୟ ଦୁଇ ହାତରେ ଆଖି ବନ୍ଦ କରି ବସି ରହିଥିଲା ।

ନାଟକ ଶେଷ ହେଲା । ରାତି ପାହି ଭୋର ହେଲା । ଦର୍ଶକମାନେ ଆଖିରେ ଆଖିଏ ଲେଖାଁ ସ୍ୱପ୍ନ ନେଇ ଫେରିଗଲେ ନିଜ ନିଜ ଘରକୁ । ମ୍ୟାନେଜର ରତନୀକୁ ଗୋଟିଏ କୋଠରୀରେ ବସାଇଲେ । ସେ କୋଠରୀକୁ ତା'ର ସ୍ୱାମୀ ନାରାଣୟକୁ ଡ଼କାଇଲେ । ଦୁହିଁକୁ ଏକାଠି ମୁହାଁ ମୁହିଁ କରାଇ ବାହାର ପଟୁ କବାଟ ବନ୍ଦ କରିଦେଲେ ।

ମ୍ୟାନେଜର ଦେଖିଲେ ସେ କୋଠରୀ ଆଗରେ ଜଗଦ୍ଧାତ୍ରୀ ଦଳର ସବୁ କଳାକାର ରୁଣ୍ଡ ହୋଇଛନ୍ତି । ଘର ଭିତରର କଥାବାର୍ତ୍ତାକୁ ସମସ୍ତେ ଠିଆ ହୋଇ କାନ ଡ଼େରିଛନ୍ତି ।

ସେଇ ବନ୍ଦ କୋଠରୀ ଭିତରୁ ରତନୀର କାନ୍ଦ, ନାରାୟଣର ଗର୍ଜନ, ଦୁହିଁଙ୍କ ଯୁକ୍ତିତର୍କ, କଥା କଟାକଟି ସ୍ପଷ୍ଟ ଶୁଭୁଥିଲା । ସେମାନଙ୍କ ଯୁକ୍ତିତର୍କ ସହଜରେ ଛିଡ଼ିବାର ନାହିଁ ବୋଲି ବାହାରେ ଠିଆ ହୋଇଥିବା ଜଗଦ୍ଧାତ୍ରୀ ଅପେରାର ସମସ୍ତ କଳାକାର ଜାଣିଥିଲେ ।

କେତେକ ଏହାର ଗୋଟେ ମିଳାମିଶା କରିଦେବା ସପକ୍ଷରେ ଯୁକ୍ତି ବାଢୁଥିବା ବେଳେ ଆଉ କେତେକ କହୁଥିଲେ ଏହାର ଏକମାତ୍ର ସମାଧାନ ଛାଡ଼ପତ୍ର; କାରଣ ନାରଣ, ସ୍ୱପ୍ନା ସାଂଗରେ ଯେତେଦୂର ଆଗେଇ ଗଲାଣି ସେଠୁ ଫେରିବାର ଆଉ ସମ୍ଭାବନା ନାହିଁ ।

ଆନଂଦ ଚଂଦ୍ର ପହି

Digitized by srujanika@gmail.com

ଜଗଦ୍ଧାତ୍ରୀ ଦଳର ଖଳନାୟକ ଭୂମିକାରେ ଅଭିନୟ କରୁଥିବା ଧୂର୍ଜଟିବାବୁ କହିଲେ- ମୁଁ ଯାହା ଜାଣେ ନାରାୟଣବାବୁ ସ୍ୱପ୍ନା ନାଆଁରେ ଭୁବନେଶ୍ୱର ହାଉସିଂ ବୋର୍ଡ଼ରୁ ଗୋଟେ ଘର କିଣିଛନ୍ତି । ଗତବର୍ଷ ବର୍ଷାଦିନ ଛୁଟିଟା ଦୁହେଁ ସେଇଠି କଟାଇଛନ୍ତି ।

ଅପେରାର କମେଡିୟାନ ଗନ୍ଧର୍ବବାବୁ କହିଲେ– ଆମ ଏ ନାରଣବାବୁ କୃଷ୍ଣଙ୍କ ବିରାଦର । ନାଆଁଟା ବି ନାରାୟଣ । ଶ୍ରୀକୃଷ୍ଣ ଷୋଳ ସହସ୍ର ଗୋପନାରୀଙ୍କ ସହିତ କେଳି କରୁଥିଲେ । ଇଏ ଦୁଇଟା ନାରୀ ସହିତ କେଳି କରିବାଟା ଏତେ ବିଚିତ୍ର କଥା କ'ଣ ହେଲା ଯେ ତୁମେ ସବୁ କାଉ ପରି ମେଳାମେଳା ଭେଳାଭେଳା ହେଇ ରାଉ, ରାଉ ହଉଚ ?

ତାକୁ ଆଉ ନାରାୟଣବାବୁଙ୍କୁ ନେଇ ଏତେସବୁ ପାଟିତୁଣ୍ଡ ହୋ ହଲ୍ଲା ଚାଲିଥିବା ବେଳେ ତା'ପାଖ ବଖରାରେ ମୁହଁ ପୋତି ବସିଥିଲା ସ୍ୱପ୍ନା । ରତନୀ ଓ ନାରାୟଣବାବୁଙ୍କ କଥାବାର୍ତ୍ତା ଯୁକ୍ତିତର୍କ ସେ ବନ୍ଦ କୋଠରୀ ଭିତରୁ ତାକୁ ସ୍ପଷ୍ଟ ଶୁଭୁଥିଲା । ରତନୀର ଅନେକ ମନଭେଦୀ ନାରାଚ ସ୍ୱପ୍ନାର ଛାତିରେ ଫୁଟି ଯାଉଥିଲା । ଦୁଇ ହାତରେ ସେ ନାରାଚମାନଙ୍କର ବିରୋଧ କରିବା ତା' ପକ୍ଷେ ସମ୍ଭବ ନ ଥିଲା । ଶରଶଯ୍ୟାରେ ଶୋଇ ସ୍ୱପ୍ନା ଛଟପଟ ହେଉଥିଲା ।

ରତନୀ ଓ ନାରାୟଣ ମଧ୍ୟରେ ଯୁଦ୍ଧ ସେମିତି ଆହୁରି ଅନେକ ସମୟ ପର୍ଯ୍ୟନ୍ତ ଚାଲିଥାନ୍ତା ଯଦି ମ୍ୟାନେଜର ସେ କୋଠରୀର କବାଟ ବାହାରୁ ଖୋଲି ନଥାନ୍ତେ ।

କ୍ରୋଧ, ଅଭିମାନ, ଗ୍ଳାନି ଆଉ ବ୍ୟର୍ଥତାରେ ଭର୍ତ୍ତି ରତନୀର ମୁହଁଟା ଥମ୍ ଥମ୍ ଦିଶୁଥିଲା । କବାଟ ଖୋଲିବା ମାତ୍ରେ ସେ ସକ୍ ସକ୍ ହୋଇ କାନ୍ଦି ଉଠିଲା । ଏଇ କାନ୍ଦଣା ଜରିଆରେ ସିଏ ଜଣାଇ ଦେଲା ଯେ ତା'ର ସମସ୍ତ ଯୁକ୍ତି, ସମସ୍ତ କଥା, ଅନୁନୟ, ବିନୟ ବ୍ୟର୍ଥ ହୋଇଛି ।

ନାରାୟଣ ସମସ୍ତଙ୍କୁ ଶୁଣେଇ ଘୋଷଣା କଲେ– ମୁଁ ସ୍ୱପ୍ନାକୁ ଭଲ ପାଉଛି । ତାକୁ ବିବାହ କରିବି । ତୁମକୁ ଛାଡ଼ପତ୍ର ଦେବି । ତୁମର ଯାହା କହିବାର ଅଛି ସେଠି କଚେରିରେ କହିବ । ଏଠି ନାଟକ ସୃଷ୍ଟିକରି କିଛି ଲାଭ ନାହିଁ ।

ନିର୍ଯ୍ୟାତିତା ଦ୍ରୌପଦୀ କୁରୁସଭାରେ ସମସ୍ତଙ୍କ ମୁହଁକୁ ସାହାଯ୍ୟ ପାଇଁ ସତୃଷ୍ଣ ନୟନରେ ଚାହିଁବା ପରି ଅସହାୟା ରତନୀ ଉପସ୍ଥିତ ସମସ୍ତଙ୍କ ମୁହଁକୁ ସାହାଯ୍ୟ ଭରସାରେ ଚାହିଁଲା । ସମସ୍ତଙ୍କ ମୁହଁ ସମବେଦନାରେ ଛଳ ଛଳ, ଢ଼ଳ ଢ଼ଳ । କିନ୍ତୁ ମୁହଁ ଖୋଲିବାକୁ କାହାର ସାହସ ନାହିଁ । କିଛି କରିବା ସେମାନଙ୍କ ସାମର୍ଥ୍ୟର ବାହାରେ ।

ରତନୀ ସମସ୍ତଙ୍କ ମୁହଁ ଉପରେ ଆଖି ବୁଲାଇ ଆଣି ବିକଳ ଭାବେ

Digitized by srujanika@gmail.com

ମ୍ୟାନେଜରଙ୍କ ମୁହଁକୁ ଚାହିଁ ରହିଲା । ସେଇ ଚାହିଁବା ଭିତରେ ସିଏ ଯେମିତି କହୁଥିଲା- ମୋ ସ୍ୱାମୀ ଆପଣଙ୍କ ଅପେରାରେ ଅଭିନୟ କରିବାକୁ ଆସିଥିଲେ । ଆପଣ ମୋ ହାତରୁ ତାଙ୍କୁ ଚିରଦିନ ପାଇଁ ଛଡ଼ାଇ ନେଲେ । ମୁଁ ଆଜି ନିରୁପାୟ ହୋଇ ଶୂନ୍ୟ ହସ୍ତରେ ଫେରିଯିବାକୁ ବାଧ୍ୟ ହେଉଛି ।

ମ୍ୟାନେଜର ଓ ଜଗଦ୍ଧାତ୍ରୀ ଅପେରାର ସମସ୍ତ କଳାକାର ସ୍ତବ୍ଧ ହୋଇ ଚାହିଁଥିଲେ । ରତନୀ ବାଳମୁକୁଳା କରି ଆଖିରୁ ଲୁହ ପୋଛି ପୋଛି ଗ୍ଲାନି ଓ ଅଭିମାନରେ ଭଗ୍ନ ମନୋରଥ ହୋଇ ଫେରି ଯାଉଥିଲା । ମଞ୍ଚ ଉପରେ ଏକ ବିୟୋଗାନ୍ତକ କରୁଣ ଦୃଶ୍ୟ ପରି ଏହା ଘଟି ଯାଉଥିଲା । ଅସହାୟା ନାରୀଟିକୁ ଶାମୁକାଏ ସାନ୍ତ୍ୱନା କି ସାହସ ଦେବା କାହା ପକ୍ଷେ ସମ୍ଭବ ନଥିଲା ।

ହଠାତ୍ ସମସ୍ତଙ୍କୁ ସ୍ତମ୍ଭୀଭୂତ କରି ରତନୀର ବାଟ ଓଗାଳି ଠିଆ ହେଲା ସ୍ୱପ୍ନା । ସମସ୍ତେ ଆଶଙ୍କା କଲେ ଦୁହିଁଙ୍କ ଭିତରେ ଗୋଟେ ଭୟଙ୍କର ଯୁଦ୍ଧ ପର୍ବ ଅନୁଷ୍ଠିତ ହେବାକୁ ଯାଉଛି । ଦୁଇଟି ଲଢୁଆ କୁକୁଡ଼ା ପରି ରାଗରେ ଫୁଲି ଫୁଲି ଖୁବ୍ ଡେଣା ପିଟି, ଡିଆଁ ଡେଇଁ କରି ଦୁହେଁ ଲଢ଼ିବେ । ନିହାତି ଅଶ୍ରାବ୍ୟ ଗାଳି, ଗର୍ଜନ, ତର୍ଜନ, ପାଟିତୁଣ୍ଡରେ ସ୍ଥାନଟି ଫାଟିପଡ଼ିବ ।

କିନ୍ତୁ ସ୍ୱପ୍ନା ସମସ୍ତଙ୍କୁ ବିସ୍ମିତ କରି ରତନୀକୁ କହିଲେ- ତୁମ ସ୍ୱାମୀ ଏଠାକୁ ଆସିଛନ୍ତି ଅଭିନୟ କରିବାକୁ ଆଉ ସିଏ ଏଠି ଯାହା କରିଛନ୍ତି ସବୁ ନିଛକ ଅଭିନୟ । ମୋ ସହିତ ସିଏ ଅନେକ ମଞ୍ଚରେ ପ୍ରେମିକ ଓ ସ୍ୱାମୀର ଭୂମିକାରେ ଅବତୀର୍ଣ୍ଣ ହୋଇଛନ୍ତି । ସେ ସବୁ ଅଭିନୟ ବୋଲି ନ ଭାବି ସତ ବୋଲି ଧରି ନେଇ ଆମେ ଦୁହେଁ ଭୁଲ୍ କରିଛୁ । ଅଭିନୟକୁ ସତ ଜୀବନଠୁ ଅଲଗା ଭାବେ ଦେଖି ନ ପାରୁଥିବା ଅଭିନେତା ଓ ଅଭିନେତ୍ରୀ ସଫଳ ଅଭିନେତା ଅଭିନେତ୍ରୀ ନୁହଁନ୍ତି ।

ଆଜି ପର୍ଯ୍ୟନ୍ତ ମୋର ଧାରଣା ଥିଲା ମୋ ପରି ଯେତେ ଝିଅ ଅପେରାର ବିକାଶ ଓ ଶ୍ରୀବୃଦ୍ଧି ପାଇଁ ନିଜର ସାମାଜିକ ପ୍ରତିଷ୍ଠାକୁ ଜଳାଞ୍ଜଳି ଦେଇ ଅପେରାରେ ଅଭିନୟ କରୁଛୁ, ସେଇମାନଙ୍କ ଉତ୍ସର୍ଗୀକୃତ ତ୍ୟାଗ ପାଇଁ ଏ ଯାତ୍ରା ଜଗତ ତିଷ୍ଠି ରହିଛି । କିନ୍ତୁ ମୋର ସେ ଧାରଣା ମଧ୍ୟ ଆଜି ସଂପୂର୍ଣ୍ଣ ବଦଳି ଯାଇଛି । ମୁଁ ଆଜି ଜାଣିଲି ତୁମ ପରି ମହାନ ନାରୀ ଯେଉଁମାନେ ନିଜର ସ୍ୱାମୀମାନଙ୍କୁ ଅଭିନୟ ପାଇଁ ଉତ୍ସର୍ଗ କରିଛନ୍ତି ସେଇମାନଙ୍କ ତ୍ୟାଗର ତୁଳନା ନାହିଁ । ତୁମେ ମହାନ୍ ଭଉଣୀ । ତୁମ ତ୍ୟାଗ ପାଖରେ ମୋ ମୁଣ୍ଡ ନଇଁ ଯାଉଛି । ତୁମକୁ ଖାଲି ହାତରେ ଫେରିଯିବାକୁ ମୁଁ ଦେବି ନାହିଁ । ମୁଁ ଆଜିଠୁ ତୁମ ହାତରେ ତୁମ ସ୍ୱାମୀଙ୍କୁ ଫେରାଇ ଦେଇ ଏ ଦଳ ଛାଡ଼ି ଚାଲିଯିବି ।

ରତନୀ ସ୍ୱପ୍ନାକୁ ଅଟକାଇ କହିଲା– ନା, ସ୍ୱପ୍ନାଦେବୀ । ଆପଣ ଏ ଦଳ ଛାଡ଼ି

Digitized by srujanika@gmail.com

ଚାଲିଯିବା ଠିକ୍ ହେବ ନାହିଁ । ଆପଣ ଦଳ ଛାଡ଼ି ଚାଲିଗଲେ ମୋ ସମସ୍ୟାର ସମାଧାନ ହୋଇ ଯିବ ନାହିଁ । ଆପଣ ଏଠୁ ଚାଲିଗଲେ ଆପଣଙ୍କ ସ୍ଥାନ ପୂରଣ ପାଇଁ ଆଉ ଜଣେ ନିଶ୍ଚୟ ଆସିବେ । ତାଙ୍କ ସହିତ ମୋ ସ୍ୱାମୀ ସେମିତି ପ୍ରେମିକ କି ସ୍ୱାମୀର ଭୂମିକାରେ ଅଭିନୟ କରିବେ । ପୁଣି ସେ ଦୁହେଁ ଅଭିନୟକୁ ଅଭିନୟର ମର୍ଯ୍ୟାଦା ନ ଦେଇ ସତ ଜୀବନ ସହ ନିଜକୁ ସାମିଲ୍ କରିବେ । ତାଙ୍କୁ ପୁଣି ଥରେ ବୁଝାଇବା ସମ୍ଭବ ହେବ ନାହିଁ । ଜୀବନ ରହିବ, ଅଭିନୟ ବି ରହିବ । ଜୀବନ ଆଉ ଅଭିନୟ ଭିତରେ ଥିବା ସୂକ୍ଷ୍ମ ପ୍ରଭେଦକୁ ଆପଣ ବୁଝି ପାରିଛନ୍ତି । ଏବେ ମୁଁ ଆପଣଙ୍କ ହାତରେ ମୋ ସ୍ୱାମୀଙ୍କୁ ଛାଡ଼ିଲେ ନିଶ୍ଚିନ୍ତ ରହିବି । ନିରାପଦ ରହିବି ।

ସ୍ୱପ୍ନା ଓ ରତନୀ ଦୁହେଁ ଦୁହିଁଙ୍କୁ ଆଲିଙ୍ଗନ କରି କାନ୍ଦୁଥିଲେ । ସେ ଦୁହିଁଙ୍କ ଆଖିର ଲୁହ ଥିଲା କିଛି ପାଇବାର ଖୁସି ଓ କିଛି ହରାଇବାର ଦୁଃଖର ।

□□

Digitized by srujanika@gmail.com

ମୁଦ୍ରିତା ଲୋପାମୁଦ୍ରା

ତାଜମହଲର ଚାରିକଡ଼ ବୁଲିବା ବେଳେ ମୋ ଭିତରେ ଶୋଇଥିବା ପ୍ରେମ ପ୍ରଣୟର ସ୍ମୃତି ସଉଧଟା କଡ଼ ଲେଉଟାଉ ଥିଲା । ସାରା ପୃଥିବୀର ଯେତେ ପୁରୁଷ ସ୍ତ୍ରୀ ମୋ ଭଳି ଏଇ ତାଜମହଲ ଦେଖିବାକୁ ଆସିଛନ୍ତି ସମସ୍ତଙ୍କ ମନଗହନର ଅନ୍ଧାରି ଗୁହାରେ ପ୍ରେମ ଓ ଭଲ ପାଇବାର ଅଧାଶୁଆ, ଅଧାଚିଆଁ ଅବସ୍ଥାରେ ହାଉ ମାରୁଥିବା ସ୍ମୃତି କ୍ଷଣକ ପାଇଁ ଚେଇଁଉଠେ । ତାଜମହଲର ଶଙ୍ଖମର୍ମର ଚଉତରା ଛୁଇଁଥିବା ପ୍ରତ୍ୟେକ ପାଦର ହୃଦୟ ପ୍ରୀତି ଜଡ଼ସଡ଼ । ଏମାନେ କେହି କଳା ଭାସ୍କର୍ଯ୍ୟର ତନ୍ମୟ ଦର୍ଶକ ନୁହଁନ୍ତି । ସମସ୍ତେ ପ୍ରୀତି-ପ୍ରଣୟର ବିଦଗ୍ଧ ପ୍ରେମିକ ପ୍ରେମିକା । ଆସିଛନ୍ତି ପ୍ରେମ ତୀର୍ଥରେ ପାଦ ଥାପି ନିଜ ପ୍ରେମକୀର୍ତ୍ତିକୁ ଶାଶ୍ୱତ ସ୍ୱୀକୃତି ଦେବାକୁ ।

ତାଜମହଲ ବେଢ଼ାରେ ଠିଆହୋଇ ଚାହିଁଲି ତଳେ ବହିଯାଉଥିବା ଜରାଜୀର୍ଣ୍ଣ ଯମୁନା ନଈକୁ । ଆଗରେ ଶଙ୍ଖମର୍ମର ପଥରର ପ୍ରେମ ମନ୍ଦିର । ପଛରୁ ମୋ ନାଆଁ ଧରି କିଏ ଜଣେ ଡ଼ାକିଲା । ନାରୀକଣ୍ଠ । ଆଶ୍ଚର୍ଯ୍ୟ ହେଲି । ଏଠି ମୋତେ କିଏ ଚିହ୍ନିବ ? ପୁଣି ଜଣେ ନାରୀ ! ବୁଲିକି ପଛକୁ ଚାହିଁଲି । ଲୋପା ମହାନ୍ତି ମୋ ଆଡ଼କୁ ଅନେଇ ଠିଆ ହୋଇଛନ୍ତି ।

ମୋର ପଚାଶ ବର୍ଷୀୟ ଦେହଟା ପାଦରୁ ମୁଣ୍ଡଯାଏ ଟହଲିଗଲା । ମୋ ଆଗରେ ଠିଆ ହୋଇଛନ୍ତି ଲୋପା ମହାନ୍ତି । ମୋ ସାଙ୍ଗରେ ପ୍ରଥମ ଶ୍ରେଣୀରୁ କଲେଜ ପର୍ଯ୍ୟନ୍ତ ପଢ଼ିଛନ୍ତି । ତା'ପରଠୁ ଦୁହିଁଙ୍କ ବାଟ ଅଲଗା ହୋଇଗଲା ।

କିଛି ସମୟ ନିର୍ବାକ ହୋଇ ଦୁହେଁ ଦୁହିଁଙ୍କୁ ଚାହିଁ ରହିଲୁ । ଲୋପା ଆଉ ମୁଁ ଦୁହେଁ କ୍ଷଣକ ପାଇଁ ପଛରେ ଛାଡ଼ି ଆସିଥିବା ସ୍ମୃତିକୁଢ଼ ଭିତରେ ବୁଡ଼ି ଯାଇଥିଲୁ ।

ଆନନ୍ଦ ଚନ୍ଦ୍ର ପଣ୍ଡି

Digitized by srujanika@gmail.com

କିଛି କ୍ଷଣ ପରେ ନିଜକୁ ସହଜ କରି ମୁଁ ପଚାରିଲି– ଲୋପା ତୁମେ ଏଠି ଏମିତି ଅଚାନକ ? ତୁମେ ଏକା ନା ତୁମ ସାଂଗରେ ତୁମ ମିଷ୍ଟର ଅଛନ୍ତି ? ତୁମ ପିଲାମାନେ ?

ଲୋପା କହିଲେ- ନା, ଦେବାଶିଷ ! ମୁଁ ଏକା ନୁହଁ । ମୋ ସାଙ୍ଗରେ ମୋ ପୁଅ ପୃଥ୍ୱୀ ଓ ବୋହୂ ଧାରା ଅଛନ୍ତି । ସେମାନେ ଏଠି ମୋତେ ଛାଡ଼ି ଦେଇ ଯାଇଛନ୍ତି ଲଜିଂ ଠିକ୍ କରିବାକୁ । ଆଜି ଆମେ ଆଗ୍ରାରେ ରହିବୁ ।

: ଆଉ ଆପଣଙ୍କର ମିଷ୍ଟର ?

: ତାଙ୍କୁ ଏସବୁ ପାଇଁ କେତେବେଳେ ହେଲେ ସମୟ ନ ଥାଏ । ତାଙ୍କ କାରଖାନା, କାରଖାନା କର୍ମଚାରୀ, ଆମଦାନୀ, ରପ୍ତାନି ନେଇ ସିଏ ସବୁବେଳେ ବ୍ୟସ୍ତ । ଏବେ ପୁଣି ସିଏ ରାଜନୀତିକୁ ପାଦ ବଢ଼େଇଲେଣି । ତାଙ୍କୁ ଟଙ୍କା ପଇସା ଆଉ ନାଆଁ କମେଇବାକୁ ତ ସମୟ ନିଅଣ୍ଟ, ଜୀବନକୁ ଉପଭୋଗ କରିବାକୁ ତାଙ୍କ ହାତରେ ସମୟ କୁଆଡୁ ଆସିବ ? ସିଏ କୁହନ୍ତି ପଇସା ରୋଜଗାର କରିବା ଲୋକ ଅଲଗା, ତାକୁ ଖର୍ଚ୍ଚ କରିବା ଲୋକ ଅଲଗା । ଯାହା ପାଖରେ ଯାହା କରିବା ପାଇଁ ସମୟ ଓ ସୁଯୋଗ ମିଳୁଛି ସିଏ ତାକୁ ହାତଛଡ଼ା କରିବା ଉଚିତ ନୁହଁ । ଆଚ୍ଛା ଦେବାଶିଷ । ଏଥର ତୁମ କଥା କୁହ । ତୁମେ ଏକା ଆସିଚ ନା ସାଙ୍ଗରେ ତୁମ ମିସେସ୍ ଅଛନ୍ତି ?

: ନା ଲୋପା ! ମୁଁ ଏକା ଆସିଛି । ଆମ ସାହିତ୍ୟ ଏକାଡ଼େମୀ ତରଫରୁ ସାହିତ୍ୟ ଓ ସଂସ୍କୃତି ବିନିମୟ କାର୍ଯ୍ୟକ୍ରମରେ ମୁଁ ଆଠ ଦିନ ହେଲା ଆସି ଆଗ୍ରା ସରକାରୀ ଗେଷ୍ଟ ହାଉସ୍‌ରେ ରହୁଛି ।

: ତୁମ ମିସେସ୍‌କୁ ସାଙ୍ଗରେ ଆଣିଥିଲେ କ'ଣ ଏମିତି ଅସୁବିଧା ହୋଇ ଯାଇଥାନ୍ତା ? ତମ ପୁରୁଷମାନଙ୍କର ଏଇଟା ନିହାତି ଅନ୍ୟାୟ କାମ । ନାରୀମାନଙ୍କୁ ଉପଯୁକ୍ତ ମର୍ଯ୍ୟାଦା ଦେବାପାଇଁ ଏ ଦେଶର ପୁରୁଷମାନେ ଆଉ କେବେ ଶିଖିବେ ?

: ତୁମେ ପୁରୁଷ ଜାତି ବିରୋଧରେ ଭିତ୍ତିହୀନ ଅଭିଯୋଗ କରୁଛ ଲୋପା ! ମୋ ମିସେସ୍ ନିଜକୁ ଭାବନ୍ତି ସିଏ ତାଙ୍କ ଘରର କବାଟ୍ ଝରକା, ଚୌକାଠ ପରି ଘରର ଏକ ମୁଖ୍ୟ ଅଂଶବିଶେଷ । ସିଏ ଘରୁ କ୍ଷଣକ ପାଇଁ କୁଆଡ଼େ ଚାଲିଗଲେ ସଂପୂର୍ଣ୍ଣ ଘରଟା ଭୁସ୍‌ଭାସ ଦୁଲଦାଲ୍ ଶବ୍ଦକରି ତଳେ ପଡ଼ି ଛତ୍ରଛାଉନ ହୋଇଯିବ । ବାଡ଼ିରେ ବଢ଼ିଥିବା ଫୁଲଗଛ, ଲଙ୍କା, ବାଇଗଣ ଗଛ ପାଣି ନ ପାଇ ମରିଯିବେ । ସାହିତ୍ୟ ତାଙ୍କର ଶତ୍ରୁ, ସଂସ୍କୃତି ତାଙ୍କର ସଉତୁଣୀ । ସାହିତ୍ୟ, ସଂସ୍କୃତି ବିନିମୟ କାର୍ଯ୍ୟକ୍ରମରେ ଘରୁ ଗୋଡ଼ କାଢ଼ିବା ତାଙ୍କ ପକ୍ଷେ ଅସମ୍ଭବ ।

ଲୋପା ହସିଦେଲେ । ଲୋପାଙ୍କର ପାନ ନ ଖିଆ ଦାନ୍ତର ଉଜ୍ଜ୍ୱଳତା ତାଙ୍କ ହସକୁ ସୁନ୍ଦର କରୁଥିଲା ।

ଆନନ୍ଦ ଚନ୍ଦ୍ର ପତି

Digitized by srujanika@gmail.com

ତାଜମହଲ ଆଗରେ ଥିବା ଘାସ ଉପରେ ଲୋପା ଓ ମୁଁ ଦୁହେଁ ପାଖାପାଖି ବସିଲୁ । ମତେ ଲାଗୁଥିଲା କଲେଜ ବେଳର ଲୋପା ମୋ ପାଖରେ ବସିଛନ୍ତି । ପ୍ରୌଢ଼ା ଭୂମିକାରେ ଅଭିନୟ କରିବାପାଇଁ ଯେମିତି ଯୁବତୀ ମୁହଁରେ କଳାଗାର ପକାଇ ବୟସର ଭାଙ୍ଗ ଅଙ୍କାଯାଏ, ମୁଣ୍ଡର କଳାବାଳରେ ଧଳା ମରାଯାଇ ବାଳକୁ ଅଧାକଞ୍ଚା, ଅଧା ପାଚିଲା ବୋଲି ଦେଖାଯାଏ, ଆଉ ସାଲୁଆର ପାଇଜାମା ପରିବର୍ତ୍ତେ ଶାଢ଼ି ପିନ୍ଧାଇ ଦିଆଯାଏ, ଲୋପାଙ୍କର ଚେହେରା ମତେ ସେମିତି ଲାଗିଲା । ମୁଁ ପ୍ରୌଢ଼ା ଲୋପା ଭିତରୁ କଲେଜ ପଢ଼ା ଲୋପାକୁ ସ୍ପଷ୍ଟ ଦେଖି ପାରୁଥିଲି । ସେଇ ହସ, ସେଇ କଥା, ସେମିତି ଚାଲି, ସେମିତି ଚାହାଣି । କିଛି, କୌଣସିଥିରେ ପରିବର୍ତ୍ତନ ନାହିଁ । ମୁଁ ତାଙ୍କୁ ଯେଉଁଠି ଯେମିତି ଛାଡ଼ି ଯାଇଥିଲି, ସିଏ ସେଇଠି ସେମିତି ଅଛନ୍ତି । କିନ୍ତୁ ଲୋପାମୁଦ୍ରା ମହାନ୍ତିରୁ ଲୋପାମୁଦ୍ରା ପଟ୍ଟନାୟକ ହୋଇ ଯାଇଛନ୍ତି ଏବଂ ତାଙ୍କ ମଥା ଓ ସିନ୍ଥାରେ ଲାଲ ସିନ୍ଦୂରର ସ୍ୱାକ୍ଷର ।

ନୀରବତା ଭାଙ୍ଗିବାକୁ ଯାଇ ଲୋପା କହିଲେ- ତୁମର ପ୍ରତ୍ୟେକଟି ପ୍ରକାଶିତ ପୁସ୍ତକ ମୁଁ ପଢ଼ିଛି । ତୁମ ପୁସ୍ତକ ପ୍ରକାଶିତ ହେବା ସଂଗେ ସଂଗେ ପ୍ରତ୍ୟେକରୁ ପନ୍ଦର ଖଣ୍ଡ ତୁମ ପ୍ରକାଶକଙ୍କଠାରୁ ମୁଁ କିଣେ । ମୋ ସ୍ୱାମୀଙ୍କ କାରଖାନାର ଜଣେ ଏଜେଣ୍ଟ କଟକରେ ଅଛନ୍ତି । ତାଙ୍କରି ଜରିଆରେ ମୁଁ ତୁମ ପ୍ରକାଶକଙ୍କ ସହିତ ଯୋଗାଯୋଗ ରଖିଛି । ଦେବାଶିଷ ! ପ୍ରକୃତରେ ତୁମ ଗଳ୍ପ ଖୁବ୍ ଚମତ୍କାର । ସେଥିପାଇଁ ମୋ ବ୍ୟକ୍ତିଗତ ଲାଇବ୍ରେରୀରେ ତୁମର ସମସ୍ତ ବହି ମୁଁ ସାଇତି ରଖିଛି । ଦିଲ୍ଲୀରେ କୌଣସି ଓଡ଼ିଆ ଘରର କିଛି ଉତ୍ସବକୁ ଗଲେ ମୁଁ ସବୁବେଳେ ତୁମରି ବହି ହିଁ ଉପହାର ଦିଏ ।

ମୋର ପ୍ରଶଂସା ଶୁଣି ମୁଁ କୃତଜ୍ଞତାରେ ସଂକୁଚିତ ହୋଇଗଲି । ନିଜ ଲେଖାର ପ୍ରଶଂସା ଶୁଣିଲେ ପ୍ରତି ଗାଳ୍ପିକ ଖୁସି ହୁଅନ୍ତି । ଜଣେ ଗାଳ୍ପିକ ପାଇଁ ତା' ଗଳ୍ପର ପ୍ରଶସ୍ତିଠାରୁ ଆଉ ବଡ଼ କଥା କ'ଣ ଅଛି ? ବିଶେଷକରି ତା'ର କଲେଜ ଜୀବନର ବାନ୍ଧବୀ ଯଦି ପ୍ରଶଂସା କରନ୍ତି ସେ ସ୍ୱାଦଟା ନିଆରା ।

ମୁଁ କହିଲି- ତୁମର ମନେଥିବ ଲୋପା ! ଆମେ ସପ୍ତମ ଶ୍ରେଣୀରେ ପଢ଼ିବା ବେଳେ ଆମ ସ୍କୁଲରେ ଗୋଟିଏ ହାତଲେଖା ପତ୍ରିକା ପ୍ରକାଶ ପାଇଥିଲା । ସେଥିରେ ମୁଁ ଲେଖିଥିବା ଗଳ୍ପ ଖୁବ୍ ଭଲ ହୋଇଛି ବୋଲି ତୁମେ ମତେ ଖେଳ ପଡ଼ିଆରେ କହିଥିଲ । ତୁମର ସେଇ ପ୍ରେରଣାକୁ ଉତ୍ସ କରି ମୁଁ ଆଗକୁ ଆଗେଇଛି, ଆଉ କେବେ ପଛକୁ ଫେରି ଚାହିଁ ନାହିଁ ।

: ମୋ ପ୍ରେରଣା ନୁହଁ ତୁମ ଭିତର ପ୍ରତିଭା ତୁମକୁ ଏତେବାଟ ଆଗେଇ ଆଣିଛି । ତୁମେ ଆମ ଅଞ୍ଚଳର ଗର୍ବ ଓ ଗୌରବ । ଆମ ଅଞ୍ଚଳରୁ କିଏ କେମିତି ଡାକ୍ତର, ଇଂଜିନିୟର ଓ ପ୍ରଶାସନିକ ଅଫିସର, ମନ୍ତ୍ରୀ ପର୍ଯ୍ୟନ୍ତ ହେଲେଣି । କିନ୍ତୁ ତୁମକୁ ଛାଡ଼ି

Digitized by srujanika@gmail.com

ଦେଲେ ଆଉ କେହି ଜଣେ ହେଲେ ସାହିତ୍ୟିକ ବାହାରି ନାହିଁ । ସାହିତ୍ୟିକମାନେ ଦାର୍ଶନିକ ଓ କ୍ରାନ୍ତିଦ୍ରଷ୍ଟା । ତୁମ ସାଙ୍ଗରେ ସ୍କୁଲ ଓ କଲେଜ ଏକତ୍ର ପଢ଼ିବାର ସୁଯୋଗ ପାଇଥିବାରୁ ମୁଁ ନିଜକୁ ଭାଗ୍ୟବତୀ ମନେ କରୁଛି । ତୁମେ ଯେଉଁ ଦିନ ତୁମ ଗଳ୍ପପୁସ୍ତକ 'ନିଃଶବ୍ଦ ନୂପୁର' ପାଇଁ କେନ୍ଦ୍ର ସାହିତ୍ୟ ଏକାଡ଼େମୀ ପୁରସ୍କାର ପାଇଲ ମୁଁ ସେଦିନ କେତେ ଖୁସି ହୋଇଥିଲି ତୁମେ ତାହା କଳ୍ପନା କରିପାରିବ ନାହିଁ ଦେବାଶିଷ । କିନ୍ତୁ ମୋର ଦୁର୍ଭାଗ୍ୟ, ପୁରସ୍କାର ବିତରଣ ଉତ୍ସବ ଦିନ ମୋ ଶାଶୁଙ୍କର କ୍ୟାନସର ଅପରେସନ୍ ଥିଲା ଟାଟା ମେମୋରିଆଲ୍ ହସ୍‌ପିଟାଲ୍‌ରେ । ସେ ମୃତ୍ୟୁ ସହିତ ଲଢ଼ି ଲଢ଼ି ସେଇଠି ହିଁ ଟଳି ପଡ଼ିଲେ । ତେଣୁ ସେଦିନ ମୁଁ ତୁମ ପୁରସ୍କାର ଗ୍ରହଣ ଉତ୍ସବରେ ଉପସ୍ଥିତ ରହିପାରିଲି ନାହିଁ ।

ଲୋପାଙ୍କ କଥାରେ ମୋ ମନ ଭିତରର ଅନେକ ଅଳିନ୍ଦ ଖୋଲିଗଲା । ଯେଉଁ ଲୋପାଙ୍କ ପାଇଁ ମୋ ଛାତିରେ କୋଇଲିର ସ୍ୱର ଶୁଭୁଥିଲା, ମନ ଡ଼ାଳରେ ହଳଦୀ ବସନ୍ତ ଡେଉଁଥିଲା, ଆଖି ଆଗରେ ମୟୂର ପୁଚ୍ଛ ଟେକି ମେଘମହ୍ଲାର ନାଚୁଥିଲା, ଯାହା ପାଇଁ ମୁଁ ଗଳ୍ପ ଲେଖିବାକୁ କଲମ ଧରିଥିଲି ସିଏ ସତରେ କ'ଣ ମତେ ଭଲ ପାଉଥିଲା ? ଏଇ ପ୍ରଶ୍ନଟି ଲୋପାଙ୍କୁ ପଚାରିବାର ଅବକାଶ ମୁଁ କେବେ ପାଇ ନ ଥିଲି । ସ୍କୁଲ ଜୀବନରେ କି କଲେଜ ଜୀବନରେ ଯେତେ ଥର ମନକଥା କହିବାକୁ ଚାହିଁଛି ସେତେଥର କଣ୍ଠ ରୁଦ୍ଧ ହୋଇଯାଇଛି । ମୁହଁ ଖୋଲି ନାହିଁ, ଓଠ ଥରିଛି; କଥା ଫିଟି ନାହିଁ । ମୁହଁର କଥା ମନକୁ, ହୃଦୟକୁ ଫେରିଯାଇଛି ।

ଲୋପା ମୋତେ ଭଲ ପାଆନ୍ତି କି ନାହିଁ ସେ କଥା ପଚାରିବାକୁ ହାଇସ୍କୁଲ ପରୀକ୍ଷା ସରିବା ଦିନ ମୁଁ ପ୍ରଥମ ପ୍ରଚେଷ୍ଟା କରିଥିଲି । ଆମ ଗାଆଁ ହାଇସ୍କୁଲରୁ ଆମେ ଫାଇନାଲ ମେଟ୍ରିକ ପରୀକ୍ଷା ଦେବାକୁ ଯାଇଥିଲୁ କେନ୍ଦୁଝରର ଜିଲ୍ଲା ସ୍କୁଲକୁ । ଗାଆଁଠୁ ପଚାଶ କିଲୋମିଟର ଦୂର କେନ୍ଦୁଝର । ଲୋପା ଥିଲେ ଆମ କ୍ଲାସର ଏକମାତ୍ର ଝିଅ । ପରୀକ୍ଷା ବେଳେ ଆମେ ରହୁଥିଲୁ ପରୀକ୍ଷା କେନ୍ଦ୍ରଠୁ ଅଳ୍ପ ଦୂରରେ, ଗୋଟିଏ ଭଡ଼ାଘରେ । କିନ୍ତୁ ଲୋପା ରହୁଥାନ୍ତି ଟିକେ ଦୂରରେ, ତାଙ୍କ ବାପାଙ୍କ ପାଖରେ । ତାଙ୍କ ନିଜ ଘର କେନ୍ଦୁଝର ଟାଉନ୍‌ରେ ଥିଲା । ତାଙ୍କ ବାପା ସେଠି ବ୍ୟବସାୟ କରୁଥିଲେ । ପ୍ରତିଦିନ ପରୀକ୍ଷା ପୂର୍ବରୁ ତାଙ୍କ ବାପା ଲୋପାଙ୍କୁ ଆଣି ଆମ ପାଖରେ ଛାଡ଼ି ଦେଇ ଯାଆନ୍ତି ଆଉ ପରୀକ୍ଷା ସରିବା ପରେ ଆସି ନେଇ ଯାଆନ୍ତି । ଶେଷ ପରୀକ୍ଷା ଦିନ ପରୀକ୍ଷା ସରିବା ପରେ ମଧ ଲୋପାଙ୍କ ବାପା ତାଙ୍କୁ ନେବାକୁ ଆସିଲେ ନାହିଁ । ଲୋପାଙ୍କର ଅନୁରୋଧ ରକ୍ଷାକରି ମୁଁ ତାଙ୍କ ଘରକୁ ରିକ୍ସାରେ ଯାଇଥିଲି ତାଙ୍କୁ ଛାଡ଼ିବାକୁ ।

ଖରାବେଳ । ରିକ୍ସାରେ ଲୋପା ଆଉ ମୁଁ । ଏତେ ପାଖରେ ଦେହକୁ ଦେହ

Digitized by srujanika@gmail.com

ଲାଗି ବସିଥିଲେ ବି କାହାରି ମୁହଁରେ କଥା ନଥିଲା । ମୋ ମନ ଭିତରେ ଅନେକ କଥାର ଭିଡ଼ । ପ୍ରତିଟି ଶବ୍ଦ ଠେଲାପେଲା ଆତ୍ମପ୍ରକାଶ କରିବାକୁ । କିନ୍ତୁ ପାଟିକୁ ଗୋଟିଏ ହେଲେ ଅକ୍ଷର ଓହ୍ଲାଇ ନାହିଁ । ମୁଁ ଲୋପାଙ୍କର ମୁହଁକୁ ଲକ୍ଷ୍ୟ କରିଛି । ତାଙ୍କ ଭିତରେ ମଧ ସେମିତି କିଛି ଓଲଟ ପାଲଟ ଚାଲିଥିଲା । ରିକ୍ସା ରହିଲା ଲୋପାଙ୍କ ଘର ଆଗରେ । ଆମେ ଦୁହେଁ ସେତେବେଳକୁ ଝାଳରେ ଜୁଡୁବୁଡୁ । ଲୋପା ନୀରବରେ ରିକ୍ସାରୁ ଓହ୍ଲାଇ ଠିଆ ହେଲେ । କିଛି କହିବା କହିବା ଭାବ ତାଙ୍କ ମୁହଁରେ ସ୍ପଷ୍ଟ ପଢ଼ି ହେଉଥିଲେ ବି କିଛି କହି ନଥିଲେ । ମୋ ହାତରେ ଦୁଇ ପିଠିର ରିକ୍ସା ଭଡ଼ା ଦଶଟଙ୍କାର ନୋଟ ଖଣ୍ଡେ ଝାଳୁଆ ହାତରେ ଗୁଞ୍ଜି ଦେଇଥିଲେ ।

କଲେଜରେ ପୁଣି ଆମେ ଏକାଠି ହେଲୁ । ବି.ଜେ.ବି. କଲେଜ । କଲେଜରେ ଅନେକ ପୁଅ, ଅନେକ ଝିଅ । କିନ୍ତୁ ଅର୍ଜୁନଙ୍କୁ ଗଛ କି ଚଢ଼େଇ କିଛି ଦୃଶ୍ୟ ନହୋଇ କେବଳ ଲକ୍ଷ୍ୟ ଭେଦ କରିବାକୁ କୁହାଯାଇଥିବା ଚଢ଼େଇର ଆଖିଟି ଯେମିତି ଦୃଶ୍ୟ ହୋଇଥିଲା, ମତେ ସେମିତି କଲେଜର କୌଣସି ଝିଅ ଦେଖା ନ ଯାଇ କେବଳ ଲୋପା ହିଁ ଦେଖାଯାଉଥିଲେ । ମୁଁ ଆଖି ଖୋଲିଲେ ଲୋପା, ଆଖି ମୁଦିଲେ ଲୋପା ।

ଲୋପା ଗୋଟିଏ ସ୍ୱତନ୍ତ୍ର ପରଫ୍ୟୁମ୍ ବ୍ୟବହାର କରୁଥିଲେ । ସେ ନିର୍ଦ୍ଦିଷ୍ଟ ପରଫ୍ୟୁମ୍‌ର ସୁରଭି ଅତି ସମ୍ଭ୍ରାନ୍ତ । ଆମ କଲେଜରେ ଅନେକ ଝିଅ । କିନ୍ତୁ ସେ ପରଫ୍ୟୁମ୍‌ର ବାସ୍ନାରୁ ଲୋପାଙ୍କ ଉପସ୍ଥିତି ଜାଣି ହେଉଥିଲା । ଲୋପା କ୍ଲାସକୁ ପଶିବାମାତ୍ରେ ସେଇ ପରଫ୍ୟୁମ୍ ସମଗ୍ର କ୍ଲାସଟାକୁ ମହକାଇ ଦେଉଥିଲା ।

ଅନୀତା ଅଗ୍ରୱାଲ ବୋଲି ଗୋଟେ ପତଳି ଡେଙ୍ଗୀ ଝିଅ ଥରେ କଲେଜର କୃଷ୍ଣଚୂଡ଼ା ଗଛମୂଳେ ଲୋପାଙ୍କ କାନରେ ମୁହଁ ଲଗାଇ ସେଇ ପରଫ୍ୟୁମ୍‌ର ନାଆଁ ଆଉ ତା'ର ପ୍ରାପ୍ତିସ୍ଥାନର ଠିକଣା ପଚାରିଥିଲା ।

ଲୋପା ତାକୁ କହିଥିଲେ-ଏଟା କୌଣସି କଂପାନୀର ନୁହେଁ । ଇରାକ୍‌ରେ ମୋ ବାପାଙ୍କର ଜଣେ ମୁସ୍‌ଲିମ୍ ବନ୍ଧୁ ଅଛନ୍ତି । ଏଇଟା ତାଙ୍କ ହାତ ତିଆରି ।

ସେଇଦିନଠୁ ଲୋପାଙ୍କ ପରଫ୍ୟୁମ୍ ପ୍ରତି ଆମ କଲେଜର ଆଉ କୌଣସି ଝିଅ ହାତ ବଢ଼େଇ ନଥିଲେ । ସେ ପରଫ୍ୟୁମ୍‌ର ନାଆଁ ଦିଆଗଲା ଏଲ୍.ପି. ଅର୍ଥାତ୍ ଲୋପା ପରଫ୍ୟୁମ୍ ।

କଲେଜ ମାଗାଜିନ୍‌ର ସଂପାଦକ ପଦ ପାଇଁ ହୋଇଥିବା ନିର୍ବାଚନରେ ଲୋପା ମୋ ସପକ୍ଷରେ ପ୍ରଚାର ପାଇଁ ଆବଶ୍ୟକ ଲିଫ୍‌ଲେଟ୍ ଓ ପୋଷ୍ଟର ଖର୍ଚ୍ଚ ବହନ କରିଥିଲେ । ମୋ ପାଇଁ ଭୁବନେଶ୍ୱର ସାରା ବୁଲି ଆମ କଲେଜ ପିଲାଙ୍କ ଘରକୁ ଯାଇ ଓ ହଷ୍ଟେଲକୁ ଯାଇ ପୁସିଙ୍ଗ୍ କାର୍ଡ଼ ବାଣ୍ଟିଥିଲେ ଲୋପା । ପ୍ରତି ପୁସିଙ୍ଗ୍ କାର୍ଡ଼ରେ ଲୋପା ପରଫ୍ୟୁମ ଲଗାଯାଇଥିଲା । ମୁଁ ବହୁ ଭୋଟରେ ନିର୍ବାଚିତ ହେବାରେ ଲୋପାଙ୍କର

Digitized by srujanika@gmail.com

କୃତିତ୍ୱ ଥିଲା ପ୍ରାୟ ନବେ ଭାଗ । ଖୁସିରେ ଅଧୀର ହୋଇ କଲେଜ୍ କମନ୍ ରୁମ୍‌ରେ ସେଦିନ ଚକ୍‌ଲେଟ୍ ବାଣ୍ଟିଥିଲେ ଲୋପା ।

ମୋ ସାଙ୍ଗମାନେ ମୋ କାନରେ କହିଲେ- ତୋର ଦୁଇଟା ଜିତ୍ ହେଲା ଦେବାଶିଷ । ଗୋଟେ ସଂପାଦକ ପଦ ଆଉ ଗୋଟେ ଲୋପାମୁଦ୍ରାଙ୍କ ହୃଦୟ ।

ମୋ ମୁହଁ ସେଦିନ ଲଜ୍ଜାରେ ଲାଲ ପଡ଼ିଯାଇଥିଲା । କଲେଜରେ ଲୋପାଙ୍କର ଖୁବ୍ ନିକଟତର ହେବାର ସୁଯୋଗ ମୁଁ ପାଇଛି । ପ୍ରତି ସପ୍ତାହରେ କାଣ୍ଟିନ୍‌ରେ ଅତିକମ୍‌ରେ ଲୋପା ମତେ ଥରଟେ ଖୁଆନ୍ତି । ମୁଁ ଥରେ ଜୋର କରି କ୍ୟାଣ୍ଟିନ୍ ବିଲ୍ ପେମେଣ୍ଟ୍ କଲାବେଳେ ଲୋପା ମୋ ହାତକୁ ଟଙ୍କା ମିଶାକି ଧରିନେଇଥିଲେ । ମୋ ଦେହରେ କରେଣ୍ଟ ଲାଗିଲା ପରି ରୋମାଞ୍ଚ ଖେଳିଯାଇଥିଲା । ଏବେ ବି ସେ ରୋମାଞ୍ଚର ପ୍ରତିଧ୍ୱନି ମୋ ଭିତରେ ବଞ୍ଚିଛି ।

ଲୋପା ସେଦିନ ବିଲ୍‌ଟା ମୋ ହାତରୁ ଛଡ଼ାଇ ନେଇ ନିଜେ ପେମେଣ୍ଟ କରିଥିଲେ ଓ କହିଥିଲେ- ମୁଁ ତୁମ ଆର୍ଥିକ ପରିସ୍ଥିତି କଥା ଜାଣେ ଦେବାଶିଷ ! ତମେ ନିଜେ ସେକଥା କେମିତି ଭୁଲି ଯାଉଛ ?

ସେଇ ଦିନଠୁ ଲୋପା ମୋ ପାଇଁ ଯେଉଁଠି ପେମେଣ୍ଟ୍ କରିଛନ୍ତି ମୁଁ କିଛି ଆପତ୍ତି ଉଠାଇ ନାହିଁ ।

ମୋର ପ୍ରତ୍ୟେକ ଗଳ୍ପରେ ଲୋପା ହିଁ ନାୟିକା ଭାବରେ ଆବିର୍ଭୂତା ହୋଇଛନ୍ତି । ରାଜ୍ୟର ସମସ୍ତ ଅଗ୍ରଗାମୀ ସାହିତ୍ୟ ପତ୍ରିକାରେ ମୋ ଗଳ୍ପ ପ୍ରକାଶ ପାଇଛି । ପ୍ରତ୍ୟେକ ଗଳ୍ପ-ଲୋପା ପଢ଼ିଛନ୍ତି । ଗଳ୍ପର ସଫଳତା ପାଇଁ ମୋତେ ଅଭିନନ୍ଦିତ କରିଛନ୍ତି । କିନ୍ତୁ ଥରଟିଏ ହେଲେ ଗଳ୍ପର ନାୟିକାର ପରିଚୟ ପଚାରି ନାହାଁନ୍ତି ।

ମୁଁ ଗଳ୍ପ ମାଧମରେ ମୋ ମନ କଥା ଲୋପାଙ୍କ ଆଗରେ ପ୍ରକାଶ ପାଇଁ ଚେଷ୍ଟା କରିଛି । କିନ୍ତୁ କିଛି ହେଲେ ପ୍ରତିକ୍ରିୟା ପ୍ରକାଶ କରି ନାହାଁନ୍ତି ଲୋପା । ମୋ ସହିତ ଲୋପା ବହୁ ଭାବରେ ମିଶିଛନ୍ତି, କିନ୍ତୁ କେତେବେଳେ ହେଲେ ନିଜର ଦୁର୍ବଳତା ପ୍ରକାଶ କରି ନାହାଁନ୍ତି କିମ୍ବା ଦୁର୍ବଳତା ପ୍ରକାଶ କରିବାକୁ ମୋତେ ସାମାନ୍ୟତମ ସୁବିଧା ସୁଯୋଗ ଦେଇ ନାହାଁନ୍ତି ।

ଖୋର୍ଦ୍ଧାର ବରୁଣେଇ ପାହାଡ଼ ଦେଖିଯିବା ପାଇଁ ମୁଁ ଥରେ ଲୋପାଙ୍କ ଆଗରେ ପ୍ରସ୍ତାବ ଦେଲି । ସିଏ ମୋର କୌଣସି ପ୍ରସ୍ତାବକୁ ଆଗରୁ ଭାଙ୍ଗି ନଥିଲେ । ଏ ପ୍ରସ୍ତାବକୁ ମଧ ଭାଙ୍ଗି ନଥିଲେ । ଦିନବାର ଠିକ୍ ହେଲା । ମୁଁ ନିର୍ଦ୍ଦିଷ୍ଟ ଦିନ କଲେଜ ଗେଟ୍ ସାମ୍ନାରେ ଅପେକ୍ଷା କରିଛି । ଲୋପା କାର ଆଣି ପହଞ୍ଚିଲେ । କାର ଭିତରେ ଥିଲେ ଲୋପାଙ୍କର ମାଆ, ଦୂର ସଂପର୍କୀୟ ଜଣେ ଭଉଣୀ ।

କାର୍‌ର ଡୋର୍ ଖୋଲି ମୁଁ ଡ୍ରାଇଭର ପାଖରେ ବସିଲି । ବରୁଣେଇ ଅଭିମୁଖେ ଗାଡ଼ି

Digitized by srujanika@gmail.com

ଚାଲିଲା । ମୁଁ ଭାବିଥିଲି ଲୋପା ଏକୁଟିଆ ଆସିବେ । ଆମେ ଦୁହେଁ ପାହାଡ଼ରେ ବୁଲିବୁ । ସେତେବେଳେ ଆମ ପାଖରେ ଆଉ କେହି ନଥିବେ, ଆଉ ସେଇ ସୁଯୋଗରେ ପଚାରିବି- ଅନ୍ତର ଖୋଲି କୁହ ଲୋପା ! ସତରେ କ'ଣ ତୁମେ ମୋତେ ଭଲ ପାଅ ?

ସେଦିନ ଆମେ ପାହାଡ଼ ବୁଲିଲୁ, ଝରଣା ଦେଖିଲୁ, ଜଙ୍ଗଲ ଦେଖିଲୁ, ଠାକୁର ଦେଖିଲୁ, ମନ୍ଦିର ଦେଖିଲୁ । କିନ୍ତୁ ନିରୋଳା ମୁହୂର୍ତ୍ତଟିଏ ପାଇଲି ନାହିଁ ଯେଉଁଠି ମୁଁ ଲୋପାଙ୍କର ମନଟାକୁ ଦେଖିବା ପାଇଁ କି ତାଙ୍କ ହୃଦୟଟାକୁ ପଢ଼ିବା ପାଇଁ ।

ସେଦିନ ବରୁଣେଇରୁ ଫେରିବା ପରେ ଲୋପା ମୋ ପାଖରେ ଏକ ରହସ୍ୟ ଭାବରେ ଠିଆ ହେଲେ । ଏତେ ସ୍ନେହ ସୌହାର୍ଦ୍ଦ୍ୟର ହାତ ବଢ଼ାଉଥିବା ନାରୀଟି ମୋତେ ଭଲ ପାଉଛି ନା, ଦୟା କରୁଛି ମୁଁ ଦ୍ୱନ୍ଦ୍ୱରେ ପଡ଼ିଗଲି । ଭଲ ପାଠ ପଢୁଥିବା, ଭଲ ଗପ ଲେଖୁ ଥିବା ଗରିବ ଘରର ଗୋଟେ ପ୍ରତିଭାବାନ ଯୁବକକୁ କର୍ତ୍ତବ୍ୟ ଦୃଷ୍ଟିରୁ ସାହାଯ୍ୟ କରୁଛି ନା, ତା'ର ପ୍ରତିଭାରେ ଆକର୍ଷିତ ହୋଇ ତାକୁ ଭଲ ପାଉଛି ? କେଉଁଟା ଠିକ୍ ? ମୁଁ ଲୋପାଙ୍କ ପାଖରେ ଦୟା କରୁଣାର ପ୍ରାର୍ଥୀ ନା ପ୍ରେମ ପ୍ରଣୟର ମୂର୍ତ୍ତି ?

ଏଣିକି ଲୋପା ମୋ ଆଖିକି ଅନାବିଷ୍କୃତ ବିସ୍ତୃତ ଦ୍ୱୀପଟିଏ ପରି ବିଚିତ୍ର ଦିଶିଲେ । ମୁଁ ଲୋପାଙ୍କ ଉଦ୍ଦେଶ୍ୟରେ ଗୋଟିଏ ଚିଠି ଲେଖିଲି । ଯେଉଁକଥା ମୁହଁରେ ପଚାରି ହେଉନାହିଁ ସେହି କଥା ହୁଏତ ଚିଠିରେ ଲେଖିବା ସହଜ ହେବ ବୋଲି ଭାବି ମୁଁ କଲମ ଧରିଲି । କିନ୍ତୁ ଚିଠିଟା ଲେଖିବା ସହଜ ହେଲା ନାହିଁ । ମନେ ହେଲା କଲମର କଣ୍ଠରୋଧ ହୋଇଯାଉଛି । ଲେଖିଲି ଚିରିଲି, ଲେଖିଲି ଚିରିଲି । ଶେଷରେ ଚିଠି ଲେଖିବା ସମ୍ଭବ ହେଲା ନାହିଁ । ଗୋଟିଏ ପୃଷ୍ଠିକିଆ କାଗଜରେ ବଡ଼ ବଡ଼ ଅକ୍ଷରରେ ଲେଖିଲି- ''ମୁଁ ତମକୁ ଭଲ ପାଏ ।'' ବାସ୍ ଏତିକି । ସେ ଲେଖାରେ କାହାକୁ ସମ୍ବୋଧନ ନାହିଁ କି ଶେଷରେ କାହାର ସ୍ୱାକ୍ଷର ନାହିଁ । ଏଇ କାଗଜଟି ଲୋପାଙ୍କ ଇଂରାଜୀ କବିତା ବହି ଭିତରେ ସେଦିନ ପଢ଼ା ହେବାକୁ ଥିବା କବିତା ପାଖରେ ରଖିଲି ।

ଲୋପାଙ୍କ ପ୍ରତିକ୍ରିୟାକୁ ଅପେକ୍ଷା କଲି । ଦିନେ ଦୁଇଦିନ, ଚାରିଦିନ ଗୋଟିଏ ସପ୍ତାହ କଟିଗଲା କିନ୍ତୁ ଲୋପା ନିର୍ବିକାର । ମୋ ମନରେ ଆଶଂକା ଦେଖାଦେଲା । ଲୋପା କ'ଣ ସେ କାଗଜଟା ଏଯାଏ ଦେଖି ନାହାଁନ୍ତି ? କାଗଜ ଖଣ୍ଡକ କ'ଣ ଲୋପାଙ୍କ ଦୃଷ୍ଟିକୁ ଆସିବା ଆଗରୁ ବହିରୁ କେଉଁଆଡ଼େ ପଡ଼ିଗଲା ?

କଲେଜ ଆଗ ପଡ଼ିଆରେ ମୁଁ ତାଙ୍କ ଇଂରାଜୀ କବିତା ବହିଟା ଦେଖିବା ପାଇଁ ମାଗିଲି । ପ୍ରଥମେ ଲୋପା ଟିକିଏ ଅପ୍ରତିଭ ଦିଶିଲେ, ତା'ପରେ ନିଜକୁ ନିୟନ୍ତ୍ରଣ ଭିତରେ ରଖି ବହିଟା ବାହାର କରି ମୋ ହାତକୁ ବଢ଼ାଇ ଦେଲେ । ବହିଟା ପୃଷ୍ଠା ପୃଷ୍ଠାକି ମୁଁ ଓଲଟାଇଲି । ମୋ କାଗଜ ଖଣ୍ଡକ ଯେଉଁଠି ଯେମିତି ଥିଲା ସେଇଠି ସେମିତି ଅଛି । ମୁଁ ଲୋପାଙ୍କୁ ବହିଟି ଫେରେଇ ଦେଲି ।

ଆନଂଦ ଚଂଦ୍ର ପହି

Digitized by srujanika@gmail.com

ମୃଦୁ ହସି ଲୋପା ପଚାରିଲେ— କ'ଣ ଖୋଜୁଥିଲ ଦେବାଶିଷ ?

ମୁଁ କେବଳ ସାମାନ୍ୟ ହସିଲି ଓ ଉତ୍ତର ଦେଲି— ନା, କିଛିନୁହେଁ ।

ସେଦିନ ସେଇ ପଡ଼ିଆରେ ଲୋପାଙ୍କୁ ଛାଡ଼ି ମୁଁ ଏକମୁହାଁ ହୋଇ ଚାଲିଯାଇଥିଲି । ଲୋପା ମୋ ନାଆଁ ଧରି ପଛରୁ ବାରମ୍ବାର ଡାକୁଥିଲେ । ମୁଁ ଆଉ ପଛକୁ ଫେରି ଚାହିଁ ନଥିଲି ।

ସେଦିନ ଓ ରାତି ସାରା ମୁଁ ତକିଆରେ ମୁହଁମାଡ଼ି ଅନେକ କାନ୍ଦିଥିଲି । ଲୋପା ତା'ହେଲେ ମୋ ଲେଖାଟିକୁ ଦେଖି ମଧ ନ ଦେଖିବାର ଅଭିନୟ କରି ଚାଲିଛନ୍ତି । ମୁଁ ତାଙ୍କୁ ଭଲପାଏ ବୋଲି ଲେଖିକି ଜଣାଇବା ପରେ ମଧ ସିଏ ପୂର୍ବପରି ସ୍ଥିର, ପ୍ରତିକ୍ରିୟାହୀନ । ପାରିବାରିକ ଷ୍ଟାଟସ୍ ଦୃଷ୍ଟିରୁ ଲୋପାଙ୍କ ପରିବାର ଆମଠୁ ଢେର ଉଚ୍ଚରେ । ତାଙ୍କର କେନ୍ଦୁଝର ଟାଉନ୍‌ରେ, କଟକରେ ଓ ଭୁବନେଶ୍ୱରରେ ସୁନ୍ଦର ସୁନ୍ଦର ବିଲ୍‌ଡ଼ିଙ୍ଗ ଅଛି ।

ତଥାପି ମୋର ମନ ମାନିଲା ନାହିଁ । ଭଲ ପାଇବା ପାଖରେ ଧନ ଆଉ ପାରିବାରିକ ଷ୍ଟାଟସ୍‌ର ମୂଲ୍ୟ କ'ଣ ? ମୁଁ ତ ଲୋପାଙ୍କ ଧନ ଓ ପାରିବାରିକ ଷ୍ଟାଟସ୍‌କୁ ଦେଖି ତାଙ୍କୁ ଭଲପାଇ ବସି ନାହିଁ ।

ଆଉ ଗୋଟିଏ ସମ୍ଭାବନା ମୋତେ ସେଦିନ ସାନ୍ତ୍ୱନା ଦେଇଥିଲା । ଯଦି ଲୋପା ମୋତେ ଭଲପାଉ ନାହାଁନ୍ତି, ତାହେଲେ ଇଂରାଜୀ ବହି ଭିତରୁ 'ମୁଁ ତୁମକୁ ଭଲପାଏ' ଲେଖାଟି କାହିଁକି ସେଥିରେ ରଖିଛନ୍ତି ?

ଲୋପା ମୋତେ ଭଲ ପାଆନ୍ତି କି ନାହିଁ ସେ ଅଙ୍କଟି ମୋ ପାଖରେ ସେମିତି ଅସମାହିତ ହୋଇ ରହିଗଲା । ଲୋପା ବି.ଏ. ପରେ ଦିଲ୍ଲୀରେ ଜବାହାରଲାଲ ୟୁନିଭରସିରେ ଏମ୍.ଏ. ପଢ଼ିଲେ । ମୁଁ ରହିଗଲି ବାଣୀବିହାରରେ । ଜେ.ଏନ୍.ୟୁ.ରେ ପଢ଼ିବାକୁ ଲୋପା ମୋତେ ପ୍ରସ୍ତାବ ଦେଇଥିଲେ । ସେଥିପାଇଁ ଆବଶ୍ୟକ ଟଙ୍କା ଯୋଗାଡ଼ କରିଦେବାର ପ୍ରତିଶ୍ରୁତି ମଧ ରଖିଥିଲେ । କିନ୍ତୁ ମୁଁ ମନାକଲି । ଏତେ ଋଣୀ ହେବାକୁ ମୋ ପୌରୁଷ ପସନ୍ଦ କଲା ନାହିଁ । ମୁଁ ଲୋପାଙ୍କ ଅନୁକଂପାର ଛାଇରେ ବଢ଼ିବାକୁ ଇଚ୍ଛା କଲି ନାହିଁ ।

ମୁଁ ନିଜ ଗୋଡ଼ରେ ଠିଆ ହେଲେ ଲୋପାଙ୍କର ଅଧିକ ଦୃଷ୍ଟି ଆକର୍ଷଣ କରିବି । ସେଇ ଦିନଠୁ ଆମ ଦୁହିଁଙ୍କ କକ୍ଷ ପଥ ଅଲଗା ହୋଇଗଲା । ଲୋପା ଦିଲ୍ଲୀରେ ମୁଁ ରହିଲି ଭୁବନେଶ୍ୱରରେ । ଛୁଟିରେ ଅନେକ ଥର ଲୋପାଙ୍କ ସହିତ ସାକ୍ଷାତ ହୋଇଛି । ଘଣ୍ଟା ଘଣ୍ଟା ବାଣୀବିହାରର କୃଷ୍ଣଚୂଡ଼ା ମୂଳେ ଆମେ ଗପିଛୁ । ଗପି ଗପି ସଂଧ୍ୟାର ବୟସ ବଢ଼ି ରାତି ହୋଇଛି । ଜହ୍ନ ରାତିରେ କୃଷ୍ଣଚୂଡ଼ା ମୂଳେ ଘଣ୍ଟା ଘଣ୍ଟା ବସିଛୁ ଲୋପା ଆଉ ମୁଁ । ତଥାପି ମୁଁ ଲୋପାଙ୍କୁ ପଚାରି ପାରି ନାହିଁ, ସିଏ ମତେ ଭଲ ପାଆନ୍ତି କି ନାହିଁ ।

Digitized by srujanika@gmail.com

ଲୋପାଙ୍କ ପ୍ରସ୍ତାବ ଥିଲା- ତୁମେ ଆଇ.ଏ.ଏସ୍‌ ପରୀକ୍ଷା ଦିଅ ଦେବାଶିଷ ! ପାଇଯିବାର ଅନେକ ସମ୍ଭାବନା ଅଛି ।

ମୁଁ କିନ୍ତୁ ଲୋପାଙ୍କ ପ୍ରସ୍ତାବକୁ ବିରୋଧ କରିଥିଲି । ମୁଁ ଆଇ.ଏ.ଏସ୍. ହେଲେ ହୁଏତ ଅନେକ କ୍ଷମତାର ଅଧିକାରୀ ହେବି, ଅନେକ ଧନ ରୋଜଗାର କରିବି, କିନ୍ତୁ ମଣିଷଠୁ, ସମାଜଠୁ ଓ ଜୀବନଠୁ ଦୂରେଇ ଯିବି । ମୋ ସାହିତ୍ୟ ସାଧନା ବାଧାପ୍ରାପ୍ତ ହେବ ।

ସାହିତ୍ୟ ସାଧନା ବାଧାପ୍ରାପ୍ତ ହେବ ବୋଲି ଜାଣିବା ଦିନଠୁ ଆଉ କେବେ ଲୋପା ଆଇ.ଏ.ଏସ୍. ହେବା ପ୍ରସ୍ତାବର ପୁନରାବୃତ୍ତି କରି ନାହାଁନ୍ତି ।

ମୁଁ ଲୋପାଙ୍କୁ ସ୍ପଷ୍ଟ କରିଦେଇଥିଲି- ମୁଁ ଜଣେ ଅଧ୍ୟାପକ ହେବି । ଶିକ୍ଷା ଓ ସାହିତ୍ୟ ପାଖାପାଖି ବହିଚାଲିଥିବା ଦୁଇଟି ସମାନ୍ତରାଳ ରେଖା ।

ଲୋପା ମୋର ଏ ପ୍ରସ୍ତାବ ବିରୁଦ୍ଧରେ କେବେ ପ୍ରତିକୂଳ ମତ ଦେଇ ନଥିଲେ ।

ଲୋପା ଦିଲ୍ଲୀରେ ପଢ଼ିବାବେଳେ ମୁଁ ଅନେକ ସମୟରେ ଭାବିଛି ଚିଠି ଦେବାକୁ । ଅନେକଥର ଚିଠି ଲେଖିଛି । କିନ୍ତୁ ଗୋଟିଏ ହେଲେ ଚିଠି ପୋଷ୍ଟ କରି ନାହିଁ । ଲୋପାଙ୍କଠାରୁ ମଧ୍ୟ ଗୋଟିଏ ହେଲେ ଚିଠି ପାଇ ନାହିଁ ।

ହଠାତ୍ ଲୋପାଙ୍କଠାରୁ ଟେଲିଗ୍ରାମ୍‌ଟିଏ ପାଇ ଦିଲ୍ଲୀ ଗଲି । ଦିଲ୍ଲୀରେ ଗୋଟିଏ ବଡ଼ ହୋଟେଲ୍‌ରେ ଲୋପାଙ୍କର ବିଭାଘର ଜଣେ ବିଶିଷ୍ଟ ଶିଳ୍ପପତି ସହିତ । ମୁଁ ପହଞ୍ଚିବା ବେଳକୁ ବିଭାଘର ସରିଯାଇଛି । ରିସିପ୍‌ସନ୍ ଚାଲିଛି ।

ବଧୂ ବେଶରେ ଲୋପା ଖୁବ୍ ସୁନ୍ଦର ଦିଶୁଥିଲେ । ଗୋଟେ କଡ଼କୁ ମୋତେ ଟାଣି ନେଇ କହିଲେ- ମୋର କିଛି ଉପାୟ ନଥିଲା ଦେବାଶିଷ ! ମୁଁ ତୁମକୁ ପୂର୍ବରୁ ଜଣାଇବାର ସୁଯୋଗ ନଥିଲା । ବାପା ବର୍ତ୍ତମାନ ରୋଗଶଯ୍ୟାରେ ଶୋଇ ମୃତ୍ୟୁ ସହିତ ସଂଘର୍ଷ କରୁଛନ୍ତି । ତାଙ୍କୁ ବ୍ଲଡ୍ କ୍ୟାନସର୍ । ମୃତ୍ୟୁ ପୂର୍ବରୁ ମୋ ମୁଣ୍ଡରେ ମୁକୁଟ ଦେଖିବେ ବୋଲି ତାଙ୍କ ବିଜିନେସ୍ ପାର୍ଟନରଙ୍କ ପୁଅ ସୁଧାଂଶୁଙ୍କ ସହିତ ମୋର ବିବାହ ପାଇଁ ବାଧ କଲେ । ଏମିତି ଅବସ୍ଥାରେ ମୁଁ ମନା କରି ପାରିଲି ନାହିଁ । ନିଜ ଇଚ୍ଛା ବିରୋଧରେ ମଧ୍ୟ ମଣିଷ କିଛି କାମ କରିବାକୁ ମଜବୁର ହୁଏ ।

ଏଇ ଥିଲା ଲୋପାଙ୍କ ସହିତ ମୋର ଶେଷ ଦେଖା । ସେଠୁ ଫେରି ମୁଁ ଅନେକଟା ଭାଙ୍ଗି ପଡ଼ିଥିଲି । ମୋ କଲିଜାଟା ପୋଡି ଅଙ୍ଗାର ହୋଇଯାଇଥିଲା । ଗଳ୍ପ ଲେଖା ବନ୍ଦ କରି ଦେଇଥିଲି । ଏଣେ ତେଣେ ବୁଲିଲି । ସାହିତ୍ୟ ଛାଡ଼ିଦେବାକୁ ସିଦ୍ଧାନ୍ତ ନେଲି । ଲୋପା ଓ ତାଙ୍କ ସ୍ମୃତିକୁ ଭୁଲି ଯିବାକୁ ମନସ୍ଥ କଲି । କିନ୍ତୁ ପାରିଲି ନାହିଁ । ସାହିତ୍ୟ କି ଲୋପା କାହାକୁ ଭୁଲି ପାରିଲି ନାହିଁ । ପୁଣି ଗଳ୍ପ ଲେଖିଲି । ପ୍ରତ୍ୟେକ ଗଳ୍ପରେ ଲୋପା ପ୍ରାଣ ହୋଇ ପଶିଗଲେ । ଗଳ୍ପଗୁଡ଼ିକ ଆଗଠୁ ଅଧିକ ପ୍ରାଣସ୍ପର୍ଶୀ ହେଲା । ପାଠକ ପାଠିକାମାନଙ୍କଠାରୁ ଅନେକ ଚିଠି ପାଇଲି ।

Digitized by srujanika@gmail.com

ଗୋଟିଏ ରାତିର ପାହାନ୍ତିଆ ପହରରେ ଲୋପାଙ୍କୁ ସ୍ୱପ୍ନ ଦେଖିଲି । ବାଣୀବିହାରରେ ସେଇ କୃଷ୍ଣଚୂଡ଼ା ମୂଳକୁ ଡାକି ନେଇ ଲୋପା ମୋତେ ବୁଝାଇଲେ ଭଲ ପାଇବା ଅର୍ଥ କ'ଣ ବିବାହ କରିବା ? ମୋ ମତରେ ବିବାହ ବେଦୀରେ ହିଁ ଭଲ ପାଇବାର ମୃତ୍ୟୁହୁଏ । ହୋମ ନିଆଁରେ ଭଲ ପାଇବାକୁ ଜାଳିପୋଡ଼ି ନିଶ୍ଚିହ୍ନ କରିଦିଆଯାଏ । ବରକନ୍ୟା ପରସ୍ପରଙ୍କୁ ଭଲ ପାଇବାର ପରାକାଷ୍ଠା ନ ଦେଖାଇ ଜାହିର କରନ୍ତି ଅଧିକାର । ଆଉ ସେଇ ଅଧିକାର ସାବ୍ୟସ୍ତ କରିବା ପାଇଁ କଳିଲାଗନ୍ତି । ସ୍ନେହ, ପ୍ରେମ, ତ୍ୟାଗ ସେ ସୀମା ସରହଦ ଛାଡ଼ି ଚିରଦିନ ପାଇଁ ନିର୍ବାସନ ନିଅନ୍ତି । କିନ୍ତୁ ଯିଏ ଯାହାଙ୍କୁ ଭଲ ପାଉଥାଏ, ଯଦି ସିଏ ତା' ସହିତ ବିବାହ ବନ୍ଧନରେ ବାନ୍ଧି ନ ହୁଏ ତା' ହେଲେ ତା'ର ଭଲ ପାଇବା ଅମର ରହେ । ମୋ ସ୍ୱାମୀଙ୍କ ସହିତ ମୋର ମତଭେଦ ଯେତେ ତୀବ୍ର ହେଉଛି, ତୁମପ୍ରତି ଥିବା ଭଲ ପାଇବା ସେତେ ସାନ୍ଦ୍ର ହେଉଛି । ତୁମେ ଶୀଘ୍ର ବିବାହ କର ଦେବାଶିଷ । ତାଦ୍ୱାରା ଆମ ଭଲପାଇବାରେ କିଛି ପ୍ରତିବନ୍ଧକ ସୃଷ୍ଟି ହେବ ନାହିଁ । ବରଂ ଆମ ଭଲପାଇବା ପ୍ରତିକ୍ଷଣରେ ଉଜ୍ଜୀବିତ ହେବ, ଶାଣିତ ହେବ ।

ସେଇ ସ୍ୱପ୍ନ ଦେଖା ମୋ ଆଖି ଖୋଲି ଦେଲା । ମୁଁ ବିବାହ କଲି । ଲୋପାଙ୍କୁ ନିମନ୍ତ୍ରଣ କଲି । କିନ୍ତୁ ସିଏ ସେତେବେଳେ ସ୍ୱାମୀ ସୁଧାଂଶୁଙ୍କ ସହିତ ଯାଇଥିଲେ ଆମେରିକା ପରିଦର୍ଶନରେ ।

ଲୋପା ଏଯାଏ ମୋ ସ୍ତ୍ରୀ ଅନୁରାଧାଙ୍କୁ ଦେଖି ନାହାଁନ୍ତି । କିନ୍ତୁ ମୋର ଆଦ୍ୟ ଯୌବନରୁ ଆଜିଯାଏ ମୋ ମନ ଭିତରେ ଲୋପା ଶୋଇଛନ୍ତି ଅନନ୍ୟା ଅନୁପମା ସୁନ୍ଦରୀ ରାଜକୁମାରୀ ଭାବରେ ଜରି ପୋଷାକ ପିନ୍ଧି ଯାହାଙ୍କୁ ସ୍ମରଣ କଲେ ମୋ ଦେହରେ ରୋମାଞ୍ଚ ଖେଳିଯାଏ । ମନରେ ପେଣ୍ଠା ପେଣ୍ଠା ଲାଲ ଗୋଲାପର ବାସ୍ନା ଚହଟିଯାଏ ।

ଲୋପା ଅନେକ ବେଳୁ ତାଜମହଲକୁ ଚାହିଁ ରହିଥିଲେ । ଲୋପା ହୁଏତ ନିଜ ଭିତରେ ପଶି ପଛ ଦିନମାନଙ୍କୁ ସାଉଣ୍ଟୁଥିଲେ । ମୋ ଡାକରେ ଲୋପା ମୋ ଆଡ଼କୁ ଚାହିଁଲେ । ସାମାନ୍ୟ ହସି ପ୍ରଶ୍ନ କଲେ- ମତେ କିଛି କହିଲ ଦେବାଶିଷ !

ମୁଁ ଏଥର ନିଜକୁ ଦୃଢ଼ କଲି । ଯାହା ଏ ପର୍ଯ୍ୟନ୍ତ ମୁହଁ ଖୋଲି ପଚାରି ପାରିନାହିଁ, ତାହା ଆଜି ହିଁ ଲୋପାଙ୍କୁ ପଚାରିବି । ଏଇଟା ଠିକ୍ ସ୍ଥାନ, ଠିକ ମୁହୂର୍ତ୍ତ । ତାଜମହଲ ବିଶ୍ୱ ବିଖ୍ୟାତ ପ୍ରେମପୀଠ । ଏ ମୁହୂର୍ତ୍ତରେ ଏଠି ଅଛୁ କେବଳ ଲୋପା ଓ ମୁଁ । ଅନ୍ୟ ଯେଉଁମାନେ ଏଠୁ ଖଣ୍ଡେ ଦୂରରେ ବସିଛନ୍ତି, କି ଏପଟ ସେପଟ ହେଉଛନ୍ତି କେହି ଆମର ପରିଚିତ ନୁହଁନ୍ତି । କେହି ଓଡ଼ିଆ ବୁଝିବେ ନାହିଁ । ମୁଁ ଓ ଲୋପା ଦୁହେଁ ବୟସରେ ପଚାଶ ପାହାଚ ଟପି ସାରିଲୁଣି । ଏ ବୟସରେ ହୁଏତ ଲୋପା ସତକଥା କହିବାକୁ ସଂକୋଚ

Digitized by srujanika@gmail.com

କରିବେ ନାହିଁ ।

ଲୋପା ପୁଣିଥରେ ପଚାରିଲେ- ମୋତେ କିଛି ପଚାରିବ ଦେବାଶିଷ !

: ହଁ ଲୋପା ! ତୁମକୁ ଗୋଟିଏ ପ୍ରଶ୍ନ....

: କି ପ୍ରଶ୍ନ ?

: ଯେଉଁପ୍ରଶ୍ନର ଉତ୍ତର ପାଇବା ପାଇଁ ମୁଁ କୈଶୋରରୁ ଏପର୍ଯ୍ୟନ୍ତ ଅପେକ୍ଷା କରିଛି ।

ଲୋପାଙ୍କ ମୁହଁକୁ ଚାହିଁଲି । ପୂର୍ଣ୍ଣମୀର ରୂପେଲି ଜହ୍ନ ଆଲୁଅରେ ସ୍ପଷ୍ଟ ବାରି ହୋଇ ପଡୁଥିଲା- ତାଙ୍କ ଗୋରା ମୁହଁଟା ରକ୍ତିମ ପଡ଼ିଯାଇଛି । ହୁଏତ ଲୋପା ଜାଣି ସାରିଲେଣି ମୁଁ ତାଙ୍କୁ କ'ଣ ପଚାରିବାକୁ ଚାହୁଁଛି ।

ତାଜମହଲର ପ୍ରେମବତୁରା ମାଟିକୁ ଛୁଇଁ ନିଜ ଭିତରେ ନିଜକୁ ଦୃଢ଼ କଲି । ଏଇ ମୁହୂର୍ତ୍ତଟା ଛାଡ଼ି ଦେଲେ ଆଉ ଏମିତି ଅନୁକୂଳ ମୁହୂର୍ତ୍ତ ଆସିବ ନାହିଁ । ନିଜ ଭିତରେ ସମସ୍ତ ଶକ୍ତିକୁ ଠୁଳ କଲି । ତଥାପି କିଛି କହିବା ପାଇଁ ମୋ ଜିଭ ସମର୍ଥ ହେଉନାହିଁ ।

ଲୋପାଙ୍କର ହାତଟିଏ ମାଗିଲି । ଲୋପା ତାଙ୍କର କମ୍ପିତ ବାମ ହାତଟିକୁ ମୋ ଆଡ଼କୁ ବଢ଼ାଇ ଦେଲେ । ସେଇ କଲେଜ ବୟସର ଲୋପାଙ୍କ ହାତର ଉଷ୍ମତା ମୁଁ ଅନୁଭବ କଲି । ମୋ ହାତ ମୁଠାରେ ଲୋପାଙ୍କ ହାତ । ତାଙ୍କ ହାତ ବାହାରେ ମୋ ହାତ ଓ ମୋ ହାତ ଭିତରେ ତାଙ୍କ ହାତ । ଦୁଇଟାଯାକ ହାତ ଠକ୍ ଠକ୍ ଥରୁଥିଲେ ।

କିଛି ସମୟ ପରେ ଲୋପା ତାଙ୍କ ହାତଟିକୁ ମୋ ହାତରୁ ଫେରାଇ ନେବାକୁ ଚେଷ୍ଟା କଲେ । ମୁଁ କିନ୍ତୁ ତାଙ୍କ ହାତଟିକୁ ମୋ ଆଡ଼କୁ ଟାଣି ଆଣି ତାଙ୍କ ପାପୁଲିରେ ଆଙ୍ଗୁଳି ଦ୍ୱାରା ଲେଖିଲି- ମୁଁ ତୁମକୁ ଭଲ ପାଏ ଲୋପା ! କୈଶୋରରୁ ଏଯାଏ । ସତ କୁହ ଲୋପା ! ତୁମେ କ'ଣ ମୋତେ ଭଲ ପାଅ ?

ଲୋପା ଏଥର ସମସ୍ତ ଶକ୍ତି ଖର୍ଚ୍ଚକରି ମୋ ହାତରୁ ତାଙ୍କ ହାତକୁ ମୁକ୍ତ କରିନେଲେ । କିଛି ସମୟ ଦୁହେଁ ଚୁପ୍‌ଚାପ୍ ବସି ରହିଲୁ । ମୋ ଭିତରେ ଓ ଲୋପାଙ୍କ ଭିତରେ ଖର ନିଃଶ୍ୱାସର ସୁଅ ପ୍ରବାହିତ ହେଉଥିଲା । ଛାତିର ସ୍ପନ୍ଦନ ବଢ଼ିଯାଇଥିଲା ।

ମୁଁ ପଚାରିଲି– କୁହ ଲୋପା ! ସତରେ କ'ଣ ତୁମେ ମୋତେ....

ଲୋପା ଏଥର ମୁହଁ ଖୋଲିଲେ– ନା ଦେବାଶିଷ ! ସେ ବୟସଗୁଡ଼ାକ, ସେ ମୁହୂର୍ତ୍ତଗୁଡ଼ାକ କି ସେ ସଂପର୍କମାନଙ୍କ ସହିତ ଆମର ଆଉ କେବେ ସାକ୍ଷାତ ହେବାର ଅବକାଶ ନାହିଁ । ବର୍ତ୍ତମାନ ପରିସ୍ଥିତିରେ ସେ ପ୍ରଶ୍ନ କି ତା'ର ଉତ୍ତର ତୁମର କି ମୋର କାହାର ଆବଶ୍ୟକ ନାହିଁ ।

: ମୋ ପାଇଁ କ'ଣ ତୁମ ମନ ଭିତରେ ଛୁଞ୍ଚି ମୁନରେ ମୁନେ ସ୍ଥାନ ସଂରକ୍ଷିତ ନାହିଁ ଲୋପା ? ମୋ ସ୍ମୃତି କ'ଣ କୌଣସି ମୁହୂର୍ତ୍ତରେ ତୁମ ମନ ଅଳିନ୍ଦରେ

Digitized by srujanika@gmail.com

ଅନୁପ୍ରବେଶ କରି ନାହିଁ ? ତୁମ ସ୍ୱାମୀଙ୍କ ମୁହଁ ଭିତରେ କେବେ କ'ଣ ମୋ ମୁହଁ ତୁମକୁ ଦିଶିଯାଇ ନାହିଁ ?

ଲୋପା ନିଜକୁ ଦୃଢ଼ କରି କହିଲେ- ପ୍ରତି ମଣିଷର କିଛି ବ୍ୟକ୍ତିଗତ ଇଲାକା ଥାଏ ଦେବାଶିଷ ! ଯେଉଁଠି କେବଳ ସେ ହିଁ ଆବଶ୍ୟକ ବେଳେ ପଦଚାରଣ କରେ । ସେଠି କାହାରି ଅନୁପ୍ରବେଶକୁ ସିଏ ପ୍ରଶ୍ରୟ ଦେବାକୁ ପସନ୍ଦ କରେନା । ବାପା, ମାଆ, ସ୍ୱାମୀ, ସ୍ତ୍ରୀ, ପୁଅ, ଝିଅ, ବୋହୂ, ବନ୍ଧୁ ପରିଜନ କାହାରି ଅନୁପ୍ରବେଶକୁ ସହ୍ୟ କରେନା । ସେଇ ଇଲାକାଟି ତା'ର ନିଜର, ଏକାନ୍ତ ଭାବେ ନିଜର ବ୍ୟକ୍ତିଗତ ।

ସେମିତି ମୋର ବି ଗୋଟେ ବ୍ୟକ୍ତିଗତ ଇଲାକା ଅଛି । ସେତକ ମୋର ବ୍ୟକ୍ତିଗତ ହୋଇଥାଉ । ତା' ଭିତରକୁ ଉଙ୍କିମାରି ଚାହିଁବାର ଚେଷ୍ଟା ତୁମେ କରନା । ପ୍ଲିଜ୍ ଦେବାଶିଷ ! ମୋତେ ଆଉ କିଛି ପଚାରନା ।

ଲୋପା ହଠାତ୍ ଉଠି ଠିଆ ହେଲେ ଓ ଚାଲିବାକୁ ଆରମ୍ଭ କରିଦେଲେ । ମୁଁ ସେଇଠି ନିର୍ବାକ ହୋଇ ଠିଆ ହୋଇ ଚାହିଁଥିଲି ଶଙ୍ଖମର୍ମର ତାଜମହଲକୁ ।

□□

Digitized by srujanika@gmail.com

ପ୍ରିୟ ପରିଧି

ଗାଁରେ ପହଞ୍ଚି ମନୋଜ ଦେଖିଲେ ବାପାଙ୍କ ଦେହ ଭଲ ଅଛି । ଗାଆଁ ବସ୍‌ରୁ ତାଙ୍କୁ ପାଛୋଟି ନେବାକୁ ବାପା ଆସିଚନ୍ତି । ମନୋଜ ଖୁସି ହେଲେ ଯେତିକି ଆଶ୍ଚର୍ଯ୍ୟ ହେଲେ ତା'ଠୁ ବେଶି । ମନୋଜ ଟେଲିଗ୍ରାମ ପାଇଥିଲେ ବାପା ଖୁବ୍ ଅସୁସ୍ଥ; ଅଥଚ ବାପା ଆସିଚନ୍ତି ତାଙ୍କୁ ରିସିଭ୍ କରିବାକୁ ।

ମନୋଜ ବାପାଙ୍କୁ କିଛି ପଚାରିବା ପୂର୍ବରୁ ବାପା କହିଲେ- ମୋ ଦେହ ଭଲ ଅଛି । କିନ୍ତୁ କାଳେ ତୁ ଶୀଘ୍ର ନ ଆସିବୁ ସେଥିପାଇଁ ଏମିତି ଗୋଟେ ଟେଲିଗ୍ରାମ କରିଥିଲି । ତୋ ବୋଉ କହିଲା- ତମ ଦିହ ଖରାପ ବୋଲି ଟେଲିଗ୍ରାମ କର, ନ ହେଲେ ତା' ଅଫିସ୍‌ରୁ ଛୁଟି ମିଳିବ ନେଇଁ ।

କ'ଣ ପାଇଁ ଏମିତି ଗୋଟେ ମିଛ ଟେଲିଗ୍ରାମ କରି ଡକାଇ ଆଣିଲେ ବାପା ? ସିଏ ଚିଠି ଖଣ୍ଡେ ଦେଇଥିଲେ ମନୋଜ କ'ଣ ଆସି ନ ଥାନ୍ତେ ? ଅବଶ୍ୟ ଏ ସଂପର୍କରେ ବାପା, ବୋଉଙ୍କର ଅତୀତ ଅଭିଜ୍ଞତା ଥିବ । ଅତୀତରେ ବାପା ଲୋକଙ୍କ ହାତରେ ଖବର ଦେଇଚନ୍ତି, କିନ୍ତୁ କାର୍ଯ୍ୟବ୍ୟସ୍ତତା ଯୋଗୁଁ ମନୋଜ ଗାଆଁକୁ ନ ଯାଇ ଓଲଟି ବାପାଙ୍କ ପାଖକୁ ଲେଖିଛନ୍ତି- ଏବେ ଅଫିସ୍‌ରେ ବହୁତ କାମ, ଛୁଟି ମିଳୁ ନାହିଁ ।

କେବେ ଗାଆଁକୁ ଯିବା କଥା ପଡ଼ିଲେ ସ୍ତ୍ରୀ ଅନୀତା ଏମିତି କାମ ଆଣି ଆଗରେ ଥୋଇଚନ୍ତି ଯାହାକୁ ଡେଇଁ ଗାଆଁକୁ ଯିବା ମନୋଜଙ୍କ ପକ୍ଷେ ସମ୍ଭବ ହୋଇନାହିଁ ।

ମନୋଜ ଗାଆଁରେ ପହଞ୍ଚି ଅନେକ ପଚ଼ରାପଚ଼ରି କରିବା ପରେ ମଧ୍ୟ ବାପାଙ୍କଠାରୁ କି ବୋଉଠାରୁ ତାଙ୍କୁ ଏମିତି ଜରୁରୀ ଭାବେ ଡକାଇବାର କିଛି କାରଣ ଜାଣି ପାରିଲେ ନାହିଁ । କେବଳ ବାପା କହିଲେ— ଅନେକ ଦିନ ହେଲା ତୋ ସହିତ

ଆନନ୍ଦ ଚନ୍ଦ୍ର ପଣ୍ଡି

Digitized by srujanika@gmail.com

ଦେଖା ହେଇ ନ ଥିଲା, ମନଟା ଭାରି ବ୍ୟସ୍ତ ହେଲା ତତେ ଦେଖିବାକୁ । ଗାଡ଼ି ମଟରରେ ଭୁବନେଶ୍ୱର ଯିବାକୁ ମୋର ଆଉ ସାହସ କୁଳୋଉ ନେଇଁ ।

ବୋଉ କହିଲା- ଯାହା ପୁଅ ମୂର୍ଖ ତା'ର ଭଲ । ଘରଦ୍ୱାର କରି ପୁଅ, ବୋହୂ, ନାତି, ନାତୁଣୀ ଧରି ଖୁବ୍ ଗହଳ ଚହଳରେ ଦିନ କାଟୁଚନ୍ତି । ପୁଅମାନେ ଚାଷ କରନ୍ତୁ କି ବ୍ୟବସାୟ କରନ୍ତୁ ସେମାନେ ବାପ ମାଆଙ୍କ ପାଖରେ ରହୁଚନ୍ତି । ହେଲେ ଆମପରି ଯେଉଁମାନଙ୍କ ପୁଅମାନେ ପାଠ ପଢ଼ି ଗାଆଁ ଛାଡ଼ି ସହର ବଜାରରେ ଚାକିରି କରୁଚନ୍ତି, ସେମାନେ ଏକୁଟିଆ ଉପରକୁ ମୁହଁ ଟେକି ପିଲାମାନଙ୍କ ଫେରିବା ବାଟକୁ ଅନେଇଁ ପଡ଼ି ରହୁଚନ୍ତି । କିଛି କାମ ନ ଥିଲେ କ'ଣ ହେଲା, ତୁ ଆସିଲୁ ତତେ ଆମେ ଟିକେ ଦେଖିଲୁ ।

ମନୋଜଙ୍କ ମନକୁ ବାପା ବୋଉଙ୍କ ଉତ୍ତରଟା ସନ୍ତୁଷ୍ଟ କରିପାରିଲା ନାହିଁ । ତାଙ୍କୁ ଲାଗିଲା ଯେମିତି ଏଇ ଉତ୍ତର ପଛପଟରେ ଆଉ କିଛି ଗୋଟେ କଥା ଲୁଚିଚି । ସିଏ ତାକୁ ଦେଖି ପାରୁ ନାହାଁନ୍ତି । ବାପା ବୋଉ ମଧ୍ୟ ସେ କଥାଟାକୁ ଦେଖିବାକୁ ତାଙ୍କୁ ସୁଯୋଗ ଦେଉ ନାହାଁନ୍ତି ।

ରାତିରେ ମାଛ ଭାତ ଖାଇବା ବେଳେ ବାପା ଗାଆଁର ଅନେକ ଲୋକଙ୍କ କଥା ମନୋଜଙ୍କ କାନରେ ପକାଇଲେ । ପଦନ ସାମଲର ତିନିପୁଅ । ତିନିଟାଯାକ ଗାଆଁ ମାଇନର ସ୍କୁଲ ଡେଇଁ ପାରିଲେ ନାହିଁ । ବଡ଼ଟା ଚାଷ କରୁଚି, ମଝିଆଁ ପୁଅ କଣ୍ଟ୍ରାକ୍ଟରୀ କରୁଚି, ଆଉ ସାନପୁଅ କଣ୍ଟ୍ରୋଲ ଦୋକାନ ସମ୍ଭାଳିଚି । ତାଙ୍କର ଦଶ ବଖୁରିଆ ପକ୍କାଘର ଖଂଜାଟାଏ କରିଚନ୍ତି ।

ସପନା ଘଡେଇର ଦିଇ ପୁଅ । ଦି' ଜଣଯାକ ଗାଆଁରେ ଦୋକାନ ଦେଇଚନ୍ତି । ଆମ ଗାଆଁ ବରଗଡ଼ାଣି ଛକରେ ଜଣେ କରିଚି ତେଜରାତିର ହୋଲ୍‌ସେଲ୍ ଦୋକାନ, ଆର ଜଣକର ଲୁଗା ଦୋକାନ । ତାଙ୍କର ଦିଇ ବରଷ ହେଲା ଛାତ ପକା ଦି' ମହଲା କୋଠା ତୋଳା ସରିଲାଣି । କଟକ ରାଜମିସ୍ତ୍ରୀ ତାଙ୍କ ଘରକାମ କରିଛି ।

ବୋଉ କହିଲା– ଆମ ଏଇ ଚାଳଘରଟା ଅନେକ ବର୍ଷର ପୁରୁଣା ହୋଇଗଲାଣି । ଫି ବରଷ ଛାଉଣି କରିବା କଷ୍ଟ ହଉଚି । ଏଟାକୁ ଭାଙ୍ଗି କୋଠାଘର ଚାରିବଖରା କରିବାକୁ ତୋ ବାପା କହୁଚନ୍ତି । ଗାଆଁରେ ନିହାତି ନିପାରିଲା ଲୋକ କୋଠା ତୋଳିଲେଣି ।

ବାପା ବୋଉର ମୁହଁରୁ କଥା ଛଡ଼େଇ ନେଇ କହିଲେ- ମୁଁ ଭାବୁଛି ଏ ଘରକୁ ଭାଙ୍ଗି କୋଠାଘର ଚାରି ବଖରା କରିବି । ତୋ ବୋଉର ବି ସେଇ ଇଚ୍ଛା । ତୋ ପିଲାମାନେ ଆସିଲେ ଏ ଘରକୁ ଦେଖି ନାକ ଟେକୁଚନ୍ତି । ତା' ଛଡ଼ା ଏ ଘର ଭାଙ୍ଗିଗଲେ ଆମ ଅନ୍ତେ ତୁ କି ତୋ ପିଲାଏ କେହି ଏ ଘର ମରାମତି କରିବେ ନାହିଁ । ମାଟିଘର ଲିପାପୋଛା କାମକୁ ତୋ ବୋଉ ଆଉ ପାରୁନେଇଁ । ତମେ ତ ସବୁ ବାହାରେ ରହିଛ ।

Digitized by srujanika@gmail.com

କୋଠାଘର ନ ଥିଲେ ଏ ଗାଆଁମାଟିରୁ ମୋ ନାଆଁ ନିଭିଯିବ । କୋଠା ବି' ବଖରା ଥିବା ପର୍ଯ୍ୟନ୍ତ କହୁଥିବେ ଏଟା ମଣି ଧଳ କୋଠା ।

ମନୋଜ ବାପାଙ୍କ ମୁହଁକୁ ସିଧା ଚାହିଁଲେ । ବାପାଙ୍କ ମୁହଁଟା ଦୃଢ଼ ଦିଶୁଥିଲା । ପଅଁଷଠି ବର୍ଷ ବୟସରେ ମଧ ବାପାଙ୍କ ମୁହଁର ଦୃଢ଼ତା ଦେଖି ମନୋଜ ଶଙ୍କିଗଲେ । ବାପା ବୋଉଙ୍କର ଅତି ବେଶୀରେ ଆଉ ପାଞ୍ଚ ଦଶବର୍ଷ ରହଣି ଏ ପୃଥୀରେ । ଘର ତିଆରି ଏବେଠୁ ଆରମ୍ଭ କଲେ ତିଆରି ଶେଷ ହେବାକୁ ପାଞ୍ଚବର୍ଷ ଲାଗିଯାଇପାରେ । ତଥାପି ଘର ତିଆରି ପାଇଁ ବାପା ବୋଉ ତାଙ୍କ ନିଷ୍ପତ୍ତିରେ ଦୃଢ଼ ।

ବାପା ମନୋଜଙ୍କ ମୌନତା ଲକ୍ଷ୍ୟ କରି ପଚାରିଲେ— କିଛି କହିଲୁ ନାହିଁ ଯେ ?

ମନୋଜ ମୁହଁ ତଳକୁ କରି ଉତ୍ତର ଦେଲେ— ଘର କରିବା ପାଇଁ ଅନେକ ଟଙ୍କା ଦରକାର । ଏତେ ଟଙ୍କା ଆମର କାହିଁ ?

: ଗାଆଁରେ ଘର ତିଆରି ପାଇଁ ବେଶୀ ଟଙ୍କା ନାଗିବ ନେଇଁ । ଆମରି ଗାଆଁ ଟାଙ୍ଗରରୁ ମାଙ୍କଡ଼ା ପଥର ବାହାରୁଚି । ପଥର କାଟିବା ଆଉ ତାକୁ ସାଇଜ କରିବା ପାଇଁ ଅଳ୍ପ କିଛି ଟଙ୍କା ନାଗିବ । ଆମର ଶଗଡ଼ ବଳଦ ଅଛି, ପଥର ବୁହାହୋଇ ଆସିବ । ପାଖ ନଈରୁ ବାଲି ଶଗଡ଼ରେ ବୋହି ଆଣିବାରେ ସେମିତି କିଛି ଅସୁବିଧା ନାହିଁ । ଭାବଲପୁର ପାହାଡ଼ରୁ ଚିପସ୍ ମିଳୁଚି । ଗାଆଁରେ ରାଜମିସ୍ତ୍ରୀ ଅଛି । ଖାଲି ଯାହା ସିମେଣ୍ଟ । ସିଏ ବି ଆମ ଗାଆଁ ଘନ ଦୋକାନରେ ମିଳୁଚି । ଛାତ ପଡ଼ିବା ବେଳକୁ ରଡ୍ ଦରକାର । ତଳସାହିର ଫଗୁଆ ଟ୍ରକ ପ୍ରତିଦିନ କଟକ ଯାଉଚି । ସିଏ ଆଣିଦେବ ।

ମନୋଜ ପ୍ରତିବାଦ କଲେ— ସେ ଯାହା ହେଲେ ବି ଟଙ୍କା ଦେଢ଼ ଦୁଇ ଲକ୍ଷରୁ କମ୍ ଲାଗିବ ନାହିଁ । ଏତେ ଟଙ୍କା କାହିଁ ? ପିଙ୍କୁ, ଟିଙ୍କୁ ଦୁଇଟାଯାକ ବାହାରେ ପଢୁଛନ୍ତି । ତାଙ୍କ ପାଖକୁ ମୁଁ ଠିକ୍ ଭାବେ ଟଙ୍କା ପଠାଇ ପାରୁ ନାହିଁ । ତା' ଛଡ଼ା ଭୁବନେଶ୍ୱରରେ ମୋ ସାଙ୍ଗମାନେ ସମସ୍ତେ ଜାଗାକିଣି ଘର କଲେଣି । ମୁଁ କିନ୍ତୁ ଏଯାଏ ଜାଗା ଖଣ୍ଡେ କିଣିପାରି ନାହିଁ ।

ବାପା ଜବାବ ଦେଲେ— ତତେ ଆମେ ଟଙ୍କା ପଇସା କିଛି ମାଗୁ ନାହୁଁ । ତୁ ଖାଲି ହଁ ମାରିଲେ ଆମେ ଘର ତିଆରି କରିବୁ ।

ବାପାଙ୍କ ସଂକଳ୍ପର ଦୃଢ଼ତା ଦେଖି ମନୋଜ ଆଉ ତାଙ୍କ ମନକଥା ପ୍ରକାଶ କରିବାକୁ ସାହସ କଲେ ନାହିଁ । ମୁହଁ ଉପରେ କେଇଗାର କୃତ୍ରିମ ହସଟାଣି ଘର ତିଆରି ପ୍ରସ୍ତାବକୁ ସମର୍ଥ ଜଣାଇବାକୁ ବାଧ ହେଲେ ।

ଘର ତିଆରି ପାଇଁ ତାଙ୍କ ଘର ଡ଼ିହର ପୂର୍ବ ପାଖରେ ଥିବା ବାରିରେ ଶୁଭଦାନ ଉତ୍ସବ ଖୁବ୍ ଉତ୍ସୁକତାର ସହ ତା'ପର ଦିନ ସଂପନ୍ନ ହେଲା । ସେଥିପାଇଁ ଆବଶ୍ୟକ ସମସ୍ତ ପଦାର୍ଥ ଆଗରୁ ଯୋଗାଡ଼ ହୋଇ ରଖାଯାଇ ଥିଲା ।

ଆନଂଦ ଚଂଦ୍ର ପତି

Digitized by srujanika@gmail.com

ଏଇ ଶୁଭଦାନ ଉତ୍ସବରେ ଗାଆଁର ଅନେକ ଲୋକ ଯୋଗ ଦେଇଥିଲେ । କଥାବାର୍ତ୍ତା ଛଳରେ ଗାଆଁର ସରପଞ୍ଚ ଧନେଶ୍ୱର ମହାନ୍ତି ପ୍ରକାଶ କଲେ ଯେ ମନୋଜଙ୍କ ବାପା ଦଶମାଣିଆ ଚକର ଦୁଇ ଏକର ଜମି ବିକ୍ରି କରିବା ପାଇଁ ଶ୍ୟାମ ନାୟକ ସହିତ କଥାବାର୍ତ୍ତା କରିସାରିଛନ୍ତି । ଦୁଇ ଏକର ଜମିର ଦାମ୍ ପଚାଶ ହଜାର ହେବ ।

ମନୋଜ ଜମିବିକ୍ରି ବିଷୟରେ ବାପାଙ୍କୁ କି ବୋଉକୁ କିଛି ନ କହି ଚୁପ୍‌ଚାପ୍ ଉପରଓଳି ଭୁବନେଶ୍ୱର ଚାଲି ଆସିଲେ । ଭୁବନେଶ୍ୱରରେ ପହଞ୍ଚୁ ପହଞ୍ଚୁ ରାତି ଆଠଟା ହୋଇଗଲା । ଅନୀତା ଅନେଇଁ ବସିଥିଲେ ମନୋଜଙ୍କ ଫେରିବା ବାଟକୁ । ବାପାଙ୍କ ଦେହ ପା ବିଷୟ ଜାଣିବାକୁ ସେ ଉତ୍‌କଣ୍ଠିତ ଥିଲେ । ଅନୀତା ପଚାରିଲେ- ବାପାଙ୍କ ଦେହ କେମିତି ଅଛି ? ତାଙ୍କ ଦେହ କ'ଣ ହେଇଥିଲା ? ତାଙ୍କୁ ସାଙ୍ଗରେ ନେଇ ଆସିଲ ନାହିଁ ?

ଏତେସବୁ ପ୍ରଶ୍ନର କୌଣସି ଉତ୍ତର ନ ଦେଇ ମନୋଜ ପୋଷାକ ବଦଳାଇ ଗୋଡ଼ହାତ ଧୋଇବାକୁ ବାଥ୍‌ରୁମ୍‌ରେ ପଶିଲେ । ଅନୀତା ତାଙ୍କ ପାଇଁ ଚା' ତିଆରି କରିବାକୁ ରୋଷେଇ ଘରକୁ ଗଲେ ।

ମନୋଜ ଧୁଆଧୋଇ ହୋଇ ଆସିବା ପରେ ବାମ୍ଫଉଠା ଚା' କପ୍‌ଟାଏ ତାଙ୍କ ହାତକୁ ବଢ଼ାଇ ଦଉ ଦଉ ପଚାରିଲେ- କ'ଣ ହେଇଚି କହୁନା ? କ'ଣ ବାପାଙ୍କ ଦେହ ବେଶି ଖରାପ ? ଆମକୁ ଗାଆଁକୁ ଯିବାକୁ ପଡ଼ିବ କି ? ତମ ଗମ୍ଭୀର ମୁହଁରୁ ଜଣା ପଡୁଚି ବାପାଙ୍କ ଦେହ ନିଶ୍ଚୟ ବଡ଼ ଧରଣର କିଛି ହେଇଛି ।

ମନୋଜ ଖବରକାଗଜ ଉପରେ ଆଖି ବୁଲାଉ ବୁଲାଉ କହିଲେ- ନା ।

: କ'ଣ ନା ?

: ଗାଆଁକୁ ଯିବାକୁ ପଡ଼ିବ ନାହିଁ ।

: ବାପାଙ୍କ ଦେହ କ'ଣ ଭଲ ଅଛି ?

: ଭଲ ଅଛି ।

: ଆଉ ତା' ହେଲେ ଟେଲିଗ୍ରାମ କରିଥିଲେ କାହିଁକି ?

: କୋଠାଘର ତିଆରିର ଶୁଭଦାନ ଉତ୍ସବରେ ଯୋଗଦାନ କରିବା ପାଇଁ ।

ଅନୀତା ମନୋଜଙ୍କୁ ଅସଂଖ୍ୟ ପ୍ରଶ୍ନବାଣରେ ଜର୍ଜରିତ କରି ଗାଆଁର ସବୁକଥା ଆଦାୟ କଲେ । ଶେଷରେ ସବୁଦୋଷ ସ୍ୱାମୀଙ୍କ ମୁଣ୍ଡରେ ଲଦି ଦେଇ ଚିତ୍କାର କଲେ- ମୁଁ ଜାଣେ ତମଦ୍ୱାରା କିଛି ହବ ନେଇଁ । ତମରି ସାଙ୍ଗରୁ ସାରଙ୍ଗବାବୁ, ବସନ୍ତବାବୁ, ଶରତବାବୁ, ପବିତ୍ର, ସମୀର ସମସ୍ତେ ପାଞ୍ଚ ହଜାର ତିନିହଜାର ଟଙ୍କା ଲେଖାଏଁ ଦେଇ ଶାଗ, ମାଛ ଦରରେ ଭୁବନେଶ୍ୱର ଭିତରେ ଖୁବ୍ ବଢ଼ିଆ ବଢ଼ିଆ ଜାଗା କିଣି ଘର କଲେ । ତମେ ଜାଗା ଖଣ୍ଡେ ପକେଇ ପାରିଲ ନେଇଁ । ଯୋଉ ଜାଗା ଦାମ୍ ପାଞ୍ଚ ହଜାର ପଡୁଥିଲା ତା' ଦାମ୍ ଏଇନେ ପାଞ୍ଚଲକ୍ଷ । ବାପା ଏଇନେ ଗାଆଁ ଜମି ବିକି କୋଠା

Digitized by srujanika@gmail.com

କରୁଚନ୍ତି । ସେ କୋଠା ଆମର କ'ଣ ହେବ ? ତମେ କ'ଣ ରିଟାୟାରମେଣ୍ଟ ପରେ ଗାଆଁକୁ ଯିବ ? ମୋ ଝୁଅ ତ ଏଇଠି ଚାକିରି କରିବେ, ମୁଁ ଗାଆଁକୁ ଯାଇ କ'ଣ କରିବି ? ବାପା, ବୋଉ ସେ ଘରେ କେତେ ଦିନ ରହିବେ ?

ମନୋଜ ଅନୀତାଙ୍କୁ ଯେତେ ବୁଝାଇଲେ ମଧ ସିଏ ଶାନ୍ତ ହେଲେ ନାହିଁ । ଅନେକ ସମୟ ଯାଏ ସ୍ୱାମୀ ସ୍ତ୍ରୀଙ୍କ ମଧରେ କଥା କଟାକଟି ଚାଲିଲା । ଅନୀତା ପ୍ରସ୍ତାବ ଦେଲେ ଆଉ ଡେରି କଲେ ଚଳିବ ନାହିଁ । ଗାଆଁରେ ତମର ଦଶ ଏକର ଖାଲ ଜମି । ସେତକ ବିକ୍ରି କଲେ ଅତି କମ୍‌ରେ ଅଢ଼େଇ ତିନି ଲକ୍ଷ ଟଙ୍କା ହବ । ବାପା ବୋଉଙ୍କୁ ବୁଝାଇ ଶୁଝାଇ ଭୁବନେଶ୍ୱର ନେଇ ଆସ ଆଉ ଗାଆଁ ଜମି ବିକି ଦିଅ । ଭୁବନେଶ୍ୱରରେ ଜାଗା କିଣ । ଗାଆଁରେ ବାପା ବୋଉ ରହିଲେ ଅଣହେଲା ହେବେ । ଏଇଠି ଆମ ପାଖରେ ସବୁଦିନ ରହିବେ । ଗାଆଁରେ ଭୂତକୋଠି ତିଆରି ନ ହୋଇ ଏଠି ମଣିଷ ରହିବା ପାଇଁ ଘର ତିଆର କର । ଆଉ ବର୍ଷ ଗୋଟେ ଦିଇଟା ପରେ ପିଙ୍କୁ, ଟିଙ୍କୁ ଚାକିରି କରିବେ । ସେମାନେ ଟଙ୍କା ଦେବେ । ଘରଟା ଶୀଘ୍ର ତିଆରି ହେଇଯିବ । ହେଲେ ଏବେଠୁ ଜାଗା ନ କିଣିଲେ ପଛରେ ପସ୍ତେଇବ । ପାଖରେ ଆଉ ଜାଗା ମିଳିବ ନେଇଁ । ଯାହା ମିଳିବ ଭୁବନେଶ୍ୱର ନାଆଁରେ ଭୁବନେଶ୍ୱରଠୁ ୧୫ କିଲୋମିଟର ଦୂରରେ ।

ଅନୀତା ଯାହା ତାଙ୍କ ସୁଧାର ସ୍ୱାମୀଙ୍କ ଶ୍ରୀମୁଖ ଉପରେ ହାଣି ଦେଇଗଲେ ସେ ସବୁ କଥା ମନୋଜ କ'ଣ ତାଙ୍କ ବାପାଙ୍କ ମୁହଁରେ କହିପାରିବେ ? ବାପାଙ୍କୁ ପିଲାଦିନଠୁ ବର୍ଣ୍ଣବୋଧ ପୃଷ୍ଠାର ସିଂହ ପରି ଭୟ କରନ୍ତି ମନୋଜ । ଏବେ ସେ ପିଲାମାନଙ୍କ ବାପା ହୋଇଥିଲେ ବି ତାଙ୍କର ବାପାଙ୍କ ପ୍ରତି ସେ ଭୟର ମାତ୍ରାରେ ସାମାନ୍ୟ ଊଣା ହୋଇ ନାହିଁ । ବାପାଙ୍କ ମୁହଁରେ କଥା କହିବାର ସାହସ ସେ ଏଯାଏ ସଂଚୟ କରିବାକୁ ସମର୍ଥ ହୋଇ ନାହାଁନ୍ତି ।

ଅନୀତା ଶ୍ୱଶୁରଙ୍କ ଅନୁପସ୍ଥିତିରେ ସିନା ଏତେ ଦମ୍ଭରେ ଏତେ ଲମ୍ବା ଚଉଡ଼ା କଥାରୁ ଗାଲିଚା ବିଛାଇ ଚାଲିଛନ୍ତି ଘରସାରା, କିନ୍ତୁ ତାଙ୍କ ଆଗରେ ଖିଏଟାଏ କଥା ତାଙ୍କ ମୁହଁରୁ ଫିଟିବ କି ନାହିଁ, ଏ ଗ୍ୟାରେଣ୍ଟି କିଏ ଦେବ ? ଗାଆଁରେ ମାତ୍ର ଦୁଇ ମାସ ରହଣି ପରେ ଅନୀତା ଆସିଛନ୍ତି ଭୁବନେଶ୍ୱର । ବାପାଙ୍କ ମୁହଁରେ କଥା କହିବାର ସୁଯୋଗ, ସମ୍ଭାବନା କି ସମୟ ଆସିବା ଆଗରୁ ଅନୀତା ଗାଆଁ ଛାଡ଼ି ଭୁବନେଶ୍ୱର ଆସିଛନ୍ତି ।

ଏଥର ଗାଆଁ ଢୁଇଁ ଆସିବା ଦିନଠୁ ପ୍ରତି ସଂଧ୍ୟାରେ ଅନୀତା ସ୍ୱାମୀଙ୍କ ନିପାରିଲାପଣିଆର ପଣିକିଆ ପଚିଶ ଖନ୍ଦା ଯାଏ ଗାଇ ଚାଲିଛନ୍ତି ସହଜ ଗଳାରେ । କେବେ କେମିତି ଚା କପ୍‌ରେ ମୁହଁ ବୁଡ଼ାଇ, ଆଉ କେବେ ଖବରକାଗଜ ପୃଷ୍ଠାରେ ମୁହଁ ଗୁଡ଼ାଇ ଆତ୍ମଗୋପନ କରି ନିଜକୁ ବଂଚାଇ ନିଅନ୍ତି ମନୋଜ । ଆଉ କେବେ ଅତିଷ୍ଠ

Digitized by srujanika@gmail.com

ହୋଇ ଅନ୍ୟ କାମର ଆଳ ଦେଖାଇ ମଇଦାନ ଛାଡ଼ି ଚାଲି ଯାଆନ୍ତି ଅନେକ ସମୟ ଯାଏ, ଫେରନ୍ତି ରାତିଖିଆ ରୁଟିସେକା ମଝିରେ । ଡେରି ରାତିରେ ଚୁପ୍‌ଚାପ୍ ଖାଇ ପିଇ ଶୋଇ ଯାଆନ୍ତି ନିଦଡେରା ଆଖି ମୁଦି ।

କିନ୍ତୁ ମନୋଜଙ୍କ ଆଖିକୁ ନିଦ ଆସେନା କି ସପନ ଆସେନା । ଆସେ କେବଳ ଅନେକ ଆବୁରଜାବୁର ଚିନ୍ତା । ପ୍ରଥମ ଚାକିରି କରିବା ମୁହୂର୍ତ୍ତଟା ତାଙ୍କ ଆଖି ଆବୋରି ଠିଆ ହୁଏ । ସେଦିନ ଡାକ ପିଅନ ତାଙ୍କ ନିଯୁକ୍ତି ପତ୍ରଟା ଦେଇଥିଲା ବାପାଙ୍କୁ । ବାପା ଚିଠିଟା ଖୋଲିବା ପୂର୍ବରୁ ମନୋଜ ଆସି ପହଞ୍ଚିଥିଲେ ଓ ଚିଠିଟା ଖୋଲି ବାହାର କରିଥିଲେ ତାଙ୍କ ନିଯୁକ୍ତିପତ୍ର । ବାପା ଖୁସିରେ ନିଯୁକ୍ତିପତ୍ରଟାକୁ ଧରି ଚିତ୍କାର କରିଥିଲେ- ମନୁବୋଉ ! ମନୁବୋଉ ! ଆମ ମନୁ ଚାକିରି ପାଇଗଲା ।

ସେ ମୁହୂର୍ତ୍ତରେ ବାପା ଓ ବୋଉଙ୍କ ଖୁସିର ପରିମାଣ ମାପିବାକୁ କିଛି ମାପଯନ୍ତ୍ର ମନୋଜଙ୍କ ହାତରେ ନ ଥିଲେ ବି ସେ ଜାଣିଥିଲେ ଏଇ ମୁହୂର୍ତ୍ତଟା ହିଁ ଥିଲା ତାଙ୍କ ଜୀବନର ସବୁଠୁ ବେଶି ଖୁସି ହେବାର ଦିନ ।

ସେ ଦିନର ଖୁସିଟା ଯେ ଆଜି ସେଇ ବାପା ବୋଉଙ୍କର ଦୁଃଖର କାରଣ ହେବ ଏକଥା ସେ କେବେ କଳ୍ପନା କରିନଥିଲେ । ଭୁବନେଶ୍ୱର ଚାକିରି ତାଙ୍କ କୋଳରୁ ତାଙ୍କ ପୁଅକୁ ବୋହୂ ସହିତ ଚିରଦିନ ପାଇଁ ଛଡ଼ାଇ ନେଇଛି ।

ବାପାବୋଉଙ୍କ ପ୍ରତ୍ୟାଶା ପୂରଣ କରିବାରେ ମନୋଜ ସଂପୂର୍ଣ୍ଣ ଅସମର୍ଥ ହେବା କଥା ସେ ସ୍ୱୀକାର କରନ୍ତି ନିଜ ସହିତ ନିଜେ ଆଳାପ କଲାବେଳେ । ବାପା ବୋଉଙ୍କ ପ୍ରତ୍ୟାଶାର କେଉଁ ପୃଷ୍ଠା ମନୋଜଙ୍କୁ ନିଭୃତରେ ପଢ଼ାଇଥିଲେ ତାଙ୍କ ବୋଉ । ବିଲ ଚାଷରୁ ଘରଖର୍ଚ୍ଚ, ବନ୍ଧୁବାନ୍ଧବ, ଯାନିଯାତ୍ରା, ପର୍ବପର୍ବାଣି ଖର୍ଚ୍ଚ ଉଠୁଛି । କିନ୍ତୁ ବାପାଙ୍କର ଇଚ୍ଛା ଦୋତାଲା କୋଠା କରିବେ । ମନୋଜଙ୍କ ଚାକିରି ଟଙ୍କାରେ ତୋଳିବେ କୋଠା ।

କିନ୍ତୁ ଏଇ କୋଠା ତୋଳା ଅଭିଳାଷ ବାପାଙ୍କର ପୂରଣ କରିବା ଦିଗରେ ମନୋଜଙ୍କ ଅସମର୍ଥତା ବୁଝିବାକୁ ତାଙ୍କୁ ଲାଗିଗଲା ଏତେ ବର୍ଷ । ତାଙ୍କ ପ୍ରତୀକ୍ଷାର ବାଲିବନ୍ଧ ଭୁଶୁଡ଼ି ପଡ଼ିଛି । ମନୋଜଙ୍କ ଉପରୁ ପତିଆରା ହଟିଯାଇଛି ବାପାଙ୍କର । ସିଏ ଜମିବିକି କୋଠା ତୋଳିବାକୁ ସିଦ୍ଧାନ୍ତ ନେଇଛନ୍ତି ।

ବାପାଙ୍କ ଅଙ୍କିତ ମାନଚିତ୍ରରେ କାଳିଢ଼ାଳି ତାକୁ ବିକୃତ କରିବା ପାଇଁ ଅନୀତା ମନୋଜଙ୍କ କାନରେ ଅବାରିତ ଧାରାରେ ନାରାଚ ବର୍ଷିଚାଲିଛନ୍ତି । ତାକୁ ପ୍ରତିହତ କରିବାକୁ ମନୋଜଙ୍କ ତୂଣୀରରେ ଯେ ଉପଯୁକ୍ତ ତୀରର ଅଭାବ ଅଛି ଏକଥା ସତ ନୁହଁ । କିନ୍ତୁ ମନୋଜ ନିଜେ ଚାହୁଁ ନାହାଁନ୍ତି ଘରକୁ ଯୁଦ୍ଧ କ୍ଷେତ୍ରରେ ପରିଣତ କରିବାକୁ । ଅନୀତାଙ୍କ ଆକ୍ରମଣର ପ୍ରତିଆକ୍ରମଣ କରିବା ପରିବର୍ତ୍ତେ ମନୋଜ ଆପୋଷ ମନୋବୃତ୍ତି **ନେଇ** ଅନେକଥର ବୁଝାଇବାକୁ ଉଦ୍ୟମ କରିଛନ୍ତି- ଦେଖ ଅନୀତା ! ବାପାଙ୍କ ଅଭିଳାଷ

Digitized by srujanika@gmail.com

ପୂରଣ ପାଇଁ ପୁଅ ଅସମର୍ଥ ହେବା ଭିନ୍ନ କଥା । କିନ୍ତୁ ବାପା ଯଦି ନିଜ ସାଧନ ବ୍ୟୟ କରି ନିଜ ଅଭିଳାଷ ଚରିତାର୍ଥ କରିବାକୁ ଉଦ୍ୟମ କରନ୍ତି ତାଙ୍କୁ ବାଧା ଦେବା ପୁତ୍ର ପକ୍ଷେ ଅତ୍ୟନ୍ତ ଲଜ୍ଜାକର କାମ । ମତେ ସେମିତି ଗୋଟେ ଲଜ୍ଜାଜନକ ପରିସ୍ଥିତି ଆଡ଼କୁ ତୁମେ ଅଡ଼େଇ ନିଅନା । ଆମେ ବାପାଙ୍କୁ କିଛି ଦେଇ ନ ପାରିଲେ ନାହିଁ । ସିଏ ନିଜ ଜମି ବିକ୍ରି କରି ଘର କରୁଛନ୍ତି । ଆମେ ସେଥିରେ ବାଧାଦେବା ଠିକ୍‌ହେବ ନାହିଁ ।

ଅନୀତାଙ୍କ କ୍ରୋଧ ପ୍ରଶମିତ ହେବାକୁ ବର୍ଷେ ସମୟ ଲାଗିଗଲା । ବଡ ପୁଅ, ପିଙ୍କୁର ଇଂଜିନିୟରିଂର ଶେଷ ବର୍ଷ । ତା'ର କ୍ୟାମ୍ପସ୍ ସିଲେକ୍ସ୍‌ନ୍ ହେଲା । ତା'ର ପ୍ଲେସ୍‌ମେଣ୍ଟ୍ ହେଲା ବମ୍ବେରେ ବିରଳା କମ୍ପାନୀରେ । ଅନୀତା ସ୍ୱପ୍ନ ଦେଖିଲେ ପୁଅ ଚାକିରି ଓ ତା' ଦରମାକୁ ନେଇ । ପିଙ୍କୁର ମାସିକ ଦରମା ୨୦ ହଜାର ଟଙ୍କା । ଟିଙ୍କୁ ଆଉ ଗୋଟେ ବର୍ଷପରେ ଚାକିରି କରିବ । ସିଏ ବି ଇଂଜିନିୟରିଂ ଛାତ୍ର । ତା' ଦରମା ସେଇ ୨୦ ହଜାର ଏପଟ ନ ହେଲେ ସେପଟ । ଅନୀତାଙ୍କ ଭୁବନେଶ୍ୱର ଜାଗା କିଣା ଆଉ ଘର ତୋଳା ଇଚ୍ଛାଟା ନିଜ ଭିତରେ ଥାକ ଥାକ ସଜେଇ ହୋଇ ରହିଲା । ସିଏ ମନୋଜଙ୍କୁ କହିଲେ- ତମଦ୍ୱାରା ଯାହା ଏତେ ବର୍ଷଯାଏ ସମ୍ଭବ ହେଲାନାହିଁ, ତାହା ମୋ ପିଲା କରିବେ । ପିଙ୍କୁ, ଟିଙ୍କୁ ଦୁହେଁ ଚାକିରି କଲେ ଆମେ ଜାଗା କିଣିବା, ଘର ତୋଳିବା ।

ପିଲାଙ୍କ ସଫଳତାର ସ୍ୱପ୍ନରେ ବିଭୋର ଅନୀତା ଗାଆଁ ଜମିବିକ୍ରି ଓ ବାପାଙ୍କ କୋଠାତୋଳାକୁ ଭୁଲିଯିବାକୁ ବସିଥିବା ବେଳେ ଗାଆଁରୁ ବାପାଙ୍କ ଚିଠି ଆସିଲା, ଆସନ୍ତା ରବିବାର ଦିନ ଛାତ ପଡ଼ିବ । ତୁ ବୋହୂକୁ ଧରି ଗୋଟେ ଦିନ ପାଇଁ ଗାଆଁକୁ ଆସିବୁ ।

ଏଇ ଚିଠିଟା ପଢ଼ି ଅନୀତା ପୁଣି ଗର୍ଜି ଉଠିଲେ । ତାଙ୍କୁ ଲାଗିଲା ବାପା ଯେମିତି ତାଙ୍କ ପୁଅ ବୋହୂଙ୍କ ନିପାରିଲା ପଣକୁ ତତଲା ଲୁହା ଖଡ଼ିକାରେ ଚେଙ୍କ ଦେଉଛନ୍ତି । କହୁଛନ୍ତି, ଦେଖରେ କୁଳାଙ୍ଗାର, ତମଦ୍ୱାରା ଯାହା ନ ହେଲା, ମୁଁ ଏ ବୃଦ୍ଧ ବୟସରେ ତାହା କରିଦେଇ ପାରିଲି । ତମେ ଏ ବୃଦ୍ଧ ପିତାର ମୁଣ୍ଡ ଗୁଂଜିବା ପାଇଁ କୋଠା ଚାରି ବଖରା କରି ପାରିଲ ନାହିଁ, ଯାହା ମତେ କେବଳ ଆଶ୍ରୟ ଦେଇ ନ ଥାନ୍ତା, ମତେ ଆମ ଗାଆଁରେ ଅମର କରି ଥାଆନ୍ତା, ଆମ ଉତ୍ତର ପୁରୁଷଙ୍କ ମୂକସାକ୍ଷୀ ହୋଇ ରହିଥାନ୍ତା ଚିରଦିନ । ତମେ ନ କରି ପାରିଲ ନାହିଁ, ମୁଁ ତୁମ ପାଇଁ କୋଠା ତୋଳିଛି, ଯାହା ମୁଁ ମଲାପରେ ବି ଏ ଗାଆଁରେ ତମ ଫେରିବା ବାଟକୁ କି ତମ ପୁଅ, ଝିଅ, ନାତି, ନାତୁଣୀଙ୍କ ଫେରିବା ବାଟକୁ ଚାହିଁ ରହିଥିବ ଉତ୍ସୁକ ହୋଇ । ଗାଆଁ ମାଟିରେ ମୁଁ କେବଳ ଘର ତୋଳିନାହିଁ, ତୋଳିଛି ସ୍ମୃତି ସଉଧ ।

ଅନୀତା ଏଇ ଛାତପକା ଉପଲକ୍ଷେ ଗାଆଁକୁ ନିଜେ ନ ଯିବାକୁ ଯିଦ୍ ଧରିଲେ,

Digitized by srujanika@gmail.com

ଆଉ ମନୋଜଙ୍କ ଗାଆଁଯିବା ବାଟରେ ଗାଡ଼ିଗାଡ଼ି ଅଡୁଆ ଆଣି କୁଢ଼ାଇଲେ ଯାହାକୁ ଡେଇଁ ଗାଆଁକୁ ଯିବା ମନୋଜ ପକ୍ଷେ ସମ୍ଭବ ହେଲା ନାହିଁ । ପ୍ରତି ଶନିବାର ଗାଆଁ ଛୁଇଁ ସୋମବାର ଭୁବନେଶ୍ୱର ଫେରୁଥିବା ସାରଙ୍ଗ ଆସି ମନୋଜଙ୍କୁ ଜଣାଇଲା ରବିବାର ଦିନ ସଂଧ୍ୟା ପର୍ଯ୍ୟନ୍ତ ତୁମ ବାପା ତୁମ ଆସିବା ବାଟକୁ ଚାହିଁଥିଲେ ।

ଗାଆଁରେ ଛାତ ପଡ଼ିବାର ତିନିବର୍ଷ ଭିତରେ ତିନୋଟି ଘଟଣା ଘଟି ଯାଇଥିଲା । ପ୍ରଥମଟି ପିଙ୍କୁ ଓ ଟିଙ୍କୁଙ୍କ ଚାକିରି । ଦ୍ୱିତୀୟଟି ଭୁବନେଶ୍ୱରରେ ମନୋଜଙ୍କ ପ୍ଲଟ କିଣା ଆଉ ତୃତୀୟଟି ବାପା ଗାଆଁରେ ଆରମ୍ଭ କରିଥିବା ପକ୍କା ଘରର ଗୃହପ୍ରବେଶ ଉତ୍ସବ । ଏଇ ଗୃହପ୍ରବେଶ ଉତ୍ସବରେ ଯୋଗଦାନ ପାଇଁ ଡାକିବାକୁ ଏଥର ବାପା ନିଜେ ଭୁବନେଶ୍ୱର ଆସିଥିଲେ । ତାଙ୍କ ସହିତ ଅନୀତା ଆଉ ମନୋଜ ଦୁହେଁ ଗାଆଁକୁ ଯାଇଥିଲେ ।

ଭୁବନେଶ୍ୱରରେ ନିଜର ପ୍ଲଟ କିଣିଥିବା ଯୋଗୁ ହୁଏତ ଅନୀତାଙ୍କ ମନରେ କିଛିଟା ପରିବର୍ତ୍ତନ ଆସିଛି । ଗାଆଁକୁ ଯିବାକୁ ତାଙ୍କର ଆଉ ଅନାଗ୍ରହ ନାହିଁ । ସମୁଦାୟ କୋଠାରେ ବାପା ଯେତେ ଟଙ୍କା ଖର୍ଚ୍ଚ କରି ନାହାଁନ୍ତି ତାଠୁ ଅଧିକ ଟଙ୍କା ଦେଇ ସେ ଭୁବନେଶ୍ୱରରେ ଭଲ ସାଇଜର ପ୍ଲଟ କିଣିଛନ୍ତି । ଦୁଇ ପୁଅ ଚାକିରି କରୁଛନ୍ତି, ସେମାନେ ଟଙ୍କା ଦେଲେ ବର୍ଷଦୁଇଟାରେ ଆଖିଦୃଶିଆ ବିଲ୍ଡିଙ୍ଗଟାଏ ଠିଆ କରାଇ ହେବ ।

ଗାଆଁରେ ଅନୀତା ଓ ମନୋଜଙ୍କୁ ଧରି ବାପା ପହଞ୍ଚିଲେ ସକାଳ ୮ଟାରେ । ଗୃହପ୍ରବେଶ ଉପଲକ୍ଷେ ଭୋଜିର ଆୟୋଜନ ମଧ୍ୟ ହୋଇଥିଲା । ଗାଆଁର ଅନେକ ଲୋକଙ୍କ ସହିତ ସାକ୍ଷାତ ହେଲା । ପିଙ୍କୁ, ଟିଙ୍କୁ ଦୁଇଟା ଆସି ନ ପାରିବାରୁ ବାପା ବୋଉଙ୍କ ମନଦୁଃଖ । ବାପା ଘରର ପ୍ରତି ବଖରା ବୁଲାଇ ବୁଲାଇ ଦେଖାଉଥିଲେ । ଗୋଟିଏ ବଖରା ମନୋଜ ଓ ଅନୀତାଙ୍କ ପାଇଁ, ଆଉ ଗୋଟିଏ ବଖରା ବାପା ବୋଉଙ୍କର, ଅନ୍ୟ ଦୁଇ ବଖରା ପିଙ୍କୁ ଟିଙ୍କୁଙ୍କର ।

ରାତିଟା ଗାଆଁ ନୂଆ କୋଠାଘରେ କଟାଇ ପରଦିନ ଅନୀତାଙ୍କୁ ଧରି ଭୁବନେଶ୍ୱର ଫେରିଲେ ମନୋଜ । ଗାଆଁରୁ ଫେରିବା ଦିନଠୁ ଅନୀତା ଜିଦ୍ ଧରିଲେ ଭୁବନେଶ୍ୱର ପ୍ଲଟ୍‌ରେ ଘର ତିଆରି ପାଇଁ । ଚାଲିଲା ପ୍ଲାନ ତିଆରି । ପ୍ଲଟ ସାଇଜ ୬୦ ଫୁଟରେ ୪୦ ଫୁଟ । ଅନେକ ଲୋକଙ୍କ ପୁରୁଣା ପ୍ଲାନ ଆଣି ସେଇ ଅନୁସାରେ ବିଭିନ୍ନ ପ୍ରକାର ପ୍ଲାନ ତିଆରି ଚାଲିଲା । ମନୋଜଙ୍କ ପ୍ଲାନ ଅନୀତାଙ୍କ ମନକୁ ପାଇଲା ନାହିଁ । ଅନୀତା ଯାହା ସଜେସନ୍ ଦେଲେ ତାକୁ ମନୋଜ ମୋଟେ ଗ୍ରହଣ କଲେ ନାହିଁ ।

ମନୋଜଙ୍କ ବନ୍ଧୁ ପରେଶଙ୍କ ପରାମର୍ଶ କ୍ରମେ ବି.ଡ଼ି.ଏ.ର ଟାଉନ୍ ପ୍ଲାନର ସାମନ୍ତରାୟଙ୍କ ଉପରେ ପ୍ଲାନ ତିଆରି ଦାୟିତ୍ୱ ଅର୍ପଣ କଲେ । ଆଠଦିନ ପରେ ତାଙ୍କଠୁ ସ୍କେଚ ପ୍ଲାନଟା ମିଳିଲା । ସେଇ ପ୍ଲାନଟାକୁ ସ୍ୱାମୀ, ସ୍ତ୍ରୀ ଦୁହେଁ ଅନେକ ଦିନ ଧରି ନିଜ ବାଟରେ ନିରୀକ୍ଷଣ କରି କିଛି କିଛି ଅସୁବିଧା ଆବିଷ୍କାର କଲେ । ଆଉ ଜଣେ ବନ୍ଧୁଙ୍କ

Digitized by srujanika@gmail.com

ପରାମର୍ଶ ଅନୁସାରେ ଜଣେ ବାସ୍ତୁଶାସ୍ତ୍ର ବିଶାରଦଙ୍କୁ ପ୍ଲାନଟିକୁ ଦେଖାଇବାର ସ୍ଥିର ହେଲା । ପୃଥିବୀ ବିଜ୍ଞାନ ଆଡ଼କୁ ଯେତିକି ଅଗ୍ରଗତି କରୁଛି, ମଣିଷ ସେତିକି ପରଂପରା, ସଂସ୍କୃତି ଓ ଜ୍ୟୋତିଷଶାସ୍ତ୍ର ଆଡକୁ ମୁହାଁଉଛି । ବାହାଘର ପାଇଁ ଜାତକ ମେଳକର ଆଶ୍ରୟ ନେବା ଓ ଘର ତିଆରି ପୂର୍ବରୁ ବାସ୍ତୁଶାସ୍ତ୍ର ବିଶାରଦଙ୍କ ମତାମତ ନେବାକୁ ସମାଜର ତୁଙ୍ଗ ସ୍ଥାନରେ ଥିବା ସମ୍ଭ୍ରାନ୍ତ ମଣିଷମାନେ ଆଗ୍ରାଧିକାର ଦେଉଚନ୍ତି । ତେଣୁ ମନୋଜ ବନ୍ଧୁଙ୍କ ପରାମର୍ଶ ରକ୍ଷାକରି ବାସ୍ତୁଶାସ୍ତ୍ର ବିଶାରଦଙ୍କ ଶରଣାପନ୍ନ ହେଲେ ।

ବାସ୍ତୁଶାସ୍ତ୍ର ବିଶାରଦ ପ୍ଲାନଟା ଦେଖିବା ପାଇଁ ଦୁଇ ତିନିଥର ଦଉଡ଼ାଇଲେ । ଶୁଭ ମୁହୂର୍ତ୍ତ କାଢ଼ି ପ୍ଲାନଟା ମନୋଜଙ୍କ ଉପସ୍ଥିତିରେ ବିଶ୍ଳେଷଣ କଲେ । ପ୍ଲାନଟା ଆପାତତଃ ଠିକ୍ ଅଛି ବୋଲି ମତ ଦେଲେ । ତେବେ ଅଳ୍ପ କେତେଟା ପରିବର୍ତ୍ତନ ପାଇଁ ପରାମର୍ଶ ଦେଲେ । ରୋଷେଇ ଘର ଅଗ୍ନିକୋଣରେ ଅଛି ଠିକ୍ ଅଛି, କିନ୍ତୁ ତା'ପାଖରେ ଟଏଲେଟ୍ ନ ରଖିଲେ ଭଲ । ଟଏଲେଟ୍ ସ୍ଥାନରେ ପୂଜାଘର ରଖନ୍ତୁ । ଟଏଲେଟ୍କୁ ଷ୍ଟେୟାରକେସ୍ ତଳକୁ ଉଠାଇ ଆଣନ୍ତୁ । ପ୍ଲଟର ପଶ୍ଚିମରେ ରାସ୍ତା ଅଛି । ମୁଖ୍ୟ ପ୍ରବେଶ ପଥ ସେପଟରେ ରଖିଲେ ମଧ୍ୟ ଉତ୍ତର ପଟରେ ଆଉ ଗୋଟିଏ ପ୍ରବେଶ ପଥ ରଖିବାକୁ ହେବ । ପଶ୍ଚିମ ପାଖରେ ପୋର୍ଟିକୋ ରଖନ୍ତୁ ନାହିଁ; କାରଣ ପଶ୍ଚିମ ପଟକୁ କୌଣସି ପ୍ରୋଜେକ୍ସନ୍ କରିବା ମନା । ଘରର ନିଅଁ ଖୋଳିବା ବେଳେ ଉତ୍ତର-ପୂର୍ବ କୋଣରୁ ହିଁ ଆରମ୍ଭ କରିବେ । କିନ୍ତୁ ଘରର ନିର୍ମାଣ ଆରମ୍ଭ କରିବେ ପଶ୍ଚିମ-ଦକ୍ଷିଣ କୋଣରୁ । ଟଏଲେଟ୍ ଏପରି ତିଆରି କରିବେ ଯେପରି ବସିବା ବେଳେ ମୁହଁ ଉତ୍ତରକୁ କିମ୍ବା ଦକ୍ଷିଣକୁ ରହିବ । ଘର ପାଇଁ ପାଣିର ବ୍ୟବସ୍ଥା କଲାବେଳେ ଅର୍ଥାତ କୂଅ କିମ୍ବା ସମ୍ପ କଲେ ଆପଣ ଉତ୍ତର-ପୂର୍ବ କୋଣରେ ହିଁ କରିବେ ।

ଏମିତି ଅନେକ ସଜେସନ୍ ଧରି ମନୋଜ ବାସ୍ତୁଶାସ୍ତ୍ର ବିଶାରଦଙ୍କ ପାଖରେ କୃତଜ୍ଞତା ଜଣାଇ ଫେରିଲେ । ସେହି ଅନୁସାରେ ପ୍ଲାନ ପ୍ରସ୍ତୁତ ହେଲା ଆଉ ମଂଜୁର ମଧ୍ୟ ହେଲା । ପ୍ଲାନର ଗୋଟିଏ ନକଲ ବଡ଼ପୁଅ ପିଙ୍କୁ ପାଖକୁ ବମ୍ବେ ଓ ଆଉ ଗୋଟିଏ ନକଲ ସାନ ପୁଅ ଟିଙ୍କୁ ପାଖକୁ ଦିଲ୍ଲୀ ପଠାଇଲେ ମନୋଜ । ଅତିଶୀଘ୍ର ସେ ଦୁହିଁଙ୍କ ମତାମତ ଲୋଡ଼ିଥିଲେ ମନୋଜ । କିନ୍ତୁ ମାସକ ପର୍ଯ୍ୟନ୍ତ କିଛି ଉତ୍ତର କାହାରିଠାରୁ ମିଳିଲା ନାହିଁ । ଡାକରେ ହଜିଯାଇଥିବା ଆଶଙ୍କା କରି ଆଉ ଦୁଇଟି ନକଲ ସ୍ପିଡ୍ ପୋଷ୍ଟ ଯୋଗେ ଦୁଇ ପୁଅଙ୍କ ପାଖକୁ ପଠାଇଲେ ମନୋଜ । ଶୀଘ୍ର ମତାମତ ଜଣାଇ ଚିଠି ଦେବାକୁ ଦୁଇ ପୁଅଙ୍କୁ ଅନୁରୋଧ କରିଥିଲେ ।

ଶୀଘ୍ର ନ ହେଲେ ବି ଏଥର ପନ୍ଦର ଦିନ ଭିତରେ ଦୁଇ ପୁଅଙ୍କଠାରୁ ଦୁଇଟା ଚିଠି ଆସିଲା । ବଡ଼ ପୁଅ ଲେଖିଥିଲା ଏତେ ବଡ଼ ଘରଟେ ତିଆରି କରି ଦୁଇ ପୁଅଙ୍କୁ ଚିରଦିନ ମୁହାଁମୁହିଁ ଚେସ୍‌ର ଗୋଟି ପରି ରଖିବା ଠିକ୍ ନୁହେଁ । ଏତେ ଛୋଟ ପ୍ଲଟ୍‌ରେ

Digitized by srujanika@gmail.com

ଏତେ ବଡ଼ ଘର କରିବା ଉଚିତ ହେବ ନାହିଁ । ଗୋଟିଏ ଡ୍ରଇଂରୁମ୍ ଓ ଅତି ବେଶିରେ ଦୁଇଟି ବେଡ୍ ରୁମ୍‌ରେ ସୀମିତ ରଖ ପ୍ଲାନଟିକୁ । ତୁମ ଦୁଇ ପୁଅ ଦୁଇଟା ମେଟ୍ରୋସିଟିରେ ଅଛନ୍ତି । ସିଏ ହୁଏତ ମେଟ୍ରୋସିଟିରେ ରହିବାକୁ ପସନ୍ଦ କରିପାରନ୍ତି । ତାଙ୍କୁ ଭୁବନେଶ୍ୱରରେ ବାନ୍ଧିବାକୁ ଏତେ ଦିନ ଆଗରୁ ଯନ୍ତାଟିଏ ତିଆରି କରି ରଖିବା କେତେଦୂର ସମୀଚୀନ ଆପଣ ବିଚାର କରି ଦେଖିବେ । ତେବେ ଭୁବନେଶ୍ୱରରେ ଘର ତିଆରି କରିବା ପ୍ରସ୍ତାବକୁ ମୁଁ ବିରୋଧ ନ କରି ସ୍ୱାଗତ ଜଣାଉଛି; କାରଣ ଆମେ ଯେତେ ବଳ ପ୍ରୟୋଗ କଲେ ବି ଆପଣ ଆଉ ବୋଉ ଭୁବନେଶ୍ୱର ଛାଡ଼ି ବମ୍ବେରେ କି ଦିଲ୍ଲୀରେ ସବୁଦିନ ରହିବାକୁ ପସନ୍ଦ କରିବେ ନାହିଁ, କିମ୍ୱା ଜେଜେ ଯେତେ ଡାକିଲେ ବି ଗାଆଁକୁ ଯିବେ ନାହିଁ ।

ସାନପୁଅ ଟିଙ୍କୁ ଲେଖିଥିଲା- ମୋର ଆମେରିକା ଯିବା ପାଇଁ ଆମ କମ୍ପାନୀ ବ୍ୟବସ୍ଥା କରିଛି । ଆସନ୍ତା ବର୍ଷ ଆମେରିକା ଯିବା ଶତକଡ଼ା ନବେଭାଗ ସମ୍ଭାବନା । ମୁଁ ଯଦି ଆମେରିକା ଯାଏ ତା' ହେଲେ ମୋତେ ସେଠି ଅନ୍ୟୂନ ସାତବର୍ଷ ରହିବାକୁ ପଡ଼ିବ । ତେଣୁ ମୋର ଭୁବନେଶ୍ୱରରେ ବସ୍ତୁତଃ ଘର କିଛି କାମରେ ଆସି ନ ପାରେ । ମୁଁ ଆମେରିକାରୁ ଫେରିଲେ ଦିଲ୍ଲୀରେ ରହିବାକୁ ଅଧିକ ପସନ୍ଦ କରିବି । ଭାଇ ମଧ ବମ୍ବେରେ ଫ୍ଲାଟ କିଣିବାର ଆବଶ୍ୟକତା ଅନୁଭବ କରିପାରନ୍ତି । ତେବେ ତୁମ ଦୁହିଁଙ୍କ ପାଇଁ ଭୁବନେଶ୍ୱରରେ ଘରଟେ ନିହାତି ଜରୁରୀ । କିନ୍ତୁ ଏତେବଡ଼ ଘରଟେ ତିଆରି କରିବାର ଆବଶ୍ୟକତା ବିଷୟ ଆଉଥରେ ଆପଣ ଚିନ୍ତା କରିବେ ।

ଦୁଇ ପୁଅଙ୍କ ଚିଠି ପାଇ ମନୋଜ ଓ ଅନୀତା ପ୍ରଥମ କରି ଅନୁଭବ କଲେ ଯେ ପିଙ୍କୁ, ଟିଙ୍କୁ ଏବେ ସ୍ୱତନ୍ତ୍ର ଭାବେ ନିଜ କଥା ବିଚାର କଲେଣି । ବାପା ବୋଉଙ୍କ କୋଳ ଛାଡ଼ି ଉଡ଼ିଯାଇଥିବା ଶାବକ ଦୁଇଟା ମୂଳପିଣ୍ଡଠାରୁ ନିଜକୁ ଅଲଗା କରି ଭିନ୍ନ କକ୍ଷରେ ବିଚରଣ କଲେଣି । ସେମାନେ ତାଙ୍କର ସ୍ୱତନ୍ତ୍ର ପରିଚୟ ପାଇଁ ବ୍ୟଗ୍ର ହେଲେଣି ।

ଅନୀତାଙ୍କୁ ଶକ୍ତ ଧକ୍କାଟେ ଲାଗିଲା । ଅଧିକ ରୋଜଗାର କରୁଥିବା ଦୁଇ ପୁଅଙ୍କ ପଇସାରେ ଖୁବ୍ ଶୀଘ୍ର ଘରଟେ ଠିଆ କରିବାକୁ ଆଶା କରିଥିବା ଅନୀତା କ୍ରୋଧରେ ପାଚି ଲାଲ ଦିଶିଲେ । ଏମିତି କ୍ରୋଧରେ ଅସ୍ଥିର ହୋଇଥିଲେ ଅନୀତା ଆଜିକୁ ତିନିବର୍ଷ ତଳେ ଯେତେବେଳେ ଗାଆଁରେ ଶ୍ୱଶୁର ଗାଆଁଘର ତିଆରି କରିବା ପାଇଁ ଗାଆଁ ଚାଷଜମି ବିକ୍ରିର ନିଷ୍ପତ୍ତି ଶୁଣାଇଥିଲେ ।

ମନୋଜ ଅନୀତାକୁ ସାନ୍ତ୍ୱନା ଦେଲେ– ତମେ ଏମିତି ହତାଶ ହେବା ଦରକାର ନାହିଁ । ମୋର ଆଉ ବେଶିଦିନ ଚାକିରି ନ ଥିଲେ ମଧ ସାଢ଼େ ଚାରିବର୍ଷ ବାକି ଅଛି । ଏଇ ସମୟ ଭିତରେ ମୁଁ ଘରଟା କରି ପାରିବି । ପିଲାମାନଙ୍କୁ ପାଠ ପଢ଼ାଇବାରେ

Digitized by srujanika@gmail.com

ମୋର ପ୍ରୋଭିଡେଣ୍ଟ ଫଣ୍ଡଟା ନିଃଶେଷ ହୋଇଯାଇଥିଲେ ବି ଘର ତିଆରି ଲୋନ୍‌ରୁ ଛଅ ବର୍ଷ ତଳେ ପ୍ଲଟ କିଣିବା ପାଇଁ ମୋତେ ଯେଉଁ ପଚାଶ ହଜାର ଟଙ୍କା ମିଳିଥିଲା ତାକୁ ମୁଁ ଫିକ୍ସିଡ଼ ଡ଼ିପୋଜିଟ୍ କରିଦେଇଥିଲି । ଘରର ଆପ୍ରୁଭଡ଼୍ ପ୍ଲାନ ଦାଖଲ କଲେ ମତେ ଅଫିସରୁ ଆହୁରି ଦେଢ଼ଲକ୍ଷ ଟଙ୍କାର ଘର ତିଆରି ଲୋନ୍ ମିଳିବ । ଲୁଟିବିକ୍ରି, ଗ୍ରାଚ୍ୟୁଇଟି ଆଉ ଫାଇନାଲ୍ ଜି.ପି.ଏଫ୍. ସବୁକୁ ମିଶାଇ ଆମେ ଘର ତିଆରି କରିବା ।

ପୁଅ ଦୁଇ ଜଣଙ୍କ ଅସମ୍ମତି ଓ ଅସହଯୋଗକୁ ଖାତିର ନ କରି ମନୋଜ ତାଙ୍କ ଭୁବନେଶ୍ୱର ଘର ତିଆରି ଆରମ୍ଭ କଲେ । ଅନୀତା ପ୍ଲଟ ଉପରେ ଠିଆ ହୋଇ ଘର ତିଆରି କାମ ତଦାରଖ କଲେ । ଅନୀତାଙ୍କ ଜିଦ୍ ଯୋଗୁ କଡ଼ା ଭାଷାରେ ଦୁଇ ପୁଅଙ୍କୁ ଦୁଇଟା ଚିଠି ଲେଖି ଜଣାଇ ଦେଲେ । ଘର ତିଆରିରେ ସେମାନଙ୍କ ମତାମତ କି ସେମାନଙ୍କ ଟଙ୍କା କିଛି କାମରେ ଲାଗିବ ନାହିଁ । ଭୁବନେଶ୍ୱରରେ ନିଜ ପସନ୍ଦ ମୁତାବକ ଘର ତିଆରି କରିବା ପାଇଁ ସିଏ ନିଜେ ସମର୍ଥ ।

ଘର ତିଆରି ସରିବା ପର୍ଯ୍ୟନ୍ତ ଦୁଇ ପୁଅଙ୍କ ସହିତ ଆଉ ଯୋଗାଯୋଗ ରଖି ନ ଥିଲେ ମନୋଜ । ସାନପୁଅ ସାତ ବର୍ଷ ପାଇଁ ଆମେରିକା ଯାଇଥିଲା ତା' କମ୍ପାନୀ କାମରେ । ବଡ଼ପୁଅ ତା' କଂପାନୀର ବାଙ୍ଗାଲୋର ଶାଖା ଖୋଲା ନେଇ ବ୍ୟସ୍ତ ଥିଲା ।

ଗୃହପ୍ରବେଶ ଉତ୍ସବକୁ ଗାଆଁକୁ ଗାଡ଼ି ପଠାଇ ବାପା ବୋଉଙ୍କୁ ଗାଆଁରୁ ଡକାଇ ଆଣିଥିଲେ ମନୋଜ । ପୁଅବୋହୂଙ୍କ ଘର ଦେଖି ବୁଢ଼ାବୁଢ଼ୀଙ୍କ ଆଖି ଖୋସି ହୋଇ ଯାଇଥିଲା । ପାଇଖାନା ଓ ଗାଧୁଆଘରେ ମାର୍ବଲ ଲାଗିଛି । ଝରକା ଓ ଦରଜା କବାଟ ସବୁ ଶାଗୁଆନ କାଠରେ ତିଆରି ।

ଅନୀତା ଶାଶୁ ଶ୍ୱଶୁରଙ୍କୁ ପ୍ରତି ବଖରା ବୁଲାଇ ଦେଖାଇବାବେଳେ ନିଜ ଭିତରେ ଫୁଲି ଫୁଲି ଉଠୁଥିଲେ । ଶାଶୁ ଶ୍ୱଶୁରଙ୍କ ପାଇଁ ମଧ୍ୟ ଏ ଘର ଭିତରେ ସିଏ ବ୍ୟବସ୍ଥା ରଖିଥିବା ବଖରାଟି ତାଙ୍କୁ ଦେଖାଇ ଅନୁରୋଧ କରିଥିଲେ– ପିଲାମାନେ ତ ବାହାରେ ରହିଲେ, ଆପଣମାନଙ୍କର ବୟସ ବେଶି ହେଲାଣି । ଏଥର ଏଇଠି ଆମ ପାଖରେ ରହିଯାଆନ୍ତୁ ।

ଭୋଜିଭାତ ଖାଇ ଓ ଘର ଦେଖି ନିମନ୍ତ୍ରିତ ଅତିଥିମାନେ ଫେରିଯିବା ପରେ ଅନୀତା ମନୋଜଙ୍କ ପାଇଁ ଗୋଟେ ଖଲିରେ ଖାଇବା ଜିନିଷ ବାଢ଼ିଲେ । ମନୋଜ ଅନୀତାଙ୍କୁ ବାଧ୍ୟ କଲେ ଆଉ ଗୋଟିଏ ଖଲିପକାଇ ନିଜେ ଖାଇ ବସିବା ପାଇଁ । ଖଲି ପକାଇ ଖାଦ୍ୟ ପାଖରେ ଦୁହେଁ ବସିଲେ; କିନ୍ତୁ ଖାଦ୍ୟ ପାଖକୁ ସେମାନଙ୍କ ହାତ ଗଲା ନାହିଁ । ପରସ୍ପରଙ୍କ ମୁହଁକୁ ଚାହିଁଲେ ଅନୀତା ଓ ମନୋଜ । ଏ ଘର ତିଆରି କାହାପାଇଁ ? ସେମାନଙ୍କର ଏ ପୃଥିବୀରେ ଆଉ କେତେ ଦିନ ?

ଆନଂଦ ଚଂଦ୍ର ପତି

Digitized by srujanika@gmail.com

ରିଟାୟାରମେଣ୍ଟ ପରେ ଅତି ବେଶିରେ ଦଶ, ବାର କି ପନ୍ଦର ବର୍ଷର ଅତିଥି ସେମାନେ । ପୁଅ ଦୁହେଁ ଯଦି ଏ ଘର ଆବଶ୍ୟକ ନ କରନ୍ତି ଏ ଘର କ'ଣ ହେବ ? ସେମାନଙ୍କ ପରେ ଏଘରର ରକ୍ଷଣାବେକ୍ଷଣା ଦାୟିତ୍ୱ କିଏ ନେବ । ହୁଏତ ଦିନ ଆସିବ ଯେତେବେଳେ ପିଙ୍କୁ, ଟିଙ୍କୁ ଏ ଜାଗା ଓ ଘର ବିକ୍ରିକରି ସେଇ ଟଙ୍କାରେ ମେଟ୍ରୋସିଟିରେ ଫ୍ଲାଟ କିଣିବେ ।

ପରଦିନ ସକାଳୁ ମନୋଜଙ୍କ ବାପା ବୋଉ ଗାଆଁକୁ ଯିବାକୁ ବାହାରିଲେ । ମନୋଜ ଓ ଅନୀତା ଯେତେ ରାଣ ନିୟମ ପକାଇଲେ ବି ସେମାନେ ଆଉ ଦିନେ ଦୁଇଦିନ ରହିବାକୁ ଅନିଚ୍ଛା ପ୍ରକାଶ କଲେ । ସେମାନେ ଭୁବନେଶ୍ୱର ଆସିବା ତିନି ଦିନ ହେଲାଣି । ତାଙ୍କ ତୁଳସୀ ଗଛ, ଫୁଲଗଛ, ଲଙ୍କା ଓ ବାଇଗଣ ଗଛ ପାଣି ନ ପାଇ ଝାଉଁଳି ଯିବେଣି । ବଳଦ ଦୁଇଟା ପଡ଼ିଶାଘର ଜିମା ଦେଇକି ଆସିଥିଲେ । ସେମାନଙ୍କ ଖାଇବା ପିଇବା କଥା ସେମାନେ ଠିକ୍ ଭାବେ ବୁଝିଲେକି ନାହିଁ ଜଣାନାହିଁ । ପଦିଆ ଝିଅ କୁସୁମ ହାତରେ ଘରର କଞ୍ଚି ଦେଇକି ଆସିଥିଲେ ସକାଳେ ସଂଜେ ଠାକୁର ପୂଜା କରିବା ପାଇଁ । ଏତେସବୁ ଅଡୁଆ ଗାଆଁରେ ଛାଡ଼ି ଏଠି ସେମାନେ ଆଉ ମୁହୂର୍ତ୍ତଟାଏ ବି ରହିବା ସମ୍ଭବ ନୁହେଁ । ମନୋଜ ବାଧ୍ୟ ହୋଇ ବାପା ବୋଉଙ୍କୁ ଗାଆଁ ବସ୍‌ରେ ବସାଇ ଦେଇ ଆସିଲେ ।

ଏତେ ବଡ଼ ଘରଟାରେ ମାତ୍ର ଦୁଇ ଜଣ, ଅନୀତା ଓ ମନୋଜ । ଖୁବ୍ ଖାଲି ଖାଲି, ଫାଙ୍କା ଫାଙ୍କା ଆଉ ଏକୁଟିଆ ଏକୁଟିଆ ଲାଗୁଛି । ମନୋଜ ଅଫିସ ଚାଲିଗଲା ପରେ ଘରଟା ଭୂତ କୋଠି ପରି ଭୟଙ୍କର ଲାଗିଲା ଅନୀତାଙ୍କୁ । ଘରକୁ ଲାଗି ଘରଟାଏ ବି ନାହିଁ ଯାହା ସହିତ ଗପସପ କରି ସମୟ କଟାଇ ହୁଅନ୍ତା । ଖରାବେଳ ସାରା ପିଙ୍କୁ, ଟିଙ୍କୁଙ୍କ କଥା ଖୁବ୍ ମନେ ପଡୁଛି ଅନୀତାଙ୍କର । ପିଲା ଦୁଇଟା ଭୁବନେଶ୍ୱର ଫେରି ଆସିଲେ ଘରଟା ପୂରିଉଠନ୍ତା । ସେମାନଙ୍କ ବାହାଘର କରି ଦୁଇଟା ବୋହୂ ନେଇ ଆସିଲେ ଘର ଗହଳ ଚହଳରେ ଫାଟି ପଡ଼ନ୍ତା ।

କିନ୍ତୁ ପରକ୍ଷଣରେ ଅନୀତା ସଚେତନ ହୁଅନ୍ତି- ସିଏ ନିଜେ ବାହାଘରର ମାସେ ଦୁଇ ମାସ ପରେ ସ୍ୱାମୀଙ୍କ ସାଥିରେ ଭୁବନେଶ୍ୱର ଚାଲି ଆସିଥିଲେ । ପିଙ୍କୁ, ଟିଙ୍କୁ ବାହାଘର ପରେ ସେମାନଙ୍କ ସ୍ତ୍ରୀମାନେ ଆଠ ଦିନରୁ ବେଶି ଭୁବନେଶ୍ୱରରେ ନ ରହିବା ସ୍ୱାଭାବିକ ।

ଏଇ ଖାଲି ଘରଟାକୁ ଜଗିବାରେ ଅନୀତା ଓ ମନୋଜଙ୍କ ଅବଶିଷ୍ଟ ଜୀବନ ହୁଏତ କଟିବ । ଅନୀତାଙ୍କୁ ଲାଗେ ଗାଆଁରେ ଶାଶୁ ଶ୍ୱଶୁର ତିଆରି କରିଥିବା କୋଠା ଘରଟାକୁ ମଧ୍ୟ ସିଏ ଏମିତି ନିଜେ ଜଗିକି ପଡ଼ିଥିବେ ଜୀବନର ଅବଶିଷ୍ଟ କେଇଦିନ ।

ଅନୀତାଙ୍କୁ ସବୁଠୁ ବେଶି ଭୟଭୀତ କରେ ଆଉ ଗୋଟିଏ ଆଶଙ୍କା । ଗାଆଁରେ

Digitized by srujanika@gmail.com

ଶାଶୁ ଶ୍ୱଶୁରଙ୍କ ଭିତରୁ ଜଣେ କିଏ ଆଗରୁ ଚାଲିଗଲେ କିମ୍ୱା ଭୁବନେଶ୍ୱରରେ ଅନୀତା ଓ ମନୋଜଙ୍କ ଭିତରୁ ଜଣେ କିଏ ଆଗ ପୃଥିବୀ ଛାଡ଼ିଲେ ଅବଶିଷ୍ଟ ଜଣକ ଏତେବଡ଼ ଘରଟାକୁ (ଗାଆଁ ଘର ଓ ଭୁବନେଶ୍ୱର ଘର) ଏକୁଟିଆ କେମିତି ଜଗିବ ?

□□

ଆନନ୍ଦ ଚନ୍ଦ୍ର ପଢ଼ି

Digitized by srujanika@gmail.com

ହଳଦୀବସନ୍ତର କ୍ଷତ

ଅନ୍ୟ ବାପାଙ୍କ ପରି ମହେଶ ରକ୍ଷଣଶୀଳ ନୁହଁନ୍ତି । ପୁଅକୁ ଆମେରିକା ପଠାଇଥିବା ବାପା ଜଣେ ପ୍ରାଇମେରୀ ସ୍କୁଲ ଶିକ୍ଷକ ପରି ପରଂପରା ଓ ପ୍ରାଚୀନତାକୁ ଜାବୁଡ଼ି ଧରିବା ଠିକ୍ ନୁହେଁ । ତାଙ୍କ ମନ ଖୋଲା, ମେଲା । ପୁଅକୁ ଆମେରିକା ପଠାଇବା ସଙ୍ଗେ ସଙ୍ଗେ ସିଏ ତାଙ୍କ ମନକୁ ମଧ୍ୟ ଭାରତ ମାଟିରୁ କିଛିଟା ଉପରକୁ ଉଠାଇ ସମଗ୍ର ବିଶ୍ୱ ଆଡ଼କୁ ମୁହେଁଇ ଦେଇଛନ୍ତି ।

ପୁଅ ସଂବିତ ଆମେରିକା ମାଟିରେ ପାଠ ପଢ଼ିଲା ତିନିବର୍ଷ । ସେଠି ଚାକିରି କରିବା ଦୁଇବର୍ଷ ପୂରିଗଲାଣି । ଏବେ ତା'ର ବିଭାଘର ହେବା କଥା । ଭାରତର ସାଧାରଣ ବାପା ପରି ମହେଶ କେବେ ସଂବିତ ମନ ଉପରେ ନିୟନ୍ତ୍ରଣ ଜାରି କରିବାକୁ ଇଚ୍ଛା କରିନାହାଁନ୍ତି । କେବେ ଚାହିଁନାହାନ୍ତି ପୁଅ ତାଙ୍କର ତାଙ୍କ ପସନ୍ଦରେ ଏଇ ଓଡ଼ିଶା ମାଟିରୁ ଝିଅଟିଏ ବାଛି ବାହା ହେଉ ଯିଏ ତାଙ୍କ ଘରେ ଚଉରା ମୂଳେ ଗଳବସ୍ତ୍ର ହୋଇ ସଂଜବତୀ ଜାଳିବ । ଏମିତି ଏକ ଅନୈତିକ ଅଧିକାର ପୁଅ ଉପରେ ନଦିଦେବାର ସେ ପକ୍ଷପାତୀ ନୁହଁନ୍ତି । ସଂବିତ ଯଦି ନିଜ ପସନ୍ଦରେ ଆମେରିକୀୟ କି ୟୁରୋପୀୟ ଝିଅଟିଏ ଜୀବନ ସାଥୀ ଭାବେ ବାଛେ ତା' ହେଲେ ଅନ୍ୟ ଭାରତୀୟ ବାପାଙ୍କ ପରି ସିଏ ମୂର୍ଚ୍ଛା ଯିବେ ନାହିଁ ।

ପୁଅର ପସନ୍ଦ ଓ ପୁଅର ଖୁସିକୁ ସେ ଅଗ୍ରାଧିକାର ଦେବେ । ଯାହାକୁ ନେଇ ସଂବିତ ଆମେରିକାରେ ତା'ର ଜୀବନକୁ ସ୍ୱଚ୍ଛନ୍ଦ ଓ ସାବଲୀଳ କରିପାରିବ ତାକୁ ନିର୍ବାଚିତି କରିବାରେ ତା'ର ଶତକଡ଼ା ଶହେ ହକ୍ ଅଛି । ସେଥିରେ କୌଣସି ବାପା ଦଖଲ ଦେବା ଉଚିତ ନୁହଁ ।

ଆନଂଦ ଚଂଦ୍ର ପହି

Digitized by srujanika@gmail.com

ସଂବିତର ମାଆ ସାଧନାଙ୍କର ସ୍ୱତନ୍ତ୍ର ମତ କେବେ ନ ଥିଲା । ଏବେ ବି ନାହିଁ । ମହେଶଙ୍କ ହଁରେ ତାଙ୍କର ହଁ । ମହେଶଙ୍କ ନାଆଁରେ ତାଙ୍କର ନାଆଁ । ପୁଅ ସଂବିତ ଖୁସିରେ ସିଏ ଖୁସି । ଯେଉଁ ପୁଅକୁ ସିଏ କଲିଜାଠୁ ଅଧିକ ସ୍ନେହ କରନ୍ତି, ତା'ର ଇଚ୍ଛାକୁ ସମ୍ମାନ ଦେବାରେ ତାଙ୍କର ଢେର ଆନନ୍ଦ ।

ସଂବିତକୁ ତିରିଶ ଛୁଇଁଲାଣି । ଅନେକ ବିବାହ ପ୍ରସ୍ତାବ ବିଭିନ୍ନ ସ୍ଥାନରୁ ଆସୁଛି । ମହେଶ କାହାକୁ କିଛି ଜବାବ ଦେବାକୁ ଉଚିତ ମନେ କରୁ ନାହାଁନ୍ତି । ପୁଅଠୁ ଗ୍ରୀନ୍ ସିଗ୍ନାଲ ନ ପାଇବା ପର୍ଯ୍ୟନ୍ତ ସିଏ ଏ ଦିଗରେ ପାହୁଣ୍ଡେ ମଧ ଆଗେଇବେ ନାହିଁ ।

ବିଦେଶରେ ପାଠ ପଢ଼ିବା ଓ ଚାକିରି କରିବା ବେଳେ ଅନେକ ଯୁବକ ସେଇ ବିଦେଶ ମାଟିରୁ ନିଜର ଜୀବନ ସାଥୀ ବାଛିଥିବା ଅନେକ ଉଦାହରଣ ଅଛି । ବିଶେଷ କରି ଆମେରିକାରେ ଚାକିରି କରୁଥିବା ଭାରତୀୟମାନଙ୍କ କ୍ଷେତ୍ରରେ ଏହା ବହୁଭାବରେ ପ୍ରଯୁଜ୍ୟ ।

ସଂବିତର ଉତ୍ତରକୁ ଅପେକ୍ଷା କରି ସବୁ ପ୍ରସ୍ତାବକୁ ସ୍ଥଗିତ ରଖିଥିଲେ ମହେଶ । ସଂବିତକୁ ଖୋଲା ଖୋଲି ସେ ଚିଠିରେ ପଚାରିଛନ୍ତି ଏ ବିଷୟରେ ତା'ର ସ୍ପଷ୍ଟ ମତାମତ ଦେବା ପାଇଁ । ବିଦେଶୀ ଝିଅ ନା ଭାରତୀୟ ଝିଅ, କ'ଣ ତା'ର ରୁଚି ?

ମହେଶ ଆମେରିକା ଚିଠି ଲେଖିବାର ଠିକ ପନ୍ଦର ଦିନ ଭିତରେ ସଂବିତଠୁ ଉତ୍ତର ମିଳିଲା । ସଂବିତ ଲେଖିଥିଲା କୌଣସି ବିଦେଶୀ ଝିଅକୁ ବିବାହ କରିବା ତା'ର ଇଚ୍ଛା ନୁହଁ । ଓଡ଼ିଆ ସଂସ୍କୃତିସଂପନ୍ନା ଶିକ୍ଷିତା ଓଡ଼ିଆ ଝିଅଟିଏ ବାପା ମାଆଙ୍କ ପସନ୍ଦ ଅନୁସାରେ ବଛାଗଲେ ସିଏ ତାକୁ ବିବାହ କରିବାକୁ ଆଗ୍ରହୀ । ଝିଅ ଦେଖିବା, ପସନ୍ଦ କରିବା, ଦିନ ସ୍ଥିର କରିବା ସବୁ ଦାୟିତ୍ୱ ବାପାଙ୍କର । ତାକୁ କେବଳ ବିବାହ ତାରିଖର ଏକମାସ ପୂର୍ବରୁ ଜଣାଇଲେ ସିଏ ଛୁଟି ନେଇ ଠିକ୍ ବିବାହ ଦିବସର ଆଠଦିନ ଆଗରୁ ଘରେ ପହଞ୍ଚିବ ।

ସଂବିତର ଚିଠି ପଢ଼ି ମହେଶ ଖୁସିରେ ଅଧୀର ହୋଇ ଷାଠିଏ ବର୍ଷ ବୟସରେ ମଧ ସାଧନାଙ୍କୁ ଆଲିଙ୍ଗନରେ ଆବଦ୍ଧ କରି କହିଲେ- ସଂବିତ ଆମର ଆମେରିକା ମାଟିରେ ଏତେ ଦିନ ରହିଲେ ବି ଏ ଓଡ଼ିଶା ମାଟି, ପାଣି, ପବନ, ଭାଷା ସଂସ୍କୃତିକୁ ଭୁଲି ନାହିଁ । ଯିଏ ଏ ମାଟିର ବାସ୍ନାକୁ ଭୁଲି ନାହିଁ ସିଏ ମାଆ, ବାପା ସାଇପଡ଼ିଶାଙ୍କ ସ୍ନେହ, ମମତାକୁ ଭୁଲିବାର ପ୍ରଶ୍ନ ଉଠୁନାହିଁ । ସଂବିତ ଆମେରିକୀୟ ଝିଅଟିଏ ବାଛିଥିଲେ ମୋର ଆପତ୍ତି ନଥିଲା, କିନ୍ତୁ ସିଏ ଓଡ଼ିଆ ଝିଅଟିଏ ବିବାହ କରିବା ପ୍ରସ୍ତାବ ତା' ଆଡୁ ଦେଇଥିବାରୁ ମୁଁ ଆଜି ବହୁତ ଖୁସି ସଂବିତମାଆ । ଏ ଖୁସିରେ ଏ ବୟସରେ ମଧ ମୋର ନାଚିବାକୁ ଇଚ୍ଛା ହେଉଛି ।

ସାଧନା କହିଲେ, ନାଚନ୍ତୁ, ନାଚ । କିଏ ତମକୁ ମନା କରୁଚି ?

ଆନନ୍ଦ ଚନ୍ଦ୍ର ପତି

Digitized by srujanika@gmail.com

: ମୁଁ ନାଚିଲେ କିନ୍ତୁ ଏକା ନାଚିବି ନାହିଁ । ତୁମକୁ ମୋ ସହିତ ନାଚିବାକୁ ପଡ଼ିବ ।

: ଯା, ବୁଢ଼ା ଦିନେ ଏମିତି କ'ଣ ହେଉଛ ମ ? ସାଧନା ନିଜକୁ ମହେଶଙ୍କ ଆଲିଙ୍ଗନରୁ ମୁକ୍ତ କରିନେଲେ ।

ବିବାହ ପ୍ରସ୍ତାବଗୁଡ଼ିକ ମହେଶ ତନଖି କଲେ । ଝିଅମାନଙ୍କର ଫଟୋ, ଫ୍ୟାମିଲି ଷ୍ଟାଟସ୍, ଝିଅମାନଙ୍କର ଶିକ୍ଷାଗତ ଯୋଗ୍ୟତା, ରଂଗ, ଉଚ୍ଚତା ସବୁକୁ ବିଶ୍ଳେଷଣ କରି ସେଥିରୁ ଦୁଇଟି ପ୍ରସ୍ତାବ ବାଛିଲେ । ଦୁଇଟିଯାକ ପ୍ରସ୍ତାବ ଉପଯୁକ୍ତ ଆଉ ଆକର୍ଷଣୀୟ । ଦୁଇଟି ଯାକ ଝିଅ ସୁନ୍ଦର, ଦୁହିଁଙ୍କର ଉଚ୍ଚା ପାଞ୍ଚଫୁଟ ଛଅ ଇଞ୍ଚ । ଉଭୟଙ୍କ ଶିକ୍ଷାଗତ ଯୋଗ୍ୟତା ଏମ୍.ଏ. । ଦୁଇଜଣଙ୍କ କ୍ୟାରିଅର ଫାଷ୍ଟ କ୍ଲାସ । ଗୋଟିଏ ଝିଅର ବାପା ରାଉରକେଲା ଷ୍ଟିଲ ପ୍ଲାଣ୍ଟର ଅଫିସର । ଅନ୍ୟଟିର ବାପା ଟାଟା ଷ୍ଟିଲ୍‌ପ୍ଲାଣ୍ଟର ଅଫିସର ।

ପ୍ରଥମେ କାହାକୁ ଦେଖିବାକୁ ଯିବେ ବୋଲି ଟସ୍ ପଡ଼ିଲା । ଟସ୍‌ଟା ଯଦିଓ ବିଜ୍ଞ ବିଚାର ନୁହଁ, ତଥାପି ମଣିଷ ବେଳେ ବେଳେ ଏଇ ଟସ୍‌ର ଆଶ୍ରୟ ନିଏ । ଟସ୍‌ଟା ମଣିଷ ବିଚାର ନୁହଁ, ଭଗବାନଙ୍କୁ ସମର୍ପିତ ଏକ ନ୍ୟାୟ ।

ଟାଟା ଝିଅଟି ଟସ୍ ଜିତିଲା । ନିର୍ଦ୍ଦିଷ୍ଟ ଦିନରେ ମହେଶ ନିଜ ସ୍ତ୍ରୀ ସାଧନାଙ୍କୁ ଧରି ଟାଟାରେ ପହଞ୍ଚିଲେ । ଝିଅଟିର ନାଆଁ ମଧୁମିତା । ତା' ବାପା ନଗେନ୍ଦ୍ର ପ୍ରାୟ ପଚିଶ ବର୍ଷ ହେଲା ସ୍ତ୍ରୀ ପିଲା ଧରି ଟାଟାରେ ରହୁଛନ୍ତି । ନିଜ ଜନ୍ମସ୍ଥାନ ଜଗତସିଂହପୁରରେ । ଘରଦ୍ୱାର ଜମିବାଡ଼ି ବଡ଼ଭାଇ ଭୋଗ ଦଖଲ କରୁଚନ୍ତି । ବର୍ଷରେ ଥରେ ଦୁର୍ଗାପୂଜା ବେଳକୁ ସିଏ ପରିବାର ସହିତ ଗାଆଁକୁ ଯାଆନ୍ତି । ଗାଆଁ ଭୂଇଁ ସହିତ ଏତିକି ମାତ୍ର ସଂପର୍କ ।

ଝିଅଟିର ଫଟୋଠାରୁ ଝିଅଟି ପ୍ରକୃତରେ ଢେର ଅଧିକ ସୁନ୍ଦର । ଝିଅଟିର ବାପା ମାଆ ଖୁବ ଭଦ୍ର । ପ୍ରଥମ ଦେଖାରେ ମଧୁମିତା ମହେଶବାବୁ ଓ ତାଙ୍କ ସ୍ତ୍ରୀ ସାଧନାଙ୍କୁ ଆକର୍ଷିତ କଲା । ଝିଅଟି ସହିତ ଆଳାପ କରି ଆହୁରି ମୁଗ୍ଧ ହେଲେ । ଖୁବ୍ ଖୁସିରେ ମଧୁମିତା ହାତରେ ମୁଦି ପିନ୍ଧାଇ ତାକୁ ନିଜ ବୋହୂ ଭାବେ ନିର୍ବାଚିତ କରି ମହେଶ ଭୁବନେଶ୍ୱର ଫେରି ଆସିଲେ ।

ରାଉରକେଲା ଝିଅକୁ ଦେଖି ଯିବାର ଆବଶ୍ୟକତା ଆଉ ଅନୁଭବ କଲେ ନାହିଁ ମହେଶବାବୁ । ମଧୁମିତାକୁ ଦେଖିଛନ୍ତି, ପସନ୍ଦ କରିଛନ୍ତି । ଆଉ ଗୋଟେ ଝିଅ କାହିଁକି ଦେଖିବେ ? ମଧୁମିତାର ବ୍ୟକ୍ତିତ୍ୱ ଆଉ ବ୍ୟବହାର ତାଙ୍କୁ ମମତା ରଜ୍ଜୁରେ ବାନ୍ଧି ସାରିଛି । ସେଥିରୁ ଫିଟିବାକୁ ସିଏ ଇଚ୍ଛା କରୁ ନାହାଁନ୍ତି ।

ବିଭାଘର ଦିନ ସ୍ଥିର ହେଲା । ଆମେରିକାରୁ ସଂବିତ ଅସିଲା । ମଧୁମିତାର ଫଟୋ ଦେଖି ଖୁସି ହେଲା । ବାପା ମାଆଙ୍କ ପସନ୍ଦକୁ ମନେ ମନେ ତାରିଫ୍ କଲା ।

ନିର୍ଦ୍ଦିଷ୍ଟ ଦିନରେ ବିବାହ ସଂପନ୍ନ ହେଲା । ସଂବିତ ଓ ମଧୁମିତା ବାପାମାଆଙ୍କ ପାଖରେ ମାତ୍ର ପନ୍ଦର ଦିନ ରହି ଆମେରିକା ଯାତ୍ରା କଲେ ।

ଆନଂଦ ଚଂଦ୍ର ପତି

Digitized by srujanika@gmail.com

ଆମେରିକାର ଓଡ଼ିଆ ସମାଜରେ ସଂବିତର ଅନେକ ଖାତିର । ସେଠିଥିବା ଓଡ଼ିଆଙ୍କ ମଧ୍ୟରେ ସଂପର୍କର ସୂକ୍ଷ୍ମ ସୂତା ଖିଏ ପରି ସଂବିତର ଭୂମିକା । ସଂବିତ ଆମେରିକାର ପ୍ରତ୍ୟେକ ଓଡ଼ିଆ ପରିବାର ସହିତ ବ୍ୟକ୍ତିଗତ ଭାବେ ପରିଚିତ । ସଂବିତର ପ୍ରଚେଷ୍ଟାରେ ଆମେରିକାରେ ବିକ୍ଷିପ୍ତ ହୋଇ ରହିଥିବା ସବୁ ଓଡ଼ିଆ ବର୍ଷରେ ଥରେ ଏକାଠି ହୁଅନ୍ତି ।

ସଂବିତ-ଦମ୍ପତିଙ୍କୁ ସ୍ୱାଗତ ଜଣାଇଲେ ଆମେରିକାବାସୀ ଓଡ଼ିଆ । ଆମେରିକାରେ ଏତେ ଓଡ଼ିଆଙ୍କୁ ଦେଖି ମଧୁମିତା ବିସ୍ମିତ ହେଲା ଯେତିକି ବିହ୍ୱଳ ହେଲା ସେତିକି । ସିଏ ଭାବିଥିଲା ଆମେରିକା ତା' ପାଇଁ ଓଡ଼ିଆ ମାଟିରୁ ଦ୍ୱୀପାନ୍ତର । ଟାଟାରେ ଯେମିତି ଓଡ଼ିଆ ପରିବାରମାନଙ୍କ ଭିତରେ ସୌହାର୍ଦ୍ଦ୍ୟପୂର୍ଣ୍ଣ ସଂପର୍କ ଅଛି, ଆମେରିକାରେ ତା'ର ଆକାର ପ୍ରକାର ଆଉଟିକେ ବିସ୍ତୃତ।

ଆମେରିକାରେ ରହିବାର ପନ୍ଦର ଦିନ ଭିତରେ ମଧୁମିତା ଦେଖିଲା ଆମେରିକା ମାଟିରେ ଗଢ଼ିଉଠିଥିବା ଓଡ଼ିଆ ସମାଜର ଯୋଗସୂତ୍ରକାରୀ ଭାବେ ସଂବିତ କାମ କରୁଛନ୍ତି । ବର୍ଷରେ ଥରେ ବିଶ୍ୱ ଓଡ଼ିଆ ସମ୍ମିଳନୀ ଅନୁଷ୍ଠିତ ହୁଏ ନିଉୟର୍କରେ ଯାହାର ସମସ୍ତ ଆୟୋଜନ କରନ୍ତି ସଂବିତ । ଏଠି ଟଙ୍କା ପଇସାର ଅଭାବ ନାହିଁ । ଖୁବ ବଡ଼ ଧରଣର ସମ୍ମିଳନୀ ବସେ । ଓଡ଼ିଶାରୁ ବିଶିଷ୍ଟ ସାହିତ୍ୟିକ, ଶିକ୍ଷାବିତମାନଙ୍କୁ ସମସ୍ତ ଖର୍ଚ୍ଚ ଦେଇ ନିମନ୍ତ୍ରଣ କରାଯାଏ । ଓଡ଼ିଆ ସାହିତ୍ୟ, ନୃତ୍ୟ, ସଂଗୀତ, ଚିତ୍ର, କଳା, ସଂସ୍କୃତି ପରିବେଷଣ କରାଯାଏ ।

ସଂବିତ ଖୁବ୍ ସମୟ-ସଚେତନ । ଅଫିସ୍‌କାମ, ଘରକାମ, ସାମାଜିକ ସଂଗଠନ, ବନ୍ଧୁ ପରିଜନ ଓ ସ୍ତ୍ରୀ ସମସ୍ତଙ୍କ ପାଇଁ ସମୟ ନିର୍ଦ୍ଦିଷ୍ଟ ।

ଓଡ଼ିଆମାନଙ୍କର ମାସିକ ଆସର ବୁଲି ବୁଲିକି ବସେ ବିଭିନ୍ନ ଓଡ଼ିଆଙ୍କଘରେ । ଏ ମାସର ଆସର ଥିଲା ଡଃ ନବୀନ ଶ୍ରୀଚନ୍ଦନଙ୍କ ଘରେ । ଶ୍ରୀଚନ୍ଦନ ଜଣେ ଯୁବ ଡାକ୍ତର । ତାଙ୍କ ସ୍ତ୍ରୀ ଇପ୍‌ସିତା ଉଚ୍ଚଶିକ୍ଷିତା । ଆସରରେ ଅନେକ ଓଡ଼ିଆ ଦମ୍ପତି ଯୋଗ ଦେଇଥିଲେ । ସଂବିତ ଓ ମଧୁମିତା ମଧ ସେଇ ଆସରରେ ଯୋଗ ଦେଇଥିଲେ ।

ପ୍ରଥମେ ପରସ୍ପର ମଧ୍ୟରେ ଭାବର ଆଦାନ ପ୍ରଦାନ ହେଲା । ଦ୍ୱିତୀୟ ପର୍ଯ୍ୟାୟରେ ଜଳଯୋଗ, ତା'ପରେ ଆଲୋଚନା ଚାଲିଲା । ଆମେରିକାରେ ଜନ୍ମିଥିବା ଓଡ଼ିଆ ଶିଶୁମାନେ ବାପାମାଆଙ୍କ ବ୍ୟତୀତ ଆଉ କେଉଁଠୁ ଓଡ଼ିଆ ଶିଖିବାର ସୁଯୋଗ ପାଉ ନାହାଁନ୍ତି । ସେମାନଙ୍କ ପାଇଁ ଗୋଟିଏ ଓଡ଼ିଆ ସ୍କୁଲ ଖୋଲିବାକୁ ସେଇ ଆସରରେ ସ୍ଥିର ହେଲା ।

ସଂବିତ ନିଜଆଡୁ ସେଇ ଆସରରେ ଘୋଷଣା କଲେ ମଧୁମିତା ଏ ଓଡ଼ିଆ ସ୍କୁଲର ପ୍ରଥମ ଶିକ୍ଷୟିତ୍ରୀ ହେବେ ।

ଆନଂଦ ଚଂଦ୍ର ପହି

Digitized by srujanika@gmail.com

ମଧୁମିତା ନିଜର ଅପାରଗତା ପ୍ରକାଶ କଲେ । କିନ୍ତୁ ତାଙ୍କ ମୃଦୁ ପ୍ରତିବାଦକୁ ଉପସ୍ଥିତ ସମସ୍ତେ ହସରେ ହସରେ ଉଡ଼ାଇ ଦେଲେ- ଆପଣ ଏମ୍.ଏ. ପାଶ୍ କରିଛନ୍ତି, ପାଞ୍ଚ ସାତ ବର୍ଷର ଶିଶୁମାନଙ୍କୁ ଓଡ଼ିଆ ଅକ୍ଷର, ସଂଖ୍ୟା ଆଉ ଗପ, ଗୀତ ଶିଖାଇବାରେ ଅସୁବିଧା କ'ଣ ହେବ ?

ସଂବିତ କହିଲେ, ମଧୁମିତା ନୂଆ ନୂଆ ଆମେରିକା ଆସିଚନ୍ତି । ସବୁ କଥା ତାଙ୍କୁ ଅପହଞ୍ଚ ଅପହଞ୍ଚ ଲାଗୁଛି । ମୁଁ ପାଖେ ପାଖେ ଅଛି, ଅସୁବିଧା ହେବ ନାହିଁ ।

ଆସର ଭାଙ୍ଗିଲା ରାତି ନଅରେ । ସେଠି ରାତ୍ରି ଭୋଜନର ବ୍ୟବସ୍ଥା ଥିଲା । ଖିଆପିଆ ସାରି ସଂବିତ ଓ ମଧୁମିତା ଘରେ ପହଞ୍ଚିଲେ ରାତି ଏଗାରଟାରେ । ଶୋଇବାକୁ ଯିବା ବେଳେ ସଂବିତ ପଚାରିଲେ— ତମେ ଏମିତି ପିଲାଳିଆ ପରି କ'ଣ କହିଲ ? ତମେ କ'ଣ ଛୋଟ ଛୋଟ ପିଲାମାନଙ୍କୁ ଓଡ଼ିଆ ଅକ୍ଷର, ସଂଖ୍ୟା, ଗୀତ, ଗପ ଶିଖାଇ ପାରିବ ନାହିଁ ? ମୁଁ ଅଫିସ ଗଲା ପରେ ତୁମକୁ ଘରେ ଏକା ବସି ବସି ବୋର୍ ଲାଗୁ ନାହିଁ ? ପିଲାଙ୍କ ସହିତ ସମୟ କାଟିଲେ ସମୟ ଜାଣି ହେବ ନାହିଁ । ଏମିତି ଗୋଟେ ପ୍ରସ୍ତାବକୁ ତୁମେ କାହିଁକି ବିରୋଧ କଲ ?

ମଧୁମିତା କିଛି ଉତ୍ତର ନ ଦେଇ ଚୁପ୍ ରହିଲା । ସଂବିତ ପୁଣି ପଚାରିଲେ - କ'ଣ କିଛି କହୁନ ଯେ ? ପ୍ରଶ୍ନର ଉତ୍ତର ନ ଦେଇ ଚୁପ୍ ରହିବା କେଉଁଆଡ଼ର ସୌଜନ୍ୟ ? ଆରେ ତୁମ ଆଖିରେ ଲୁହ ! ଏଥିରେ କାନ୍ଦିବାର କ'ଣ ଅଛି ? ଝିଅମାନଙ୍କର ଏଇ ଲୁହଟା ଗୋଟେ ତୀକ୍ଷ୍ଣ ଅସ୍ତ୍ର । କିନ୍ତୁ ଆମେରିକା ମାଟିରେ ଏ ଅସ୍ତ୍ର କିଛି କାମ କରିବ ନାହିଁ, କାରଣ ଏଠି ଖୁବ୍ ଭୟଙ୍କର ମାରଣାସ୍ତ୍ରମାନ ଅଛି । ଏଠିକା ଲୋକମାନେ ଲହୁ ଦେଖି ମଧ ଭୟକରନ୍ତି ନାହିଁ, ସାମାନ୍ୟ ଲୁହ କି କାମ ଦେବ ?

ତଥାପି ମଧୁମିତା ଚୁପ୍‌ଚାପ୍ କାନ୍ଦି ଚାଲିଲା । ଏତେ ସବୁ ପ୍ରଶ୍ନର ଗୋଟିଏ ହେଲେ ଉତ୍ତର ତା' ପାଖରେ ନ ଥିଲା ।

ସଂବିତ ବିସ୍ମିତ ହେଲେ । ଏଥିରେ କାନ୍ଦିବାର କ'ଣ ଅଛି ? ପିଲାମାନଙ୍କୁ ପାଠ ପଢ଼ାଇବା କ'ଣ ଏତେ ଛୋଟ କାମ ?

ମଧୁମିତା ଏଥର କାନ୍ଦ କାନ୍ଦ କଣ୍ଠରେ ଉତ୍ତର ଦେଲା ମୁଁ ସେକଥା କେତେବେଳେ କହିଲି ?

: ଆଉ ତୁମେ କ'ଣ କହୁଛ ?

: ମୋତେ ଓଡ଼ିଆ ଅକ୍ଷର ଓ ସଂଖ୍ୟା ଲେଖିବା କି ପଢ଼ିବା ଜଣା ନାହିଁ ।

ସଂବିତଙ୍କର ଆଶ୍ଚର୍ଯ୍ୟର ସୀମା ରହିଲା ନାହିଁ । ସିଏ କହିଲେ- ତମେ ଓଡ଼ିଆ ଘର ଝିଅ, ଏତେ ପାଠ ପଢ଼ିଛ । ପୁଣି ଏତେ ସୁନ୍ଦର ଓଡ଼ିଆରେ କଥାବାର୍ତ୍ତା କରୁଛ, ଅଥଚ....

: ସେ ସବୁ ସତ, କିନ୍ତୁ....

ଆନଂଦ ଚଂଦ୍ର ପହି

Digitized by srujanika@gmail.com

: କିନ୍ତୁ କ'ଣ ?

: ଆମ ଘର ଓଡ଼ିଶାରେ ହେଲେ ବି ମୋ ବାପା ଆଜିକି ପଚିଶ ବର୍ଷ ହେଲା ଟାଟାରେ ରହୁଛନ୍ତି । ଟାଟାରେ ଓଡିଆ ସ୍କୁଲ ଥିଲେ ବି ସେଥିରେ ଓଡ଼ିଆ ଶିକ୍ଷକଙ୍କ ସଂଖ୍ୟା କମ୍ । ଯୋଉ ଓଡ଼ିଆ ଶିକ୍ଷକ ଅବସର ନେଉଛନ୍ତି ତାଙ୍କ ସ୍ଥାନରେ ହିନ୍ଦୀ ଶିକ୍ଷକ ନିଯୁକ୍ତି ପାଉଛନ୍ତି । ଓଡ଼ିଆ ବହି ଯୋଗାଇ ଦିଆଯାଉ ନାହିଁ । ତେଣୁ ଓଡ଼ିଆ ପିଲାମାନେ ଆଉ ସେ ସ୍କୁଲରେ ପଢୁ ନାହାଁନ୍ତି । ଟାଟାରେ ଓଡ଼ିଆ ମିଡ଼ିୟମ୍‌ରେ ପଢ଼ିବାର ଆଉ କିଛି ବ୍ୟବସ୍ଥା ନାହିଁ । ତେଣୁ ମୁଁ ଓ ମୋର ସବୁ ଭାଇଭଉଣୀ ଇଂଲିଶ୍ ମିଡ଼ିୟମ୍‌ରେ ପଢ଼ିଛୁ ।

: ତମେ ତ ସୁନ୍ଦର ଓଡ଼ିଆ କହି ପାରୁଛ ।

: ଘରେ ବାପା, ମାଆ, ଭାଇ, ଭଉଣୀ ସମସ୍ତେ ଓଡ଼ିଆରେ କଥାବାର୍ତ୍ତା କରନ୍ତି । ଓଡ଼ିଆ ପର୍ବପର୍ବାଣିରେ, ବିବାହବ୍ରତ ଆଉ ଜନ୍ମଦିନ ଉତ୍ସବରେ ଟାଟାରେ ଥିବା ସବୁ ଓଡ଼ିଆ ଆମେ ଏକାଠି ହେଉ । ଓଡ଼ିଆରେ କଥାବାର୍ତ୍ତା, ହସଖୁସି, ମଉଜମଜଲିସ, ଗୀତ ସବୁ ଚାଲେ । କିନ୍ତୁ ଆମ ପିଢ଼ିର କି ଆମ ତଳ ପିଢ଼ିର କୌଣସି ପିଲା ଓଡ଼ିଆ ଲେଖିପଢ଼ି ଜାଣି ନାହିଁ । ଘରେ ମାଆ କିଛିଟା ଓଡ଼ିଆ ଅକ୍ଷର ଶିଖାଇଥିଲେ, କିନ୍ତୁ ଅଭ୍ୟାସ ଅଭାବରୁ ସେ ସବୁ ଆଉ ମୋ ଆୟତ୍ତରେ ନାହିଁ ।

ସଂବିତ ହସି ହସି କହିଲେ- ଠିକ୍ ଅଛି । ଏ କଥାଟା ପ୍ରଥମରୁ କହି ଦେଇଥିଲେ ଯାଇଥାନ୍ତା । ଏଥିରେ କାନ୍ଦିବାରେ କ'ଣ ଥିଲା ? ଆମର ଏଠି ଓଡ଼ିଆ ସ୍କୁଲ ହେବ । ତୁମେ ଏ ସ୍କୁଲ ଶିକ୍ଷକ ହୋଇଥାନ୍ତ, ନ ହେଲା ନାହିଁ । ତୁମେ ଏ ସ୍କୁଲର ପ୍ରଥମ ଛାତ୍ରୀ ହେବ । ଓଡ଼ିଆ ଅକ୍ଷର, ସଂଖ୍ୟା ଶିଖିବ । ଓଡ଼ିଆ ବହି ପଢ଼ିବ, ଓଡ଼ିଆରେ ଚିଠି ଲେଖିବ । କ'ଣ ରାଜି ତ ?

ମଧୁମିତା ଏ ପ୍ରସ୍ତାବକୁ ଆଗ୍ରହର ସହିତ ଗ୍ରହଣ କରି କହିଲା- ସ୍କୁଲ ଯିବା ପୂର୍ବରୁ ମୁଁ ତୁମଠୁ ଘରେ ଓଡ଼ିଆ ଅକ୍ଷର ଶିଖିବି । କ'ଣ କହୁଛ, ମୋ ପାଇଁ ଦିନକୁ ଘଣ୍ଟେ ସମୟ ଦେବନା ?

: ଘଣ୍ଟାଏ, କାହିଁକି ? ମୋର ସବୁଯାକ ସମୟ ତୁମ ଶାଢ଼ି ମଣତରେ ଗଣ୍ଠି ପଡ଼ି ରହିଛି । ସେଥିରୁ ନିଜ ପାଇଁ ଯେତେ ନେବ ନିଅ । ମତେ ପଚାରିବା କ'ଣ ଦରକାର ?

ମଧୁମିତା ଓ ସଂବିତ ହସିଉଠିଲେ ।

□□

ଆନଂଦ ଚଂଦ୍ର ପହି

Digitized by srujanika@gmail.com

ମାନଚିତ୍ର

ଚମ୍ପାପୁର ଗାଆଁ ଦାଣ୍ଡେ ଦାଣ୍ଡେ ନାଲିବତୀଦିଆ ମନ୍ତ୍ରୀଙ୍କ କାର୍ ଚାଲିଛି । କିନ୍ତୁ କାର୍ ଭିତରେ ମନ୍ତ୍ରୀ ନାହାଁତି । ବସିଛନ୍ତି ମନ୍ତ୍ରୀ ଅଫିସ୍‌ର ଦୁଇଜଣ ଲୋକ ।

କାର୍ ପଛେ ପଛେ ଅନେକ କୌତୂହଳୀ ଗାଁ ପିଲା । ଗାଆଁର ଅନେକ ପ୍ରୌଢ଼, ଯୁବକ ଓ ଯୁବତୀ ପିଣ୍ଡା ଉପରୁ, ଝରକା ଫାଙ୍କରୁ ଆଗ୍ରହୀ ଦୃଷ୍ଟିରେ ଚାହିଁଛନ୍ତି କାହା ଘର ପାଖରେ କାଇଟା ଅଟକିବ ? କିଏ ସେଇ ଭାଗ୍ୟବାନ ବ୍ୟକ୍ତି ?

କିନ୍ତୁ କାର୍‌ଟା କାହାରି ଘର ଆଗରେ ନ ଅଟକି ଆଗକୁ ଆଗକୁ ଖୁବ୍ ଧୀର ମନ୍ଥର ଗତିରେ ଆଗେଇ ଚାଲିଛି । ଚମ୍ପାପୁର ଗାଆଁର ସମସ୍ତଙ୍କ ଦୃଷ୍ଟି କାର୍ ଉପରେ ନିବଦ୍ଧ । ପ୍ରତିଘର ଆଗରେ ଠିଆ ହେବାର ସମ୍ଭାବନା ସୃଷ୍ଟି କରି କାରଟି ପୁନଶ୍ଚ ଆଗକୁ ଆଗେଇ ଯାଉଛି ।

କାର୍‌ଟା ଗାଆଁ ପାରି ହେଲା । କିନ୍ତୁ ଗାଆଁକୁ ଅତିକ୍ରମ କରି ନଯାଇ ଗାଆଁମୁଣ୍ଡ ବରଗଛ ମୂଳେ ଠିଆହେଲା । କାର୍ ଭିତରୁ କେହି ଜଣେ ମୁହଁ ଗଳାଇ ପଚାରିଲା- ବସନ୍ତ ମୁଦୁଲିଙ୍କ ଘର କୋଉଟା ?

କାର୍ ପଛେ ପଛେ ଧାଇଁଥିବା ପିଲାମାନଙ୍କ ମଧ୍ୟରୁ ତିନି ଚାରି ଜଣ ଏକ ସଙ୍ଗରେ ହାତ ବଢ଼ାଇ ଖଣ୍ଡେ ଦୂରକୁ ନିର୍ଦ୍ଦେଶ କଲେ । ହେଇ ସେଇ ଯୋଡ଼ ଓସ୍ତ ଗଛ ଦିଶୁଚି, ସେଇଠି । ତାଙ୍କ ଘର ଆଗରେ ଗୋଟେ ସିମେଣ୍ଟ ଚଉରା ଅଛି । ପିଣ୍ଡାରେ ଶଗଡ଼ ଚକ ଦି'ପଟ ଡେରା ହେଇଛି ।

କାର୍‌ଟା ମୁହଁ ଫେରାଇ ପୁଣି ଗାଆଁ ଭିତରକୁ ପଶି ବସନ୍ତ ମୁଦୁଲି ଘର ଆଗରେ ଠିଆ ହେଲା । କଥାଟା ପରିଷ୍କାର ହୋଇଗଲା । ମନ୍ତ୍ରୀ ଗଗନ ମହାନ୍ତି ତାଙ୍କ ପିଲାଦିନର

ଆନନ୍ଦ ଚନ୍ଦ୍ର ପହି

Digitized by srujanika@gmail.com

ସାଙ୍ଗ ସହପାଠୀ ବସନ୍ତ ମୁଦୁଲିକୁ ଡକାଇଛନ୍ତି । କାର୍ ପଠେଇଛନ୍ତି ଭୁବନେଶ୍ୱର ନେବା ପାଇଁ ।

ଖରାଦିନିଆଁ ଘରପୋଡ଼ି ନିଆଁ ପରି ଖୁବ୍ ଅଳ୍ପ ସମୟ ଭିତରେ କଥାଟା ଗାଆଁର ପ୍ରତିଘରେ ସଂଚରି ଗଲା । ମନ୍ତ୍ରୀ ଗଗନ ମହାନ୍ତି ଆଉ ବସନ୍ତ ମୁଦୁଲି ସାଙ୍ଗ ହୋଇ ସାବର ହାଇସ୍କୁଲରେ ପଢୁଥିଲେ । ହଷ୍ଟେଲର ଗୋଟିଏ କୋଠରୀରେ ରହୁଥିଲେ । ମାତ୍ର ଦଶମ ଶ୍ରେଣୀରେ ପଢ଼ିବା ବେଳେ ବସନ୍ତର ବାପା ଘନ ମୁଦୁଲି କର୍କଟ ରୋଗରେ ଚାଲିଗଲେ । ବସନ୍ତ ସ୍କୁଲ ଛାଡ଼ି ଗାଆଁକୁ ଫେରି ଆସିଲା । କିନ୍ତୁ ଗଗନ ମହାନ୍ତି ହାଇସ୍କୁଲ ପାଠ ଶେଷ କରି କଲେଜରେ ପଢ଼ିଲେ । କଲେଜରେ ପଢ଼ିବା ବେଳେ ଛାତ୍ର ନେତା, ତା'ପରେ ମନ୍ତ୍ରୀ ।

ଚମ୍ପାପୁର ଗାଆଁ ବରଗଛ ମୂଳେ ଅନେକ ଲୋକ ଅସିତ ରାଉତର ମୁହଁକୁ ଅନେଇଁ ଠିଆ ହୋଇଥିଲେ । ମନ୍ତ୍ରୀ ଆଉ ବସନ୍ତ ମୁଦୁଲିଙ୍କ ସଂପର୍କ କଥା ଅସିତ ଅନର୍ଗଳ କହି ଚାଲିଥିଲା । ରାଜନୀତି, ମନ୍ତ୍ରିମଣ୍ଡଳ ଓ ରାଜନୈତିକ ପାଣିପାଗ ସଂପର୍କରେ ଅସିତକୁ ଅନେକ କଥା ଜଣା ।

ଅସିତ ଗପି ଚାଲିଥିଲା– ଗଗନ ମହାନ୍ତି ଜଣେ ଅତି ଧୁରନ୍ଧର ମନ୍ତ୍ରୀ । ଖୁବ୍ ଅଳ୍ପ ଦିନ ଭିତରେ ଖୁବ୍ ନାଆଁ କରି ସାରିଲେଣି । ମୁଖ୍ୟମନ୍ତ୍ରୀଙ୍କୁ ସିଏ ଏମିତି ଗଦ ଶୁଘେଇ ଦେଇଛନ୍ତି ଯେ ତାଙ୍କୁ ନ ପଚାରି ମୁଖ୍ୟମନ୍ତ୍ରୀ କିଛି କରୁ ନାହାଁନ୍ତି । ଓଡ଼ିଶା ସରକାରରେ ଏବେ ଯାହା ହେଉଛି ସବୁ ସେଇ ଗଗନ ମହାନ୍ତି କରୁଛନ୍ତି । ଆଜି ଗଗନ ମହାନ୍ତି ତାଙ୍କ ପିଲାଦିନର ସାଙ୍ଗ ବସନ୍ତ ମୁଦୁଲିକି ଭୁବେନଶ୍ୱର ଡକେଇଚନ୍ତି । ଯା ମୂଳରେ କିଛି ନା କିଛି ଉଦ୍ଦେଶ୍ୟ ଅଛି ନିଶ୍ଚୟ ।

ଅସିତର ଚାରିପାଖରେ ଘେରି ଠିଆହୋଇଥିବା ଲୋକମାନଙ୍କ ଭିତରୁ କିଏ ଜଣେ ପଚାରିଲା- ବସନ୍ତ ମୁଦୁଲି କ'ଣ ମନ୍ତ୍ରୀ ହେବେ ?

ଏ ପ୍ରଶ୍ନରେ ଅସିତ ଅତ୍ୟନ୍ତ ଗମ୍ଭୀର ହୋଇଗଲା । ଆଖି ଦୁଇଟାକୁ ଖୁବ୍ ବଡ଼ ବଡ଼ କରି କହିଲା- କିଛି ଅସମ୍ଭବ ନୁହଁ । ମନ୍ତ୍ରୀ ଗଗନ ମହାନ୍ତି ଚାହିଁଲେ ସବୁ ସମ୍ଭବ । ବସନ୍ତ ମୁଦୁଲିକୁ ନେଇ ମନ୍ତ୍ରୀ କରି ଦେବେ । ଛ' ମାସ ଭିତରେ କୋଉଠୁ ହେଲେ ନିର୍ବାଚିତ କରି ଆଣିବେ ।

ବସନ୍ତ ମୁଦୁଲି ମନ୍ତ୍ରୀ ହେବା କଥାଟା ଚମ୍ପାପୁର ଗାଁ ଘରେ ଘରେ ପହଞ୍ଚି ଗଲା । କଥାଟା କାନକୁ ଭଲ ଶୁଭୁଥିଲେ ବି କେହି କଥାଟାକୁ ବିଶ୍ୱାସ କରି ପାରୁ ନ ଥିଲେ । ସେମାନେ ମନ୍ତ୍ରୀ ପାଛିଆରୁ ଖସାଇ ବସନ୍ତ ମୁଦୁଲିକୁ ବ୍ଲକର ଚେୟାରମ୍ୟାନ୍ ପଦରେ ବସାଇ ଦେଇଥିଲେ । କେହି କେହି ଚେୟାରମ୍ୟାନ୍ ପଦରୁ ତାକୁ ଖସାଇ ସାରିଥିଲେ ମଧ୍ୟ ଆଉ କେଉଁ ପଦରେ ବସାଇବେ ସ୍ଥିର କରିପାରୁ ନ ଥିଲେ । ଆଉ କିଏ କିଏ

Digitized by srujanika@gmail.com

ଭାବୁଥିଲେ ବସନ୍ତ ମୁଦୁଲିକୁ ମନ୍ତ୍ରୀ ଏ ଅଞ୍ଚଳର ଏଜେଣ୍ଟ୍ ଭାବେ ନିଯୁକ୍ତି ଦେବେ ।

ଚମ୍ପାପୁର ଗାଆଁଲୋକମାନେ ଖୁବ୍ ଅଳ୍ପ ସମୟ ମଧ୍ୟରେ କଳ୍ପନାର କଳ୍ପବଟଟିଏ ଆକାଶଛୁଆଁ କରି ଠିଆ କରାଇ ଦେଲେ ବସନ୍ତ ମୁଦୁଲିର ଘର ଆଗରେ ।

ଗାଆଁରେ କଳ୍ପନାର କଳ୍ପବଟର ଶାଖା ପ୍ରଶାଖା ମେଲି ଚାଲିଥିବା ବେଳେ ବସନ୍ତ ମୁଦୁଲିର ଘର ଭିତରେ ସମସ୍ତେ ଖୁବ୍ ବ୍ୟସ୍ତ ହେଉଥିଲେ । ଘର ଆଗରେ ମନ୍ତ୍ରୀଙ୍କ ଗାଡ଼ି । ଘରେ ଦୁଇ ଜଣ କୁଣିଆ । ଘରେ କିଛି ନାହିଁ । ଅତିଥି ଚର୍ଚ୍ଚା କେମିତି ହେବ ? ମନ୍ତ୍ରୀଙ୍କ ଲୋକଙ୍କୁ ଚର୍ଚ୍ଚା କରିବା ପାଇଁ ଗାଆଁ ଭୂଇଁରେ କ'ଣ ମିଳିବ ? ଚୁଡ଼ା, ଚିନି, ଦୁଧ ? ପରଟା, ଥଣ୍ଡାବରା, ଆମ୍ବିଳା ଜିଲାପି, ଶୁଖିଲା ଲଡୁ ନା ବାସି ପିଆଜି ? ମଣିରାଜ କି ଆମ୍ରୋ ବିସ୍କୁଟ ଆଉ ପଲିଥିନ୍ ପ୍ୟାକେଟ୍‌ରେ ଥିବା ଚନାଚୁର ?

ମନ୍ତ୍ରୀ ଲୋକମାନେ କିନ୍ତୁ ତାଙ୍କ ଖାଇବା ପିଇବା ପ୍ରତି ମୋଟେ ଆଗ୍ରହ ପ୍ରକାଶ ନ କରି ବସନ୍ତ ମୁଦୁଲି ଶୀଘ୍ର ଭୁବନେଶ୍ୱର ଯିବାକୁ ପ୍ରସ୍ତୁତ ହେବା ଉପରେ ଗୁରୁତ୍ୱ ଦେଲେ । ଅଧଘଣ୍ଟାଏ ଭିତରେ ପ୍ରସ୍ତୁତ ହୋଇ ବାହାରିବାକୁ ଅନୁରୋଧ କଲେ ।

ବସନ୍ତ ମୁଦୁଲି ପୁଅକୁ ଚଣ୍ଡିଖୋଲ ଛକକୁ ପଠାଇ କିଛି ଜଳଖିଆ, ମିଠା ଆଣି ମନ୍ତ୍ରୀଙ୍କ ଲୋକମାନଙ୍କୁ ଚର୍ଚ୍ଚା କରିବାକୁ ପ୍ରସ୍ତୁତ ହେଉଥିବା ବେଳେ ମନ୍ତ୍ରୀଙ୍କ ଲୋକମାନେ ତାକୁ ଅଟକାଇଲେ । ଚୁଡ଼ା, ଚିନି, କ୍ଷୀର, ନଡ଼ିଆ ଖାଇବା ପାଇଁ ତାଙ୍କ ଆଡୁ ପ୍ରସ୍ତାବ ଦେଲେ । ଦେଶୀ ପରିବା, ଦେଶୀ ଅଣ୍ଡା ଓ ଦେଶୀ କୁକୁଡ଼ା ପରି ଦେଶୀ ଜଳଖିଆ ସ୍ୱାସ୍ଥ୍ୟପ୍ରଦ ବୋଲି ସେମାନେ ଯୁକ୍ତି ବାଢ଼ିଲେ ।

ଚୁଡ଼ା, ଚିନି, କ୍ଷୀର, କଦଳୀ, ନଡ଼ିଆ ଯୋଗାଡ଼ କରି ମନ୍ତ୍ରୀଙ୍କ ଲୋକମାନଙ୍କୁ ଖାଇବାକୁ ଦେବାରେ ବିଶେଷ କିଛି କଷ୍ଟ କରିବାକୁ ପଡ଼ିଲା ନାହିଁ । ରାଡ଼ି ଘରୁ ନଗଦ ଚୁଡ଼ା, ବାଡ଼ି ଗଛର ନଡ଼ିଆ, କଦଳୀ, ନିରୁତା ଗାଈ କ୍ଷୀର ଆଉ ଦୋକାନ ଚିନିରେ ପ୍ରସ୍ତୁତ ଜଳଖିଆ ଖାଇ ମନ୍ତ୍ରୀଙ୍କ ଲୋକମାନେ ବେଶ୍ ଖୁସି ଖୁସି ଦେଖାଗଲେ ।

ମନ୍ତ୍ରୀଙ୍କ ଡକରା ପାଇ ବସନ୍ତ ନିଜେ ଯେମିତି ଉଲ୍ଲସିତ, ପୁଲକିତ ତା' ସ୍ତ୍ରୀ ରେଣୁକା, ପୁଅ ମାନସ ଓ ଝିଅ ମାଳତୀ ତା'ଠୁ ଅଧିକ ଆନନ୍ଦିତ । ରେଣୁକା ଭାବୁଥିଲା ମନ୍ତ୍ରୀ ଖୁବ୍ ବଡ଼ ଲୋକ । ସିଏ ନିଜେ ଡ଼କାଇଚନ୍ତି ଯେତେବେଳେ ତାଙ୍କର ଆଉ କିଛି ଅସୁବିଧା ରହିବ ନାହିଁ । ମନ୍ତ୍ରୀ କ'ଣ ଦେବେ ରେଣୁକାର ସେ ବିଷୟରେ ନିର୍ଦ୍ଦିଷ୍ଟ କିଛି ଧାରଣା ନ ଥିଲେ ମଧ୍ୟ ତା' ମନରେ ଦୃଢ଼ ଧାରଣା ସୃଷ୍ଟି ହୋଇଥିଲା ମନ୍ତ୍ରୀ ନିଶ୍ଚୟ କିଛି ଦେବେ ଯାହା ପାଇଲେ ତାଙ୍କର ଅଭାବ, ଅନଟନ ସାରା ଜୀବନ ପାଇଁ ଘୁଞ୍ଚିଯିବ ।

ପୁଅ ମାନସର ଖୁସିର ମାତ୍ରାଟା ସବୁଠୁ ବେଶି ଥିଲା । ସିଏ ବିଏ ପାଶ୍ କରି ଚାରିବର୍ଷ ହେଲା ଘରେ ବସିଛି । ଆଜି ପର୍ଯ୍ୟନ୍ତ ଯେତେ ଦେଇଛି ଇଣ୍ଟରଭିଉ ସବୁଥିରେ ସିଏ ଅକୃତକାର୍ଯ୍ୟ । ମନ୍ତ୍ରୀଙ୍କ ସଦିଚ୍ଛା ରହିଲେ ଚାକିରିଟାଏ ମିଳିବା ତା' ପାଇଁ

Digitized by srujanika@gmail.com

ସହଜ ଓ ସମ୍ଭବ ହେବ ।

ଏତେ ଦିନ ପରେ ନିଜ ସାଙ୍ଗକୁ ଭେଟିବାକୁ ଯାଉଥିବାରୁ ତାଙ୍କ ପାଇଁ କିଛି ଉପହାର ନେବାଟା ସୁନ୍ଦର ହେବ ବୋଲି ବସନ୍ତ ଆଉ ରେଣୁକା ଉଭୟ ଏକମତ ହେଲେ । କିନ୍ତୁ ଏତେ ଅଳ୍ପ ସମୟ ମଧ୍ୟରେ ମନ୍ତ୍ରୀଙ୍କ ପାଇଁ ନେବା ପରି କ'ଣ ବା ଯୋଗାଡ଼ କରିହେବ ?

ମାନସ ଆଉ ମାଳତୀ ପ୍ରସ୍ତାବ ଦେଲେ ଫୁଲ ତୋଡ଼ାଟିଏ ଉପହାର ଦେଲେ ଭଲ ହେବ । ତାଙ୍କୁ ଆମେ ଆଉ କ'ଣ ଦେଇ ପାରିବା ? ତାଙ୍କର କ'ଣ ଅଭାବ ଅଛି ?

କିନ୍ତୁ ଫୁଲ ତୋଡ଼ା ଦେବା କଥାଟା ବସନ୍ତଙ୍କୁ କିପରି ଅଡୁଆ ଅଡୁଆ ଲାଗିଲା । ଦୁହେଁ ସାଙ୍ଗ ହୋଇ ପାଠ ପଢ଼ିଚନ୍ତି, ଏକାଠି ଚା' ପିଇଚନ୍ତି, ଏକାଠି ଖେଳିଛନ୍ତି । ତାଙ୍କୁ ପର ମଣିଷ ପରି ଗୋଟେ ଫୁଲ ତୋଡ଼ା ଦେବାଟା ଠିକ୍ ହେବନାହିଁ; ପୁଣି ସିଏ ମନ୍ତ୍ରୀହେବାର ବର୍ଷେ ପରେ ହେଲାଣି ।

ବହୁ ଆଲୋଚନା ପରେ ସ୍ଥିର ହେଲା, ମନ୍ତ୍ରୀ ଆରିଷା ପିଠାକୁ ଖୁବ୍ ଭଲ ପାଆନ୍ତି । ସ୍କୁଲ ହଷ୍ଟେଲରେ ଥିବାବେଳେ ଆରିଷା ପିଠା ଖାଇବା ପାଇଁ ଥରେ ପୂଜାଛୁଟିରେ ବସନ୍ତ ସାଂଗରେ ତାଙ୍କ ଗାଆଁକୁ ଆସିଥିଲେ । ମନ୍ତ୍ରୀଙ୍କ୍ ଆରିଷା ପିଠା ଦେଲେ ସିଏ ଖୁବ୍ ଖୁସି ହେବେ । ଆରିଷା ପିଠା ଖାଇବା ବେଳେ ତାଙ୍କର ପୂର୍ବସ୍ମୃତି ମନେପଡ଼ିବ ।

ମନ୍ତ୍ରୀ ଲୋକମାନଙ୍କ ତରବର ସତ୍ତ୍ୱେ ଆରିଷା ପିଠା ତିଆରି ହେଲା । ଗରମ ଗରମ ଆରିଷା ପିଠା ଦଶପୁଞ୍ଜା କଦଳୀ ପତ୍ରରେ ବନ୍ଧା ହୋଇ ଗୋଟିଏ କନା ବ୍ୟାଗରେ ପଶିଲା । ମାଳତୀ ପରିହାସ କରି କହିଲା କୃଷ୍ଣଙ୍କ ପିଲାଦିନର ସାଙ୍ଗ ଗରିବ ସୁଦାମ ଦ୍ୱାରିକାପତି ଶ୍ରୀକୃଷ୍ଣଙ୍କ ପାଖକୁ ଖୁଦଭଜା ଉପହାର ନେଇ ଯାଇଥିଲେ । ବାପା ! ତୁମେ କ'ଣ ସେଇ ସୁଦାମ ପରି ମନ୍ତ୍ରୀଙ୍କ ପାଖକୁ ଆରିଷା ପିଠା ନେଇକି ଯିବ ?

ମାଳତୀର କଥାରେ ପରିବାରର ସମସ୍ତଙ୍କ ମୁହଁରେ ଧାରେ ହସ ବିଜୁଳି ରେଖା ପରି ଜଳି ଉଠି ଲିଭି ଯାଇଥିଲା । ସେଇ ବିଜୁଳିର ସ୍ୱଳ୍ପ ଆଲୁଅରେ ରେଣୁକାଙ୍କ ଆଖି ଦେଖିଥିଲା ଖୁଦଭଜାଖିଆ ଶ୍ରୀକୃଷ୍ଣ ଗରିବ ସୁଦାମକୁ ଦେଇଥିବା ଅମାପ ଐଶ୍ୱର୍ଯ୍ୟକୁ । ଆଉ କଳ୍ପନା କରୁଥିଲା ଆରିଷା ପିଠାଖିଆ ମନ୍ତ୍ରୀଙ୍କ ବଦାନ୍ୟତାକୁ । ରେଣୁକା କଳ୍ପନା ଚକ୍ଷୁରେ ଦେଖୁଥିଲା ମନ୍ତ୍ରୀ ପ୍ରଥମ ଆରିଷା ପିଠାଟି ଖାଇ ମାନସକୁ ଚାକିରି, ଦ୍ୱିତୀୟ ପିଠା ଖାଇ କୋଡ଼ିଏ ଏକର ଅଉଲ୍ ନମ୍ବର ଚାଷଜମି, ତୃତୀୟ ପିଠା ଖାଇ ଦଶ ବଖରା କୋଠାଘର, ଚତୁର୍ଥ ପିଠା ଖାଇ ଗୋଟେ ସୁନା ଇଟା ଦେଉଛନ୍ତି ।

ହଠାତ୍ ବସନ୍ତ ମୁହୁଲିର କବାଟ ଖଡ୍ ଖଡ୍ ହେଲା । ଘର ଭିତରେ ବସନ୍ତ ଚମକି ପଡ଼ିଲା । ରେଣୁକାର ସ୍ୱପ୍ନ ଭାଙ୍ଗିଗଲା । ବସନ୍ତ ଓ ରେଣୁକା ପରସ୍ପରଙ୍କ ମୁହଁକୁ

Digitized by srujanika@gmail.com

ଚାହିଁଲେ । ମାନସ କବାଟ ଖୋଲିଲା । ଗାଆଁ ପିଲାମାନେ ଘର ଆଗରେ ଦଳ ବାନ୍ଧି ଠିଆ ହୋଇଛନ୍ତି । କ୍ଲବର ସେକ୍ରେଟାରୀ ଅଜୟ ଜେନା କହିଲା— ବସନ୍ତ ଦାଦା ! ତମେ ତ ମନ୍ତ୍ରୀଙ୍କ ସାଙ୍ଗ । ତମ କଥା ମନ୍ତ୍ରୀ ନିଶ୍ଚୟ ରଖିବେ । ଆମ ଏ କ୍ଲବ ଅବସ୍ଥା ତ ତମେ ନିଜ ଆଖିରେ ଦେଖୁଛ । ଚାଳରୁ ପାଣି ଗଳୁଛି । ପୋଡ ପିଠାର ବକଳ ପରି କ୍ଲବ ଚଟାଣରୁ ପୁଳା ପୁଳା ହୋଇ ସିମେଣ୍ଟ ଛାଡ଼ି ଗଲାଣି । ମନ୍ତ୍ରୀଙ୍କି କହିକି ଆମ କ୍ଲବ ପାଇଁ ଗୋଟେ ବିଲ୍ଡିଂ ଗ୍ରାଣ୍ଟ କରାଇ ଦେବ ।

କ୍ଲବ ପିଲାମାନେ ଯିବା ପରେ ପରେ ଆସିଲେ ସଚି ନାୟକ, ଶିବ ଘଡ଼େଇ, କେଳୁ ମହାନ୍ତି, ବାଉରୀ ଚଉଧୁରୀ, ଅନୁ ସାଆଁନ୍ତରା । ଏମାନେ ସମସ୍ତେ ଗାଆଁର ମାମଲତକାର । ଏମାନଙ୍କ ମାନ, ସମ୍ମାନ, ପ୍ରତିପତ୍ତି ପାଖରେ ବସନ୍ତ ମୁଦୁଲି କିଛି ନୁହଁ । ତଥାପି ସେମାନେ ଆଜି ବସନ୍ତ ମୁଦୁଲି ଦୁଆଁରେ ଠିଆ । ଗାଆଁ ପାଇଁ ବସନ୍ତ ମୁଦୁଲି କିଛି କରିବ— ଏଇ ପତିଆରାରେ ଗାଆଁଲୋକଙ୍କ ଆଖିରେ ଅନେକ ସମ୍ଭାବନାର ଆଲୋକ ଉଜ୍ଜ୍ୱଳି ଉଠୁଥିଲା । ସେମାନେ ପ୍ରସ୍ତାବ ଦେଲେ ଆମ ପାଖ ଗାଆଁ ଅହିଆରେ କଲେଜ ହେଲାଣି । ଆମ ଗାଆଁରେ କଲେଜ କରିବାକୁ ହେବ ମନ୍ତ୍ରୀ ତୋର ପଢ଼ାଦିନର ସାଙ୍ଗ । ତତେ କ'ଣ ଗୋଟେ ବଡ଼ ପାହିଆ ଦବ ବୋଲି ଡ଼କେଇଚି । ମନ୍ତ୍ରୀ ଗଗନ ମହାନ୍ତି ମୁଖ୍ୟମନ୍ତ୍ରୀଙ୍କର ଡାହାଣ ହାତ । ସିଏ ଚାହିଁଲେ ସବୁ ହେବ । ତାଙ୍କୁ କହି ଆମ ଗାଆଁରେ କଲେଜ ଖୋଲିବାର ବନ୍ଦୋବସ୍ତ କରିବୁ । ତା' ଛଡ଼ା ଆମ ଗାଆଁରୁ ଏକ୍ସପ୍ରେସ୍‌ୱେ ପର୍ଯ୍ୟନ୍ତ ରାସ୍ତାଟା ଆଜିକି ୨୦ ବର୍ଷ ତଳେ ପିଚୁ ହେଇଥିଲା । ସେ ରାସ୍ତାର ଅବସ୍ଥା ଏକଦମ୍ ଖରାପ । ମନ୍ତ୍ରୀ ଇଚ୍ଛା କଲେ ଆଠ ଦିନ ଭିତରେ ସେ ରାସ୍ତାଟା ପିଚୁ ହୋଇ ଯାଆନ୍ତା । ଗାଆଁକୁ ବସ ଖଣ୍ଡେ ଚାଲିବା କଥା ଯେମିତି ହେଲେ ମନ୍ତ୍ରୀଙ୍କୁ କହିକି କରାଇବୁ ।

ବସନ୍ତ ମୁଦୁଲିର ଛାତି ଫୁଲି ଉଠିଲା । ଆଜି ଗାଆଁର ସବୁଲୋକ ତା' ସୁପାରିଶକୁ ଅପେକ୍ଷା କରି ଠିଆ ହୋଇଛନ୍ତି । ଚୁମ୍ବକ ସ୍ପର୍ଶ ପାଇଲେ ଲୁହା କିଛି ସମୟ ଚୁମ୍ବକୀୟ ଶକ୍ତି ଲାଭ କରେ । ବସନ୍ତଠି କିଛିଟା ମନ୍ତ୍ରୀଶକ୍ତି ସନ୍ଧାନ ପାଇ ଗାଆଁ ଲୋକେ ତା' ଚାରିପାଖରେ ଭିଡ଼ ଜମାଇଛନ୍ତି ।

ବସନ୍ତ ଗାଆଁ ଲୋକଙ୍କ ଭିଡ଼ ଭିତରୁ ବାହାରି ମନ୍ତ୍ରୀଙ୍କ କାର୍‌ରେ ବସିଲା । କାର୍‌ର କାଚ ଭିତରୁ ବସନ୍ତ ଚାହିଁଲା ତା' ସ୍ତ୍ରୀ, ପୁଅ, ଝିଅଙ୍କୁ । ସେମାନେ ସମସ୍ତେ ଆନନ୍ଦିତ, ଉତ୍‌ଫୁଲ୍ଲିତ ଓ ରୋମାଞ୍ଚିତ ଦିଶୁଥିଲେ । ସେମାନଙ୍କ ମୁହଁରେ ଅନେକ ସମ୍ଭାବନାର ମେଘ ବିଭିନ୍ନ ଆକୃତି ଧାରଣ କରି ଏମୁଣ୍ଡରୁ ସେମୁଣ୍ଡ ପହଁରୁ ଥିଲେ । ବସନ୍ତ ମୁଦୁଲି କାଚ ଫାଙ୍କରୁ ପଛକୁ ଚାହିଁଲା ବେଳେ ଗାଆଁ ଲୋକମାନେ ଆଉ ଦିଶୁ ନ ଥିଲେ । କାର୍‌ଟା କୁସୁମ ବାଙ୍କ ପାରି ହୋଇଗଲାଣି । ଗାଆଁଟା ଅନେକ ପଛରେ

Digitized by srujanika@gmail.com

ରହିଗଲାଣି ।

ଅପରାହ୍ଣ ପାଞ୍ଚଟା ବେଳକୁ ମନ୍ତ୍ରୀଙ୍କ କାର୍ ଭୁବନେଶ୍ୱରରେ ପହଞ୍ଚିଲା । ପୂର୍ବରୁ ବସନ୍ତ ଅନେକ ଥର ଭୁବନେଶ୍ୱର ଆସିଥିଲେ ବି ଆଜି ଭୁବନେଶ୍ୱର ତାକୁ ନିଆରା ନିଆରା ଲାଗୁଛି । କଳା ମଚ ମଚ ପ୍ରଶସ୍ତ ରାସ୍ତା, ରାସ୍ତା କଡ଼ର ଗଛ, ବଡ଼ ବଡ଼ ସମ୍ଭ୍ରାନ୍ତ କୋଠା, ସୁନ୍ଦର ସୁନ୍ଦର ପାର୍କ, ଫୁଲ ବଗିଚା ଆଜି ତାକୁ ଖୁବ୍ ଆକର୍ଷଣୀୟ ଓ ନିଜର ନିଜର ଲାଗୁଛି ମନ୍ତ୍ରୀଙ୍କ ବାସଭବନ ଆଗରେ କାର୍ ଅଟକିଲା । ଆନନ୍ଦ, ଉଲ୍ଲାସରେ ବସନ୍ତର ଛାତିଟା ଦମ୍ ଦମ୍ ହେଲା । ନିଃଶ୍ୱାସର ବେଗ କ୍ଷିପ୍ର ହେଲା । ମନ୍ତ୍ରୀଙ୍କ କାର୍‌ରୁ ଓହ୍ଲାଇ ୱେଟିଙ୍ଗ ରୁମ୍‌ରେ ବସିଲା ବସନ୍ତ । ବସିବାର ପାଞ୍ଚ ମିନିଟ୍ ମଧ୍ୟରେ ତାକୁ ଜଣାଇ ଦିଆଗଲା ମନ୍ତ୍ରୀ ବର୍ତ୍ତମାନ ନାହାଁନ୍ତି । ହଠାତ୍ କ'ଣ ଜରୁରୀ କାମରେ ସମ୍ବଲପୁର ଯାଇଛନ୍ତି । ଆଜି ଆସିବେ । ଆପଣ ଦୟାକରି ଅପେକ୍ଷା କରନ୍ତୁ ।

ବସନ୍ତ ଚାହିଁଲା ୱେଟିଙ୍ଗ ରୁମ୍‌ର ଅନ୍ୟାନ୍ୟ ବେଞ୍ଚମାନଙ୍କୁ । ମନ୍ତ୍ରୀ ନ ଥିଲେ ମଧ୍ୟ ବେଶ୍ କିଛି ଲୋକ ମନ୍ତ୍ରୀଙ୍କ ସାକ୍ଷାତ୍ କରିବା ପାଇଁ ଅପେକ୍ଷା କରିଛନ୍ତି । ପାଖାପାଖି ବସିଥିବା ଦୁଇଜଣ ବୟସ୍କ ଭଦ୍ରଲୋକ ନିଜ ଭିତରେ ଗପରେ ବୁଡ଼ିଥିଲେ । ସେମାନେ ତାଙ୍କ ଗାଆଁର କଲେଜ ମଂଜୁରୀ କାମରେ ଆସିଚନ୍ତି । ସେମାନଙ୍କ ଆଲୋଚନାର ମର୍ମଥିଲା ଯେତେଟଙ୍କା ପଡୁ ଆଜିମନ୍ତ୍ରୀଙ୍କ ସହିତ କଥାବାର୍ତ୍ତା ପକ୍କା କରି କାଲିରେ କଲେଜର ମଂଜୁରୀ ନେଇକି ଯିବେ ।

ଗୋଟେ କଣକୁ ବସିଥିଲେ ଦୁଇଜଣ । ସେମାନେ ସମ୍ଭବତଃ ବାପପୁଅ । ପୁଅ କ'ଣ ଗୋଟେ ଚାକିରି ପାଇଁ ଇଣ୍ଟରଭିଉ ଦେଇଛି । ଚାକିରି ମାତ୍ର ପାଞ୍ଚଟା । ସେଥିରୁ ଆଦିବାସୀ, ହରିଜନ, ମହିଳା ଏମିତି ଅନେକ ସଂରକ୍ଷଣ ଅଛି । ଇଣ୍ଟରଭିଉ ଦେଇଛନ୍ତି ପାଞ୍ଚହଜାର । ମନ୍ତ୍ରୀଙ୍କୁ ନ ଧରିଲେ ଚାକିରି ପାଇବା ସମ୍ଭବ ନୁହେଁ । ପୁଅର ଚାକିରି ବୟସ ଗଡ଼ି ଯାଉଛି । ମନ୍ତ୍ରୀଙ୍କ ପାଖରେ ଯାହା ଯେତେ ଭୋଗ ଲାଗିବ ସେଥିପାଇଁ ସେମାନେ ପ୍ରସ୍ତୁତ ହୋଇ ଆସିଛନ୍ତି । ଆଜି ଯେତେ ରାତି ହେଉ,କିଛି ଗୋଟେ ବ୍ୟବସ୍ଥା ନ କରି ସେମାନେ ଯିବେ ନାହିଁ ।

ବଦଳି ଆଦେଶ ବଦଳାଇବା ପାଇଁ ଅପେକ୍ଷା କରିଛନ୍ତି ତିନିଜଣ । ଜଣେ ଡାକ୍ତର, ଜଣେ ଇଂଜିନିୟର ଆଉ ଜଣେ ଅଧ୍ୟାପକ । ସେମାନେ ପରସ୍ପର ମଧ୍ୟରେ ଇଂରାଜୀରେ ଆଲୋଚନା କରୁଥିଲେ । ଦଶମ ଶ୍ରେଣୀ ପର୍ଯ୍ୟନ୍ତ ପାଠ ପଢ଼ିଥିବା ବସନ୍ତ ସେମାନଙ୍କ କଥାବାର୍ତ୍ତା ପୂରାପୂରି ବୁଝି ନ ପାରୁଥିଲେ ବି ତାକୁ ସାରକଥାଟା ଅବୁଝା ରହୁନଥିଲା । ସେମାନଙ୍କ ବଦଳି କୋରାପୁଟ, କଳାହାଣ୍ଡି ଆଉ ଫୁଲବାଣୀକୁ ହୋଇଛି ।

ଡାକ୍ତର ଜଣଙ୍କ କହୁଥିଲେ—ଏ ବଦଳି ବାତିଲ ପାଇଁ ମୁଁ ତିରିଶ ହଜାର ପର୍ଯ୍ୟନ୍ତ ଖର୍ଚ୍ଚ କରିବାକୁ ପ୍ରସ୍ତୁତ । ଯଦି ନ ହୁଏ ତା' ହେଲେ ଚାକିରି ଛାଡ଼ି ଦେବି ପଛେ ଭୁବେନଶ୍ୱର ଛାଡ଼ିବି

Digitized by srujanika@gmail.com

ନାହିଁ । ଭୁବନେଶ୍ୱରରେ ପ୍ରାଇଭେଟ୍ ପ୍ରାକ୍ଟିସ୍ କରିବି । ଦିନକୁ ୫୦ଟା ରୋଗୀ ମିଳିଲେ ଯଥେଷ୍ଟ । ଅତି କମ୍‌ରେ ଦିନକୁ ଦୁଇ ହଜାର ଟଙ୍କା ମିଳିବ । ମାସକୁ ଷାଠିଏ ହଜାର । ଖର୍ଚ୍ଚବାର୍ଚ୍ଚ ଯାଇ ମାସକୁ ଚାଳିଶ ହଜାର, ବର୍ଷକୁ ୫ଲକ୍ଷ ଟଙ୍କା ।

କିନ୍ତୁ ଇଂଜିନିୟର ଜଣଙ୍କ ତାଙ୍କ ବଦଳି ବାତିଲ୍ କରାଇବାକୁ ଦୃଢ଼ପ୍ରତିଜ୍ଞ ପରି ଜଣା ପଡ଼ୁଥିଲେ । ଜଣେ ମନ୍ତ୍ରୀ ନ ପାରିଲେ ଦୁଇ ତିନି ଜଣ ମନ୍ତ୍ରୀଙ୍କୁ ଧରି ବଦଳି ଆଦେଶ ବାତିଲ କରାଇବେ । ଖର୍ଚ୍ଚ ପାଇଁ ଖାତିର ନ ଥିବା ପରି ତାଙ୍କ ମୁହଁ ବେପରୁଆ, ବେପରୁଆ ଦିଶୁଥିଲା ।

ଅଧ୍ୟାପକ ଭଦ୍ରଲୋକ ଅତ୍ୟନ୍ତ ଆଶାବାଦୀ ଥିଲେ । ତାଙ୍କ ଚାକିରିରେ ସର୍ବମୋଟ ୧୮ ବର୍ଷ ଭିତରୁ ସିଏ ଗୋଟିଏ ବର୍ଷ ପୁରୀରେ, ୫ବର୍ଷ କଟକରେ ଓ ୧୨ ବର୍ଷ ଭୁବନେଶ୍ୱରରେ କଟାଇଛନ୍ତି । ଭୁବନେଶ୍ୱର ଛାଡ଼ିଲେ ତାଙ୍କ ପିଲାମାନଙ୍କ ପାଠପଢ଼ା ଅସୁବିଧା ହେବ । ଫୁଲବାଣୀରେ ଭଲ ସ୍କୁଲ, କଲେଜ ନାହିଁ । ବର୍ତ୍ତମାନ ଭୁବନେଶ୍ୱରରେ ଟିଉସନ୍‌ରୁ ମାସକୁ ୭ ହଜାର ଟଙ୍କା ରୋଜଗାର କରୁଛନ୍ତି । ଭୁବନେଶ୍ୱର ଛାଡ଼ି ଫୁଲ୍‌ବାଣୀ ଗଲେ ଟିଉସନ୍ ମିଳିବା ଅସମ୍ଭବ । ମନ୍ତ୍ରୀଙ୍କ ଶଳା ତାଙ୍କର ଛାତ୍ର । ସିଏ ମନ୍ତ୍ରୀଙ୍କୁ ଆଗରୁ କହିଛି । ମନ୍ତ୍ରୀ ଆଜି ଶିକ୍ଷାମନ୍ତ୍ରୀଙ୍କୁ ଟେଲିଫୋନ୍ କରି ତାଙ୍କ ବଦଳି ବାତିଲ୍ ବିଷୟରେ କହିବେ । ମନ୍ତ୍ରୀଙ୍କୁ କେବଳ ସେତିକି ସ୍ମରଣ କରାଇ ଦେବା ପାଇଁ ଅଧ୍ୟାପକ ଜଣକ ମନ୍ତ୍ରୀଙ୍କୁ ଅପେକ୍ଷା କରିଛନ୍ତି ।

ଠିକ୍ ରାତି ଆଠଟା ତିରିଶ୍‌ରେ ମନ୍ତ୍ରୀଙ୍କ ଗାଡ଼ି ତାଙ୍କ ବାସଭବନରେ ଲାଗିଲା । ସମସ୍ତେ ସଜାଗ ହୋଇ ଉଠିଲେ । ବସନ୍ତ ମୁହୂର୍ତ୍ତକ ନିଜ ପୋଷାକ ପତ୍ର ଉପରେ ଗୋଟେ ଦୃଷ୍ଟି ବୁଲାଇ ଆଣିଲା । ସବୁ ଠିକ୍ ଅଛି । କିନ୍ତୁ କନା ବ୍ୟାଗ୍ ଭିତର କଦଳୀପତ୍ରର ଆକଟ ନ ମାନି ଆରିଷା ପିଠାର ମଇଁଷିଘିଅ ବ୍ୟାଗର ତଳ ଅଂଶଟାକୁ ତିନ୍ତାଇ ସାରିଥିଲା । ବ୍ୟାଗ୍‌ର ଘିଅ ଦାଗ ଉପରୁ ଅନ୍ୟମାନଙ୍କ ଦୃଷ୍ଟି ହଟାଇବା ପାଇଁ ପିନ୍ଧା ଲୁଗାର କାନିଟା ତା' ଉପରେ ଘୋଡ଼ାଇ ପକାଇଲା ।

ମନ୍ତ୍ରୀ ଗାଡ଼ିରୁ ଓହ୍ଲାଇ ତାଙ୍କ କୋଠରୀକୁ ପଶିଗଲେ ଅପେକ୍ଷାରତ ଲୋକଙ୍କ ମଝିରେ । ଅପେକ୍ଷା କରିଥିବା ସମସ୍ତ ଲୋକ ନିଜ ନିଜ ସ୍ଥାନରୁ ଠିଆ ହୋଇ ମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ହାତ ଯୋଡ଼ି ନମସ୍କାର କଲେ । ମନ୍ତ୍ରୀ କାହାରିକୁ ନ ଚାହିଁ ନିଜ ଚେୟରକୁ ଖୁବ୍ ଦ୍ରୁତ ପଦରେ ଚାଲିଗଲେ ।

କିନ୍ତୁ ବସନ୍ତ ଆଶା କରିଥିଲା ମନ୍ତ୍ରୀ ଗାଡ଼ିରୁ ଓହ୍ଲାଇ ପ୍ରଥମେ ତାକୁ ଖୋଜିବେ । କାର୍ଯ୍ୟ ଉପଲକ୍ଷେ ସମ୍ବଲପୁର ଚାଲିଯାଇଥିବାରୁ ଦୁଃଖ ପ୍ରକାଶ କରିବେ ଓ ବସନ୍ତ କାନ୍ଧରେ ହାତ ପକାଇ ତାଙ୍କ ଚେୟରକୁ ନେଇଯିବେ । କିନ୍ତୁ ସେମିତି କିଛି ନ ଘଟିବାରୁ ବସନ୍ତର ମୁହଁ ଅପ୍ରତିଭ ଦିଶିଲା । ପରକ୍ଷଣରେ ସିଏ ନିଜ ମନର ପିଠିକୁ ଥାପୁଡ଼ାଇ

Digitized by srujanika@gmail.com

ଶାନ୍ତ କଲା । ହୁଏତ ମନ୍ତ୍ରୀ କାର୍ଯ୍ୟବ୍ୟସ୍ତତା ଭିତରେ ତା' କଥା ଭୁଲି ଯାଇଛନ୍ତି । ହୁଏତ ମନ୍ତ୍ରୀ ଭାବି ନାହାଁନ୍ତି ବସନ୍ତ ମୁଦୁଲି ଏଇ ଲୋକମାନଙ୍କ ଗହଳରେ ବସିଛି ବୋଲି ।

ଅପେକ୍ଷାରତ ଲୋକମାନଙ୍କ ମଧ୍ୟରୁ ମନ୍ତ୍ରୀ ଜଣ ଜଣକି ଡ଼ାକିଲେ । ସାତ ଆଠ ଜଣଙ୍କ ପରେ ମଧ୍ୟ ବସନ୍ତର ପାଳି ନ ପଡ଼ିବାରୁ ତା'ର ଧାରଣା ଦୃଢ଼ ହେଲା ଯେ ମନ୍ତ୍ରୀ ନିଶ୍ଚୟ ତା' କଥା ଭୁଲି ଯାଇଛନ୍ତି । ସିଏ ସ୍ଥିର କଲା, ମନ୍ତ୍ରୀଙ୍କୁ କୌଣସି ମତେ ଜଣାଇ ଦେବାକୁ ହେବ ଯେ ସିଏ ଅନେକ ବେଳ ହେଲା ଆସି ଅପେକ୍ଷା କରିବସିଛି ।

ମନ୍ତ୍ରୀଙ୍କ ଚେମ୍ବର ଦୁଆର ମୁହଁ ଆବୋରି ବସିଥିବା ପିଅନକୁ ବସନ୍ତ ଅନୁରୋଧ କଲା ମନ୍ତ୍ରୀଙ୍କୁ ତା' ଆସିବା ଖବର ଦେବାପାଇଁ । ପିଅନଟି ବସନ୍ତ ବାବୁଙ୍କ ହାତକୁ ଖଣ୍ଡେ ସାଧା କାଗଜ ଟୁକୁରା ବଢ଼ାଇ ଦେଇ କହିଲା- ସେଇ ଯୋଉ ଚଷମାଦିଆ ବାବୁ ଫୋନ୍ ପାଖରେ ବସିଛନ୍ତି ତାଙ୍କ ପାଖକୁ ଯା । ଏଇ କାଗଜରେ ତୁମ ନାଆଁ, ଗାଆଁ ଆଉ ଆସିବାର କାରଣ ଲେଖି ତାଙ୍କୁ ଦିଅ । ତୁମ ପାଳି ପଡ଼ିଲେ ସିଏ ତୁମ ସାକ୍ଷାତର ବ୍ୟବସ୍ଥା କରାଇ ଦେବେ ।

ବସନ୍ତର ଗାଆଁକୁ ଗାଡ଼ି ନେଇ ଯାଇଥିବା ମନ୍ତ୍ରୀ ଅଫିସର ଲୋକଟି ହଠାତ୍ କୋଉଠୁ ଆସି ବସନ୍ତ ମୁଦୁଲିର କାନ ପାଖରେ ନଇଁ ପଡ଼ିଲା । ବସନ୍ତର କାନରେ ଫୁସ୍ ଫୁସ୍ କରି କହିଲା– ମନ୍ତ୍ରୀ କହିଛନ୍ତି ଆପଣ ଟିକେ ଅପେକ୍ଷା କରନ୍ତୁ । ଏମାନଙ୍କୁ ବିଦାକରି ସାରିବା ପରେ ମନ୍ତ୍ରୀ ଆପଣଙ୍କ ସହିତ ନିରୋଳାରେ କଥାବାର୍ତ୍ତା କରିବେ ।

ମ୍ଳାନ ପଡ଼ିଯାଇଥିବା ବସନ୍ତର ମୁହଁଟା ଉଜ୍ଜ୍ୱଳ ଦିଶିଲା । ସାର୍ଟ ପକେଟ୍ରୁ ପାନିଆ କାଢ଼ି ମୁଣ୍ଡଟାକୁ କୁଣ୍ଡାଇଲା । ରୁମାଲରେ ମୁହଁରୁ ଝାଳ ପୋଛି ମୁହଁଟାକୁ ତାଜା କଲା ବସନ୍ତ ।

ସମସ୍ତଙ୍କ ସହିତ ସାକ୍ଷାତ ସାରିବା ବେଳକୁ ରାତି ନଅଟା ପରେ ହୋଇଗଲା । ଶେଷରେ ମନ୍ତ୍ରୀ ବସନ୍ତକୁ ଡ଼କାଇଲେ । ପିଲାଦିନ ସାଙ୍ଗ ଗଗନ ମହାନ୍ତି ପରି ମନ୍ତ୍ରୀ ତାଙ୍କ ଆସନରୁ ଉଠିଆସି ବସନ୍ତକୁ କୁଣ୍ଢାଇ ପକାଇଲେ ।

ସ୍କୁଲ ଦିନର ସବୁକଥା ପଡ଼ିଲା । ସାବର ହାଇସ୍କୁଲର ପ୍ରଧାନ ଶିକ୍ଷକ ବୈକୁଣ୍ଠ ମିଶ୍ର ଯାହାଙ୍କ ନାଆଁ ଉଚ୍ଚାରଣ କଲେ ଏବେ ବି ଦେହରେ ଚମକ ଆସେ; ସିଏ ରାତିରେ ଖଡ଼ମ ମାଡ଼ି ଠକ୍ ଠକ୍ ଶବ୍ଦ କରି ହଷ୍ଟେଲ ବାରଣ୍ଡାରେ ଚାଲିଗଲା ବେଳେ ହଷ୍ଟେଲର ସବୁପିଲା ରାତି ଦଶଟା ପରେ ମଧ୍ୟ ବାଧ ଛାତ୍ର ପରି ବହିଧରି ପଢୁଥିଲେ । ସାବର ହାଇସ୍କୁଲର ବିରାଟ ଖେଳ ପଡ଼ିଆ ଚାରିପାଖରେ ବୁଲିଥିଲା ଉଚ୍ଚାଉଚ୍ଚା କିଆବାଡ଼ । ସେଇ ଖେଳ ପଡ଼ିଆର ପୂର୍ବଦିଗକୁ ପଚାଶ ଏକର ଜମିରେ ପାଞ୍ଚ ଛଅ ଶହ ଆମ୍ବଗଛ ଥିଲା । ପଡ଼ିଆର ଦକ୍ଷିଣରେ ଗୋଟେ କିଲୋମିଟର ଦୂରରେ ବ୍ରାହ୍ମଣୀ ନଦୀର ବାଲି ଶେଯ । ସାବର ହାଇସ୍କୁଲର ସ୍ମୃତିରେ ମନ୍ତ୍ରୀ ଉଲ୍ଲସି ଉଠିଲେ ।

ଆନନ୍ଦ ଚନ୍ଦ୍ର ପହି

Digitized by srujanika@gmail.com

ସ୍କୁଲ ଜୀବନର ସ୍ମୃତି ରୋମନ୍ଥନ ଭିତରେ ମନ୍ତ୍ରୀ ବସନ୍ତର ଗାଆଁ ଆରିଷା ପିଠା କଥା କହିଲେ । ବସନ୍ତ ଲାଜ ଲାଜ ହୋଇ ବ୍ୟାଗରୁ ଆରିଷା ପିଠା ପୁଡ଼ିଆଟା ବାହାର କଲା । ମନ୍ତ୍ରୀ ନିଜେ ଗୋଟିଏ ଆରିଷା ପିଠା ଖାଇଲେ । ପିଠାର ତାରିଫ୍ କଲେ । ଅବଶିଷ୍ଟ ପିଠା ପିଅନ ହାତରେ ନିଜ ଘର୍‌କୁ ପଠାଇ ଦେଲେ । କହିଲେ– ନେ, ମାଆଙ୍କୁ ଦେବୁ । ମୁଁ ପ୍ରତିଦିନ ସକାଳେ ଏ ଆରିଷା ପିଠା ଜଳଖିଆରେ ଖାଇବି ।

ହଠାତ୍ ଟେଲିଫୋନ୍‌ଟା ବାଜି ଉଠିଲା । ପାର୍ଟି ମିଟିଂ । ମନ୍ତ୍ରୀଙ୍କୁ ସଂଗେ ସଂଗେ ଯିବାକୁ ହେବ ।

ମନ୍ତ୍ରୀ ମିଟିଂକୁ ଯିବା ପୂର୍ବରୁ ବସନ୍ତକୁ କହିଲେ– ମୁଁ ମନ୍ତ୍ରୀ ହେବା ପରେ ମୋର ଅନେକ ସାଙ୍ଗ, ସାଥୀ ବିଭିନ୍ନ କାମରେ ଆସି ମୋତେ ସାକ୍ଷାତ କରିଛନ୍ତି । କିନ୍ତୁ ତୋ ସହିତ ଦେଖା ହୋଇ ପାରିନଥିଲା । ମୁଁ ଇଚ୍ଛାକରି ମଧ୍ୟ ତୋ ପାଖକୁ ଯିବାକୁ ସମୟ କରିପାରି ନାହିଁ । ତା'ଛଡ଼ା ମୁଁ ତୁମ ଗାଆଁକୁ ଯାଇଥିଲେ ଏତେ ଲୋକ ଗହଳି ଭିତରେ ତୋ ସହିତ ନିରୋଳାରେ ପଦେ କଥା ହୋଇ ପାରିନଥାନ୍ତି । ତୋ ସାଙ୍ଗରେ ଟିକେ ନିରୋଳାରେ ମନଖୋଲା କଥାବାର୍ତ୍ତା କରିବା ପାଇଁ ଗାଡ଼ି ପଠେଇ ତତେ ଏଠିକି ଡ଼ାକାଇ ଆଣିଥିଲି । ବହୁଦିନ ପରେ ତୋତେ ଦେଖି ତୋ ସହିତ କଥାବାର୍ତ୍ତା କରି ଖୁବ୍ ଖୁସି ଲାଗିଲା । ଆଉ ଟିକେ ଗପିବାର ଇଚ୍ଛା ଥିଲା । କିନ୍ତୁ ମତେ ଏଇ ସଂଗେ ସଂଗେ ଯିବାକୁ ପଡ଼ିବ ପାର୍ଟି ମିଟିଂକୁ । ପାର୍ଟି ମିଟିଂରୁ ଫେରୁ ଫେରୁ ରାତି ବାରଟା ଗୋଟେ । ଭୋର ଛଅରୁ ରାଉରକେଲା ଯିବି । ରାଉରକେଲାରୁ ଫେରି ମତେ ଦିଲ୍ଲୀ ଯିବାକୁ ପଡ଼ିବ ସଂଧ୍ୟାବେଳେ । ମୁଁ ବନ୍ଦୋବସ୍ତ କରି ଦେଇଛି, ତୁ ଆଜି ରାତିଟା ଗେଷ୍ଟ ହାଉସ୍‌ରେ ରହିଯିବୁ । କାଲି ଗାଡ଼ି ନେଇ ତତେ ତମ ଗାଆଁରେ ଛାଡ଼ିଦେଇ ଆସିବ ।

ମନ୍ତ୍ରୀ ପାର୍ଟି ମିଟିଙ୍ଗ୍‌କୁ ଯିବାକୁ ଉଦ୍ୟତ ହେବା ବେଳକୁ ବସନ୍ତ ଥତମତ ହୋଇ ଆରମ୍ଭ କଲା- ମୋର କିନ୍ତୁ କେତେଟା କଥା ତୁମକୁ କହିବାକୁ ଅଛି ।

ମନ୍ତ୍ରୀ ତରବର ହୋଇ କହିଲେ- ଯାହା କହିବାର ଅଛି ଶୀଘ୍ର କହ । ମତେ ଶୀଘ୍ର ଯିବାକୁ ପଡ଼ିବ ।

ବସନ୍ତ ଛେପ ଢୋକି କହିଲା ମୋର ଗୋଟିଏ ବୋଲି ପୁଅ । ସିଏ ବି.ଏ.ପାସ୍ କରି ଚାରି ବର୍ଷ ହେଲା ଘରେ ବସିଛି । ତା' ପାଇଁ ଖଣ୍ଡେ ଭଲ ଚାକିରି....

ମନ୍ତ୍ରୀ ଚମକି ପଡ଼ିଲେ– ଚାକିରି ? କିରେ ଚାକିରି କାହିଁ ? ଚାକିରି ପୋଜିସନ୍ ଭାରି ଟାଇଟ୍ । ଗୋଟିଏ ଚାକିରି ଖାଲି ହେଲେ ପାଞ୍ଚ ସାତ ହଜାର ଦରଖାସ୍ତ ପଡୁଚି । ସେଥିପାଇଁ ଦୁନିଆ କଟକଣା । ଯେଉଁ ଅଫିସ୍‌ରେ ଚାକିରି ଖାଲି ହେଉଛି ସେ ଅଫିସ୍‌ର ପିଅନଠାରୁ ଅଫିସ୍‌ର ପର୍ଯ୍ୟନ୍ତ ସମସ୍ତେ ଟାକି ବସିଚନ୍ତି ନିଜ ନିଜର ଲୋକ ରଖାଇବାକୁ । କିଏ କୋଉ ମନ୍ତ୍ରୀଙ୍କି ଧରିଛି ତ, କିଏ ମୁଖ୍ୟମନ୍ତ୍ରୀଙ୍କି । ତା' ଛଡ଼ା ଦଳର

Digitized by srujanika@gmail.com

କର୍ମୀମାନେ ମଧ୍ୟ ଅଛନ୍ତି । ଏମ୍.ଏଲ୍.ଏ. ଆଉ ଏମ୍.ପି.ମାନେ ଅଛନ୍ତି । ସମସ୍ତଙ୍କ ମାତ୍ର ଚାକିରି ଉପରେ । ଏ ଭିଡ଼ାଟଣାରେ ତୋ ପୁଅକୁ ଚାକିରି ଦେବାର ପ୍ରତିଶ୍ରୁତି ମୁଁ ଦେଇ ପାରିବି ନାହିଁ ।

ବସନ୍ତ ତା'ର ଅନୁରୋଧ ମନ୍ତ୍ରୀଙ୍କ ଉପରେ ଚାପିବାକୁ ଚେଷ୍ଟା କରି କହିଲା– ଆପଣ ଚେଷ୍ଟା କଲେ ନିଶ୍ଚୟ ହେବ ।

ମନ୍ତ୍ରୀ ମୁଣ୍ଡ ହଲାଇ ମନା କଲେ– ନା, ମୁଁ ପାରିବି ନାହିଁ । ଅଯଥାରେ ତତେ ଆଶା ଦେଇ ହଜାର ଥର ଦଉଡ଼ାଇବି କାହିଁକି ? ବରଂ ତୋ ପୁଅକୁ କହ ସିଏ ରାଜ୍ୟ ସରକାରଙ୍କ ଚାକିରି ପାଇଁ ଦରଖାସ୍ତ ନ ପକାଇ ଭାରତ ସରକାରଙ୍କ ଅଧୀନରେ ଥିବା ଚାକିରି ପାଇଁ ଦରଖାସ୍ତ ପକାଉ । ସେଠି ଧରାଧରି କମ୍ । ବାଜିଲେ ବାଜିଯାଇ ପାରେ ।

ବସନ୍ତ ଯୁକ୍ତିକଲା– ନା, ମୋ ପୁଅ ସେତେ ଭଲ ଛାତ୍ର ନୁହେଁ । ସିଏ ସାଧାରଣ ଭାବେ ବି.ଏ. ପାଶ୍ କରିଛି । ଭାରତ ସରକାରଙ୍କ ଅଧୀନରେ ଥିବା ଚାକିରି ପାଇଁ ଭାରତଯାକର ଲୋକ ଦରଖାସ୍ତ କରିବେ । ସିଏ କେମିତି ପାଇବ ? ମନ୍ତ୍ରୀ ପୂରାପୂରି ମନା କଲେ– ତୁ ଆଉ ଯାହା କହୁଛୁ କହ ଚାକିରି ନାଆଁ ଧରନା । ମୁଁ ପାରିବି ନାହିଁ । ମିଛରେ କାହିଁକି ତୋତେ ପ୍ରତିଶ୍ରୁତି ଦଉଥିବି । ତୋ ପୁଅ ବାରମ୍ବାର ଆସି ଫେରୁଥିବ ।

ମନ୍ତ୍ରୀଙ୍କ ନାସ୍ତିବାଣୀରେ ବସନ୍ତର ଛାତିରେ ମସ୍ତବଡ଼ ଧକ୍କା ଲାଗିଲା । ପୁଅକୁ କ'ଣ କହି ସେ ବୁଝାଇବ ? ମନ୍ତ୍ରୀ ଯେ ସାମାନ୍ୟ ଚାକିରି ଖଣ୍ଡେ ଦେବାକୁ ଅକ୍ଷମ ଏକଥା ସିଏ କି ତା' ମାଆ କେହି ବିଶ୍ୱାସ ଯିବେ ନାହିଁ ।

ବସନ୍ତ କ'ଣ କେମିତି କହି ମନ୍ତ୍ରୀଙ୍କ ଉପରେ ପୁଅର ଚାକିରି ପାଇଁ ଚାପ ପକାଇବ ସେକଥା ସ୍ଥିର କରି ନ ପାରି ଘାଣ୍ଟୁ ହୋଇ ଠିଆ ହେଲା । ମନ୍ତ୍ରୀ ମିଟିଙ୍ଗ ଯିବାକୁ ଠିଆ ହେଲେ ।

ସ୍ତ୍ରୀ ରେଣୁକା ତା' କାନରେ କହିଥିଲା ମନ୍ତ୍ରୀ ନିଶ୍ଚୟ ମୋଟା ଧରଣର କିଛି ଟଙ୍କା ସୁନା ଦେବେ ଯାହା ଫଳରେ ତାଙ୍କର ଦାରିଦ୍ର୍ୟ ଚିରଦିନ ପାଇଁ ଦୂର ହୋଇଯିବ । ଗାଆଁ ଲୋକମାନେ କହୁଥିଲେ ମନ୍ତ୍ରୀ ତାକୁ କିଛି ଗୋଟେ ପଦରେ ବସେଇବେ– ଏଇ ଯେମିତି ବ୍ଲକ ଚେୟାରମ୍ୟାନ, ବ୍ଲକର ପଲିଟିକାଲ ଏଜେଣ୍ଟ ନ ହେଲେ ଆଉ କିଛି । ମନ୍ତ୍ରୀ ସେ ବିଷୟରେ ନିଜ ଆଡୁ କିଛି କହୁ ନାହାଁନ୍ତି । କିଛି ହେଲେ ସୂଚନା ଦେଉ ନାହାଁନ୍ତି । ନିଜେ ମୁହଁ ଖୋଲି ମାଗିବାଟା କ'ଣ ଠିକ୍ ହେବ ?

ମନ୍ତ୍ରୀ କହିଲେ– ମୁଁ ଯାଉଛି ବସନ୍ତ । ମୋର ଖୁବ୍ ଡେରି ହେଇ ଗଲାଣି ।

ବସନ୍ତ ଏଥର ନିଜ କଥା ଛାଡ଼ି ନିଜ ଗାଆଁ କଥା କହିଲା– ଆମ ଗାଆଁ ତ ଆପଣ ଦେଖିଛନ୍ତି ।

ମନ୍ତ୍ରୀ କଥା ମଝିରେ ବାଧା ଦେଇ କହିଲେ– ଆରେ ମୁଁ ପରା ତୋର ସାଙ୍ଗ ।

Digitized by srujanika@gmail.com

ମୁଁ ତୋ ସାଙ୍ଗରେ ତମ ଗାଆଁକୁ ଯାଇଛି । ତୁ ଏତେ ଫରମାଲ୍‌ଟି ଜଗୁଛୁ କ'ଣ ? ମୁଁ ସିନା ଅନ୍ୟମାନଙ୍କ ପାଇଁ ମନ୍ତ୍ରୀ, ହେଲେ ତୋର ତ ସେଇ ପିଲାଦିନର ସାଙ୍ଗ ଗଗନ । ତୁ ମତେ ଆପଣ କ'ଣ କହୁଛୁ ?

: ନାଇଁ ସେମିତି କହିଲେ କେମିତି ହବ ? ତମେ ଏଇଲେ ମନ୍ତ୍ରୀ । ସେ କଥା ଭୁଲି ଗଲେ କେମିତି ହବ ? ତମେ ତ ଆମ ଗାଆଁ ଦେଖିଚ । ଦଶବର୍ଷ ହେଲାଣି ଆମ ଗାଆଁରେ ହାଇସ୍କୁଲ ହେଲାଣି । ଆମ ସାତ ପଛରେ ଅହିଆ ଗାଆଁରେ ହାଇସ୍କୁଲ ହେଇଥିଲେ ବି ସେମାନେ କଲେଜ କଲେଣି । ଆମ ଗାଆଁଠୁ ଅହିଆ କେତେ ଛୋଟ । ସେ ଗାଆଁରେ କଲେଜ ହେଲା, ଆମ ଗାଆଁରେ ନ ହେବ କାହିଁକି ?

ମନ୍ତ୍ରୀ ପଚାରିଲେ- ତୁମ ଗାଆଁଠୁ ଅହିଆ କେତେ ଦୂର ?

: ତିନି କିଲୋମିଟର ଖଣ୍ଡେ ହେବ ।

: ଏତେ ପାଖରେ କ'ଣ ଆଉ ଗୋଟେ କଲେଜ ସରକାର ମଂଜୁରୀ ଦେବେ ?

ବସନ୍ତ ବେକ ଉପର ବାଳକୁ ବାଆଁ ହାତରେ ସାଉଁଳି ସାଉଁଳି କହିଲା– ମନ୍ତ୍ରୀ ଚାହିଁଲେ ସବୁ ହେବ । ଆମ ଗାଆଁବାଲା ମତେ ବାରବାରକି କହିଛନ୍ତି– ଯେମିତି ହେଲେ କଲେଜଟା କରିବାକୁ ପଡ଼ିବ । ଆଉ ଆମ ଗାଆଁ କ୍ଲବ ପାଇଁ ଗୋଟେ ବିଲ୍‌ଡିଂ ଗ୍ରାଣ୍ଟ । କ୍ଲବ ଘରଟା ଏକଦମ୍ ଭାଙ୍ଗି ଗଲାଣି ।

ମନ୍ତ୍ରୀ ତରବର ହୋଇ ଚାଲି ଯାଉ ଯାଉ କହିଲେ– ମୁଁ ଶିକ୍ଷାମନ୍ତ୍ରୀ ନୁହେଁ । ଏତେ ପାଖରେ ଆଉ ଗୋଟେ କଲେଜ ମଂଜୁରୀ ମିଳିବା ସହଜ ନୁହଁ । ତୁମ ଗାଆଁ ଲୋକମାନଙ୍କୁ କୁହ ସେମାନେ ଦରଖାସ୍ତ ଦିଅନ୍ତୁ । ଶିକ୍ଷାମନ୍ତ୍ରୀଙ୍କୁ ଭେଟନ୍ତୁ । ମୁଁ ଶିକ୍ଷାମନ୍ତ୍ରୀଙ୍କୁ କହିବି । କିନ୍ତୁ ଆଶା କମ୍ । ଆଉ କ୍ଲବ ଗ୍ରାଣ୍ଟ କଥା ମୁଁ ସଂସ୍କୃତି ମନ୍ତ୍ରୀଙ୍କୁ କହିବି । ତେବେ ତୁମ ଗାଆଁ କ୍ଲବ ତରଫରୁ ଗୋଟେ ଦରଖାସ୍ତ ସଂସ୍କୃତି ମଂତ୍ରୀଙ୍କ ଠିକଣାରେ ଦିଅ । ଗ୍ରାଣ୍ଟ ପାଇଁ ସବୁ ଗାଆଁର ଲୋକ ମନ୍ତ୍ରୀଙ୍କ ଉପରେ ଚାପ ପକାଉଛନ୍ତି । ଏବେଠୁ କିଛି କହିହେବ ନାହିଁ । ଯାହା ହେବ ସେଇ ଶେଷ ମୁହୂର୍ତ୍ତରେ । ଫେବ୍ରୁଆରୀ ମାସରେ ଭୋଗ ବାଣ୍ଟିବା ପରି ଯାହାକୁ ଯାହା ଦେବେ ସେତିକିରେ ସନ୍ତୁଷ୍ଟ ହେବାକୁ ପଡ଼ିବ । କିନ୍ତୁ ସବୁଠୁ ବଡ଼ କଥା ହେଲା ଗ୍ରାଣ୍ଟ ପାଇଁ ଦରଖାସ୍ତ କରିବା ନିମନ୍ତେ ଗୋଟେ ନିର୍ଦ୍ଦିଷ୍ଟ ତାରିଖ ଥାଏ । ସେ ତାରିଖ ଯଦି ଚାଲିଯାଇଥାଏ ସେମାନେ ଆଉ ଦରଖାସ୍ତ ଗ୍ରହଣ କରିବେ ନାହିଁ । ମୋର ଯାହା ମନେହୁଏ ଏ ବର୍ଷ ଦରଖାସ୍ତ ପକାଇବା ସମୟ ଗଡ଼ି ଗଲାଣି । ତେବେ ସଂସ୍କୃତି ବିଭାଗରେ ଏକଥା ବୁଝିବ । ଯଦି ସମୟ ଯାଇ ନ ଥାଏ, ତେବେ ଦରଖାସ୍ତ ଦିଅ । ମୁଁ ସଂସ୍କୃତି ମନ୍ତ୍ରୀଙ୍କୁ କହିବି ।

ପୁଣି ଥରେ ଟେଲିଫୋନ୍ ବାଜିଲା । ମନ୍ତ୍ରୀ ଫେରିଆସି ଟେଲିଫୋନ୍ ଧରିଲେ - ହଁ । ମୁଁ ଏଇ ସଂଗେ ସଂଗେ ଯାଉଛି । କ'ଣ କହିଲେ ? ମୁଖ୍ୟମନ୍ତ୍ରୀ ମିଟିଙ୍ଗକୁ ଆସି

Digitized by srujanika@gmail.com

ଗଲେଣି ? ମୁଁ ଏଇ ଦୁଇ ତିନି ମିନିଟ୍ ଭିତରେ ମିଟିଙ୍ଗରେ ପହଞ୍ଚୁଛି ।

ମନ୍ତ୍ରୀ ଟେଲିଫୋନ୍‌ଟା ଧଡ଼ କରି ଥୋଇ ଦେଇ ଗାଡ଼ି ପାଖକୁ ଚାଲିଗଲେ । ବସନ୍ତ ମନ୍ତ୍ରୀଙ୍କ ପଛେ ପଛେ ଗୋଡ଼େଇ ଗୋଡ଼େଇ ଯାଇ ନିଜ ଗାଆଁରୁ ଏକ୍ସପ୍ରେସୱେ ପର୍ଯ୍ୟନ୍ତ ରାସ୍ତାକୁ ପିଚୁ କରିବା କଥା କହିବା ବେଳକୁ ମନ୍ତ୍ରୀ ଏୟାର କଣ୍ଡିସନ୍‌ଡ଼ କାର୍‌ରେ ବସି ଡୋର୍ ବନ୍ଦ କରି ସାରିଲେଣି । ବସନ୍ତ ଗାଆଁ ରାସ୍ତାର ପିଚୁକଥା କହି ଚାଲିଥିଲା । କାର୍‌ର ଡୋର୍ ବନ୍ଦ ହୋଇଥିବାରୁ ମନ୍ତ୍ରୀଙ୍କୁ ବସନ୍ତ ମୁଦୁଲିର କଥା ଆଉ ଶୁଣା ଯାଉ ନ ଥିଲା । ତଥାପି ବସନ୍ତ ବଡ଼ ପାଟିରେ ଗାଆଁ ରାସ୍ତା ପିଚୁ କଥା କହି ଚାଲିଥିଲା । ମନ୍ତ୍ରୀ ଗାଡ଼ି ଭିତରୁ ହାତ ହଲାଇ ବସନ୍ତଠୁଁ ବିଦାୟ ନେଉଥିଲେ ।

ଗାଡ଼ିଟା ଖୁବ୍ ଦ୍ରୁତଗତିରେ ଚାଲିଗଲା । ବସନ୍ତ ସେଇଠି ସେମିତି ଠିଆ ଠିଆ ରାତିର ଅନ୍ଧକାରକୁ ଚାହିଁ ଭାବୁଥିଲା କାଲି ଗାଆଁକୁ ଫେରିଗଲେ ସ୍ତ୍ରୀ, ପୁଅ, ଝିଅ ଗାଆଁଲୋକ ଓ କ୍ଲବ ପିଲା ସମସ୍ତେ ତାକୁ ଘେରିଯିବେ । ସେମାନଙ୍କୁ ସେ କି ଉତ୍ତର ଦେବ ?

□□

ଆନନ୍ଦ ଚନ୍ଦ୍ର ପହି

Digitized by srujanika@gmail.com

ପ୍ରତିଶ୍ରୁତି ପ୍ରଥମ ରାତିର

ବାସର ରାତିର ଘିଅ ଦୀପ । ଦୀପ ଛୁଇଁ ସତ୍ୟେନ ଓ ଦୀପା ଦୁହେଁ ଶପଥ କରିବେ । ଯାହା କହିବେ ସତ କହିବେ, ସତ ଛଡ଼ା ଅନ୍ୟ କିଛି କହିବେ ନାହିଁ । ଦୀପଶିଖା ଉପରେ ଦୁହିଁଙ୍କ ହାତ ଥରି ଉଠିଲା । ସତ୍ୟେନ କ'ଣ ସତ କହିବ ? ପାରିବ ସିଏ ସତ କହି ? ନିଜ ଜୀବନ ପୁସ୍ତକର ସମସ୍ତ ପୃଷ୍ଠା କ'ଣ ପାରିବ ସିଏ ମୁକ୍ତ କରି ଅନ୍ୟ ପାଖରେ ? ଦୀପା କ'ଣ ପାରିବ ସବୁ ସତ୍ୟକୁ ସାମନା କରି ?

ସତ କହିବା କ'ଣ ନିହାତି ଦରକାର ଦାମ୍ପତ୍ୟ ଜୀବନରେ ? ମିଛ କଥାଟାକୁ କ'ଣ ସତ ଢଙ୍ଗରେ ସତ ଭାବେ ପ୍ରକାଶ କରି ହେବ ନାହିଁ ? କିଏ ଏଠି ଅଭିନୟ ନ କରେ ଯେ ? ମିଛଟାକୁ ସତ ଭାବରେ ରଙ୍ଗେଇବାରେ ଅଭିନୟ ଦକ୍ଷତାର ପ୍ରମାଣ ମିଳେ ।

ମନେ ମନେ ଅନେକ ମିଛ ତା' ଉପରେ ତା' ଉପରେ ଜମେଇ ମିଛର ପାହାଡ଼ଟିଏ ସୃଷ୍ଟି କରୁଥିଲା ସତ୍ୟେନ ।

ଦୀପା ମଧ୍ୟ ସେମିତି ସତ କଥା ସବୁକୁ ଖୋଲିବାକୁ କୁଣ୍ଠିତ ଥିଲା । ଅନ୍ୟ ଆଗରେ ନିଜକୁ ବିବସ୍ତ୍ର କରିବା ହୁଏତ କେବେ ସମ୍ଭବ ହୋଇ ପାରେ; କିନ୍ତୁ ନିଜ ମନକୁ କାହା ଆଗରେ ସଂପୂର୍ଣ୍ଣ ଉଲଗ୍ନ କରିବା ସମ୍ଭବ ନୁହଁ । ନିଜ ଭିତରେ ଏମିତି କଥା ଥାଏ ଯାହା ଅନ୍ୟ ଆଗରେ ପ୍ରକାଶ କରି ହୁଏନା । ଅନ୍ୟ ଆଗରେ ସେ କଥାର ଖିଅଟିଏ ଫିଟିଗଲେ ମୁଠା ମୁଠା ଲାଜର ଅବିର ଫିଙ୍ଗି ହୋଇଯାଏ ମୁହଁସାରା ।

ସତ୍ୟେନ ଓ ଦୀପା ଉଭୟଙ୍କ ହାତ ଦୀପ ଉପରୁ ଉଠି ଆସିଲା । ଫେରିଆସିଲା ନିଜ ନିଜର ପୂର୍ବସ୍ଥାନକୁ । ଦୀପ ଆଲୁଅରେ ସତ୍ୟେନ ଚାହିଁଲା ଦୀପାର ସତେଜ ଓ

ଆନନ୍ଦ ଚନ୍ଦ୍ର ପହି

Digitized by srujanika@gmail.com

ସୁନ୍ଦର ମୁହଁକୁ; ଦୀପା ଚାହିଁଲା ସତ୍ୟେନର ସୌମ୍ୟ ମୁହଁକୁ । ଦୁହିଁଙ୍କ ମୁହଁରେ ଅନେକ କଥା ଚବଚବ । ଓଠ ଦୁଇଟା ଉତ୍ତେଜନାରେ ଥର ଥର ।

ସତ୍ୟେନ ମୁହଁ ଖୋଲିଲା– ତୁମେ ମୋର ଅର୍ଦ୍ଧାଙ୍ଗିନୀ ଦୀପା । ଆମେ ଆଜିଠୁ ପରସ୍ପର ପାଖେ ନିଜ ଶରୀର ବିବସ୍ତ୍ର କରିବାର ସାମାଜିକ ସ୍ୱୀକୃତି ପାଇଛେ । ନିଜ ମନକୁ ବିବସ୍ତ୍ର କରିବା ପାଇଁ କୁଣ୍ଠିତ ହେବା ଠିକ୍ ନୁହଁ । ମନ ଖୋଲିବା ପରେ ହୁଏତ ଦେହ ଖୋଲିବା ସହଜ ହେବ । ମନ ଖୋଲାରେ ସଂକୋଚ ହଟିଯାଇଥିବ, ତ୍ରୁଟି ଯାଇଥିବ ।

ଦୀପା କେବଳ ଖିଲି ଖିଲି ହୋଇ ହସିଲା, କିଛି କହିଲା ନାହିଁ ।

– କଥାଟା ଲୁଚାଇଲେ ବି ଲୁଚେନା ଦୀପା ! ପ୍ରେମ କରିବା ବୟସରେ ପ୍ରେମ ଶୀତଋତୁର ଶୀତ, କାକର, କୁହୁଡ଼ି ପରି; ବର୍ଷାଋତୁର ବର୍ଷା, ବିଜୁଳି, କୁଆପଥର ପରି; ଗ୍ରୀଷ୍ମ ଋତୁର ଟାଇଁ ଟାଇଁ ଖରା ଆଉ ଝାଂଜି ପବନ ପରି ଅତ୍ୟନ୍ତ ସ୍ୱାଭାବିକ । ଏ ବୟସରେ ପବନ ବି ପାଦ ଚିହ୍ନ ଛାଡ଼ିଯାଏ ଛାତିରେ, କଲିଜାରେ ।

ତୁମକୁ ଏବେ ପଚିଶ, ମତେ ଅଠେଇଶ ବର୍ଷ । ଆମେ ପ୍ରେମ କରିନେ ବୋଲି କହିବାରେ ମନା ନାହିଁ । ହୁଏତ ଅନ୍ୟମାନଙ୍କୁ ସେଇଆ କହିବା ହିଁ ସାମାଜିକ ଶାଳୀନତା ହେବ । କିନ୍ତୁ ତୁମେ ମୋତେ କି ମୁଁ ତୁମକୁ ଏକଥା କହିଲେ, ନା ତୁମେ, ନା ମୁଁ କିଏ ବିଶ୍ୱାସ ଯିବ ?

ଦେଉଳରେ ଦିଅଁ ରହିଲେ ପୂଜା ଅର୍ଚ୍ଚନା ଅନିବାର୍ଯ୍ୟ । ପୂଜା ନ ପାଇଲେ ସିଏ କି ଦେଉଳ ନା କି ଦିଅଁ ? ତୁମ ଦେହ ଦେଉଳରେ ପ୍ରେମ କେତେ ବର୍ଷ ହେଲା ଠାଆ ପାରି ବସିଲାଣି ? ଦଶ ବରଷ ଭିତରେ ଅନେକ ରଙ୍ଗରେ ରଙ୍ଗେଇ ଥିବ ତୁମ ଦେହକୁ, ମନକୁ, ପ୍ରାଣକୁ । ତୁମଠି କାଳିସୀ ଲାଗୁଥିବ ବେଳ ଅବେଳରେ । ତୁମକୁ ଉଠାଇ ଥିବ, ପକାଉଥିବ । ସ୍ୱପ୍ନ ଦେଖାଇ ଥିବ ପ୍ରତି ରାତିର ପ୍ରତି ପ୍ରହରରେ । ତମ ମନକୁ ତୁଳା ପରି ଭିଣ୍‌ଭିଣା କରି ଉଡ଼ାଇଥିବ ସାରା ଆକାଶ । ବସନ୍ତର ମୃଦୁ-ମନ୍ଦ-ମଳୟର ଛୁଆଁରେ ପ୍ରତି ମୁହୂର୍ତ୍ତରେ ତୁମ ତନୁ, ମନ, ଅନ୍ତର ରୋମାଞ୍ଚିତ ହୋଇଥିବ । ଗାଆଁ ଦାଣ୍ଡର ବର୍ଷାଧୁଆ ପାଣି ସୁଅରେ କାଗଜ ଡ଼ଙ୍ଗାରେ ବସି ତମ ଦିହ ଛାଡ଼ି ମନଟା ଭାସି ଭାସି ଚାଲି ଯାଉଥିବ ଲବଙ୍ଗ ଦ୍ୱୀପର ସମ୍ଭ୍ରାନ୍ତ ସୁକୁମାର ରାଜକୁମାର ପାଖକୁ । ଏମିତି ଗୋଟେ ସ୍ୱପ୍ନ ବିଭୋର ବୟସରେ କେହି କ'ଣ ବାନ୍ଧିପାରେ ନିଜ ମନକୁ ଦେହ-ଦେଉଳର ନିବୁଜ କୋଠରୀ ଭିତରେ ? ତମେ ବା କେମିତି ପାରନ୍ତ ଦୀପା ? ବିନା ସଂକୋଚରେ ମନ ଖୋଲ ଦୀପା ! ଖୋଲା ମନରେ ଆମେ ଆମର ଜୀବନ ଜିଇବା । ତୁମେ ପ୍ରଥମେ ମନ ଖୋଲ । ଲେଡ଼ିଜ୍ ଫାଷ୍ଟ ।

ଦୀପା କେବଳ ଖିଲି ଖିଲି ହସୁଥିଲା । ଦୀପାର ମନେ ପଡୁଥିଲା, ତା' ଗାଆଁ

Digitized by srujanika@gmail.com

ଝିଅ ରୁମା କଥା । ରୁମା ଅନୁପମା, ଅପରୂପା । ଗାଆଁ ଝିଅ ହେଲେ ବି ତା' ଦେହରୁ ଅପ୍‌ସରୀ ପରି ଜ୍ୟୋତି ବାହାରୁଥିଲା । ବାହାଘରର ଚାରିମାସ ପରେ ରୁମା ଆଉ ତା' ବର ଯାଇଥିଲେ ଜଗନ୍ନାଥ ଦର୍ଶନକୁ ପୁରୀ । ଶ୍ରୀମନ୍ଦିର ବେଢ଼ାରେ ଜଗନ୍ନାଥ ଭୋଗକୁ ହାତରେ ଛୁଆଁଇ ରୁମାକୁ ନିୟମ କରାଇ ଥିଲା ତା' ବର, - ଯାହା କହିବ ସତ କହିବ । ଇଏ ଶ୍ରୀକ୍ଷେତ୍ର, ଶ୍ରୀମନ୍ଦିର । ଆମ ଆଗରେ ଜଗନ୍ନାଥ । ଚାରି କଡ଼େ ଶ୍ରୀମନ୍ଦିର ବେଢ଼ା । ଏଠି ମିଛ କହିଲେ ଛାତି ଫାଟି ଯିବ ଠୋ କରି । ଆମ ବାହାଘର ଆଗରୁ ତୁମର କାହା ସହିତ ପ୍ରେମ ସଂପର୍କ ଥିଲା କି ତମେ କାହାକୁ ଭଲ ପାଉଥିଲ ସତ ସତ କୁହ ।

ପ୍ରତି ଦିନ ତୁଳସୀ ଚଉଁରାରେ ପାଣି ଦେଉଥିବା ସଂଜବତୀ ଜାଳୁଥିବା, ପୂନେଇଁ, ସଂକ୍ରାନ୍ତି ପାଳୁଥିବା ଗାଆଁ ଝିଅ ରୁମାର ପାଟିରୁ ସତ କଥା ଚବକାଏ ହାବୁକା ମାରି ବାହାରି ପଡ଼ିଲା- ଆମ ଗାଆଁ ସାନୁଭାଇଙ୍କୁ ମୁଁ ମନେ ମନେ ଭଲ ପାଉଥିଲି । ସିଏ ଏବେ ଦିଲ୍ଲୀରେ ପଢୁଛନ୍ତି । ଥରଟେ କେବଳ ତାଙ୍କ ସହିତ ମୋର ଚାରି ଚକ୍ଷୁ ମିଳନ ହେଇଥିଲା । ତାଙ୍କ ସହିତ କେବେ କଥାବାର୍ତ୍ତା କରିନାହିଁ କି କେବେ ତାଙ୍କୁ ଚିଠି ଲେଖି ନାହିଁ । ଯା ବିନା ଆଉ କାହା କଥା ମୁଁ ମନରେ ମଧ ଭାବି ନାହିଁ ।

ବାସ୍ ଏତିକି କଥାରେ ରୁମାର ସୁନା ସଂସାର ଚୂନା ହେଇଗଲା । ରୁମାର ବର ତାକୁ ଅସତୀ, ଚରିତ୍ରହୀନା କହି ଘରୁ ତଡ଼ିଦେଲା । ରୁମା ଆଜି ବି ପାଞ୍ଚ ବର୍ଷ ହେଲା ସ୍ୱାମୀ ପରିତ୍ୟକ୍ତା । ସଂଜ ସକାଳେ ଜଗନ୍ନାଥଙ୍କ ଫଟୋରେ ଲୁହ ଢାଳୁଛି । ତା' ସଂସାରକୁ କାହିଁକି ଭାଙ୍ଗିଲେ ବୋଲି ଜଗନ୍ନାଥଙ୍କୁ ଗାଳି ଦଉଛି ।

ସତ୍ୟେନ ପୁଣି ପ୍ରଶ୍ନ କଲେ- କ'ଣ ଏତେ ଭାବୁଛ ଦୀପା ? ଯାହା କହିବାକୁ ଭାବୁଛ ଖୋଲା ମନରେ କୁହ । ଏଇ ବାସର ରାତି ହିଁ ମନ ଖୋଲିବାର ରାତି । ପରସ୍ପର ମନକୁ ପରିଷ୍କାର କରିବାର ସୁଯୋଗ ଏଇ ରାତି ଦିଏ । କୁହ ତୁମେ ଆଗରୁ କାହାକୁ ଭଲ ପାଉଥିଲ ?

ସାମାନ୍ୟ ଗମ୍ଭୀର ହୋଇ ଦୀପା ପ୍ରଶ୍ନ କଲା । ମୁଁ ଯାହା କହିବି ତୁମେ ମୋ କଥାକୁ ସତ ବୋଲି ଧରିନେବ ବୋଲି ଶପଥ କଲେ ମୁଁ ମୋ ମନ ଖୋଲିବି । ତା' ପୂର୍ବରୁ ନୁହେଁ ।

– ତୁମେ ପରା ମୋର ଧର୍ମପତ୍ନୀ । ଅଗ୍ନିକୁ ସାକ୍ଷୀରଖି ତୁମକୁ ମୁଁ ଧର୍ମବିବାହ କରିଛି ବୈଦିକ ରୀତିରେ । ତୁମ ସହିତ ମୋର ଯାହା କାରବାର ସବୁ ସତ୍ୟ ଆଉ ଧର୍ମର । କୁହ ଦୀପା, ତୁମେ ଯାହା କହିବ ସବୁ ମୁଁ ବିଶ୍ୱାସ କରିବି । ଏଇ ଦୀପକୁ ସାକ୍ଷୀ ରଖି ମୁଁ ଶପଥ କରୁଛି ।

ଦୀପା ସତ୍ୟେନର ହାତ ମାଗିଲା । ସତ୍ୟେନ ନିଃସଙ୍କୋଚରେ ହାତଟା ବଢ଼ାଇ ଦେଲା । ଦୀପା ସତ୍ୟେନର ହାତଟାକୁ ନିଜ ହାତ ଭିତରେ ଚାପିଧରି କହିଲା- ମୋତେ

Digitized by srujanika@gmail.com

ବିଶ୍ୱାସ କର, ମୁଁ ସତ କହୁଛି, ମୁଁ ଆଗରୁ ଆଉ ଜଣକୁ ଭଲ ପାଉଥିଲି । ତୁମକୁ ବିବାହ କଲାପରେ ବି ତାକୁ ଭଲ ପାଉଛି । ଅନନ୍ତ ଜୀବନ ପର୍ଯ୍ୟନ୍ତ ତାକୁ ଭଲ ପାଇବି ।

ସତ୍ୟେନ ଚମକି ପଡ଼ିଲା । ତା' ଭିତରେ ଥିବା ସମସ୍ତ ପ୍ରତ୍ୟୟ ଭାଙ୍ଗି ଚୁନ୍‌ଚୂନା ହୋଇଗଲା । ଦୀପା ମୁହଁ କିନ୍ତୁ ସେମିତି ହସହସ ଆଉ ନିର୍ବିକାର । ସତ୍ୟେନ କିଛିଟା ଭୟଭୀତ । କିଛିଟା ସଂକୁଚିତ ହୋଇ ଭଙ୍ଗାଭଙ୍ଗା କଣ୍ଠରେ ପଚାରିଲା-ତୁମେ କାହାକୁ ଭଲ ପାଅ ଦୀପା ? ସେ ଭାଗ୍ୟବାନଟି କିଏ ?

ଦୀପା କିନ୍ତୁ ସେମିତି ହସି ହସି ପ୍ରଶ୍ନକଲା- କିଏ ହୋଇପାରେ ବୋଲି ତମର ଧାରଣା ? ଆରେ ତମେ ତ ରୀତିମତ ଭୟ ପାଇଗଲା ପରି ଦିଶୁଚ । କାହାକୁ ସହ୍ୟ କରିବା ପରି ତମର ଯଦି ଉଦାରତା ନାହିଁ, ତା'ହେଲେ ତୁମେ ଏମିତି ଗୋଟେ ଭୟଙ୍କର ପ୍ରଶ୍ନ ପଚାରୁଥିଲ କାହିଁକି ?

ସତ୍ୟେନ ନିଜ ଭୟକୁ ନିଜ ଭିତରେ ଚାପିରଖି ମୁହଁରେ କୃତ୍ରିମ ହସ ଆଣିବାକୁ ଚେଷ୍ଟାକରି କହିଲା– ତୁମେ କୁହ ଦୀପା । ସତ୍ୟ ଯେତେ ଭୟଙ୍କର ଆଉ ନିଷ୍ଠୁର ହେଲେ ବି ତାକୁ ସହ୍ୟ କରିବା ପରି କଲିଜା ସତ୍ୟେନର ଅଛି ।

ଦୀପା ଖୁବ୍ ସହଜ କଣ୍ଠରେ କହିଲା- ମୁଁ ମୋ ନିଜକୁ ହିଁ ଆଜିଯାଏ ଭଲ ପାଇ ଆସିଛି, ଏବଂ ଜୀବନର ଅବଶିଷ୍ଟ ସମୟତକ ମଧ୍ୟ ମୁଁ ନିଜକୁ ଭଲ ପାଇବି ।

ମୁହଁ ଉପରକୁ ଉଠିଆସୁଥିବା ଝାଳବିନ୍ଦୁଗୁଡ଼ାକୁ ରୁମାଲରେ ପୋଛିଆଣି ହୋ ହୋ ହୋଇ ହସି ଉଠିଲା ସତ୍ୟେନ । ଖୁବ୍ ବଡ଼ ପାଟିରେ ଘୋଷଣା କଲା– ସତରେ ଦୀପା, ମୁଁ ଖୁବ୍ ଭୟ ପାଇଯାଇଥିଲି । ମୁଁ ଭାବିଥିଲି ସତରେ ତମେ ତମର କଲେଜ ଜୀବନର କେଉଁ ସୌମ୍ୟକାନ୍ତ ଯୁବକକୁ ମନଟା ଦେଇ କେବଳ ଦେହଟା ମୋ ପାଖକୁ ନେଇକି ଆସିଚ । ଜୀବନ ନ ଥିଲେ ଦେହଟା ଯେମିତି ଶବ, ମନଟା ନ ଥିଲେ ଦେହଟା ସେମିତି ଶବ ନ ହେଲେ ବି ସେଟା ମଣିଷ ନୁହଁ କେବଳ ଦେହ । ଖାଲି ଦେହଟାକୁ ନେଇ ଦାମ୍ପତ୍ୟ ଜୀବନ ଜିଇ ହୁଏ ନାହିଁ । ମନ ଉଡ଼ିଯାଇଥିବା ଦେହ ଆଉ ପବନ ବାହାରିଯାଇଥିବା ପେଣ୍ଡୁ ସମତଳ ପଡ଼ିଆରେ ବି ଗତି କରେ ନାହିଁ ।

ମୁଁ ଅତ୍ୟନ୍ତ ଭାଗ୍ୟବାନ ଯେ ତମେ ମନ କାହାକୁ ଦେଇନା । ତାହା ତମ ପାଖରେ ସହିସଲାମତ ଅଛି । ତୁମ ଦେହ ଓ ମନ ତୁମ ଅଧୀନରେ ଅଛି ଆଉ ତମେ ଆଜି ଉଭୟକୁ ମୋ ହାତକୁ ଟେକିଦେବ । ଆଉ ତମେ ଯାହା କହୁଛ ତମେ ନିଜକୁ ଭଲ ପାଅ ବୋଲି, ସେଟା ତ ସ୍ୱାଭାବିକ କଥା । ପ୍ରତି ମଣିଷ ନିଜକୁ ଭଲପାଏ । ନିଜକୁ ଭଲ ନ ପାଇଲେ ଅନ୍ୟକାହାକୁ ଭଲ ପାଇ ହୁଏନା । ନିଜକୁ ଭଲ ପାଇବା ହିଁ ଭଲ ପାଇବାର ମୂଳ ।

ଦୀପା ପୁଣି କହିଲେ– ମୋର କେତେଟା କଥା ଆଜି କହିବାର ଅଛି । ସେସବୁ

Digitized by srujanika@gmail.com

ତୁମକୁ ଆଘାତ ଦେଇପାରେ । ତୁମେ ଯଦି ଅନୁମତି ଦେବ ମୁଁ ପ୍ରକାଶ କରିବି ।

ସତ୍ୟେନ ଦୀପାକୁ ନିବିଡ଼ ଭାବେ ଆଲିଙ୍ଗନ କରି କହିଲା– ଦୁଇଟି ଦେହ ମିଶି ଆଜିଠୁ ଗୋଟିଏ ହେବ । ଦୁଇ ମନ, ଦୁଇ ହୃଦୟ ଏକ ହେବ । ଦୁଇ ଜଣଙ୍କ କଥା ବି ଗୋଟିଏ ହେବ । ତୁମେ କୁହ, ଯାହା କହିବାକୁ ଚାହୁଁଚ ।

ଦୀପା ସତ୍ୟେନଙ୍କ ଆଲିଙ୍ଗନ ଭିତରେ ଥାଇ କହିଲା– ମୋତେ କଥା ଦିଅ, ମୁଁ ଯାହା କହିବି ତୁମେ ତାହା ରକ୍ଷା କରିବ ।

ସତ୍ୟେନ ଦୀପାର ଓଠରେ ମୁହଁ ଲଗାଇ କହିଲା– କୁହ ତୁମେ ଯାହା କହିବ ମୁଁ ନିଶ୍ଚୟ ରଖିବି ।

ଦୀପା ସତ୍ୟେନର ବେକରେ ହାତ ଛନ୍ଦି କହିଲା– ମୁଁ ଗର୍ଭଧାରଣକୁ ଭୟକରେ । ଗର୍ଭଧାରଣ ପରି ଏକ କଠୋର କାମ ମୁଁ କରିପାରିବି ନାହିଁ । ଗର୍ଭଭାର, ପ୍ରସବ ବେଦନା, ପ୍ରସବ ସମୟର ଜୀବନ ମରଣ ସମସ୍ୟା ଯୋଗୁ ମୁଁ ବିଭାଘରକୁ ଭୟ କରୁଥିଲି । ଏକଥା ମୁଁ କାହା ଆଗରେ ପ୍ରକାଶ କରି ନ ପାରି.......... ।

ସତ୍ୟେନର ମୁହଁ ପୁଣି କଠୋର ହୋଇଗଲା । ଆଲିଙ୍ଗନବଦ୍ଧ ହାତ ଦୁଇଟା ଦେହର ଦୁଇପଟରେ ଦୁଇଟା ବାଡ଼ିପରି ତଳେ ପିଟି ହୋଇଗଲା । ଦୀପାର ହାତକୁ ନିଜ ଗଳାରୁ ଫିଟାଉ ଫିଟାଉ ସତ୍ୟେନ ପଚାରିଲା– ତୁମେ ତା'ହେଲେ ବିବାହ କରୁଥିଲ କାହିଁକି ? ତୁମେ ତ ବିବାହ ପୂର୍ବରୁ ଏମିତି ସର୍ତ୍ତ ରଖି ନ ଥିଲ ।

ଦୀପା ଯୁକ୍ତି କଲା– ବିବାହ ସମ୍ବନ୍ଧରେ ଝିଅମାନଙ୍କର କୌଣସି ସର୍ତ୍ତ କେବେ ରହେନା । ବିବାହ ପୂର୍ବରୁ ଏମିତି ଗୋଟେ ସର୍ତ୍ତ ରଖିବା ମୋ ପକ୍ଷେ ସମ୍ଭବ ନ ଥିଲା । ଆଜି ମୁଁ ତୁମର ବିବାହିତା ସ୍ତ୍ରୀ ହୋଇ ସାରିବା ପରେ ମଧ୍ୟ ମୋର ଏ କଥା ଶୁଣି ତୁମେ ରାଗିଯାଉଛ । ଏମିତି ଅନେକ ସ୍ୱପ୍ନ, ଅନେକ ପରିକଳ୍ପନା ଅର୍ଣ୍ଣିରେ ପୂରାଇ ଝିଅମାନେ ସ୍ୱାମୀର ସଂସାରରେ ପାଦ ଦିଅନ୍ତି; କିନ୍ତୁ ସେମାନଙ୍କ ସେ ସ୍ୱପ୍ନ ଆଉ ପରିକଳ୍ପନା ସେମାନେ ପ୍ରକାଶ କରିବାର ଅବକାଶ ପାଆନ୍ତି ନାହିଁ । ସ୍ୱାମୀର ଖିଆଲି ମନତଳେ ସେ ସବୁ ଚାପିହୋଇ ରହିଯାଏ ଚିରଦିନ ।

ତୁମେ ମନ ଖୋଲିବାକୁ ମତେ ସୁଯୋଗ ଦେବାରୁ ମୁଁ ମୋ ମନକଥା ପ୍ରକାଶ କଲି । ତୁମେ ଯଦି ରାଗୁଛ, ମୋ କଥା ମୁଁ ଫେରାଇ ନେଉଛି । ଆଉ କଥା ଦେଉଛି କେବେହେଲେ ଏମିତି ଇଚ୍ଛା ମୁଁ ପ୍ରକାଶ କରିବି ନାହିଁ । ଝିଅମାନେ ବିବାହ ପରେ ଡମି ହୋଇ ଯାଆନ୍ତି । ମୁଁ ଡମି ହେବି । ତୁମର ଡମି । ମୋ ଭିତରୁ ମୋ ନିଜକୁ କାଢ଼ି ତୁମ ଇଚ୍ଛା, ରୁଚିକୁ ଥୋଇ ମୁଁ ତୁମର ଡମି ହେବି । ଭୁଲ୍ ଡିଜାଇନ୍‌ର ସ୍ୱେଟରକୁ ଫିଟାଇବା ପରି ମୁଁ ନିଜକୁ ଫିଟାଇ ତୁମ ଡିଜାଇନ୍‌ରେ ପୁଣିଥରେ ବୁଣିବି ।

– ଏଇ ତ ଗଲା ତୁମ ମନକଥା । ମୋ ମନକଥା ତୁମକୁ ଶୁଣିବାକୁ ହେବ

Digitized by srujanika@gmail.com

ଦୀପା । ମୋ ପରିକଳ୍ପନା ଭିତରେ ଅଛି ଗୋଟିଏ ସନ୍ତାନ ସିଏ ପୁଅ ହେଉ କି ଝିଅ ହେଉ । ବାସ୍ ଗୋଟିଏ ସନ୍ତାନ । ଖୁବ୍ ସୁନ୍ଦର । କୁନି କୁନି ଆଖି, କୁନି କୁନି ପାଦ, ଠୁକୁ ଠୁକୁ ଚାଲି, ଦରୋଟି ହସ । ତୁମେ ଗର୍ଭଧାରଣ କର କି ଟେଷ୍ଟଟିଉବ ବେବି ଗ୍ରହଣ କର । ମୋର କିନ୍ତୁ ଗୋଟିଏ ସନ୍ତାନ ଦରକାର ଯିଏ ଆମ ଦୁହିଁଙ୍କୁ ଆମ ମୃତ୍ୟୁପରେ ଏ ପୃଥିବୀରେ ବଞ୍ଚାଇ ରଖିବ । ତୁମେ ଆଜି କହୁଛ ମୁଁ ଗର୍ଭଧାରଣ କରିବାକୁ ଭୟକରେ, କିନ୍ତୁ ଆଉ ଦୁଇ ତିନି ବର୍ଷ ପରେ ଗର୍ଭଧାରଣ ପାଇଁ ବ୍ୟାକୁଳ ହେବ । ସନ୍ତାନର ସୁଖ ତୁଳନାରେ ଗର୍ଭଧାରଣ କି ପ୍ରସବ ବେଦନା ଦୁଃଖ କିଛି ନୁହଁ ।

— ସନ୍ତାନଟିଏ ପାଇଁ ଯେ କୌଣସି ବିବାହିତା ନାରୀ ବ୍ୟାକୁଳ ହେବା କଥା ଚଂଦ୍ର ସୂର୍ଯ୍ୟ ପରି ସତ୍ୟ । ସନ୍ତାନଟିଏ ବିନା ଦାମ୍ପତ୍ୟ ଜୀବନର ବୃତ୍ତ ଅସଂପୂର୍ଣ୍ଣ ରହେ । ବଂଶଧାରା ଆଗକୁ ପ୍ରସରି ନ ପାରି ସ୍ଥିର ରହିଯିବ ଦୁହିଙ୍କ ପାଖରେ । ଆମ ନାଆଁ ଲିଭିଯିବ ତେଲ ନ ଥିବା ଦୀପ ପରି । ତେଣୁ ମୁଁ ମଧ ସନ୍ତାନ ପାଇଁ ଆଗ୍ରହୀ ସତ୍ୟେନ୍ ।

ଦୀପାଙ୍କର ଏମିତି ପରସ୍ପରବିରୋଧୀ କଥା ଶୁଣି ସତ୍ୟେନ ବିସ୍ମିତ ହେଲେ । ଏ ପ୍ରେମ ପାଗଳ ଝିଅମାନଙ୍କ କଥା, କାମ ଓ ଭାବନରେ ଅନେକ ସମୟରେ ମେଳ ରହେ ନାହିଁ । ସତ୍ୟେନ ଦୀପାଙ୍କୁ ଚାହିଁ ସାମାନ୍ୟ ହସି ପ୍ରଶ୍ନ କଲେ- ବାସର ରାତିର ଖୁସିରେ ଆତ୍ମହରା ହୋଇ ମ୍ୟାଡ଼ମ କ'ଣ କାର୍ଯ୍ୟ କାରଣର ସଂପର୍କ ଭୁଲି ଯାଇଛନ୍ତି ? ସତ୍ୟବାନଙ୍କ ମୃତ୍ୟୁପରେ ସାବିତ୍ରୀ ଯମରାଜଙ୍କୁ ପୁତ୍ରବର ମାଗିବା ପରି ଅସମ୍ଭବ ଓ ଅଯୁକ୍ତିକର କଥା ତୁମେ କହୁଛ । ସେମିତି ବର ପ୍ରଦାନ କରିବା ସିନା ଯମରାଜାଙ୍କ ପରି ଜଣେ ବିଶିଷ୍ଟ ଦେବତାଙ୍କ ପକ୍ଷେ ସମ୍ଭବ ହୋଇଥିଲା, ଆମ, ତମ ଦ୍ୱାରା କ'ଣ ସେସବୁ ସମ୍ଭବ ? ତୁମେ ଗର୍ଭଧାରଣ କରିବାକୁ ଭୟକର ପୁଣି ସନ୍ତାନ ଆଶା ରଖୁଛ କିପରି ? କ'ଣ ଟେଷ୍ଟଟ୍ୟୁବ ବେବିର ଆଶା ରଖିଛ ?

ଦୀପା ହସି ହସି ଉତ୍ତର ଦେଲେ— ନା, ମିଷ୍ଟର ! ମୁଁ ଟେଷ୍ଟଟ୍ୟୁବ ବେବି ପ୍ରସ୍ତାବକୁ ଗ୍ରହଣ କରେ ନାହିଁ । ଆମ ରାଜ୍ୟରେ ଟେଷ୍ଟଟ୍ୟୁବ ବେବି ଏଯାଏ ସମ୍ଭବ ହୋଇନାହିଁ । ଯଦିବା କେଉଁଠି ସମ୍ଭବ ହୋଇଥିବ ମୁଁ ତା'ର ହିସାବ ରଖିନାହିଁ । ଟେଷ୍ଟଟ୍ୟୁବ ବେବି ବିଷୟରେ ମୋର ଧାରଣା ଖୁବ୍ ସୀମିତ । ସେମିତିଆ ଶିଶୁର ସ୍ୱାସ୍ଥ୍ୟ ଓ ଭବିଷ୍ୟତ ଜୀବନ ବିଷୟରେ ଏବେ ବି ମଣିଷ ସମାଜ ଅନିଶ୍ଚିତ । ତା' ଛଡ଼ା ଆମପରି ନିମ୍ନ ମଧ୍ୟବିତ୍ତ ପରିବାର ଟେଷ୍ଟଟ୍ୟୁବ ବେବିର ଖର୍ଚ୍ଚ ବହନ କରିବାକୁ ହୁଏତ ସମର୍ଥ ନ ହୋଇପାରେ ।

—ଆଉ ତେବେ ତୁମେ କେମିତି ମାଆ ହେବ ଦୀପା ? ନିଜେ ଗର୍ଭଧାରଣ କରିବ ନାହିଁକି ଟେଷ୍ଟଟ୍ୟୁବ ବେବି ଗ୍ରହଣ କରିବ ନାହିଁ । ଯା' ଛଡ଼ା ତୃତୀୟ ପନ୍ଥା କିଛି ଥିଲାପରି ମୋତେ ତ ଜଣା ନାହିଁ ।

ଦୀପା ହସ ହସ ଆଖିରେ ସତ୍ୟେନଙ୍କୁ ଚାହିଁ ଖୁବ୍ ସହଜ କଣ୍ଠରେ ଉତ୍ତର

Digitized by srujanika@gmail.com

ଦେଲା– ତୃତୀୟ ପନ୍ଥା ଅଛି । ଏ ପନ୍ଥା ଟେଷ୍ଟଟ୍ୟୁବ ବେବି ପରି ଅର୍ବାଚୀନ ନୁହଁ ଖୁବ୍ ପ୍ରାଚୀନ । ଆମ ପରଂପରାସମ୍ମତ । ଅତୀତରେ ଅନେକ ନଜିର ଅଛି ଯାର । ଯଶୋଦାଙ୍କର ନିଜର ସନ୍ତାନ ନ ଥିଲା, କିନ୍ତୁ କୃଷ୍ଣ ତାଙ୍କର ଅତି ଆଦରର ସନ୍ତାନ ଥିଲେ । ଯଶୋଦା କୃଷ୍ଣଙ୍କୁ ଗର୍ଭରେ ଧାରଣ କରି ନ ଥିଲେ କି କୃଷ୍ଣ ତାଙ୍କର ଟେଷ୍ଟଟ୍ୟୁବ ବେବି ନ ଥିଲେ । କୃଷ୍ଣଙ୍କୁ ପାଇ ନନ୍ଦ, ଯଶୋଦା ଦୁହେଁ ଧନ୍ୟ ହୋଇ ଯାଇଥିଲେ ।

ଗର୍ଭରେ ଥିବା ସନ୍ତାନଟି କଳା କି ଗୋରା, ସର୍ବାଙ୍ଗ ସୁନ୍ଦର କି ସଂପୂର୍ଣ୍ଣ ବିକଳାଙ୍ଗ କିଛି ନ ଜାଣି ମଧ୍ୟ ମାଆ ତାକୁ ଦଶମାସ ଗର୍ଭରେ ଧାରଣ କରି ମରଣାନ୍ତକ ପ୍ରସବ ବେଦନା ସହି ତାକୁ ଜନ୍ମଦିଏ । ବିକଳାଙ୍ଗ ଶିଶୁଟି ଜନ୍ମିଥିଲେ ମଧ୍ୟ ତାକୁ ଗ୍ରହଣ କରିବା ବ୍ୟତୀତ ତା' ପାଇଁ ଅନ୍ୟବାଟ ନ ଥାଏ । କିନ୍ତୁ ପୋଷ୍ୟ ସନ୍ତାନଟିଏ ଗ୍ରହଣ କରିବାରେ ଅନେକ ଅପ୍ସନ ଖୋଲାଥାଏ ଦମ୍ପତିଙ୍କ ପାଖରେ । ଆବଶ୍ୟକ ମୁତାବକ ଶିଶୁଟିଏ ଆଡପ୍ଟ କରିବାରେ ସ୍ୱାଧୀନତା ମିଳେ । ଆମେ ଇଚ୍ଛା କଲେ ବିଭାଘର ଦିନ ଶିଶୁଟିଏ ଗ୍ରହଣ କରିପାରିବା, କିମ୍ବା ବିଭାଘରର ପାଞ୍ଚ ସାତବର୍ଷ ପରେ କି ଦଶବର୍ଷ ପରେ ଯେବେ ଇଚ୍ଛା କରିବା ସେବେ ଗ୍ରହଣ କରିପାରିବା । ପୁତ୍ର ଗ୍ରହଣ କରିବା କିମ୍ବା କନ୍ୟା ଗ୍ରହଣ କରି ପାରିବା; ଅଥବା ପୁତ୍ର, କନ୍ୟା ଉଭୟ ଗ୍ରହଣ କରିପାରିବା । ଅନାଥାଶ୍ରମର ଶିଶୁଟିଏ ଗ୍ରହଣ କରି ପାରିବା କିମ୍ବା ଆମ ଚାରିପାଖରେ ଯେକୌଣସି ଲୋକର ବଳକା ସନ୍ତାନଟିକୁ ଗ୍ରହଣ କରିପାରିବା ।

ଦୀପାଙ୍କ ପ୍ରସ୍ତାବ ଧୀରେ ଧୀରେ ସତ୍ୟେନଙ୍କୁ ପ୍ରଭାବିତ କରୁଥିଲା । ସତ୍ୟେନଙ୍କ ମୁହଁରେ ଦୀପାଙ୍କ ପ୍ରସ୍ତାବକୁ ଗ୍ରହଣ କରିଥିବା ପରି ସୂଚନା ସ୍ପଷ୍ଟ ହେଉଥିଲା । ଜଳୁଥିବା ଘିଅ ଦୀପଟାକୁ ଫୁଙ୍କି ଦେଇ ଦୀପାଙ୍କୁ ନିଜ ଆଡ଼କୁ ଟାଣି ଆଣିଲେ ସତ୍ୟେନ । ଦୀପା ନିଜକୁ ସତ୍ୟେନଙ୍କୁ ସଂପୂର୍ଣ୍ଣ ସମର୍ପଣ କରି ଦେବା ପୂର୍ବରୁ ଔଷଧ ବଟିକାଟିଏ ତକିଆ ତଳୁ କାଢ଼ିଆଣି ପାଟିକୁ ପକାଇ ଦେଲେ ।

□□

ଆନନ୍ଦ ଚନ୍ଦ୍ର ପତି

Digitized by srujanika@gmail.com

ଆମେରିକାନ୍ ସାର୍ଟ

କୁଆଡ଼େ ବାହାରିଚ ଶୁଣେ ?

ସୁନୀତାଙ୍କ କଥା ପ୍ରତି କାନ ନ ଦେଇ ନିଜ ପୋଷାକକୁ ଭଲ ଭାବରେ ସଜାଡ଼ି ନେଇ ମୁଣ୍ଡ ବାଳରେ ଶେଷ ସ୍ପର୍ଶ ଦେଲେ ଅଶୋକ । ନଇଁ ପଡ଼ି ଜୋତାର ଫିତା ବାନ୍ଧିଲେ । ସ୍କୁଟରଟା ବାହାର କଲେ ।

ସୁନୀତା ଆଉ ଟିକେ ଉଚ୍ଚ କଣ୍ଠରେ ପଚାରିଲେ– ଏତେ ସକାଳୁ କୁଆଡ଼େ ପୋଷାକ ପିନ୍ଧି ବାହାରିଲ ? ଆଜି ରବିବାର । ମୋ ଭାଇ ଆସିବେ ବୋଲି ଚିଠି ଦେଇଛନ୍ତି । ଯୁଆଡ଼େ ଯାଉଛ ଯା, କିନ୍ତୁ ମାଛ ଦେଇ କି ଯା ।

ଅଶୋକ ମୁଣ୍ଡରେ ହେଲ୍‌ମେଟ୍ ପିନ୍ଧୁ ପିନ୍ଧୁ ଅତି ସହଜ କଣ୍ଠରେ ଉତ୍ତର ଦେଲେ– ତୁମ ଭାଇଙ୍କ ଚିଠି କେବଳ ତମେ ପଢ଼ିନ ମତେ ବି ପଢ଼ାଇଚ । ମାଛ ଆଣିବା ଆଦେଶଟା ତମେ ତିନିଦିନ ତଳୁ ମୋ ଉପରେ ଜାରି କରି ସାରିଛ । ମୁଁ ତା'ର ବ୍ୟବସ୍ଥା କରି ଦେଇଯାଉଛି । ନାୟକବାବୁଙ୍କ ହାତରେ ଟଙ୍କା ଦେଇଛି, ସିଏ ନଅଟା ଭିତରେ ମାଛ ଆଣି ତୁମକୁ ଦେବେ । ମୁଁ ଫେରୁ ଫେରୁ ଡେରି ହେବ । ମତେ ଅପେକ୍ଷା କରିବ ନାହିଁ, ମୁଁ ସିଆଡୁ ଖାଇକି ଆସିବି ।

– କୁଆଡ଼େ ଯାଉଛ ? କୋଉଠି କ'ଣ ଖାଇବ ?

– କାଲି ମଧୁଭାଇଙ୍କ ସହିତ ବଜାରରେ ଦେଖାହେଲା । ତାଙ୍କର ଦିଲ୍ଲୀରୁ ଭୁବନେଶ୍ୱର ବଦଳି ହୋଇ ଯାଇଛି । ଦୁଇମାସ କି ତିନିମାସ ହେଲା ସିଏ ଭୁବନେଶ୍ୱରରେ ରହୁଚନ୍ତି । ସିଏ ମତେ ତାଙ୍କ ଘରକୁ ଡ଼ାକିଛନ୍ତି ।

– ଏ ମଧୁଭାଇଟି କିଏ ? ମାମୁ ପୁଅ ଭାଇ ନା ମାଉସୀ ପୁଅ ଭାଇ ?

ଆନନ୍ଦ ଚନ୍ଦ୍ର ପଣ୍ଡା

Digitized by srujanika@gmail.com

କାହିଁ ଏ ଭାଇଙ୍କ ନାଁ ତ ମୁଁ ଆଗରୁ କେବେ ଶୁଣି ନ ଥିଲି ?

ଅଶୋକ ଟିକେ ମୁରୁକି ହସା ଦେଇ କହିଲେ– ଝିଅ ପିଲାଙ୍କର ଏମିତି ଲେଖା ଯୋଖା ଅନେକ ଭାଇ ଥାଆନ୍ତି । ଆମର ସେମିତିଆ ଭାଇ କେହି ନାହାଁନ୍ତି ।

– ଲେଖାଯୋଖା ଭାଇ ନ ଥିଲେ କ'ଣ ହେବ ଲେଖାଯୋଖା ଭଉଣୀ ତ ଥିବେ ? ଛାଡ଼ ସେ କଥା । ଆଜୁ ଖୋଳୁଖୋଳୁ ମହାଦେବ ବାହାରିବେ । ଏ ରବିବାର ସକାଳଟା ମାଟି ହୋଇଯିବ । ସେ ମଧୁଭାଇଟି କିଏ, ଆଉ ତାଙ୍କ ସହିତ ତୁମର କି ସଂପର୍କ ସେ କଥା କହିବାରେ ଯଦି ଆପତ୍ତି ନଥାଏ ତେବେ କହିପାର ।

ଅଶୋକ ହସିଲେ– ପୁରୁଷ ପୁଅର ଜୀବନ ଖୋଲା ପୃଷ୍ଠା । କାହାକୁ ଜଣାଇବାରେ କିଛି ଆପତ୍ତି ନାହିଁ । ଏ ମଧୁଭାଇ ମୋର ରକ୍ତ ସଂପର୍କର ଭାଇ ନୁହଁନ୍ତି । କିନ୍ତୁ ମାଆ ପେଟର ଭାଇଠୁ ମୁଁ ତାଙ୍କୁ ଅଧିକ ଭଲ ପାଏ । ସିଏ ଆମ ଗାଆଁ ମାଧ ମହାନ୍ତିଙ୍କ ବଡ଼ପୁଅ । ମୋଠୁ ବୟସରେ ବଡ଼ । ପାଣିବୁଡ଼ା, ମାଛଧରା, ବାଗୁଡ଼ି ଖେଳ, ଚିତ୍ରଅଙ୍କା, ଗୀତବୋଲା ଆଉ ପାଠ ସିଏ ସବୁଥିରେ ଧୁରନ୍ଧର । ଆମ ସ୍କୁଲରେ ମଧୁ ଭାଇ ସବୁଥିରେ ଫାଷ୍ଟ ହେଉଥିଲେ । ମଧୁଭାଇଙ୍କୁ କ'ଣ ନ ଆସେ ଏମିତି କଥା ନାହିଁ ।

ଥରେ ମୁଁ କହିଲି– ମଧୁଭାଇ ତମେ ତାଳଗଛରେ ଚଢ଼ିପାରିବ ? ସିଏ ତତ୍‌କ୍ଷଣାତ୍ ଖପାଖପ୍ ମାଙ୍କଡ଼ ପରି ତାଳଗଛରେ ଚଢ଼ିଗଲେ ।

ମଧୁଭାଇଙ୍କର ଘନିଷ୍ଠ ହେବାକୁ ଆମ ସ୍କୁଲର ସବୁ ପିଲାଙ୍କ ଭିତରେ ପ୍ରତିଯୋଗିତା ଚାଲିଥିଲା । ମୁଁ ସେ ପ୍ରତିଯୋଗିତାରେ ନ ଥିଲେ ମଧ ମଧୁଭାଇ ତାଙ୍କ ତରଫରୁ ମୋତେ ବହୁତ ଶ୍ରଦ୍ଧା କରୁଥିଲେ । ପ୍ରତିଦିନ ସଂଧ୍ୟା ବେଳେ ନଈକୂଳ ଆଡ଼େ ଆମେ ସାଙ୍ଗ ହୋଇ ବୁଲି ଯାଉଥିଲୁ । କୋଳିଖିଆ, ଦୋଳିଖେଳ ସବୁଠି ଆମେ ଦୁହେଁ ଏକାଠି ଥିଲୁ ।

ସୁନୀତା କଥା ମଝିରେ ପ୍ରତିବନ୍ଧକ ସୃଷ୍ଟି କଲେ- ଇଏ ତ ଗଲା ତୁମ ମଧୁଭାଇଙ୍କ ପିଲାଦିନର ମଧୁର ଇତିହାସ, ବର୍ତ୍ତମାନ ସିଏ କ'ଣ କରୁଛନ୍ତି ?

– ବର୍ତ୍ତମାନ ସିଏ ଜୀବନବୀମାର ରିଜିଓନାଲ୍ ମ୍ୟାନେଜର। ଚାକିରି ଆରମ୍ଭରୁ ବମ୍ବେ, ଅମୃତସର, ଗୋଆ, କେରଳ, ବାଙ୍ଗାଲୋର ଓ ଦିଲ୍ଲୀ ହୋଇ ଏବେ ସିଏ ଭୁବନେଶ୍ୱର ଆସିଛନ୍ତି ।

ସୁନୀତା ଆଉ କିଛି ପ୍ରତିବାଦ ନ କରି କହିଲେ– ଶୀଘ୍ର ଫେରିବ । ଭାଇଙ୍କର ସ୍କୁଟର ଦରକାର ପଡ଼ିପାରେ ।

ଶୀଘ୍ର ଫେରିବା ପାଇଁ ସମ୍ମତିସୂଚକ ଭଙ୍ଗିରେ ମୁଣ୍ଡ ହଲାଇ ସ୍କୁଟରରେ ଷ୍ଟାର୍ଟ ଦେଲେ ଅଶୋକ । ଘରୁ ବାହାରିବାର ପନ୍ଦର ମିନିଟ୍ ଭିତରେ ବରମୁଣ୍ଡା ହାଉସିଂ କଲୋନୀରେ ପହଞ୍ଚି ଗଲେ । ଏଚ.ଆଇ.ଜି. ସ୍କିମ୍‌ର ଡୁପ୍ଲେକ୍ସ ଘରଟିଏ । ବାଆଁ

Digitized by srujanika@gmail.com

ପଟରେ ଗ୍ୟାରେଜ । ଧଳା ରଙ୍ଗର ବିଦେଶୀ କାର୍‌ଟିଏ ଦୁଧଭାତ ଖିଆ ଗେହ୍ଲେଇ ବିଲେଇ ପରି ଗ୍ୟାରେଜରେ ଶୋଇଛି । ଆଗରେ ଫୁଲ ବଗିଚା । ବୁଗେନ୍‌ଭିଲିଆ, ଜିନିଆ, ଗେଣ୍ଡୁ, ଡାଲିଆ, ଗୋଲାପ ଆଦି ଭିନ୍ନ ଭିନ୍ନ ଫୁଲ ଓ କ୍ରୋଟନ୍, ଥୁଜା, କାକ୍‌ଟସ୍ ପରି ଡେକୋରେଟିଭ୍ ପ୍ଲାଣ୍ଟରେ ବଗିଚାଟା ଭରପୂର । ଡାହାଣ ପାଖକୁ କଟା ଘାସର ବର୍ଗାକାର ଭେଲ୍‌ଭେଟ୍ ପଡ଼ିଆ ।

ଫାଟକରେ ହାତ ଛୁଇଁବା ମାତ୍ରେ ଦୁଇଟା କୁକୁରଙ୍କ ଗର୍ଜନରେ ଚମକି ପଡ଼ି ଚାରିପାଦ ପଛକୁ ହଟି ଆସିଲେ ଅଶୋକ । ତଥାପି କୁକୁର ଦୁଇଟା ଚୋର ଦେଖିବା ପରି ଭୁକି ଚାଲିଥାନ୍ତି । କୁକୁରଙ୍କ କଣ୍ଠ ସ୍ୱରରୁ ସ୍ପଷ୍ଟ ବାରି ହେଉଥିଲା ତାଙ୍କ ବ୍ରିଡ୍ । ଗୋଟେ ଗ୍ରେ ହାଉଣ୍ଡ୍, ଅନ୍ୟଟା ଆଲ୍‌ସିସିଆନ୍ ।

ଆଗନ୍ତୁକ ଓ ଅତିଥିମାନଙ୍କୁ କୁକୁରମାନଙ୍କ ଦ୍ୱାରା ଏମିତି ଭର୍ତ୍ସନା କରୁଥିବା ମଣିଷ ଘରକୁ ଯିବାକୁ ଅଶୋକଙ୍କର ଢେର ଅନିଚ୍ଛା । ଫାଟକ ବାହାରେ ଠିଆ ହୋଇ ମଧ ଫେରିଯିବାକୁ ସାହସ କରି ପାରୁ ନ ଥିଲେ । କୁକୁର ଦୁଇଟା ଅନାୟାସରେ ଝପଟି ଆସି ତାଙ୍କ ଉପରକୁ କୁଦି ପଡ଼ିବାର ଖୁବ୍ ଆଶଙ୍କା ଥିଲା । କୁକୁର ଦୁଇଟା ଜଂଜିରରେ ବନ୍ଧା ଯାଇ ଗର୍ଜୁଛନ୍ତି କି ମୁକ୍ତ ଭାବେ ଏପଟ ସେପଟ ବିଚରଣ କରୁକରୁ ଗର୍ଜୁଛନ୍ତି ସେ କଥା ଫାଟକ ଏପଟେ ଠିଆ ହୋଇଥିବା ଅଶୋକ ପକ୍ଷେ ଜାଣିବାର ଉପାୟ ନ ଥିଲା । ଯଦି ବା ବନ୍ଧା ଯାଇଥାନ୍ତି ତେବେ ଜଂଜିର ଦୁଇଟାର ଦମ୍ଭ କେତେ ? ଜଂଜିର ଛିଣ୍ଡାଇ ଫାଟକ ଡେଇଁ ଯଦି କୁକୁର ଦୁଇଟା... ଆଉ ଆଗକୁ ଭାବି ପାରିଲେ ନାହିଁ ଅଶୋକ ।

ଫାଟକ ଛୁଇଁବାର ବା ନାହିଁ କି ପଛକୁ ହଟି ଯିବାର ସାହସ ନାହିଁ । ଏମିତି ଏକ ଅପ୍ରସ୍ତୁତ ଅବସ୍ଥାରେ ଠିଆ ହୋଇଥିବାବେଳେ ଫାଟକ ଆଡ଼କୁ ଆଗେଇ ଆସିଲେ ଘର ମାଲିକ ମଧୁସୂଦନ । ତାଙ୍କ ପଛେ ପଛେ ଧାଇଁ ଆସିଲେ ବିଦେଶୀ ବ୍ରିଡର କୁକୁର ଦୁଇଟା । ମଧୁସୂଦନ କୁକୁର ଦୁଇଟାଙ୍କୁ ମୃଦୁ ଆକଟ କଲେ– ନୋ, ନୋ । ସାଇଲେଣ୍ଟ୍ । ଗୋ ବ୍ୟାକ୍, ଗୋ ବ୍ୟାକ୍ ।

କୁକୁର ଦୁଇଟା ଖୁବ୍ ଅନିଚ୍ଛା ସହ ଭୁକିବା ବନ୍ଦ କରି ଅଶୋକ ଆଡ଼କୁ କଟ୍ ମଟ୍ କରି ଚାହିଁଥିଲେ ।

ମଧୁସୂଦନ ପୁଣି ଆଦେଶ ଦେଲେ– ଟାଇଗର । ସାଇମନ୍ । ଗୋ ବ୍ୟାକ୍, ଗୋ ବ୍ୟାକ୍ ।

ଅଶୋକଙ୍କ ଆଡ଼କୁ ଅବଜ୍ଞାସୂଚକ ଦୃଷ୍ଟି ଫିଙ୍ଗି କୁଁ କୁଁ ହୋଇ କୁକୁର ଦୁଇଟା ନିଜ ନିଜ ସ୍ଥାନକୁ ଫେରିଗଲେ ।

ମଧୁସୂଦନ ଫାଟକ ଖୋଲି ଅଶୋକଙ୍କୁ ପାଛୋଟି ନେଲେ । ଅଶୋକ ତଥାପି ସ୍ୱାଭାବିକ ହୋଇ ନ ଥିଲେ । ବାରମ୍ବାର କୁକୁର ଦୁଇଟାଙ୍କ ଗତିବିଧି ପ୍ରତି ସଚେତନ

Digitized by srujanika@gmail.com

ହୋଇ ଉଠୁଥିଲେ ।

ମଧୁ ଆଶ୍ୱାସନା ଦେଲେ— ନା, ମୁଁ ଅଛି ସେମାନେ ତୋର କିଛି କ୍ଷତି କରିବେ ନାହିଁ ।

ଅଶୋକ କିନ୍ତୁ ମଧୁଙ୍କ ଆଶ୍ୱାସନାରେ ନିଜକୁ ନିରାପଦ ମନେ କରୁ ନ ଥିଲେ । ଡ୍ରଇଁରୁମକୁ ପଶିବା ବାଟରେ କୁକୁର ଦୁଇଟା ସିଂହାସନର ଦୁଇପଟରେ ଦୁଇଟା ସିଂହ ପରି ଷଣ୍ଢା ଟେକି ବସିରହି ଥିଲେ । ସେ ଦୁଇଟାଙ୍କୁ ଅତିକ୍ରମ କରି ଡ୍ରଇଁରୁମକୁ ପଶିବା ବେଳେ ଅଶୋକଙ୍କ ଛାତି ଧଡ଼ ଧଡ଼ ହେଉଥିଲା । ଗାଆଁର ବୁଲା କୁକୁରମାନଙ୍କୁ ଟେକା ଫିଙ୍ଗିବା କି ବାଡ଼ି ଧରି ଗୋଡ଼ାଇବାର ଦୃଶ୍ୟ ଅଶୋକଙ୍କ ଆଖି ଆଗକୁ ଆସି ଯାଉଥିଲା । ସେ କୁକୁରମାନେ କେତେ ଭୟାଳୁ, ଅରକ୍ଷ, ଦରିଦ୍ର ! କିନ୍ତୁ ଏ କୁକୁର ଦୁଇଟା କେତେ ଦୁର୍ଦ୍ଧାନ୍ତ, ଦୁର୍ଦ୍ଧର୍ଷ, ହିଂସ୍ର ଆଉ ଅଭଦ୍ର !

ଅଶୋକଙ୍କର ମୁହଁର ଭାବକୁ ଦେଖି ମଧୁ ଜାଣିଗଲେ ଯେ କୁକୁର ଦୁଇଟାଙ୍କ ଉପସ୍ଥିତି ଯୋଗୁଁ ଅଶୋକ ସ୍ୱାଭାବିକ ହୋଇ ପାରୁ ନାହାଁନ୍ତି । ଚାକରକୁ ଡାକ ପକାଇଲେ କୁକୁର ଦୁଇଟାଙ୍କୁ ସେଠୁ ହଟାଇ ନେବାକୁ ।

କୁକୁର ଦୁଇଟା ଚାଲିଗଲା ପରେ ମଧୁ କହିଲେ— ମୋର କୁକୁରମାନଙ୍କୁ ରଖିବା ପାଇଁ ଇଚ୍ଛା ନାହିଁ । ଏସବୁ ତୋ ଭାଉଜଙ୍କ ପସନ୍ଦ । ତୋ ଭାଉଜ ମତେ ମାସେ ନ ଦେଖିଲେ ଚଳିଯିବେ, କିନ୍ତୁ କୁକୁରମାନଙ୍କୁ ଦିନଟେ ନ ଦେଖିଲେ ତାଙ୍କ ମୁଣ୍ଡ ଗୋଳମାଳ ହୋଇଯିବ ।

ମଧୁ ଓ ଅଶୋକ ଦୁହେଁ ହସି ଉଠିଲେ । ମଧୁ ହଠାତ୍ ହସ ବନ୍ଦ କରି ଏପଟ ସେପଟକୁ ଚାହିଁଲେ । ତାଙ୍କ କଥା କେହି ଶୁଣି ନାହାଁନ୍ତି ବୋଲି ନିଶ୍ଚିତ ହେଲାପରେ କହିଲେ— ଆମ ଗାଆଁରେ କାହା ଘରେ ପୋଷାକୁକୁର ନ ଥିଲେ । କିନ୍ତୁ ଆମ ଗାଆଁରେ କୁକୁର ଥିଲେ । ସେମାନେ ଗାଆଁର ଏ ମୁଣ୍ଡରୁ ପଶି ସେ ମୁଣ୍ଡରେ ବାହାରୁଥିଲେ । କାହା ଘରେ ଅଇଁଠା ଭାତ, ତଳେ ପଡ଼ିଥିବା ମୁଢ଼ି, ଖଇ କି ଆଉ ଯିଏ ଯାହା ଦେଉଥିଲା ତାକୁ ଖାଇ କୃତକୃତ୍ୟ ହୋଇ ଲାଙ୍ଗୁଡ଼ ହଲାଉ ଥିଲେ । ଏମାନେ ଦିନସାରା ଗାଆଁ ଭିତରେ ବୁଲି ଖାଦ୍ୟ ସଂଗ୍ରହ କରୁଥିଲେ, ରାତି ହେଲେ କାହା ପିଣ୍ଡା ଉପରେ କି ଓଳିରେ ଶୋଇ ଯାଉଥିଲେ । ବେଶି ରାତିରେ ଗାଆଁ ଭିତରେ କିଏ ଅଚିହ୍ନା ଅଜଣା ଲୋକ ପଶିଲେ ଏମାନେ ଏକାଠି ହୋଇ ଭୁକୁଥିଲେ । ଏମାନେ ଥିଲେ ଗାଁଆଁର ରାତି ଜଗୁଆଳ । ଦିନରେ କିଏ କାହା ଘରକୁ ଗଲେ ଏ ସହରର ଅଭଦ୍ର କୁକୁରଙ୍କ ପରି ତା' ଆଡ଼କୁ ଖେଁ ଖେଁ ହୋଇ ଖେଦି ଯାଉ ନ ଥିଲେ ।

ଡ୍ରଇଁରୁମ୍‌ର ଦୁଇଟି ସୋଫା ଚେୟାରରେ ଦୁଇ ବନ୍ଧୁ ମୁହାଁ ମୁହିଁ ହୋଇ ବସି ପରସ୍ପରଙ୍କ ପରିବାର ବିଷୟରେ ଆଲୋଚନା କଲେ । ଅଶୋକଙ୍କର ଦୁଇଟି ପୁଅ । ଦୁହେଁ

Digitized by srujanika@gmail.com

ବି.ଜେ.ବି. କଲେଜର ବିଜ୍ଞାନ ଛାତ୍ର । ଝିଅଟି ସାନ । ଏ ବର୍ଷ ମ୍ୟାଟ୍ରିକ୍ ପରୀକ୍ଷା ଦେବ ।

ମଧୁଙ୍କର କେବଳ ପୁଅଟିଏ । ଏମ୍.ଏ.ପାଶ୍ କରି ସିଭିଲ୍ ସର୍ଭିସ ପାଇଁ ଦିଲ୍ଲୀରେ କୋଚିଂ ନେଉଛି ।

ଅଶୋକ ମନେ ମନେ ଭାଉଜଙ୍କୁ ଖୋଜୁଥିଲେ । କିନ୍ତୁ ତାଙ୍କର ଦେଖା ନାହିଁ । ହୁଏତ ରୋଷେଇ ପ୍ରସ୍ତୁତିରେ ବ୍ୟସ୍ତ ଥିବେ । ଭାଉଜଙ୍କ ହାତ ରନ୍ଧା ଖାଇବା, ତାଙ୍କୁ ସାକ୍ଷାତ କରିବା ଆଉ ମଧୁଭାଇଙ୍କ ସହିତ ଆଳାପ ଆଲୋଚନା ଇଚ୍ଛା ନେଇ ଅଶୋକ ଆସିଛନ୍ତି ।

ମଧୁ ହୁଏତ ଅଶୋକଙ୍କର ମନୋଭାବର ସୁରାକ ପାଇଗଲେ । କହିଲେ– ତୁ ବ୍ୟସ୍ତ ହନା, ତୋ ଭାଉଜଙ୍କ ସାକ୍ଷାତ୍ ନିଶ୍ଚୟ ମିଳିବ । ମୁଁ ତୋ ବିଷୟ ତାଙ୍କୁ କହିବା ପରଠୁ ସିଏ ତୋତେ ଦେଖିବାକୁ ଖୁବ୍ ଆଗ୍ରହୀ ଅଛନ୍ତି । କିନ୍ତୁ ହଠାତ୍ ଗୋଟେ ଜରୁରୀ ଫୋନ୍ ପାଇ ତାଙ୍କ ବାନ୍ଧବୀଙ୍କ ଘରକୁ ଚାଲି ଯାଇଛନ୍ତି । କହିଯାଇଛନ୍ତି, ଖୁବ୍ ଶୀଘ୍ର ଫେରିବେ ।

ଘର କଥା ପିଲାମାନଙ୍କ କଥା, ସ୍ତ୍ରୀ କଥା ଓ ଚାକିରି କଥା ଦୁଇ ବନ୍ଧୁଙ୍କୁ ବେଶି ସମୟ ଅଟକାଇ ପାରିଲା ନାହିଁ । ଗାଆଁ ଆଉ ପିଲାଦିନ କଥାକୁ ଦୁହେଁ ଓହ୍ଲାଇ ଆସିଲେ ।

ମଧୁ ପଚାରିଲେ– ତୁ ନିୟମିତ ବ୍ୟବଧାନରେ ଗାଆଁକୁ ଯାଉଥିବୁ । ମୋର କିନ୍ତୁ ସେ ଭାଗ୍ୟ ନାହିଁ । ଆଚ୍ଛା ଅଶୋକ, ଆମ ସାଇର ମଣି ନାୟକ ବୁଢ଼ା ବଞ୍ଚିଛି ନା ?

ଅଶୋକଙ୍କ ଭିତରୁ ଦୀର୍ଘଶ୍ୱାସଟେ ଛାତି ଦୋହଲାଇ ବାହାରି ଆସିଲା । ନିଜ ଭିତରୁ ଉଠିଆସୁ ଥିବା ହାବୁକା, ହାବୁକା ବେଦନା ପବନକୁ ଚାପି ଅଶୋକ ଉତ୍ତର ଦେଲେ– ଆଜିକି ପାଞ୍ଚ ବର୍ଷ ହେଲା ମଣି ନାୟକ ବୁଢ଼ା ଆଖି ବୁଜିଲାଣି । ବୟସ ଢେର ହେଇ ଯାଇଥିଲା, ମରିଗଲା କିଛି କଥା ନାହିଁ । କିନ୍ତୁ ମଲାବେଳେ ଖୁବ୍ ଦୟନୀୟ ଅବସ୍ଥା ଭୋଗିଲା ବୁଢ଼ା । ପିଠିରେ ଗୋଟେ ପଠା ବଥ ଉଠିଲା । ପୂଜ ରକ୍ତ ହେଲା । ବୁଢ଼ାର ଦୁଇ ପୁଅ, କିନ୍ତୁ କେହି ପଚାରିଲେ ନାହିଁ । ବଥଟା ପାଚିଲା ସେଥିରେ ଲାଙ୍ଗୁଡ଼ିଆ ପୋକ ହେଲେ, ଦୁର୍ଗନ୍ଧ ହେଲା । ଘର ଭିତରେ ରହି ହେଲା ନାହିଁ । ଦୁଇ ପୁଅ ବୁଢ଼ାକୁ ଟେକିକି ଦାଣ୍ଡପଟ ପିଣ୍ଡାରେ ଥୋଇ ଦେଲେ । ପୋକ କାମୁଡ଼ା ଯନ୍ତ୍ରଣାରେ ବୁଢ଼ା ଆଠ ଦିନ ବିକଳ ହୋଇ ଶେଷ ନିଃଶ୍ୱାସ ତ୍ୟାଗ କଲା ।

ମଧୁଙ୍କ ଆଖି ଦୁଇଟା ଲୁହ ଡବ ଡବ ହୋଇଗଲା । ଟାଉଏଲ୍‌ରେ ମୁହଁ ପୋଛି କହିଲେ– ମଣି ନାୟକ ବୁଢ଼ା କିନ୍ତୁ ଆମେ ପିଲାଥିଲା ବେଳେ ଆମ ସାଙ୍ଗରେ ଖୁବ୍ ଥଟ୍ଟା ମଜା କରୁଥିଲା । ମୋର ମନେ ଅଛି, ବୁଢ଼ା ଆମ ଠାକୁର ଘର ପିଣ୍ଡାରେ ବସିଥାଏ । ଯୋଉ ପିଲା ଦାଣ୍ଡକୁ ବାହାରେ ତାକୁ ଧରିନେଇ ତା' ମୁହଁରେ ନିଜର

Digitized by srujanika@gmail.com

ପାଟିଲା ଦାଢ଼ି ଘଷେ ଆଉ ପିଠିରେ ନିଜ କହୁଣିରେ ଡାଲି ଘୋଟିବା ପରି ଘୂରୁ ଘୂରୁ କରି କହେ– ''ଘୁଟୁ ଘୁଟିଆରେ, ଡ଼ମା ଘୁଟିଆ'' । ମଣି ନାୟକ ବୁଢ଼ା ପିଲାଙ୍କ ସହିତ ଏମିତି ମଜା କଲାବେଳେ ପିଲାମାନେ ଖୁବ୍ ଖୁସି ହୁଅନ୍ତି । ବୁଢ଼ା ମୋ ପିଠିରେ କୋଡ଼ିଏ ପଚିଶ ଥର ଏମିତି ''ଘୁଟୁ ଘୁଟିଆରେ ଡ଼ମାଘୁଟିଆ'' କରିଛି । ବୁଢ଼ା କଥା ମନେପଡ଼ିଲେ ଏବେ ବି ମୋ ପିଠିରେ ମୁଁ ବୁଢ଼ାର କହୁଣି ସ୍ପର୍ଶ ଅନୁଭବ କରୁଛି । ବୁଢ଼ା ମଲାବେଳେ ତାକୁ କେତେ ବର୍ଷ ହୋଇଥିଲା ?

–ଅଠାନବେ ବର୍ଷ । ଆଉ ଦି ବର୍ଷ ବଞ୍ଚିଥିଲେ ବୁଢ଼ା ସେଞ୍ଚୁରୀ ପିଟିଥାନ୍ତା ।

ଦୁଇ ବନ୍ଧୁ କିଛି ସମୟ ନୀରବରେ ବସି ରହିଲେ । ସମ୍ଭବତଃ ସେ ଦୁଇଜଣ ଏଠି ଭୁବନେଶ୍ୱରରେ ବସିଥିଲେ ବି ତାଙ୍କ ଦେହ ଭିତରୁ ମନ ଦୁଇଟା ଗାଆଁ ମାଟିରେ ବୁଲୁଥିଲା ।

ଗାଆଁ ଚିତ୍ରରୁ ପୂଜାପୂଜା ରଙ୍ଗଉଡ଼ି ଗଲାଣି । କୂଅ ପୋଖରୀ, ନଈ ନାଳ ପୋତା ପଡ଼ିଗଲାଣି । ଆମ୍ବ, ପଣସ, ବର, ଓସ୍ତଗଛ ହଜିଗଲାଣି, ପାହାଡ଼ ଭଙ୍ଗାଯାଇ ବୋଲ୍ଡ଼ର ଆଉ ଚିପ୍‌ସରେ ପରିଣତ ହୋଇ ଦୂର ଦୂରାନ୍ତରକୁ ଟ୍ରକ୍‌ରେ ବୁହା ହୋଇଗଲାଣି, ଯୁବକମାନେ କର୍ମ ସଂସ୍ଥାନ ଅନୁସନ୍ଧାନରେ ଗାଆଁ ଛାଡ଼ି ସହର ଗଲେଣି, ଠାକୁରଘର କ୍ଲବ ହେଲାଣି, ଚାଳଘରକୁ ହଟାଇ କୋଠାଘର ଠିଆ ହେଲାଣି, ଜହ୍ନ ଆଲୁଅକୁ ତଡ଼ି ବିଜୁଳି ଆଲୁଅ ଜଳିଲାଣି । ତଥାପି ପିଲାଦିନେ ଗାଆଁରେ ବଢ଼ିଥିବା ମଣିଷର ମନସିଲ୍‌ହଟରେ ନିଜ ଗାଆଁର ନିଖୁଣ ତୈଳଚିତ୍ରଟିଏ ଦକ୍ଷ ଚିତ୍ରଶିଳ୍ପୀ ହସ୍ତରେ ଅଙ୍କା ହୋଇ ରହିଛି ।

ମଧୁ ଆଉ ଅଶୋକ ଗାଆଁ ମାଟିର ମୁଗ୍ଧ ମଣିଷ ଦୁଇଜଣଙ୍କ ମନ ଗାଆଁର ସ୍ମୃତି ଜଳରେ ବୁଡ଼ମାରୁ ଥିଲା । ଦୁହେଁ ଚୁପ୍‌ଚାପ୍ ବସି ଗାଆଁ– ସ୍ମୃତି ଶାମୁକା ଭିତରେ ଲୁଚାଇ ପଡ଼ିଥିଲେ ଅନେକ ସମୟ ।

ଘର ଆଗରେ କାର୍ ରହିବା ଶବ୍ଦରେ ଦୁଇ ବନ୍ଧୁ ପ୍ରକୃତିସ୍ଥ ହେଲେ । ''ହେଇ ତୋ ଭାଉଜ ଆସିଲେଣି'' କହି ମଧୁ ଦୁଆର ଆଡ଼କୁ ଆଗେଇ ଗଲେ ।

ଅଶୋକ ଆଜି ପ୍ରଥମ କରି ଭେଟିଲେ ଭାଉଜଙ୍କୁ । ତାଙ୍କ ପ୍ରସାଧନ ଚାପି ରଖିଛି ତାଙ୍କ ବୟସକୁ । ଅନେକ ଦିନରୁ ଭାଉଜଙ୍କ ଦେହ କାନ୍ଥିରୁ ବୟସର ହଳଦୀ ବସନ୍ତ ଉଡ଼ିଯାଇଥିଲେ ବି ହଳଦୀବସନ୍ତ ଚଢ଼େଇର କଣ୍ଢେଇ କେତୋଟି ଖଂଜାଯାଇଛି ଏଠି ସେଠି ।

ମଧୁ ପରିଚୟ କରାଇ ଦେଲେ– ଇଏ ମୋର ଅତି ଅନ୍ତରଂଗ ବନ୍ଧୁ ଅଶୋକ । ଯାରି କଥା ମୁଁ ତୁମକୁ ଅନେକ ସମୟରେ କୁହେ । ଆଉ ଇଏ ମୋର ଧର୍ମପତ୍ନୀ ଶୁଭ୍ରା ।

ସାମାନ୍ୟ ସୌଜନ୍ୟମୂଳକ କଥାବାର୍ତ୍ତା ପରେ ଶୁଭ୍ରା ପୁଣି ବାହାରି ଗଲେ ବାହାରକୁ । ଯିବା ପୂର୍ବରୁ କହିଗଲେ– ଦୁଇବନ୍ଧୁ ଗପକରୁଥା, ମୁଁ ବଜାରରୁ ଆସୁଛି ।

Digitized by srujanika@gmail.com

ବେଶି ବିଳମ୍ବ ହେବନାହିଁ । ଖୁବ୍ ଶୀଘ୍ର ଫେରିବି । ଅଶୋକବାବୁ ଡୋଣ୍ଟ୍ ମାଇଣ୍ଡ୍ ପ୍ଲିଜ୍ । ଇଏ କିଛି ଦାୟିତ୍ୱ ବୁଝିବେ ନାହିଁ । ସବୁ କାମ ମୋତେ ହିଁ କରିବାକୁ ପଡ଼ିବ ।

କଥାଟାକୁ ସହଜ କରିବା ପାଇଁ ମଧୁ କହିଲେ— ଆଗେ ନାରୀମାନେ କେବଳ ଘର ଦାୟିତ୍ୱ ନେଇ ସନ୍ତୁଷ୍ଟ ରହୁଥିଲେ । ଏବେ କିନ୍ତୁ ଏ ଶିକ୍ଷିତା ନାରୀମାନେ ଘର ଆଉ ବାହାର ଉଭୟ ଦାୟିତ୍ୱ ନିଜ କାନ୍ଧକୁ ସ୍ୱଇଚ୍ଛାରେ ନେଇ ଯାଉଛନ୍ତି । ପ୍ରତି ମାସର ପହିଲାରେ ମୁଁ ତୋ ଭାଉଜଙ୍କୁ ମୋ ଦରମା ଟଙ୍କା ଧରାଇ ଦିଏ । ବାସ୍ ଷେତିକି । ତେଣିକି ମାସକଯାକ ମୁଁ ମୁକ୍ତ । କ'ଣ କିଣାଯିବ, ଚାକର, ପୂଜାରୀ ସମସ୍ୟା, ପନିପରିବା, ଫୋନ୍‌ବିଲ୍, ଇଲେକ୍ଟ୍ରି ବିଲ୍ ପେମେଣ୍ଟ କିଛି ବି ମୁଁ ବୁଝେନା । ଗାଡ଼ି ଆଉ ଡ୍ରାଇଭର ଶୁଭ୍ରାଙ୍କ ନିୟନ୍ତ୍ରଣରେ । ଏଇ ଯେଉଁ ବଗିଚା ଦେଖୁଛୁ ସେଇ ଗୋଟିକ କେବଳ ମୋ ହସ୍ତକର୍ମ । ଅଫିସ୍‌ରୁ ଫେରିଲେ ମୁଁ କେବଳ ବଗିଚା କାମ କରେ । ଗଛରେ ସାର ଖତ ଦେବା, ମୂଳ ଖୁସେଇବା, ମନ୍ଦା ତିଆରି କରିବା, ପାଣିଦେବା, ରୋଗ ପୋକନାଶକ ଔଷଧ ପକାଇବା, ଗଛକୁ ସାଇଜ କରି କାଟିବା ଇତ୍ୟାଦି କାମ କରେ । ସେ ଏରିଆରେ କିନ୍ତୁ ଶୁଭ୍ରାଙ୍କର କିଛି ପରାମର୍ଶ, ନିର୍ଦ୍ଦେଶ କି ଅନୁରୋଧ ମୁଁ ମାନେ ନାହିଁ । ତାଙ୍କ କର୍ତ୍ତୃତ୍ୱରୁ କେବଳ ଏଇ ବଗିଚାଟିକୁ ମୁଁ ବଞ୍ଚାଇ ପାରିଛି ।

ଅଶୋକ ପଚାରି ଦେବାକୁ ଭାବୁଥିଲେ— ଏଇ କୁକୁର ଦୁଇଟାଙ୍କ ଧନ୍ଦା କିଏ କରେ ? ଭାଉଜ ନା ତମେ ? କୁକୁର ଦୁଇଟାଙ୍କ ବେକରେ ଚେନ୍ ବାନ୍ଧି ରାସ୍ତାରେ ବୁଲାଇ ନେବା, ସାବୁନ ଲଗାଇ ଗାଧୋଇ ଦେବା, ଖୋଇବା ଆଉ ନିତ୍ୟକର୍ମ କରାଇବା ଦାୟିତ୍ୱ କାହାର ?

ଏମିତି ଗୋଟେ ପ୍ରଶ୍ନ ପଚାରିବା ଅଶୋଭନୀୟ ହେବ ଭାବି ଅଶୋକ ଚୁପ୍ ରହିଲେ ।

ମଧୁ କହିଲେ— ତୋ ସହିତ ମୋର କେତେବର୍ଷ ତଳେ ଦେଖା ହୋଇଥିଲା କହି ପାରିବୁ ? ମୁଁ ଦିଲ୍ଲୀ ୟୁନିଭରସିଟିରେ ପଢ଼ିବା ପରଠୁ ତୋର ମୋର ଆଉ ଭେଟ ହୋଇ ନଥିଲା ।

—ହଁ, ତମେ ଦିଲ୍ଲୀରେ ପଢ଼ିଲ, ମୁଁ ପଢ଼ିଲି କଟକରେ । ଛୁଟିରେ ମଧ ତୁମର ମୋର ଆଉ କେବେ ଭେଟ ହୋଇନାହିଁ । ତମେ କେରଳରେ ଚାକିରି କରିବା ବେଳେ ଥରେ ମୋ ପାଖକୁ ଚିଠି ଦେଇଥିଲ କ'ଣ ଗୋଟେ ସମ୍ମିଳନୀରେ ଯୋଗ ଦେବାପାଇଁ ଭୁବନେଶ୍ୱର ଆସିବ ବୋଲି । କିନ୍ତୁ ଆସିପାରିଲ ନାହିଁ । ତମେ କ'ଣ ସେଇ ସମୟରେ ଆମେରିକା ଚାଲିଗଲ ।

କଥା ମଝିରୁ ମଧୁ ଆର ଘରକୁ ଉଠିଗଲେ । ଖୁବ୍ ଅଳ୍ପ ସମୟ ମଧ୍ୟରେ ହାତରେ ଗୋଟିଏ ସାର୍ଟ ଧରି ଫେରି ଆସିଲେ । ସାର୍ଟଟିକୁ ଟେକି ଧରି କହିଲେ- ଏଇ ସାର୍ଟଟିକୁ

Digitized by srujanika@gmail.com

ମୁଁ ଆମେରିକାରୁ ଆଣିଥିଲି । ସେତେବେଳେ ସାର୍ଟଟା ମତେ ଠିକ୍ ଫିଟ୍ ହେଉଥିଲା । କିନ୍ତୁ ଏବେ ମୁଁ କିଛିଟା ମୋଟେଇ ଯାଇଛି । ମୋତେ ଆଉ ସାର୍ଟଟା ଫିଟ୍ ହେଉ ନାହିଁ । ବଟନ୍ ଟାଣି ହେଉଛି ।

ସୁନ୍ଦର ସାର୍ଟଟିଏ । ସମ୍ଭ୍ରାନ୍ତ ଯେମିତି ସୁନ୍ଦର ସେମିତି । କଟନ୍ କି ଟେରିକଟ୍ ଜାଣି ହେଉନାହିଁ । ରଙ୍ଗ ଆଉ ଡ଼ିଜାଇନ୍ ଉଭୟ ଆକର୍ଷଣୀୟ । ସାର୍ଟଟି ଦଶବର୍ଷ ତଳେ କିଣାଯାଇଥିଲେ ମଧ୍ୟ ନୂଆ ପରି ଚକ୍ ଚକ୍ ଅଛି । ସାର୍ଟଟି ଜରିରେ ପଶି କଂପାନୀ ବାକ୍ସରେ ଅଛି ।

ମଧୁ ସାର୍ଟଟିକୁ ଅଶୋକ ହାତକୁ ବଢ଼ାଇ ଦେଲେ– ଦେଖିଲୁ କେମିତି ହେଇଚି ? ତୁ ପିନ୍ଧିଲୁ, ତତେ ଏଟା କେମିତି ଫିଟ୍ ହେଉଛି ଦେଖେ ।

ଅଶୋକଙ୍କର କୌଣସି ପ୍ରତିବାଦ ନ ମାନି ସିଏ ପିନ୍ଧିଥିବା ସାର୍ଟଟିକୁ ବଦଳାଇ ଅମେରିକାନ ସାର୍ଟ ପିନ୍ଧାଇ ଦେଲେ ମଧୁ । ଭିଡ଼ି ନେଇ ଡ୍ରେସିଙ୍ଗ୍ ଟେବୁଲ୍ ମିରର ପାଖରେ ଠିଆ କରାଇ କହିଲେ- ଦେଖ୍, ତତେ ଏ ସାର୍ଟଟା ଖୁବ୍ ଭଲ ମାନୁଚି । ଠିକ୍ ଫିଟିଙ୍ଗ୍ ହେଉଛି । ତୁ ଏଇଟା ପିନ୍ଧ୍ ।

ଅଶୋକ ମିରର ସାମ୍ନାରେ ଆଗ ପଛ ଘୂରି ଘୂରି ସାର୍ଟକୁ ଦେଖିଲେ । ଖୁବ୍ ମାନୁଛି ତାଙ୍କୁ । ଖୁବ୍ ସ୍ମାର୍ଟ ବି ଲାଗୁଛି ।

ମଧୁ କହିଲେ– ଆମେରିକାରୁ ମୁଁ ଯାହା ସବୁ କିଣିକି ଆଣିଥିଲି ସେସବୁ କୁଆଡ଼େ ଭାଙ୍ଗିରୁଜି ଗଲାଣି । କେବଳ ଏଇ ସାର୍ଟଟା ଅଛି । ତୁ ଏଇଟାକୁ ପିନ୍ଧିଲେ ମୁଁ ଖୁସି ହେବି ।

: ଅଶୋକ ପ୍ରତିବାଦ କଲେ– ନା, ତୁମେ କହିଲ ଟିକେ ପିନ୍ଧିଦେଲି । ଏବେ ଖୋଲି ଦେଉଛି ।

ମଧୁ ଏଥିରେ ଘୋର ଆପତ୍ତି ଉଠାଇଲେ– ନା, ନା, ସେ କଥା ହୋଇପାରିବ ନାହିଁ । ତୁ ସେଇଟା ପିନ୍ଧ୍, ତୋ ପୁରୁଣା ସାର୍ଟଟାକୁ ମୁଁ ପ୍ୟାକିଙ୍ଗ୍ କରିବାର ବ୍ୟବସ୍ଥା କରିଦେଉଛି, ଘରକୁ ଗଲାବେଳେ ନେଇଯିବୁ ।

ଅଶୋକଙ୍କର ସମସ୍ତ ପ୍ରତିରୋଧକୁ ପ୍ରତିହତ କରି ମଧୁ ସେଇ ଆମେରିକାନ୍ ସାର୍ଟଟା ତାଙ୍କୁ ପିନ୍ଧାଇବାକୁ ସମର୍ଥ ହେଲେ । ଦୁଇ ବନ୍ଧୁ ପୁଣି ଫେରି ଆସିଲେ ଡ୍ରଇଁରୁମ୍‌ର ସୋଫା ଉପରକୁ ।

ଶୁଭ୍ରା ବଜାରରୁ ଅନେକ ସମ୍ଭାର ଧରି ଫେରିଲେ । କିଛି ଜିନିଷ ନିଜେ ଧରିଛନ୍ତି, ଆଉ କିଛି ଡ୍ରାଇଭର ହାତରେ ଅଛି । ତଥାପି ଆଉ କିଛି କାର୍‌ରେ ରହିଯାଇଛି ।

ଘରେ ଜିନିଷପତ୍ର ଥୋଇ ସାମାନ୍ୟ ପ୍ରସାଧନ ପରେ ଶୁଭ୍ରା ଫେରିଲେ

Digitized by srujanika@gmail.com

ଡ୍ରଇଁରୁମକୁ । ଶୁଭ୍ରା ଡ୍ରଇଁରୁମକୁ ପଶୁ ପଶୁ ମଧୁ ତାଙ୍କୁ ପ୍ରଶ୍ନ କଲେ– ଦେଖିଲ ଶୁଭ୍ରା ! ଏ ସାର୍ଟଟା କେମିତି ମାନୁଚି ଅଶୋକକୁ ?

ଶୁଭ୍ରା ହଠାତ୍ ଗମ୍ଭୀର ହୋଇ ଗଲେ । ତାଙ୍କ ମୁହଁର ରଙ୍ଗ ବଦଳିଗଲା । କହିଲେ– ହଁ, ଖୁବ୍ ଭଲ ଦିଶୁଚି । କିନ୍ତୁ ତାଙ୍କୁ ଏ ପୁରୁଣା ସାର୍ଟଟା ପିନ୍ଧାଇବାର ଉଦ୍ଦେଶ୍ୟ କ'ଣ ?

–ଉଦ୍ଦେଶ୍ୟ ଆଉ କ'ଣ ? ତମେ ସ୍ତ୍ରୀଲୋକମାନେ ସବୁକଥାର ଏତେ ଗହୀରରୁ ମୂଳ ଚେର ତାଡ଼ିବାରେ କାହିଁକି ଲାଗିଯାଅ ମୁଁ ବୁଝିପାରେ ନାହିଁ ।

ମଧୁଙ୍କ ବିରକ୍ତି ଭାବ ଜାଣିପାରିଲେ ଶୁଭ୍ରା । କଥାଟାକୁ ସହଜ କରିବା ପାଇଁ କହିଲେ- ନାଇଁ, ମୁଁ କହୁଥିଲି... ଅଶୋକବାବୁ ତ ଗୋଟେ ସାର୍ଟ ପିନ୍ଧିକି ଆସିଥିଲେ, ତାଙ୍କ ସାର୍ଟ କୁଆଡ଼େ ଗଲା ? ତାଙ୍କୁ ଏ ସାର୍ଟଟା କେଉଁ ପରିସ୍ଥିତିରେ ପିନ୍ଧିବାକୁ ପଡ଼ିଲା ? ଏଇ ଯେମିତି ତାଙ୍କ ସାର୍ଟରେ ସିଗାରେଟ ନିଆଁପଡ଼ି ପୋଡ଼ିଗଲା, ଉଡ଼ା ଚଢ଼େଇର ମଳପଡ଼ି ମଇଳା ହୋଇଗଲା, ଆଉ ସେଥିପାଇଁ ସାର୍ଟ ବଦଳାଇବାକୁ ପଡ଼ିଲା ।

– ନା, ସେମିତି କିଛି ଘଟଣା କି ଦୁର୍ଘଟଣା ଘଟିନାହିଁ । ଏ ସାର୍ଟଟା ଅନେକ ଦିନରୁ ମୋତେ ଛୋଟ ହୋଇ ଯାଇଥିଲା । ମୁଁ ଦେଖୁଥିଲି ସାର୍ଟଟା ଅଶୋକକୁ ଫିଟ୍ ହେଉଛି ନା ନାହିଁ । ମୁଁ ତାକୁ ବାଧ୍ୟକଲି ସାର୍ଟ ପିନ୍ଧିକି ଦେଖିବାକୁ । ସାର୍ଟଟା ତାକୁ ଭଲ ଫିଟ୍ ହେଉଛି ଆଉ ସୁନ୍ଦର ମାନୁଚି । ତେଣୁ ମୁଁ ତାକୁ ଏ ସାର୍ଟଟା ସବୁଦିନ ପାଇଁ ଦେଇଦେଲି ।

ଶୁଭ୍ରା କହିଲେ– ମୁଁ କିନ୍ତୁ ତୁମର ଏ କାମର ଦୃଢ଼ ପ୍ରତିବାଦ କରୁଛି । ତୁମେ ଯଦି ଅଶୋକ ବାବୁଙ୍କୁ କିଛି ପ୍ରେଜେଣ୍ଟ୍ କରିବାକୁ ଚାହୁଁଛ, ତେବେ ନୂଆଟେ କିଣିକି ଦିଅ । ଦଶବର୍ଷର ପୁରୁଣା ସାର୍ଟଟା ଦେଉଛ କେଉଁ ଅକଲରେ ?

ମଧୁ ଖୁବ୍ ବିରକ୍ତ ହେଲେ– ନୂଆ ପୁରୁଣା ପ୍ରଶ୍ନ ଏଠି ଉଠୁନାହିଁ । ମତେ ଛୋଟ ହେଲା ତାକୁ ଠିକ୍ ଫିଟ୍ ହେଉଛି । ପୁରୁଣା ସାର୍ଟ ପିନ୍ଧିବାକୁ ଅଶୋକର ମନରେ କୁଣ୍ଠା ଅଛିକି ନାହିଁ ତାକୁ ପଚାର ।

ଅଶୋକ ମୃଦୁ ପ୍ରତିବାଦ କଲେ– ଏଇ ସାମାନ୍ୟ କଥା ଉପରେ ଏତେ ତର୍କ କରିବାର କିଛି ଆବଶ୍ୟକ ନାହିଁ । ମଧୁ ଭାଇଙ୍କ ପୁରୁଣା ସାର୍ଟ ପିନ୍ଧିବାରେ ମୋର କିଛି ଆପତ୍ତି ନାହିଁ ।

ଅଶୋକଙ୍କ ଏ ସ୍ୱୀକାରୋକ୍ତିର ଭିନ୍ନ ଅର୍ଥ କଲେ ଶୁଭ୍ରା । ବନ୍ଧୁତା ଖାତିର୍‌ରେ ଅଶୋକ ଉପର ମନରେ ଏମିତି କଥା କହିବାକୁ ବାଧ୍ୟ ହୋଇଛନ୍ତି । ସିଏ ହୁଏତ ତାଙ୍କ ବନ୍ଧୁଙ୍କ ମନରେ କଷ୍ଟ ଦେବାକୁ ଚାହୁଁ ନାହାଁନ୍ତି । କିନ୍ତୁ ଘରକୁ ଫେରିଲେ ତାଙ୍କ ସ୍ତ୍ରୀ ଏଇ କଥାଟାକୁ ସହଜ ଭାବରେ ଗ୍ରହଣ କରିବେ ନାହିଁ । ଏଇ ପୁରୁଣା ସାର୍ଟ ତାଙ୍କ ଘରେ ଝଡ଼ ସୃଷ୍ଟି କରିବ ।

ମଧୁ ଯୁକ୍ତି ବାଢ଼ିଲେ– ତୁମେ ଆମ ଦୁହିଁଙ୍କ ସଂପର୍କ ବିଷୟରେ କିଛି ଜାଣିନ । ଆମ ଭିତରେ ସେମିତି ଚଳେ । ଅଶୋକ ବାପା କଲିକତାରେ ଚାକିରି କରୁଥିଲେ ।

Digitized by srujanika@gmail.com

ସିଏ ଥରେ ଅଶୋକ ପାଇଁ ଗୋଟେ ସ୍ୱେଟର ପଠାଇଥିଲେ । ଅଶୋକ ସେ ସ୍ୱେଟରଟା ପିନ୍ଧିକି ଛୁଟିରେ ତା' ମାମୁ ଘରକୁ ଯାଇଥିଲା । ସେଠି ପନ୍ଦର ଦିନ ରହି ଗାଆଁକୁ ଫେରିଲା । ମୁଁ ଆମ ଖଳାରେ ବସି ଖରା ପଇଁ ହେଉଥିଲି ଅଶୋକ ମୋ ପାଖରେ ଆସିପହଞ୍ଚିଲା । ମୋ ଆଗରେ ଠିଆ ହୋଇ କହିଲା– ଦେଖିଲ ମଧୁଭାଇ,ଏ ସ୍ୱେଟରଟା ମତେ କେମିତି ମାନୁଚି ?

ମୁଁ କେବଳ ଖେଁ ଖେଁ ହୋଇ ହସିଲି । ମୁଁ ଏତେ ହସିଲି ଯେ ଖାଉଥିବା ମୁଢ଼ି ଓ ବାଦାମ ମୋ ତଣ୍ଟିରେ ଲାଗିଲା । ବେଲାଏ ପାଣି ପିଇବା ପରେ ଯାଇ ଟିକେ ଭଲ ଲାଗିଲା । ଅଶୋକ ପିନ୍ଧିଥିବା ସ୍ୱେଟରଟା ତାକୁ ଖୁବ୍ ଲମ୍ବା ଓ ଢ଼ିଲା ଥିଲା । ଦେହରେ ଗୋଟେ ଲମ୍ବା, ଢ଼ିଲା ଅଖା ଗଳେଇବା ପରି ଦିଶୁଥିଲା ।

ଅଶୋକ ନିଜ ଦେହରୁ ସ୍ୱେଟରଟା କାଢ଼ି ମୋତେ ପିନ୍ଧାଇ ଦେଇ କହିଥିଲା– ତମେ ଏ ସ୍ୱେଟରଟା ପିନ୍ଧ ତମକୁ ଏଟା ଠିକ୍ ଫିଟ୍ ହେଉଛି ଓ ସୁନ୍ଦର ମାନୁଛି ।

ସେଇ ଦିନଠୁ ମୁଁ ତା' ସ୍ୱେଟରଟା ପିନ୍ଧିଲି । ମୋର ମନେ ଅଛି ଅଶୋକର ସେଇ ପୁରୁଣା ସ୍ୱେଟରଟା ପିନ୍ଧିବା ପାଇଁ ମୋ ମନରେ ଟିକେ ହେଲେ ଅନିଚ୍ଛା କି ଅନାଗ୍ରହ ନ ଥିଲା । ଆମ ଘରେ କି ଗାଆଁରେ କାହା ଆଖିକି ଏକଥାଟା ଅସୁନ୍ଦର କି ଅଡୁଆ ଦିଶି ନ ଥିଲା । ସେ ସ୍ୱେଟରଟାକୁ ମୁଁ ତିନି ଚାରି ବର୍ଷକାଳ ପିନ୍ଧିଥିଲି ।

ଅଶୋକକୁ ପଚାର ମୁଁ ସତ କହୁଛି କି ମିଛ କହୁଛି ।

ଶୁଭ୍ରା ଆପତ୍ତି ଉଠାଇଲେ- ସିଏ ଥିଲା ପିଲାଦିନ । ସେତେବେଳେ ତୁମର କି ଅଶୋକବାବୁଙ୍କର କିଛି ବୁଝିବା ବୟସ ହୋଇ ନ ଥିଲା । ସେ ବୟସରେ କେତେବେଳେ କେମିତି ଦେହରୁ ଲୁଗା ଖସି ଗଲେ ବି ସେତେଟା ଅପ୍ରସ୍ତୁତ କି ଲଜ୍ଜିତ ଲାଗୁନଥିଲା । ମାନ ଅଭିମାନ, ସ୍ୱାଭିମାନର କୋଷ ସୃଷ୍ଟି ହୋଇ ନ ଥିଲା ତୁମ ଦୁହିଁଙ୍କ ଚାରିକଡ଼େ ।

ମଧୁ ଶୁଭ୍ରାଙ୍କ କଥାକୁ କାଟି ଉଡ଼ାଇ ଦେବାକୁ ଚେଷ୍ଟାକଲେ– ଏଇଟା ଆମ ଦୁଇ ବନ୍ଧୁଙ୍କ କଥା । ଏଠି ତୃତୀୟ ମଣିଷର ହସ୍ତକ୍ଷେପକୁ ଆମେ ପସନ୍ଦ କରୁନା । ଏଇଟା ମୋ ସାର୍ଟ, ମୁଁ ମୋ ବନ୍ଧୁକୁ ପିନ୍ଧାଇ ସାରିଛି । ଏଥିରେ କାହାରି ମତାମତ କି ମତବ୍ୟର କିଛି ହେଲେ ମୂଲ୍ୟ ନାହିଁ । ବନ୍ଧୁପତ୍ନୀ ହିସାବରେ ତୁମର ବନ୍ଧୁଚର୍ଚ୍ଚା କରିବା କଥା । ଯା, ତା'ର ବ୍ୟବସ୍ଥା କର ।

– ସେ ସବୁ ବ୍ୟବସ୍ଥା ମୁଁ ସାରିଛି । ପ୍ରାଚୀ ହୋଟେଲ୍‌ରୁ ଆମ ତିନି ଜଣଙ୍କ ପାଇଁ ଲଞ୍ଚ୍ ନେଇ ଆସିଛି । ତୁମେ ଅଶୋକବାବୁଙ୍କୁ ଧରି ଡାଇନିଙ୍ଗ୍ ଟେବୁଲ୍‌କୁ ଆସ । ମୁଁ ସର୍ଭ କରି ଦେଉଛି । କିନ୍ତୁ ମୋର ଗୋଟିଏ ସର୍ତ୍ତମାନିବାକୁ ପଡ଼ିବ ।

ମଧୁ ପ୍ରଶ୍ନ କଲେ- ସର୍ତ୍ତ ?

ସ୍ମିତ ହସି ଶୁଭ୍ରା କହିଲେ– ଡାଇନିଙ୍ଗ ଟେବୁଲ୍‌କୁ ଆସିବା ପୂର୍ବରୁ ଅଶୋକବାବୁ

Digitized by srujanika@gmail.com

ସେ ପୁରୁଣା ସାର୍ଟଟା ବଦଳାଇ ନିଜ ସାର୍ଟ ପିନ୍ଧିବେ । ବାସ୍ ଏତିକି ।

ଏ କଥାରେ ମଧୁ ଖୁବ୍ ରାଗି ଗଲେ । ଦୁଇ ଜଣଙ୍କ ଭିତରେ ଅନେକ ସମୟ ଯାଏ କଥା କଟା କଟି ଚାଲିଲା । ମଧୁ ଯିଦ୍ ଧରିଲେ ଅଶୋକ ସେ ସାର୍ଟ ପିନ୍ଧି ଏଇଠି ଲଞ୍ଚ୍ ଖାଇବ । ନୂଆ ପୁରୁଣା କିଛି ଫରକ ନଥାଏ ଅତରଂଗ ଦୁଇ ଜଣ ବନ୍ଧୁଙ୍କ ପାଖରେ ।

କିନ୍ତୁ ଶୁଭ୍ରା ତାଙ୍କ ଜିଦ୍‌ରେ ଅଟଳ ଥିଲେ– ଅଶୋକ ସେ ପୁରୁଣା ସାର୍ଟ ଉତାରି ନିଜ ସାର୍ଟ ପିନ୍ଧିଲେ ଲଞ୍ଚ୍ ଖାଇବେ । ପିଲା ଦିନର ଭାବପ୍ରବଣତାର କିଛି ମୂଲ୍ୟ ନାହିଁ ଏ ପରିଣତ ବୟସର ମଣିଷ ପାଇଁ । ପୁରୁଣା ସାର୍ଟଟା ପ୍ରେଜେଣ୍ଟ୍ କରିବା ତାଙ୍କ ସାମାଜିକ ଷ୍ଟାଟସ୍‌ର ପରିପନ୍ଥୀ । ପିଲାଦିନର ବନ୍ଧୁତାର ଥୋପ ଗିଳାଇ ଅଶୋକଙ୍କ ଦେହରେ ପୁରୁଣା ସାର୍ଟ ଗଳାଇ ଦେବାଟା ଅଶୋକଙ୍କ ପ୍ରତି ଘୋର ଅବିଚାର ହେବ ।

ମଧୁ ଓ ଶୁଭ୍ରାଙ୍କ କଥା କଟାକଟି ଏତେ ଉତ୍ତେଜନାପୂର୍ଣ୍ଣ ହେଲା ଯେ ମଧୁ କ୍ରୋଧରେ ଲାଲ ପଡ଼ି ଘରର ଜିନିଷ ପତ୍ର ଏଣେ ତେଣେ ଫିଙ୍ଗିଲେ । ଶୁଭ୍ରା ଖୁବ୍ ପାଟି ତୁଣ୍ଡ କଲେ, ଗାଳି ଗୁଲଜ କଲେ ।

ଅଶୋକ ସେ ଦୁହିଁଙ୍କ କ୍ରୋଧକୁ ଆୟତ୍ତ କରିବାରେ ସଂପୂର୍ଣ୍ଣ ବିଫଳ ହୋଇ ସ୍ଥାନ ଛାଡ଼ି ଚାଲିଯିବାକୁ ଶ୍ରେୟ ମନେ କଲେ । ଦେହରୁ ମଧୁଙ୍କ ପ୍ରଦତ୍ତ ଆମେରିକାନ୍ ସାର୍ଟଟି ଖୋଲି ନିଜ ସାର୍ଟଟି ପିନ୍ଧିଲେ ଅଶୋକ । ଆମେରିକାନ୍ ସାର୍ଟଟି ସୋଫା ଚେୟାର ଉପରେ ଥୋଇ ଚୁପ୍ ଚାପ୍ ଉଠି ଚାଲି ଆସିଲେ । ମଧୁ କିମ୍ବା ଶୁଭ୍ରା ଦୁଇଟି କ୍ରୁଦ୍ଧ କୁକୁଡା ପରି ଦେହର ରୋମ ଫୁଲାଇ ତୁମୁଳ ଯୁଦ୍ଧରେ ବ୍ୟାପୃତ ଥିଲେ । କୁକୁର ଦୁଇଟା ଟାଇଗର ଓ ସାଇମନ୍ ଖୁବ୍ ଜୋର୍‌ରେ ଗର୍ଜନ କରୁଥିଲେ ।

ଅଶୋକ ନିଜ ଘରେ ପହଞ୍ଚିବା ବେଳକୁ ଦିନ ଦୁଇଟା । ସୁନୀତା ଖାଇ ସାରି ବାସନ ଉଠାଉଛନ୍ତି । ତାଙ୍କ ଭାଇ ମାଛ ଭାତ ଆକଣ୍ଠ ଭୋଜନ କରି ଡ୍ରଇଂରୁମ୍ ଖଟରେ ଶୋଇ ଘୁଙ୍ଗୁଡ଼ି ମାରୁଛନ୍ତି ।

ଅଶୋକ କିଛି ନ କହି ଫିଲ୍‌ଟରରୁ ଦୁଇ ଗ୍ଲାସ ପାଣି ପିଇଲେ । ସୁନୀତା ତାଙ୍କ ପଛରେ ଠିଆ ହୋଇ ପଚାରିଲେ– ତୁମ ବାଲ୍ୟବନ୍ଧୁଙ୍କ ଘରେ କ'ଣ ବେଶି ଗରିଷ୍ଠ ଖାଦ୍ୟ ଖାଇଛ କି ? ପାଣି ଯେତେ ଅଧିକ ପିଇବ ଖାଦ୍ୟ ସେତେ ଭଲ ହଜମ ହେବ ।

ଅଶୋକ କିଛି ନ କହି ବେଡ୍‌ରୁମ୍‌ର ଖଟ ଉପରେ ଅଳ୍ପ ସମୟ ବିଶ୍ରାମ ନେଇ ପୁଣି ସ୍କୁଟର ଧରି କୌଣସି ହୋଟେଲ୍ ଉଦ୍ଦେଶ୍ୟରେ ବାହାରିଗଲେ । ପଛରୁ ସୁନୀତା ପାଟି କରୁଥିଲେ ଖାଇ ସାରି ଦି' ଘଣ୍ଟା ବିଶ୍ରାମ ନ ନେଇ ପୁଣି କୁଆଡ଼େ ଚାଲିଲ ?

ଅଶୋକ କିଛି ଉତ୍ତର ନ ଦେଇ ସ୍କୁଟର ଷ୍ଟାର୍ଟ କଲେ ।

□□

ଆନଂଦ ଚଂଦ୍ର ପତି

Digitized by srujanika@gmail.com

କିଛି ଘଟଣା : କିଛି କଳ୍ପନା

ବିଶ୍ୱକପ୍ ୧୯୯୮ର ବିଜୟ ଉତ୍ସବ କେବଳ ଫ୍ରାନ୍ସର ଫୁଟ୍‌ବଲ୍ ଟିମ୍ ପାଳନ କରି ନଥିଲା, ଏ ଉତ୍ସବ ଓହ୍ଲାଇ ଆସିଥିଲା ଫ୍ରାନ୍ସର ରାଜରାସ୍ତାରୁ ଗଳି କନ୍ଦିକୁ । ଫ୍ରାନ୍ସର ଯୁବକ, ଯୁବତୀ, ଶିଶୁ, ବୃଦ୍ଧ ସମସ୍ତେ ଆନନ୍ଦରେ ଅଧୀର ହୋଇ ସପ୍ତାହେ କାଳ ନାଚିଥିଲେ । ଆଲୋକ, ବାଣ, ବାଜା ଶୋଭାଯାତ୍ରା, ସ୍ଲୋଗାନ ସମଗ୍ର ଫ୍ରାନ୍ସକୁ ଉତ୍ସବମୁଖର କରିଥିଲା । ଆନ୍ତର୍ଜାତୀୟ ସ୍ତରରେ ଏ ବିରଳ କୀର୍ତ୍ତି ଅର୍ଜନ କରିଥିବା ଫୁଟ୍‌ବଲ୍ ଟିମ୍‌କୁ ପ୍ୟାରିସ୍‌ର ପ୍ରଖ୍ୟାତ ଆଇଫେଲ୍ ଟାୱାର ସାମନାରେ ସମ୍ମାନିତ କରାଯାଇଥିଲା । ଦୁଇଟି ଆକର୍ଷଣୀୟ ଗୋଲ୍ ଦେଇ ଫାଇନାଲ୍ ମ୍ୟାଚ୍‌ରେ ଦୁର୍ଦ୍ଧର୍ଷ ବ୍ରାଜିଲ ଦଳ ବିରୋଧରେ ବିଜୟ ଗୌରବ ଆଣି ଦେଇଥିବା ଜିଦାନ ରାତାରାତି ଫୁଟବଲ୍ ଜଗତରେ ହିରୋ ଇମେଜ୍ ପାଇଗଲେ । କିନ୍ତୁ ସମଗ୍ର ବିଶ୍ୱକପ୍‌ରେ ମାତ୍ର ଦୁଇଟି ଗୋଲ୍ ବରଣ କରିଥିବା ଫ୍ରାନ୍ସର ସୁଦକ୍ଷ ଗୋଲ୍‌କିପର ବାର୍ଥେଜଙ୍କ ଭୂମିକା ଫ୍ରାନ୍ସକୁ ବିଶ୍ୱ ବିଜୟୀ କରାଇବାରେ ସବୁଠୁ ଗୁରୁତ୍ୱପୂର୍ଣ୍ଣ ଥିଲା । ଅନେକ ନିଶ୍ଚିତ ଗୋଲ୍‌ରୁ ଦଳକୁ ରକ୍ଷାକରି ବିଶ୍ୱକପ୍ ବିଜୟ ପାଇଁ ବାର୍ଥେଜ ପଥ ପରିଷ୍କାର କରିଥିଲେ ।

ଏହି ଉତ୍ସବରେ ଜିଦାନ, ଗୋଲ୍‌କିପର ବାର୍ଥେଜ ଓ କୋଚ୍ ଜାକ୍ସଙ୍କୁ ବିଶେଷ ଭାବେ ସମ୍ମାନିତ କରାଯାଇ ସେମାନଙ୍କ ନାମରେ ସ୍ଲୋଗାନ ଦିଆଯାଇଥିଲା । ବିଂଶ ଶତାବ୍ଦୀର ଶେଷ ବିଶ୍ୱକପ୍ ହାସଲ କରି ଫ୍ରାନ୍ସର ବିଜୟ-ଶୋଷ ବଢ଼ିଯାଇଥିଲା, ଆଶା ପ୍ରସରିଯାଇଥିଲା ଏକବିଂଶ ଶତାବ୍ଦୀର ପ୍ରଥମ ବିଶ୍ୱକପ୍ କରାୟତ କରିବା ଲକ୍ଷ୍ୟରେ ।

କୋଚ ଜାକ୍ସଙ୍କ ସୁଚିନ୍ତିତ ପରାମର୍ଶ ଅନୁସାରେ ପ୍ରତିଭାବାନ ଯୁବ ଖେଳାଳି ଅନୁସନ୍ଧାନ ପାଇଁ ପ୍ୟାରିସ୍‌ଠାରେ ଗୋଟିଏ ଫୁଟ୍‌ବଲ୍ ମ୍ୟାଚର ଆୟୋଜନ କରାଗଲା ।

ଆନନ୍ଦ ଚନ୍ଦ୍ର ପତି

Digitized by srujanika@gmail.com

ଏହି ମ୍ୟାଚରେ ଫ୍ରାନ୍ସର ବିଶ୍ୱ ବିଜୟୀ ଟିମ୍ ବିପକ୍ଷରେ ଖେଳିବେ ଦେଶର ବଛା ବଛା ପ୍ରତିଭାଧର ଯୁବ ଖେଳାଳି । ଏଇ ମ୍ୟାଚରୁ ସେମାନଙ୍କ ପ୍ରତିଭାର ପ୍ରକୃତ ପରିଚୟ ମିଳିବ ଓ ସେମାନେ ଏକବିଂଶ ଶତାବ୍ଦୀର ପ୍ରଥମ ବିଶ୍ୱକପ୍ ହାସଲ କରିବା ପାଇଁ ଏବେଠୁ ତାଲିମ ନେବେ ।

ପ୍ୟାରିସ୍‌ର ଷ୍ଟେଡ ଡି ଫ୍ରାନ୍ସ ଷ୍ଟାଡିୟମ ଯେଉଁଠାରେ ଫ୍ରାନ୍ସ ବିଶ୍ୱକପ୍ ୧୯୯୮ ଜୟକରିଥିଲା ସେହିଠାରେ ଅନୁଷ୍ଠିତ ହେଲା ଏଇ ପ୍ରତିଭା ଅନୁସନ୍ଧାନ ମ୍ୟାଚ । ଅଶୀ ହଜାର ଦର୍ଶକ ଅପୂର୍ବ ଉତ୍ସାହରସହ ଏ ମ୍ୟାଚ ଉପଭୋଗ କରୁଥିଲେ । ଆଉ ଗୋଟିଏ ବିଶ୍ୱକପ୍ ମ୍ୟାଚ ଦେଖିବାର ଆଗ୍ରହ ଓ ଉତ୍‌କଣ୍ଠା ନେଇ ଦର୍ଶକମାନେ ଚାହିଁ ରହିଥିଲେ । ଯୁବ ଖେଳାଳିମାନେ ଏ ଅଭିଜ୍ଞ ବିଶ୍ୱବିଜୟୀ ଦଳଙ୍କର ଯେ ଉଚିତ ମୁକାବିଲା କରିପାରିବେ ଏ ବିଷୟରେ ଅନେକ ଦର୍ଶକଙ୍କ ମନରେ ସନ୍ଦେହ ଥିଲା । ହୁଏତ ଖେଳଟା ଏକ ତରଫା ହୋଇଯିବ । ଏକ ଡ଼ଜନ ଗୋଲ୍ ବରଣ କରିବ ଏ ଯୁବ ଖେଳାଳି ଦଳ ।

କିନ୍ତୁ ଯୁବ ଖେଳାଳିମାନେ ସମସ୍ତଙ୍କୁ ବିସ୍ମିତ କରି ଖୁବ୍ ଉନ୍ନତ ମାନର କ୍ରୀଡା କୌଶଳ ପ୍ରଦର୍ଶନ କଲେ । ପ୍ରଥମ ପଇଁଚାଳିଶ ମିନିଟ୍ ଅବଶ୍ୟ ଗୋଲ୍ ଶୂନ୍ୟଭାବେ ଶେଷ ହେଲା, ମାତ୍ର ଯୁବ ଖେଳାଳିମାନେ ବେଶ୍ କେତୋଟି ସୁଯୋଗ ସୃଷ୍ଟି କରିପାରିଥିଲେ । କିନ୍ତୁ ଦକ୍ଷ ଗୋଲ୍‌କିପର ବାର୍ଥେଜଙ୍କ ଅପୂର୍ବ ଦକ୍ଷତା ଯୋଗୁଁ କୌଣସି ଗୋଲ ଦେବା ସମ୍ଭବ ହୋଇ ନଥିଲା ।

ଅନ୍ୟ ପକ୍ଷରେ ଫ୍ରାନ୍ସର ବିଶ୍ୱକପ୍ ହୀରୋ ଜିଦାନ ମଧ ଦୁଇ, ତିନୋଟି ସୁନ୍ଦର ସୁଯୋଗ ସୃଷ୍ଟି କରିଥିଲେ, କିନ୍ତୁ ଯୁବ ଖେଳାଳୀ ଯୋଯୋ କ୍ଷୀପ୍ର ବେଗରେ ଆସି ଠିକ୍ ଗୋଲ୍‌କିପର ସାମନାରୁ ତାଙ୍କଠାରୁ ବଲ୍ ଛଡ଼ାଇ ନେଇଥିଲେ ପ୍ରତିଥର ।

ଦ୍ୱିତୀୟାର୍ଦ୍ଧର ଦଶମ ମିନିଟ୍‌ରେ ମିଡ୍ ଫିଲ୍‌ଡରଠାରୁ ଗୋଟିଏ ଦୀର୍ଘ ପାସ୍ ପାଇ ବଲ୍‌ଟିକୁ ସୁନ୍ଦର ଭାବେ କ୍ୟାରିକରି ରକ୍ଷଣଭାଗ ଖେଳାଳୀମାନଙ୍କୁ ପରାସ୍ତ କରି ଗୋଲ୍‌କିପରଙ୍କୁ ଚକ୍‌ମା ଦେଇ ପ୍ରଥମ ଗୋଲ୍‌ଟି ସ୍କୋର କଲେ ଜିଦାନ । ଯୁବ ଖେଳାଳି ଯୋଯୋ ସେତେବେଳେ ମିଡ୍ ଫିଲ୍‌ଡରେ ଥିଲେ । ଧାଇଁକି ଜିଦାନଙ୍କ ପାଖରେ ପହଞ୍ଚିବା ପୂର୍ବରୁ ଗୋଲ୍‌ଟି ହୋଇ ସାରିଥିଲା ।

ଅଶୀ ହଜାର ଦର୍ଶକ ଆନନ୍ଦରେ ଉଲ୍ଲସିତ ହୋଇ ବିଭିନ୍ନ ଧ୍ୱନି ଦେଇ ଜିଦାନଙ୍କୁ ଉତ୍ସାହିତ କଲେ । ଅନେକ ଦର୍ଶକ ବସିଥିବା ସ୍ଥାନରେ ଠିଆ ହୋଇ ତାଙ୍କୁ ଅଭିବାଦନ ଜଣାଇଲେ ।

ନିଜ ନିଜ ଭିତରେ ସମନ୍ୱୟ ରଖି ଖେଳି ପାରୁନଥିବା ଏଇ ଯୁବ ଖେଳାଳିମାନେ ହତୋତ୍ସାହିତ ହୋଇ ଏଣେ ତେଣେ ବଲ୍ ମାରିବା ସମୟରେ ଜିଦାନ ଡ଼ି ବାହାରର ଗୋଟିଏ ବଲ୍‌କୁ ସୁନ୍ଦର ଭାବେ କ୍ୟାରିକରି ସମସ୍ତ ଫରଓ୍ୱାର୍ଡ ଖେଳାଳିକୁ ପରାସ୍ତ କରି

Digitized by srujanika@gmail.com

ଆଉ ଗୋଟିଏ ସୁନ୍ଦର ଗୋଲ୍ ସ୍କୋର କଲେ ।

ଲାଗ ଲାଗ ଦୁଇଟା ଗୋଲ୍ ଖାଇବା ପରେ ଯୁବ୍‌ଖେଳାଳିମାନେ ବିପର୍ଯ୍ୟସ୍ତ ହୋଇ ଏଣେ ତେଣେ ପଡ଼ିଆ ସାରା ଧାଇଁବାକୁ ଲାଗିଲେ । ଆଉ ଗୋଟିଏ ବଲ୍ ଫ୍ରାନ୍ସର ଅଭିଜ୍ଞ ଖେଳାଳି ଓ ଅଧିନାୟକ ଡୁଙ୍ଗା ମିଡ଼ଫିଲଡରୁ କ୍ୟାରି କରି ନେଉ ନେଉ ଯୁବଖେଳାଳି ଯୋଯୋ ତାଙ୍କଠୁ ଛଡ଼ାଇ ନେଇ ବିଶ୍ୱବିଜୟୀ ଦଳର ସମସ୍ତ ରକ୍ଷଣଭାଗ ଖେଳାଳିଙ୍କୁ ପରାସ୍ତ କରି ଗୋଲ୍ ଏରିଆ ଭିତରକୁ ତୀବ୍ର ସର୍ଟଟିଏ ମାରିଲେ । ଦକ୍ଷ ଗୋଲ୍‌କିପର ବାର୍ଥେଜ ଆପ୍ରାଣ ଉଦ୍ୟମ କରି ମଧ ବିଲ୍‌ଟିକୁ ଅଟକାଇବାକୁ ସମର୍ଥ ହେଲେ ନାହିଁ । ଯୋଯୋଙ୍କ ଦକ୍ଷତା ଓ କୌଶଳରେ ଅଶୀହଜାର ଦର୍ଶକ ବିସ୍ମିତ ହେଲେ ।

ଏକ ପ୍ରକାର ଛତ୍ରଭଙ୍ଗ ଦେବାକୁ ଆରମ୍ଭ କରିଥିବା ଯୁବ ଖେଳାଳି ଦଳରେ ନୂତନ ପ୍ରାଣ ସଂଚାର ହେବା ପରି ସେମାନେ ହଠାତ୍ ଚଞ୍ଚଳ ଓ ସୁସଂହତ ହୋଇଗଲେ । ଖେଳର ବେଗ ବଢ଼ିଗଲା । ଉଭୟ ପକ୍ଷର ଖେଳାଳିମାନେ ଘନ ଘନ ଆକ୍ରମଣ ଓ ପ୍ରତି ଆକ୍ରମଣରେ ବ୍ୟତିବ୍ୟସ୍ତ ହୋଇପଡ଼ିଲେ । ଡି ବାହାରୁ ଗୋଟିଏ ଛୋଟ ପାସ୍ ପାଇ ଯୋଯୋ ତୀବ୍ର ସର୍ଟ ମାରିଲେ । ଗୋଲ୍‌କିପର ବାର୍ଥେଜ ତାକୁ ଦୁଇ ହାତରେ ଅଟକାଇବା ବେଳେ ତାହା ଗୋଲ୍ ପୋଷ୍ଟ ପାଖଦେଇ ଫେରି ଆସୁଥିବା ବେଳେ ଯୋଯୋଙ୍କ ପାଲଟା ସଟ୍‌ରେ ବଲ୍‌ଟି ଗୋଲ୍ ଏରିଆକୁ ପ୍ରବେଶ କରିଗଲା ।

ଯୁବ ଖେଳାଳିମାନେ ଦୁଇଟିଯାକ ଗୋଲ୍ ପରିଶୋଧ କରି ଦେବା ପରେ ଖେଳର ବେଗ ଆହୁରି ବଢ଼ିଗଲା । ଉଭୟ ଦଳ ଦୁଇ ଦୁଇଟି କର୍ଣ୍ଣରର ସୁଯୋଗ ପାଇଥିଲେ ମଧ୍ୟ କୌଣସି ଦଳ ଆଉ ଗୋଲ୍ ଦେବାକୁ ସମର୍ଥ ହୋଇ ନଥିଲେ । ମ୍ୟାଚଟି ଅମୀମାଂସିତ ଭାବେ ଶେଷ ହେଲା ।

ବିଶ୍ୱ ବିଜୟୀ ଫ୍ରାନ୍ସର ଜାତୀୟ ଦଳ ବିରୋଧରେ ଦୁଇଟି ଗୋଲ୍ ସ୍କୋର କରିବା ପରି ଅପୂର୍ବ ସାଫଲ୍ୟ ଅର୍ଜନ କରିଥିବା ଯୋଗୁ ସମଗ୍ର ଦର୍ଶକମଣ୍ଡଳୀ ଯୁବଖେଳାଳି ଯୋଯୋଙ୍କୁ ଉଚ୍ଛ୍ୱସିତ ଅଭିନନ୍ଦନ ଜଣାଇଥିଲେ । ଦର୍ଶକ ଗ୍ୟାଲେରୀରୁ ଜଣେ ସୁନ୍ଦରୀ ତରୁଣୀ ଖେଳପଡ଼ିଆକୁ ଓହ୍ଲାଇ ଆସି ଯୋଯୋଙ୍କୁ ଚୁମ୍ବନ ଦେଇ ତାଙ୍କୁ ଅଭିନନ୍ଦନ ଜଣାଇଲେ ।

ଯୁବଖେଳାଳିମାନଙ୍କ ମଧ୍ୟରୁ କେବଳ ଯୋଯୋଙ୍କୁ ଜାତୀୟ ଦଳକୁ ନିର୍ବାଚିତ କରାଗଲା । ଫ୍ରାନ୍ସର ସମସ୍ତ ମୁଖ୍ୟ ଖବର କାଗଜରେ ଯୋଯୋଙ୍କ ରଙ୍ଗିନ୍ ଫଟୋ ପ୍ରକାଶ ପାଇଲା । ଆଗାମୀ ବିଶ୍ୱ କପ୍‌ର ହିରୋ ଭାବେ ତାଙ୍କୁ ପ୍ରୋଜେକ୍ଟ କରାଗଲା । ଜଣେ ସୁନ୍ଦରୀ ତରୁଣୀ ଯୋଯୋଙ୍କୁ ଖେଳ ପଡ଼ିଆରେ ଚୁମ୍ବନ ଦେଉଥିବା ଦୃଶ୍ୟଟି ମଧ ସମସ୍ତ ପତ୍ରିକାରେ ସ୍ଥାନ ପାଇଗଲା ।

ଆନଂଦ ଚଂଦ୍ର ପହି

Digitized by srujanika@gmail.com

ପ୍ୟାରିସ୍‌ର କୋଚିଂ କ୍ୟାମ୍ପରେ ଯୋଗ ଦେବାର ଠିକ୍ ପୂର୍ବଦିନ ଯୋଯୋଙ୍କ କଲିଂବେଲ୍ ବାଜିଲା । ସମୟ ସଂଧ୍ୟା ସାତଟା । କୋଚିଂ କ୍ୟାମ୍ପରେ ଯୋଗ ଦେବା ପାଇଁ ଯାତ୍ରା କରିବା ପୂର୍ବରୁ ନିଜର ଏକାନ୍ତ ଆବଶ୍ୟକ ପଦାର୍ଥଗୁଡ଼ିକ ପ୍ୟାକିଂ କରୁଥିବା ଯୋଯୋ ଉଠିଯାଇ ଦରଜା ଖୋଲିଲେ । ଅନୁମତି ମାଗି ଘର ଭିତରକୁ ପଶି ଆସିଲେ ସେଇ ସୁନ୍ଦରୀ ତରୁଣୀ ଯିଏ ଯୋଯୋଙ୍କୁ ଖେଳ ପଡ଼ିଆରେ ଗାଢ଼ ଚୁମ୍ବନ ଭିତରେ କିଛି ସମୟ ପାଇ ଅଟକାଇ ନେଇଥିଲେ ।

କିଛି ସମୟ ଦୁହେଁ ପରସ୍ପରକୁ ଚାହିଁଲେ । ପ୍ରଥମେ ଏଲିନା ନୀରବତା ଭାଙ୍ଗି କହିଲେ– ମୁଁ ଆପଣଙ୍କୁ ସାକ୍ଷାତ କରିବା ପାଇଁ ଘରୁ ଦୁଇ ଘଣ୍ଟା ହେଲା ବାହାରିଲିଣି, କିନ୍ତୁ ଆପଣଙ୍କ ଏ ଘରର ସଠିକ ଠିକଣା ଜାଣି ନଥିବାରୁ ପଚାରି ପଚାରି ଆପଣଙ୍କୁ ପାଇବାରେ ବିଳମ୍ବ ହେଲା ।

ଏଲିନାଙ୍କ ତାମ୍ର କେଶ, ଆକର୍ଣ୍ଣ ନୀଳଚକ୍ଷୁ, ଶଙ୍ଖଧବଳ ରଙ୍ଗ, ଦୀର୍ଘ ଦେହ, ରକ୍ତାଭ ଓଠ ଓ ଆକର୍ଷଣୀୟ ମୁଖମଣ୍ଡଳର ଅପୂର୍ବ ଶୋଭା ଯୋଯୋଙ୍କୁ ଆତ୍ମବିସ୍ମୃତ କରିଥିଲା । ସେ ଏଲିନାଙ୍କୁ ଆସନ ଅଫର୍ କରିବା ପରି ସାଧାରଣ ଶିଷ୍ଟାଚାର ମଧ ଭୁଲିଯାଇଥିଲେ ।

ଯୋଯୋଙ୍କ ଅନ୍ୟମନସ୍କତା ଲକ୍ଷ୍ୟକରି ଏଲୀନା ପ୍ରଶ୍ନ କଲେ– ଯୋଯୋ ! ମୁଁ ଅପ୍ରତ୍ୟାଶିତ ଭାବେ ଆପଣଙ୍କ କୋଠରୀରେ ପ୍ରବେଶ କରି ଅକ୍ଷମଣୀୟ ଅପରାଧ କରିଛି । ଆପଣ ବୋଧହୁଏ ଆସନ୍ତା କାଲିର କୋଚିଂ କ୍ୟାମ୍ପରେ ଯୋଗଦାନ ପାଇଁ ପ୍ରସ୍ତୁତ ହେଉଛନ୍ତି । ଅଯଥା ଆପଣଙ୍କ କାର୍ଯ୍ୟରେ ବାଧା ସୃଷ୍ଟି କରିଥିବାରୁ ମୁଁ ଦୁଃଖିତ । ପୂର୍ବରୁ ଆପଣଙ୍କ ଅନୁମତି ନେଇ ଆଉ କେତେବେଳେ ଆସିବି । ଆଶା କରେ ମୋର ଏ ଅନିଚ୍ଛାକୃତ ଅପରାଧ ପାଇଁ କ୍ଷମା ଦେବେ ।

ଏଲିନା ମୁହଁ ବୁଲାଇ ଫେରିଯିବା ବେଳେ ଯୋଯୋ ତାଙ୍କ ଆଗ ଓଗାଳି ଠିଆ ହେଲେ– ନା, ମ୍ୟାଡ଼ାମ୍ ! ସତ କହିବାକୁ ଗଲେ.... ମୁଁ.... ମୁଁ.... କଥାଟା ସଂପୂର୍ଣ୍ଣ କରି ନ ପାରି ଅଟକିଗଲେ ।

ଯୋଯୋଙ୍କର ଚିକ୍କଣ ମୁଗୁନି ପଥର ପରି କଳାରଙ୍ଗର ମୁହଁ ଲାଜ ଲାଜ ରଙ୍ଗରେ ସୁନ୍ଦର ଦିଶିଲା ।

ଏଲିନା ମୁରୁକି ହସି କହିଲେ– ଯାହା କହିବାକୁ ଚାହୁଁଛନ୍ତି ନିଃସଂକୋଚରେ ପ୍ରକାଶ କରନ୍ତୁ । କିଛି କଥା, କିଛି ଭାବ ଅପ୍ରକାଶିତ ରହିଗଲେ ତାହା ମଣିଷକୁ ପରବର୍ତ୍ତୀ ଦିନମାନଙ୍କରେ ଅସୁସ୍ଥ କରାଏ, ଯାହା କୌଣସି ଦକ୍ଷ ଡାକ୍ତର ମଧ ସୁସ୍ଥ କରିବାକୁ ସମର୍ଥ ହୁଏନା ।

ଯୋଯୋ ହସି ହସି ଉତ୍ତର ଦେଲେ– ନା, ମ୍ୟାଡ଼ାମ୍ !

ଆନଂଦ ଚଂଦ୍ର ପତି

Digitized by srujanika@gmail.com

— ମୋତେ ମ୍ୟାଡାମ୍ ନ କହି ଏଲିନା କହିଲେ ମୁଁ ଖୁସି ହେବି ।

— ଠିକ୍ ଅଛି, ମୁଁ ଏଥର ଆପଣଙ୍କୁ ଏଲିନା ବୋଲି ସମ୍ବୋଧନ କରିବି ।

— ଆପଣ ସମ୍ବୋଧନଟା ଆମ ଦୁହିଁଙ୍କ ଭିତରେ ବ୍ୟବଧାନ·ସୃଷ୍ଟି କରୁଛି । ତୁମେ ବୋଲି କୁହନ୍ତୁ ।

— ତୁମେ ବି ମୋତେ ତୁମେ ବୋଲି ଡାକ ଏଲିନା !

ଦୁହିଁଙ୍କର ଚାରୋଟି ଆଖି କିଛି ସମୟ ଏକତ୍ର ହୋଇଗଲା । ଦୁହେଁ ମୁରୁକି ହସିଲେ । ମନେ ହେଲା ଯୋଯୋ ଆଉ ଏଲିନା ଦୁହେଁ ଦୁହିଁଙ୍କ ଭିତରେ ଚକ୍ଷୁ ବିନିମୟ କରିବା ସହିତ ମନ, ହୃଦୟ, ଭାବ ଓ ପ୍ରେମ ବିନିମୟ କରି ସାରିଛନ୍ତି ।

ଏଲିନା ନୀରବତା ଭାଙ୍ଗିଲେ— ଯୋଯୋ ! ତୁମେ ପ୍ରକୃତରେ ଫ୍ରାନ୍ସର ଗର୍ବ ଓ ଗୌରବ । ତୁମ ଖେଳ ମୋତେ ମନ୍ତ୍ରମୁଗ୍ଧ କରିଛି । ତୁମର କିକ୍ ମାରିବା କୌଶଳ, ବଲ୍ ଆୟତ୍ତ କରିବା ଠାଣି, ବଲ୍ କ୍ୟାରି କରିବା କଳା, ଗୋଲ୍‌ପୋଷ୍ଟ ପାଖରେ ଶେଷ ସ୍ପର୍ଶ ଦେଇ ଗୋଲ୍ କରିବାର ଦକ୍ଷତା ସମସ୍ତଙ୍କୁ ବିସ୍ମିତ କରିଛି । ତୁମେ ହିଁ ଏ ଦେଶ ପାଇଁ ଆଗାମୀ ବିଶ୍ୱକପ୍ ଆଣିପାରିବ । ତୁମେ ଆଗାମୀ ବିଶ୍ୱକପ୍‌ର ହିରୋ ।

— ତୁମର ସେଇ ଶୁଭେଚ୍ଛା କେବଳ ମୋର ଲୋଡ଼ା ଏଲିନା ।

— ତୁମ ପାଇଁ ମୋର କେବଳ ଶୁଭେଚ୍ଛା ନାହିଁ ଯୋଯୋ ! ମୁଁ ସଂପୂର୍ଣ୍ଣ ଭାବେ ତୁମ ପଛରେ ଠିଆ ହୋଇଛି । ଆଜିଠୁ ତୁମେ ଯେ କୌଣସି ମ୍ୟାଚ ଖେଳିବା ବେଳେ ମୁଁ ସେଠି ଉପସ୍ଥିତ ରହି ତୁମକୁ ଉତ୍ସାହିତ କରିବି । ମୁଁ ତୁମ ଖେଳକୁ ଭଲପାଏ, ତୁମକୁ ବି ।

— ଏଲିନା !

— ହଁ, ଯୋଯୋ ! ମୁଁ କେବଳ ତୁମକୁ ଭଲ ପାଏ ନୁହଁ, ତୁମକୁ ବିବାହ କରିବାକୁ ମୁଁ ଏକାନ୍ତ ଆଗ୍ରହୀ ।

— ନା ଏଲିନା ! ଦେଶ ପାଇଁ ତୁମେ ଏତେ ବଡ଼ ତ୍ୟାଗ କରିବା ଉଚିତ ନୁହେଁ ।

— ଏଥିରେ ମୋର ତ୍ୟାଗ କେଉଁଠି ରହିଲା ଯୋଯୋ ! ଏଥିରେ ତ ମୋର ଶତକଡ଼ା ଶହେଭାଗ ସ୍ୱାର୍ଥ ହିଁ ନିହିତ । ମୁଁ ତୁମ ଖେଳକୁ ଓ ତୁମକୁ ଭଲପାଏ । ତୁମକୁ ବିବାହ କରି ନିଜକୁ ସୁଖୀ କରିବାକୁ ଚାହେ ।

— ମୋ ଖେଳକୁ ଭଲପାଇବା କଥାଟା ବୁଝି ହେଉଛି । କିନ୍ତୁ ମୋ ପରି କଳା ଆଉ ଅସୁନ୍ଦର ପୁରୁଷକୁ ତୁମ ପରି ଅନନ୍ୟା ସୁନ୍ଦରୀ ବିବାହ କରି କି ସୁଖ ପାଇବ ? ଦେଶ ପାଇଁ ନିଜକୁ ବଳି ଦେଇ ମୋତେ ଉତ୍ସାହିତ କରିବାକୁ ତୁମେ ଆଗେଇ ଆସିଛ । ତୁମକୁ ପାଇବା ଆଶା ନେଇ ମୁଁ ବିଶ୍ୱକପ୍ ହାସଲ ଲକ୍ଷ୍ୟରେ ଆପ୍ରାଣ ଉଦ୍ୟମ କରିବି, ଏଲିନା ?

ଏଲିନା ଏଥର ଖୁବ୍ ଯୋରରେ ହସିଲେ— ଇଏ ତୁମର ସଂପୂର୍ଣ୍ଣ ଭୁଲ ଧାରଣା । କିଏ କହିଲା କଳା ପୁରୁଷମାନେ ସୁନ୍ଦର ନୁହଁନ୍ତି ବୋଲି ? ମୋତେ ଗୋରା ପୁରୁଷମାନେ

Digitized by srujanika@gmail.com

ଝିଅ ଝିଅ ଲାଗନ୍ତି । ନିଶ ଦାଢ଼ି କାଟି ମୁହଁ ସଫା ରଖୁଥିବା ଗୋରା ରଂଗର ପୁରୁଷମାନଙ୍କର ପୌରୁଷ ମୋତେ ଊଣା ଲାଗେ ।

ଯୋଯୋଙ୍କ ମନରେ ଦୃଢ଼ଥିବା ଅନେକ ଦିନର ବିଶ୍ୱାସ ଦୋହଲି ଯାଉଥିଲା । କଳା ରଙ୍ଗ ପ୍ରତି ତାଙ୍କ ମନ ଭିତରେ ଥିବା ଘୃଣା ଆଉ ହୀନମନ୍ୟତାର ତମ୍ବୁ ଭିତରେ ପବନ ପଶି ତାଙ୍କୁ ଅସ୍ତବ୍ୟସ୍ତ କରି ଦେଉଥିଲା । ଯୋଯୋ ପୁଣି ଯୁକ୍ତି ବାଢ଼ିଲେ– ମୁଁ କେବଳ କଳା ନୁହଁ ଏଲିନା ! ମୋ ଶାରୀରିକ ଗଠନ ଅସୁନ୍ଦର । ମୋର ନାକ ବଡ଼, କପାଳ ଉଚ୍ଚ, ଗାଲର ହାଡ଼ ଉଚ୍ଚ, ଓଠ ବଡ଼ ଆଉ ମୁଣ୍ଡର ବାଳ ରୁକ୍ଷ । ଏମିତି ଗୋଟେ ଅସୁନ୍ଦର ମଣିଷକୁ ତୁମ ପରି ଜଣେ ଅସାମାନ୍ୟା ସୁନ୍ଦରୀ ବିବାହ କରିବାକୁ ଆଗ୍ରହ ପ୍ରକାଶ କରିବା ସ୍ୱାଭାବିକ ନୁହଁ ।

ଏଲିନା ହସିଲେ ଆଉ ସେମିତି ହସୁ ହସୁ କହିଲେ– ଜଣେ ମଣିଷ ସଫଳତାର ଶୀର୍ଷରେ ପହଞ୍ଚିଲେ ସୁନ୍ଦର ଦିଶେ । ତା'ର ଶାରୀରିକ ଆକୃତି ସେଥିରେ କିଛି ବିକୃତି ଆଣିବାରେ ସମର୍ଥ ହୁଏ ନାହିଁ । ବିଶ୍ୱର ସବୁଠୁ ବେଗବାନ ମଣିଷ ମାଇକେଲ ଜନ୍‌ସନ୍, ମହାନ ବିପ୍ଲବୀ ନେଲସନ୍ ମାଣ୍ଡେଲା, ଶ୍ରେଷ୍ଠ ଫୁଟବଲ୍ ତାରକା ପେଲେ ଏମାନଙ୍କ ମଧ୍ୟରୁ କାହାରି ଶାରୀରିକ ଆକୃତି ସୁନ୍ଦର ନଥିଲେ ବି ଏମାନେ ସମସ୍ତେ ଜନପ୍ରିୟ । ପ୍ରତି ମଣିଷ ଏମାନଙ୍କୁ ଦେଖିଲେ ଖୁସିହୁଏ ।

ଯୋଯୋ ଏଲିନାଙ୍କୁ ଚାହିଁଲେ । ଏଲିନାଙ୍କ ମୁହଁର ଆତ୍ମବିଶ୍ୱାସ ଓ ଦୃଢ଼ତାର ସୂଚନା ସ୍ପଷ୍ଟ । ଯୋଯୋ ମୁହଁରେ ସରୁ ହସଗାରଟିଏ ଟାଣି କହିଲେ– ମୁଁ କୌଣସି ଗୋଟିଏ ପୁସ୍ତକରେ ପଢ଼ିଥିଲି, ବିଶ୍ୱବିଖ୍ୟାତ ନାଟ୍ୟକାର ଓ ବୁଦ୍ଧିଜୀବୀ ବର୍ଣ୍ଣାର୍ଡ଼ଶଙ୍କୁ ଜଣେ ସୁନ୍ଦରୀ ତରୁଣୀ ଥରେ ସାକ୍ଷାତ କରି ପ୍ରସ୍ତାବ ଦେଲେ– ମିଃ ଶ ! ମୁଁ ଆପଣଙ୍କୁ ବିବାହ କରିବାକୁ ଆଗ୍ରହୀ । ଆପଣ ଜଣେ ବିଚକ୍ଷଣ ବୁଦ୍ଧିଜୀବୀ । ଆପଣଙ୍କ ଔରସରୁ ଆମର ଯେଉଁ ସନ୍ତାନ ଜନ୍ମ ହେବ ସେ ନିଶ୍ଚୟ ଆପଣଙ୍କ ପରି ବୁଦ୍ଧିମାନ ଓ ମୋ ପରି ରୂପବାନ ହେବ ।

ପ୍ରଖର ବୁଦ୍ଧି ସମ୍ପନ୍ନ ବର୍ଣ୍ଣାର୍ଡ଼ଶ ସେହି ସୁନ୍ଦରୀ ତରୁଣୀଙ୍କୁ ତତ୍‌କ୍ଷଣାତ୍ ଉତ୍ତର ଦେଲେ– ଯଦି ସେ ସନ୍ତାନଟି ମୋ ପରି ରୂପବାନ ଓ ଆପଣଙ୍କ ପରି ଗୁଣବାନ ହୁଏ ?

ସୁନ୍ଦରୀ ତରୁଣୀଟି ନିଜର ଭୁଲ୍ ବୁଝିପାରି ଲଜ୍ଜିତ ହେଲେ ଓ ତାଙ୍କ ପ୍ରସ୍ତାବ ଫେରାଇ ନେଇ ମନ ଦୁଃଖରେ ଫେରିଗଲେ ।

ଏଲିନା କହିଲେ– ସେ ତରୁଣୀ ସିନା ତାଙ୍କ ପ୍ରସ୍ତାବ ଫେରାଇ ନେଲେ, କିନ୍ତୁ ଏ ତରୁଣୀ ତା' ପ୍ରସ୍ତାବ କୌଣସି ପରିସ୍ଥିତିରେ ମଧ୍ୟ ଫେରାଇ ନେବ ନାହିଁ ।

– ବର୍ଣ୍ଣାର୍ଡ଼ଶଙ୍କର ସିନା କୌଣସି ସର୍ତ୍ତ ନ ଥିଲା, ମୋର କିନ୍ତୁ ଗୋଟିଏ ଅଲଙ୍ଘ୍ୟ ସର୍ତ୍ତ ଅଛି ।

ଆନନ୍ଦ ଚନ୍ଦ୍ର ପଣ୍ଡି

Digitized by srujanika@gmail.com

— କି ସର୍ତ୍ତ ? ତୁମର ସମସ୍ତ ସର୍ତ୍ତ ମୁଁ ମାନିନେବାକୁ ପ୍ରସ୍ତୁତ ଅଛି ।

— ତୁମେ ଶୁଣିଲେ ହୁଏତ ସର୍ତ୍ତଟି ମାନିବାକୁ ରାଜି ହେବ ନାହିଁ ଏଲିନା । ମୁଁ ନିଷ୍ପତ୍ତି ନେଇଛି ମୋ ବିବାହ ପରେ ମୋ ସ୍ତ୍ରୀଙ୍କର ନିଜର କୌଣସି ସନ୍ତାନ ରହିବ ନାହିଁ । ଅନାଥାଶ୍ରମରୁ ଶିଶୁଟିଏ ଆଣି ମୁଁ ତାକୁ ମଣିଷ କରି ମୋ ସନ୍ତାନର ସ୍ୱୀକୃତି ପ୍ରଦାନ କରିବି ।

ଏଲିନା ବିସ୍ମିତ ହୋଇ ପଚାରିଲେ— କିନ୍ତୁ ଏମିତି ଏକ ଅଜବ ଖିଆଲ ତୁମ ମୁଣ୍ଡକୁ ଜୁଟିଲା କେମିତି ?

ଏ ପ୍ରଶ୍ନରେ ଯୋଯୋ ଅନ୍ୟମନସ୍କ ହୋଇଗଲେ । ତାଙ୍କ ଆଖି ଛଳ ଛଳ ଦିଶିଲା । କ୍ଷିପ୍ର ବେଗରେ ଗତି କରୁଥିବା ବଲ୍‌କୁ ନିଜ ପାଦରେ ଆୟତ୍ତ କରିବା ପରି ନିଜ ଭିତରର ପ୍ରଖର ଉଦ୍‌ବେଳନକୁ ନିୟନ୍ତ୍ରଣରେ ରଖି ଯୋଯୋ ଉତ୍ତର ଦେଲେ— ହଁ, ଏଲିନା ! ଏମିତି ନିଷ୍ପତ୍ତି ନେବା ପଛରେ କିଛି କାରଣ ନିଶ୍ଚୟ ଅଛି, ଯାହାର ମୋ ଜୀବନରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି ।

ଆଉ ଅଧିକ କିଛି କହିବା ପୂର୍ବରୁ ଯୋଯୋ ଚାହିଁଲେ ଏଲିନାଙ୍କ ମୁହଁକୁ । ଏଲିନା ଉତ୍ସୁକ ହୋଇ ଯୋଯୋଙ୍କ ମୁହଁକୁ ଚାହିଁଥିଲେ । ଏଲିନାଙ୍କ ମୁହଁ ଆକାଶରେ ମେଘଭର୍ତ୍ତି ଅନେକ ବାଦଲ ଖୁବ୍ କ୍ଷୀପ୍ରଗତିରେ ଏପଟ ସେପଟ ଆତଯାତ ହେଉଥିଲା ।

ଯୋଯୋ ପୁଣି ଛାଡ଼ିଥିବା କଥା ଆରମ୍ଭ କଲେ— ମୋ ଜନ୍ମଦାତା ଓ ଜନ୍ମଦାତ୍ରୀଙ୍କୁ ମୁଁ ଜାଣେନା । ମୋର ପାଳକ ପିତା ମୋତେ କୌଣସି ଅନାଥାଶ୍ରମରୁ ଗ୍ରହଣ କରିଥିଲେ । ମୋର ସେ ଅନାଥାଶ୍ରମ ଜୀବନ ମଧ୍ୟ ଏପର୍ଯ୍ୟନ୍ତ କିଛି କିଛି ମନେ ଅଛି । କାରଣ ଅନାଥାଶ୍ରମ ଛାଡ଼ିବାବେଳକୁ ମୋତେ ସାତ ବର୍ଷ ହୋଇ ସାରିଥିଲା ।

ମୋ ସଙ୍ଗରେ ଅନାଥାଶ୍ରମକୁ ଆସିଥିବା ସବୁ ଶିଶୁ ଅନାଥାଶ୍ରମକୁ ଛାଡ଼ି ବିଭିନ୍ନ ସହରରେ ବାପା ମାଆ ପାଇ ଚାଲି ଯାଇଥିଲେ କେବଳ ମୋତେ ଛାଡ଼ି । ମୋ ଆଗରୁ ଯେଉଁମାନେ ଆଶ୍ରୟସ୍ଥଳ ଓ ପାଳକ ପିତାମାତା ପାଇବାରେ ସମର୍ଥ ହୋଇଥିଲେ ସେମାନେ ସମସ୍ତେ ରୂପରେ ମୋଠୁ ଯଥେଷ୍ଟ ସୁନ୍ଦର ଥିଲେ ।

ଯେଉଁଦିନ ଅନାଥାଶ୍ରମକୁ ଆମମାନଙ୍କ ଭିତରୁ କାହାକୁ ପସନ୍ଦ କରିବାକୁ କୌଣସି ପାଳକ ପିତା ବା ମାତା ଆସିବାର ଥାଏ, ସେଦିନ ଆମ ଅନାଥାଶ୍ରମର ପରିଚାଳିକା ଆମ ସମସ୍ତଙ୍କୁ ସଫା ପୋଷାକ ପିନ୍ଧାଇ ସେମାନଙ୍କ ଆଗକୁ ଛାଡ଼ନ୍ତି । ଆମ ଭିତରୁ ଯିଏ ତାଙ୍କର ପସନ୍ଦ ହୁଏ ତାକୁ ସିଏ ବାଛି ନିଅନ୍ତି । ସେ ପିଲା ଅତ୍ୟନ୍ତ ଖୁସି ହୋଇ ତା'ର ପାଳକ ପିତା ବା ପାଳକ ମାତାଙ୍କ କୋଳକୁ ଚାଲିଯାଏ । କିନ୍ତୁ ଅବଶିଷ୍ଟ ପିଲାମାନେ ମନ ଦୁଃଖରେ ପୁଣି ଅନାଥାଶ୍ରମର ପଞ୍ଜୁରୀ ଭିତରକୁ ଫେରି ଆସନ୍ତି ।

Digitized by srujanika@gmail.com

ପାଳକ ପିତାମାତାଙ୍କ ଦୃଷ୍ଟି ଆକର୍ଷଣ କରିବା ପାଇଁ ଆମ ଭିତରେ ପ୍ରତିଯୋଗିତା ଚାଲେ । ସୁନ୍ଦର ରୂପ, ଭଲ ଗୀତ ଗାଇବା କିମ୍ବା ସ୍ମାର୍ଟ ଭାବେ କଥାବାର୍ତ୍ତା କରୁଥିବା ପିଲାମାନେ ସହଜରେ ପାଳକ ପିତା ମାତା ପାଇଗଲେ । ଆମ ବ୍ୟାଚରେ ପୁଅ, ଝିଅ ମିଶି ଦଶ ଜଣ ଥିଲୁ । ଗୋଟି ଗୋଟିକି ସମସ୍ତେ ପାଳକ ପିତାମାତା ପାଇ ଅନାଥାଶ୍ରାମ ଛାଡ଼ି ଖୁସିରେ ଚାଲିଗଲେ, କିନ୍ତୁ ଅସୁନ୍ଦର ରୂପ ପାଇଁ ମୁଁ କାହାର ପସନ୍ଦ ହେଲି ନାହିଁ ।

ପ୍ରତିଥର ପ୍ରତ୍ୟାଖ୍ୟାତ ହୋଇ ଅନାଥାଶ୍ରମର ସେଇ ପଞ୍ଜୁରୀ ଭିତରକୁ ଫେରି ଆସିବା ବେଳେ ଦୁଃଖ, ହତାଶା ଓ ଅନିଶ୍ଚିତତାରେ ମୋ ମୁହଁ ଶୁଖି ଯାଉଥିଲା । ମୋ ବ୍ୟାଚର ସମସ୍ତ ପିଲା ଚାଲିଗଲା ପରେ ମୁଁ ଏକାନ୍ତ ଏକୁଟିଆ ହୋଇଗଲି । ଅନ୍ୟ କାହାର ପସନ୍ଦ ନ ହୋଇ ପଚା ଅଣ୍ଡାପରି ଅନାଥାଶ୍ରମର ଗୋଟିଏ କୋଣରେ ପଡ଼ି ରହି ମୋର ଅଜ୍ଞାତ ଜନ୍ମଦାତ୍ରୀ ଓ ଜନ୍ମଦାତାଙ୍କୁ ଗାଳି ଦେଉଥିଲି । ଈଶ୍ୱରଙ୍କୁ ମଧ୍ୟ ମନଇଚ୍ଛା ଗାଳି ଦେଉଥିଲି ।

ସେ ଅନାଥାଶ୍ରମର ଗୋଟିଏ ନିୟମ ଥିଲା,– କୌଣସି ପିଲା ସାତ ବର୍ଷରୁ ଅଧିକ ଦିନଟିଏ ମଧ୍ୟ ଅନାଥାଶ୍ରମରେ ରହିପାରିବ ନାହିଁ । ଏ ନିୟମ ଅବଶ୍ୟ ସେ ପର୍ଯ୍ୟନ୍ତ ଅନାଥାଶ୍ରମର କୌଣସି ପିଲାଠିଁ ପ୍ରୟୋଗ କରାଯାଇ ନ ଥିଲା; କାରଣ ସବୁ ପିଲା ଅନାଥାଶ୍ରମକୁ ଆସିବାର ଦୁଇ ତିନି ବର୍ଷ କି ଅତି ବେଶିରେ ଚାରିବର୍ଷ ଭିତରେ ପାଳକ ପିତାମାତା ପାଇ ଚାଲିଯାଉଥିଲେ । କିନ୍ତୁ ମୋର ଅନାଥାଶ୍ରମରେ ଛଅବର୍ଷ ଛଅମାସ ପୂରି ଯାଇଥିଲେ ବି ମୋର କିଛି ବ୍ୟବସ୍ଥା ହୋଇ ପାରି ନଥିଲା । ସେଥିପାଇଁ ଆମ ଅନାଥାଶ୍ରମର ପରିଚାଳିକା ଅତ୍ୟନ୍ତ ଚିନ୍ତିତା ଥିଲେ ।

ଆଉ ଛଅମାସ ପରେ ସେମାନେ ମୋତେ ଅନାଥାଶ୍ରମରେ ସ୍ଥାନ ଦେଇ ପାରିବେ ନାହିଁ । ତା' ହେଲେ ମୋତେ ନେଇ ସେମାନେ କ'ଣ କରିବେ ? ହୁଏତ ଅନାଥାଶ୍ରମର ଫାଟକ ଖୋଲି ଖୋଲା ପଡ଼ିଆରେ ଛାଡ଼ିଦେବେ । ନିଜର କିଛି ଦାୟିତ୍ୱ ନ ନେଇଥିବା ସାତବର୍ଷର ଶିଶୁଟିଏ କ'ଣ କରିବ ? କୁଆଡ଼େ ଯିବ ?

ମୋତେ ଲାଗିଲା ଏ ସମୁଦାୟ ପୃଥିବୀରେ ମୁଁ ନିତାନ୍ତ ଅଦରକାରୀ । ଠିକ୍ ସାତବର୍ଷ ପୂରିଯିବା ପରେ ଅନାଥାଶ୍ରମର ପରିଚାଳିକା ମୋତେ ପାଚେରି ବାହାରକୁ ଫିଙ୍ଗି ଦେବେ ।

ମୁଁ ଦର୍ପଣ ଆଗରେ ଠିଆ ହୋଇ ନିଜ ରୂପକୁ ଦେଖିଲି ଗୋଟିଏ ଅସୁନ୍ଦର ଶିଶୁ ପ୍ରତିଛବି ଦର୍ପଣରେ ପ୍ରତିଫଳିତ । ଏମିତି ଅସୁନ୍ଦର ଶିଶୁକୁ କିଏବା କାହିଁକି ନିଜ କୋଳକୁ ଉଠାଇ ନେଇ ପିତୃସ୍ନେହ ଦାନ କରିବ ? ପ୍ରତ୍ୟେକ ଲୋକ ଚାହେ ସୁନ୍ଦର ସନ୍ତାନଟିଏ । ପୁଣି ସନ୍ତାନଟିଏ ବାଛି ନେବା କଥା ଉଠିଲେ ସବୁଠୁ ସୁନ୍ଦର ଶିଶୁଟିଏ

Digitized by srujanika@gmail.com

ନ ବାଛି କିଏ ବା କାହିଁକି ମୋ ପରି ଅସୁନ୍ଦର ସନ୍ତାନ ଆଡକୁ ହାତ ବଢ଼ାଇବ ?

ରାତିରେ ଶୋଇବା ବେଳେ ମୁଁ ଅନେକ ଅସୁନ୍ଦର ସ୍ୱପ୍ନ ଦେଖିଲି । ପରିଚାଳିକାଙ୍କ ଆଦେଶରେ ମୋତେ ଚଳନ୍ତା ରେଳଗାଡ଼ି ଆଗକୁ ଫିଙ୍ଗି ଦିଆଯାଉଛି ଓ ମୋର ଅସୁନ୍ଦର ଶରୀରଟା ମଝିରୁ ଦୁଇ ଫାଳ ହୋଇ କଟିଯାଉଛି । କିନ୍ତୁ ମୋ ଦେହରୁ ବୁନ୍ଦାଏ ହେଲେ ରକ୍ତ ବାହାରୁ ନାହିଁ । ଦୁଇଟା ଯାକ ଫାଳ ଯୋଡ଼ି ହୋଇ ଜୀବନ ପାଇ ପୁଣିଫେରି ଆସୁଛି ଅନାଥାଶ୍ରମର ପାଚେର ଡେଇଁ । ଦୁଇଜଣ ଦୁର୍ଦ୍ଧାନ୍ତ ଲୋକ ମୋତେ ପୁଣିଥରେ ଧରିନେଇ ଗୋଟେ ବିଦ୍ୟୁତ ଚୁଲା ଭିତରକୁ ଫିଙ୍ଗି ଦେଉଛନ୍ତି । ମୋ ଦେହଟା ସଙ୍ଗେ ସଙ୍ଗେ ପୋଡି ପାଉଁଶ ହୋଇ ଯାଉଛି । କିନ୍ତୁ ପୋଡିଯିବା ସମୟରେ ଯେଉଁ କଳା ଧୂଆଁ ଉଠିଛି ତାହା ଆକାଶକୁ ଉଠିଯାଉଛି ଆଉ ସେଇ କଳା ଧୂଆଁରୁ ପୁଣି ମୁଁ ବାହାରି ଆସି କାନ୍ଦି କାନ୍ଦି ଅନାଥାଶ୍ରମ ଆଡକୁ ଫେରି ଆସୁଛି ।

ପ୍ରତି ରାତିରେ ଏମିତି ଭୟଙ୍କର ସ୍ୱପ୍ନ ଯୋଗୁଁ ମୁଁ ଖୁବ୍ ଭୟ ପାଇ ଯାଇଥିଲି । କିନ୍ତୁ ଅନାଥାଶ୍ରମରେ ମୋର ଯେଉଁଦିନ ସାତ ବର୍ଷ ପୂରିଯିବା କଥା ସେଇଦିନ ମୋର ସମସ୍ତ ଦୁଃଖର ଅବସାନ ଘଟିଲା ।

ଜଣେ ସୁନ୍ଦର ପୁରୁଷ ଅନାଥାଶ୍ରମର ଏ ମୁଣ୍ଡରୁ ସେ ମୁଣ୍ଡ ବୁଲି ଦେଖୁ ଦେଖୁ ମୋ ଉପରେ ତାଙ୍କର ଦୃଷ୍ଟି ପଡ଼ିଗଲା; କାରଣ ମୁଁ ସେତେବେଳକୁ ଉଚ୍ଚ ସ୍ୱରରେ କାନ୍ଦୁଥିଲି । ସେ ମୋ ପାଖକୁ ଆସି ପିଠି ଆଉଁଶି କାନ୍ଦିବାର କାରଣ ପଚାରିଲେ । ମୁଁ ସେମିତି କାନ୍ଦୁ କାନ୍ଦୁ କହିଲି- କାଲିଠୁ ମୋତେ ଏ ଅନାଥାଶ୍ରମ ଛାଡ଼ିବାକୁ ପଡ଼ିବ । କିନ୍ତୁ ଅନାଥାଶ୍ରମର ବାହାର ଦୁନିଆ ମୁଁ ଦେଖି ନାହିଁ । ମୁଁ କେମିତି କ'ଣ କରିବି, କୋଉଠି ରହିବି, ସେଇକଥା ଭାବି କାନ୍ଦୁଛି ।

ସେ ଭଦ୍ରଲୋକ ମୋତେ ଠିଆ କରାଇ ମୋର ହାତଗୋଡ଼ ଦେଖିଲେ । ତାଙ୍କ ମୁହଁରେ ହସ ଦେଖାଗଲା । ସିଏ ଯାହା ଖୋଜୁଥିଲେ ତାହା ପାଇଯିବା ପରି ଖୁସି ଖୁସି ଦିଶିଲେ । ମୋତେ ଅଶ୍ୱାସନା ଦେଇ କହିଲେ- ଠିକ୍ ଅଛି ମୁଁ ତୁମକୁ ନେବି । ତୁମେ ମୋର ପୁଅ ହୋଇ ରହିବ । ମୁଁ ତୁମକୁ ଜଣେ ଫୁଟ୍‌ବଲ୍ ପ୍ଲେୟାର କରିବି । କ'ଣ ଖେଳିବ ତ ?

ମୁଁ ହଁ ମାରିବା ମୁଦ୍ରାରେ ମୁଣ୍ଡ ହଲାଇଲି । ଅନାଥାଶ୍ରମର ସମସ୍ତ କାଗଜପତ୍ରରେ ସ୍ୱାକ୍ଷର କରି ମୋର ପାଳକ ପିତା ସେଦିନ ତାଙ୍କ ଘରକୁ ଆଣିଲେ । ତାଙ୍କ ନାଆଁ ଥିଲା ମାର୍ଟିନ । ମୁଁ ଭାବିଥିଲି ଯେ ନିଃସନ୍ତାନ ହୋଇଥିବେ । ମୁଁ ପହଞ୍ଚିବା ମାତ୍ରେ ପାଳକ ମାତା ମୋତେ ସ୍ୱାଗତ ଜଣାଇବେ । କିନ୍ତୁ ସେପରି କିଛି ଘଟିଲା ନାହିଁ । ମୋର ପାଳକ ପିତାଙ୍କର ତିନୋଟି ସନ୍ତାନ ଥିଲେ । ଦୁଇଟି ପୁଅ, ଗୋଟିଏ ଝିଅ । ସେମାନେ ମୋଠୁ ଢେର ବଡ଼ ଥିଲେ ।

ଆନନ୍ଦ ଚନ୍ଦ୍ର ପତି

Digitized by srujanika@gmail.com

କେବଳ ମୋର ଉପସ୍ଥିତି ନେଇ ମୋର ପାଳକ ମାତା ସାମାନ୍ୟ ଆପତ୍ତି ଉଠାଇଲେ । ମୋ ପାଳକ ପିତା ତାଙ୍କୁ ବୁଝାଇଦେଲେ ଯେ ସେ ମୋତେ ମାତ୍ର ଆଜି ଦିନଟି ଘରେ ରଖି କାଲିଠୁ ସ୍ପୋର୍ଟସ ହଷ୍ଟେଲ୍‌ରେ ଛାଡ଼ିବେ ଓ ମୁଁ ସେଇଠି ରହି ଫୁଟ୍‌ବଲ୍ ଶିକ୍ଷା କରିବି ।

ସେଇ ଦିନଠୁ ମୁଁ ତାଙ୍କର ଫୁଟବଲ୍ ପୁତ୍ର ହୋଇ ସ୍ପୋର୍ଟସ୍ ହଷ୍ଟେଲରେ ଫୁଟ୍‌ବଲ୍ ଖେଳ ତାଲିମ ନେଲି । ମୋର ସମସ୍ତ ଖର୍ଚ୍ଚ ସେ ବହନ କଲେ । ପ୍ରତି ସପ୍ତାହାନ୍ତ ରବିବାର ଦିନ ସେ ମୋ ପାଖକୁ ଆସନ୍ତି । ମୋ ସହିତ ଫୁଟ୍‌ବଲ୍ ଖେଳ ଓ ଫୁଟବଲ୍ ଶିକ୍ଷା ବିଷୟରେ ଆଲୋଚନା କରନ୍ତି । ବିଶ୍ୱ ଫୁଟବଲ୍ ଖେଳ ବିଷୟରେ ପ୍ରକାଶିତ ବିଭିନ୍ନ ମୂଲ୍ୟବାନ ପୁସ୍ତକ ମୋତେ ଉପହାର ଦିଅନ୍ତି ଏବଂ ଫୁଟବଲ୍ ଖେଳରେ ବିଶ୍ୱ ବିଖ୍ୟାତ ହେବା ପାଇଁ ପ୍ରେରଣା ଦିଅନ୍ତି । କୌଣସି ଏକ ପ୍ରସିଦ୍ଧ ହୋଟେଲ୍‌ରେ ମୋ ସହିତ ମଧ୍ୟାହ୍ନ ଭୋଜନ କରି ମୋ ମସ୍ତକ ଚୁମ୍ବନ କରି ମୋତେ ଆଶୀର୍ବାଦ ଦେଇ ଫେରି ଯାଆନ୍ତି ପୁଣି ଆସନ୍ତା ରବିବାର ଦିନ ଆସିବାର ପ୍ରତିଶ୍ରୁତି ଦେଇ ।

ଏଲିନା କଥା ମଝିରେ କହିଲେ- ରିଏଲି ତୁମ ଜୀବନ ଇତିହାସଟା ଖୁବ୍ ଇଣ୍ଟରେଷ୍ଟିଙ୍ଗ । ଆଜି ତୁମର ଏ ସଫଳତା ଦେଖି ସବୁଠୁ ବେଶି ଖୁସି ହୋଇଥିବେ ତୁମର ପାଳକ ପିତା ମାର୍ଟିନ୍ ।

ଯୋଯୋ ଦୀର୍ଘ ନିଃଶ୍ୱାସ ଟାଣି କହିଲେ– ନା, ଏଲିନା ! ଏ ସୁଖ ଦେଖିବାକୁ ସିଏ ଆଉ ନାହାଁନ୍ତି । ଦୁଇ ବର୍ଷ ତଳେ ଗୋଟେ କାର ଆକ୍‌ସିଡେଣ୍ଟରେ ତାଙ୍କର ମୃତ୍ୟୁ ହୋଇଗଲା । ସେ ଦିନ ଥିଲା ଗୋଟେ ଅଭିଶପ୍ତ ରବିବାର । ମୋତେ ସାକ୍ଷାତ କରିବା ପାଇଁ ଆସିବା ବାଟରେ କାର ଦୁର୍ଘଟଣାରେ ତାଙ୍କର ମୃତ୍ୟୁ ହୋଇଗଲା ।

ସେଇ ବଖରାର ଗୋଟିଏ କାନ୍ଥରେ ଟଙ୍ଗା ଯାଇଥିବା ମାର୍ଟିନଙ୍କ ଆବକ୍ଷ ତୈଳଚିତ୍ର ପାଖକୁ ଏଲିନାଙ୍କୁ ଡାକି ନେଇଥିଲେ ଯୋଯୋ । ଦୁହେଁ ସେଇ ସ୍ୱର୍ଗତଃ ଆତ୍ମା ପ୍ରତି ସେମାନଙ୍କ ଭକ୍ତି ନିବେଦନ କରିଥିଲେ ।

ଯୋଯୋ ତାଙ୍କର ପାଳକ ପିତା ମାର୍ଟିନଙ୍କ ତୈଳଚିତ୍ରକୁ ଚାହିଁ ଏଲିନାଙ୍କୁ କହିଲେ– ଫୁଟବଲ୍ ଖେଳରେ ମୋର ସମସ୍ତ ସଫଳତା କେବଳ ଏହି ମହାପୁରୁଷଙ୍କ ଦାନ ।

ଯୋଯୋ ତାଙ୍କ ବେକରେ ପକାଇଥିବା ଗୋଟିଏ ପଦକରେ ମାର୍ଟିନଙ୍କ ଫଟୋ ଦେଖାଇ କହିଲେ– ମୁଁ ପ୍ରତିକ୍ଷଣରେ ଏଇ ମହାନ ଆତ୍ମାଙ୍କୁ ସ୍ମରଣ କରି ଖେଳେ । ମୋର ପ୍ରତି କିକ୍ ମୂଳରେ ଯାଙ୍କର ନିର୍ଦ୍ଦେଶ ନିହିତ । ଖେଳ ପଡ଼ିଆକୁ ଓହ୍ଲାଇବା ବେଳେ ମୁଁ ନିଜ ଭିତରେ ଯାଙ୍କରି ସତ୍ତା ହିଁ ଅନୁଭବ କରେ ।

ଏଲିନା ମନ ଭିତରେ ମାର୍ଟିନ ଓ ଯୋଯୋ ଦୁହିଁଙ୍କ ମହାନତାକୁ ତଉଲୁଥିଲେ ।

ଆନନ୍ଦ ଚନ୍ଦ୍ର ପଣ୍ଡି

Digitized by srujanika@gmail.com

ଜଣେ ଗୋଟିଏ ଅସହାୟ ଅସୁନ୍ଦର ଶିଶୁକୁ ଅନାଥାଶ୍ରମରୁ ଉଠାଇ ଆଣି ତାକୁ ବିଶ୍ୱ ବିଖ୍ୟାତ ଫୁଟବଲ୍ ଖେଳାଳି ଭାବେ ଠିଆ କରାଇ ପାରିଲେ, ଆଉ ଜଣେ ସଫଳତାର ତୁଙ୍ଗ ଶିଖରରେ ଠିଆ ହୋଇ ମଧ୍ୟ ଅନାଥାଶ୍ରମର ଅବହେଳିତ ଓ ଅସୁନ୍ଦର ଶିଶୁମାନଙ୍କ ଅଭିମାନ, ଦୁଃଖ, ଯାତନା, ଭୁଲି ପାରି ନାହାଁନ୍ତି । ଦୁହିଁଙ୍କ ଉଦ୍ଦେଶ୍ୟରେ ଏଲିନାଙ୍କ ମୁଣ୍ଡ ନଇଁଗଲା ।

ଯୋଯୋ ଏଲିନାଙ୍କ ଆଡକୁ ଚାହିଁଲେ । ତାଙ୍କ ଆଖିରେ ଥିଲା ଆଖିଏ ପ୍ରଶ୍ନ– ମୋର ସମସ୍ତ କଥା, ସର୍ତ୍ତ ଶୁଣି ସାରିବା ପରେ ମଧ୍ୟ ତୁମେ କ'ଣ ମୋତେ ବିବାହ କରିବାକୁ ପ୍ରସ୍ତୁତ ଏଲିନା ?

ଏଲିନା ଉତ୍ତର ଦେଲେ– ମୁଁ ତୁମକୁ ପ୍ରଥମେ ଜଣେ ମଣିଷ ଭାବେ ଭଲ ପାଇଥିଲି ଯୋଯୋ, କିନ୍ତୁ ତୁମର ସମସ୍ତ କଥା ଶୁଣିବା ପରେ ମୋ ହୃଦୟରେ ତୁମେ ଦେବତାର ଆସନ ଗ୍ରହଣ କରିଛ ।

ଯୋଯୋ ଏଲିନାଙ୍କୁ ଆଲିଙ୍ଗନ କରିବାକୁ ଆଗେଇ ଗଲାବେଳେ ଏଲିନା ନିଜକୁ ଦୂରେଇ ନେଇ କହିଲେ– ଆଗାମୀ ବିଶ୍ୱକପ୍ ପର୍ଯ୍ୟନ୍ତ ଆଲିଙ୍ଗନ ନୁହେଁ ଆମକୁ କରମର୍ଦ୍ଦନରେ ସନ୍ତୁଷ୍ଟ ରହିବାକୁ ପଡ଼ିବ ।

ଦୁହେଁ ହୋ ହୋ ହୋଇ ହସିଉଠିଲେ ।

□□

ଆନନ୍ଦ ଚନ୍ଦ୍ର ପହି

Digitized by srujanika@gmail.com

ଅନ୍ତରଙ୍ଗ ଆକର୍ଷଣ

ପାଠକ ପାଠିକାମାନଙ୍କଠାରୁ ଚିଠି ପାଇଲେ ସବୁ ଗାଳ୍ପିକ ଉଲ୍ଲସି ଉଠନ୍ତି । ଜଣେ ପାଠିକାଠାରୁ ଚିଠି ପାଇଲେ ତା'ର ଆନନ୍ଦ ଓ ଉଲ୍ଲାସ ସ୍ୱତନ୍ତ୍ର । ସେଥିରେ କିଛିଟା ରୋମାଞ୍ଚ ଫେଣ୍ଟି ହୋଇଯାଏ । କିଛିଟା ସବୁଜ ସ୍ୱପ୍ନ ନିଶା ପରି ନେସି ହୋଇଯାଏ, ଆଚ୍ଛନ୍ନ କରି ଉଚ୍ଛନ୍ନ କରେ ଗାଳ୍ପିକମାନଙ୍କୁ । କଳ୍ପନାର ସୂତା ଲମ୍ବିଚାଲେ ପବନ ଗତିରେ । ସେଇ ସୂତାରେ ସୂତାରେ ଓହ୍ଲାଇଯାନ୍ତି ଗାଳ୍ପିକ, ପହଞ୍ଚିଯାନ୍ତି ଅସାମାନ୍ୟା ସୁନ୍ଦରୀ କୁଆଁରୀ ଲଳନାଟିଏ ପାଖରେ । ସେ ଲଳନାଟି ରୂପବତୀ ଯେମିତି ରୁଚିମତି ସେମିତି ।

ସଂଧ୍ୟା ଡାକରେ ସେମିତି ଜଣେ ପାଠିକାଙ୍କ ପାଖରୁ ଚିଠିଟିଏ ପାଇ ରୋମାଞ୍ଚିତ ହେଲେ ଗାଳ୍ପିକ ବିନୋଦ । ଚିଠିଟି ଅତି ସଂକ୍ଷିପ୍ତ ଥିଲା—

ପ୍ରିୟ ମହାଶୟ,

ନମସ୍କାର, ମୁଁ ଆପଣଙ୍କ ଗଳ୍ପର ଜଣେ ମୁଗ୍ଧା ପାଠିକା । ଆପଣଙ୍କ ଗଳ୍ପ ପୁସ୍ତକ 'ଅସମାପ୍ତ', 'କ୍ରିୟା ପ୍ରକ୍ରିୟା', 'ଫୁଲ ଓ ଫଗୁଣ' ଆଉ 'ଶତାବ୍ଦୀର ଶେଷକଥା' ମୋତେ ଖୁବ ଆନନ୍ଦ ଦେଇଛି । ଆପଣଙ୍କ ଅନନ୍ୟ ଗଳ୍ପଗ୍ରନ୍ଥଗୁଡ଼ିକ ଓଡ଼ିଆ କଥା ସାହିତ୍ୟକୁ ସମୃଦ୍ଧ କରୁଛି । ସେଥିପାଇଁ ମୋର ଆନ୍ତରିକ ଅଭିନନ୍ଦନ ଗ୍ରହଣ କରିବେ ।

କିନ୍ତୁ ଆପଣଙ୍କର ସଦ୍ୟ ପ୍ରକାଶିତ ଗଳ୍ପଗ୍ରନ୍ଥ, 'ରତୁବଦଳ' ଉପରେ ମୋର ଆପଣଙ୍କୁ କିଛି କହିବାର ଅଛି । ମୁଁ ଆସନ୍ତା ୧୦ ତାରିଖ ଦିନ ସକାଳ ଏଗାରଟା ବେଳେ ଆପଣଙ୍କ ଘରେ ପହଞ୍ଚିବି । ଦୟାକରି ଆପଣ ଘରେ ଥିବେ । ଇତି

ଆପଣଙ୍କ ସୌଜନ୍ୟମୁଗ୍ଧା

ବନଜା ପଟ୍ଟନାୟକ

ଆନନ୍ଦ ଚନ୍ଦ୍ର ପତି

Digitized by srujanika@gmail.com

ବନଜା ପଟ୍ଟନାୟକ, ରାଉରକେଲା କଲେଜରେ ପଢୁଥିବା ଝିଅ, କଲେଜ ଛାଡ଼ି ଚାକିରି କରୁଥିବା ଝିଅ ନା ବିବାହିତା ତରୁଣୀ ? ହୁଏତ ଓଡ଼ିଆରେ ଏମ୍ ଫିଲ୍ କରୁଥିବା କୁମାରୀଟିଏ । କୌଣସି ପୁଞ୍ଜିପତିର କିମ୍ବା ଉଚ୍ଚ ପଦସ୍ଥ ଅଫିସରଙ୍କ ଉଚ୍ଚଶିକ୍ଷିତା ଲାବଣ୍ୟମୟୀ ଅଲିଅଳୀ କନ୍ୟା ।

ଏମିତି ବି ହୋଇପାରେ, ହୁଏତ ଏ ବନଜା ପଟ୍ଟନାୟକ ଅତି ଅସୁନ୍ଦରୀ । ବିଭିନ୍ନ ଲେଖକଙ୍କ ପାଖକୁ ଚିଠି ଲେଖି ଏମିତି ଇନ୍ଦ୍ରଜାଲ ସୃଷ୍ଟି କରିବା ତା'ର ସଉକ ହୋଇପାରେ । ହୁଏତ ସେ ଝିଅଟି ଛୋଟୀ ହୋଇପାରେ । ତା'ର ଆଦୌ ପାଦ ବି ନ ଥାଇପାରେ । ବସନ୍ତମୁହାଁ କି ପ୍ରୌଢ଼ା ମଧ ହୋଇପାରେ । ଝିଅ ନାଆଁରେ କୌଣସି ପୁଅ ମଧ ଚିଠି ଦେଇଥାଇପାରେ ।

ଏମିତି ଗୋଟେ ନକାରାତ୍ମକ ଚିନ୍ତାରେ ମନଟା ଖରାପ ହୋଇଗଲା । ତାଙ୍କର ମନେ ହେଲା ସୁନ୍ଦର ଚିତ୍ରଟି ଉପରେ ଯେମିତି କିଛି କାଳି ଢାଳି ହୋଇ ଯାଇ ଏକଦମ୍ ବିକୃତ, କୁତ୍ସିତ ହୋଇଯାଇଛି ।

କିନ୍ତୁ ପର ମୁହୂର୍ତ୍ତରେ ତାଙ୍କ ମନଟାକୁ ଜହ୍ନ ଆଲୁଅରେ ଝଲସାଇ ଗୋଟିଏ ଭାବନା ତାଙ୍କ ମୁଣ୍ଡକୁ ଆସିଲା । ପାଠିକା ଜଣକ ଯଦି ଅସୁନ୍ଦରୀ ହୋଇଥାନ୍ତେ ତା' ହେଲେ ସିଏ ନିଜେ ଆସି ସାକ୍ଷାତ କରିବାକୁ ପ୍ରସ୍ତାବ କଦାପି ଦେଇ ନ ଥାନ୍ତେ । ବିବାହିତା ଝିଅଟିଏ ବି ସାକ୍ଷାତ କରିବା ପରି ସ୍ୱାଧୀନତା ତା' ସ୍ୱାମୀଠାରୁ ପାଇବାରେ ସମର୍ଥ ହେବ ନାହିଁ । ଅତଏବ ସାକ୍ଷାତ କରିବାକୁ ଆସୁଥିବା ପାଠିକା ଜଣକ ନିଶ୍ଚୟ କମ୍ ବୟସର କୁଆଁରୀ ଓ ଅସାମାନ୍ୟା ନ ହେଲେ ବି ସୁନ୍ଦରୀ ।

ଅନେକ ମୂର୍ତ୍ତି ତାଙ୍କ ଆଖି ଆଗକୁ ଆସି ଫେରି ଯାଉଥିଲା । ପାଠିକା ବନଜା ପଟ୍ଟନାୟକ ସେ ସମସ୍ତ ମୂର୍ତ୍ତିଠାରୁ ଆହୁରି ସୁନ୍ଦର । ସିଏ ଦେଖିଥିବା ସମସ୍ତ ଝିଅଙ୍କର ଆକର୍ଷଣୀୟ ଅଂଗ ସୌଷ୍ଠବକୁ ମନେମନେ ଏକାଠି କରି ଆଙ୍କି ଚାଲିଥାନ୍ତି କମନୀୟ ମୂର୍ତ୍ତି । ସେ ମୂର୍ତ୍ତି ଅଙ୍କା କିନ୍ତୁ ସରୁ ନ ଥିଲା । କୋଣାର୍କ ମନ୍ଦିର କାନ୍ଥରେ ତିଆରି ସୁନ୍ଦର ନାରୀମୂର୍ତ୍ତି ମଧ ତାଙ୍କ କଳ୍ପନା ଭିତରକୁ ଓହ୍ଲାଇ ଆସୁଥିଲା ।

ହାତରେ ଗରମ ଚା କପ୍ ଧରି ଡ୍ରଇଁ ରୁମ୍‌କୁ ପଶି ଆସିଲେ ଗାଳ୍ପିକଙ୍କ ସ୍ତ୍ରୀ ମଧୁମିତା । ସ୍ୱାମୀଙ୍କ ହାତରେ ଗୋଟିଏ ଚିଠି କିନ୍ତୁ ତାଙ୍କ ଦୃଷ୍ଟି ଖୁବ୍ ଦୂରରେ କୌଣସି ଏକ କାଳ୍ପନିକ ବିନ୍ଦୁରେ ସ୍ଥିର ହୋଇଯାଇଛି । ତାଙ୍କ ଡାକ ପଶୁନାହିଁ ସ୍ୱାମୀଙ୍କ କାନରେ । ମଧୁମିତା ଚା' କପ୍‌ଟା ଟିପୟ ଉପରେ ଥୋଇ ଦେଇ ଚିଠିଟାକୁ ଛଡ଼ାଇ ଆଣିଲେ । ତଥାପି ତାଙ୍କର ଭାବାନ୍ତର ନାହିଁ । ସେଇ ଗୋଟିଏ ପୋଜ୍‌ରେ ଫ୍ରିଜହୋଇ ରହିଯାଇଛନ୍ତି ।

ମଧୁମିତା ଚିଠିଟାକୁ ଓଲଟପାଲଟ କରି ଦେଖିଲେ । ମାତ୍ର ସାତ ଆଠ ଧାଡ଼ିର ଚିଠି । ଆଉ ତେବେ କ'ଣ କୌଣସି ଗଳ୍ପର ପ୍ଲଟ ସହିତ ସିଏ ଏମିତି ଏକାତ୍ମ

Digitized by srujanika@gmail.com

ହୋଇଯାଇଛନ୍ତି ? ଅପେକ୍ଷା କଲେ ଚା' ଥଣ୍ଡା ହୋଇଯିବ । ସ୍ୱାମୀଙ୍କ ପିଠିରେ ହାତରଖି ତାଙ୍କୁ ଝୁଙ୍କାଇ ଦେଲେ ମଧୁମିତା ।

ବିନୋଦବାବୁ ନିଜ ଭିତରୁ ଫେରିଆସି ଲାଜଲାଜ ହୋଇ ମୁରୁକି ହସିଲେ । ପତ୍ନୀ ମଧୁମିତାଙ୍କ ହାତରୁ ଚା କପ୍‌ଟି ନେଇ ଓଠରେ ଦେଲେ । ମଧୁମିତାଙ୍କର କୌଣସି ପ୍ରଶ୍ନର ଉତ୍ତର ନ ଦେଇ ବିନୋଦବାବୁ ଅନ୍ୟମନସ୍କ ଭାବେ ଚା' ପିଇ ଚାଲିଲେ । ମଧୁମିତା ବିରକ୍ତ ହୋଇ ଘରକାମ ଘେରକୁ ଫେରିଗଲେ । କବି ଓ ଗାଳ୍ପିକଗୁଡ଼ାକ ବେଳେ ବେଳେ ପାଗଳ ଓ ନିର୍ବୋଧ ପରି ବ୍ୟବହାର ଦେଖାନ୍ତି ।

ଆସନ୍ତା ରବିବାର ଦିନ ଆସିବେ ବନଜା । ଶନିବାର ଦିନ ଘର ଝାଡୁ କରିବା, ଝରକା, ଦରଜାର ସ୍କ୍ରିନ୍ ସଫା କରିବା ପାଇଁ ପତ୍ନୀଙ୍କୁ ପରାମର୍ଶ ଦେଇ ବିନୋଦବାବୁ ନିଜେ ଲାଗିଗଲେ ବୈଠକଘର ସଜାଇବାରେ । ଆଲ୍‌ମିରାର କାଚଦିଆ ଥାକରେ ନିଜ ବହିଗୁଡ଼ିକୁ ଏମିତି ସଜାଇ ଦେଲେ ଯେମିତି ଗୋଟିଏ ସ୍ଥାନରୁ ମଧ ସବୁ ବହିର ମୁହଁ ଦେଖି ହେବ । ପ୍ରଚ୍ଛଦର ରୂପ ଲାବଣ୍ୟ ଉପଭୋଗ କରିହେବ । ଆଉ କେତୋଟି ବହି ଉପରୁ ସାଧା କଭର କାଢ଼ି ତା' ସ୍ଥାନରେ ଲାମିନେଟେଡ୍ କଭର ମଡ଼ାଇ ଟିଭି ଉପରେ ଥିବା ବୁକ୍‌ଷ୍ଟାଣ୍ଡରେ ଦୃଷ୍ଟି ଆକର୍ଷଣକାରୀ ଶୈଳୀରେ ସଜେଇ ରଖିଲେ । ଟିପୟ ଉପରେ କାଚ ଲଗାଇଲେ । କାଚତଳେ ସଦ୍ୟପ୍ରକାଶିତ ତାଙ୍କ ଗଳ୍ପ ଗ୍ରନ୍ଥ 'ଋତୁ ବଦଳ'ର ବହୁରଙ୍ଗ ବିଶିଷ୍ଟ ପ୍ରଚ୍ଛଦଟିଏ ରଖିଲେ ।

ବିନୋଦବାବୁଙ୍କର ଏମିତି ପ୍ରସ୍ତୁତି ଦେଖି ବ୍ୟତିବ୍ୟସ୍ତ ହେଲେ ମଧୁମିତା । କାହା ପାଇଁ ଏତେ ସବୁ ପ୍ରସ୍ତୁତି ? ସେଇ ଚିଠି ଲେଖିଥିବା ଝିଅଟି କ'ଣ ତାଙ୍କର ପୂର୍ବ ପରିଚିତା ପ୍ରେମିକା ? ସନ୍ଦେହର ସୁତୀକ୍ଷ୍ଣ ତରବାରୀ ଫୁଟିଗଲା ତାଙ୍କ ମନଠୁ ଛାତି ପର୍ଯ୍ୟନ୍ତ ।

ରବିବାର ଦିନ ସକାଳୁ ବିନୋଦବାବୁ ନିଜକୁ ସଜାଇ ଚାଲିଲେ । ମୁହଁରେ କ୍ରିମ୍, ବେକମୂଳରେ ସୁବାସିତ ପାଉଡରର ପ୍ରଲେପ । ପୋଷାକର ଏଣେ ତେଣେ ବିଦେଶୀ ପରଫ୍ୟୁମ୍‌ର ସ୍ପର୍ଶ । ଟିପୟ ଉପରେ ଥିବା ଫ୍ଲାୱାର ଭେସ୍‌ରେ ରକ୍ତ ଗୋଲାପର ପାଞ୍ଚଟି ସ୍ତବକ । କାଚଫ୍ରେମ୍‌ରେ ବନ୍ଧା ନିଜର ବଡ଼ ସାଇଜର ଫଟୋଟିଏ ଡ୍ରଇଁରୁମ୍‌ର ସାମନା କାନ୍ଥରେ ଟାଙ୍ଗିଲେ ।

ବଜାରରୁ କିଣି ଆଣିଥିବା ମିଠାର ପ୍ୟାକେଟ୍ ଓ ସୁନ୍ଦର ଟି ସେଟ୍‌ଟିଏ ମଧୁମିତାଙ୍କ ହାତକୁ ବଢ଼ାଇ ଦେଇ କହିଲେ– ମୋର ଜଣେ ପାଠିକା ଆଜି ଆମ ଘରକୁ ଆସିବେ । ତାଙ୍କୁ ଚା ଜଳଖିଆ ନ ଦେବାଟା ଅସୌଜନ୍ୟ ହେବ ।

ମୁହଁ ଉପରକୁ ଚଢ଼ି ଆସୁଥିବା ଅନେକ ବିରକ୍ତିଭାବର ସାପମାନଙ୍କୁ ପେଡ଼ିରେ ଆୟତ୍ତ କରି ମଧୁମିତା ଅପେକ୍ଷା କରି ରହିଲେ ସେଇ ଝିଅଟିର ଆଗମନକୁ । ପାଠିକା ନା ପ୍ରେମିକା କିଏ ଆସୁଛି ତାକୁ ଦେଖିବା ପାଇଁ ତାଙ୍କ ଦେହ ଭିତରେ ବ୍ୟଗ୍ରତା

Digitized by srujanika@gmail.com

ଧାଉଁଥିଲା ପାଦଠୁ ମୁଣ୍ଡପର୍ଯ୍ୟନ୍ତ ।

ରବିବାର ଦିନ ୧୧ଟା ବେଳକୁ ବିଦୋନବାବୁଙ୍କ ଘର ଆଗରେ ରିକ୍ସା ରହିଲା । ରିକ୍ସାରୁ ଓହ୍ଲାଇଲେ ପ୍ରତୀକ୍ଷିତା ବନଜା ପଟ୍ଟନାୟକ । ବୟସ ଚବିଶ ପଚିଶ ଏପଟେ । ରଙ୍ଗ ଗୋଲାପି ଗୋରା । ଆଖି, ନାକ, ଓଠ ତୂଳିରେ ଆଙ୍କିବା ପରି ମନୋରମ । ବେଶ ବିନ୍ୟାସରେ ଆଧୁନିକତାର ସ୍ପର୍ଶ ସ୍ପଷ୍ଟ । ସଂଭ୍ରାନ୍ତ ରୁଚିର ସୁନ୍ଦରୀ ଝିଅଟିଏ ବନଜା ପଟ୍ଟନାୟକ ।

ବିନୋଦ ବାବୁଙ୍କ ସହିତ ଆଲୋଚନା ବେଳେ ବନଜା ନିଜକୁ କୃତକୃତ୍ୟ ମନେ କରୁଥିଲେ । ମଧୁମିତା ଠିକ୍ ସମୟରେ ଚା ଜଳଖିଆ ପହଞ୍ଚାଇ ଦେଇ ଦରଜା ଏପଟେ ରହି ସେମାନଙ୍କ ଅଲକ୍ଷ୍ୟରେ ସମସ୍ତ କଥା ଶୁଣୁଥିଲେ ।

ବନଜା ବନ ଝରଣା ପରି ଖୁବ୍ ପ୍ରଗଲ୍‌ଭା । ସେ ବିନୋଦବାବୁଙ୍କ ବିଭିନ୍ନ ଗଳ୍ପକୁ ଉଚ୍ଛ୍ୱସିତ ପ୍ରଶଂସା କରିଚାଲିଥିଲେ । ଗଳ୍ପର ଚରିତ୍ରମାନଙ୍କ ସହିତ ସତେ ଯେମିତି ତାଙ୍କର ପ୍ରଗାଢ଼ ପରିଚୟ ଅଛି । ତାଙ୍କର ଏ ପର୍ଯ୍ୟନ୍ତ ପ୍ରକାଶିତ ସମସ୍ତ ଗଳ୍ପର ଚରିତ୍ରମାନଙ୍କ ସହିତ ବନଜାଙ୍କର ପରିଚୟ ଦେଖି ପରଦା ପଛପଟେ ମଧୁମିତା ଯେ କେବଳ ଆଶ୍ଚର୍ଯ୍ୟ ହେଲେ ତାହା ନୁହେଁ, ନିଜେ ଗାଳ୍ପିକ ବିନୋଦ ମଧ ଅବାକ ହେଲେ ।

ଗଳ୍ପ ଉପରେ ହେଉଥିବା ଆଲୋଚନା ମଝିରେ ଗାଳ୍ପିକଙ୍କୁ କେତୋଟି ପ୍ରଶ୍ନ ପଚାରିବାକୁ ବନଜା ଅନୁମତି ଲୋଡ଼ିଲେ । ବିନୋଦବାବୁ ହସ ହସ ମୁହଁରେ ତାଙ୍କୁ ଅନୁମତି ଦେଲେ ।

ବନଜାଙ୍କର ପ୍ରଥମ ପ୍ରଶ୍ନ ଥିଲା- କହିପାରିବେ ? ଆପଣଙ୍କ ସମସ୍ତ ଗଳ୍ପ ମଧରେ କେଉଁ ପୁସ୍ତକଟି ଭିନ୍ନ.ମାନର ?

ବିନୋଦବାବୁ ଥତମତ ହେଲେ । କିଛି ସମୟ ଚିନ୍ତା କରି କହିଲେ- ଗାଳ୍ପିକ ଦୃଷ୍ଟିରେ ତା'ର ପ୍ରତ୍ୟେକ ଗଳ୍ପଗ୍ରନ୍ଥ ନିଜସ୍ୱ ଦୀପ୍ତିରେ ଭାସ୍ୱର । ଗଳ୍ପଗ୍ରନ୍ଥ କାହିଁକି ପ୍ରତ୍ୟେକ ଗଳ୍ପ ମଧ ଅନ୍ୟ ଗଳ୍ପଠାରୁ ସ୍ୱତନ୍ତ୍ର ଆସନ ଦାବି କରେ ।

ବନଜା କହିଲେ— ମୁଁ ହୁଏତ ପ୍ରଶ୍ନଟା ଠିକ୍ ଭାବେ ପଚାରି ପାରିଲି ନାହିଁ । ମୁଁ ପ୍ରଶ୍ନଟିକୁ ଆଉ ଟିକେ ସ୍ପଷ୍ଟ କରିଦେବା ଆବଶ୍ୟକ । ଆପଣଙ୍କ ଗଳ୍ପ ପୁସ୍ତକଗୁଡ଼ିକରୁ କେଉଁଟି ଆପଣଙ୍କ ଷ୍ଟାଣ୍ଡାର୍ଡ ରକ୍ଷା କରିବାକୁ ସମର୍ଥ ହୋଇପାରି ନାହିଁ ?

ଏ ପ୍ରଶ୍ନରେ ବିନୋଦଙ୍କ ମୁହଁ ଉପରକୁ କେତେ ଖଣ୍ଡ ବିଷଣ୍ଣତାର ବାଦଲ ଓହ୍ଲାଇ ଆସିଲା । ସେ ହଠାତ୍ କିଛି କହିପାରିଲେ ନାହିଁ । କିଛି ଚିନ୍ତା କରିବା ମୁଦ୍ରାରେ ଅଟକିଗଲେ ।

ବନଜା ସୌଜନ୍ୟ ଦୃଷ୍ଟିରୁ କହିଲେ— କ୍ଷମା କରିବେ । ଏ ଗୋଟିଏ ଅପ୍ରୀତିକର ପ୍ରଶ୍ନ ।

ଆନନ୍ଦ ଚନ୍ଦ୍ର ପତି

Digitized by srujanika@gmail.com

ତଥାପି ବିନୋଦବାବୁ ନୀରବ ରହିଲେ ।

ବନଜା କହିଲେ- ମୋ ଦୃଷ୍ଟିରେ ଆପଣଙ୍କ ସଦ୍ୟ ପ୍ରକାଶିତ 'ଗଳ୍ପ ବଦଳ' ଗଳ୍ପ ସଂକଳନଟି ଆପଣଙ୍କର ଅନ୍ୟାନ୍ୟ ଗଳ୍ପ ସଂକଳନ ପରି ମୋତେ ସ୍ପର୍ଶ କଲା ନାହିଁ । ଗଳ୍ପଗୁଡ଼ିକରେ ବିଭିନ୍ନ ଚରିତ୍ର ସନ୍ନିବେଶିତ ହୋଇଛି; କିନ୍ତୁ କୌଣସି ଚରିତ୍ର ଜୀବନ୍ତ ନୁହେଁ । ଗଳ୍ପଗୁଡ଼ିକର ଭିତ୍ତିଭୂମି ସେପରି ଦୃଢ଼ ନୁହେଁ । ଆଙ୍ଗିକ ଓ ଆତ୍ମିକ ଉଭୟ ଦିଗରୁ ଏ ସଂକଳନର ଗଳ୍ପଗୁଡ଼ିକ ଦୁର୍ବଳ ।

ବିନୋଦବାବୁଙ୍କ ମୁହଁର ରଙ୍ଗ ଅଧିକ ବିବର୍ଣ୍ଣ ଦିଶିଲା । ଦରଜା ଆରପଟେ ଠିଆ ହୋଇଥିବା ମଧୁମିତାଙ୍କ ମୁହଁରୁ ସନ୍ଦେହର ରଙ୍ଗସବୁ ଉଡ଼ିଗଲା । ତାଙ୍କ ମନ ହାଲୁକା ଲାଗିଲା, ମୁହଁ ସ୍ୱାଭାବିକ ହୋଇଗଲା । ତାଙ୍କ ସନ୍ଦେହ ଅହେତୁକ । ଏ ଆଲୋଚନା କେବଳ ସାହିତ୍ୟସଂପର୍କିତ । ଲେଖକ ଓ ପାଠିକାଙ୍କ ଅନାବିଳ ସଂପର୍କକୁ ମଧୁମିତା ଅଯଥା ସନ୍ଦେହ ଦୃଷ୍ଟିରେ ଦେଖିଥିବାରୁ ନିଜେ ନିଜେ ଲଜ୍ଜିତ ହୋଇ ରୋଷେଇ ଘରକୁ ଫେରିଗଲେ ।

ବନଜା ପୁଣି ପ୍ରଶ୍ନ କଲେ– ଆପଣଙ୍କ ପରି ଜଣେ ବିଶିଷ୍ଟ ଗାଳ୍ପିକଙ୍କ ଲେଖନୀରୁ ଏମିତି ଗୋଟେ ସଂକଳନ ବାହାରିବ ବୋଲି ମୁଁ ଆଶା କରି ନଥିଲି । ସତରେ ଏ ଗଳ୍ପ ସଂକଳନଟି ପଢ଼ି ମୁଁ ଅତ୍ୟନ୍ତ ଦୁଃଖିତ । ଆପଣଙ୍କର କ'ଣ ହୋଇଛି ? ଆପଣ ଆଗ ପରି ଭଲ ଗଳ୍ପ ଆଉ କାହିଁକି ଲେଖିପାରୁ ନାହାଁନ୍ତି ?

ବିନୋଦବାବୁ ପୂର୍ବପରି ନୀରବ । ବନଜାଙ୍କ ପ୍ରଶ୍ନ ତାଙ୍କ ମନକୁ ଏପଟ ସେପଟ ଫୁଟାଇ ଦେଇଛି । ସେଇ କ୍ଷତର ଯନ୍ତ୍ରଣା ତାଙ୍କ ଦେହର ଶିରାରୁ ପ୍ରଶିରାକୁ ସଂକ୍ରମିତ ହେଉଛି । ସେ ବନଜାଙ୍କ କୌଣସି ପ୍ରଶ୍ନର ଉତ୍ତର ଦେବା ଅବସ୍ଥାରେ ନଥିଲେ । ଏପରିକି ଧୀରେ ଧୀରେ ସେ ବନଜାଙ୍କ ଉପସ୍ଥିତି ଭୁଲିଯାଇଥିଲେ ।

ବିନୋଦବାବୁ ମଧୁମିତାଙ୍କ ଡାକରେ ପ୍ରକୃତିସ୍ଥ ହେଲେ । ସେତେବେଳକୁ ବନଜା ଫେରିଯିବା ଅଧଘଣ୍ଟାଏ ହେଲାଣି ।

ବନଜାଙ୍କ ପ୍ରଶ୍ନର ଉତ୍ତର ନ ଦେଇଥିବାରୁ ଲଜ୍ଜିତ ଅନୁଭବ କଲେ ବିନୋଦବାବୁ । ମଧୁମିତାଙ୍କୁ ଡାକି ପଚାରିଲେ– ବନଜା ଫେରିଯିବା ପୂର୍ବରୁ କିଛି କହିକି ଯାଇଛନ୍ତି କି ନାହିଁ ? ମଧୁମିତା ରୋଷେଇ ଘରେ ଥିଲେ ଓ ବନଜା କେତେବେଳେ ଫେରିଗଲେ ସେ କଥା ସେ କିଛି ଜାଣନ୍ତି ନାହିଁ ବୋଲି ସ୍ୱାମୀଙ୍କୁ ଉତ୍ତର ଦେଲେ ।

ବିନୋଦ ଯାହା ବନଜାଙ୍କ ମୁହଁରେ ପ୍ରକାଶ କରିବାକୁ ଅସମର୍ଥ ହେଲେ ସେ କଥା ଜଣାଇବାକୁ ପତ୍ରର ଆଶ୍ରୟ ନେଲେ । ବିନୋଦ ବନଜାଙ୍କ ପାଖକୁ ଚିଠି ଲେଖି ସେଥିରେ ସ୍ୱୀକାର କରିଥିଲେ- ଗଳ୍ପ ଲେଖିବାର ସ୍ପୃହା ମୋର ଶୁଖି ଯାଇଛି, ପ୍ରେରଣାର ଉତ୍ସ ପୋତି ହୋଇ ଯାଇଛି । ଅନେକ ଦିନର ପୁଷ୍ପଉଦ୍ୟାନ ଯାହାର ସୌନ୍ଦର୍ଯ୍ୟ ଓ

Digitized by srujanika@gmail.com

ସୁରଭିରେ ମୁଁ ନିଜକୁ ସମୃଦ୍ଧ କରୁଥିଲି ତାହା ଆଜି ଚାଲିଯାଇଛି ।

ମୁଁ ମୋ କୈଶୋରରୁ ଗୋଟିଏ ଝିଅକୁ ଭଲ ପାଇ ବସିଥିଲି, କିନ୍ତୁ ତାକୁ ଭଲ ପାଇବା କଥା ତାକୁ ବି ଜଣାଇ ନଥିଲି । ତା' ସହିତ ପାଠ ପଢ଼ିଛି, ପିକ୍‌ନିକ ଯାଇଛି, ଆଳାପ ଆଲୋଚନା କରିଛି । ସେଇ ଝିଅଟିର ଦୃଷ୍ଟି ଆକର୍ଷଣ କରିବା ପାଇଁ ମୁଁ ଗଳ୍ପ ଲେଖିଛି । ମୋର ଅନେକ ଗଳ୍ପରେ ସେଇ ଝିଅଟି ବିଭିନ୍ନ ଭାବରେ ଆସନ ଜମାଇ ବସିଛି ।

ସେଇ ଝିଅଟିକୁ ଖୁସି କରିବା ପାଇଁ ମୁଁ ନିଜକୁ ଗଳ୍ପ ଭିତରେ ଢାଳି ଦେଇଛି । ମୋର ଗଳ୍ପକୁ ସେ ତାରିଫ୍ କରିଛି । ମୁଁ ମୋ ନିଜ ଆଡ଼ୁ ଭାବି ନେଇଛି ସେ ଝିଅଟି ମୋତେ ଭଲପାଏ । ସେ ଝିଅଟି ସ୍କୁଲ ଛାଡ଼ି କଲେଜ ଗଲା । କଲେଜର ବିସ୍ତୃତ ପରିବେଶ ଭିତରେ ମଧ୍ୟ ଆମେ ପ୍ରାୟ ପ୍ରତିଦିନ ପରସ୍ପରକୁ ଭେଟୁଥିଲୁ । ଗପୁଥିଲୁ ।

ମୋର ପ୍ରଥମ ଗଳ୍ପ ସଂକଳନ ସେଇ ଝିଅଟିର ପ୍ରେରଣାରେ ପ୍ରକାଶ ପାଇଲା । ଗଳ୍ପ ପୁସ୍ତକର ଉନ୍ମୋଚନ ଉତ୍ସବ ମଧ ସେଇ ଝିଅଟିର ଆୟୋଜନରେ ଆମ କଲେଜ ଅଡ଼ିଟୋରିୟମ୍‌ରେ ଅନୁଷ୍ଠିତ ହେଲା ।

କିନ୍ତୁ ମୋତେ ବିସ୍ମିତ କରି ସେ ଝିଅଟି ଦିନେ ଅନ୍ୟ ଜଣେ ଶିଳ୍ପପତିଙ୍କୁ ବିବାହ କଲା । ସେଥିରେ ମୁଁ ପ୍ରଥମେ କ୍ଷୁଣ୍ଣ ହେଲି । ତା' ବିବାହ ନିମନ୍ତ୍ରଣକୁ ମୁଁ ପ୍ରତ୍ୟାଖ୍ୟାନ କଲି । କିନ୍ତୁ ପରେ ପରିସ୍ଥିତି ସହିତ ସାଲିସ୍ କରିନେଲି । ନିଜ ମନକୁ ସାନ୍ତ୍ୱନା ଦେଲି- ବିବାହ ପରେ ସ୍ୱାମୀ ସ୍ତ୍ରୀର ଦେହ ଉପରେ ଅଧିକାରୀ ହୁଏ, କିନ୍ତୁ ମନକୁ ଛୁଇଁ ପାରେନା । ସେ ଝିଅଟି ଅନ୍ୟକୁ ବିବାହ କରିଥିଲେ ମଧ ମୋଠୁ ତାକୁ କେହି ଛଡ଼ାଇ ନେଇ ପାରିବେ ନାହିଁ । ସେଇ ଝିଅଟିର ବିବାହ ପରେ ମଧ ମୁଁ ତାକୁ ଅଧିକ ଭଲ ପାଇ ବସିଲି । ପୁଣି ଗଳ୍ପ ଲେଖିଲି । ସେଇ ଝିଅଟିର ବିବାହ ପରେ ମୁଁ ଲେଖିଛି ତିନୋଟି ଗଳ୍ପ ସଂକଳନ । ସେ ସବୁ ଗଳ୍ପ ପୁସ୍ତକ ପାଠକ ମହଲରେ ଆଦୃତ ହୋଇଛି ।

କିନ୍ତୁ ଦିନେ ମୋ ମନରେ ଗୋଟେ ଅଦ୍ଭୁତ ଖିଆଲ ପଶିଲା । ମୁଁ ସ୍ଥିର କଲି ସେଇ ଝିଅଟିକୁ ତା' ମନକଥା ପଚାରିବି । ସେ ତା' ସ୍ୱାମୀଙ୍କୁ ବିବାହ କରିଥିଲେ ବି ମତେ ସିଏ ଭଲ ପାଏକି ନାହିଁ ତାକୁ ଦିନେ ଯାଇ ଏକାନ୍ତରେ ପଚାରିଲି । ସେ ଝିଅଟି ମୋ କଥାକୁ ହସରେ ଉଡ଼ାଇ ଦେଲା । କହିଲା– ବିନୋଦ ! ତମେ ମୋର ପିଲା ଦିନର ସାଙ୍ଗ । ତୁମର ଲେଖକୀୟ ପ୍ରତିଭା ଅଛି ଏବଂ ସେହି ପ୍ରତିଭାର ଉନ୍ମେଷ ପାଇଁ ମୁଁ ତୁମକୁ ପ୍ରେରଣା ଯୋଗାଇଛି । ସେତିକିରେ ତୁମ ଓ ମୋର ସମ୍ବନ୍ଧ ସୀମାବଦ୍ଧ । ମୁଁ ତୁମକୁ କେବେ ଭଲ ପାଇ ନ ଥିଲି କି ଏବେ ଭଲପାଉ ନାହିଁ । ତୁମ ପରି ଜଣେ ନିମ୍ନ ମଧ୍ୟବିତ୍ତ ପରିବାରର ଯୁବକକୁ ଭଲ ପାଇବା ମୋ ରୁଚି ନୁହଁ । ମୁଁ ବିଭିନ୍ନ ସମୟରେ ତୁମ ଲେଖକୀୟ ପ୍ରତିଭାର ଉନ୍ମେଷ ପାଇଁ ତୁମକୁ ସାହାଯ୍ୟ କରିଛି !

ଆନନ୍ଦ ଚନ୍ଦ୍ର ପାଢ଼ି

Digitized by srujanika@gmail.com

ସେଇଟା ଥିଲା ମୋର ତୁମ ପ୍ରତି ଅନୁକଂପା । ସେଇ ଅନୁକଂପାରେ ତୁମେ ଭଲ ପାଇବାର ରଙ୍ଗବୋଲି ଅଯଥା ବିଭୋର ହେଉଛ ।

ସେଇ ଦିନଠୁ ଏମିତି ଏକ ନିଷ୍ଠୁର ଉତ୍ତର ଶୁଣି ମୋ ପ୍ରତିଭା ପୋଖରୀ ସଂପୂର୍ଣ୍ଣ ପୋତି ହୋଇ ଯାଇଛି । ଏ ପୋଖରୀ ଜଳ ଆଉ ନିର୍ମଳ ନୁହଁ, ପଙ୍କିଳ । ଏଥିରେ ଆଉ କୌଣସି ଛବି ପ୍ରତିଫଳିତ ହେଉ ନାହିଁ । ମୋ ଭିତରୁ ସ୍ରଷ୍ଟା ମରିଯାଇଛି । ମୁଁ ଆଉ କିଛି ଲେଖିବା ପାଇଁ ମୋର କିଛି ସ୍ପୃହା ନାହିଁ ।

ତା' ପରଠୁ ମୁଁ ଯାହା ଲେଖିଛି କେବଳ ବିଭିନ୍ନ ପତ୍ରିକାର ସଂପାଦକ ଓ ପୁସ୍ତକ ପ୍ରକାଶକଙ୍କ ବାଧ୍ୟ ବାଧକତାରେ । ସେମିତି ବାଧ୍ୟବାଧକତାରେ ଲିଖିତ ମୋର ଏଇ ସଦ୍ୟ ପ୍ରକାଶିତ ଗଳ୍ପଗ୍ରନ୍ଥ 'ଋତୁବଦଳ' । ଏ ଗଳ୍ପସଂକଳନଟି ମୋର ଶେଷ ଗଳ୍ପ ସଂକଳନ । ମୁଁ ଆଶଙ୍କା କରୁଛି ମୁଁ ହୁଏତ ଆଉ ଆଦୌ ଗଳ୍ପ ଲେଖି ପାରିବି ନାହିଁ ।

ଏ ଚିଠିଟି ବନଜାଙ୍କ ଆଡ୍ରେସ୍‌ରେ ପଠାଇବାର ଛ'ମାସ ପରେ ଦିନେ ବିନୋଦଙ୍କ କବାଟ ଠକ୍ ଠକ୍ ହେଲା । ଭୋର ସମୟ । ବିନୋଦବାବୁ କବାଟ ଖୋଲିଲେ । ଆଗରେ ବନଜା ପଟ୍ଟନାୟକ । ଏତେ ସକାଳୁ ସକାଳୁ ବନଜାଙ୍କୁ ଦେଖି ଆଶ୍ଚର୍ଯ୍ୟ ହେଲେ ଗାଳ୍ପିକ ବିନୋଦ ।

ବନଜା ତ୍ରୁଇଁ ତୁମକୁ ପଶୁ ପଶୁ କହିଲେ– ଦୟା କରି ଆଖି ବୁଜନ୍ତୁ । ପ୍ଲିଜ୍ ଆଖି ବୁଜନ୍ତୁ ନା ।

ବିନୋଦ ବାବୁ କିଛି ବୁଝି ପାରୁ ନ ଥିଲେ । ବନଜା ସୋଫା ଉପରେ ବସିପଡ଼ି କହିଲେ– ଆପଣ ଆଖି ବୁଜି ଦେଲେ କ'ଣ ଏମିତି ଅସୁବିଧା ହୋଇଯିବ ବୋଲି ଆଶଙ୍କା କରି ଆପଣ ଏମିତି ଥତ୍‌ମତ ହେଉଛନ୍ତି ? କ'ଣ କୁହୁକ କାଠି ଛୁଆଁଇ ଆପଣଙ୍କୁ ଉଭାନ କରିଦେବି ନା ଆପଣଙ୍କ ଘରୁ କିଛି ମୂଲ୍ୟବାନ ପଦାର୍ଥ ନେଇ ନିଖୋଜ ହୋଇଯିବି ?

—ନା, ବନଜା ଦେବୀ । ସେ ଭୟ ନୁହଁ, ମୋର ଆଉ ଗୋଟିଏ ଆଶଙ୍କା ହେଉଛି ।

— କି ଆଶଙ୍କା ?

— ମୁଁ ଆଶଙ୍କା କରୁଛି ମୁଁ ଆଖି ବୁଜିଲେ ମୋ ଆଖି ଆଗରେ ଯାହା ସତ୍ୟ ଭାବରେ ମୁଁ ଦେଖି ପାରୁଛି, ତାହା କାଳେ ସ୍ୱପ୍ନରେ ପରିଣତ ହୋଇଯିବ ।

— ସତ୍ୟଠୁ ସ୍ୱପ୍ନ ସବୁବେଳେ ସୁଖକର, ରୋମାଞ୍ଚକର । ଆପଣ ଆଖି ବୁଜନ୍ତୁ ।

ବିନୋଦବାବୁ ସ୍କୁଲ ପିଲାଟିଏ ପରି ଆଖି ବନ୍ଦ କଲେ । ବନଜା ପୁଣି ଅନୁରୋଧ କଲେ– ଆପଣଙ୍କ ଡାହାଣ ହାତଟା ମୋ ଆଡ଼କୁ ବଢ଼ାନ୍ତୁ । ହଁ, ସେମିତି ।

ବିନୋଦଙ୍କ ଡାହାଣ ହାତ ବନଜାଙ୍କ ଆଡ଼କୁ ଲମ୍ବି ଆସିଲା, କିନ୍ତୁ ତାଙ୍କ ଆଖି

Digitized by srujanika@gmail.com

ସେମିତି ମୁଦ୍ରିତ ଥିଲା । ବନଜା ବିନୋଦଙ୍କ ହାତରେ କ'ଣ ଗୋଟେ ରଖି ସାରି ଅନୁମତି ଦେଲେ- ଆଖି ନ ଖୋଲି ଦୁଇ ହାତରେ ଅନୁଭବ କରି କୁହନ୍ତୁ । ଏଇଟା କ'ଣ ହୋଇପାରେ ?

ଦୁଇ ତିନି ମିନିଟ୍‌ର ଚେଷ୍ଟା ପରେ ବିନୋଦ କହିଲେ– ନା ମୁଁ ଜାଣି ପାରୁ ନାହିଁ । ତେବେ ଖଣ୍ଡେ ଭିଜିଟିଙ୍ଗ୍ କାର୍ଡ କିମ୍ବା ଗୋଟିଏ ପାର୍ଶପୋର୍ଟ ସାଇଜର ଫଟୋ ।

–ଏଥର ଆଖି ଖୋଲନ୍ତୁ ବିନୋଦବାବୁ ! ଏଥର କୁହନ୍ତୁ ଏଟା କ'ଣ ?

ବିନୋଦ ବାବୁ ଆଖି ଖୋଲିଲେ । ତାଙ୍କ ଅନୁମାନ ଅନେକଟା ସତ । ତାଙ୍କ ହାତରେ ବନଜା ଥୋଇଥିବା ଜିନିଷଟି ପାଶପୋର୍ଟ ସାଇଜର ତାଙ୍କ ନିଜର ଫଟୋଟିଏ । ଖୁବ୍ ପୁରୁଣା, ବ୍ଲାକ୍ ଆଣ୍ଡ୍ ହ୍ୱାଇଟ୍ ଫଟୋ । ଫଟୋର ରଙ୍ଗ ବାଦାମି ପଡ଼ି ଆସିଲାଣି । କିନ୍ତୁ ଏ ଫଟୋଟା ବନଜାଦେବୀ ପାଇଲେ କେମିତି ?

ବନଜାଦେବୀ ବିନୋଦବାବୁଙ୍କ ଆଖିର ଆଶ୍ଚର୍ଯ୍ୟ ଭାବକୁ ଦେଖି ଖିଲ୍ ଖିଲ ହୋଇ ହସୁଥିଲେ । ବିନୋଦ କିଛିଟା ଅପ୍ରସ୍ତୁତ, କିଛିଟା ଲାଜ ଲାଜ ଓ ଅନେକଟା ବିସ୍ମିତ ।

ବନଜା ଦେବୀ କହିଲେ– ଅନୁମାନ ଲଗାନ୍ତୁ ଆପଣଙ୍କ ଏ ଫଟୋ ମୋ ହାତକୁ କେମିତି ଆସିଥାଇ ପାରେ ? ମନେ ପକାନ୍ତୁ ଏ ଫଟୋ ଆପଣ କାହାକୁ ଦେଇଥିଲେ ? ଅବଶ୍ୟ କବି, ଲେଖକ ଓ ଦାର୍ଶନିକମାନଙ୍କର ସ୍ମରଣ ଶକ୍ତି ଉପରେ ମୋର ଆସ୍ଥା ନାହିଁ ।

ବିନୋଦବାବୁଙ୍କ ସ୍ମୃତିର ମଝି ପୋଖରୀରେ ଟେକାଟିଏ ପଡ଼ିଗଲା । ତରଙ୍ଗର କୁଣ୍ଡଳି ସବୁ ଛୋଟରୁ ବଡ଼, ବଡ଼ ହୋଇ କୂଳ ଛୁଇଁଲେ । ତାଙ୍କ ଓଠ କିଆରୀରେ ଧାଡ଼ିଏ ହସ ମଲ୍ଲି ଉଙ୍କି ମାରିଲେ ।

ବନଜା ଦେବୀ ହସି ହସି କହିଲେ– ମନେ ହେଉଛି ସ୍ମୃତିଭିଜା ଅତୀତର କେଇପୃଷ୍ଠା ଆପଣଙ୍କ ମନ ଆଇନାରେ ପ୍ରତିବିମ୍ବିତ ହୋଇଛି ।

ବିନୋଦ କହିଲେ– ହଁ, ମନେ ପଡ଼ିଲା । ଏଇଟା ମୋର ପିଲା ଦିନର ଫଟୋ । ମୁଁ ସେତେବେଳେ ଦଶମ ଶ୍ରେଣୀର ଛାତ୍ର ଥିଲି । କିନ୍ତୁ ତୁମେ ତାକୁ କେମିତି ପାଇଲ ମୁଁ ମୋଟେ ଅନୁମାନ କରିପାରୁ ନାହିଁ ।

–ମନେ ପକାନ୍ତୁ ଆପଣ ଏ ଫଟୋ କାହାକୁ କେବେ ଦେଇଥିଲେ କି ?

ବିନୋଦବାବୁଙ୍କ ମୁହଁରେ ସ୍ମିତ ହସର ଆଭା ଗୋଟିଏ ରେଖା ବିଜୁଳିର ଝଲକ ପରି ଆସି ଫେରିଗଲା । କିନ୍ତୁ ମୁହଁରେ ହସର ମୁଦ୍ରା ଅନେକ ସମୟ ପର୍ଯ୍ୟନ୍ତ ଓଦା ଦାଲିରେ ପାଦଚିହ୍ନ ପରି ଝଟକିଲା ।

– କୁହନ୍ତୁ, ଏ ଫଟୋ ଆପଣ କାହାକୁ ଦେଇଥିଲେ ?

– ମୋର ଯାହା ମନେପଡ଼େ ମୁଁ ଏ ଫଟୋଟି ନୀତାକୁ ଦେଇଥିଲି । ସିଏ ଆଜିକୁ

Digitized by srujanika@gmail.com

ଅନେକ ବର୍ଷ ତଳର କଥା ।

ବନଜା ପ୍ରଶ୍ନ କଲେ– ଏଇ ନୀତା କ'ଣ ସେଇ ଝିଅ ଆପଣ ଯାହାକୁ ମନେ ମନେ କୈଶୋରରୁ ଭଲ ପାଉଥିଲେ ?

– ହଁ, ବନଜା ଦେବୀ । ମୁଁ କିନ୍ତୁ ଏ ଫଟୋଟି ନୀତା ହାତରେ ଦେଇ ନ ଥିଲି । ତା'ର ଗୋଟିଏ ପଢ଼ା ବହି ମୁଁ ମାଗି ଆଣିଥିଲି ପଢ଼ିବା ପାଇଁ । ସେଇ ବହି ଭିତରେ ଏଇ ଫଟୋଟି ପୂରାଇ ବହିଟି ତାକୁ ଫେରାଇ ଦେଇଥିଲି ।

– ତାଙ୍କ ହାତରେ ଫଟୋଟି ନ ଦେଇ ଏମିତି ବହି ଭିତରେ ଦେଲେ କାହିଁକି ? କ'ଣ ସାହସ ହେଲା ନାହିଁ ?

– ମୁଁ ତୁମକୁ ଆଗରୁ କହିଛି ନୀତାକୁ ମୁଁ ଭଲ ପାଉଥିଲି; କିନ୍ତୁ ନୀତା ଯେ ମୋତେ ଭଲ ପାଏ ତା'ର କିଛି ସ୍ପଷ୍ଟ ସଂକେତ ମୁଁ ପାଇ ନ ଥିଲି । ସେ ମୋତେ ଭଲପାଏ କି ନାହିଁ ସେ କଥା ପରୀକ୍ଷା କରିବା ପାଇଁ ମୁଁ ତା' ବହି ଭିତରେ ମୋ ଫଟୋଟିକୁ ରଖିଥିଲି । କିନ୍ତୁ ନୀତାର କିଛି ପ୍ରତିକ୍ରିୟା ପ୍ରକାଶ ନ ପାଇବାରୁ ମୁଁ ଭାବି ନେଲି ସେ ହୁଏତ ଫଟୋଟିକୁ ଦେଖି ପାରି ନାହିଁ କିମ୍ବା କେଉଁଠି ପଡ଼ିଯାଇଛି । ତୁମେ ଏତେ ବର୍ଷ ପରେ ଫଟୋଟି କୋଉଠୁ ପାଇଲ ?

– ମୁଁ ଫଟୋଟିକୁ ନୀତାଦେବୀଙ୍କ ପରଶନାଲ୍ ଡାଇରୀରୁ ଚୋରି କରିଛି ।

ବିନୋଦଙ୍କ ଦୁଇ ଆଖି ବିସ୍ମୟରେ ବିସ୍ତାରିତ ହୋଇଗଲା । ସେ ତତ୍କ୍ଷଣାତ୍ ପଚାରିଲେ- କୁହ ବନଜା ! ତୁମେ ନୀତାକୁ ଚିହ୍ନିଲ କେମିତି ?

ବନଜା ଅବିଚଳିତ କଣ୍ଠରେ ଉତ୍ତର ଦେଲେ- ନୀତା ହେଉଛନ୍ତି ମୋ ଭାଉଜ ।

– ତୁମ ଭାଉଜ ? ମୋତେ କ୍ଷମା କର ବନଜାଦେବୀ !

ଲଜ୍ଜା ଆଉ ଅପ୍ରସ୍ତୁତ ଭାବ ବିନୋଦଙ୍କୁ ଅନେକ ସମୟ ଯାଏ ଆଚ୍ଛନ୍ନ କରି ରଖିଲା । ସେ ତଳକୁ ମୁହଁପୋତି ବସି ରହିଲେ ।

ବନଜା କହିଲେ– ଆପଣଙ୍କ ଚିଠି ପାଇବା ଦିନଠୁ ମୁଁ ମୋ ଭାଉଜଙ୍କୁ ସନ୍ଦେହ କଲି । ତାଙ୍କ ବାକ୍ସରେ ଆପଣଙ୍କ ସମସ୍ତ ଗଳ୍ପଗ୍ରନ୍ଥ ଖୁବ୍ ଯତ୍ନରେ ରଖିଛନ୍ତି । ସେ ଗଳ୍ପଗୁଡ଼ିକ ସିଏ ବାରମ୍ବାର ପଢ଼ନ୍ତି । ଏପରିକି ଗୋଟିଏ ଗୋଟିଏ ଗଳ୍ପକୁ ସେ ଅନେକଥର ପଢ଼ନ୍ତି । ଥରେ ଥରେ ମତେ ଅନୁରୋଧ କରନ୍ତି ଗଳ୍ପଗୁଡ଼ିକୁ ବଡ଼ ପାଟିରେ ପଢ଼ି ଶୁଣାଇବାକୁ । ଆପଣଙ୍କ ସେ ଚିଠିରେ ଆପଣ ସେ ଝିଅଟିର ନାଆଁ ଲେଖି ନଥିଲେ ବି ମୁଁ ମନେ ମନେ ଧରି ନେଲି ସେ ଝିଅଟି ମୋ ନୀତା ଭାଉଜ । ତାଙ୍କ ଅନୁପସ୍ଥିତିରେ ଦିନେ ତାଙ୍କ ଡାଇରୀଟି ଦେଖୁ ଦେଖୁ ଏ ଫଟୋଟି ପାଇଲି ।

ବିନୋଦ ବିସ୍ମୟ ପ୍ରକାଶ କରି କହିଲେ- କିନ୍ତୁ ନୀତା କଡ଼ା କଥା ଶୁଣାଇ ମୋ ମନରେ ଆଘାତ ଦେଲା କାହିଁକି ?

Digitized by srujanika@gmail.com

– ସିଏ ଏକା ନୁହଁନ୍ତି ତାଙ୍କ ଅବସ୍ଥାରେ ଥିବା ଯେ କୌଣସି ମହିଳା ତାହା ହିଁ କରିଥାନ୍ତା । ଏତେ ବର୍ଷ ଅନ୍ୟଜଣଙ୍କ ସହିତ ଘର କରିବା ପରେ କାହା ଭିତ ଲେଉଟିବ କହିବାକୁ - ମୁଁ ମୋ ସ୍ୱାମୀଙ୍କୁ ଦେହ ଦେଇଛି ସତ, ମନଟି କିନ୍ତୁ ଏ ପର୍ଯ୍ୟନ୍ତ ବି ତୁମର ହୋଇ ରହିଛି ?

ବନଜାଙ୍କ ଏ କଥା ବିନୋଦଙ୍କ ଭିତରେ ଅନେକ ଓଲଟ ପାଲଟ ସୃଷ୍ଟି କରିଥିଲା । ତାଙ୍କ ଆଗରେ ନୂତନ ଦିଗନ୍ତ ଖୋଲି ଖୋଲି ଯାଉଥିଲା । ତାଙ୍କ ଆଖି ଆଗରେ କେବଳ ସ୍ୱପ୍ନ ଆଉ ସ୍ୱପ୍ନର ମହଲ ସୃଷ୍ଟି ହୋଇ ଚାଲିଥିଲା । ତାଙ୍କ ଭିତରେ ସୃଷ୍ଟିର ସମ୍ଭାର ଭରି ଭରି ଯାଉଥିଲା । ପୋତା ପଡ଼ିଯାଇଥିବା ପ୍ରତିଭା ପୋଖରୀରେ ପୁଣି ସୃଷ୍ଟି ଜଳର ଝର ଫିଟିଗଲା । ବିନୋଦ ନିଜ ଭିତରେ ନିଜକୁ ଆୟତ୍ତରେ ରଖି ପାରୁ ନ ଥିଲେ ।

ବନଜା ମୁହଁରେ ଧୀରେ ହସ ଟାଣି ବିନୋଦଙ୍କୁ ଚାହିଁଥିଲେ । ସିଏ ତାଙ୍କଠି ଲକ୍ଷ୍ୟ କରୁଥିଲେ ଅନେକ ପରିବର୍ତ୍ତନ । ବନଜା ବିନୋଦଙ୍କ ଭିତରେ ପୁଣି ନୂତନ ସୃଷ୍ଟି ସମ୍ଭାବନାର ସନ୍ଧାନ ପାଇ ଉଲ୍ଲସିତା ହେଲେ ।

ବିନୋଦ ପ୍ରକୃତିସ୍ଥ ହେବା ପୂର୍ବରୁ ବନଜା ରାଉରକେଲା ଅଭିମୁଖେ ଫେରି ଯାଇଥିଲେ ।

□□

ଆନନ୍ଦ ଚନ୍ଦ୍ର ପଟ୍ଟି

Digitized by srujanika@gmail.com

ଅଭିଜିତ୍‌ର ଅଭିଳାଷ

ତିନିଟା ଝିଅ ପରେ ବହୁ ବିଳମ୍ବରେ ପୁଅଟିଏ ପାଇ ପ୍ରଫେସର ବିଶ୍ୱଜିତ୍ ଆନନ୍ଦ ବିଭୋର ହୋଇଯାଇଥିଲେ । ସ୍ତ୍ରୀ ଅନୁକମ୍ପାଙ୍କ ଆଗ୍ରହ ରକ୍ଷା କରିବା ପାଇଁ ପାଖଆଖର ସମସ୍ତ ଦେବଦେବୀଙ୍କୁ ଭୋଗରାଗ ଦେଇ ସେମାନଙ୍କ ପାଖରେ ନିଜର କୃତଜ୍ଞତା ଜଣାଇଥିଲେ । ପୁଅର ଏକୋଇଶା ଉତ୍ସବ ଖୁବ୍ ଆଡମ୍ବର ସହିତ ପାଳିତ ହେଲା । ବାଜା, ବାଣ, ଭୋଜିର ଆୟୋଜନ ଦେଖି ଅନେକ ଲୋକ ଭୁଲ୍‌ରେ ଏହି ଏକୋଇଶା ଉତ୍ସବକୁ ବିବାହ ଉତ୍ସବ ବୋଲି ଧାରଣା କରିଥିଲେ । ପୁଅର ନାମକରଣ ନିଜେ କରିଥିଲେ ପ୍ରଫେସର ବିଶ୍ୱଜିତ୍ । ତାଙ୍କ ନାଆଁକୁ ଖାପ ଖାଇବା ପରି ନାଆଁଟିଏ ରଖାଗଲା ଅଭିଜିତ୍ । ବିଶ୍ୱଜିତ୍‌ଙ୍କ ପୁଅ ଅଭିଜିତ୍ । ବାପାର ଆଦର୍ଶରେ ପିଲାଟି ଗଢ଼ି ଉଠିବ ବୋଲି ଏକୋଇଶା ଉତ୍ସବରେ ସମବେତ ସମସ୍ତ ଶୁଭେଚ୍ଛୁ ଆଶାପ୍ରକାଶ କରିଥିଲେ ଓ ନବଜାତକର ଦୀର୍ଘ ନିରୋଗ, ଯଶୋଦୀପ୍ତ ତଥା ସମୃଦ୍ଧ ଜୀବନ ପାଇଁ ଆଶୀର୍ବାଦ କରିଥିଲେ ।

ପ୍ରଥମରୁ ହିଁ ଅଭିଜିତ୍‌କୁ ଅତ୍ୟନ୍ତ ଯତ୍ନର ସହିତ ଲାଳନ ପାଳନ କରାଗଲା । ବାପା, ମାଆ, ତିନି ଭଉଣୀ ସମସ୍ତଙ୍କ ଆଦର, ସ୍ନେହ ପାଇ ଶିଶୁ ଅଭିଜିତ୍ ଶୁକ୍ଳପକ୍ଷର ଚନ୍ଦ୍ର ପରି ଖୁବ୍‌ଶୀଘ୍ର ବଢ଼ି ଚାଲିଲା । ଅଭିଜିତ୍‌ର ଖାଇବା, ପିଇବା, ପୋଷାକ, ଖେଳ, ମନୋରଂଜନ ଏସବୁ ବୁଝିବା ପାଇଁ ତିନି ଭଉଣୀଙ୍କ ମଧ୍ୟରେ ପ୍ରତିଯୋଗିତା ଚାଲିଲା । ଅଭିଜିତକୁ କାଖରେ କୋଳରେ ଧରି ସମସ୍ତେ ବୁଲିଲେ । ତେଣୁ ସିଏ ତିନି ବର୍ଷ ପର୍ଯ୍ୟନ୍ତ ଚାଲି ଶିଖିବାର ସୁଯୋଗ ପାଇଲା ନାହିଁ । ତା'ପରେ ଡାକ୍ତର ପରାମର୍ଶ କ୍ରମେ ଜଣେ ଲୋକ ନିଯୁକ୍ତ କରଗଲା ଅଭିଜିତ୍‌କୁ ଚଲାଇ ଶିଖାଇବାକୁ । ଅବଶ୍ୟ ଅଳ୍ପ ଦିନ ଭିତରେ ଅଭିଜିତ୍ ଅକ୍ଳେଶରେ ଚାଲିବା, ଡେଇଁବା, ଧାଇଁବା ସବୁ ଶିଖିଗଲା ।

ଆନଂଦ ଚଂଦ୍ର ପହି

Digitized by srujanika@gmail.com

କିନ୍ତୁ ଅଭିଜିତ୍ ଯେତିକି ବଡ଼ ହେଲା ସେତିକି ଅମାନିଆ ହେଲା । ବେପରୁଆ ଭାବେ ଟଙ୍କା ପଇସା ଖର୍ଚ୍ଚ କଲା । ସମସ୍ତଙ୍କ ସତର୍କ ଦୃଷ୍ଟି ଆଡ଼େଇ ଘରୁ ଲୁଚି ଚାଲିଯାଇ ନାନା ଖରାପ କାମ କଲା । ଖରାପ କାମ ଭିତରେ ଚୋରି କରିବା, ମାଡ଼ପିଟ୍ କରିବା, ସାଙ୍ଗପିଲାଙ୍କ ଛାମାପଟା ଚିରିବା, ବଡ଼ ମଣିଷଙ୍କୁ ଟେକା ପଥର ଫିଙ୍ଗିବା ଓ ସାଙ୍ଗସାଥୀଙ୍କଠାରୁ ଛଡ଼ାଇ ଖାଇଯିବା ଇତ୍ୟାଦି ପ୍ରଧାନ ।

ପ୍ରଫେସର ବିଶ୍ୱଜିତ୍‌ଙ୍କ ପାଖକୁ ପ୍ରତିଦିନ ଅନେକ ଅଭିଯୋଗ ଆସେ । ଅଭିଜିତ୍ ପିଲାଲୋକ । ଶ୍ରୀକୃଷ୍ଣ ପିଲାଦିନେ ଆହୁରି ବଡ଼ ବଡ଼ ଦୃଷ୍ଟାମି କରୁଥିଲେ । ଶିଶୁ ଅବସ୍ଥାରେ ଦୃଷ୍ଟାମି ଶୁଭ ସଙ୍କେତ । ବିଶ୍ୱଜିତ୍ ମନକୁ ବୁଝାନ୍ତି । ମନେ ମନେ ଆଶାବାଦୀ ହୋଇ ଉଲ୍ଲସି ଉଠନ୍ତି । ପଣ୍ଡୁ ଥିଲେ ଯୋଦ୍ଧା । ତାଙ୍କ ପୁତ୍ର ଅର୍ଜ୍ଜୁନ ତାଙ୍କଠାରୁ ଅଧିକ ଧନୁର୍ଦ୍ଧର । ଅର୍ଜ୍ଜୁନଙ୍କ ପୁତ୍ର ଅଭିମନ୍ୟୁ ସବୁଠୁ ଅଧିକ ଯୋଦ୍ଧା । ବିଶ୍ୱଜିତ୍ ଆଶାବାଦୀ ହୋଇ ଉଠନ୍ତି- ତାଙ୍କ ପୁଅ ଅଭିଜିତ୍ ନିଶ୍ଚୟ ତାଙ୍କଠୁ ବଡ଼ ମଣିଷ ହେବ । ଜଣେ ଉଚ୍ଚକୋଟୀର ବୈଜ୍ଞାନିକ ହେବ । ନୂତନ ଉଦ୍‌ଭାବନ କରି ନିଜର ଓ ନିଜ ବାପା, ମାଆଙ୍କ ନାମ ଉଜ୍ଜ୍ୱଳ କରିବ ।

କିନ୍ତୁ ଅଭିଜିତ୍‌ର ଚରିତ୍ରର କୌଣସି ପରିବର୍ତ୍ତନ ହେଲା ନାହିଁ । ଦିନକୁ ଦିନ ତା'ର ଦୃଷ୍ଟାମି ବଢ଼ିଲା, ଘରୁ ଅନୁପସ୍ଥିତିର ଅବଧି ବଢ଼ିଲା, ଖରାପ ସାଙ୍ଗଙ୍କ ସଂଖ୍ୟା ବଢ଼ିଲା । ପ୍ରତି କଥାରେ ବାପା, ମାଆ, ଭଉଣୀ ସମସ୍ତଙ୍କୁ ଖରାପ ଭାଷାରେ ଗାଳିଗୁଲଜ କଲା । ପାଠପଢ଼ା ବହିପତ୍ର ରାସ୍ତା ଘାଟରେ ଫିଙ୍ଗିଲା ।

ଅଭିଜିତ୍‌କୁ ନିୟନ୍ତ୍ରଣ କରି ବାଟକୁ ଆଣିବାକୁ ବହୁବାର ଚେଷ୍ଟା କରି ବିଶ୍ୱଜିତ୍ ବିଫଳ ହେଲେ । ଯେତେଥର ପୁଅର କାର୍ଯ୍ୟକଳାପରେ କ୍ଷୁବ୍‌ଧ ହୋଇ ତାକୁ ପ୍ରହାର କରିଛନ୍ତି ସେତେଥର ଅନୁକମ୍ପା ତାଙ୍କ ସହିତ କଳିଗୋଳ କରିଛନ୍ତି । ଘରେ ଅଶାନ୍ତି, ଅଖିଆ, ଅପିଆ । ଅଭିଜିତ୍ ହିଂସ୍ର ଭାବ ପୋଷଣ କରି ଘରେ ଗର୍ଜନ ତର୍ଜନ କରି ବିଭିନ୍ନ ମୂଲ୍ୟବାନ ପଦାର୍ଥ ଭଙ୍ଗାରୁଜା, ଫୋପଡ଼ା ଫିଙ୍ଗା କରିଛି ।

ବୟସ ବଢ଼ିବା ସଙ୍ଗେ ସଙ୍ଗେ ଅଭିଜିତ୍‌ର ଦୁର୍ଦ୍ଧାନ୍ତପଣିଆର ଦିଗ୍‌ବିଜୟ ବିସ୍ତୃତ ହେଲା । କଲେଜ ତା' କାର୍ଯ୍ୟକଳାପରେ ଥରହର ହେଲା । ବିଶ୍ୱଜିତ୍‌ଙ୍କର କୌଣସି ଆକଟ ମାନିଲା ନାହିଁ ଅଭିଜିତ୍ । ପ୍ରକାଶ୍ୟରେ ମଦ ପିଇଲା, କଲେଜରେ ଗୁଣ୍ଡାମି କଲା । ସବୁବେଳେ ତା' ଆଗରେ ପଛରେ ତା' ପରି ଅସଦ୍‌ଚରିତ୍ର ପିଲାଙ୍କ ଭିଡ଼ ଲାଗି ରହିଲା । କଲେଜର ସମସ୍ତ ଅସାମାଜିକ କାମ, ଧର୍ମଘଟ, ମାଡ଼ପିଟ୍, ଭଙ୍ଗାରୁଜା କାମ ଅଭିଜିତ୍‌ର ଇଙ୍ଗିତରେ ପରିଚାଳିତ ହେଲା । ପ୍ରଥମେ ପ୍ରଥମେ ପୋଲିସ୍ ବିଶ୍ୱଜିତ୍‌ଙ୍କ ଘରକୁ ଆସି ଅଭିଜିତ୍ ସଂପର୍କରେ ତାଙ୍କୁ ପଚାରୁଥିଲେ । କିନ୍ତୁ ଆଉ ଏଣିକି ଅଭିଜିତ୍ ସପ୍ତାହରେ ଥରେ ଦୁଇ ଥର ମାତ୍ର ଘରକୁ ଆସୁଛି । ପୋଲିସ ଆଉ ବିଶ୍ୱଜିତ୍‌ଙ୍କ ଘର

Digitized by srujanika@gmail.com

ମାତୁ ନାହାଁନ୍ତି । ଅଭିଜିତ୍ ଉପରେ ତା' ବାପାଙ୍କର କୌଣସି ନିୟନ୍ତ୍ରଣ ନାହିଁ । ପୋଲିସର ସମସ୍ତ ନିୟନ୍ତ୍ରଣ ବାହାରେ ଅଭିଜିତ୍ । କଲେଜର ପ୍ରିନ୍‌ସିପାଲ୍ ଅଭିଜିତ୍‌ର କାର୍ଯ୍ୟକଳାପରେ ଭୀତତ୍ରସ୍ତ ।

ତିନି ଝିଅ ପରେ ପୁଅଟିଏ ପାଇ ପ୍ରଥମେ ବିଶ୍ୱଜିତ୍ ଓ ଅନୁକମ୍ପା ଯେତିକି ଆନନ୍ଦ ବିଭୋର ହୋଇଥିଲେ, ବର୍ତ୍ତମାନ ଅଭିଜିତ୍‌ର ଅସାମାଜିକ ହିଂସ୍ର ଚରିତ୍ର ଯୋଗୁ ସେତିକି ବ୍ୟସ୍ତ, ବିବ୍ରତ, ଅଧୀର । ଅଭିଜିତ୍‌ର ସାମାଜିକ ଅପଖ୍ୟାତି ଯୋଗୁଁ ବିଶ୍ୱଜିତ୍ ତାଙ୍କ ନିଜର ସମସ୍ତ ସୁଖ୍ୟାତି ହରାଇ ସାରିଲେଣି । ପ୍ରଫେସର ବିଶ୍ୱଜିତ୍ ଘରେ ବନ୍ଧୁ ବାନ୍ଧିବାକୁ ଆଉ କେହି ପ୍ରସ୍ତୁତ ନୁହଁନ୍ତି ।ତାଙ୍କର ତିନିତିନିଟା ଝିଅ ବିବାହ ବୟସ ଅତିକ୍ରମ କରିବାକୁ ବସିଲେଣି, ତଥାପି ଯୋଗ୍ୟ ବରପାତ୍ରଟିଏ ଯୋଗାଡ଼ କରିପାରୁନାହାଁନ୍ତି ସେ ।ଝିଅ ସୁନ୍ଦରୀ, ସ୍ୱାସ୍ଥ୍ୟବତୀ ଓ ଶିକ୍ଷିତା । କିନ୍ତୁ କେହି ଆଗ୍ରହୀ ନୁହଁନ୍ତି ତାଙ୍କ ଘରେ ସଂପର୍କ ରଖିବାକୁ ।

ଭଦ୍ର, ଅମାୟିକ, ଛାତ୍ରବତ୍ସଳ ପ୍ରଫେସର ବିଶ୍ୱଜିତ୍‌ଙ୍କର ଏକମାତ୍ର ପୁତ୍ର ଯେ ଏମିତି ଦୁର୍ଦ୍ଦାନ୍ତ, ଅଶାଳୀନ, ଅସାମାଜିକ ହେବ ସେ କେବେ କଳ୍ପନା କରି ନ ଥିଲେ । ଅଭିଜିତ୍‌ର ଏ ଅଧୋଗତି ପାଇଁ ବିଶ୍ୱଜିତ୍ ଅନୁକମ୍ପାଙ୍କୁ ଦାୟୀ କରନ୍ତି— ତୁମର ଅତ୍ୟଧିକ ଯଶୋଦାପଣିଆ ଯୋଗୁ ପିଲାଟା ନଷ୍ଟ ହୋଇଗଲା । ତାକୁ ଆଉ ମୋଟେ ବାଟକୁ ଆଣି ହେବ ନାହିଁ । ବର୍ତ୍ତମାନ ସିଏ ସମସ୍ତ ନିୟନ୍ତ୍ରଣ ବାହାରେ ।

ଅନୁକମ୍ପା କିନ୍ତୁ ପାଲଟା ଅଭିଯୋଗ କରନ୍ତି— ପିଲାଟା ଉପରେ ତମେ ସବୁ କଥାରେ ବିରକ୍ତ ହେବାରୁ ସିଏ ସବୁବେଳେ ଆମଠୁ, ଘରଠୁ ଦୂରେଇ ରହିଲା । ବାଜେ ପିଲାଙ୍କ ସାଙ୍ଗରେ ସମୟ କଟାଇଲା । ତମେ ତାକୁ ସ୍ନେହ ଆଦର ଦେଇ ଶାସନ କରିଥିଲେ ସିଏ ଏମିତି ଅମଣିଷ ହୋଇ ନଥାନ୍ତା । ନିଜ ପିଲାଙ୍କୁ ସ୍କୁଲ କଲେଜର ପିଲାଙ୍କ ପରି ସବୁବେଳେ ଗାଳି ମନ୍ଦ ଆଉ ଉପଦେଶ ଦେଲେ ଫଳ ଯାହାହେବା କଥା ତାହା ହେଲା । ତମ ମାଷ୍ଟ୍ରିଆ ଢଙ୍ଗ ଘରେ ଦେଖାଇ ମୋ ଘରଟା ଉଜାଡ଼ିଦେଲ । ସବୁବେଳେ ଖାଲି ନୀତିବାଣୀ ଆଉ ଭାଷଣ । ପୁଣି ପୂରା ଗୋଟେ ପିରିଅଡ୍ ଭାଷଣ ।

ବିଶ୍ୱଜିତ୍ ରାଗରେ ଲାଲ୍ ପଡ଼ିଗଲେ । ନିଜକୁ ନିଜ ଭିତରେ ଚିଡ୍ କରି ମାଡ଼ି ବସି ଦାନ୍ତ କାମୁଡ଼ି ଚୁପ୍ ରହିଲେ ।

ଅନୁକମ୍ପା ତାଙ୍କ ଅଭିଯୋଗର ଆଉ ପୃଷ୍ଠା ଲେଉଟାଇ ପଢ଼ିଲେ- ତମେ କେବଳ ବଡ଼ ବଡ଼ ଭାଷଣ ମାରିବା ବ୍ୟତୀତ ତା'ର ଚରିତ୍ର ବଦଳାଇବା ପାଇଁ ଆଉ କିଛି କରିଛ ?

ବିଶ୍ୱଜିତ୍ ଗର୍ଜି ଉଠିଲେ- ମତେ ତମେ ବିରକ୍ତ କରନା ଅନୁକମ୍ପା ! ତାକୁ ଶାସନ କରି ତା'ର ଚରିତ୍ର ବଦଳାଇବା ଆଉ ମୋ କ୍ଷମତା ଭିତର କଥା ନୁହଁ । ଅଭିଜିତ୍ ଆଉ କେତେବେଳେ ହେଲେ ଏକା ରହୁ ନାହିଁ । ତା' ସାଙ୍ଗରେ ଦଳେ ଟୋକା । ସମସ୍ତେ ତା' କଥାରେ ପହଁରନ୍ତି । ଆଲ୍‌ସିସିଆନ୍ କୁକୁର ପରି ଝପଟି ଯାଆନ୍ତି ତା' ଆଦେଶ ଜାହିର

Digitized by srujanika@gmail.com

କରିବାକୁ । ଦଳଟାଯାକ ଏକ ସ୍ୱରରେ ଭୁକି ଉଠନ୍ତି ଅଭିଜିତ୍‌ର ଆଦେଶରେ । ସେମାନେ ସମସ୍ତେ ଆଖି, କାନ ଆଉ ବିବେକ ଉପରେ ପଟି ବାନ୍ଧିଛନ୍ତି । ଯାହାକୁ ନିୟନ୍ତ୍ରଣ କରିବାକୁ ସଶସ୍ତ୍ର ପୋଲିସ ଅକ୍ଷମ, ମୋ ପରି ନିରସ୍ତ୍ର ବାପାଟିଏ କ'ଣ କରି ପାରିବ ?

ବିଶ୍ୱଜିତ୍ ଓ ଅନୁକମ୍ପାଙ୍କୁ ବିସ୍ମିତ କରି ହଠାତ୍ ହାତରେ ଛୁରାଟିଏ ଧରି ଘର ଭିତରକୁ ପଶି ଆସିଲା ଅଭିଜିତ୍ । ତା' ପଛେ ପଛେ ତା'ର ଚାରିଜଣ ସାଙ୍ଗ । ସମସ୍ତଙ୍କ ମୁହଁ ଦାଢ଼ି ଭର୍ତ୍ତି । ପୋଷାକ, କଥାବାର୍ତ୍ତା, ଚାଲିଚଳନ ସବୁ ଅସାମାଜିକ, ଦୁର୍ଦ୍ଧାନ୍ତ, ଭୟଙ୍କର ।

ବିଶ୍ୱଜିତ୍ ଚିତ୍କାର କରି ଉଠିଲେ– ତୁ ଏତେ ଦିନ ଯାଏ କେଉଁଠି ଥିଲୁ ? ଛୁରୀ ଧରି ବାହାରେ ବୁଲୁଛୁ ବୋଲି ଛୁରୀ ଧରି ଘର ଭିତରେ ପଶିବାକୁ ମୁଁ ଦେବି ନାହିଁ । ଯା, ବାହାର ମୋ ଘରୁ ।

ହାତରେ ଛୁରୀ ଧରି କଟମଟ କରି ବିଶ୍ୱଜିତ୍‌କୁ ଚାହିଁଲା ଅଭିଜିତ୍ । ଅନୁକମ୍ପା ଭୟରେ ଥରି ଥରି ଗୋଟେ କଡ଼କୁ ଆଢ଼େଇ ହୋଇଗଲେ । ଅଭିଜିତ୍ ନିର୍ବିକାର ଭାବରେ ତା' ରୁମ୍ ଭିତରକୁ ପଶିଯାଉଥିଲା, କିନ୍ତୁ ଅଭିଜିତ୍‌ର ବାଟ ଓଗାଳି ଠିଆ ହେଲେ ବିଶ୍ୱଜିତ୍ । ଉତ୍ତେଜନାରେ ତାଙ୍କ ଦେହ କମ୍ପୁଥିଲା । ତାଙ୍କ ପାଦର ରକ୍ତଧାର ତୀବ୍ର ବେଗରେ ମୁଣ୍ଡକୁ ଛୁଟିଛି । ମୁହଁ ଅଧିକରୁ ଅଧିକ ଲାଲ ଦିଶୁଛି । ରକ୍ତର ଆଭାରେ ତାଙ୍କ କାନମୂଳ ସଂଧ୍ୟା ଆକାଶ ପରି ରଙ୍ଗିନ୍ ଦିଶୁଛି ।

ବିଶ୍ୱଜିତ୍‌ଙ୍କ ଠିକ୍ ପଛରେ ଠିଆ ହୋଇ ଅନୁକମ୍ପା ଭୟରେ ଥରୁଥରୁ ହଉଥିଲେ ଠିକ୍ କଣ୍ଢାମାଟିର ମୂର୍ତ୍ତିଟିଏ ପରି । କିଛି ଗୋଟେ ଅଚାନକ ଘଟିଯିବାର ଆଶଙ୍କାରେ ତାଙ୍କ ଭିତରର ମାଟି ଚକଟି ହୋଇଯାଉଥିଲା ।

ବିଶ୍ୱଜିତ୍‌ଙ୍କ ବିଶ୍ୱମୂର୍ତ୍ତି ଦେଖି ଅଭିଜିତ୍‌ର ସାଙ୍ଗମାନେ ଚୁପଚାପ୍ ସେ ସ୍ଥାନରୁ ଅପସରି ଯାଇଥିଲେ । ବିଶ୍ୱଜିତ୍ ନିଜର ସମସ୍ତ ଶକ୍ତି ଖଟାଇ ଚିତ୍କାର କରି ଉଠିଲେ- ମୁଁ ତୋତେ ତେଜ୍ୟପୁତ୍ର କରିବି । ତୋ ପରି ଅସାମାଜିକ, ଦୁର୍ଦ୍ଧାନ୍ତ ଗୁଣ୍ଡାକୁ ମୁଁ କେବେ ହେଲେ ସ୍ୱୀକାର କରିବି ନାହିଁ ।

ଅଭିଜିତ୍ କିଛି ନ କହି କେବଳ ବଡ଼ ବଡ଼ ଆଖିକରି ଦୁର୍ଦ୍ଧାନ୍ତ ଦସ୍ୟୁଟାଏ ପରି ଠିଆ ହୋଇ ରହିଲା ।

ଅତ୍ୟଧିକ ଉଦ୍‌ବେଗରେ ବିଶ୍ୱଜିତ୍ ହଠାତ୍ କାନ୍ଦି ପକାଇଲେ– ମୁଁ ତୋତେ ନେଇ କେତେ ସ୍ୱପ୍ନ ଦେଖୁଥିଲି । କେତେ ବଡ଼ ଆଶା କରିଥିଲି । ମୋ ପୁଅ ପାଠ ପଢ଼ିବ, ମଣିଷ ହେବ । ମୋଠୁ ବଡ଼ ମଣିଷ ହେବ । ମୋଠୁ ଢେର ଅଧିକ ଖ୍ୟାତି ଅର୍ଜନ କରିବ । କିନ୍ତୁ ତୁ କ'ଣ କଲୁ ଅଭିଜିତ୍ ? ମୋର ସମସ୍ତ ଆଶା, ଅଭିଳାଷକୁ ତୁ ନଷ୍ଟ କରିଦେଲୁ । ତୋ ପାଇଁ ମୁଁ ଆଜି ବାହାରେ ମୁଣ୍ଡଟେକି ଚାଲି ପାରୁ ନାହିଁ ।

ଅଭିଜିତ୍ ନିର୍ଲିପ୍ତ ଶୀତଳ କଣ୍ଠରେ ଉତ୍ତର ଦେଲା– ଆପଣ ଅଯଥାରେ ବିବ୍ରତ

Digitized by srujanika@gmail.com

ହେଉଛନ୍ତି ବାପା ! କିଛି ନଷ୍ଟହୋଇ ନାହିଁ । ଆପଣ ମୋତେ ଯେମିତି ଗଢ଼ିବେ ବୋଲି ଆଶା କରିଥିଲେ ମୁଁ ତା' ଠୁ ଅଧିକ ଉନ୍ନତ ଭାବେ ନିଜକୁ ଗଢ଼ିବାକୁ ଆପ୍ରାଣ ଉଦ୍ୟମ କରୁଛି ।

ବିଶ୍ୱଜିତ୍ ଆଗ ଅପେକ୍ଷା ଅଧିକ ଉଚ୍ଚ କଣ୍ଠରେ ଚିତ୍କାର କଲେ– ତୁ ମୋତେ ଉପହାସ କରୁଛୁ ? ହଁ, ବାପାକୁ ଉପହାସ ନ କଲେ ଆଉ କାହାକୁ ଉପହାସ କରିବୁ ? ତୋ ଉପହାସକୁ ସହଜରେ ହଜମ କରିବା ଲୋକ ତୋ ବାପା ବ୍ୟତୀତ ଆଉ କିଏ ହୋଇପାରେ ?

ଅଭିଜିତ୍ ବିଶ୍ୱଜିତ୍‌ଙ୍କର ଆଉ ଟିକେ ପାଖକୁ ଲାଗିଆସି ଖୁବ୍ ସହଜ, ସରଳ କଣ୍ଠରେ କହିଲା– ମୁଁ ଆପଣଙ୍କୁ ଆଦୌ ଉପହାସ କରୁନାହିଁ ବାପା । ମୁଁ ଆପଣଙ୍କ ଆଶା, ଆକାଂକ୍ଷାକୁ ସାକାର କରିବି ।

ବିଶ୍ୱଜିତ୍ ପଛକୁ ଦୁଇପାଦ ହଟିଯାଇ ଗର୍ଜନ କଲେ- ତୁ ନିଜକୁ ଯେମିତି ଗଢ଼ିଚୁ ସେଥିରୁ ମୁଁ ସବୁ ଜାଣି ପାରୁଛି । ତୁ ବର୍ତ୍ତମାନ ଏ ସହରର ସବଠୁ ଦୁର୍ଦ୍ଧାନ୍ତ ଅସାମାଜିକ ଯୁବକ ହିସାବରେ ସବୁଠି ପରିଚିତ । ଚୋରି, ମାରପିଟ୍, ଭଙ୍ଗାରୁଜା ପରି ଅନେକ ଅସାମାଜିକ କାମ କରି ଅନେକ ଥର ତୁ ଗିରଫ ହୋଇଛୁ । ଥାନାରେ ସେ ସବୁ ରେକର୍ଡ଼ ମହଜୁଦ ଅଛି । ଏତେ ସବୁ ଖରାପ କାମର ମୋହର ଯାହା ପିଠିରେ ବସିଛି ସିଏ ଆଉ କ'ଣ ହେବାର ଉଚ୍ଚ ଆଶା ପୋଷଣ କରିପାରେ ?

ଅଭିଜିତ୍ ଏ ସମସ୍ତ ଅଭିଯୋଗକୁ ସ୍ୱୀକାର କରିନେଇ କହିଲା– ମୁଁ କିନ୍ତୁ ଯାହା ହେବା ପାଇଁ ନିଜକୁ ପ୍ରସ୍ତୁତ କରୁଛି ସେଥିରେ ଆପଣଙ୍କ ମୁଣ୍ଡ ନଇଁଯିବ ନାହିଁ । ବରଂ ଗର୍ବ ଆଉ ଗୌରବରେ ମୁଣ୍ଡ ଉପରକୁ ହେବ । ଆପଣ ହୁଏତ ଆଶା କରିଥିଲେ ମୁଁ ପାଠପଢ଼ି ଜଣେ ଡାକ୍ତର, ଇଞ୍ଜିନିୟର, ଅଧ୍ୟାପକ, ଆଇ.ଏ.ଏସ୍. କିମ୍ବା ଓ.ଏ.ଏସ୍. ଅଫିସର ହେବି । କିନ୍ତୁ ମୁଁ ଏ ସବୁର ଉପରକୁ ଯିବା ପାଇଁ ନିଜକୁ ପ୍ରସ୍ତୁତ କରୁଛି ।

ଅନୁକମ୍ପା ଏଥର ସାହସ ପାଇ ଅଭିଜିତ୍‌ର ପାଖକୁ ଲାଗି ଆସି କହିଲେ– କହି ଦଉନୁ ତୁ କ'ଣ ହେବୁ ବୋଲି ଲକ୍ଷ୍ୟ ରଖିଛୁ ?

ଅଭିଜିତ କିଛିକ୍ଷଣ ନୀରବରେ ଠିଆ ହୋଇ ରହିଲା । ବିଶ୍ୱଜିତ୍ ଆଉ ଅନୁକମ୍ପା ମଧ ଚୁପ୍ ଚାପ୍ ଠିଆ ହୋଇ ପୁଅ ମୁହଁକୁ ଚାହିଁ ରହିଲେ ।

କିଛି ସମୟ ନୀରବରେ କଟିବା ପରେ ବିଶ୍ୱଜିତ୍ ବ୍ୟଙ୍ଗକରି କହିଲେ– ତୁ କ'ଣ ଭବିଷ୍ୟତରେ ଗୋଟେ ବଡ଼ ଦସ୍ୟୁଦଳ ଗଠନ କରି ଆନ୍ତର୍ଜାତିକ ସ୍ତରର ଜଣେ ଦସ୍ୟୁ ହେବାର ଲକ୍ଷ୍ୟରଖି ନିଜକୁ ଗଢ଼ି ଚାଲିଛୁ ?

ଅଭିଜିତ୍ ଏଥର ମୁହଁ ଖୋଲିଲା- ନା, ବାପା ! ଆପଣ ମୋତେ ଆଶୀର୍ବାଦ କରନ୍ତୁ, ମୋ ସାଧନା ସଫଳ ହେଉ, ମୋ ଲକ୍ଷ୍ୟ ପୂରଣ ହେଉ, ମୁଁ ଭବିଷ୍ୟତରେ

Digitized by srujanika@gmail.com

ଜଣେ ମନ୍ତ୍ରୀ ହୁଏ ।

ବିଶ୍ୱଜିତ୍ ଓ ଅନୁକମ୍ପାଙ୍କ ଆଖି ବିସ୍ମୟରେ ବଡ଼ ବଡ଼ ହୋଇଗଲା ।

ଅଭିଜିତ୍ କହି ଚାଲିଥିଲା– ମୁଁ ଆମ କଲେଜରେ ନେତା । ଏ ସହରର ଅଧିକାଂଶ ସାହସୀ, ଦୁର୍ଦ୍ଧାନ୍ତ, ମଦ୍ୟପ ଯୁବକ ମୋ ହାତରେ । ଆଜିକୁ ଦୁଇବର୍ଷ ହେଲା ମୁଁ ଆମ ରାଜ୍ୟର ଅଗ୍ରଣୀ ରାଜନୈତିକ ଦଳ ସହିତ ସଂପର୍କ ରଖିଛି । ଆମ ଦଳର ବିଭିନ୍ନ ସଭା ପାଇଁ ଲୋକ ଯୋଗାଡ଼ କରିବା, ଅନ୍ୟ ଦଳର ସଭାକୁ ଭାଙ୍ଗିବା, ଆମ ଦଳ ତରଫରୁ ଦିଆଯାଉଥିବା ବିଭିନ୍ନ ବନ୍ଦ ଡାକରାକୁ ସଫଳ କରାଇବା, ଦଳ ତରଫରୁ କାହା ଉପରେ ପ୍ରତିଶୋଧ ନିଆଯିବ ଏସବୁ କାମ ମୋ ଲୋକମାନଙ୍କୁ ନେଇ ମୁଁ କରେ । ମୋ ହାତରେ ଥିବା ଯୁବକମାନଙ୍କୁ ମଦ, ମାଂସ ଆଉ ଟଙ୍କା ପଇସା ଦେଇ ଚଳାଇବାକୁ ଆମ ରାଜନୈତିକ ଦଳ ମୋତେ ନିୟମିତ ଟଙ୍କା ଦିଏ । ଆମ ରାଜନୈତିକ ଦଳର ଚିଫ୍ ମୋତେ କଥା ଦେଇଛନ୍ତି ଆସନ୍ତା ନିର୍ବାଚନରେ ମୋତେ ଖୁବ୍ ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ଦିଆଯିବ । ମୁଁ ସେଥିରେ ସଫଳ ହେଲେ ମତେ ଦଳ ତରଫରୁ ବିଧାନସଭା ପ୍ରାର୍ଥୀ କରାଯିବ । ଆପଣ ବିଶ୍ୱାସ କରନ୍ତୁ ବାପା, ରାଜନୀତି କରିବା ପାଇଁ ଆଉ ନିର୍ମଳ ଚରିତ୍ର ଲୋକର ଆବଶ୍ୟକତା ନାହିଁ । ରାଜନୀତି ବର୍ତ୍ତମାନ ସବୁଠୁ ହୀନ ନୀତିରେ ପରିଣତ ହେଲାଣି । ନିର୍ମଳ, ସଚ୍ଚୋଟ, କୋମଳ ହୃଦୟର ଲୋକ ରାଜନୀତିର ଭ୍ରଷ୍ଟାଚାର, ଅନୀତି, ଦୁର୍ନୀତି ଓ କଠୋରତାକୁ ସହ୍ୟ କରି ପାରିବ ନାହିଁ । ରାଜନୀତି ପାଇଁ ଆଜିକାଲି ସାହସୀ, ଚତୁର, ପାରିବାର ଆଉ ଦୁର୍ଦ୍ଧାନ୍ତ, କଠୋର ହୃଦୟର ଲୋକ ଦରକାର । ମୁଁ ନିଜକୁ ସେଇ ଢାଞ୍ଚାରେ ଗଢୁଛି ।

ବିଶ୍ୱଜିତ୍ ଓ ଅନୁକଂପାଙ୍କ ଆଖି ବିସ୍ମୟରେ ବିସ୍ଫାରିତ ହୋଇ ଯାଉଥିଲା । କିନ୍ତୁ ଅଭିଜିତ୍ ଜଣେ ଅବିଚଳିତ ସାଧକ ଭାବେ ମୁଣ୍ଡ ନୁଆଇଁ ଆଶୀର୍ବାଦ ଭିକ୍ଷା କରୁଥିଲା ।

□□

Digitized by srujanika@gmail.com

ଲକ୍ଷ୍ମଣରେଖା ବିବାହିତାର

—ଖାଲି ସେତିକି ନୁହେଁ, ଆହୁରି ଢେର୍ ଜିନିଷ ମୁଁ ସାଙ୍ଗରେ ଆଣିଚି ଯାହା ନ ଆଣିବାର ଥିଲା । କ୍ଷୁବ୍ଧ ହୋଇ ଉତ୍ତର ଦେଲେ ମନୀଷା ।

ଆହୁରି ଅଧିକ ଉତ୍‌କ୍ଷିପ୍ତ ହୋଇ ପ୍ରଶ୍ନ କଲେ ଅନିରୁଦ୍ଧ— କ'ଣ ଏମିତି ଢେର ଜିନିଷ ଆଣିଚ ଯାହା ଅନ୍ୟକେହି ଆଣି ନାହାଁନ୍ତି ? ଟ୍ରେନ୍ ନା ଉଡ଼ାଜାହାଜ ଆଣିଚ ?

ମନୀଷା ପରିସ୍ଥିତିକୁ ସାମାନ୍ୟ ଲଘୁ କରିବା ପାଇଁ ଟିକେ ମୁରୁକି ହସି କହିଲେ- ଟ୍ରେନ୍ କି ଉଡ଼ାଜାହାଜ ଆଣିନେଇଁ ଏଇଥିପାଇଁ ଯେ ତାକୁ ଚଳାଇବା ପାଇଁ ତୁମର ତାଲିମ ନାହିଁ । ମୁଁ ସାଙ୍ଗରେ ମୋ ପ୍ରେମିକକୁ ଆଉ ମୋ ଚାକିରିକୁ ଆଣିଚି ।

– ସେ ଫାଜିଲାମି ବନ୍ଦକର ମନୀଷା । ମୁଁ ତୁମକୁ ଭଲ ପାଇ ବାହା ହେଇଚି ବୋଲି ତମେ ସବୁବେଳେ ସବୁକଥାରେ ସୀମା ଲଙ୍ଘନ କରୁଛ । ଆଉ ତୁମେ ଚାକିରି କରି ଅତିଟା ସ୍ୱାଧୀନ ହେଇଯାଉଛ ।

– ସବୁ ବିବାହିତା ପ୍ରେମିକାମାନଙ୍କ ଅବସ୍ଥା ଦୟନୀୟ । ମୋ ଅବସ୍ଥା ସବୁଠୁ ଶୋଚନୀୟ କାରଣ ମୁଁ ବିବାହିତା ପ୍ରେମିକା, ପୁଣି ମୋ ପଛରେ ଗୋଟେ ଚାକିରି ଅଠୁଆ କାନକୋଳି କଣ୍ଟା ପରି ଓହଳିଛି । ସିଏ ମତେ ଛାଡ଼ି ପାରୁ ନାହିଁ କି ମୁଁ ତାକୁ ଛଡ଼ାଇ ପାରୁ ନାହିଁ ।

ଅନିରୁଦ୍ଧ ଚିହିଁକି ଉଠିଲେ— ଏମିତି ପ୍ରେମ ବିବାହ କ'ଣ ଏ ପୃଥିବୀର ଆମ ଦୁହିଁଙ୍କୁ ଛାଡ଼ି ଆଉ କେହି କରିନାହାଁନ୍ତି ? ସ୍ୱାମୀ ଆଉ ପ୍ରେମିକକୁ ତମେ ଗୋଟିଏ ଟୁ-ଇନ୍-ୱାନ ସେଟ୍ ବୋଲି ଭାବୁଛ କାହିଁକି ? ତମ ଇଚ୍ଛା ଯେତେବେଳେ ହେବ ତୁମେ ସ୍ୱାମୀ ଭାବରେ ବ୍ୟବହାର କରିବ, ଆଉ ଯେତେବେଳେ ଚାହିବ ପ୍ରେମିକ ଭାବେ ବ୍ୟବହାର କରିବ ।

ଆନନ୍ଦ ଚନ୍ଦ୍ର ପତି

Digitized by srujanika@gmail.com

ବିବାହ ପରେ ପ୍ରେମିକର ଘଟାନ୍ତର ହୁଏ ଓ ସେ ସଂପୂର୍ଣ୍ଣ ଭାବେ ସ୍ୱାମୀରେ ପରିଣତ ହୁଏ । ତା'ଠୁ ତମେ ପ୍ରଣୟ ପାଇବ, କିନ୍ତୁ ତା' ଭିତରେ ତୁମ ପ୍ରେମିକକୁ ଖୋଜିବା ପାଇଁ ପ୍ରୟାସ କଲେ ବିଫଳ ହେବ । ଆମ ବିବାହ ବେଦୀର ଏରୁଣ୍ଡି ଆରପଟେ ମୁଁ ପ୍ରେମିକାକୁ ସମାଧି ଦେଇଛି । ବେଦୀ ଉପରକୁ ଯିଏ ଉଠିଛି, ସିଏ ପ୍ରେମିକା ନୁହଁ ପତ୍ନୀ । ତା' ଭିତରେ ପ୍ରେମିକାର ପ୍ରତିମୂର୍ତ୍ତି ମୁଁ କେବେ ଖୋଜି ନାହିଁ ।

ମନୀଷା ସ୍ୱାମୀଙ୍କୁ ଚାହିଁଲେ । ଅନିରୁଦ୍ଧ ଏବେ ଟିକେ ମୋଟେଇ ଯାଇଛନ୍ତି । ପ୍ରାୟ ପାଞ୍ଚ କିଲୋଗ୍ରାମ ଓଜନ ବଢ଼ିଛି ତାଙ୍କର । ପ୍ରେମିକ ଅନିରୁଦ୍ଧଠାରୁ ସ୍ୱାମୀ ଅନିରୁଦ୍ଧ ଖୁବ୍ ନିଆରା ଲାଗୁଛନ୍ତି । କଲେଜର ତୃତୀୟ ବର୍ଷରେ ସାକ୍ଷାତ ତାଙ୍କ ସହ । ଖୁବ୍ ସ୍ଲିମ୍ ଦେହ । ପାଞ୍ଚଫୁଟ ଦଶଇଞ୍ଚ ଉଚ୍ଚ । ମୁହଁରେ ଛୋଟ ଛୋଟ ନିଶ, ଦାଢ଼ି । ଖୁବ୍ ଚମତ୍କାର ଥିଲା ତାଙ୍କ ଚାଲି ଆଉ ଦୃଷ୍ଟି । ଅନିରୁଦ୍ଧଙ୍କର ସବୁଠୁ ଆକର୍ଷଣୀୟ ତାଙ୍କର ଭାଷଣ । ସେ ବର୍ଷ ଡ୍ରାମା ସେକ୍ରେଟାରୀ ପଦ ପାଇଁ ସିଏ କଲେଜ ନିର୍ବାଚନରେ ଲଢୁଥିଲେ । ତାଙ୍କ ଭାଷଣରେ ଆକୃଷ୍ଟ ହୋଇ କଲେଜରେ ତିନିଜଣ ଝିଅ ତାଙ୍କୁ ଭଲ ପାଇଥିଲେ ମନୀଷା, ଲିଜା ଆଉ ଇପ୍‌ସିତା । ତିନିଜଣଙ୍କ ମଧ୍ୟରେ ଅନିରୁଦ୍ଧଙ୍କ ପାଇଁ ପ୍ରତିଯୋଗିତା ଆରମ୍ଭ ହୋଇ ଯାଇଥିଲା । କିନ୍ତୁ ସମସ୍ତଙ୍କୁ ଚମତ୍କୃତ କରି ଅନିରୁଦ୍ଧ ଦିନେ ଏଇ ତିନିଜଣ ଉପସ୍ଥିତ ଥିବା ଗୋଟିଏ ପାର୍କରେ ଅଚାନକ ଉପସ୍ଥିତ ହେଲେ ଓ ମନୀଷାକୁ ସିଏ ଭଲ ପାଆନ୍ତି ବୋଲି ତିନିଜଣଙ୍କ ସମ୍ମୁଖରେ ପ୍ରକାଶ କଲେ ।

ଲିଜା ଆଉ ଇପ୍‌ସିତା ସେଦିନ ମନୀଷାଙ୍କ ସୌଭାଗ୍ୟ ପାଇଁ ଖୁବ୍ ଈର୍ଷା କରିଥିଲେ । ନିଜେ ମନୀଷା ମଧ ଖୁସି ହୋଇଥିଲେ ମନେ ମନେ । ଅନିରୁଦ୍ଧଙ୍କ ଭଲ ପାଇବା ହାସଲ କରି ନିଜକୁ ଖୁବ୍ ସୌଭାଗ୍ୟବତୀ ମନେ କରିଥିଲେ । ଅନିରୁଦ୍ଧ ପ୍ରତିଦିନ ମନୀଷାଙ୍କୁ ସାକ୍ଷାତ କରୁଥିଲେ ପାର୍କରେ । ଗପୁଥିଲେ ଘଣ୍ଟା ଘଣ୍ଟା । ଜନ୍ମଦିନ ଓ ଅନ୍ୟାନ୍ୟ ପର୍ବଦିନମାନଙ୍କରେ ଆକର୍ଷଣୀୟ ଉପହାର ଧରି ମନୀଷାଙ୍କୁ ଶୁଭେଚ୍ଛା ଜଣାଉଥିଲେ ।

ତାଙ୍କ ଭଲ ପାଇବାର ଶ୍ରେଷ୍ଠ ନିଦର୍ଶନ ସିଏ ଦେଇଥିଲେ ସେଇଦିନ ଯେଉଁଦିନ ପୁରୀ ସମୁଦ୍ର ବେଳାରେ ମନୀଷା ଓ ଅନିରୁଦ୍ଧ ଭ୍ରମଣ କରୁ କରୁ ସାନ୍ଧ୍ୟ ସମୀରଣରେ ମନୀଷାଙ୍କ ଆପ୍ରନ୍‌ଟା ଉଡ଼ିଯାଇ ସମୁଦ୍ର ଢେଉରେ ଭାସିଯାଇଥିଲା । ମୁହୂର୍ତ୍ତଟାଏ ବିଳମ୍ବ ନ କରି ସମୁଦ୍ର ମଧ୍ୟକୁ ଡେଇଁପଡ଼ିଲେ ଅନିରୁଦ୍ଧ ଆପ୍ରନ୍‌ଟିକୁ ଉଦ୍ଧାର କରିବା ପାଇଁ, କିନ୍ତୁ ସମୁଦ୍ର ପହଁରିବା ଜଣା ନଥିବାରୁ ଦୁଇ ତିନି ଢୋକ ପାଣି ପିଇଯାଇଥିଲେ ମଧ ଆପ୍ରନ୍‌ଟିକୁ ଗୋଟିଏ ହାତରେ ଜାବୁଡ଼ି ଧରିଥିଲେ ।

ବର୍ତ୍ତମାନର ସ୍ୱାମୀ ଅନିରୁଦ୍ଧ ଓ ବିବାହ ପୂର୍ବର ପ୍ରେମିକ ଅନିରୁଦ୍ଧ ସଂପୂର୍ଣ୍ଣ ପୃଥକ ଦୁଇଟି ମଣିଷ । ପ୍ରେମିକ ଅନିରୁଦ୍ଧ ଖୁବ୍ ଶ୍ରଦ୍ଧାଶୀଳ ଓ ମନୀଷାମନସ୍କ ଥିଲେ ।

Digitized by srujanika@gmail.com

ମନୀଷାଙ୍କୁ ଦିନଟିଏ ନ ଦେଖିଲେ ଅତିଷ୍ଠ ହୋଇ ପଡୁଥିଲେ, ମନୀଷାଙ୍କୁ ଖୁସିକରିବା ପାଇଁ ତାଙ୍କ ରୁଚିର ପୋଷାକ ପିନ୍ଧୁଥିଲେ। କିନ୍ତୁ ସ୍ୱାମୀ ଅନିରୁଦ୍ଧ ଗମ୍ଭୀର ମଣିଷ; ଗୋଟିଏ ଘରେ ଏକତ୍ର ବାସ କରି ମଧ୍ୟ ଦୁଇ ତିନି ଦିନରେ ଥରେ ଗପସପ ହେବାର ସୁଯୋଗ ସୃଷ୍ଟି ହେଉନାହିଁ। ମୁହାଁମୁହିଁ ହେଲେ କେବଳ ଝଗଡ଼ା, କଥା କଟାକଟି, ଅଭିଯୋଗ, ପ୍ରତି ଅଭିଯୋଗ, ଅଭିମାନ, ରାଗ ଆଉ ମୁହଁ ଫୁଲାଫୁଲି।

ମନୀଷା ଅନିରୁଦ୍ଧଙ୍କ କୌଣସି କଥାର ଉତ୍ତର ନ ଦେଇ ପଛକଥା ଭାବୁଥିବା ସମୟରେ କଲିଂବେଲ୍ ବାଜିଲା। ମନୀଷା ଉଠିଯାଇ କବାଟ ଖୋଲିଲେ। ହସି ହସି ଘର ଭିତରକୁ ପଶି ଆସିଲା ମନୀଷାଙ୍କ ସାନଭାଇ ପ୍ରଦୀପ। ହସ ହସ ମୁହଁରେ ପଶିଆସୁଥିବା ପ୍ରଦୀପକୁ ଦେଖି ଅନିରୁଦ୍ଧ ହଠାତ୍ ଗମ୍ଭୀର ହୋଇଗଲେ। ମନୀଷାଙ୍କ ପରିବାରର ସବୁଲୋକଙ୍କ ଅବାରିତ ପ୍ରବେଶକୁ ଅନିରୁଦ୍ଧ ସହଜରେ ଗ୍ରହଣ କରିପାରନ୍ତି ନାହିଁ। ପ୍ରତି ସପ୍ତାହରେ ମନୀଷାଙ୍କ ବାପା, ମାଆ, ଭାଇ, ଭଉଣୀ କେହି ହେଲେ ଆସନ୍ତି। ମନୀଷାଙ୍କ ସହିତ ଏକାନ୍ତ ଗୋପନରେ ଅନେକ କଥା ଅନେକ ବେଳଯାଏ ଗପନ୍ତି। ଅନିରୁଦ୍ଧଙ୍କ ଉପସ୍ଥିତିରେ କଥୋପକଥନର ସ୍ୱର ଅସ୍ପଷ୍ଟ ହୋଇଯାଏ ଓ ଧୀରେ ଧୀରେ ବନ୍ଦ ହୋଇଯାଏ। ମନୀଷାଙ୍କ ଘର ଲୋକମାନେ ତାଙ୍କ ସହିତ ଯେତେ ଅନ୍ତରଂଗ ଓ ସହଜ, ଅନିରୁଦ୍ଧଙ୍କଠାରୁ ସେମାନେ ସେତିକି ବ୍ୟବଧାନ ରଖି ଚଳନ୍ତି।

ଆଜି ପ୍ରଦୀପ କିନ୍ତୁ ମନୀଷାଙ୍କୁ କିଛି କହିବା ପୂର୍ବରୁ ଅନିରୁଦ୍ଧଙ୍କ ହାତକୁ ପତ୍ରଟିଏ ବଢ଼ାଇ ଦେଲା। ମନୀଷାର ସାନ ଭଉଣୀ ଅନୀଷାର ବାହାଘର ସ୍ଥିର ହୋଇ ଯାଇଛି। ଅନୀଷା ଅର୍ଥନୀତିରେ ଏମ୍.ଏ. ଓ ସାଧାରଣ ଭାବେ ସୁନ୍ଦରୀ। ବରଟି କୌଣସି ଏକ ଜାତୀୟକରଣ ବ୍ୟାଙ୍କରେ ପ୍ରୋବେସନ୍ ଅଫିସର। ବିଭାଘର ଆସନ୍ତା ମାସ ୧୫ ତାରିଖ।

ପତ୍ରଟି ଦେଇ ପ୍ରଦୀପ ଚାଲିଗଲା ପରେ ଅନିରୁଦ୍ଧ ନିବେ ପଢ଼ିସାରି ମନୀଷାଙ୍କ ହାତକୁ ବଢ଼ାଇ ଦେଲେ। ଚିଠି ଆସିବାର ଦୁଇଦିନ ଚୁପ୍‌ଚାପ୍ କାଟିଲେ ଅନିରୁଦ୍ଧ ଓ ମନୀଷା। ମନୀଷା ଆଶା କରୁଥିଲେ ଅନିରୁଦ୍ଧ ପ୍ରଥମେ ଏ ବିଷୟରେ ତା' ସହିତ ଆଲୋଚନା କରିବେ। କିନ୍ତୁ ଚିଠିଟି ପାଇବା ଦିନଠୁ ଅନିରୁଦ୍ଧ ଅଧିକ ଗମ୍ଭୀର ଓ ଚୁପ୍‌ଚାପ୍ ରହିଲେ। ତୃତୀୟ ଦିନ ମନୀଷା ପ୍ରଥମେ ପାଟି ଖୋଲିଲେ। ଅନୀଷାର ବିଭାଘର ଆଉ ଅଳ୍ପ ଦିନ ରହିଲା। ବିଭାଘର ଦିନକ ପୂର୍ବରୁ ଆମକୁ ଯିବାକୁ ପଡ଼ିବ। କ'ଣ ଦେବା ଆମେ ?

ଅନିରୁଦ୍ଧ ନିଜର ମନୋଭାବକୁ ମନ ଭିତରେ ଚାପି ରଖି କହିଲେ- ଇଏ ତୁମ ଭଉଣୀ ବାହାଘର। କ'ଣ ଦିଆଯିବ ତୁମେ କୁହ।

ମନୀଷା ନିଜକୁ ସହଜ କରି ସ୍ୱାଭାବିକ କଣ୍ଠରେ କହିଲେ ମୋ ବାପା ତ

Digitized by srujanika@gmail.com

ଚାକିରିରୁ ଅବସର ନେଲେଣି । ମୋ ବାହାଘରକୁ ଦୁଇ ଲକ୍ଷ, ଅଢ଼େଇ ଲକ୍ଷ ଟଙ୍କା ଖର୍ଚ୍ଚ ହୋଇଗଲା । ଜିନିଷପତ୍ରର ଦାମ୍ ଯା ଭିତରେ ଢ଼େର ବଢ଼ିଗଲାଣି । ଅନୀଷା ବାହାଘରକୁ ଆମେ ଯାହା ଦେବା ଟଙ୍କା ଆକାରରେ ଦେଲେ ଭଲ ହୁଅନ୍ତା ।

ଅନିରୁଦ୍ଧ କିଛି ନ କହି କେବଳ ମନୀଷାଙ୍କୁ ଚାହିଁଲେ । ମନୀଷା ସ୍ୱାମୀଙ୍କ ମନୋଭାବ ତାଙ୍କ ମୁହଁରୁ ପଢ଼ିପାରି ଭୟ ପାଇଗଲେ । ଏମିତି ଲକ୍ଷ ଲକ୍ଷ ଟଙ୍କାର ହିସାବ ଦେବାଟା ହୁଏତ ଅନିରୁଦ୍ଧ ପସନ୍ଦ କଲେ ନାହିଁ । ବିସ୍ଫୋରଣର ଆଶଙ୍କା କରି ମନୀଷା ପ୍ରସଙ୍ଗ ବଦଳାଇଲେ- ଆଚ୍ଛା, ତମର ଆଜି ଅଫିସ୍ ଅଛି ନା ନାହିଁ ?

ଅନିରୁଦ୍ଧ ପ୍ରତିବାଦ କଲେ- ନା, ମନୀଷା ! ପ୍ରସଙ୍ଗ ବଦଳାଇବା ଆବଶ୍ୟକ ନାହିଁ । ତୁମ ଭଉଣୀର ବାହାଘର, ତୁମେ କୁହ ଆମେ କେତେ ଟଙ୍କା ଦେଲେ ଠିକ୍ ହେବ ?

ମନୀଷା କିନ୍ତୁ ନିଜ ତରଫରୁ କିଛି ପ୍ରସ୍ତାବ ଦେବାକୁ ସାହସ କଲେ ନାହିଁ । କଥାଟା ସଂପୂର୍ଣ୍ଣଭାବେ ଅନିରୁଦ୍ଧଙ୍କ ଉପରେ ଛାଡ଼ିଦେବାକୁ ତାଙ୍କର ଇଚ୍ଛା । କିଛି ଉତ୍ତର ନ ଦେଇ ଅନିରୁଦ୍ଧଙ୍କ ପ୍ରତିକ୍ରିୟାକୁ ଅପେକ୍ଷା କରି ରହିଲେ ।

ଅନିରୁଦ୍ଧ କିନ୍ତୁ ମନୀଷାଙ୍କ ମୁହଁରୁ କଥାଟାକୁ ବାହାର କରିବାକୁ ଜିଦ୍ ଧରିଲେ- ତୁମ ଭଉଣୀ ବାହାଘର ତୁମେ କୁହ କେତେ ଟଙ୍କା ଦେବା ଠିକ୍ ହେବ ? ଚାକିରି କରିଥିବା ନାରୀମାନେ ଖୁବ୍ ସ୍ୱାଧୀନଚେତା । ଅନେକ କାମ ନିଜ ଇଚ୍ଛା ଅନୁସାରେ କରନ୍ତି । କୌଣସି କାମ କରିବା ପୂର୍ବରୁ ସେମାନେ ସ୍ୱାମୀମାନଙ୍କ ଅନୁମତି ନେବାକୁ ଆବଶ୍ୟକ ମନେ କରନ୍ତି ନାହିଁ । ତୁମେ ନିଜର ମନକଥା କହିବାକୁ ଏତେ ଆଗପଛ ଭାବୁଛ କ'ଣ ?

ମନୀଷା ଗର୍ଜି ଉଠିଲେ- ଚାକିରି କରିବା କ'ଣ ପୁରୁଷଜାତିର ଏକଚାଟିଆ ଅଧିକାର ?- ନାରୀମାନେ ଚାକିରି କରିବା କ'ଣ ଏମିତି ଗୋଟେ ଅପରାଧ ନା ଜଣେ ନାରୀ ସ୍ୱାଧୀନଚେତା ହେବା ପାପ ?

ଅନିରୁଦ୍ଧ ଖୁବ୍ ସହଜ କଣ୍ଠରେ କହିଲେ- ଚାକିରି କରିଥିବା ନାରୀମାନଙ୍କ ସଂପର୍କରେ କହି କିଛି ଲାଭ ନାହିଁ । ସେମାନେ ତାଙ୍କ ଅଭ୍ୟାସରୁ ଏକଶତାଂଶ ବି ବଦଳାଇବାକୁ ରାଜି ନୁହଁନ୍ତି । ଦରକାର ପଡ଼ିଲେ ସେମାନେ ସ୍ୱାମୀଙ୍କୁ ଛାଡ଼ି ପାରନ୍ତି, କିନ୍ତୁ ଚାକିରି ଛାଡ଼ିବେ ନାହିଁ କି ତାଙ୍କ ଅଭ୍ୟାସ ଛାଡ଼ିବେ ନାହିଁ ।

ମନୀଷା ଜିଦ୍ ଧରିଲେ- କୁହ ମୋର କ'ଣ ସବୁ ଖରାପ ଅଭ୍ୟାସ ଅଛି ଆଉ ତମେ ସେ ସବୁକୁ ବଦଳାଇବାକୁ ମୋତେ କହୁଛ, ମୁଁ ବଦଳାଇ ନାହିଁ ? ତୁମକୁ ନିର୍ଦ୍ଦିଷ୍ଟ ଭାବେ ଏ ବିଷୟରେ କହିବାକୁ ପଡ଼ିବ ।

– ଦେଖ ମନୀଷା ! ତମର ଯଦି ଶୁଣିବାକୁ ଇଚ୍ଛା ତା' ହେଲେ ମୁଁ ମଧ କହିବାକୁ

Digitized by srujanika@gmail.com

ପ୍ରସ୍ତୁତ । ପ୍ରଥମ କଥା, ଅଫିସ୍ ଯିବା ସମୟରେ ଓ ଅଫିସ୍‌ରୁ ଫେରିବା ସମୟରେ ତୁମେ ରିକ୍ସାରେ ଯିବା ଆସିବା କରିବା କଥା । ତୁମେ ନିଜ ଛାତିରେ ହାତରଖି କହିପାରିବ ଯେ ତୁମେ ଏଥିରେ କେବେ ବ୍ୟତିକ୍ରମ କରିନା ବୋଲି ? ମୋ ପାଖରେ ଖବର ଅଛି, ତୁମେ କେତେଥର ତୁମ ଅଫିସ୍‌ର ଅତନୁବାବୁଙ୍କ କାର୍‌ରେ, କେତେଥର ଅଚିନ୍ତ୍ୟବାବୁଙ୍କ ସ୍କୁଟରରେ ଆଉ କେତେଥର ସୌମେନ୍ଦ୍ରବାବୁଙ୍କ ମଟର ସାଇକେଲ୍‌ରେ ଅଫିସ୍ ଯାଇଚ ଓ ଅଫିସରୁ ଫେରିଚ ?

ମନୀଷା ଖୁବ୍ ହସିଲେ ଅନିରୁଦ୍ଧଙ୍କ ଅଭିଯୋଗ ଶୁଣି । ତୁମର ଏ ପିଲାଳିଆ ଅଭିଯୋଗ ଶୁଣି ମୋତେ ହସ ଲାଗୁଚି । କ'ଣ ଭାବୁଛ ଏଇଟା ଆମର ସେଇ କଲେଜ ଜୀବନ ? କାହାକୁ ଚାହିଁଦେଲେ କାହା ସହିତ ପଦେ କଥା କହିଦେଲେ କି କାହା ପଛରେ ଥରେ ଅଧେ ବସିପଡ଼ିଲେ ତାକୁ ହୃଦୟ ଦେଇହେଇଯିବ ? ଏ ବିଷୟରେ ତୁମକୁ କିଏ କ'ଣ କହିଛି ମୁଁ ଜାଣେନା । ତେବେ ଆମେ ଏତେବର୍ଷ ଏକାଠି ସଂସାର କରିବା ପରେ ବି ଏମିତି କେତେଟା ଅବାନ୍ତର କଥା ନେଇ ତୁମ ମନରେ ମୋ ଚରିତ୍ର ପ୍ରତି ସନ୍ଦେହ ଉଠିବ ଏ କଥା ମୋ ଧାରଣାର ବାହାରେ । ତୁମେ ଜାଣ, ଅଫିସ୍ ଯିବା ଆସିବାରେ ମୁଁ କେତେ ଅସୁବିଧାର ସମ୍ମୁଖୀନ ହୁଏ ? ସରକାରୀ ବସ୍‌ର କିଛି ଠିକ ଠିକଣା ନ ଥାଏ ।

ତୁମେ ଏକା ନୁହଁ, ଚାକିରି କରୁଥିବା ପ୍ରତ୍ୟେକ ସ୍ତ୍ରୀର ସ୍ୱାମୀଙ୍କ ମନରେ ଏମିତି ଅନେକ ସନ୍ଦେହର ଭୂତ ସବାର ହୋଇଥାଏ । ଅଫିସ୍‌ରେ ସ୍ତ୍ରୀ କାହା ସହିତ ହସୁଛି, କାହା ସହିତ ବସୁଛି, କାହା ସହିତ ଗପୁଛି କାହା ସହିତ ଚା' ଜଳଖିଆ ଖାଉଚି, କାହା ସହିତ ବଜାର ଯାଉଚି- ଏମିତି ନାନା କଥା ସ୍ୱାମୀ ତାଙ୍କ ମାନସ ଚକ୍ଷୁରେ ଦେଖି ବ୍ୟସ୍ତ ବିବ୍ରତ ହୁଅନ୍ତି । ସ୍ତ୍ରୀକୁ ନାନା ଭାବେ ଆକଟ କରନ୍ତି । ମୁଁ ଜାଣେ ଏମିତିଆ ସ୍ୱାମୀମାନଙ୍କ ମନରୁ ସେ ସନ୍ଦେହର ଭୂତକୁ ଯେତେ ଗୁଣିଆ ଲଗାଇ ଝାଡ଼ିଲେ ବି କେବେ ଓହ୍ଲାଏ ନାହିଁ ।

ଅନିରୁଦ୍ଧ ପ୍ରତିଯୁକ୍ତି ବାଢ଼ିଲେ- ସ୍ୱାମୀର ପ୍ରତିକଥାକୁ ଟିକ୍ ଟିକ୍ କରି କାଟି ଚିରାକାଗଜ ପରି ଝରକାବାଟେ ବାହାରକୁ ଫିଙ୍ଗିବା ପାଇଁ ଚାକିରି କରିଥିବା ପ୍ରତ୍ୟେକ ନାରୀ ହାତରେ ଧାରୁଆ ଛୁରୀ ଆଉ କତୁରୀ ଥାଏ । ଏଇଥିପାଇଁ ତୁମ ଚାଲିଚଳନ, ଆଚାର ବ୍ୟବହାର ବିଷୟରେ କେବେ ତୁମକୁ କିଛି କହି ନାହିଁ । ମୁଁ ଜାଣେ ଚାକିରି କରିଥିବା ସ୍ତ୍ରୀମାନେ କାହାରି କଥା ସହଜରେ ଗ୍ରହଣ କରନ୍ତି ନାହିଁ । ସେମାନଙ୍କ ଉପରେ ଶାଶୁ, ଶ୍ୱଶୁରଙ୍କ ନିୟନ୍ତ୍ରଣ ନାହିଁ କି ସ୍ୱାମୀଙ୍କ ଆକଟ କିମ୍ବା ଆଙ୍କୁଶ ନାହିଁ । ସେମାନେ ବିଭାଘରର ମାସେ କି ପନ୍ଦର ଦିନ ଭିତରେ ଶାଶୁଘରର ଲକ୍ଷ୍ମଣରେଖା ଡେଇଁ ସ୍ୱାମୀଙ୍କ ପୁଷ୍ପକଯାନ ଚଢ଼ି ଉଡିଯାଆନ୍ତି ଚାକିରି କରିଥିବା ସହରକୁ । ଆଉ ପ୍ରତିଦିନ ସ୍ୱାମୀର ସୁନା- ପଞ୍ଜୁରୀର ଦ୍ୱାର ଖୋଲି ଅଫିସ-ଅରଣ୍ୟର ବିଭିନ୍ନ ଗଛରେ ଏଡାଳରୁ ସେ ଡାଳକୁ ଉଡ଼ିବୁଲନ୍ତି ।

ଆନନ୍ଦ ଚନ୍ଦ୍ର ପାହି

Digitized by srujanika@gmail.com

ମନୀଷା ପୁଣି ପ୍ରତିବାଦ କଲେ— ଚାକିରି କରିଥିବା ନାରୀ ସଂପର୍କରେ ଏମିତି ଧାରଣା ତୁମପରି ଜଣେ ଶିକ୍ଷିତ ମଣିଷ ମନରେ କେମିତି ପଶେ ? ଆମ ଓଡ଼ିଆ ଘରର ସଂସ୍କୃତି ଓ ପରଂପରା ଯାହା ତା' ଭିତରେ ବଢ଼ିଥିବା ପ୍ରତ୍ୟେକ ଝିଅ ମନରେ ଶାଶୁଘରର ଗୋଟେ ସ୍ୱତନ୍ତ୍ର ଚିତ୍ର ଆଙ୍କିହୋଇ ଯାଇଥାଏ । ଶାଶୁ, ଶ୍ୱଶୁର, ଦିଅର, ନଣନ୍ଦ ଓ ସ୍ୱାମୀ ଏ ସମସ୍ତଙ୍କୁ ନେଇ ତା' ଶାଶୁଘର । ଅନ୍ଧାର ରାତିରୁ ଗାଧୁଆ, ଚଉରା ମୂଳେ ଗଳବସ୍ତ୍ର ହୋଇ ସଂଜ ସକାଳେ ଘିଅବତୀ ଦେଇ ଓଳକି ହେବା, ଶାଶୁ, ଶ୍ୱଶୁରଙ୍କ ସେବାକରିବା ଓ ନଣନ୍ଦ,ଦିଅରଙ୍କ ସୋହାଗ ସାଉଁଟିବା ପ୍ରତି ଓଡ଼ିଆ ଝିଅର ସ୍ୱପ୍ନ ଥାଏ । ସମସ୍ତଙ୍କ ସ୍ନେହ, ଆଦର, ଆଶୀର୍ବାଦକୁ ଆଞ୍ଜୁଳି କରି ଭବିଷ୍ୟତର ସୁନା ସଂସାର ଗଢ଼ିବା ତା'ର ଜୀବନର ଲକ୍ଷ୍ୟ ଥାଏ । ମୁଁ ମଧ୍ୟ ସେମିତି ଗୋଟେ ଅନୁପମ ଅଭିଳାଷ ନେଇ ବିବାହ ବେଦୀରେ ବସିଥିଲି । କିନ୍ତୁ ମୋ ଚାକିରି ମୋଠୁ ସେ ସ୍ୱପ୍ନକୁ ଛଡ଼ାଇ ନେଲା । ଆମ ବିଭାଘରର ଗୋଟିଏ ମାସ ମୁଁ ଶାଶୁଘରେ ବୋହୂ ହୋଇ ଶାଶୁ, ଶ୍ୱଶୁରଙ୍କ ସେବା ଓ ନଣନ୍ଦ, ଦିଅରଙ୍କୁ ସ୍ନେହ କରିବା ପରେ ତୁମେ ମୋତେ ପ୍ରଥମେ ପଚାରିଥିଲ- କେବେ ଜଏନ୍ କରୁଚ ତମ ଚାକିରିରେ ? ଛୁଟି କେତେ ଦିନ ଆଣିଥିଲ ? ମୁଁ ମଧ୍ୟ ତୁମକୁ ଓଲଟା ପ୍ରଶ୍ନ ପଚାରି ଥିଲି- ତୁମେ କେବେ ଜଏନ୍ କରୁଛ ?

ତୁମ ଚାକିରିଥିଲା ଭୁବନେଶ୍ୱର ଆଉ ମୋ ଚାକିରି ଥିଲା କଟକ । ଶାଶୁ, ଶ୍ୱଶୁର, ଦିଅର, ନଣନ୍ଦ ଆଉ ତୁମେ କେହି କେବେ କହିଥିଲ କି ଚାକିରି ଛାଡ଼ିଦିଅ ? ବରଂ ତୁମେ ଛୁଟି ପୂରିବା ଦିନ ମୋତେ ଆଣି କଟକରେ ଛାଡ଼ି ତୁମେ ଭୁବନେଶ୍ୱରରେ ଜଏନ୍ କରିଥିଲ । ମୁଁ ଚାରିମାସ କଟକରେ ରହିବା ପରେ ତୁମେ ମୋର ଟ୍ରାନ୍ସଫର କରାଇ ଆଣିଥିଲ ଭୁବନେଶ୍ୱର । ସେଇ ଦିନଠୁ ଆମେ ଦୁହେଁ ଭୁବନେଶ୍ୱରରେ ଅଟକି ଯାଇଛେ । ମୁଁ ତୁମକୁ ଭଲ ପାଉଥିଲି ବୋଲି ଯେ ଆମ ଘର ଛାଡ଼ି ମୋ ବାପା ମାଆ କି ତୁମ ବାପା ମାଆଙ୍କ ବିନା ସ୍ୱୀକୃତିରେ ମୁଁ ତୁମ ଘରକୁ ନିଜ ଇଚ୍ଛା ଅନୁସାରେ ପଳାଇ ଆସିଥିଲି, ଏ କଥାତ ସତ୍ୟ ନୁହେଁ ? ବରଂ ତୁମ ବାପା, ମାଆ ଓ ମୋ ବାପା, ମାଆ ଆମ ଭଲ ପାଇବାକୁ ସ୍ୱୀକୃତି ଦେଇ ବୈଦିକ ରୀତିରେ ବିବାହ କରାଇଥିଲେ । ତୁମ ବାପା, ମାଆ ମୋତେ ସ୍ୱୀକୃତି ଦେବା ପୂର୍ବରୁ ଭଲ ଭାବରେ ଜାଣନ୍ତି ମୁଁ ସହରରେ ଚାକିରି କରେ । ଏମିତି ପରିସ୍ଥିତିରେ ତୁମେ ଯଦି କହିବ ମୁଁ ଶାଶୁଘରର ଲକ୍ଷ୍ମଣରେଖା ମୋ ସ୍ୱଇଚ୍ଛାରେ ଡେଇଁଛି, ତେବେ ମୁଁ ନାଚାର । ଆଉ ସବୁ ସାଧାରଣ ସ୍ୱାମୀଙ୍କ ପରି ତୁମ ମନରେ ମୋ ଅଫିସ୍‌ର ପୁରୁଷ ବନ୍ଧୁମାନଙ୍କ ସଂପର୍କରେ ସନ୍ଦେହ ଉଠୁଛି । ମୁଁ ଯଦି କହେ ଆଜିକାଲି ସବୁ ଅଫିସ୍‌ରେ କିଛି କିଛି ନାରୀ କର୍ମଚାରୀ ଯୋଗ ଦେଲେଣି ଆଉ ତୁମ ଅଫିସ୍‌ରେ ନାରୀ କର୍ମଚାରୀଙ୍କ ସଂଖ୍ୟା ବି କିଛି କମ୍ ନୁହେଁ । ସେମାନଙ୍କ ସହିତ ତୁମର ସଂପର୍କକୁ ନେଇ କ'ଣ ମୋ ମନରେ କିଛି ସନ୍ଦେହ ଉଠିବା ଅନ୍ୟାୟ

Digitized by srujanika@gmail.com

ନା ଅନାବଶ୍ୟକ ? ଜଣେ ଚାକିରିଆ ମହିଳାର ଅସୁବିଧା କଥା ତୁମେ ପୁରୁଷମାନେ କେବେ ଭାବିଛ ? ଘର ଆଉ ଅଫିସ ଦୁଇଟା ସ୍ଥାନରେ ନିଜ ଡ଼ିଉଟି ତୁଲାଇବାକୁ ପଡ଼େ ତାକୁ । ସିଏ ଯେତେ ଚେଷ୍ଟା କଲେ ବି ଘରକାମ କି ଅଫିସ କାମ କେଉଁଟା ହେଲେ ଠିକ୍ ଭାବେ ତୁଲାଇ ପାରେନା ।

ଅନିରୁଦ୍ଧ କହିଲେ– ଏଇଠି ତୁମେ ମିଛ କହିଲ ମନୀଷା । ତୁମେ ତୁମ ଶାଶୁଘର ଲୋକଙ୍କ ପ୍ରତ୍ୟାଶା ପୂରଣ କରି ନ ପାରିବା କଥାଟା ନିରାଟ ସତ୍ୟ ହେଲେ ବି ତୁମ ବାପଘର ଲୋକଙ୍କ ପ୍ରତ୍ୟାଶା ମୁତାବକ ପ୍ରତିଦାନ ଦେଇ ପାରିନ ବୋଲି ଯାହା କହିଲ ସେଇଟା ଆଦୌ ସତ୍ୟ ନୁହଁ । ମୁଁ ଜାଣେ ତୁମ ଦରମା ଟଙ୍କାର କେତେ ଭାଗ କେଉଁ କେଉଁ ବାଟ ଦେଇ ତୁମ ବାପଘରକୁ ଫେରିଯାଉଛି । ତୁମ ସାନଭାଇର ଇଂଜିନିୟରିଙ୍ଗ ପଢ଼ା ପାଇଁ ତମେ ମାସିକ କେତେ ଟଙ୍କା ପଠାଅ ? ତୁମ ସାନ ଭଉଣୀ ଓ ମାଆଙ୍କ ହାତକୁ ତୁମ ଦରମା ଟଙ୍କାରୁ କେତେ ଯାଏ ? ତୁମେ ଭାବୁଛ ତୁମେ ସବୁକାମ ଏକାନ୍ତ ଗୋପନୀୟ ଭାବେ କରୁଛ ଆଉ ମୁଁ ତା'ର କିଛି ହେଲେ ବାସ୍ନା ପାଉ ନାହିଁ ? ମୁଁ ସବୁ ଜାଣେ ।

ମନୀଷା ଉତ୍ତର ଦେଲେ- ମୁଁ ତୁମର ସ୍ତ୍ରୀ ହେଲେ ବି କାହାର ଭଉଣୀ, କାହାର ଝିଅ । ସେମାନଙ୍କ ପ୍ରତି କ'ଣ ମୋର କିଛି କର୍ତ୍ତବ୍ୟ ନାହିଁ ? ମୁଁ କାହାକୁ ଧାରାବାହିକ ଭାବେ ପ୍ରତିମାସରେ କିଛି ଦିଏନା । କିନ୍ତୁ ଭିନ୍ନ ଭିନ୍ନ ଅକେଜନ୍‌ରେ ସେମାନଙ୍କୁ କିଛି କିଛି ଅର୍ଥ ସାହାଯ୍ୟ ଦେଇଛି । ଏଇ ଯେମିତି ମୋ ସାନ ଭାଇ ପ୍ରଦୀପର ଇଂଜିନିୟରିଙ୍ଗ ଆଡ଼ମିସନ୍ ବେଳେ, ମାଆର ଆଖି ଅପରେସନ୍‌ବେଳେ ଦୁଇ ତିନି ହଜାର ଟଙ୍କା ଦେଇଛି ଆଉ ସେଥିପାଇଁ ତୁମର ପୂର୍ବ ଅନୁମତି ନେଇ ପାରିନାହିଁ । କିନ୍ତୁ ଦେଇ ସାରିବା ଠିକ୍ ପରେ ପରେ ତୁମ କାନରେ କଥାଟା ପକାଇ ଦେଇଛି ।

– ମତେ ତମେ କହିଛ ସତ କିନ୍ତୁ ସେ କହିବାରେ ତୁମର ନିୟତ ନାହିଁ । ତୁମେ ନିଜେ ଚାକିରି କରୁଛ, ନିଜ ହାତରେ ଟଙ୍କା ପଇସା କାରବାର କରୁଛ । କାହାକୁ ଦେଲ ମୁଁ ସେସବୁ ଜାଣିବାର ବାଟ କିଛି ନାହିଁ, କେବଳ ଅନୁମାନ କରିବା ବ୍ୟତୀତ । ହଉ ଛାଡ଼ ସେ କଥା, ଏଥର କୁହ ତୁମ ଭଉଣୀ ବିଭାଘରକୁ କେତେ ଟଙ୍କା ଦେବା ?

ଏମିତି ଗୋଟେ ବାହାଘର ଅନିରୁଦ୍ଧଙ୍କ ସାନ ଭଉଣୀ ଶୈଳର ହୋଇଥିଲା ଚାରିବର୍ଷ ତଳେ । ସେତେବେଳେ ମନୀଷା ଓ ଅନିରୁଦ୍ଧଙ୍କ ଭିତରେ ପାଟିତୁଣ୍ଡ, ରାଗ, ରୁଷା ସୃଷ୍ଟି ହୋଇଥିଲା । ପ୍ରଥମେ ଅନିରୁଦ୍ଧ ପ୍ରସ୍ତାବ ଦେଇଥିଲେ ଶୈଳବାହାଘର ପାଇଁ ସିଏ ତାଙ୍କ ଜି.ପି.ଏଫ୍.ରୁ ଦେଢ଼ଲକ୍ଷ ଟଙ୍କା ଉଠାଇବେ ଓ ମନୀଷା ତାଙ୍କ ଜି.ପି.ଏଫ୍‌ରୁ ୫୦ ହଜାର ଟଙ୍କା ଆଣିବେ । କିନ୍ତୁ ସେତେବେଳେ ମନୀଷା ସଫା ସଫା ମନାକରି ଦେଇଥିଲେ । କହିଥିଲେ– ତୁମେ ଚାରିଭାଇ । ପ୍ରତ୍ୟେକ ଲକ୍ଷେ ଟଙ୍କା ଦେଲେ

Digitized by srujanika@gmail.com

ଚାରିଲକ୍ଷ । ମୁଁ କାହିଁକି ପଚାଶ ହଜାର ଟଙ୍କା ଦେବି ? ସେଦିନ ଅନିରୁଦ୍ଧ ତାଙ୍କୁ ବୁଝାଇ ଥିଲେ– ମୋର ଅନ୍ୟ ତିନି ଭାଇଙ୍କ ଅବସ୍ଥା ଭଲ ନାହିଁ । ବଡ଼ ଭାଇଙ୍କର ଦୁଇଟା ବିବାହଯୋଗ୍ୟା ଝିଅ । ସିଏ ଏତେ ଟଙ୍କା ଦେଇ ପାରିବେ ନାହିଁ । ମୋ ତଳ ଭାଇ ଅବିନାଶ ଘରୋଇ କଲେଜର ଅଧ୍ୟାପକ । ତା'ର ମାସିକ ଦରମା ଦୁଇ ହଜାର । ଆଉ ସାନ କଥା ତୁମେ ଜାଣ, ସିଏ ବେକାର ।

ମନୀଷା ନିଜ ଅନିଚ୍ଛା ସତ୍ତ୍ୱେ ପ୍ରୋଭିଡେଣ୍ଟ ଫଣ୍ଡରୁ ୨୫ ହଜାର ଟଙ୍କା ନଣନ୍ଦ ଶୈଳର ବାହାଘରକୁ ଦେଇଥିଲେ । ଏଇ ଛଅ ମାସ ତଳେ ଶେଷ କିସ୍ତି ଜି.ପି.ଏଫ୍. ରିକଭରି ତାଙ୍କ ଦରମାରୁ କଟିଛି ।

ଅନିରୁଦ୍ଧ ମନୀଷାଙ୍କର ନୀରବତା ଦେଖି ପୁଣିଥରେ ପ୍ରଶ୍ନ କଲେ- କ'ଣ ଏତେ ଭାବୁଛ ? କୁହ ମନୀଷା ! ତୁମେ ନିଜେ ନ କହିଲେ ମୁଁ କେମିତି ଜାଣିବି ତୁମ ଭଉଣୀ ବିଭାଘର ପାଇଁ କେତେଟଙ୍କା ଦରକାର ? ତୁମେ ଅନେକ ଦିନ ହେବ ଗାଆଁକୁ ଯାଇନା । ତୁମେ ଗୋଟେ କାମ କର, ଆସନ୍ତା କାଲି ତୁମେ ଗାଆଁକୁ ଚାଲିଯା । ବାପା ମାଆଙ୍କୁ ଦେଖା କରିବ, ସେମାନଙ୍କ ଦେହ ପା' କଥା ବୁଝିବ ଆଉ ଅନୀଷା ବାହାଘର ପାଇଁ କେତେଟଙ୍କା ଖର୍ଚ୍ଚ ହେବ ତା'ର ଗୋଟେ ଏଷ୍ଟିମେଟ ତୁମ ବାପାଙ୍କଠାରୁ ଆଣିବ; ଆଉ ବୁଝିଆସିବ ବାପା ତାଙ୍କ ନିଜ ସୋର୍ସରୁ କେତେଟଙ୍କା ଯୋଗାଡ଼ କରିପାରିବେ ଏବଂ ଅବଶିଷ୍ଟ କେତେଟଙ୍କା ଆମକୁ ଦେବାକୁ ହେବ ।

ମନୀଷା ପ୍ରଶ୍ନ କଲେ– ଏକଥା ତୁମେ କହୁଛ ନା ଆଉ କିଏ କହୁଛି ? ମୋ କାନକୁ ବିଶ୍ୱାସ ଆସୁନାହିଁ ।

– ଏଇଟା ତୁମ ଘରର ଶେଷ ଝିଅ ବିଭାଘର । ତୁମ ବାପା ଜଣେ ଅବସରପ୍ରାପ୍ତ କର୍ମଚାରୀ । ତାଙ୍କ ପେନ୍‌ସନ ଟଙ୍କା ତୁମ ଘର ଖର୍ଚ୍ଚ ପାଇଁ ନଅଣ୍ଟ । ପୁଣି ତୁମ ସାନ ଭାଇ, ଇଂଜିନିୟରିଂ ପଢୁଛି । ସିଏ ଏକୁଟିଆ ବାହାଘର ଖର୍ଚ୍ଚ ତୁଲାଇ ପାରିବ ନାହିଁ । ତା' ଛଡ଼ା ତୁମେ ତୁମ ଘରର ଏକମାତ୍ର ଝିଅ, ଯିଏ ରୋଜଗାର କରେ; ଆଉ ତୁମ ସ୍ୱାମୀ ମଧ୍ୟ ଚାକିରି କରନ୍ତି । ଏପରି ପରିସ୍ଥିତିରେ ଆମେ ଏ ବିଭାଘରର ମୁଖ୍ୟ ଖର୍ଚ୍ଚ ତୁଲାଇବା ନାହିଁ କାହିଁକି ?

ମନୀଷା ଅନିରୁଦ୍ଧଙ୍କ କଥାରେ ଅଧିକ ଉତ୍‌କ୍ଷିପ୍ତ ହୋଇ ଚିତ୍କାର କଲେ, ଭାରି ଦେଲାବାଲା ତମେ ମୁଁ ଜାଣିଚି । ଭଲ ମନ୍ଦରେ ହଜାରେ, ଦି' ହଜାରେ ଦେଲେ ତମ ଦିହରେ ଛୁରୀ ଚାଲିଯାଉଛି, ଆଉ ବାହାଘର ଗୋଟାକର ଖର୍ଚ୍ଚ ତୁମେ ନିଜେ ବହନ କରିବ ? କେବେ ତୁମେ ଆମ ଘରର ଭଲ ମନ୍ଦରେ ସାହାଯ୍ୟ କରିଛ ? ମୁଁ ତୁମ ସ୍ତ୍ରୀ, ଶାଳୀ ନୁହଁ । ଏମିତି ଗୋଟେ ପରିସ୍ଥିତିରେ ଥଟ୍ଟା, ପରିହାସ କ'ଣ ତୁମର ଉଚିତ ହେଲା ? ତୁମେ ଯଦି କିଛି ନ ଦେବ ସଫା ସଫା ମନା କର । ଏମିତି ତାଚ୍ଛଲ୍ୟ କରିବାର

Digitized by srujanika@gmail.com

ମାନେ କ'ଣ ? ତମେ କ'ଣ ଭାବୁଛ ମୋ ବାପା ତାଙ୍କ ଝିଅ ବାହାଘର କରୁଚନ୍ତି ତୁମ ଉପରେ ନିର୍ଭର କରି ? ସିଏ ଯଦି ଟଙ୍କା ଯୋଗାଡ଼ କରି ନ ପାରିବେ, ତା'ହେଲେ ଜମି କି ଘର ବିକ୍ରି କରି ଦେବେ କି ବନ୍ଧା ପକାଇ ଦେବେ ।

ମନୀଷା ରାଗରେ ପାଚି ଲାଲ ଦିଶିଲେ । ତାଙ୍କ ମୁହଁ ଥମ୍ ଥମ୍ ଆଉ ଆଖି ଛଳ ଛଳ ଦିଶିଲା । ଘର ସାରା ଅସ୍ଥିର ଭାବେ ଏକଡ଼ ସେକଡ଼ ହେଲେ ।

ଅନିରୁଦ୍ଧ ସାମାନ୍ୟ ଟିକେ ବି ବିଚଳିତ ନ ହୋଇ ଖୁବ୍ ସହଜ ଓ ଶାନ୍ତ କଣ୍ଠରେ କହିଲେ– ମୋ କଥାକୁ ବିଶ୍ୱାସ କରିବା ଅଭ୍ୟାସ ତୁମର ଆଦୌ ନାହିଁ, ସେଥିପାଇଁ ମୋର ସ୍ୱାଭାବିକ କଥାକୁ ମଧ୍ୟ ତୁମେ ଥଟ୍ଟା ପରିହାସ ବୋଲି ଭାବୁଛ । ମୁଁ କିଛି ଅତିରଂଜିତ, ଅସଙ୍ଗତ କି ଅଯୁକ୍ତିକର କଥା କହିନାହିଁ । ତୁମେ ତୁମ ପରିବାରର ଏକମାତ୍ର ରୋଜଗାରିଆ ସନ୍ତାନ । ସାନ ଭଉଣୀର ବିଭାଘରର ଖର୍ଚ୍ଚ ତୁଲାଇବା ତୁମର ଦାୟିତ୍ୱ । ତୁମ ବାପା ନିଜ କ୍ଷମତା ଭିତରେ ଯେତିକି ଯୋଗାଡ଼ କରିପାରିବେ, ସିଏ କରିବେ । ଅବଶିଷ୍ଟ ଯେତେ ଟଙ୍କା ଦରକାର ଆମେ ଦୁହେଁ ଭରଣା କରିବା । ମୁଁ ମିଛ କହୁ ନାହିଁ । ମୁଁ ଯାହା ଖବର ରଖିଛି ତୁମ ବାପା ଅତି ବେଶୀରେ ଲକ୍ଷେ ଟଙ୍କା ଯୋଗାଡ଼ କରିପାରିବେ । ତୁମେ ତ କହୁଥିଲ ଅନୀଷା ବାହାଘର ପାଇଁ ଅତି କମ୍‌ରେ ତିନିଲକ୍ଷ ଦରକାର ହୋଇପାରେ । ତୁମେ ଆଉ ମୁଁ ମିଶି ଅବଶିଷ୍ଟ ଦୁଇ ଲକ୍ଷ ଟଙ୍କା ଦେବା । ହେଇ ଦେଖ, ଏଇଟା ମୋ ପ୍ରୋଭିଡେଣ୍ଟ ଫଣ୍ଡରୁ ଟଙ୍କା ଉଠାଇବା ପାଇଁ ଦରଖାସ୍ତ । ମୋର ପ୍ରୋଭିଡେଣ୍ଟ ଫଣ୍ଡରେ ବର୍ତ୍ତମାନ ଗଚ୍ଛିତ ଅଛି ଦୁଇ ଲକ୍ଷ ଟଙ୍କା । ମୁଁ ସେଥିରୁ ମାଗିଛି ଲକ୍ଷେ ପଚିଶ ହଜାର । ତୁମ ପ୍ରୋଭିଡେଣ୍ଟ ଫଣ୍ଡରେ ଲକ୍ଷେ ଚାଳିଶ ହଜାର ଟଙ୍କା ଅଛି । ତୁମେ ସେଥିରୁ ପଚସ୍ତରୀ ହଜାର ଟଙ୍କା ଉଠା । ବିଭାଘରର ଚାରିଦିନ ପୂର୍ବରୁ ଛୁଟିନେଇ ଦୁହେଁ ଚାଲିଯିବା ।

ଅନିରୁଦ୍ଧଙ୍କ କଥା ଶୁଣିବା ପରେ ମନୀଷାଙ୍କର ସମସ୍ତ ପୂର୍ବ ଧାରଣା ଓଲଟ ପାଲଟ ହୋଇଗଲା । ଅନିରୁଦ୍ଧଙ୍କୁ ସିଏ ଆଜିଯାକେ ଯାହା ଭାବିଥିଲେ ସେ ସବୁ ଭୁଲ୍ ଥିଲା । ଖୁବ୍ ଖୁସିରେ ଅନିରୁଦ୍ଧଙ୍କ ଛାତିରେ ମୁହଁ ଗୁଞ୍ଜି ପଚାରିଲେ- ତମେ ତା'ହେଲେ ପୂର୍ବରୁ ମୋ ଉପରେ ଏତେ ବିରକ୍ତ କାହିଁକି ହୁଅ ? ମୁଁ ମୋ ମାଆ, ଭଉଣୀ କି ସାନ ଭାଇକୁ କିଛି ଦେଲେ ତୁମେ ଏତେ ଅସହିଷ୍ଣୁ କାହିଁକି ହେଉଥିଲ ? ମୁଁ ତ ମୋଟେ ବିଶ୍ୱାସ କରିପାରୁ ନାହିଁ, ସତରେ ତୁମେ କ'ଣ ସେଇ ଅନିରୁଦ୍ଧ ?

ଅନିରୁଦ୍ଧ ମନୀଷାଙ୍କୁ ନିଜ ଛାତି ଉପରେ ଗୋଟିଏ ଅନ୍ତରଂଗ ଚାପ ଦେଇ ସାମାନ୍ୟ ହସି କହିଲେ– ତୁମେ ମୋତେ ଆଜି ପର୍ଯ୍ୟନ୍ତ କେବେ ସ୍ୱାମୀଭାବେ ଦେଖିନା । ସବୁବେଳେ ତୁମେ ମୋତେ ତୁମର ପ୍ରେମିକ ଦୃଷ୍ଟିରେ ଦେଖୁଛ । ତୁମେ ମୋତେ କେବେ ତୁମ ଘରର ସମସ୍ୟା ନ କହି ନିଜେ ସେ ସମସ୍ୟାର ସମାଧାନ ପାଇଁ

Digitized by srujanika@gmail.com

ମୋତେ ଲୁଚାଇ ଘରକୁ ଟଙ୍କା ଦେଇଛ, ଆମ ବିବାହ ପୂର୍ବରୁ ଯେମିତି ତୁମ ଘର ଲୋକଙ୍କୁ ଲୁଚାଇ ମୋତେ ପ୍ରେମ ଚିଠି ଦେଉଥିଲ । ତୁମେ ଭାବିନେଇଛ ମତେ କହିଲେ ମୁଁ ହୁଏତ ସେମାନଙ୍କୁ ସାହାଯ୍ୟ କରିବାକୁ ମନା କରିଦେବି , କିମ୍ବା ଖୁବ୍ କମ୍ ଟଙ୍କା ଦେବାକୁ କହିବି । ତୁମେ ଭୁଲିଯାଉଛ ମନୀଷା ସେମାନେ ତୁମର ମାଆ, ଭାଇ ଓ ଭଉଣୀ ହେଲେ ବି ସେମାନେ ମୋର ଶାଶୁ, ଶଳା, ଶାଳୀ । ମୋର କ'ଣ ସେମାନଙ୍କ ପ୍ରତି କିଛି ଦାୟିତ୍ୱ ନାହିଁ ? ମତେ କହିଥିଲେ୍ ମୁଁ ତୁମଠୁ ଅଧିକ ସାହାଯ୍ୟ କରିଥାନ୍ତି । ଏମିତି ଲୁଚାଛପା ସାହାଯ୍ୟ ସେମାନଙ୍କ ଅବସ୍ଥାରେ କିଛି ବି ଉନ୍ନତି ଆଣିପାରେ ନାହିଁ, ବରଂ ଆମ ସ୍ୱାମୀ ସ୍ତ୍ରୀଙ୍କ ଦାମ୍ପତ୍ୟ ଜୀବନରେ ଅଯଥା ଅବୁଝାମଣାର ଉଚ୍ଚା ପାଚେରିଟିଏ ଠିଆ କରିଦିଏ ।

ତୁମେ ସବୁବେଳେ ନିଜକୁ ମୋଠୁ ଅଲଗା କରି ଦେଖୁଛ । ବିବାହ ପରେ ଆମେ ଦାମ୍ପତ୍ୟ ଜୀବନ ଯଜ୍ଞରେ ଆମର ମୁଁ କୁ ଆହୁତି ଦେଇ ଆମେ ହେଇଯାଇଛେ । ଆଉ ମୁଁ କୁ ଖୋଜିଲେ ଜୀବନରେ ଝଡ଼ ଆସିବ । ଏଣିକି ତୁମେ ଆଉ ମୁଁ ଏକକ ଭାବେ କିଛି ସତ୍ତା ନରଖି, ଆମେ ହେଇଯିବା ।

ତୁମେ ଏମିତି ଲୁଚାଇ ଛପାଇ ତୁମ ପରିବାରର ଲୋକଙ୍କୁ ସାହାଯ୍ୟ କରିବା ପରେ ସେମାନଙ୍କର ମୋ ପ୍ରତି କି ଧାରଣା ସୃଷ୍ଟି ହୋଇଥିବ ? ମୁଁ ଜଣେ କୃପଣ । ଶଳା, ଶାଳୀ କି ଶାଶୁ କାହାର ସମସ୍ୟା ବୁଝିବାକୁ ପ୍ରସ୍ତୁତ ନୁହଁ । ଯାହା ଯେତେବେଳେ ସାହାଯ୍ୟ କରିଛି ତାଙ୍କ ଝିଅ, ତା' ସ୍ୱାମୀକୁ ଲୁଚାଇ ଲୁଚାଇ । ଏଥିରେ ତୁମ ସ୍ୱାମୀଙ୍କର କେମିତିଆ ଇମେଜ ସୃଷ୍ଟି ହୋଇଛି ତୁମ ପରିବାରରେ ?

ଏମିତି କରିବାରେ ତୁମେ ନିଜେ ଅନେକଟା ସ୍ୱାର୍ଥପର ହୋଇଯାଇଛ । କେବଳ ନିଜ ଇମେଜ ଗଢ଼ିଛ ତୁମ ପରିବାରରେ । ସେତେବେଳେ ତୁମେ ଆମ କଥା ଅର୍ଥାତ୍ ଆମ ଉଭୟଙ୍କ କଥା କେବେ ଭାବିଛ କି ?

ମୋ ଜାଣିବାରେ ଆମ ବିବାହ ପରେ ଆମର ଦୁଇଟି ଦେହ ଥିଲେ ମଧ୍ୟ ଗୋଟିଏ ମନ, ଗୋଟିଏ ଘର, ଗୋଟିଏ ଚିନ୍ତା, ଗୋଟିଏ ମତ । ଦୁଇ ଜଣଙ୍କୁ ଗୋଟିଏ କରିବା ପାଇଁ ସମସ୍ତଙ୍କ ସମ୍ମୁଖରେ ଦୁଇଟି ହାତକୁ ଏକାଠି ବନ୍ଧନ କରାଯାଏ, ଦୁଇ ଜଣଙ୍କୁ ଗୋଟିଏ ଶେଯରେ ଶୋଇବାକୁ ସ୍ୱୀକୃତି ଦିଆଯାଏ । ଦୁଇଟି ଦେହର ମିଳନକୁ ସୁଯୋଗ ଦିଆଯାଏ ଯାହା ଦୁଇଟି ମନର ମିଳନ ଦିଗରେ ସହାୟକ ହୁଏ ।

ମନୀଷା ନିଜକୁ ସଂପୂର୍ଣ୍ଣ ସମର୍ପଣ କରିବା ମୁଦ୍ରାରେ ଅନିରୁଦ୍ଧଙ୍କ କୋଳରେ ଢଳିପଡ଼ିଲେ । ମନୀଷାଙ୍କର ଅନେକ ଦିନର ଭୁଲ୍ ଇଟାରେ ଗଢ଼ା ଇମାରତ ଭୁଷୁଡ଼ି ପଡ଼ି ତା' ସ୍ଥାନରେ ପ୍ରତ୍ୟୟର ପଥରରେ ଗଢ଼ିଉଠିଲା ବୁଝାମଣାର କୋଣାର୍କ । ଦଶବର୍ଷ ତଳୁ ସେ ଦୁହିଁଙ୍କର ଦେହର ମିଳନ ହୋଇ ସାରିଥିଲେ ବି ଆଜି ପ୍ରଥମ ଥର ପାଇଁ

Digitized by srujanika@gmail.com

ମନର ମିଳନ ହେଲା । ମୁଁରୁ ସେମାନେ ଆମେ ହୋଇଗଲେ ।ଏ ମହାମିଳନରେ କେବେ ବି କିଛି ପ୍ରତିବନ୍ଧନକକୁ ପ୍ରଶ୍ରୟ ନ ଦେବାକୁ ଅନିରୁଦ୍ଧ ଓ ମନୀଷା ଦୁହେଁ ନିଜ ଭିତରେ ସଂକଳ୍ପ କରୁଥିଲେ । ଉଭୟଙ୍କ ମୁହଁ ପୋଖରୀରେ ଖୁସି ଖୁସିର ଭାବଟେ ଗୋଡ଼ ହାତ ଛାଟି ପହଁରୁଥିଲା ।

□□

ଆନ‌ଂଦ ଚ‌ଂଦ୍ର ପଣ୍ଡି

Digitized by srujanika@gmail.com

ଅଦ୍ଭୁତ ଅଭ୍ୟାସ

ଲୋକମାନେ କୁଆ ଦେଖିଲେ ଶୁଆ ଦେଖିଛନ୍ତି ବୋଲି କୁହନ୍ତି, ଆମ୍ବ ଗଛରେ କାଇଟାଏ ଚଢ଼ି ଯାଇଥିବାର ଦେଖିଲେ ଗାଈଟେ ଆମ୍ବଗଛରେ ଚଢ଼ି ଆମ୍ବ ଖାଇଗଲା ବୋଲି ଚିଲାନ୍ତି। କିନ୍ତୁ ସଂଗ୍ରାମବାବୁଙ୍କ ବିଷୟରେ ଲୋକମାନେ ଯାହା କୁହନ୍ତି, ସେ ସବୁ ଅଣୁ ପ୍ରମାଣେ ଅତିରଂଜିତ ନୁହଁ। ବରଂ ଲୋକମାନେ ତାଙ୍କ ବିଷୟରେ ଯେତିକି କୁହନ୍ତି ଆହୁରି ଅନେକ ଅକୁହା ରହିଯାଏ।

ସଂଗ୍ରାମବାବୁ ତାଙ୍କ ସରକାରୀ ବାସଭବନରୁ ଅଫିସ୍‌କୁ ବାହାରନ୍ତି ଅଫିସ ସମୟର ଅଧ ଘଣ୍ଟାଏ ଆଗରୁ କିନ୍ତୁ ଅଫିସରେ ପହଞ୍ଚନ୍ତି ସମସ୍ତଙ୍କଠାରୁ ବିଳମ୍ବରେ। ସଂଗ୍ରାମବାବୁ ଯେ ଧୀର ମନ୍ଥର ଗତିରେ ସ୍କୁଟର ଚଳାନ୍ତି ବୋଲି ବିଳମ୍ବରେ ଅଫିସରେ ପହଞ୍ଚନ୍ତି, ଏକଥା ସତ୍ୟ·ନୁହେଁ। ସତକଥାଟା ଶୁଣିଲେ ହୁଏତ ଆପଣ ବିଶ୍ୱାସ କରି ନ ପାରନ୍ତି; କିନ୍ତୁ ସଂଗ୍ରାମବାବୁ ଅଫିସ ଯିବା ସମୟରେ ଯଦି ଆପଣ ତାଙ୍କ ଘରେ ପହଞ୍ଚି ଯାଆନ୍ତି, ତା' ହେଲେ ନିଜ ଆଖିରେ ବ୍ୟାପାରଟା ଦେଖି ଦେଲେ ଆପଣ ବିସ୍ମିତ ହେବେ, ମାତ୍ର ବିଶ୍ୱାସ କରିବାକୁ ବାଧ୍ୟ ହେବେ।

ଆପଣ ଦେଖିବେ ତାଙ୍କ ପ୍ରସ୍ତୁତିର ଧାରା ଓ ବେଗ ଅତି କ୍ଷିପ୍ର। ଗାଧୋଇବା ଅତିବେଶିରେ ତିନି ଚାରି ମିନିଟ୍, ଖାଇବା ଦୁଇ ତିନି ମିନିଟ୍। ଡ୍ରେସ୍ ପିନ୍ଧିବା ଏକ ମିନିଟ୍। ଜଳଖିଆ ଡ଼ବା, ପାଣି ବୋତଲ ଏ ସବୁ ଚଟାପଟ ରେଡ଼ି ହୋଇଯାଏ। ଏସବୁ କାମରେ ତାଙ୍କୁ ତାଙ୍କ ସହଧର୍ମିଣୀ ଶକୁନ୍ତଳା ସାହାଯ୍ୟ କରନ୍ତି। ଖୁବ୍ ତରବର ହୋଇ ଅଫିସ ସମୟର ପନ୍ଦର ମିନିଟ୍ ଆଗରୁ ପ୍ରସ୍ତୁତ ହୋଇ ଯାଆନ୍ତି ଅଫିସ ଯିବାକୁ। କିନ୍ତୁ ଠିକ୍ ଘର ଛାଡ଼ିବା ଆଗରୁ ସଂଗ୍ରାମବାବୁ ଯେଉଁସବୁ ବିଚିତ୍ର କାମ କରନ୍ତି ସେସବୁ ଖୁବ୍ ଦର୍ଶନୀୟ।

ଆନନ୍ଦ ଚନ୍ଦ୍ର ପହି

Digitized by srujanika@gmail.com

ସଂଗ୍ରାମବାବୁ ପ୍ରଥମେ ଘରର ସମସ୍ତ ଇଲେକ୍ଟ୍ରି ସୁଇଚ୍ ବନ୍ଦ କରନ୍ତି । ଗ୍ୟାସ ଚୁଲା ପାଖକୁ ଆସନ୍ତି । ଭଲ ଭାବରେ ଚେକ୍ କରନ୍ତି ଗ୍ୟାସ୍ ସିଲିଣ୍ଡରର ନବ୍ ଓ ଚୁଲାର ନବ୍ ସବୁ ବନ୍ଦ ଅଛି କି ନାହିଁ । ହିଟର ସୁଇଚ୍ ବନ୍ଦ କରନ୍ତି । ଟିଭି ସୁଇଚ୍, ରେଡିଓ ସୁଇଚ୍, ଟେପ୍‌ରେକର୍ଡର ସୁଇଚ୍, ଆଲ୍‌ମାରି ଚାବି, ଏସବୁ ଠିକ୍ ଭାବେ ବନ୍ଦ୍ ହୋଇଛି କି ନାହିଁ ଦୁଇ ତିନିଥର ପରୀକ୍ଷା କରନ୍ତି । ଶେଷରେ ଆସନ୍ତି ତାଙ୍କ ଦାୟିତ୍ୱରେ ଥିବା ଟ୍ରଙ୍କ ପାଖକୁ । ସେ ଟ୍ରଙ୍କରେ ଅଛି ସଂଗ୍ରାମ ବାବୁଙ୍କ ସ୍କୁଲ, କଲେଜ୍‌ର ସାର୍ଟିଫିକେଟ, କିଛି ପୁରୁଣା ଚିଠି, ପ୍ରତିଦିନିଆ ବ୍ୟବହାର୍ଯ୍ୟ ପଦାର୍ଥ; ଯଥା ତାଙ୍କ ପାନିଆ, ଦର୍ପଣ, ରେଜରବକ୍ସ ଆଉ ଅଳ୍ପ କିଛି ଟଙ୍କା । ଟ୍ରଙ୍କର ତାଲା ପଡ଼ିଛି କି ନାହିଁ ପରୀକ୍ଷା କରିବା ପାଇଁ ବାରମ୍ବାର ତାଲାଟାକୁ ଖୁବ୍ ଜୋର୍‌ରେ ଟାଣନ୍ତି । ଏ ସବୁ ତଦାରଖ ସେ ଅତ୍ୟନ୍ତ ନିଷ୍ଠାର ସହିତ କରନ୍ତି । ବାରମ୍ବାର ହାତ ଘଣ୍ଟାକୁ ଦେଖନ୍ତି । ସମୟ ଗଡ଼ି ଯାଉଥିବା କଥା ସଚେତନ ହୁଅନ୍ତି ଓ ଘରୁ ଗୋଡ଼ କାଢ଼ି ଅଫିସ୍ ବାହାରି ଯାଆନ୍ତି । କିନ୍ତୁ ସବୁଠୁ ଆଶ୍ଚର୍ଯ୍ୟର କଥା, ଘରଛାଡ଼ି ଦଶ ପନ୍ଦର ପାହୁଣ୍ଡ ଚାଲିଯିବା ପରେ ପରେ କ୍ଷିପ୍ର ଗତିରେ ଫେରିଆସି ପୁନଶ୍ଚ ହିଟର, ଗ୍ୟାସ୍‌ଚୁଲା, ରେଡ଼ିଓ, ଟିଭି, ୱାସିଙ୍ଗ ମେସିନ୍, ଆଲ୍‌ମିରା ଓ ଟ୍ରଙ୍କ ସବୁ ପୁଣିଥରେ ଦୁଇଥର, ତିନିଥର, ଚାରିଥର ଚେକ୍ କରନ୍ତି । ଶେଷରେ ହାତଘଣ୍ଟାକୁ ଚାହିଁ ଦେଖନ୍ତି, ଅଫିସ୍ ସମୟ ଅନେକ ବିଳମ୍ବ ହୋଇଗଲାଣି । ଧାଇଁବା ପରି ସ୍କୁଟର ପାଖକୁ ଯାଇ ସ୍କୁଟର ଷ୍ଟାର୍ଟ କରନ୍ତି ।

ସଂଗ୍ରାମବାବୁଙ୍କର ଏମିତିଆ ପାଗଳାମି ରୋକିବା ପାଇଁ ତାଙ୍କ ପରିବାରର ସଦସ୍ୟମାନେ ଯେ ପ୍ରତିବାଦ ନ କରନ୍ତି ତାହା ନୁହଁ । ତାଙ୍କ ସ୍ତ୍ରୀ ଶକୁନ୍ତଳା, କଲେଜରେ ପଢୁଥିବା ପୁଅ ରଞ୍ଜନ ଓ ଝିଅ ସୁନୀତା ସମସ୍ତେ ପ୍ରତିବାଦ, ପ୍ରତିରୋଧ, ଯୁକ୍ତି, ତର୍କ କରି ବିଫଳ ହୋଇଛନ୍ତି । ଏ କାମରେ ତାଙ୍କର ଯିଏ ପ୍ରତିରୋଧ କି ପ୍ରତିବାଦ କରେ ସେ ଖୁବ୍ ସିରିଅସ୍ ହୋଇ ଯାଆନ୍ତି ଓ ଭୟଙ୍କର ଭାବେ ରାଗିଉଠନ୍ତି ।

ଅଫିସ୍ ଘଣ୍ଟାରେ ଠିକ୍ ପାଞ୍ଚଟା ବାଜିବାମାତ୍ରେ ଘରକୁ ଫେରିବାର ଆୟୋଜନ କରନ୍ତି ସଂଗ୍ରାମବାବୁ । ତାଙ୍କ ଦାୟିତ୍ୱରେ ଥିବା ସମସ୍ତ ଫାଇଲପତ୍ର ଗୋଟିଗୋଟିକି ଦେଖନ୍ତି । ସବୁ ଠିକ ଅଛି ବୋଲି ମନ ଭିତରେ ଦୁଇ ତିନି ଥର ନୀରବ ଉଚ୍ଚାରଣ କରନ୍ତି । ଅଫିସ୍ ଆଲ୍‌ମାରି ପାଖକୁ ଆସି ଆଲ୍‌ମାରି ତାଲାକୁ ପକାଇ ସାତ, ଆଠ, ଦଶ ଥର ତାଲା ଟାଣନ୍ତି । ଟେବୁଲ୍ ଡ୍ରୟର ତାଲା ପକାନ୍ତି, ପୁଣି ଚେକ୍ କରନ୍ତି । ପୁଣିଥରେ ତାଲା ଖୋଲନ୍ତି ଓ ପୁଣି ତାଲା ପକାନ୍ତି । ପୁଣିଥରେ ଆଲ୍‌ମାରିର ତାଲା ଖୋଲନ୍ତି ଓ ପୁଣି ଟେବୁଲ୍ ଡ୍ର ଖୋଲନ୍ତି । ଡ୍ରରେ କଲମ, ପେପରୱେଟ, ପେନ୍‌ସିଲ୍, ଷ୍ଟାପଲର, କାଲ୍‌କୁଲେଟର, ଅଠା, ଫ୍ଲୁଇଡ, ଛୁରୀ, ପିନ୍‌ଡ଼ବା, ସବୁଠିକ୍ ଅଛିକି ନାହିଁ ଗୋଟିଗୋଟିକି ନିଜ ହାତରେ ଛୁଇଁ ଛୁଇଁକି ସେଗୁଡ଼ିକର ଅବସ୍ଥିତି ଅନୁଭବ କରନ୍ତି । ଡ୍ର'ସବୁକୁ ଧଡ଼୍‌ଧାଡ଼୍ ଟାଣନ୍ତି,

Digitized by srujanika@gmail.com

ପକାନ୍ତି । ଧଡଧାଡ୍ କରିବା ପରେ ଡ୍ରୁ ଭିତରେ ଜିନିଷ କିଛି ଟହଲି ଗଲେ ପୁଣି ତାକୁ ଯଥାଯୋଗ୍ୟ ସ୍ଥାନରେ ଥୋଇ, ସେ ସ୍ଥାନଟିକୁ ଦୁଇ ହାତରେ ଥାପି ଦିଅନ୍ତି ଏବଂ ମନ ଭିତରେ ନୀରବ ଉଚ୍ଚାରଣ କରନ୍ତି - ସବୁ ଠିକ୍ ଅଛି । ସବୁ ଚେକ୍‌କରି ଅଫିସ୍ ଛାଡ଼ିବା ବେଳେ ବାରମ୍ବାର ଫେରି ଫେରି ପଛକୁ ଚାହାଁନ୍ତି । ତଳକୁ ଯାଇ ସ୍କୁଟର ଚାବି ଖୋଲନ୍ତି, ଷ୍ଟାର୍ଟ କରି କିଛିବାଟ ଯାଆନ୍ତି । କିନ୍ତୁ ଅଧାବାଟରୁ ଅଫିସ୍ ଫେରନ୍ତି । ପୁଣିଥରେ ଆଲ୍‌ମାରି ଟେବୁଲ୍ ଓ ସେଥିରେ ଥିବା ଜିନିଷ ଏବଂ ତାଙ୍କ ଦାୟିତ୍ୱରେ ଥିବା ସମସ୍ତ ଫାଇଲ୍‌କୁ ଗୋଟିଗୋଟି ପରୀକ୍ଷା କରନ୍ତି ।

ଅଫିସ୍‌ର ଲୋକମାନେ ସଂଗ୍ରାମବାବୁଙ୍କ ଅଭ୍ୟାସ ବିଷୟରେ ଜାଣନ୍ତି । ତେଣୁ ତାଙ୍କୁ ଏସବୁ କାମରେ କେହି ପ୍ରତିବାଦ କରନ୍ତି ନାହିଁ । ସମସ୍ତେ କେବଳ ତାଙ୍କ କାର୍ଯ୍ୟ କଳାପ ଦେଖି ମୃଦୁ ମୃଦୁ ହସନ୍ତି । ବେଳେବେଳେ କେହି କେମିତି ପଦେ ଅଧେ ଥଟ୍ଟା ପରିହାସ କରନ୍ତି । କିନ୍ତୁ ସଂଗ୍ରାମବାବୁ କିଛି ନ କହି ଚୁପ୍ ଚାପ୍ ତାଙ୍କ କାମ କରିଯାଆନ୍ତି ।

କେବଳ ଅଫିସ୍‌କୁ ଗଲାବେଳେ କି ଅଫିସ ଛାଡ଼ିବାବେଳେ ସଂଗ୍ରାମବାବୁଙ୍କ ଅଭ୍ୟାସ ଏମିତି ହୋଇଥିଲେ ହୁଏତ ତାଙ୍କ ପରିବାର ଲୋକେ ତାଙ୍କୁ ସହିଯାଇ ଥାଆନ୍ତେ । ଅନ୍ୟ ସମୟରେ ତାଙ୍କ ଅଭ୍ୟାସ ଆହୁରି ସାଂଘାତିକ ।

ପୁଅ କି ଝିଅ ଯଦି କିଏ ଘରୁ କୌଣସି କାମରେ ବାହାରକୁ ଯାଇ ନିର୍ଦ୍ଦିଷ୍ଟ ସମୟରେ ଫେରି ନ ପାରେ ତା'ହେଲେ ସଂଗ୍ରାମବାବୁଙ୍କ ହୃଦ୍‌ସ୍ପନ୍ଦନ ବଢ଼ିଯାଏ । ସେ ସ୍ତ୍ରୀକୁ ନାନା କଥା ପଚାରନ୍ତି । କାହିଁକି ଏ ପର୍ଯ୍ୟନ୍ତ ନ ଫେରିଲେ ସେଥିପାଇଁ ଉଦ୍‌ବେଗ ପ୍ରକାଶ କରନ୍ତି । ମନ ଭିତରେ ଅନେକ ଅମଙ୍ଗଳ ଚିନ୍ତା ପୂରାଇ ବ୍ୟତିବ୍ୟସ୍ତ ହୁଅନ୍ତି । ଘର ଭିତରେ ବ୍ୟସ୍ତ ପଦଚାଳନା କରନ୍ତି । ଫେରିବାର ବେଳ ଯେତିକି ଅତିକ୍ରାନ୍ତ ହୁଏ ତାଙ୍କ ଉଦ୍‌ବେଗର ମାତ୍ରା ସେତେ ବଢ଼ିଯାଏ । ସଂଗ୍ରାମବାବୁ ଘର ଭିତରେ ସମ୍ଭାଳି ହୋଇ ରହିପାରନ୍ତି ନାହିଁ । ଘର ଛାଡ଼ି ବାହାରକୁ ଆସନ୍ତି । ଛକ ଉପର ପର୍ଯ୍ୟନ୍ତ ଯାଆନ୍ତି ଓ ଛକ ଉପରୁ ଘରକୁ ଫେରନ୍ତି । ଏମିତି ଛକରୁ ଘର ଓ ଘରୁ ଛକ ତାଙ୍କର ଯିବା ଆସିବା ଲାଗିରହେ ଅନେକ ସମୟ ଯାଏ ।

ତାଙ୍କ ମନକୁ ପ୍ରଥମେ ପାପ ଛୁଏଁ । ପୁଅ ନ ଫେରିଥିଲେ ସିଏ ଭାବନ୍ତି ହୁଏତ ସିଏ କୌଣସି ଦୁର୍ଘଟଣାର ସମ୍ମୁଖୀନ ହୋଇଛି । ସ୍କୁଟର ଛୁଟାଇ ଡାକ୍ତରଖାନାରେ ଅନୁସନ୍ଧାନ କରନ୍ତି । ପୁଅର ପ୍ରତ୍ୟେକ ସାଙ୍ଗସାଥୀଙ୍କ ଘର ବୁଲି ବୁଲି ଖୋଜି ଆସନ୍ତି । ତଥାପି ପୁଅର କିଛି ସନ୍ଧାନ ନ ପାଇଲେ ଆଉ ଅଧିକ କିଛି ଅଶୁଭ ଆଶଙ୍କା ତାଙ୍କୁ ମାଡ଼ିବସେ । ସିଏ ନିଜେ ନିଜ ଭିତରେ ଥରି ଉଠନ୍ତି । ଆଜିକାଲି ମଣିଷ କଙ୍କାଳ, କିଡ୍‌ନି କିମ୍ବା ଲିଭର ପାଇଁ ଜିଅନ୍ତା ମଣିଷକୁ ବିଭିନ୍ନ ଉପାୟରେ ରାସ୍ତାଘାଟରୁ ଉଠାଇ ନିଆଯାଉଛି । ଏମିତି ଆଶଙ୍କାର ଟେନ୍‌ସନ୍ ଜ୍ୱରରେ କମ୍ପି କମ୍ପି ସେ ହାଲିଆ

Digitized by srujanika@gmail.com

ହେବାପରେ ଯେତେବେଳେ ପୁଅ ଘରକୁ ଫେରେ ଆଉ ବିଳମ୍ୱରେ ଘରକୁ ଫେରିବାର ଏକ ତୁଚ୍ଛ କାରଣ କୁହେ, ସଂଗ୍ରାମବାବୁ ଖୁବ୍ ବିରକ୍ତ ହୋଇ ଉଠନ୍ତି । ବାପାଙ୍କର ଏତେଟା ସିରିଅସ୍‌ନେସ୍‌କୁ ପୁଅ ମୋଟେ ସିରିଅସ୍‌ଲି ନିଏ ନାହିଁ । ବାପାଙ୍କର ଏସବୁ ଅଯଥା ଆଶଙ୍କା କହି କଥାଟାକୁ ହାଲୁକା କରିଦିଏ ।

ଇଏ ତ ଗଲା ପୁଅ କଥା । କଲେଜରୁ ଫେରିବାରେ ଝିଅର ଯଦି ସାମାନ୍ୟ ବିଳମ୍ୱ ହୁଏ, ସଂଗ୍ରାମବାବୁ ଝିଅର ସାଙ୍ଗମାନଙ୍କ ଘରକୁ ଯାଆନ୍ତି । କଲେଜରେ ମଧ୍ୟ ପହଞ୍ଚି ଯାଆନ୍ତି । ବାଟରେ ବିଭିନ୍ନ ଛକ ସ୍ଥାନମାନଙ୍କୁ ଦୃଷ୍ଟି ପକାନ୍ତି । ଅନେକ ଅଶୁଭ ଆଶଙ୍କାରେ ଶିହରି ଉଠନ୍ତି । ଘରକୁ ଫେରି ସ୍ତ୍ରୀ ଶକୁନ୍ତଳାଙ୍କ ଉପରେ ଗାଳି ବର୍ଷଣ କରନ୍ତି– ତୁମେ ପିଲାମାନଙ୍କୁ ମୁହଁଦେଇ ସେମାନଙ୍କୁ ଏମିତି ବିଶୃଙ୍ଖଳିତ କରିଛ । ପିଲାଦିନରୁ ତୁମେ ସେମାନଙ୍କୁ ସବୁକଥାରେ ସାବଧାନ କରିବା କଥା । ତୁମେ ତ ନିଜେ କୌଣସି କଥାରେ ସାବଧାନ ନୁହଁ । ତୁମେ ସେମାନଙ୍କୁ ସାବଧାନ କରାଇବ କେମିତି ?

ଶକୁନ୍ତଳା ଯୁକ୍ତି ବାଢ଼ନ୍ତି- ମୁଁ କ'ଣ ସାବଧାନ ନୁହଁ । ମୁଁ ଅସାବଧାନ ହୋଇଥିଲେ ତମର ଏ ଘର ଥାଆନ୍ତା ? ତମେ ତ ସକାଳ ଦଶରୁ ଅଫିସ୍ ଯାଉଛ ଯେ ଫେରୁଚ ସଂଜ ସାତକୁ । ତମ ପୁଅ, ଝିଅ କଲେଜରୁ କିଏ କେତେବେଳେ ଫେରୁଚି ତା'ର କିଛି ଠିକ୍ ଠିକଣା ନାହିଁ । ମୁଁ ଗୋଟେ ଲୋକ ଦିନରାତି ଚବିଶ ଘଣ୍ଟା ତମ ପୁଅଝିଅ, ଘରଦ୍ୱାର, ଜିନିଷପତ୍ର ସବୁ ଜଗିକି ବସିଚି ପହରାଦାର ପରି । ମୋ'ଠୁ ଅଧିକ କିଏ ସାବଧାନ ?

– ହଁ, ତମେ କେତେ ସାବଧାନ ମୁଁ ଜାଣିଚି । କେତେଥର ମାଛକୁ ବିଲେଇ ଖୋଇଛ ? କେତେଥର କ୍ଷୀର ପୋଡ଼ିଚ, କେତେଟା ଶିଶି ବୋତଲ ଭାଙ୍ଗିଚ ଆଉ କେତେଥର ଗ୍ୟାସ ଚୁଲାର ସୁଇଚ ବନ୍ଦ କରିବାକୁ ଭୁଲିଯାଇଛ, ତା'ର ହିସାବ ରଖିଛ ? ମୋର ଏମିତି ଭୁଲ୍ କେବେ ଦେଖିଚ ?

ଶକୁନ୍ତଳା ଗାରୁଗାରୁ ହେଲେ- ଯିଏ କାମ କରିବ ତା'ର ଭୁଲ୍‌ଭଟକା ହବ । ତୁମ ପରି ଯିଏ ଘରେ ଗୋଡ଼ ଉପରେ ଗୋଡ଼ ପକାଇ ପଲଙ୍କରେ ବସି ଚା' ଉପରେ ଚା' ପିଇବ, ଖବର କାଗଜ ପଢ଼ିବ, ରେଡ଼ିଓ ଶୁଣିବ କି ଟିଭି ଦେଖିବ ତା'ର ଭୁଲ ଆସିବ କୁଆଡୁ ? ବାଟ ଚାଲିବ ଯିଏ, କଣ୍ଟା ମାଡ଼ିବ ସିଏ । ଖଟ, ପଲଙ୍କରେ ବସିଥିବା ଲୋକର ଗୋଡ଼କୁ କଣ୍ଟା ଆସିବ କୁଆଡୁ ?

– କ'ଣ କହିଲ, ମୁଁ କିଛି କାମ କରୁନାହିଁ ? ମୁଁ ତୁମକୁ ସବୁକଥାରେ ଗୋଡ଼ ଗୋଡ଼େ ଜଗି ନ ଥିଲେ ତମେ ସବୁ କେହି ନ ଥାନ୍ତ । ସବୁକଥାକୁ ଏତେଥର ଚେକ୍‌କରି ମଧ୍ୟ ତମର ଭୁଲ୍ ହେଇଯାଇଚି ।

ଶକୁନ୍ତଳା ଆକଟ କରିବା କଣ୍ଠରେ କହିଲେ– ଆମେ ସମସ୍ତେ ତମକୁ

Digitized by srujanika@gmail.com

କେତେଥର କହିଲୁଣ୍ଣୁ ତମେ ସବୁକଥା ଏମିତି ଚେକ୍ କରିବା ଢ଼ଙ୍ଗ ଛାଡ଼ । ଯିଏ ଭୁଲ୍ କରିବ ସିଏ ନିଜେ ଠିକିଲେ ଶିଖିବ । ତମେ ସବୁକଥାରେ ଅତି ବେଶି ସାବଧାନ ହେବାଟା ତମର ଗୋଟେ ଖରାପ ଅଭ୍ୟାସ ।

ବାହାରୁ ଆସି ମାଆଙ୍କ ପାଟିରୁ କଥା ଛଡ଼ାଇ ରଂଜନ କହିଲା- ଖରାପ ଅଭ୍ୟାସ ନୁହଁ, ବାପାଙ୍କର ଏଇଟା ଗୋଟେ ରୋଗ । ଜଣେ ଡାକ୍ତର କହୁଥିଲେ ଏ ରୋଗର ଚିକିତ୍ସା ନ କଲେ ଏ ରୋଗ ଦିନେ ମଣିଷକୁ ପାଗଳ ନ କରି ଛାଡ଼ିବ ନାହିଁ ।

ସଂଗ୍ରାମବାବୁ ଚିତ୍କାର କଲେ– କ'ଣ କହିଲୁ, ଏଇଟା ମୋର ଗୋଟେ ରୋଗ ଆଉ ମୁଁ ଗୋଟେ ପାଗଳ? ହଁ, ତୁ ବାପାକୁ ପାଗଳ ନ କହି ଆଉ କାହାକୁ କହିବୁ ? ତୁ ଘରଛାଡ଼ି ମନଇଚ୍ଛା ବୁଲିବୁ, କୁଆଡ଼େ ଯାଉଛୁ କହିବୁ ନାହିଁ, କେତେବେଳେ ଫେରିବୁ ତା' ବି କହିବୁ ନାହିଁ, ଆଉ ବାପା ହୋଇ ମୁଁ ତୋ ପାଇଁ ବ୍ୟସ୍ତ ହେବାଟା ମୋର ରୋଗ ଆଉ ପାଗଳାମି ? ସିଏ ଗୋଟେ ଝିଅ କଲେଜ ଛୁଟି ହେବା ସମୟରେ ନ ଫେରି ଡେରିରେ ଘରକୁ ଫେରିବ, ସେଥିପାଇଁ ମୁଁ ବ୍ୟସ୍ତ ହେବି ନାହିଁ ।

ରଂଜନ ବାପାଙ୍କ କଥାକୁ କାଟିବା ପାଇଁ କହିଲା- ଆମେ ସବୁ ବଡ଼ ହେଲୁଣି, ଆମ ନିଜ ଦାୟିତ୍ୱ ଆମେ ନିଜେ ନେଇ ପାରିବୁ । ତମେ ସେଥିପାଇଁ ମୋଟେ ବ୍ୟସ୍ତ ହେବା ଆବଶ୍ୟକ ନାହିଁ । ଆମର ସାଙ୍ଗସାଥୀ ଅଛନ୍ତି । କାହା ସହିତ କଥାବାର୍ତ୍ତା କରିବାରେ କିମ୍ବା କାହାଘରକୁ ଯିବାରେ ଆମର କିଛି ସମୟ କଟିବ । ଘଣ୍ଟା କଣ୍ଟା ଅନୁସାରେ କଲେଜ ଯିବା ଆଉ ଫେରିବା ଆମ ପକ୍ଷେ ଆଉ ସମ୍ଭବ ନୁହଁ । ଆମର ଘରେ ପହଞ୍ଚିବା ସମୟର ଠିକ୍ ଠିକଣା ନ ରହିବା ସମ୍ଭାବନା ଢେର ବେଶି । ସେଥିପାଇଁ ତୁମେ ଏତେ ବ୍ୟସ୍ତ ହେବା ଉଚିତ ନୁହଁ ।

ରଂଜନ ବାପାଙ୍କ ଉତ୍ତରକୁ ଅପେକ୍ଷା ନ କରି ଘରୁ ବାହାରି ଚାଲିଗଲା । ସଂଗ୍ରାମବାବୁ ଶକୁନ୍ତଳାଙ୍କୁ କହିଲେ- ତୁମ ପୁଅଙ୍କ କଥା ଶୁଣିଲ ? ମୋର ସନ୍ଦେହ ହେଉଛି....

ଶକୁନ୍ତଳା ସ୍ୱାମୀଙ୍କ ମୁହଁରୁ କଥା ଛଡ଼ାଇ ପ୍ରଶ୍ନ କଲେ– କ'ଣ ସନ୍ଦେହ ହେଉଛି ?

– ତୁମ ପୁଅ କୌଣସି ଉଗ୍ରପନ୍ଥୀ ଗୋଷ୍ଠୀରେ ଯୋଗ ଦେଲାଣି । ତା' କଥାବାର୍ତ୍ତା ମତେ ସେମିତି ସେମିତି ଲାଗୁଛି । ତା'ର ଯିବା ଆସିବା ସମୟ ଠିକ୍ ରହୁନାହିଁ । ସୁନୀତା ବି କୁଆଡ଼େ ଯାଉଛି, କ'ଣ କରୁଛି ପତ୍ତା ଲଗାଇବାକୁ ପଡ଼ିବ ।

– ତୁମର ସବୁକଥାକୁ ଖାଲି ସନ୍ଦେହ । ଏଇଥି ପାଇଁ ସେମାନେ ତୁମ ଉପରେ ବିରକ୍ତ ହେଉଛନ୍ତି । ତୁମେ ତୁମ କାମ କର, ଅଫିସ ଯାଅ । ଅଫିସରୁ ଫେରି ଚୁପ୍‌ଚାପ୍ ଘରେ ବସ । ସିଏ ଯାହା କରୁଛନ୍ତି କରନ୍ତୁ ।

ଆନଂଦ ଚଂଦ୍ର ପତ୍ତି

Digitized by srujanika@gmail.com

ସଂଗ୍ରାମ ଖୁବ୍ ଗମ୍ଭୀର ହୋଇ କହିଲେ— ନା, ତୁମେ ଘରେ ବସିବା ଲୋକ, ବାହାର କଥା ତୁମେ କିଛି ଜାଣନା । ଖବର କାଗଜରେ ଆଜିର ଯୁବକ ଯୁବତୀଙ୍କ ବିଷୟରେ ନାନା ଅଦ୍ଭୁତ କଥା ବାହାରୁଛି । ଚୁପ୍ ଚାପ୍ ହୋଇ ଆମେ ଘରେ ବସିଲେ, ଶେଷ ବେଳକୁ ସମସ୍ୟାଟା ଆମ ନିୟନ୍ତ୍ରଣ ବାହାରକୁ ଚାଲିଯିବ । ଏବେ ବି ଖୁବ୍ ବିଳମ୍ବ ହୋଇଗଲା ପରି ମୋର ମନେ ହେଉଛି । ଆଉ ଡେରିକଲେ ବିପଦ । ମୁଁ ଯାଇ ବୁଝେ ।

ସଂଗ୍ରାମବାବୁ ସ୍ତ୍ରୀଙ୍କ ଆକଟ ନ ମାନି ବାହାରକୁ ଚାଲିଗଲେ ଓ ଘରକୁ ଫେରିଲେ ଖୁବ୍ ବିଳମ୍ବ ରାତିରେ । ସେତେବେଳକୁ ପୁଅ ରଂଜନ ଓ ଝିଅ ସୁନୀତା ଦୁହେଁ ଘରକୁ ଫେରି ଖାଇପିଇ ଶୋଇ ସାରିଥିଲେ । କେବଳ ଶକୁନ୍ତଳା ନ ଶୋଇ ସ୍ୱାମୀଙ୍କ ଫେରିବା ବାଟକୁ ଅନେଇଁ ବସିଥିଲେ । ସଂଗ୍ରାମବାବୁ ରାତ୍ରିଭୋଜନ ବେଳେ ଖୁବ୍ ଗମ୍ଭୀର ଦିଶୁଥିଲେ । ଶକୁନ୍ତଳା ଆତଙ୍କିତ କଣ୍ଠରେ ସ୍ୱାମୀଙ୍କୁ ପଚାରିଲେ- କ'ଣ ହେଲା ? କିଛି ଖରାପ ଖବର କୋଉଠୁ ପାଇଲକି ?

— ନା, କିଛି ଖବର ମିଳିଲା ନାହିଁ । ଉଗ୍ରପନ୍ଥୀ କି ସଂନ୍ତ୍ରାସବାଦୀଙ୍କ ଆଡ୍ଡା ଠାବ କରିବା ସେତେ ସହଜ ନୁହେଁ । ସେମାନେ ଆମ ପୋଲିସ ଆଉ ସରକାରଙ୍କ ଆଖିକୁ ଫାଙ୍କି ଦେଉଛନ୍ତି । ମୋତେ ତାଙ୍କ ଖବର ଏତେ ସହଜରେ କେମିତି ମିଳିବ ? ରଂଜନର ସାଙ୍ଗସାଥୀ ଯାହାକୁ ପଚାରିଲେ ବି ସେମାନେ କେହି କିଛି କହୁ ନାହାଁନ୍ତି ।

ଶକୁନ୍ତଳା ସ୍ୱାମୀଙ୍କ ଉପରେ ବିରକ୍ତ ହେଲେ— ତମେ ଅଯଥାରେ ଘରେ ଅଶାନ୍ତି ସୃଷ୍ଟି କରୁଛ । ତମେ ନିଜେ ଯଦି ପ୍ରଘଟ କରିବ ତୁମ ପୁଅ ଉଗ୍ରପନ୍ଥୀ; ତା'ହେଲେ ତା' ଅବସ୍ଥା କ'ଣ ହେବ ଜାଣିପାରୁଛ ତ ? ପୋଲିସ ଯଦି ଉଗ୍ରପନ୍ଥୀ ବୋଲି ସନ୍ଦେହ କରି ଆମ ରଂଜନକୁ ଆରେଷ୍ଟ କରେ ? ଥରେ ପୋଲିସ୍‌ର ସନ୍ଦେହ ଘେରରେ ପଡ଼ିଗଲେ ସାରାଜୀବନ ତାକୁ ସେଇ ଜେଲ୍ ହାଜତରେ କଟାଇବାକୁ ପଡ଼ିବ । ଅଯଥା ହାଣ କୁରାଢ଼ି ବେକକୁ ଆଣନା । ମୁଁ ଜାଣେ ମୋ ପୁଅ ସେମିତି ଖରାପ କାମ କେବେ କରିବ ନାହିଁ ।

ସଂଗ୍ରାମବାବୁ ଲଘୁ ମନ୍ତବ୍ୟ ଦେଲେ- ନିଜ ପୁଅ ବିଷୟରେ ମାଆର କୌଣସି ସାର୍ଟିଫିକେଟ୍ କେହି କେବେ ଗ୍ରହଣ କରନ୍ତି ନାହିଁ ।

ସେ ଦିନ ଅନେକ ରାତିଯାଏ ସ୍ୱାମୀ ସ୍ତ୍ରୀଙ୍କ ମଧ୍ୟରେ କଥା କଟାକଟି ଚାଲିଥିଲା । ତା'ପର ଦିନ ଉପର ଓଳି ପ୍ରାୟ ତିନିଟା ବେଳକୁ ସଂଗ୍ରାମବାବୁ ଅଫିସ୍‌ରୁ ଫେରି ଦେଖିଲେ ଉପରେ କେହି ନାହାଁନ୍ତି । ଘରେ ତାଲା ପଡ଼ିଛି । ଶକୁନ୍ତଳା ଦିନବେଳେ ଘରେ ତାଲା ପକାଇ କୁଆଡ଼େ ଯିବା ଏଇଟା ପ୍ରଥମ । ପାଖ କ୍ୱାର୍ଟସ୍‌ର କଲିଂ ବେଲ୍ ବଜାଇଲେ ସଂଗ୍ରାମ ବାବୁ । ସେ ଘରୁ ବିକ୍ରମବାବୁଙ୍କ ସ୍ତ୍ରୀ ବାହାରି ମନାକଲେ । ସେ କହିଲେ- ମୁଁ ଶକୁନ୍ତଳାଙ୍କ ବିଷୟ କିଛି ଜାଣି ନାହିଁ । ଖୁବ୍ ବ୍ୟସ୍ତହୋଇ ବିଭିନ୍ନ କଥା ଆଶଙ୍କା କଲେ ସଂଗ୍ରାମବାବୁ । ଏମିତି ସମୟରେ କୁଆଡ଼େ କେବେ ଯାଆନ୍ତି ନାହିଁ ଶକୁନ୍ତଳା । ଝିଅର କିଛି ଅସୁବିଧା ହେଲା କି ?

Digitized by srujanika@gmail.com

ତାକୁ ହୁଏତ ଡାକ୍ତରଖାନା ନେଇକି ଯାଇଥିବେ । ସୁନୀତା ଏତେ ବେଳେ କଲେଜରେ ରହିବା କଥା । ସିଏ ଫେରି ନଥିବ । ଶକୁନ୍ତଳା ବି କୌଣସି ସାଇ ପଡ଼ିଶାଙ୍କ ଘରକୁ କେବେ ଯାଆନ୍ତି ନାହିଁ । ତଥାପି ଜୀବନ ବାବୁ ଓ ଶଙ୍କରବାବୁଙ୍କ ଘରେ ବୁଝି ଆସିଲେ ସଂଗ୍ରାମବାବୁ । ଶକୁନ୍ତଳା ସେଠିକି ଯାଇ ନାହାଁନ୍ତି ।

ଘଣ୍ଟାଏ କାଳ ଘର ଆଗରେ ଏପଟ ସେପଟ ହେବାପରେ ଶକୁନ୍ତଳା ଘରକୁ ଫେରିଲେ ଓ ସ୍ୱାମୀଙ୍କୁ ଏପରି ଅସମୟରେ ଘର ପାଖରେ ଦେଖି ଆଶ୍ଚର୍ଯ୍ୟ ହେଲେ । ସଂଗ୍ରାମ ବାବୁ ସ୍ତ୍ରୀଙ୍କ ଉପରେ ଖୁବ୍ ରାଗିଯାଇ ପ୍ରଶ୍ନ କଲେ- ତମେ ଘରେ ତାଲା ପକାଇ ଏତେ ବେଳଯାଏ କୁଆଡ଼େ ଯାଇଥିଲ ଶୁଣେ ?

ଶକୁନ୍ତଳା ଶାନ୍ତ କଣ୍ଠରେ କହିଲେ- ଏଥିରେ ଏତେ ରାଗିବାର କ'ଣ ଅଛି ? ମୁଁ କ'ଣ ଏ ବୟସରେ ମୋର କୋଉ ପ୍ରେମିକ ସାଙ୍ଗରେ ଚାଲି ଯାଇଥିଲି ବୋଲି ତମେ ଭାବୁଛ ? ଦିନରାତି ଘରଟାରେ ହାତଗୋଡ଼ ଯାକି ବସି ବସି ମତେ ଚିଟା ଲାଗିଲାଣି । ହେମ ମାଆ ଡାକିଲା, ତା' ସାଙ୍ଗରେ ମୁଁ ନବଘନବାବୁଙ୍କ ଘରକୁ ଯାଇଥିଲି ଶାଢ଼ି ଦେଖିବାକୁ । ଏଥିରେ ଏତେ ରାଗିବାର କ'ଣ ଅଛି ?

ସଂଗ୍ରାମବାବୁ ଟିକେ ନରମି ଯାଇ କହିଲେ- ତମେ ତ ମୋତେ ନ କହି ଘରୁ ଗୋଡ଼ କାଢ଼ ନାହିଁ, ସେଇଥିପାଇଁ ମୁଁ ଭାବିଲି...

– ଖରାବେଳଟାରେ ତୁମେ ଅଫିସ୍‌ରେ ଥିଲ, ମୁଁ ତୁମକୁ କହିଥାନ୍ତି କେମିତି ? ତା'ଛଡ଼ା ଏଥିରେ କହିବାର କ'ଣ ଅଛି ? ଘଣ୍ଟାଏ ଭିତରେ ମୁଁ ଚାଲି ଆସିଲି । ପୁଅ, ଝିଅଙ୍କ ଚାଲି ଚଳନକୁ ତୁମର ସନ୍ଦେହ, ଏବେ ତମେ ମତେ ବି ସନ୍ଦେହ କରିବା ଆରମ୍ଭ କରି ଦେଲଣି । ତମେ ଏ ଅସମୟରେ ଘରକୁ କାହିଁକି ଆସିଚ ଶୁଣେ ?

ସଂଗ୍ରାମବାବୁ ଥତମତ ହେଲେ– ନାଇଁ, ଏଇ... ମୋ ଟେବୁଲ୍ ଡ୍ର ଚାବିକାଠିଟା ଘରେ ଛାଡ଼ି ଯାଇଛି । ଡ୍ରରେ ଅନେକ ଗୁରୁତ୍ୱପୂର୍ଣ୍ଣ କାଗଜ ଅଛି । ସେଥିପାଇଁ....

– ଏଇଟା ତମର ଗୋଟେ ବାହାନା । ତମେ ଆସିଥିଲ ମୋତେ ଚେକ୍ କରିବା ପାଇଁ । ଠିକ୍ ଅଛି । ଘରର ବିଭିନ୍ନ ଜିନିଷ ତମେ ପ୍ରତିଦିନ ଦୁଇ ତିନିଥର ଚେକ୍ କରୁଛ । ଘରର ତାଲାସବୁ ଟାଣୁଛ, ଇଂଲେକ୍ଟ୍ରି ସୁଇଚ ବନ୍ଦକରୁଚ; ମତେ ଏଥର ଘରେ ତାଲା ପକାଇ ଅଫିସ୍ ଯା । ତମ ମୁଣ୍ଡ ଖରାପ ହେଇଗଲାଣି ଦେଖୁଛି ।

–କ'ଣ କହିଲ ? ମୋ ମୁଣ୍ଡ ଖରାପ ହୋଇଗଲାଣି ?

ଶକୁନ୍ତଳା ସେମିତି ଚଢ଼ାଗଳାରେ ଉତ୍ତର ଦେଲେ– ତୁମ ମୁଣ୍ଡ ଖରାପ ନ ହୋଇଥିଲେ ମଧ୍ୟ ମୋର ଆଶଙ୍କା ହେଉଛି ଖୁବ୍ ଶୀଘ୍ର ଖରାପ ହୋଇଯିବ । ଏ ସବୁ ତା'ର ପୂର୍ବ ଲକ୍ଷଣ ।

ସେ ଦିନ ଗଣ୍ଡଗୋଳକୁ ଏଡ଼ାଇବା ପାଇଁ ସଂଗ୍ରାମବାବୁ ସେଇ ବାହାରୁ ଅଫିସ

Digitized by srujanika@gmail.com

ଫେରି ଯାଇଥିଲେ । ତ୍ତ ଚାବିକାଠି ନେବା ପାଇଁ ଶକୁନ୍ତଳା ତାଙ୍କୁ ପଛରୁ ଯେତେ ଡ଼ାକିଲେ ବି ସଂଗ୍ରାମବାବୁ ଆଉ ପଛକୁ ଫେରି ନଥିଲେ ।

ରାତିରେ ଘରର ପରିସ୍ଥିତି ଖୁବ୍ ଚୁପ୍‌ଚାପ୍ ଥିଲା । ରୋଷେଇ ଘରେ ଶକୁନ୍ତଳା ନୀରବରେ ରୋଷେଇ କରୁଥିଲେ । ଅଫିସରୁ ଫେରି ସଂଗ୍ରାମବାବୁ ଅନେକ ବେଳଯାଏ ଖବରକାଗଜ ପଢୁ ଥିଲେ । ଦିଲ୍ଲୀ ସଂବାଦ ବେଳେ କି କୌଣସି ଇଣ୍ଟରେଷ୍ଟିଙ୍ଗ୍ ସିରିଏଲ୍ ଦେଖିବା ପାଇଁ ମଧ୍ୟ କେହି ଟିଭି ଖୋଲି ନଥିଲେ ।

ପରଦିନ ସକାଳ ଦଶଟା ବେଳେ ଅଫିସ୍ ଯିବା ପୂର୍ବରୁ ଅଭ୍ୟାସ ଅନୁସାରେ ଘରର ସମସ୍ତ ତାଲା,ଟିଭି, ରେଡ଼ିଓ ସୁଇଚ, ଗ୍ୟାସଚୁଲା, ଫ୍ରିଜ, ୱାସିଙ୍ଗ ମେସିନ୍, ହିଟର ସବୁ ଚେକ୍ କରିବାକୁ ବାହାରିବା ବେଳେ ପ୍ରଥମେ ରଂଜନ ପ୍ରତିବାଦ କଲା- ସେ ସବୁ ଠିକ୍ ଅଛି ତମେ ଦେଖିବା ଦରକାର ନାହିଁ । ଘରେ ମୁଁ, ସୁନୀତା ଆଉ ବୋଉ ଅଛୁ । ଆମେ ଦେଖିବୁ । ତା' ଛଡ଼ା ତମେ ଟିଭି, ରେଡ଼ିଓ ଷ୍ଟୋଭ ଇତ୍ୟାଦି ବନ୍ଦ କରିଦେଇ ଗଲାପରେ ସେ ସବୁ କ'ଣ ଆଉ ଲାଗୁନାହିଁ ବୋଲି ତୁମେ ଭାବୁଛ ? ଆମର ଯାହା ଯେତେବେଳେ ଦରକାର ଆମେ ସେସବୁ ବ୍ୟବହାର କରୁଛୁ । ଏ ସବୁ କଥା ତୁମେ ଭାବିବା ଦରକାର ନାହିଁ ।

ରଂଜନକୁ ଆଡ଼େଇ ଦେଇ ସଂଗ୍ରାମବାବୁ ଟିଭି ସୁଇଚଟା ବନ୍ଦ କରିବା ପରେ ସୁନୀତା ଟିଭିଟା ପୁଣି ଅନ୍ କରିଦେଲା । ସଂଗ୍ରାମ ବାବୁ ଖୁବ୍ ଉତ୍‌କ୍ଷିପ୍ତ ହୋଇ ବଡ଼ ପାଟିରେ ଚିତ୍କାର କଲେ- ତୁମେ ସବୁ ଅତି ବିଶୃଙ୍ଖଳ ହୋଇଗଲଣି । କିଏ କ'ଣ କରୁଚ କାହାରିକୁ ଜଣା ନାହିଁ । ଘରକୁ କେତେବେଳେ କି ବିପଦ ପଡ଼ିବ ତା'ର ଠିକଣା ନାହିଁ ।

ଶକୁନ୍ତଳା ମଧ୍ୟ ସଂଗ୍ରାମବାବୁଙ୍କ କାମର ପ୍ରତିବାଦ କଲେ- ଏମିତି ସାଧାରଣ କଥାରେ ଏତେ ସାବଧାନ ହେବା ଠିକ୍ ନୁହଁ । ଘରୁ ଅଫିସ୍ ଗଲାବେଳେ ପ୍ରତି ଜିନିଷକୁ ଏତେ ତନଖି କରିବା ଉଚିତ୍ ନୁହଁ । ତୁମ ବାକ୍ସର ତାଲାଟାକୁ ତୁମେ ଦିନକୁ ପଚାଶ ଥର ଟାଣିବା ସାବଧାନତାର ଲକ୍ଷଣ କି ପାଗଳାମିର ସଂକେତ, ସେ କଥା ତୁମେ ନିଜକୁ ପଚାର । ତୁମ ଟ୍ରଙ୍କର ତାଲାର ଆୟୁଷ ବେଶିଦିନ ନୁହଁ ।

ସଂଗ୍ରାମବାବୁଙ୍କ ଖରାପ ଅଭ୍ୟାସ ଛଡ଼ାଇବା ପାଇଁ ସେ ଦିନ ଶକୁନ୍ତଳା ସୁନୀତା ଓ ରଂଜନ ତିନିଜଣଯାକ ତାଙ୍କ ଆଗରେ ପ୍ରତିବନ୍ଧକ ହୋଇ ଠିଆ ହେଲେ । ତଥାପି ସେମାନଙ୍କୁ ଡେଇଁ ରୋଷେଇ ଘରକୁ ପଶିଲେ ସଂଗ୍ରାମବାବୁ । ଲାଇଟ୍ ଓ ଗ୍ୟାସ୍ ଚୁଲାର ସୁଇଚ୍ ବନ୍ଦ କଲେ । ରୋଷେଇ ଘରୁ ଆସି ଡ୍ରଇଁ ରୁମ୍‌ର ଲାଇଟ୍, ଫ୍ୟାନ୍ ଓ ଟିଭିର ସୁଇଚ୍ ବନ୍ଦ କଲେ । ସଂଗ୍ରାମବାବୁଙ୍କ ପଛେ ପଛେ ଯାଇ ରଂଜନ ସବୁ ସୁଇଚ୍ ପୁଣି ଅନ୍ କରି ଦେଲା ଆଉ ବଡ ପାଟିରେ ଶୁଣାଇ ଶୁଣାଇ କହିଲା- ତମେ ଯାହାସବୁ ବନ୍ଦ କରି ଯାଉଛ, ସେ ସବୁ ମୁଁ ଖୋଲିଦେବି ।

ଆନଂଦ ଚଂଦ୍ର ପତି

Digitized by srujanika@gmail.com

ତଥାପି ସଂଗ୍ରାମ ବାବୁ ୱାସିଙ୍ଗ ମେସିନ୍, ରେଡ଼ିଓ ଓ ଆଉ ଯାହା ଥିଲା ସବୁର ସୁଇଚ୍‌କୁ ବନ୍ଦ କଲେ । ରଂଜନ ସେସବୁର ସୁଇଚ ପୁଣି ଅନ୍ କଲା ।

ସଂଗ୍ରାମବାବୁ ଦେଖିଲେ ତାଙ୍କୁ ପ୍ରତିବାଦ କରିବାକୁ ସ୍ତ୍ରୀ, ପୁତ୍ର, କନ୍ୟା ପ୍ରସ୍ତୁତ ଅଛନ୍ତି । ତାଙ୍କର ମନେହେଲା ଏସବୁ କରିବାକୁ ଯେପରି ପୁତ୍ରକନ୍ୟାଙ୍କୁ ଉତ୍ସାହିତ କରୁଛନ୍ତି ଶକୁନ୍ତଳା । ସଂଗ୍ରାମବାବୁ ନିଜ ପରିବାର ସହିତ ଘଟିବାକୁ ଯାଉଥିବା ସଂଘର୍ଷରୁ ନିଜକୁ ଆଡ଼େଇ ନେଇ ଚୁପ୍ ଚାପ୍ ଅଫିସ୍ ଚାଲିଗଲେ ।

ସଂଗ୍ରାମବାବୁ ଅଫିସ୍ ଯିବା ପରେ ଶକୁନ୍ତଳା ଆଶଙ୍କା କଲେ ଅଫିସ୍ ଯିବା ବାଟରୁ ସିଏ ପୁଣିଥରେ ଫେରିବେ ନଚେତ ଦିନ ମଝିରେ ନିଶ୍ଚୟ ଫେରିବେ ସବୁଜିନିଷ ତଦାରଖ କରିବାକୁ । ସେ ଦିନ ଅନ୍ୟ କୁଆଡ଼େ ନଯାଇ ସୁନୀତା ଓ ରଂଜନ ଘରେ ଜଗିବସିଲେ, ବାପା ଯଦି ମଝିରେ ଆସନ୍ତି ତେବେ ପୁଣି ପ୍ରତିରୋଧ କରିବେ । ଏମିତି ଆଠଦିନ ଅଭ୍ୟାସ ଭାଙ୍ଗିଦେଲେ ହୁଏତ ବାପା ବାଟକୁ ଆସିଯିବେ ।

- ବାପାଙ୍କର ଏମିତି ଅଭ୍ୟାସ କ'ଣ ପିଲାଦିନରୁ ନା କୌଣସି ଘଟଣାରୁ ଏମିତି ହେଇଚି ? ପ୍ରଶ୍ନ କଲା ସୁନୀତା ।

ଶକୁନ୍ତଳା କହିଲେ- ନା, ସିଏ ମୂଳରୁ ଏମିତି ନଥିଲେ । ମୁଁ ଭୁବନେଶ୍ୱର ଆସିବା ଆଗରୁ ତୁମ ଗାଆଁରେ ଦଶ ବର୍ଷ ଥିଲି । ସେ ସମୟରେ ତାଙ୍କର ଏ ଅଭ୍ୟାସ ନଥିଲା । ଏଇ ଭୁବନେଶ୍ୱରରେ ତାଙ୍କର ଏ ଖରାପ ଅଭ୍ୟାସର ସୃଷ୍ଟି । ତେବେ କାହିଁକି ଓ କେମିତି ଏମିତି ଅଭ୍ୟାସ ତାଙ୍କର ଆରମ୍ଭ ହେଲା ମୁଁ କହି ପାରିବି ନାହିଁ ।

ସେ ଦିନର ସଂଧ୍ୟା ଯାଇ ରାତି ଆସିଲା, କିନ୍ତୁ ସଂଗ୍ରାମବାବୁ ଘରକୁ ଆସିଲେ ନାହିଁ । ସଂଗ୍ରାମବାବୁଙ୍କ ଅଫିସ୍ ଫେରିବା ସମୟ ଟପିଗଲା । ରାତି ବଢ଼ିବା ସହିତ ଶକୁନ୍ତଳାଙ୍କ ମନର ଅସ୍ଥିରତା ବଢ଼ିଲା । ରାତି ଆଠଟା ପରେ କେବେ ବାହାରେ ରହୁନଥିବା ଲୋକ ଏତେ ରାତିଯାଏ କୁଆଡ଼େ ଗଲେ ? କାନ୍ଥ ଘଣ୍ଟାକୁ ଚାହିଁଲେ ଶକୁନ୍ତଳା । ରାତି ଦଶଟା ବାଜିବାକୁ ଯାଉଛି । ରଂଜନ ଓ ସୁନୀତାଙ୍କୁ କହିଲେ- ମୋ ମନ ଭଲ ଲାଗୁନାହିଁ । ସିଏ ଏତେ ରାତିଯାଏ କୁଆଡ଼େ ଗଲେ ? ସକାଳେ ଆମ ବ୍ୟବହାରରେ ଅସନ୍ତୁଷ୍ଟ ହୋଇ ଆଉ କୁଆଡ଼େ ଚାଲି ଗଲେ କି ?

ରଂଜନ ତା' ସାଇକେଲ୍ ଧରି ବାପାଙ୍କ ଅଫିସ୍ ଲୋକଙ୍କ ଘର ସବୁ ବୁଲି ଆସିଲା । କେହି କିଛି ସନ୍ଧାନ ଦେଇ ପାରିଲେ ନାହିଁ । କେବଳ ମଦନବାବୁ କହିଲେ- ମୁଁ ଅଫିସ୍‌ରୁ ୫ଟାବେଳେ ଫେରିବା ସମୟରେ ସଂଗ୍ରାମବାବୁଙ୍କୁ ଦେଖିଛି । ସିଏ ତାଙ୍କ ସିଟ୍‌ରେ ବସି କ'ଣ କରୁଥିଲେ । ସିଏ ତ ଟିକେ ଡେରିରେ ଅଫିସ୍ ଛାଡ଼ନ୍ତି । ତେବେ ଏତେ ବେଳ ଯାଏ ଘରକୁ ନ ଫେରିବାଟା ଚିନ୍ତାର ବିଷୟ ।

ଅଫିସ୍‌ରୁ ଫେରି କୌଣସି ସାଙ୍ଗସାଥୀଙ୍କ ଘରେ ଅଟକି ଯାଇ ଥାଇ

Digitized by srujanika@gmail.com

ପାରନ୍ତି ବୋଲି ଆଶଙ୍କା କରି ମାଆଙ୍କଠାରୁ ସବୁ ସମ୍ଭାବ୍ୟ ସ୍ଥାନର ଠିକଣା ନେଇ ବୁଲି ବୁଲି ରାତି ଏଗାରଟାରେ ଫେରି ଆସିଲା ରଂଜନ । କିନ୍ତୁ ସଂଗ୍ରାମବାବୁଙ୍କର କିଛି ସନ୍ଧାନ ପାଇଲା ନାହିଁ । ଶକୁନ୍ତଳା, ରଂଜନ ଓ ସୁନୀତା ତିନିଜଣଯାକ ଅନିଷ୍ଟ ଆଶଙ୍କାରେ ଆତଙ୍କିତ ହେଲେ । ପୁଅ ଝିଅଙ୍କର ଘରକୁ ଫେରିବାରେ ଘଣ୍ଟାଏ ବିଳମ୍ବ ହେଲେ ଯିଏ ଅତ୍ୟନ୍ତ ବ୍ୟସ୍ତ ବିବ୍ରତ ହୋଇ ଘର ବାହାର ହୁଅନ୍ତି ସିଏ ରାତି ଏଗାରଟା ଯାଏ କାହାରିକୁ କିଛି ନ ଜଣାଇ ବାହାରେ ରହିବା ଅସମ୍ଭବ । ଶକୁନ୍ତଳା ପ୍ରସ୍ତାବ ଦେଲେ ଡାକ୍ତରଖାନା ଯାଇ ବୁଝିବାକୁ । ହୁଏତ ଅଫିସ୍‌ରୁ ଫେରିବା ବାଟରେ କିଛି ଦୁର୍ଘଟଣା... ଶକୁନ୍ତଳାଙ୍କ କଣ୍ଠରୁଦ୍ଧ ହୋଇ ଗଲା ।

ରଂଜନ ତତ୍‌କ୍ଷଣାତ୍ ଡାକ୍ତରଖାନାରେ ପହଞ୍ଚି ତନ୍ନ ତନ୍ନ କରି ଖୋଜିଲା । ନା, ବାପା ଡାକ୍ତରଖାନା ଆସି ନାହାଁନ୍ତି । ଡାକ୍ତରଖାନାରୁ ଫେରିବା ବାଟରେ ଥାନା । ଥାନା ସମ୍ମୁଖରେ ରଂଜନର ପାଦ ଅଟକି ଗଲା । ଥାନା ବାରଣ୍ଡାରେ ଦୁଇଟା କନେଷ୍ଟବଲ ଏପଟ ସେପଟ ହେଉଥିଲେ । ଝରକା ଫାଙ୍କରେ ଥାନା ଅଫିସରଙ୍କ ସିଗାରେଟ୍ ଖିଆ ମୂର୍ତ୍ତି ଦେଖା ଯାଉଥିଲା । ଥାନାକୁ ପଶିବ କି ନାହିଁ ରଂଜନ ସ୍ଥିର କରି ନ ପାରି ସେଇଠି ସେମିତି ଠିଆ ହେଲା ।

ଥାନା ବାରଣ୍ଡାରୁ କନେଷ୍ଟବଲ ପାଟିକଲା- ଆବେ, ସେଠି କିଏବେ ?

ରଂଜନ ଥାନା ଆଗରୁ ଅପସରି ଗଲା । ଆଜି ରାତିରେ ବାପା ଘରକୁ ନ ଫେରିଲେ ଆସନ୍ତା କାଲି ଥାନାରେ ଏଫ୍.ଆଇ.ଆର. ଦେବାଟା ଉଚିତ ହେବ । ଆଜି ନୁହଁ ।

ରାତି ଗୋଟାଏ ପର୍ଯ୍ୟନ୍ତ ଏଠି ସେଠି ଖୋଜି ରଂଜନ ଘରକୁ ଫେରିଲା । ସୁନୀତା ଓ ଶକୁନ୍ତଳା ଅପେକ୍ଷା କରି କରି ବସିବା ସ୍ଥାନରେ ଶୋଇ ପଡ଼ିଲେ । ରଂଜନ ସେମାନଙ୍କୁ ନିଦରୁ ନ ଉଠାଇ କବାଟ ବନ୍ଦ କରି କ୍ଲାନ୍ତ ଦେହଟାକୁ ଖଟ ଉପରେ ଗଡ଼ାଇ ଦେଲା ।

ରଂଜନର ନିଦ ଭାଙ୍ଗିବା ବେଳକୁ ସକାଳ ନଅଟା । ତା'ର ଅନେକ ଆଗରୁ ଶକୁନ୍ତଳା ଓ ସୁନୀତାଙ୍କ ନିଦ ଭାଙ୍ଗି ସାରିଥିଲା । କିଏ ଜଣେ କବାଟ ବାଡ଼େଇବା ଶବ୍ଦଶୁଣି ରଂଜନ ଉଠିଯାଇ କବାଟ ଖୋଲିଲା । ତା' ଆଗରେ ଠିଆ ହୋଇଥିବା ବ୍ୟସ୍ତ ଓ ଭୟଭୀତ ଲୋକଟି ରଂଜନକୁ ପଚାରିଲା– ଏଇଟା ସଂଗ୍ରାମ ସାମଲଙ୍କ ଘର ?

ରଂଜନ ଉତ୍କଣ୍ଠାର ସହ ଉତ୍ତର ଦେଲା– ହଁ । କ'ଣ ହେଲା ? ବାପା କୋଉଠି ଅଛନ୍ତି ?

ଲୋକଟି ରଂଜନର ହାତଧରି ଟାଣିଲା ଓ କହିଲା– ମୋ ସାଙ୍ଗରେ ଜଲ୍‌ଦି ଆସ । ମୁଁ ଆପଣଙ୍କ ବାପାଙ୍କ ଅଫିସ୍‌ର ଚୌକିଦାର ।

ଆନନ୍ଦ ଚନ୍ଦ୍ର ପତି

Digitized by srujanika@gmail.com

ଶକୁନ୍ତଳା, ସୁନୀତା ଓ ରଂଜନ ସେ ଲୋକକୁ ସଂଗ୍ରାମବାବୁଙ୍କ ସଂବନ୍ଧରେ ଅନେକ ପ୍ରଶ୍ନ କଲେ । କିନ୍ତୁ ଲୋକଟି ସେମାନଙ୍କ ପ୍ରଶ୍ନର କୌଣସି ଉତ୍ତର ନ ଦେଇ ରଂଜନର ହାତଧରି ଅଫିସି ଆଡ଼କୁ ଟାଣିଲା । ରଂଜନ ସେ ଲୋକକୁ ସାଇକେଲ୍ ପଛରେ ବସାଇ ଅଫିସ୍‌ରେ ପହଞ୍ଚିଲା । ଲୋକଟି ପକେଟ୍‌ରୁ ଚାବିକାଠି ନେଛାଏ କାଢ଼ି ଅଫିସର ତାଲା ଖୋଲିଲା । ଅଫିସ ଭିତରକୁ ଆଗେ ଆଗେ ପଶିଲା ଚୌକିଦାର, ତା' ପଛେ ପଛେ ଆତଙ୍କିତ ରଂଜନ ।

ରଂଜନ ଚୌକିଦାରକୁ କିଛି ପଚାରିବାକୁ ସାହସ ସଂଚୟ କରି ପାରୁନଥିଲା । କିନ୍ତୁ ତା' ପଛେ ପଛେ ଚାଲିଥିଲା କୋଠରୀ ପରେ କୋଠରୀ । ପ୍ରତିକ୍ଷଣରେ ରଂଜନର ଆଶଙ୍କା କୌଣସି ଏକ ଫ୍ୟାନ୍‌ରୁ ବାପାଙ୍କ ନିଶ୍ଚଳ ଶରୀରଟା ଝୁଲୁଥିବାର ଦେଖିବ । କିନ୍ତୁ ସେମିତି କିଛି ଦୃଶ୍ୟ ସେ ଦେଖିବାକୁ ପାଇଲା ନାହିଁ ।

କିଛି କ୍ଷଣପରେ ଚୌକିଦାର ରଂଜନକୁ ଦେଖାଇ ଦେଲା ଜଣେ ବୃଦ୍ଧ ବୁଲି ବୁଲି ଆଠ ଦଶଟି ଆଲ୍‌ମାରିର ତାଲା ଗୋଟିକ ପରେ ଗୋଟିଏ ଟାଣି ଚାଲିଛି । ଖୁବ୍ ବଳ ପ୍ରୟୋଗ କରି ପ୍ରତି ତାଲାକୁ ଟାଣୁଛି । ରାତି ସାରା ଏମିତି ତାଲା ଟାଣି ଟାଣି ବୃଦ୍ଧଟି ଖୁବ୍ ହାଲିଆ ହୋଇଯାଇଛି, ତଥାପି ତାଲା ଟାଣିବା କାମରୁ ବିରତ ହେଉ ନାହିଁ । ଦେହ ସାରା ଧାର ଧାର ଝାଳ । ମୁହଁରେ କାଦୁଅ ନେସିଲା ପରି ଝାଳ ଆଉ ମଇଳାର ଆସ୍ତରଣ । ଆଖି ଦୁଇଟା ଲାଲ ଲାଲ । ମୁଣ୍ଡର ବାଳ ମୁହଁସାରା ଏଣେ ତେଣେ ପଡ଼ି ଆଖିକୁ ଘୋଡ଼ାଇ ପକାଇଛି । ଅନେକ ଥର ତଳେ ପଡ଼ି ତଳୁ ଉଠିଥିବାର ଚିହ୍ନ ତାଙ୍କ ସାର୍ଟ ପ୍ୟାଣ୍ଟରେ ବାରି ହୋଇ ଦିଶୁଛି । ସାର୍ଟରୁ ଅନେକ ପୁଳା ଆଲ୍‌ମାରିର ହାଣ୍ଡେଲ ଲାଗି ଚିରିଯାଇଛି ।

ଚୌକିଦାର କହିଲା – ବାବୁ ଭଲ କି ଚିହ୍ନ, ଇଏ ତୁମ ବାପା ସଂଗ୍ରାମ ସାମଲ ତ ? ମୁଁ ଭଲ ଭାବରେ ଚିହ୍ନି ପାରିଲି ନାହିଁ ବୋଲି ତମକୁ ଡାକିଲି । ମୋର କିନ୍ତୁ ମନେ ହେଉଛି, ଇଏ ନିଶ୍ଚୟ ସଂଗ୍ରାମ ସାମଲ । ଗୋଟେ ରାତି ଭିତରେ ଗୋଟେ ମଣିଷର ଏତେ ପରିବର୍ତ୍ତନ ହୋଇଯାଏ ବୋଲି ମୁଁ ଆଗରୁ ଜାଣି ନ ଥିଲି । ମୋର କିଛି ଦୋଷ ନାହିଁ ବାବୁ । ସମସ୍ତେ ଅଫିସ୍ ଛାଡ଼ି ଘରକୁ ଯିବାପରେ କାଲି ରାତି ଆଠଟା ପରେ ମୁଁ ଅଫିସ୍ ଗେଟ୍‌ରେ ତାଲା ପକାଇ ଘରକୁ ଗଲି । ଆଜି ସକାଳ ସାଢ଼େ ଆଠଟାରେ ଆସି ତାଲା ଖୋଲିବା ବେଳକୁ ସଂଗ୍ରାମବାବୁ ଅଫିସ୍ ସାରା ବୁଲି ବୁଲି ପ୍ରତି ଆଲ୍‌ମାରିର ତାଲା ଟାଣି ଚାଲିଛନ୍ତି । ଯେତେ ଡାକିଲେ କିଛି ଶୁଣୁନାହାଁନ୍ତି । ମତେ ଲାଗୁଚି, ସଂଗ୍ରାମବାବୁ ପାଗଳ ହୋଇ ଯାଇଚନ୍ତି ।

ରଂଜନ ବଡ଼ ପାଟିରେ ବାପା ବାପା ବୋଲି ସାତ ଆଠ ଥର ଡାକିବା ପରେ ମଧ୍ୟ ସଂଗ୍ରାମବାବୁ କିଛି ଉତ୍ତର ନ ଦେଇ ପୂର୍ବପରି ଗୋଟିକ ପରେ ଗୋଟିଏ

Digitized by srujanika@gmail.com

ଆଲ୍‌ମାରିର ତାଲା ଟାଣି ଚାଲିଥିଲେ ।

କ୍ରମେ କ୍ରମେ ଅଫିସ୍‌ରେ ଲୋକ ରୁଣ୍ଡ ହେଲେ । ସଂଗ୍ରାମବାବୁଙ୍କର କିଛି ସହକର୍ମୀଙ୍କ ସାହାଯ୍ୟରେ ରଂଜନ ତାଙ୍କୁ ସେଠୁ ଉଦ୍ଧାର କରି ଅଫିସ୍ ଜିପ୍‌ରେ ବସାଇ ରାଜଧାନୀ ବଡ଼ ଡାକ୍ତରଖାନାକୁ ନେବାର ବ୍ୟବସ୍ଥା କଲା । ରଂଜନ ବାପାଙ୍କୁ ଧରି ଡାକ୍ତରଖାନା ଗଲାବେଳେ ବାପା ଆଲ୍‌ମାରିର ତାଲା ଟାଣିବା ମୁଦ୍ରାରେ ହାତ ଓ ମୁଣ୍ଡ ହଲାଉ ଥିଲେ ।

□□

ଆନଂଦ ଚଂଦ୍ର ପହି

Digitized by srujanika@gmail.com

ଘର

ସ୍ତ୍ରୀ ଗୋଲାପ ଆଉ ସାତ ବରଷର ପୁଅ ସପନା, ପାଞ୍ଚ ବର୍ଷର ଝିଅ ରତନିକୁ ଧରି ଗୋଟେ ଅଧାତୋଳା ଘର ଆଗରେ ରିକ୍ସାରୁ ଓହ୍ଲାଇଲା ମୁରଲୀ । ଏମିତି ଗୋଟେ ଘରକୁ ଦେଖି ଗୋଲାପ ପ୍ରଶ୍ନିଳ ଆଖିରେ ମୁରଲୀକୁ ଚାହିଁଲା । ଘରଟାରେ କେବଳ ଛାତ ପଡ଼ିଛି । କାନ୍ଥ କି ଚଟାଣ କିଛି ପଲସ୍ତରା ହୋଇ ନାହିଁ । କବାଟ ଝରକା ବି ଲାଗିନାହିଁ ।

ଗୋଲାପକୁ ଧରି ସେଇ ଅଧାତୋଳା ଘର ଭିତରକୁ ପଶୁ ପଶୁ ମୁରଲୀ କହିଲା- ଏଠି ଯେତେ ବେଳେ ନିଅଁ ପଡ଼ିନଥିଲା, ଏଇଟା ଗୋଟେ ଅପନ୍ତରା ପଡ଼ିଆ ଥିଲା; ସେବେଠୁ ଆସି ମୁଁ ରହିଛି । ସେଇଠି ଯୋଉ ଆଉଟହାଉସ ଘରଟାରେ ଭଡ଼ାଟିଆ ରହୁଛନ୍ତି ସେଇଟା ବି ତିଆରି ହେଇ ନ ଥିଲା । ସେଇଟାକୁ ପହିଲୁ ମୁଁ ତିଆରି କରିଚି । ବାବୁ କହିଲେ- ମୁରଲୀ, ତୁ ଆଉ ଏତେ ବାଟରୁ ଯାଆ ଆସ କରିବା ଠିକ୍ ନୁହଁ । ଯେତେ ଶୀଘ୍ର ଏଇ ଆଉଟ୍ ହାଉସ୍‌ଟା ତିଆରି ସରିବ ତୁ ଆସି ରହିବୁ । ସିମେଣ୍ଟ, ଛଡ଼, ପାଇପ ଆଉ ତୋ ହାତହତିଆର ସବୁ ଏଇ ଘରେ ରହିବ ।

ଆଉଟ ହାଉସ୍‌ଟା ଦୁଇ ବଖରା । ରଅଠଅ କରି ତିଆରି ହେଲା । ଉପରେ ଆଜବେଷ୍ଟ ପଡ଼ିଲା । ମୁଁ ରହିଲି । ମୋ ପାଖରେ ଆଉ ଦି' ଜଣ ହେଲ୍‌ପର ରହିଲେ । ବାବୁଙ୍କ ମେନ୍ ବିଲଡିଙ୍ଗ ତିଆରି ଚାଲିଲା । ଏ ଘରର ନିଅଁଠୁ ଛାତ ପଡ଼ିବା ପର୍ଯ୍ୟନ୍ତ ମୁଁ କରିଚି ।

ବାବୁ କୁହନ୍ତି- ବୁଝିଲୁ ମୁରଲୀ, ଏ ଭୁବନେଶ୍ୱରିଆ ରାଜମିସ୍ତ୍ରୀଙ୍କର ଚଟକ ବେଶି, କାମ କମ୍ । ଆମ ଭଳି ସରକାରୀ ଚାକିରିଆ ସେମାନଙ୍କୁ ଜଗିବା ମୁସ୍କିଲ । ଯେତେ ଯେମିତି ଜଗିଲେ ବି ସେମାନେ ସିମେଣ୍ଟ ଓ ଲୁହା ରଡ ବିକିବେ । କାମ ନ

ଆନନ୍ଦ ଚନ୍ଦ୍ର ପହି

Digitized by srujanika@gmail.com

କରି ଗପିବେ, ଘରେ କାମ ଅଛି ବୋଲି କହି ଦିନକ ପାଇଁ ଯିବେ ସେୟାଡେ ଆଠ ଦିନ ଫେରାର ହୋଇ ଆଉ କାହାର କାମ କରିବେ । ସେଇଥି ପାଇଁ ମୋର ସେମାନଙ୍କ ଉପରେ ଭରସା ନାହିଁ । ତମେ ଆମ ଅଞ୍ଚଳ ଲୋକ । ତମେ ନିଜ କାମ ପରି କରିବ । ତୁମକୁ ଅବିଶ୍ୱାସ ନାହିଁ । ତୁମେ କାମ ଉପରେ ଥିଲେ ମୁଁ ନିଶ୍ଚିନ୍ତ ।

ମୁରଲୀ କଥାରେ ଗୋଲାପର ମୁହଁଟା ପ୍ରସନ୍ନ ଦିଶିଲା ନାହିଁ । ଲଙ୍ଗଳା ଇଟାକାନ୍ଥ, ଆଉ ଚଟାଣରେ ପଡ଼ିଥିବା ମାଟି, କାଦୁଅ, ବାଲିକୁ ଅନାଇଁ ଗୋଲାପ ପଚାରିଲା, ତମେ ତ ସେ ଆଜବେଷ୍ଟସ୍ ଘରେ ଥିଲ, ସେ ଘରଟା ଛାଡ଼ିଲ କାଇଁକି ? ସେ ଘରଟାରେ କବାଟ ଝରକା ନାଗିଚି, ତଳ ଆଉ କାନ୍ଥ ସିମେଣ୍ଟ ହେଇଚି, ପାଇଖାନା ଅଛି । ଏଠି ମୁଁ ଏ ଠିଆ ମେଲାଟାରେ ଦିଇ ଦିଇଟା ଛୁଆଙ୍କୁ ଧରି କେମିତି ଚଳିବି ? ଭାତ ହାଣ୍ଡି ଆଉ ପାଣି ହାଣ୍ଡି ରଖିବି କୋଉଠି ? କାଉ କୁକୁର ପଶି ସବୁ ମାରା କରିଦେବେ ।

ତତେ ଆଣିବାକୁ ଗାଆଁକୁ ଯିବା ପୂର୍ବଦିନ ପର୍ଯ୍ୟନ୍ତ ମୁଁ ସେଇ ଆଜବେଷ୍ଟ ଘରେ ରହୁଥିଲି । ବାବୁଙ୍କର କିଏ ଗୋଟେ ପାଖ ଲୋକ ସ୍ତ୍ରୀ ପିଲା ଧରି ଭୁବନେଶ୍ୱର ଆସିଚି । ସିଏ ରହିବ ବୋଲି ମତେ ସେ ଘର ଛାଡ଼ିବାକୁ ପଡ଼ିଲା ।

ଗୋଲାପ ନାକ ଫୁଲେଇ ଅଭିମାନିଆ କଣ୍ଠରେ କହିଲା- ଘର ତ ନାହିଁ, ଆମକୁ ଆଣୁଥିଲ କାଇଁକି ? ଏଠି ମୁଁ କେମିତି ଚଳିବି ?

ମୁରଲୀ ସ୍ତ୍ରୀର ମୁହଁକୁ ଚାହିଁଲା । ତା' ଆଖିରେ ଅନେକ ଲୁହ ଭର୍ତି ବାଦଲ ଏପଟ ସେପଟ ପହଁରୁଚନ୍ତି । ଅଳ୍ପ ସମୟ ମଧ୍ୟରେ ବର୍ଷି ଯିବାର ସମ୍ଭାବନା । ମୁରଲୀ କହିଲା— ମୁଁ ମୋଟେ ରାଜି ନଥିଲି ଏମିତି ଗୋଟେ ଖୋଲା ଘରକୁ ତମକୁ ଆଣିବାକୁ । ବାବୁ କହିଲେ ତୁ ତୋ ଛୁଆ ପିଲାଙ୍କୁ ନେଇଆ ମୁଁ ଅଳ୍ପ ଦିନ ଭିତରେ କବାଟ ଝରକା ଲଗାଇ ଦେବି, ପଲସ୍ତରା କରିଦେବି ।

ଗୋଲାପ ସ୍ୱାମୀଙ୍କ ମୁହଁକୁ ଚାହିଁଲା । ଅନେକ ଆତ୍ମବିଶ୍ୱାସରେ ତାଙ୍କ ମୁହଁ ଭରପୂର । ନିଜ ମନର ପିଠିକୁ ଥାପୁଡାଇଲା ଗୋଲାପ । ସ୍ୱାମୀଙ୍କ ସୁଖ ଦୁଃଖରେ ଭାଗୀ ହେବା ସ୍ତ୍ରୀର କର୍ତ୍ତବ୍ୟ ।

ଖୋଲା କବାଟ ଆଉ ଝରକାରେ ଅଖା ବାନ୍ଧିଲା । ମାଟି କାଦୁଅ ଚଟାଣକୁ ଲିପି ପୋଛି ସମତୁଲ କଲା । ଗୋଟେ କଣରେ ମାଟିପିଣ୍ଡି ତିଆରି କରି ଭାତ, ଡାଲି, ତରକାରୀ ହାଣ୍ଡି ଓ ପାଣି ହାଣ୍ଡି ରଖିଲା ।

ମୁରଲୀ ରାଜ ମିସ୍ତ୍ରୀ; କିନ୍ତୁ ତା' କାମ ସେତିକିରେ ସୀମିତ ରହିଲା ନାହିଁ । କାନ୍ଥରେ ପାଣି ଦେବା, ବାଲି, ସିମେଣ୍ଟ ଯୋଗାଡ଼ କରିବା ଓ ମୂଲିଆ, ମଜୁରିଆ ଡ଼ାକିବା ସବୁ କାମ ମୁରଲୀ ଉପରେ । କବାଟ ଚଉକାଠ ଓ ଝରକା ପାଇଁ କାଠ କିଣିବା, ଭଲ ବଢ଼େଇ ଡକାଇ ସେ ସବୁ ତିଆରି କରାଇବା ଦାୟିତ୍ୱ ମଧ୍ୟ ମୁରଲୀର ।

ଆନନ୍ଦ ଚନ୍ଦ୍ର ପହି

Digitized by srujanika@gmail.com

ଘର ମାଲିକ ବିରଞ୍ଚି ବାବୁ କେବଳ ଆଠ ଦଶ ଦିନରେ ଥରେ ଘର ପାଖକୁ ଆସନ୍ତି । କାମ କେତେ ବାଟ ଗଲା ବୁଲିକି ଦେଖନ୍ତି । ଘର ପାଇଁ ଆଉ କ'ଣ ଦରକାର ପଚାରନ୍ତି । ଟଙ୍କା ସରିଯାଇଥିଲେ ଟଙ୍କା ଦେଇ ଯାଆନ୍ତି । ତାଙ୍କର ମୁରଲୀ ଉପରେ ଢେର ବିଶ୍ୱାସ, ଢେର ଭରସା । ସିଏ ଟଙ୍କାଟିଏ ଅଧିକ ନେବ ନାହିଁକି ଟଙ୍କାଟିଏ ବରବାଦ କରିବ ନାହିଁ ।

ମୁରଲୀ ତା' ସ୍ତ୍ରୀ ପିଲାଙ୍କୁ ଧରି ରହିବାର ପନ୍ଦର ଦିନ ଭିତରେ ସିଏ ରହୁଥିବା ବଖରାରେ କବାଟ ଝରକା ଲାଗିଲେ ମଧ ବର୍ଷା ଦିନଟା ମାଟି ଚଟାଣରୁ ଝିଆ, ଉଈ, ବିଛା, ଝନ୍ଦା, ପିମ୍ପୁଡ଼ି ବାହାରି ଉତ୍‌ପାତ କରନ୍ତି । ମଶିଣା ତଳୁ ଚତୁର୍‌ମାସ୍ୟାର ହେମାଳ ଉଠେ । ସପନା ଓ ରତନି ରାତି ଅଧରେ ଶୀତ ସମାଳି ନ ପାରି ଉଠିବସନ୍ତି । ଗୋଲାପ ପିଲା ଦୁଇଟାଙ୍କୁ କୋଳରେ ଜାକି ଉଷୁମ କରେ ।

ଇଟା ଫାଙ୍କରେ ଚିତି ସାପଟେ ଦେଖି ମୁରଲୀର ସାତ ବର୍ଷର ପୁଅ ସପନା ହାଉଳି ଖାଇଲା । ମୁରଲୀ ଘରେ ନଥିଲା । ଯାଇଥିଲା ସିମେଣ୍ଟ କିଣିବାକୁ । ଗୋଲାପ ଛୁଆ ଦିଇଟାଙ୍କ ଡେଣାଧରି ଘୋଷାରି ଆଣିଲା ପଦାକୁ । ଛୁଆଙ୍କୁ ବାହାରେ ଛାଡ଼ି ବାଡ଼ିଟାଏ ନେଇ ସାପ ପିଟିବାକୁ ଗଲାବେଳକୁ ସାପଟା କୋଉ ଇଟା ସନ୍ଧିରେ ଲୁଚିଲା ।

ମୁରଲୀ ଆସିଲା ରାତିକୁ । ସାପଟା କୁଆଡ଼େ କୋଉ ଇଟା ସନ୍ଧିରେ ଲୁଚିଲା କେହି ତା'ର ପତ୍ତା ପାଇଲେ ନାହିଁ । ରାତି ସାରା ଆଲୁଅ ଜାଳି ଛୁଆ ଦିଇଟାକୁ ମୁରଲୀ ଆଉ ଗୋଲାପ ଜଗିକି ବସିଲେ ।

ଗୋଲାପ ସକାଳୁ ଜିଦ୍ ଧରିଲା– ଏମିତି ଅପନ୍ତରାରେ ମୋ ଛୁଆଙ୍କୁ ରଖି ପାରିବି ନେଇଁ । ଆଜିରେ ଛୁଆଙ୍କୁ ଧରି ମୁଁ ଗାଆଁକୁ ଯିବି । ତମେ ରହିବ ଯଦି ତମର ଏକୁଟିଆ ରୁହ ।

ମୁରଲୀ ଗୋଲାପକୁ ବୁଝେଇଲା- ଏମିତି ହେଲେ ବାବୁ ଖରାପ ଭାବିବେ । ତୁ ମୋଟେ ବ୍ୟସ୍ତ ହୋନା, ମୁଁ ବାବୁଙ୍କୁ କହି ଦିଇ ଦିନ ଭିତରେ ଏଇ ବଖରାଟା ପଲସ୍ତରା କରି ଦେବି । ପଲସ୍ତରା ହେଇଗଲେ ଆଉ କିଛି ଅସୁବିଧା ହବ ନେଇଁ ।

ଦୁଇ ଦିନ ନୁହଁ ଆଠ ଦିନ ଭିତରେ ସେଇ ଗୋଟେ ବଖରାର ପଲସ୍ତରା କାମ ସରିଲା । ତଥାପି ରାତି ହେଲେ ମଶା, ଡାଆଁଶ, ଝଡ଼ି ପୋକ, ଢୁଳୁଢୁଳୁଆ ପୋକ, ତକାଦ୍‌କି ହୋଇ ଘର ଭିତରକୁ ପଶି ଆସନ୍ତି । ଏତେ ବଡ଼ ପଡ଼ିଆ ମଝିରେ ଏକୁଟିଆ ଘର ହୋଇଥିବାରୁ ପଡ଼ିଆଟା ଯାକର ପୋକ, ମଶା, ଝଡ଼ିପୋକ ସମସ୍ତଙ୍କ ଆକର୍ଷଣ ସେଇ ଘର ପ୍ରତି ।

ଘରଟା ପଲସ୍ତରା ହୋଇଗଲା ପରେ ସପନା ଓ ରତନି ଖୁବ୍ ଖୁସି ହେଲେ । ପଲସ୍ତରା କାନ୍ଥରେ ଚକ୍‌ଖଡ଼ି ଆଉ ଅଙ୍ଗାରରେ ଅନେକ ଅବୁଝା ଗାରକାଟି ସେମାନଙ୍କ

Digitized by srujanika@gmail.com

ଖୁସି ମନର ଛବି ଆଙ୍କିଲେ ।

ରତନି ତା' ବାପା କୋଳରେ ବସି ବାପାଙ୍କୁ ବାରମ୍ବାର ପ୍ରଶ୍ନ କଲା- ବାପା ! ଆମର ଆଉ ସବୁ ବଖରା କୋଉ ଦିନ ସିମେଣ୍ଟ ଦିଆଯିବ ? ଆମ ଘରକୁ ବିଜୁଳି ଆଲୁଅ କେବେ ଆସିବ ? ପଙ୍ଖା କେବେ ଲାଗିବ ?

ସପନା ପଚାରିଲା— ବାପା ! ଆମ ଘର କାଛରେ ଆଲମାରି ହବ ନେଇଁ ? ସେ ଯୋଉ ବାବୁଘର ନୁହଁ ତାଙ୍କ ଘରେ କାଛ ଆଲମାରି ଅଛି । ଆମ ଘରେ ସେମିତିଆ ଗୋଟେ ଆଲମାରି ତିଆରି ହେଲେ ମୁଁ ମୋ ଖେଳ ଜିନିଷ ଥୁଅନ୍ତି ।

ମୁରଲୀ ଦୁଆ ଦୁହିଁଙ୍କ ମୁହଁକୁ ଚାହିଁଲା । ଟିକେ ହସିଲା ଆଉ କହିଲା- ତମେ ଖେଳିବ ଯା । ସବୁ ତିଆରି ହବ । ବିଜୁଳି ଆଲୁଅ ଜଳିବ । ପଙ୍ଖା ବୁଲିବ ।

ରତନି ଅଳି କଲା— ବାପା ! ମୋ ପେଇଁ ଆର ବଖରାରେ ଗୋଟେ ଦୋଳି ଲଗେଇ ଦିଅ । ମୁଁ ଖେଳିବି । ଦବନା ?

ମୁରଲୀ ରତନିକୁ କୋଳକୁ ନେଇ କହିଲା- ମୋ ଝିଅ ଖେଳିବ, ମୁଁ ଦୋଳି ଲଗେଇବି ନେଇଁ ? ନିଶ୍ଚେ ଲଗେଇବି ।

: ଏକୁଟିଆ ଖେଳିବି ଆଉ କାହାକୁ ବସେଇ ଦେବି ନେଇଁ । ଭାଇକି ବି ନୁହଁ ।

: ନା, କାହାକୁ ବସେଇବୁ ନଉଁ । ଏକା ତୁ ଖେଳିବୁ ।

ରତନି ଓ ସପନି ଦୁହେଁ ଖୁସି ମନରେ ଡେଇଁ ଡେଇଁ ଖେଳିବାକୁ ଚାଲିଗଲେ । ମୁରଲୀ ସେମାନଙ୍କ ଯିବା ବାଟକୁ ଚାହିଁଥିଲା ।

ଗୋଲାପ ଆସି ଫେରାଦ ହେଲା— ଦିନ ରାତି ଖାଲି କାମରେ ମାତିଚ, ଦେଖିଲ ମୋ ପିନ୍ଧା ଶାଢ଼ି କେମିତି ଚିରିକି ଠିଆ ଫାଳ ହେଲାଣି । ଆଜି ଯେମିତି ହେଲେ ଖଣ୍ଡେ ନିତି ପିନ୍ଧା ଆଣିବ ।

ମୁରଲୀ ବିରକ୍ତ ହେଲା— ଦେଖୁଚୁ ତ ଦିନ ରାତି କାମ ଲାଗିଚି । ମତେ ବେଳ କାଇଁ ? ଘରଟା ତିଆରି ସରିଯାଉ । ଏମିତି ବ୍ୟସ୍ତ ହେଲେ ଚଳିବ ? ତୁ ତ ଘର ଭିତରେ ଅଛୁ, କୁଆଡ଼େ ଯାଉଚୁ ଯେ ନୂଆ ଲୁଗା ଦରକାର ହଉଚି ?

: ଘର ଭିତରେ ଅଛି ? କ'ଣ ସବୁ ଘର ଭିତରେ ଖଞ୍ଜେଇ ଦେଇଚ ? ପାଣି ଟୋପେ ପେଇଁ ଟିଉବ୍ ୱେଲ୍ ଯିବାକୁ ପଡୁଚି । କିରାସିନି ପେଇଁ ଦୋକାନକୁ ନ ଗଲେ ନ ଚଳେ । ପରିବା ଦି'ଟା କେବେ କିଣିକି ଆଣିଚ ?

: ମତେ ତର ହେଲେ ସିନା ହବ ? ହଉ, ଆଜି ସଂଜ ବେଳେ ବଜାରକୁ ଯିବି । ଯାହା ଦରକାର ସବୁ ଆଣିବି ।

ଗୋଲାପ ଗର ଗର ହେଲା— ଏଇନେ କଇଦଉଚ ଆଉ ଟିକକୁ ତମର ମନେ ନଥିବ । କୁଆଡ଼େ କାମରେ ପଳେଇବ, ଫେରିବ ରାତି ଅଧକୁ ।

ଆନଂଦ ଚଂଦ୍ର ପହି

Digitized by srujanika@gmail.com

ମୁରଲୀ ଗୋଲାପକୁ କଥା ଦେଲା, ଆଜି ନିଶ୍ଚୟ ଶାଢ଼ି କିଣିବ । ଗୋଲାପ ମୁରଲୀ ପକେଟରୁ ରୁମାଲ୍ ବାହାର କରି ଦୁଇଟା ଢେଗା ଢେଗା ଗଣ୍ଠି ପକାଇଲା । ପ୍ରଥମ ଗଣ୍ଠିଟା ତା' ଶାଢ଼ି ପାଇଁ, ଦ୍ୱିତୀୟଟା ପୁଅର ଅଙ୍କ ବହି ପାଇଁ ।

ଘର ମାଲିକ ବିରଞ୍ଚିବାବୁଙ୍କ ସ୍କୁଟର ଘର ଆଗରେ ରହିବାର ଶବ୍ଦ ହେଲା । ଗଣ୍ଠିପକା ରୁମାଲଟା ମୁରଲୀ ହାତକୁ ବଢ଼େଇ ଦେଇ ଅନ୍ୟ ବଖରାକୁ ତରବର ହୋଇ ବାହାରି ଗଲା ଗୋଲାପ ।

ସବୁ ଘର ପଲସ୍ତରା ହେଲା, ସବୁ ବଖରାରେ କବାଟ ଲାଗିଲା । ସପନି ଓ ରତନି ଦୁହେଁ ସମୁଦାୟ କୋଠାଟାକୁ ଦୁହିଁଙ୍କ ଭିତରେ ବାଣ୍ଟି ବସିଲେ । କିଏ କୋଉ ବଖରାଟା ନବ ସେଥିପାଇଁ ଦୁହିଁଙ୍କ ଭିତରେ କଳି ଝଗଡ଼ା ଲାଗିଲା । ରାଗରେ ରତନି ସପନିର ହାତକୁ ପୁଳେ କାମୁଡ଼ି ପକାଇଲା । ସପନି ରତନି ପିଠିରେ ଦୁଲ୍ ଦାଲ୍ କରି ଚାରିଟା ଠିଆ ଗୋଇଠା ମାରିଲା । ରତନି ରାହା ଧରି କାନ୍ଦିଲା । କାମ ଛାଡ଼ି ମୁରଲୀ ଓ ଗୋଲାପ ଧାଇଁ ଆସିଲେ । ଘର ତିଆରି ନ ସରୁଣୁ ଭାଗ ବଣ୍ଟା କରିବା ଠିକ୍ ନୁହଁ ବୋଲି ମୁରଲୀ ତାଙ୍କୁ ବୁଝେଇଲା । ଘର ତିଆରି ସରିଗଲେ ଦୁହିଁଙ୍କ ଭିତରେ ସମାନ ଭାବରେ ସିଏ ନିଜେ ବାଣ୍ଟି ଦେବ । କାହାର ବେଶି ହେବ ନାହିଁକି କାହାର କମ୍ ହେବ ନାହିଁ ।

ଅନେକ ସମୟ ଯାଏ ବୁଝାଇବା ପରେ ସପନି ଓ ରତନି ଝଗଡ଼ା ଟିକେ ଥମିଲା । ରତନିକୁ କାଖ କରି ଗୋଲାପ ବାହାରକୁ ନେଇଗଲା ।

ସେ ଦିନ ରାତି ଦୁଇଟା ବେଳକୁ କ'ଣ ଗୋଟେ ଖଡ଼୍ ଖଡ଼ ଶବ୍ଦ ହେଲା । ମୁରଲୀର ଚାଉଁକା ନିଦ ହଠାତ୍ ଭାଙ୍ଗିଗଲା । ସିଏ କାନ ଡେରିଲା ଷ୍ଟୋର ରୁମ୍ ପାଖରେ ଖଡ଼ ଖଡ଼ ଶୁଭୁଛି । ଷ୍ଟୋର ଘରେ ବଳକା ସିମେଣ୍ଟ ପାଉଟା, ଅଚ୍ଛ କିଛି ଲୁହା ରଡ୍, ଇଲେକ୍ଟ୍ରି ସରଞ୍ଜାମ, ଶାଗୁଆନ କାଠର କବାଟ ଚାରିହଳ, ଏମିତି କେତେ କ'ଣ ଅଛି । କିଏ ଗୋଟେ ଠାଉକିଆ ଚୋର ପଶିଚି । ଚିତେ ଉଚ୍ଚର ଠେଙ୍ଗାଟେ ହାତରେ ଧରି ଗୋଡ଼ ଚିପି ଚିପି ଷ୍ଟୋର ରୁମ୍ ଆଡ଼କୁ ମୁରଲୀ ଚାଲିଲା । ଷ୍ଟୋର୍ ରୁମର କବାଟ ଠିଆ ମେଲା । ଭିତରେ କିଏ ଦିଇଟା ପଶି ଖଡ଼ର ଖଡ଼ର କରୁଛନ୍ତି ।

: କିଏ ? କିଏ ସେଠି ?

ମୁରଲୀର ପାଟି ଶୁଣି ଚୋର ଦିଇଟା ଘର ଭିତରୁ ପଦାକୁ ପଳେଇ ଆସିଲେ । ଗୋଟେ ଚୋର ମୁରଲୀର ପିଠିକୁ ଲକ୍ଷ୍ୟକରି ଛୁରୀ ମାରିଲା । ଅନ୍ଧାରରେ ଛୁରୀଟା ମୁରଲୀର ପିଠିରେ ନ ବାଜି ତା' କାଖ ସନ୍ଧିରେ ଖସିଗଲା । ତଥାପି କାଖଟା ଚାରି ଆଙ୍ଗୁଳି ଚିରି ହୋଇଗଲା । ମୁରଲୀ ଚୋର ଚୋର ବୋଲି ପାଟିକଲା । ଚୋର ଦୁଇଟା ଅନ୍ଧାରରେ ଖସିଗଲେ । ପାଟି ଶୁଣି ଲୋକମାନେ ରୁଣ୍ଡ ହେଲେ । ଚୋରମାନେ କିଛି ଜିନିଷ ନେଇ ପାରି ନାହାଁନ୍ତି ।

ଆନଂଦ ଚଂଦ୍ର ପହି

Digitized by srujanika@gmail.com

ସକାଳୁ ମୁରଲୀ ଡାକ୍ତରଖାନା ଗଲା । ଇଞ୍ଜେକ୍ସନ ନେଲା, ଔଷଧ ଖାଇଲା । ବିରଞ୍ଚିବାବୁ ଆସି ମୁରଲୀକୁ ଧନ୍ୟବାଦ ଦେଲେ । ସିଏ ଚୋରକୁ ରୋକି ନଥିଲେ ସବୁ ଚାଲି ଯାଇଥାନ୍ତା । ଆଉ ଡେରି ନ କରି ଘର କାମ ତୁରନ୍ତ ସାରି ଦେବାକୁ ନିଷ୍ପତ୍ତି ନେଲେ ।

କାନ୍ଥରେ ଯେଉଁଦିନ ଚୂନ ଦିଆଗଲା ସେ ଦିନ ରତନି ଖୁସିରେ ନାଚିଲା । ଚୂନ ଦିଆ ସରିବାର ଆଠ ଦିନ ଭିତରେ ରୋଷେଇ ଘରେ ଗାଧୁଆ ଘରେ, ପାଇଖାନାରେ ପାଣି ପାଇପ୍ ଲାଗିଲା । ସବୁ ବଖରାରେ ପଙ୍ଖା, ବାରଲାଇଟ୍ ଲାଗିଲା ।

ରତନି ଓ ସପନି ଗାଧୁଆ ଘରେ କଳପାଣିରେ ଗାଧୋଇଲେ, ପକ୍କା ପାଇଖାନାରେ ଝାଡ଼ାଗଲେ, ଫୁଲ୍ ସ୍ପିଡ୍‌ରେ ପଙ୍ଖା ଲଗାଇ ପବନ ଖାଇଲେ, ବାରଲାଇଟ୍ ଲଗାଇ ଖୁସିରେ ନାଚିଲେ ।

ଦାଣ୍ଡ ଘର କାନ୍ଥ ଆଲ୍‌ମାରିରେ ସପନିର ବହି, ସିଲଟ, ଜାମା ପେଣ୍ଟ ରହିଲା । ରତନି ଆବୋରିଲା ବେଡ୍ ରୁମ୍‌ର ଆଲମାରିଟା । ସେଥିରେ ଥାକ ଥାକ ସଜେଇ, ଗୋଡ଼ି, କନିଅର ମଞ୍ଜି, କଇଁଆ ମଞ୍ଜି ଆଉ ରବର କଣ୍ଢେଇ ସାଇତି ରଖିଲା ।

ସପନି ଆଉ ରତନି ଦିନକୁ ତିନି ଚାରିଥର ଲେଖାଏଁ ଗାଧୁଆ ଘରେ ପଶି ଗାଧେଇଲେ । ଥଣ୍ଡା ସର୍ଦ୍ଦି ହେବ ବୋଲି ଗୋଲାପ ସେମାନଙ୍କୁ ଯେତେ ଆକଟ କଲେବି କିଏ କୋଉ ବାଗରେ ଯାଇ ପାଇପ୍ ଖୋଲି ତା' ତଳେ ଠିଆ ହୋଇ ପଡ଼ୁଛନ୍ତି ।

ମୁରଲୀର କାନ୍ଧରେ ଓହଳି ଦିନେ ରତନି ଅଳିକଲା- ବାପା ! କହିଥିଲ ଦୋଳି ନଗେଇ ଦବ ବୋଲି । ରଜ ଆଉ ମୋଟେ ଦିଇଦିନ ଅଛି । ଦୋଳି ନଗେଇ ଦିଅ । ଏଇ ଆମ ଘର ଅଗଣାରେ ଦିଇଟା ଦୋଳି ନଗେଇ ଦିଅ । ଗୋଟେ ମୋର, ଆଉ ଗୋଟେ ଭାଇର ।

ସପନି କୁଆଡ଼େ ଥିଲା ଆସି ବାପାର ଅଣ୍ଟାକୁ କୁଣ୍ଢେଇ କହିଲା- ଆମ ପାଇଁ ଦୋଳି ଲଗେଇ ଦିଅ ବାପା ! ଆମେ ରଜକୁ ଦୋଳି ଖେଳିବୁ ।

ଗୋଲାପ ସେମାନଙ୍କ କଥାରେ ହୁଆ ଦେଲା- ହୁଆ ଦିଇଟା ମନ କରିଚନ୍ତି ଦୋଳି ଖେଳିବାକୁ, ଦଉନ ଦିଇଟା ଦୋଳି ଲଗେଇ । ଗାଆଁରେ ଥିଲେ ରଜକୁ ସେମାନେ କେତେ ଦୋଳି ଖେଳିଥାନ୍ତେ ।

ମୁରଲୀ ହାଟରୁ ଦଉଡ଼ି କିଣି ଆଣି ଦିଇ ଜଣଙ୍କ ପାଇଁ ଦିଇଟା ଦୋଳି ଲଗାଇଲା । ରଜ ତିନି ଦିନ ଯାକ ଖୁବ୍ ମନ ଖୁସିରେ ସପନି ଓ ରତନି ଦୋଳି ଖେଳିଲେ ।

ଶେଷ ରଜ ଦିନ ସଂଜ ବେଳ । ଘରମାଲିକ ବିରଞ୍ଚିବାବୁ ଆସି ମୁରଲୀକୁ ଖୋଜିଲେ । ଗୋଲାପ ଆଡ଼ ଆଡ଼ ହୋଇ ମୁଣ୍ଡରେ ଅଧା ଓଢ଼ଣା ଦେଇ ଶୁଣେଇ

Digitized by srujanika@gmail.com

ଶୁଣେଇ କହିଲା– ସିଏ ବଜାରକୁ ଯାଇଚନ୍ତି । ଆଉ ଘଡ଼ିକୁ ଆସିବେ ।

ବିରଞ୍ଚିବାବୁ କହିଦେଇ ଗଲେ– ମୁରଲୀ ଆସିଲେ କହିବ ଆଜି ରାତିରେ ମତେ ଟିକେ ଦେଖା କରିବ । କାମ ଅଛି ।

ରାତି ନଅଟା ବେଳକୁ ମୁରଲୀ ଘରକୁ ଫେରି ଶୁଣିଲା ବିରଞ୍ଚିବାବୁ ଡାକିକି ଯାଇଚନ୍ତି । ଏତେ ଜରୁରୀ ଆଉ କି କାମ ଅଛି ? ଘର କାମ ତ ସବୁ ସରିଲା । ଆଉ କିଛି କାମ ବାକିଥିବା କଥା ତ ସିଏ ଜାଣି ନାହିଁ ।

ଗୋଲାପ କହିଲା– ସିଏ ତ ଡାକିକି ଯାଇଚନ୍ତି, ତମେ ଯିବ । ତମେ ଗଲେ ସିଏ ବଳେ କହିବେ ନେଇଁ କି କାମ କରିବାକୁ ପଡ଼ିବ ? ରାତି ଅନେକ ହେଲାଣି, ତମେ ସହଳ ଫେରିବ ।

: ଯାଉଚି । କେତେବେଳେ ଫେରିବି କହି ହବ ନେଇଁ । ମୋର ଡେରି ହେଲେ ତମେ ଖାଇଦବ । ମୋ ପାଇଁ ଗୋଟେ ଜାଗାରେ ବାଢ଼ିକି ଥୋଇ ଦବ । ମୁଁ ନିଜେ ଆଣିକି ଖାଇଦେବି ।

ମୁରଲୀ ଫେରୁ ଫେରୁ ରାତି ଏଗାରଟା ହେଲା । ଗୋଲାପ ମୁରଲୀର ଫେରିବା ବାଟ ଚାହିଁ ବସିଥିଲା । ମୁରଲୀ କହିଲା- ବାବୁ କହିଲେ, ଘର ପ୍ରତିଷ୍ଠା ହେବ ଏଇ ଅଠେଇଶ ତାରିଖ ଶୁକ୍ରବାର ଦିନ । ଯା ପରେ ଆଉ ଶୁଭ ତିଥି ନାହିଁ । ସିଏ ଘର ଧୋଇବେ, ଘର ସଜାସଜି ହବ, ତାଙ୍କ ଜିନିଷପତ୍ର ଆସିବ । ଆମକୁ କାଲିରେ ଘର ଛାଡ଼ିବାକୁ ପଡ଼ିବ । କଥା ଶେଷ ଆଡ଼କୁ ମୁରଲୀର କଣ୍ଠ ଥରିଉଠିଲା ।

ଗୋଲାପ କାନ୍ଦ କାନ୍ଦ ହୋଇ ପଚାରିଲା– ଆମେ କୋଉଠି ରହିବା ?

: ମୁଁ ବାବୁଙ୍କୁ ସେ କଥା ପଚାରିଲି । ସିଏ କହିଲେ, ମୁଁ ସେ କଥା କେମିତି କହିବି ? ମୋ ଘର ତିଆରି ଚାଲିଥିଲା ପର୍ଯ୍ୟନ୍ତ ସିନା ତମେ ସେ ଘରେ ଥିଲ, ଘର ତିଆରି ସରିଲା, ଏଣିକି ମୁଁ ରହିବି ।

ଗୋଲାପ ସେମିତି କାନ୍ଦ କାନ୍ଦ କଣ୍ଠରେ କହିଲା– ତାଙ୍କୁ କହିଲ ନେଇଁ ସିଏ ତାଙ୍କ ଆଉଟହାଉସ୍‌ ଘରଟା ଆମକୁ ଭଡ଼ା ଦେଇଥାନ୍ତେ ?

ମୁଁ ସେ କଥା ବାକି ରଖିନେଇଁ । ସିଏ କହିଲେ– ଆଉ ଜଣେ ସେ ଘରେ ଭଡ଼ାରେ ଅଛି । ତାକୁ ଏଇଲେ କେମିତି କାଢ଼ିବି ?

ଗୋଲାପ ମୁରଲୀ ମୁହଁକୁ ଚାହିଁ ପଚାରିଲା– ଆମେ ତା’ ହେଲେ ଏଇଲେ କୋଉଠି ରହିବା ? କୁଆଡ଼େ ଯିବା ?

: ମୁଁ ବାବୁଙ୍କୁ ମନା କରି ଦେଇଚି । ମୁଁ କାଲି ଘର ଛାଡ଼ି ପାରିବି ନେଇଁ । ମତେ ଅତି କମ୍‌ରେ ଆଠ ଦିନ ସମୟ ନ ଦେଲେ ଏତେ ହଠାତ୍‌ ଛୁଆ ପିଲା ଧରି କୁଆଡ଼େ ଯିବି ? ଭଡ଼ା ଘର କେମିତି ଯୋଗାଡ଼ କରିବି ?

ଆନନ୍ଦ ଚନ୍ଦ୍ର ପତି

Digitized by srujanika@gmail.com

: ସିଏ କ'ଣ କହିଲେ ?

: କ'ଣ ଆଉ କହନ୍ତେ ? କହିଲେ ଆଠ ଦିନ ନୁହଁ, ତିନି ଚାରି ଦିନ ଭିତରେ ଘର ଛାଡ଼ି ଦେ । ମୁଁ କିନ୍ତୁ ଘରଟିଏ ନ ପାଇବା ପର୍ଯ୍ୟନ୍ତ ଘର ଛାଡ଼ୁ ନେଇଁ ।

ଗୋଲାପ ମୁରଲୀର ଏମିତି କଥା ଶୁଣି ଡରିଗଲା । କହିଲା— ନା, ଆମେ ଯେତେ ଶୀଘ୍ର ହବ ଘର ଛାଡ଼ି ଦେବା । ତାଙ୍କ ସାଙ୍ଗରେ କଳି ଗୋଳରେ ଲାଭ ନାହିଁ । ତାଙ୍କ ଘର ତିଆରି ସରିଗଲା, ସିଏ ତାଙ୍କ ଘର ପ୍ରତିଷ୍ଠା କରିବେ, ନିଜେ ରହିବେ ।

ମୁରଲୀ ପ୍ରତିଦିନ ଯାଏ ଘର ଖୋଜି ଖୋଜି ରାତି ଘଡିଏ, ଦି' ଘଡିକୁ ଫେରେ । ତିନି ଦିନ ଏମିତି ବୁଲିବା ପରେ ପୁଣି ଏମିତି ଗୋଟେ ଅଧାତୋଳା ଘରର ସନ୍ଧାନ ପାଇଲା । ସେ ଘର ଏ ସ୍ଥାନରୁ ଆଠ କିଲୋମିଟର ଦୂର ।

ଘର ଛାଡ଼ିବା ଦିନ ସପନି ଓ ରତନି ଖୁବ୍ ଝିନ୍‌ଝଟ କଲେ । ସେମାନଙ୍କ ସ୍କୁଲ, ସାଙ୍ଗସାଥୀ, ଖେଳପଡ଼ିଆ ସବୁ ଏଠି ରହିଲା । ଏସବୁ ଛାଡ଼ି ଯିବା ପାଇଁ ସେ ଦୁହେଁ ଜମା ରାଜି ହେଲେ ନାହିଁ । ସେମାନେ ଜିଦ୍ ଧରିଲେ ଏଇଟା ତାଙ୍କ ବାପା ତିଆରି କରିଚି । ଏଇଟା ତାଙ୍କ ଘର । ଏ ଘର ସିଏ ଛାଡ଼ିବେ କାହିଁକି ?

ଜୋର୍ ଜବରଦସ୍ତ ପିଲା ଦୁଇଟାଙ୍କୁ ଟେକି ଆଣି ରିକ୍ସାରେ ବସାଇଲା ମୁରଲୀ । ଚଳନ୍ତା ରିକ୍ସାରୁ ସେ ଦୁହେଁ ଡେଇଁ ପଡ଼ିବାକୁ ଛାଟି ପିଟି ହେଲେ । ମୁରଲୀ ଓ ଗୋଲାପ ପିଲା ଦୁଇଟାଙ୍କୁ ରିକ୍ସାରେ ମାଡ଼ି ବସିଲେ । ଖଣ୍ଡେ ଦୂର ପର୍ଯ୍ୟନ୍ତ ସେ ଦୁହେଁ ରାହା ଧରି କାନ୍ଦିଲେ ।

ପୁଣି ସେଇ ଅଧା ତିଆରି ମେଲାଘର । କବାଟ, ଝରକା ନାହିଁ, ତଳ ମାଟି କାଦୁଅ । ଲଙ୍ଗଳା ଇଟା କାନ୍ଥ । ଘରେ ବିଜୁଳି ନାହିଁ କି ପାଣି ନାହିଁ ।

କବାଟ ଝରକା ଜାଗାରେ ଅଖା ଝୁଲା ଗଲା । ପାଣି ହାଣ୍ଡି ଆଉ ଭାତ ହାଣ୍ଡି ବସାଇବା ପାଇଁ ମାଟିର ପିଣ୍ଡି ତିଆରି ହେଲା ।

ପୁଣି ଥରେ ନୂଆ କରି ମୁରଲୀର ଘର ବସିଲା ଅଧା ତିଆରି ଘରେ ।

ବିରଞ୍ଚି ବାବୁଙ୍କ ଘର ପ୍ରତିଷ୍ଠା କାଲି । ଛୁଆ ପିଲା ସମସ୍ତଙ୍କୁ ଧରି ଘର ପ୍ରତିଷ୍ଠା ଉତ୍ସବରେ ଯୋଗ ଦେବା ପାଇଁ ମୁରଲୀ ନିମନ୍ତ୍ରଣ ପତ୍ର ପାଇଛି । ଗୋଲାପ ମନା କଲା ଘର ପ୍ରତିଷ୍ଠାକୁ ଯିବାକୁ । ଯାହାର ହୃଦୟ ବୋଲି କିଛି ନାହିଁ ସେ ଭଳି ଲୋକ ଘରକୁ ଆମେ କାହିଁକି ଯିବା ? ଆମେ କୋଉଠି ରହିଲୁ, କେମିତି ରହିଲୁ ସିଏ କ'ଣ ବୁଝିଲେ ? ଆମେ ପରିବାରଟାଯାକ ତାଙ୍କ ଘର ତିଆରି କାମରେ ଦିଇ ବରଷକାଳ ଖଟିଚୁ । ଆଉବେଷ୍ଟ ଘରଟା ଆମକୁ ଦେଇଥିଲେ ଆମେ କ'ଣ ଭଡ଼ା ଦେଇ ନଥାନ୍ତୁ ?

ମୁରଲୀ କହିଲା, ସିଏ ଯେମିତି ହେଲେ ଆମେ କ'ଣ ସେମିତି ହେବା ? ସିଏ ନିମନ୍ତ୍ରଣ କରିଚନ୍ତି, ଆମେ ଯିବା । ଏତିକିରେ ତାଙ୍କଠୁ ଆମର ସବୁ ସଂପର୍କ ତୁଟିବ ।

ଆନନ୍ଦ ଚନ୍ଦ୍ର ପହି

Digitized by srujanika@gmail.com

ଏଣିକି ସିଏ ତାଙ୍କ ଘରେ, ଆମେ ଆମ ବାଟରେ ।

ଗୋଲାପ କହିଲା- ମୁଁ ଯିବି ଯଦି ଆଉ ଏମିତି ଅଭେକ ହେଇ ଯିବି ନେଇଁ । ସପନି ଆଉ ରତନି ପାଇଁ ଭଲ ଜାମା ପେଣ୍ଟ ବିଖଣ୍ଡ ଆଣ । ମୋର ବି ଭଲ ଶାଢ଼ି ଖଣ୍ଡେହେଲେ ନାହିଁ । ନୂଆ ଶାଢ଼ି ଖଣ୍ଡେ ଆଣ ।

ଘର ପ୍ରତିଷ୍ଠା ଦିନ ଉପର ଓଳି ଚାରିଟା ବେଳକୁ ମୁରଲୀ ତା'ର ପରିବାରକୁ ବେଶ ପୋଷାକ ପିନ୍ଧାଇ ବାହାରିଲା ଭୋଜି ଖାଇ । ସପନି ଆଉ ରତନିକି ଧରି ମୁରଲୀ ଦାଣ୍ଡରେ ଠିଆ ହୋଇଛି, ଗୋଲାପର ପିନ୍ଧା ପିନ୍ଧି ସରୁନାହିଁ ।

: ଟିକେ ଶୁଣିଲ । ଘର ଭିତରୁ ଡାକିଲା ଗୋଲାପ । ମୁରଲୀ ବିରକ୍ତ ହୋଇ ଦାଣ୍ଡରୁ ଘର ଭିତରକୁ ଲେଉଟିଲା । ଗୋଲାପ ଉପରେ ବିରକ୍ତ ହୋଇ କହିଲା— ଏ ମାଇପି ଲୋକଙ୍କର ଦୁନିଆ ଯାକର ଫେସନ । କ'ଣ ଏତେ ବେଳ ଲାଗୁଚି ? ଶାଢ଼ି ଖଣ୍ଡେ ବେଢ଼େଇ ହେଇ ପଡ଼ିବ, ଚାଲି ଆସିବ ।

ଗୋଲାପ କହିଲା, ମୋର ସବୁକାମ ସରିଲାଣି । କେବଳ ସୁନାଚେନ କେଉଁଠାକ କୋଉଠି ରଖିଲି ପାଉନେଇଁ ।

ମୁରଲୀ ବିରକ୍ତି ପ୍ରକାଶ କଲା, ତୋ ଚେନ୍, ତୁ କୋଉଠି ରଖିଥିବୁ । ମତେ କହିଲେ କ'ଣ ହେବ ?

: ମୁଁ ତ ସବୁ ଜାଗା ଖୋଜି ସାରିଲିଣି । ମୁଁ ଭାବୁଛି ସେ ଯୋଉ ଆଗ ଘରେ ଆମେ ଥିଲେ ସେଇଘରେ କୋଉଠି ଛାଡ଼ି ଆସିଲେ ।

: ସେଠି କୋଉଠି ଛାଡ଼ିଲୁ ? ଆଉ କ'ଣ ଥିବ ? ସେ ଘରେ ଦୁନିଆ ଲୋକ ପଶି କାରବାର କରିବେଣି । ଯିଏ ଦେଖିଥିବ ସିଏ ଗାଏବ କରି ଦେଇଥିବ ।

: ତଳେ ଚେନଟାକୁ ଯୋଉଠି ରଖିଲି ଏ ରତନି ରଖେଇ ଦେଲା ନେଇଁ । ସବୁବେଳେ ନେଇକି ତା' କଣ୍ଢେଇ ବେକରେ ପିନ୍ଧେଇଲା । ତା'ରି ଡରରେ ତା' ହାତ ନ ପାଇବା ଜାଗାରେ ସେଇ ଘରେ ଝରକା ଉପର ଠଣାରେ ଥୋଇ ଦେଇଥିଲି । ସେଇଠି ଥିବ ।

ମୁରଲୀ ବୁଝିଲା ବିରଞ୍ଚିବାବୁଙ୍କ ନୂଆ ଘରର ଯେଉଁ ବଖରାରେ ସିଏ ତା' ପିଲା ଛୁଆଙ୍କୁ ଧରି ରହୁଥିଲା ସେଇ ବଖରାର ସ୍କାଇଲାଇଟ୍ ଠଣାରେ ସୁନା ଚେନ୍‌ଟା ଗୋଲାପ ରଖିଛି ।

ମୁରଲୀ କହିଲା— ତୁ ଯଦି ସେଠି ରଖିଛୁ, ତା' ହେଲେ ଥିବ । ତୁ ଥା, ମୁଁ ସାଇକେଲ୍ ନେଇ ଯାଉଚି, ଅଧଘଣ୍ଟାକ ଭିତରେ ଆଣିକି ଆସୁଚି ।

ରତନି, ସପନି ବାପାର ସାଇକେଲ୍ ପଛରେ ଖଣ୍ଡେ ଦୂର ଗୋଡ଼େଇ ଯାଇ ନିରାଶ ହୋଇ ମାଆ ପାଖରେ କାନ୍ଦିଲେ— ବାପା ଭୋଜି ଖାଇବାକୁ ପଳେଇଲେ,

Digitized by srujanika@gmail.com

ଆମକୁ ନେଲେ ନେଇଁ ।

ଗୋଲାପ ସେ ଦୁହିଁଙ୍କୁ ବୁଝାଇଲା– ବାପା ଯାଇଚନ୍ତି ଆମ ସୁନା ଚେନ୍ କେରାକ ଆମ ଆଗ ଘର ଠଣାରୁ ଆଣିବାକୁ । ବାପା ଆସିଲେ ଆମେ ସମସ୍ତେ ଭୋଜି ଖାଇବାକୁ ଯିବା ।

ମାଆର ଆଶ୍ୱାସନାସତ୍ତ୍ୱେ ପିଲା ଦୁଇଟାଙ୍କ ମନରୁ ବିଶ୍ୱାସ ହଟି ଯାଇଥିଲା । ବାପା ସେମାନଙ୍କୁ ଠକି ଦେଇ ଭୋଜି ଖାଇ ଯାଇଥିବା କଥା ସେମାନଙ୍କ ମନରେ ଗାଢ଼ରୁ ଗାଢ଼ତର ହେଉଥିଲା ।

ମୁରଲୀ ବିରଞ୍ଚି ବାବୁଙ୍କ ଘରେ ପହଞ୍ଚିବା ବେଳକୁ ବନ୍ଧୁବାନ୍ଧବ, ସାଙ୍ଗ ସାଥୀ, ନିମନ୍ତ୍ରିତ ଅତିଥିରେ ତାଙ୍କ ନୂଆ ଘର ଭରପୂର । ସେଇ ଘରର ପ୍ରତି କୋଣ ଅନୁକୋଣ ତା'ର ପରିଚିତ । ପ୍ରତି ଇଟା, ସିମେଣ୍ଟ, ବାଲି, ଛଡ଼ରେ ମୁରଲୀର ହାତ ବାଜିଛି । ସେଇ ଘର ଭିତରେ ସିଏ ପିଲା ଛୁଆ ଧରି ଦୁଇ ବର୍ଷକାଳ ରହିଚି । କିନ୍ତୁ ଆଜି ସେଇ ଘର ଭିତରକୁ ପଶିବା ପାଇଁ ଅନୁମତି ଲୋଡ଼ା । ଘର ଭିତରକୁ ମାଡ଼ି ଯାଇଥିବା ପାଦ ଦୁଇଟା ସେଇ ଘର ଦୁଆର ମୁହଁରେ ହଠାତ୍ ବନ୍ଦ ହୋଇଗଲା ।

ଲୋକ ଗହଳି ଭିତରେ ମୁହଁ ଗଳେଇ ମୁରଲୀ ଖୋଜି ଚାଲିଲା ବିରଞ୍ଚି ବାବୁଙ୍କୁ । କିନ୍ତୁ ସିଏ କାହାନ୍ତି ? ଏତେ ସବୁ ଲୋକ ଭିତରେ ମୁରଲୀ ଚିହ୍ନିଥିବା ଲୋକ ଗୋଟିଏ ହେଲେ ନାହିଁ । ବିରଞ୍ଚି ବାବୁଙ୍କ ସ୍ତ୍ରୀ ତାକୁ ଚିହ୍ନିଥିଲେ ମଧ୍ୟ ସିଏ ଘର ଭିତରେ କୁଆଡ଼େ ଅଛନ୍ତି ପନ୍ଦର ମିନିଟ୍ ଏକତ ସେକଡ଼ ପରେ ବି ମୁରଲୀ ତାଙ୍କୁ ଠାବ କରି ପାରିଲା ନାହିଁ ।

ଘର ଭିତରେ ଖିଆପିଆର ଧୂମ୍ ଉଡୁଛି । କିଛି ଲୋକ ଖାଇ ବସିଛନ୍ତି, କିଛି ଲୋକ ଖାଇ ସାରି ବୁଲି ବୁଲି ଘର ଦେଖୁଛନ୍ତି । କିଛି ଲୋକ ଖାଇ ସାରି ଘରକୁ ଫେରୁଛନ୍ତି ଆଉ କିଛି ଲୋକ ଖାଇବାକୁ ଗାଡ଼ି, ମଟର, ସ୍କୁଟର, ମଟର ସାଇକେଲ୍‌ରେ ପହଞ୍ଚୁଛନ୍ତି ।

ମୁରଲୀ ହାତ ଘଡ଼ିକୁ ଚାହିଁଲା । ସଂଧ୍ୟା ଛଅଟା ବାଜିଲାଣି । ଆଉ ଅଧିକ ଡେରି ହେଲେ ଏତେ ବାଟରୁ ପିଲାମାନଙ୍କୁ ଧରି ଆସିବା ପୁଣି ସେମାନଙ୍କୁ ଖୁଆଇ ପିଆଇ ଫେରାଇ ନେବାରେ ଅନେକ ଅସୁବିଧା । ବେଶି ରାତି ହେଲେ ବସ୍ ମିଳିବ ନାହିଁ ।

କାହାକୁ କିଛି ନ କହି ମୁରଲୀ ଘର ଭିତରକୁ ପଶିଲା । ଘର ଭିତରେ ବିରଞ୍ଚି ବାବୁଙ୍କ ସ୍ତ୍ରୀଙ୍କ ସହିତ ଦେଖା ହେଲେ କାମ ହେଇଯାଆନ୍ତା । ସିଏ ଆଗରୁ ରହୁଥିବା ବଖରା ପର୍ଯ୍ୟନ୍ତ ପଶିଗଲା ମୁରଲୀ । ତାକୁ କେହି କିଛି ପଚାରିଲେ ନାହିଁ କି କେହି ବାଧା ଦେଲେ ନାହିଁ । ଚାରିକଡ଼କୁ ଚାହିଁଲା କେହି କୁଆଡ଼େ ନାହିଁ । ଝରକା ଉପରେ ପାଦ ଦେଇ ହାତ ବଢ଼ାଇଲା ସ୍ୱାଇ ଲାଇଟ୍ ଠଣାକୁ । ହାତକୁ ସୁନା ଚେନ୍‌ର ଛୁଆଁ

Digitized by srujanika@gmail.com

ଲାଗିଲା । ଝରକାରୁ ତଳକୁ ଡେଇଁଲା । ହାତରେ ସୁନାଚେନ୍ । ଘର ଭିତରୁ ବାହାରି ଗଲା ବେଳେ କିଏ ଜଣେ ଖପ୍‌କରି ତା'ର ହାତକୁ ଧରି ନେଲା ।

"ସେଟା କ'ଣ ଧରିଛୁ ଦେଖା ।" ଗର୍ଜନ କଲା ସେ ଲୋକଟା । "ବଦମାସ, ଚୋର, ପାଜି ।"

ସେ ଲୋକଟା ଜୋର କରି ମୁରଲୀର ହାତ ମୁଠା ଖୋଲି ଦେଲା । ହାତରେ ସୁନା ଚେନ୍ କେରାଏ । ଲୋକ ଗହଳି ବଢ଼ିଗଲା । ମୁରଲୀ ପିଠିରେ ବିଧା, ଗୋଇଠା, ଚାପୁଡା, ଭୁଷି ବର୍ଷିଗଲା ।

ମୁରଲୀ କାନ୍ଦି କାନ୍ଦି ସଫେଇ ଦେଲା— ମୁଁ ଚୋର ନୁହଁ । ମୁଁ ଏଇ ଘର ତିଆରି କରିଥିବା ରାଜମିସ୍ତ୍ରୀ । ମୋ ସ୍ତ୍ରୀର ସୁନାଚେନ୍‌ଟା ଏଇ ଘର ସ୍କାଇଲାଇଟ୍ ଠଣାରେ ସିଏ ଛାଡ଼ି ଯାଇଥିଲା । ମୁଁ ନବାକୁ ଆସିଥିଲି ।

ମୁରଲୀର କଥା କାହାରି ବିଶ୍ୱାସ ଯୋଗ୍ୟ ହେଲା ନାହିଁ । ଧକ୍କା ବେକା ମାରି ମାରି ମୁରଲୀକୁ ଥାନାକୁ ଟାଣି ଟାଣି ନେଇଥିଲେ ଭୋଜିକୁ ଆସିଥିବା ଦୁଇଟା ଦୁର୍ଦ୍ଧାନ୍ତ ଟୋକା । ମୁରଲୀ ବିକଳ ହୋଇ ସେଇ ଲୋକ ଗହଳି ଭିତରେ ଆଖି ଗଳେଇ ଖୋଜୁଥିଲା ବିରଞ୍ଚିବାବୁ ଓ ତାଙ୍କ ସ୍ତ୍ରୀ ଶୀଳାଦେବୀଙ୍କୁ । କାକୁତି ମିନତି କରୁଥିଲା— ମତେ ଥାନାକୁ ନ ନେଇ ବିରଞ୍ଚିବାବୁଙ୍କ ପାଖକୁ ନିଅନ୍ତୁ । ମୁଁ ଚୋର ନୁହଁ, ମୁଁ ଏଇ ଘର ତିଆରି କରୁଥିବା ରାଜମିସ୍ତ୍ରୀ ।

ଦୁର୍ଦ୍ଧାନ୍ତ ଟୋକା ଦିଇଟା ଚିତ୍କାର କଲେ- ଚାଲ୍‌ବେ ଶଳା, କେତେ ଫେଚେକାମି କାଢୁଛୁ । ତୋର ଯାହା କହିବାର ଅଛି ଥାନାରେ କହିବୁ ।

ମୁରଲୀର ଦୁଇ ଡେଣାକୁ ଧରି ଦୁଇଟା ଟୋକା ଟେକି ଟେକି ନେଇ ଯାଉଥିଲେ । ଖୁବ୍ ବିକଳ ହୋଇ ମୁରଲୀ ଖୋଜୁଥିଲା ବିରଞ୍ଚିବାବୁଙ୍କୁ ।

□□

ଆନନ୍ଦ ଚନ୍ଦ୍ର ପହି

Digitized by srujanika@gmail.com

ତୈଳଚିତ୍ର

ନୂତନଗୃହ ପ୍ରବେଶର ଦ୍ୱିତୀୟ ଦିନରେ ବିଭିନ୍ନ ସ୍ଥାନରେ ବିଭିନ୍ନ ପଦାର୍ଥ ସଜାଇ ରଖୁଥିଲେ ଅଖିଳ। ଡ୍ରଇଁ ରୁମ୍‌ରେ ସୋଫାସେଟ୍, ବହି ଆଲ୍‌ମାରି, ଆକ୍ୱାରିୟମ୍, କଲରଟିଭି, ଟେଲିଫୋନ୍। ଫ୍ରିଜ୍‌ଟା ଡାଇନିଙ୍ଗ୍ ସ୍ପେସ୍‌ରେ ଡାଇନିଙ୍ଗ୍ ଟେବୁଲ୍ ପାଖକୁ ରଖି ସାରିବା ପରେ ତାଙ୍କ ସ୍ତ୍ରୀ ମିତା ବେଡ୍‌ରୁମ୍ ସଜାଇ ସାରି କିଚିନ୍‌ରୁମ୍‌ରେ ଶେଷ ସ୍ପର୍ଶ ଦେବାକୁ ଯାଉଛନ୍ତି ଏତିକି ବେଳେ ତାଙ୍କ ଆଠ ବର୍ଷର ଝିଅ ଚିକି ଜେଜେମାଆଙ୍କ ତୈଳଚିତ୍ରଟା ଟେକି ଟେକି ଅଖିଳଙ୍କ ପାଖରେ ପହଞ୍ଚିଲା।

ତୈଳଚିତ୍ରଟି ଝିଅ ହାତରୁ ନେଇ ଦେଖିଲେ ଅଖିଳ ତାଙ୍କ ମାଆଙ୍କର ଆବକ୍ଷ ତୈଳଚିତ୍ର। ଖୁବ୍ ଜୀବନ୍ତ। ତୈଳଚିତ୍ରଟା ପାଖରୁ ଦେଖିବା ଅପେକ୍ଷା ଦୂରରୁ ଦେଖିଲେ ତାହା ଅଧିକ ପ୍ରାଣବନ୍ତ ଦିଶେ। ଖଣ୍ଡେ ଦୂରରେ କାନ୍ଥକୁ ଡେରି ତୈଳଚିତ୍ରକୁ ଥୋଇ ମାଆଙ୍କ ମୁହଁକୁ ଚାହିଁଲେ। ଚିତ୍ର ଭିତରୁ ମାଆଙ୍କ ମୁହଁଟା ଉଜ୍ଜ୍ୱଳ ଦିଶୁଛି। କେଉଁଠି ଟାଙ୍ଗିବେ ମାଆଙ୍କ ଚିତ୍ରଟାକୁ ?

ଡ୍ରଇଁରୁମ୍ କାନ୍ଥରେ ବଡ଼ ଇଲୋକ୍ଟ୍ରନିକ ଘଣ୍ଟା, ଦୁଇଟା ଫ୍ରେମବନ୍ଧା ଫଟୋ, ଗୋଟିଏ କ୍ୟାଲେଣ୍ଡର, କେତୋଟି ଖଡ଼ିପଥରର ସୌଖୀନ ମୂର୍ତ୍ତି। ମାଆଙ୍କ ତୈଳଚିତ୍ରଟା ଏସବୁ ମେଳରେ ଟାଙ୍ଗିଲେ ହୁଏତ ସେତେଟା ସୁନ୍ଦର ଦିଶିବ ନାହିଁ। ଏମିତି ପରିବେଶ ଭିତରେ ମାଆଙ୍କ ଫଟୋକୁ ଉପଯୁକ୍ତ ମର୍ଯ୍ୟାଦା ମିଳିବ ନାହିଁ। ଡ୍ରଇଂରୁମ୍‌ରେ ଅତିଥି ଅଭ୍ୟାଗତ ଓ ବାହାର ଲୋକଙ୍କ ଚଳାଚଳ, ବସବାସ। ସେମାନଙ୍କ ମଧ୍ୟରୁ କେହି ମାଆଙ୍କୁ ଚିହ୍ନିବାର ସମ୍ଭାବନା କମ୍।

ନିହାତି ଅନ୍ତରଂଗ ପରିବେଶରେ ମାଆଙ୍କ ତୈଳଚିତ୍ରଟି ଟାଙ୍ଗିବା ଠିକ୍ ହେବ।

ଆନଂଦ ଚଂଦ୍ର ପହି

Digitized by srujanika@gmail.com

ସ୍ତ୍ରୀ ମିତାଙ୍କ ସହ ପରାମର୍ଶ କରି ଡାଇନିଙ୍ଗ୍ ସ୍ପେସ୍‌ର କାନ୍ଥରେ ମାଆଙ୍କ ତୈଳଚିତ୍ରଟି ଟାଙ୍ଗିବାର ବ୍ୟବସ୍ଥା କଲେ ଅଖିଳ । ଚିତ୍ର ଭିତରୁ ମାଆ ଯେମିତି ହାତ ବଢ଼ାଇ ତାଙ୍କୁ ଆଶୀର୍ବାଦ କରୁଛନ୍ତି- ସପରିବାର ସମୃଦ୍ଧ, ସମ୍ଭ୍ରାନ୍ତ ଓ ସୁଖୀ ଜୀବନ ଯାପନ କର ଅଖିଳ । ତୋ ପ୍ରତି ମୋର ସମସ୍ତ ସ୍ନେହ, ଶ୍ରଦ୍ଧା ଓ ଶୁଭେଚ୍ଛା ରହିଛି ।

ମାଆଙ୍କ ମୃତ୍ୟୁବେଳର ଚିତ୍ରଟା ଅଖିଳଙ୍କ ଆଖିରେ ମଡ଼େଇ ହୋଇଗଲା । ରକ୍ତ କର୍କଟ ରୋଗରେ ମାଆଙ୍କର ମୃତ୍ୟୁ ହୋଇଥିଲା । ସେତେବେଳକୁ ମାଆଙ୍କୁ ମାତ୍ର ଅଠତିରିଶ ବର୍ଷ କି ଅଣଚାଳିଶ ବର୍ଷ । ଅଖିଳ ସେ ସମୟରେ କଲେଜର ଶେଷ ବର୍ଷର ଛାତ୍ର ।

ଆଖିର ଲୁହ ପୋଛିଲେ ଅଖିଳ । ମାଆଙ୍କୁ କର୍କଟ ରୋଗ ଧରିବାର ବର୍ଷେ ପୂର୍ବର ଫଟୋ ଇଏ । ଦୁର୍ଗାମୂର୍ତ୍ତି ପରି ସୁନ୍ଦର ଓ ଉଜ୍ଜ୍ୱଳ ଦିଶୁଛି ମାଆଙ୍କ ଚେହେରା ।

ମାଆଙ୍କ ତୈଳଚିତ୍ର ଟାଙ୍ଗିବାର ଅନ୍ତରଂଗ ପରିବେଶ ଏଇ ଡାଇନିଙ୍ଗ୍ ରୁମ୍‌ର କାନ୍ଥ । ଡାଇନିଙ୍ଗ୍ ଟେବୁଲ୍‌ରେ ସାଧାରଣତଃ ଅଖିଳ, ତାଙ୍କ ବାପା ବିମଳ, ସ୍ତ୍ରୀ ମିତା ଓ ଝିଅ ଚିକି ପ୍ରତିଦିନ ତିନି ଚାରିଥର ବସିବେ । ସେମିତି ନିକଟ ସଂପର୍କୀୟ ନ ହେଲେ ଡାଇନିଙ୍ଗ୍ ଟେବୁଲ ପର୍ଯ୍ୟନ୍ତ ଆସିବାର ଅଧିକାର କାହାର ନାହିଁ । ତୈଳଚିତ୍ର ଭିତରେ ଥାଇ ମାଆ ତାଙ୍କ ପରିବାର ଓ ସଂପର୍କୀୟମାନଙ୍କ ସାନିଧ୍ୟ ପାଇବେ ନିଶ୍ଚୟ ।

ସରକାରୀ ବାସଭବନର ସଂକୀର୍ଣ୍ଣ ପରିସର ଭିତରୁ ମୁକ୍ତିର ତୃପ୍ତି ଅଖିଳଙ୍କ ପରିବାରର ପ୍ରତ୍ୟେକ ସଭ୍ୟଙ୍କ ମୁହଁରୁ ସ୍ପଷ୍ଟ ପଢ଼ି ହେଉଥିଲା । ନିଜ ଘରେ ନିଜ ପାଦର ଠାଣି, ମୁହଁର ଭାବ କିଛିଟା ନିଆରା ନିଶ୍ଚୟ ।

ସବୁ ଜିନିଷ ଯଥାରୀତି ସଜାସଜି ସାରିବା ପରେ ରାତ୍ରିଭୋଜନ ପାଇଁ ଡାଇନିଙ୍ଗ୍ ଟେବୁଲ୍‌ରେ ବସିଲେ ଅଖିଳ । ବାପା ତାଙ୍କର ଅନେକ ବେଳୁ ଖାଇ ସାରି ଶୋଇବାକୁ ଗଲେଣି । ଦିନ ସାରା ଏପଟ ସେପଟ ହୋଇ ସିଏ ଅତ୍ୟନ୍ତ କ୍ଳାନ୍ତ ।

ଚିକି କିନ୍ତୁ ଶେଷ ପର୍ଯ୍ୟନ୍ତ ଘର ସଜାଇବାରେ ଅଖିଳଙ୍କୁ ସାହାଯ୍ୟ କରିଥିଲା । ମିତା ଯାଇଛନ୍ତି ରନ୍ଧାଖାଦ୍ୟ ଆଣି ଡାଇନିଙ୍ଗ୍ ଟେବୁଲ୍‌ରେ ପରିଷିବାକୁ । ଏତିକିବେଳେ ଜେଜେମାଆଙ୍କ ଫଟୋକୁ ଚାହିଁ ଚିକି କହିଲା– ବାପା, ଜେଜେମାଆଙ୍କୁ ଏ ଡ଼ାଇନିଙ୍ଗ କାନ୍ଥରେ ଖୁବ୍ ଏକୁଟିଆ ଏକୁଟିଆ ଲାଗିବ । ଆମେ ସବୁ ଖାଇପିଇ ଯିଏଯାହା ରୁମ୍‌ରେ ଶୋଇସାରିବା ପରେ ତାଙ୍କୁ ନିଶ୍ଚୟ ଡର ଲାଗିବ । ଜେଜେବାପାଙ୍କର ଫଟୋଟିଏ ତାଙ୍କ ପାଖରେ ଟାଙ୍ଗିଲେ ଭାରି ଭଲ ହୁଅନ୍ତା । ଚିତ୍ର ଦୁଇଟା ସାଙ୍ଗ ହୋଇ ରହନ୍ତେ । କାହାକୁ ଏକୁଟିଆ ଲାଗନ୍ତା ନାହିଁ କି ଡର ଲାଗନ୍ତା ନାହିଁ ।

ଅଖିଳ ଚିକିର ପ୍ରସ୍ତାବଟିକୁ ମନେ ମନେ ପରୀକ୍ଷା କଲେ । ସତକଥା, ବାପାଙ୍କୁ ଆସି ପଅଁଷଠି ବର୍ଷ ହେଲାଣି । ସରକାରୀ ଚାକିରିରୁ ଅବସର ନେବା ପରଠୁ ତାଙ୍କ

Digitized by srujanika@gmail.com

ଦେହ ଆଉ ଆଦୌ ଭଲ ରହୁନାହିଁ । ବାପା ବଞ୍ଚି ଥାଉଁ ଥାଉଁ ତାଙ୍କର ତୈଳଚିତ୍ରଟିଏ କରାଇ ନେଲେ ଭଲହୁଅନ୍ତା । ବାପାଙ୍କୁ ପାଖରେ ବସାଇ ତାଙ୍କର ଲାଇଫ୍ ସାଇଜର ତୈଳଚିତ୍ରଟେ ଆଙ୍କିବା ସୁବିଧା ହେବ । ତୈଳଚିତ୍ରଟା ମଧ୍ୟ ନିଖୁଣ ହେବ ।

ମାଆ ଅସମୟରେ ଚାଲିଗଲେ । ସେଥିପାଇଁ ତାଙ୍କ ଜୀବିତ ଅବସ୍ଥାରେ ତାଙ୍କର ତୈଳଚିତ୍ର କରାଇବା ସମ୍ଭବ ହେଲାନାହିଁ । ତାଙ୍କ ଫଟରୁ ଏ ତୈଳଚିତ୍ର ଅଙ୍କା ଯାଇଛି ।

ବାପାଙ୍କର ତୈଳଚିତ୍ର ଆଙ୍କିବାର ନିଷ୍ପତ୍ତି ଅଖିଳଙ୍କ ମନରେ ଦୃଢ଼ ହୋଇଗଲା । ଖାଇବା ଟେବୁଲ୍‌ରେ ଦିନେ ବାପାଙ୍କ ତୈଳଚିତ୍ର ତିଆରି କରିବା ପ୍ରସ୍ତାବଟା ବାଢ଼ିଲେ ଅଖିଳ । ମିତାଙ୍କ ଅନୁମତି ଲୋଡ଼ିଲେ ।

ମିତା ଶ୍ୱଶୁରଙ୍କ ତୈଳଚିତ୍ର ଅଙ୍କନ ପ୍ରସ୍ତାବକୁ ବିରୋଧ ନ କଲେ ମଧ୍ୟ ପରିବାରର ବର୍ତ୍ତମାନର ଆର୍ଥିକ ପରିସ୍ଥିତି ପ୍ରତି ସ୍ୱାମୀଙ୍କ ଦୃଷ୍ଟି ଆକର୍ଷଣ କଲେ- ପୁଅ ଅମ୍ବରୀଶ ରାଉରକେଲାରେ ଇଂଜିନିୟରିଙ୍ଗ୍ ପଢୁଛି । ତା' ପାଖକୁ ପ୍ରତି ମାସରେ ତିନି ହଜାର ଟଙ୍କା ପଠାଯାଉଛି । ଘର ତିଆରି ପାଇଁ ହଜାର ଲୋକଙ୍କଠାରୁ ଧାର୍ ଉଧାର । ତୈଳଚିତ୍ର ପାଇଁ ଏଇନେ ଦୁଇ ହଜାର କି ତିନି ହଜାର ଟଙ୍କା ଲାଗିବ ।

ଅଖିଳ ବିରକ୍ତ ହେଲେ- ଯେତେ ଲୋକଙ୍କର ଆର୍ଥିକ ଅବସ୍ଥା ସ୍ୱଚ୍ଛଳ ସେଥିରୁ କେତେ ଲୋକ ବାପା ମାଆଙ୍କର ତୈଳଚିତ୍ର କରାଇଛନ୍ତି ତମେ ଜାଣିଛ ? ସବୁ ସ୍ୱଚ୍ଛଳ ଲୋକଙ୍କର ସେ ସବୁ ମାନସିକତା ନାହିଁ କି ରୁଚି ନାହିଁ । ମୁଁ ଖୁବ୍ ଧନଶାଳୀ ଲୋକଙ୍କ ଘରକୁ ଯାଇଛି, ସେଥିରୁ ଅଧିକାଂଶ ଲୋକଙ୍କ ଘରେ ବାପା ମାଆଙ୍କର ବଡ଼ ଫ୍ରେମ୍ ବନ୍ଧା ଫଟୋଟିଏ ମଧ୍ୟ ନାହିଁ । ଧନୀ ଲୋକ ଧନ ପଛରେ ଗୋଡ଼ାଇ ଥାଏ । ଏସବୁ ପାଇଁ ତା'ର ବେଳ, ମନ କି ଧନ କିଛି ବି ସିଏ ଖଟାଇବା ସପକ୍ଷରେ ନଥାଏ ।

ସହରରେ ଚାକିରି କରିଥିବା ଅଧିକାଂଶ ନିମ୍ନ ମଧ୍ୟବିତ୍ତ ଶ୍ରେଣୀର ଲୋକ ଚାହିଲେ ବାପା ମାଆଙ୍କ ତୈଳଚିତ୍ର କରାଇ ପାରନ୍ତେ । ଟିଭି, ଫ୍ରିଜ୍, ସ୍କୁଟର, ୱାସିଂଗ ମେସିନ୍, ସୋଫାସେଟ୍‌ଠାରୁ କ'ଣ ତୈଳଚିତ୍ରର ଦାମ୍ ବେଶି ? ନିକୁଛ ଲୋକଙ୍କ ଘରେ ଏସବୁ ଶୋଭାପାଉଛି ।

ଆମେ ରହିବା ପାଇଁ ଚାରି ପାଞ୍ଚ ଲକ୍ଷ ଟଙ୍କା ଖର୍ଚ୍ଚ କରି କୋଠା ଘରଟେ କରି ପାରିଲେ ଅଥଚ ଦୁଇ ତିନି ହଜାର ଟଙ୍କା ଖର୍ଚ୍ଚ କରି ବାପାଙ୍କ ତୈଳଚିତ୍ରଟେ କରି ପାରିବା ନାହିଁ ? ଟଙ୍କାଟା ବଡ଼ କଥା ନୁହଁ ମିତା, ଇଚ୍ଛା ଥିଲେ ସବୁ କରିହେବ । ଇଚ୍ଛା ନ ଥିଲେ ଯେ କୌଣସି କାମକୁ ଆଳ ଦେଖାଇ ଆଉଏଡ କରିହେବ ।

ମିତା ସ୍ୱାମୀଙ୍କ ମୁହଁର ଦୃଢ଼ତା ଦେଖି ନିଜ ଭିତରେ ନିଜେ ଶଙ୍କି ଗଲେ । କିଛି ନ କହି ଖାଇବା ଛାଡ଼ି ଅନ୍ୟ ବଖରାକୁ ଉଠିଗଲେ ।

ତା' ପରଦିନ ବିଶିଷ୍ଟ ଚିତ୍ରଶିଳ୍ପୀ ନିହାର ପାଣିଗ୍ରାହୀ ଆସିଲେ । ଅଖିଳଙ୍କ ବାପା

Digitized by srujanika@gmail.com

ବିମଳ ସେତେବେଳେ ଡ୍ରଇଁ ରୁମ୍‌ରେ ବସି ଖବର କାଗଜ ପଢୁଥିଲେ । ଅବସର ଗ୍ରହଣ ପରଠାରୁ ବିମଳ ଖୁବ୍ ସକାଳୁ ଶେଯ ଛାଡୁଥିଲେ । ମର୍ଣ୍ଣିଂୱାକ୍ ପାଇଁ ପ୍ରସ୍ତୁତ ହେବା ବେଳକୁ ତାଙ୍କବୃଦ୍ଧ ସାଙ୍ଗମାନେ ଘର ଆଗରେ ତାଙ୍କୁ ଅପେକ୍ଷା କରୁଥିଲେ । କିନ୍ତୁ ଆଜି ତା'ର ବ୍ୟତିକ୍ରମ ଘଟିଛି । ନୂଆସ୍ଥାନ, ନିଜର ସାଙ୍ଗ ଯୋଗାଡ଼ କରିବାକୁ ସମୟ ପାଇ ନାହାଁନ୍ତି ବିମଳ । ଏକୁଟିଆ ମର୍ଣ୍ଣିଂୱାକ କରିବା ପ୍ରୀତିପ୍ରଦ ନୁହଁ କ୍ଲାନ୍ତିକର । ସେଥିପାଇଁ ବିମଳ ମର୍ଣ୍ଣିଂୱାକରେ ନ ଯାଇ ବସି ବସି ଖବର କାଗଜ ପଢୁଥିଲେ । ଅନ୍ୟଦିନ ହୋଇଥିଲେ ତାଙ୍କ ଖବରକାଗଜ ପଢ଼ା ଖରାବେଳେ ଆରମ୍ଭ ହୋଇଥାଆନ୍ତା ।

ଅଖିଳ ଚିତ୍ରଶିଳ୍ପୀ ନିହାର ପାଣିଗ୍ରାହୀଙ୍କ ସହିତ ବାପାଙ୍କୁ ପରିଚୟ କରାଇ ଦେଲେ- ଇଏ ଭୁବନେଶ୍ୱରର କେବଳ ନୁହଁନ୍ତି ଆମ ରାଜ୍ୟର ବିଶିଷ୍ଟ ଚିତ୍ରଶିଳ୍ପୀ । ତାଙ୍କ ପୋଟ୍ରେଟ ପାଇଁ ସେ ଜାତୀୟ ସ୍ତରରେ ପୁରସ୍କୃତ ।

ନିହାର ହାତ ଯୋଡ଼ି ବିମଳଙ୍କୁ ପ୍ରଣାମ କଲେ । ସେ ବୟସ୍କ ଲୋକଙ୍କୁ ଖୁବ୍ ସମ୍ମାନ ଦିଅନ୍ତି । ସେ କୁହନ୍ତି, ପିଲାଦିନେ ସେ ତାଙ୍କ ବାପାଙ୍କୁ ହରାଇଛନ୍ତି । ତେଣୁ ବୟସ୍କ ମଣିଷଟିଏ ଦେଖିଲେ ତାଙ୍କ ଦେହରେ ସେ ତାଙ୍କ ବାପାଙ୍କ ସତ୍ତାକୁ ଅନୁଭବ କରି ପ୍ରଣାମ କରନ୍ତି । ସେ ନମସ୍କାରଟା ସୌଜନ୍ୟର ନୁହଁ ସ୍ୱତଃସ୍ଫୂର୍ତ, ଅନ୍ତରର ଗଭୀରତମ ପ୍ରଦେଶରୁ ନିସୃତ ।

ନିଜର ତୈଳଚିତ୍ର ଅଙ୍କନ ପାଇଁ ପ୍ରଥମେ ଅନିଚ୍ଛା ପ୍ରକାଶ କରିଥିଲେ ମଧ୍ୟ ନାତୁଣୀ ଟିକିର ଅନୁରୋଧ ଏଡାଇ ଦେବାକୁ ସମର୍ଥ ହୋଇ ନଥିଲେ ବିମଳ । ତା' ଜେଜେମାଙ୍କ ତୈଳଚିତ୍ରକୁ ନିଃସଙ୍ଗତାରୁ ବଞ୍ଚାଇବା ପାଇଁ ନିଜର ତୈଳଚିତ୍ର ଅଙ୍କନ ପାଇଁ ସମ୍ମତି ଦେବା ବେଳେ ତାଙ୍କ କଣ୍ଠ ଓଦା ହୋଇ ଯାଇଥିଲା ଓ ତାଙ୍କ ଆଖିରେ ଲୁହ ଆସିଯାଇଥିଲା, ସିଏ ଜଡ଼ିତ କଣ୍ଠରେ ନାତୁଣୀ ପାଖରେ ଅଳି କଲେ କେବଳ ତୈଳଚିତ୍ର ନୁହଁ ମତେ ତୁ ତୋ ଜେଜେମାଙ୍କ ପାଖକୁ ପଠାଇବାର ଶୀଘ୍ର ବନ୍ଦୋବସ୍ତ କର ମାଆ । ସେଠି ସିଏ ନିଃସଙ୍ଗ, ଏଠି ମୁଁ ନିଃସଙ୍ଗ । ନିଃସଙ୍ଗତା କେତେ ଯନ୍ତ୍ରଣାଦାୟକ ସେ କଥା ବୁଝିବା ପାଇଁ ଜଣକୁ ନିଜର ନିଃସଙ୍ଗ ଅବସ୍ଥା ଆସିବା ପର୍ଯ୍ୟନ୍ତ ଅପେକ୍ଷା କରିବାକୁ ହେବ ।

ଚିତ୍ରଶିଳ୍ପୀ ନିହାର ପାଣିଗ୍ରାହୀ ପ୍ରଥମ ସର୍ତ୍ତ ବାଢ଼ିଲେ- ମଉସା ଅତି କମ୍‌ରେ ଚାରି, ପାଞ୍ଚ ଦିନ, ଦିନକୁ ଦୁଇ ଘଣ୍ଟା ଲେଖାଏଁ ମଡ଼େଲ ହୋଇ ବସିବେ । ମୁଁ କାନଭାସ୍‌ରେ ତାଙ୍କର ପେନ୍‌ସିଲ୍ ସ୍କେଚ୍‌କରି ନେବି । ତା'ପରେ ଶେଷବେଳକୁ ଆଉ ତିନି ଚାରିଦିନ ସେମିତି ଫାଇନାଲ୍ ଟଚ ପାଇଁ ମଉସାଙ୍କୁ ବସିବାକୁ ପଡ଼ିବ ।

ବିମଳ ଏ ପ୍ରସ୍ତାବରେ ଆଦୌ ରାଜି ହେଲେ ନାହିଁ । ସେ ଆପତ୍ତି କଲେ– ସିଏ ବୃଦ୍ଧଲୋକ । ଏତେ ସମୟ ଗୋଟିଏ ପୋଜ୍‌ରେ ବସି ପାରିବେ ନାହିଁ ।

ମଡ଼େଲ ଭାବେ ଏତେ ସମୟ ବସିବା ପାଇଁ ବୃଦ୍ଧଙ୍କୁ ବାଧ କରିବା ଉଚିତ

Digitized by srujanika@gmail.com

ହେବନାହିଁ ବୋଲି ଉଭୟ ଅଖିଳ ଓ ଚିତ୍ରଶିଳ୍ପୀ ନିହାର ଏକମତ ହେଲେ । ବିମଳ ବାବୁଙ୍କର ବର୍ତ୍ତମାନର ଫଟୋଟିଏ ଉଠାଇ ତାଙ୍କ ପାଖକୁ ପଠାଇ ଦେବାକୁ କହି ସେ ଦିନ ଚିତ୍ରଶିଳ୍ପୀ ନିହାର ପାଣିଗ୍ରାହୀ ଫେରିଯାଇଥିଲେ ।

ତୈଳଚିତ୍ର ପାଇଁ ନିଜର ନୂଆ ଫଟୋଟିଏ ଉଠାଇବା ନିମନ୍ତେ ମଧ ବିମଳ ଆଗ୍ରହ ପ୍ରକାଶ କଲେ ନାହିଁ । ବରଂ ପୁଅକୁ କହିଲେ– ଅଯଥାରେ ଏତେଗୁଡ଼େ ଟଙ୍କା ଖର୍ଚ୍ଚ କରିବା ଠିକ୍ ନୁହଁ ।

ଅଖିଳ ବିସ୍ମିତ ହେଲେ । ନିଜର ଫଟୋ ଉଠାଇବା ଆଉ ନିଜର ତୈଳଚିତ୍ର ପ୍ରସ୍ତୁତ କରାଇବା ପାଇଁ ସନ୍ୟାସୀ ମଧ ଆଗ୍ରହ ପ୍ରକାଶ କରିବେ । କିନ୍ତୁ ବାପା ଆଗ୍ରହୀ ନୁହଁନ୍ତି । ଏମିତି ଅନାସକ୍ତ ମଣିଷ ଆଜି କାଲି ବିରଳ । ଅନେକ ଦିନ ଧରି ଶିକ୍ଷକତା କଲାପରେ ମଣିଷ କ'ଣ ଏମିତି ନିର୍ଲିପ୍ତ ଆଉ ଉଦାସୀନ ହୋଇଯାଏ ?

ଅଖିଳ ବାପାଙ୍କୁ ବୁଝାଇଲେ- ଫଟୋଟାଏ ଉଠାଇବା ପାଇଁ ବେଶି ଖର୍ଚ୍ଚ ଲାଗିବ ନାହିଁ । ଅତି ବେଶିରେ ତିରିଶ ଚାଳିଶ ଟଙ୍କା ଲାଗିବ । ବେଶି କିଛି ସମୟ ମଧ ଲାଗିବ ନାହିଁ । ମୁଁ ସ୍କୁଟରରେ ବସାଇକି ନେଇ ଯିବି, ଅଧ ଘଣ୍ଟାକ ଭିତରେ ଆଣି ଆପଣଙ୍କୁ ଘରେ ଛାଡ଼ି ଦେଇ ଯିବି । ଆମ ଘର ପାଖରେ ଗୋଟିଏ ଭଲ ଫଟୋ ଦୋକାନ ଏବେ ଖୋଲିଛି ।

ବାପାଙ୍କୁ ବାଧ୍ୟ କରି ଫଟୋ ଦୋକାନକୁ ନେଇଗଲେ ଅଖିଳ । ଫଟୋ ଉଠାଗଲା । ଆଠ ଦିନ ପରେ ତିନୋଟି ରଙ୍ଗିନ୍ ଫଟୋ ସହିତ ନେଗେଟିଭ୍‌ଟିଏ ଧରି ଘରକୁ ଫେରିଲେ ଅଖିଳ । ଫଟୋ ଦୋକାନଟା ନୂଆ ହେଲେ ବି ଭଲ ଫଟୋ ଉଠାଇଛି ।

ବାପାଙ୍କ ହାତରୁ ଫଟୋତକ ଝାଂପି ନେଇ ଚିକି ଧାଇଁଲା ଜେଜେବାପାଙ୍କ ପାଖକୁ । ଖୁବ୍ ଖୁସିରେ ପାଟି କରି ଉଠିଲା- ଦେଖିଲ, ଦେଖିଲ ମୋ ଜେଜେ କେତେ ସୁନ୍ଦର !

ଫଟୋଟିଏ ଚିକି ହାତରୁ ନେଇ ବିମଳ ଦେଖିଲେ । ଚିକିକୁ ଥଟ୍ଟାକରି ତା' ନାକ ଚିପିଦେଇ କହିଲେ- ତୋ ଜେଜେ ସୁନ୍ଦର ହେଲେ କ'ଣ ହେବ, ବୁଢ଼ାଟାଏ ତ ।

ଚିକି ଓ ବିମଳ ଦୁହେଁ ହୋ ହୋ ହୋଇ ହସିଲେ । ଚିକି ହସ ଶେଷରେ ପ୍ରଶ୍ନ କଲା- ବୁଢ଼ାମାନେ କ'ଣ ସୁନ୍ଦର ନୁହଁନ୍ତି ? ଗାନ୍ଧିଜୀଙ୍କ ଫଟୋ କେତେ ସୁନ୍ଦର ତମେ ଦେଖିଛ ? ତାଙ୍କ ଚନ୍ଦାମୁଣ୍ଡ, ଚଷମା, ହାତରେ ବାଡ଼ି କେତେ ସୁନ୍ଦର ! ଯିଏ ଥରେ ଦେଖିଥିବ ସିଏ ତା' ସାରା ଜୀବନ ଭୁଲି ପାରିବ ନାହିଁ ।

ବିମଳ ଚିକିର ନିଷ୍ପାପ ମୁହଁକୁ ଚାହିଁ ରହିଲେ । ତା' ମୁହଁ ଓ ଆଖିରେ ନିର୍ମଳ ହସର ଢେଉ ଖେଳୁଛି ।

ଚିକି ଫଟୋତକ ଆଣି ତା' ବାପାଙ୍କୁ ଫେରାଇ ଦେଇ ଡେଇଁ ଡେଇଁ ବାହାରକୁ

Digitized by srujanika@gmail.com

ପଳାଇଲା ।

ସେଦିନ ଅନେକ ରାତିଯାଏ ଡାଇନିଙ୍ଗ ଟେବୁଲ୍ ପାଖରେ ବସି ତାଙ୍କ ସ୍ତ୍ରୀଙ୍କ ତୈଳଚିତ୍ରକୁ ଚାହିଁ କ'ଣ ଭାବୁଥିଲେ ବିମଳ ।

ସକାଳୁ ଅଖିଳ ସ୍କୁଟର ବାହାର କଲେ । ଆଜି ଚିତ୍ରଶିଳ୍ପୀ ନିହାର ପାଣିଗ୍ରାହୀଙ୍କୁ ବାପାଙ୍କ ଫଟୋ ସହିତ ଏକ ହଜାର ଟଙ୍କା ଆଡ଼ଭାନ୍ସ ଦେବାକୁ ପଡ଼ିବ । ପକେଟ୍‌ରେ ହାତ ମାରିଲେ ଟଙ୍କା ଅଛି । କିନ୍ତୁ ସାର୍ଟର ଉପର ପକେଟ୍‌ରେ ବାପାଙ୍କ ଫଟୋ ରଖିଥିଲେ କୁଆଡ଼େ ଗଲା ? ଫଟୋ ନାହିଁ କି ନେଗେଟିଭ ନାହିଁ । ସମ୍ଭବତଃ ଫଟୋତକ ସାର୍ଟ ପକେଟ୍‌ରେ ନ ରଖି ସିଏ ଅନ୍ୟ କେଉଁଠି ରଖିଦେଇଛନ୍ତି । ଟେବୁଲ୍ ଡ୍ର, ବାକ୍ସ, ଆଲମାରି, ଟିଭି ତଳ, ଫ୍ରିଜ୍ ଉପର ସବୁଆଡ଼ ଖୋଜି ପକାଇଲେ । ଫଟୋର ସନ୍ଧାନ ମିଳୁ ନାହିଁ ।

ମିତାଙ୍କୁ ଡାକ ପକାଇଲେ । ଫଟୋଟା ମିଳୁ ନ ଥିବା କଥା କହିଲେ । ମିତା ସ୍ୱାମୀଙ୍କ ଉପରେ ବିରକ୍ତ ହେଲେ- ସବୁ ଜିନିଷ ତ ମୋତେ ଦିଅ, ଫଟୋତକ କାହିଁକି ନିଜ ପାଖରେ ରଖିଥିଲ ? ସ୍କୁଟର ଚାବି ଖୋଲିବା ବେଳେ କି ଆଉ କୌଣସି କାମରେ ତଳକୁ ନଇଁବା ବେଳେ ଛାତି ପକେଟ୍‌ରୁ ତଳେ ପଡ଼ିଯାଇଥିବ । ବାହାରେ ପକାଇ ଘରେ ଖୋଜିଲେ ପାଇବ କେମିତି ?

ଅଖିଳ ମନେ ପକାଇଲେ- ମୁଁ ଫଟୋ ଆଣି ଘରେ ଦେଖାଇବା ପରେ କେବଳ ବହି ଦୋକାନକୁ ଯାଇଥିଲି । ସେଠି ଟିକିର ଇଂରାଜୀ ବହିଟି କିଣିକି ସିଧା ଘରକୁ ଫେରିଲି । କାଲି ମୁଁ ଆଉ କୁଆଡ଼େ ଯାଇ ନାହିଁ । ଟିକି ବହିଟା ତାକୁ ଦେବାପରେ ସାର୍ଟ ଉତାରି ୱାର୍ଡରୋବ୍‌ରେ ସାର୍ଟଟା ଟାଙ୍ଗିବା ବେଳେ ଫଟୋତକ ପକେଟ୍‌ରୁ ବାହାର କରି ଧରିଥିଲି ତୁମକୁ ଦେବାପାଇଁ, କିନ୍ତୁ ପର ମୁହୂର୍ତ୍ତରେ ସ୍ଥିରକଲି କାଲି ତ ଫଟୋଟା ଚିତ୍ରଶିଳ୍ପୀଙ୍କୁ ଦିଆଯିବ ତୁମକୁ ଦେବି କାହିଁକି, ପୁଣି ନେବି କାହିଁକି ?

ମିତା ଓ ଟିକି ଘରର ଚାରିଆଡ଼ ପୁଣିଥରେ ଖୋଜିଲେ । ଖୋଜା ଖୋଜିରେ ସକାଳ ଓଳିଟା ନଷ୍ଟ ହେଲା । କିନ୍ତୁ ଫଟୋ ମିଳିଲା ନାହିଁ ।

ଅଖିଳ ଗୁମ୍ ମାରି ଭାବିଲେ । ତାଙ୍କର ଠିକ୍ ମନେ ପଡୁଛି ସିଏ ସେଇ ସାର୍ଟ ପକେଟ୍‌ରେ ହିଁ ରଖିଛନ୍ତି । କୁଆଡ଼େ ଆଉ ଗଲା ସେ ଫଟୋ ? ଟଙ୍କା ପଇସା କି ଅନ୍ୟ କିଛି ମୂଲ୍ୟବାନ ପଦାର୍ଥ ହୋଇଥିଲେ ପକେଟ୍‌ରୁ କିଏ ନେଇଯିବାର ସମ୍ଭାବନା ହୁଏ ତ ଥାଆନ୍ତା । କିନ୍ତୁ ବାପାଙ୍କର ଫଟୋ ପୁଣି ତା' ସହିତ ନେଗେଟିଭ୍ ଏସବୁ କାହାର ବା କି କାମରେ ଆସିବ ?

ବିମଳ ମର୍ଣ୍ଣିଂୱାକ୍‌ରୁ ଫେରିଲେ । ଏଇ ତିନି, ଚାରି ଦିନ ହେଲା ନୂଆ ସାଙ୍ଗମାନଙ୍କ ସହିତ ସିଏ ମର୍ଣ୍ଣିଂୱାକ୍‌ରେ ଯାଉଁଚନ୍ତି । ଟିକି ଧାଇଁ ଯାଇ ଜେଜେଙ୍କ

Digitized by srujanika@gmail.com

କାନ୍ଧରେ ଓହଳିପଡ଼ି ଗେହ୍ଲେଇ ହୋଇ କହିଲା– ଢେଢେ ! ଢେଢେ ! ତମ ଫଟୋ ନୁହଁ, ବାପାଙ୍କ ସାର୍ଟ ପକେଟ୍‌ରେ ଥିଲା କିଏ ନେଇ ଯାଇଚି । ବାପା, ମାଆ ଆଉ ମୁଁ କେତେ ଖୋଜିଲୁଣି ମିଳୁନେଇଁ ।

ବିମଳ ସହଜ କଣ୍ଠରେ କହିଲେ- କିଏ କାହିଁକି ନେବ ? ତୋ ବାପାଙ୍କ ପକେଟ୍‌ରୁ କୋଉଠି ପଡ଼ି ଯାଇଥିବ ।

ଚିକି ଜୋର ଦେଇ କହିଲା- ନାଇଁ ଢେଢେ । ବାପା କହୁଚନ୍ତି ସିଏ କାଲି ଘରେ ପହଞ୍ଚି ସାର୍ଟ ପ୍ୟାକେଟ୍‌ରେ ଫଟୋ ଆଉ ନେଗେଟିଭ ରଖିଥିଲେ ।

ତା' ପରଦିନ ମିତା ପ୍ରସ୍ତାବ ଦେଲେ ଫଟୋ ଉଠାଇବା ଖର୍ଚ୍ଚ ମୋଟେ ତିରିଶ ଟଙ୍କା, ଦୁଇ ଦିନ ହେଲା ଆମେ ହଜାର ଟଙ୍କାର ଖୋଜା ଖୋଜି କଲୁଣି । ଏତେ ଖୋଜିବା ଅପେକ୍ଷା ଆଉ ଥରେ ବାପାଙ୍କ ଫଟୋ ଉଠାଇ ଆଣିବାଟା ସହଜ ଓ ସୁବିଧାଜନକ ହେବ ।

ଅଖିଳ ନିଷ୍ପତ୍ତି ନେଲେ- ଆଠ ଦିନ ଯାଉ । ଯଦି ଫଟୋ କୋଉଠୁ ମିଳିବ ତ ଭଲ କଥା, ନ ମିଳିଲେ ଆଉ ଥରେ ଫଟୋ ଉଠାଇବାକୁ ପଡ଼ିବ ।

ଆଠ ଦିନ ଭିତରେ ଘର ଜିନିଷ କାରବାର କଲାବେଳେ ମିତା ମନେ ମନେ ବହୁବାର ସେ ଫଟୋକୁ ଖୋଜିଛନ୍ତି । ଏମିତି ଅନେକ ଥର ଆଗରୁ ଘଟିଛି, ଖୋଜିବା ବେଳେ ନ ମିଳୁ ଥିବା ଜିନିଷ ନ ଖୋଜୁଥିବା ବେଳେ ମିଳିଛି ।

କିନ୍ତୁ ଏ କ୍ଷେତ୍ରରେ ସେମିତି କିଛି ଘଟିଲା ନାହିଁ । ଫଟୋ ଆଉ ମିଳିଲା ନାହିଁ । ବାପାଙ୍କ ଘୋର ବାରଣ ସତ୍ତ୍ୱେ ଅଖିଳ ତାଙ୍କର ଆଉ ଗୋଟିଏ ଫଟୋ ଉଠାଇ ଆଣିଲେ । ଏଥର ଫଟୋ ଓ ନେଗେଟିଭ ଏକାଠି ପଶିଥିବା ଲଫାପାଟିକୁ ନିଜ ପାଖରେ ନ ରଖି ମିତାଙ୍କୁ ଦେଲେ । ମିତା ତାକୁ ନେଇ ଷ୍ଟିଲ୍ ଆଲ୍‌ମାରି ଖୋଲି ଘରର ହିସାବ ଖାତା ଭିତରେ ପୂରାଇ ଖୁବ୍ ଯତ୍ନରେ ରଖିଲେ ।

ତା' ପରଦିନ ସକାଳେ ଚିତ୍ରଶିଳ୍ପୀ ନିହାର ପାଣିଗ୍ରାହୀଙ୍କୁ ଟେଲିଫୋନ୍ କରି ତାଙ୍କୁ ଅଖିଳ ଜଣାଇ ଦେଲେ- ଆପଣ ଘରେ ଥିବେ । ମୁଁ ଏଇ ଅଧ ଘଣ୍ଟାକ ଭିତରେ ବାପାଙ୍କ ଫଟୋ ନେଇ ଆପଣଙ୍କ ପାଖକୁ ଯାଉଛି ।

ମିତା ଆଲମାରି ଖୋଲି ହିସାବ ଖାତାଟି ସ୍ୱାମୀଙ୍କ ହାତକୁ ବଢ଼ାଇ ଦେଲେ । ଫଟୋ ଆଉ ନେଗେଟିଭ୍ ସବୁ ମିଶି ସେଇଥିରେ ଅଛି ।

ଅଖିଳ ହିସାବ ଖାତାଟିକୁ ଖେଲାଇ ଦେଖିଲେ ଲଫାପାଟି ଅଛି; କିନ୍ତୁ ତା' ଭିତରେ ଫଟୋ ନାହିଁ କି ନେଗେଟିଭ୍ ନାହିଁ । ଅଖିଳ ଚିତ୍କାର କଲେ- ଏଥିରେ ତ ଖାଲି ଲଫାପା ଅଛି, ଫଟୋ କାହିଁ ?

ପୁଣି ଥରେ ପରିବାରର ସମସ୍ତେ ଆଶ୍ଚର୍ଯ୍ୟ ହେଲେ । ହିସାବ ଖାତାରୁ ଫଟୋ

Digitized by srujanika@gmail.com

ଆଉ ନେଗେଟିଭ୍ କୁଆଡ଼େ ଗଲା ?

ମିତା ହିସାବ ଖାତାର ପ୍ରତି ପୃଷ୍ଠା ତନ୍ନ ତନ୍ନ କରି ଆଡ଼େଇ ଗଲେ । ଆଲମାରିର ସବୁ ଜିନିଷ କଡ଼ାକଡ଼ି କରି ଦେଖିଲେ । କିନ୍ତୁ ଫଟୋ କୁଆଡ଼େ ଉଭେଇ ଯାଇଛି ।

କଥାଟା ଖୁବ୍ ଗୋଳମାଳିଆ ଜଣାଗଲା । ଅଖିଳ, ମିତା ଓ ଟିକି ପ୍ରତ୍ୟେକଙ୍କ ମୁହଁରେ ସନ୍ଦେହର ବାଦଲ ନେସି ହୋଇ ଯାଇଥିଲା । ସମସ୍ତଙ୍କ ସନ୍ଦେହ ଜଣଙ୍କ ଉପରେ କେନ୍ଦ୍ରୀଭୂତ ହୋଇଛି । କିନ୍ତୁ କେହି ମୁହଁ ଖୋଲି ତାଙ୍କ ନାଆଁଟା ପ୍ରକାଶ କରିବାକୁ ଭରସି ପାରୁ ନାହାଁନ୍ତି ।

ବିମଳ ସେ ପର୍ଯ୍ୟନ୍ତ ମର୍ଣ୍ଣିଙ୍ଗୱାକରୁ ଫେରି ନ ଥିଲେ । ସମସ୍ତେ ଉଠିଲେ ତାଙ୍କ ଶୋଇବା ବଖରାକୁ । କ୍ୟାଲେଣ୍ଡର ପଛପାଖ, ଇଜି ଚେୟାର ସନ୍ଧି, ଟେବୁଲ୍ ଡ୍ରୟାର, କାଚ ଆଲମାରି ଥାକ, ସାର୍ଟପକେଟ, ତକିଆତଳ, ତକିଆଖୋଳ ଭିତର, ଭାଗବତ, ଓ ମହାଭାରତ ବହିର ପୃଷ୍ଠା, ଖବର କାଗଜ ଭିତର ଏମିତି ଯେତେ ସବୁ ସମ୍ଭାବ୍ୟ ସ୍ଥାନ ଖୋଜି ଚାଲିଲେ ତିନି ଜଣଯାକ । ମିତା ମଝିରେ ମଝିରେ ବାହାରକୁ ଚାହୁଁଥାନ୍ତି, କାଳେ ବାପା ଆସିଯିବେ ।

ଅଖିଳ କହିଲେ– ନା, ବାପାଙ୍କର ଫେରିବା ବେଳ ହୋଇନାହିଁ । ସିଏ ଫେରିବାକୁ ଆହୁରି ଅଧଘଣ୍ଟାଏ ଉପରେ ସମୟ ଅଛି । ଭଲ ଭାବରେ ଖୋଜ ।

ସମୁଦାୟ ଘର ବଖରାଟା ଦୁଇ ତିନିଥର ଖୋଜା ସରିଲାଣି । କିନ୍ତୁ ଫଟୋ ନାହିଁ କି ନେଗେଟିଭ ନାହିଁ । ସମସ୍ତେ ନିରାଶ ହୋଇ ଖଟ ଉପରେ ବସି ପଡିଲେ । ଟିକି କ'ଣ ଭାବି ଖଟ ଉପରେ ବିଛାହୋଇଥିବା ଶେଯଟାକୁ ପାଦଆଡୁ ଟେକି ଦେଇ ଚିତ୍କାର କଲା– ଏଇଠି, ଏଇଠି ଅଛି । ବିସ୍ମୟ ବିସ୍ଫାରିତ ଛଅଟି ଆଖି ଠୁଳ ହେଇଗଲା ସେଇ ଗୋଟିଏ ସ୍ଥାନରେ । ଦୁଇଥର ଉଠାଯାଇଥିବା ଛଅଟିଯାକ ଫଟୋ ଓ ଦୁଇଟି ନେଗେଟିଭ୍ ଶେଯ ତଳେ ଥୁଆ ଯାଇଛି ।

ବାପା ଫଟୋଗୁଡ଼ିକୁ ଏମିତି ଲୁଚାଇବାର କାରଣ କ'ଣ ଅଖିଳ କି ମିତା କେହି ଅନୁମାନ କରି ପାରିଲେ ନାହିଁ । ସିଏ ଜଣେ ଅବସରପ୍ରାପ୍ତ ଆଦର୍ଶ ଶିକ୍ଷକ । ତାଙ୍କ ଜୀବନ ଏକ ଖୋଲା ପୃଷ୍ଠା । ଖୁବ୍ ସାଧୁ, ସରଳ, ସଚ୍ଚରିତ୍ର ମଣିଷ ଭାବେ ସିଏ ସବୁଠି ପରିଚିତ । ତାଙ୍କ ନିର୍ମଳ ଚରିତ୍ରକୁ ନେଇ ସିଏ ଯେତିକି ଗର୍ବ କରନ୍ତି ତାଙ୍କ ପରିବାର ଲୋକେ ତାଠୁ ବେଶି ଗର୍ବ ଅନୁଭବ କରନ୍ତି । କିନ୍ତୁ ଏମିତି ଗୋଟେ ଲୁଚା ଚୋରା କାମ ସିଏ କେଉଁ ପରିସ୍ଥିତିରେ କରିବାକୁ ବାଧ୍ୟ ହେଲେ ତାହା ଅଖିଳଙ୍କୁ ଆନ୍ଦୋଳିତ କଲା । ତାଙ୍କ ମନରେ ବାପାଙ୍କ ପ୍ରତି ଥିବା ବିଶ୍ୱାସଟା ଦୋହଲି ଯାଇଛି ।

ହୁଏତ ବାପାଙ୍କ ତୈଳଚିତ୍ର ପାଇଁ ହେବାକୁ ଥିବା ଖର୍ଚ୍ଚ କଥା ମିତା ଯାହା କହିଥିଲେ ସେ କଥା ବାପାଙ୍କ କାନରେ ପଡ଼ିଛି । ହୁଏତ ବାପା ସେଥିପାଇଁ ଏମିତି

Digitized by srujanika@gmail.com

ଅଦ୍ଭୁତ ଆଚରଣ ଦେଖାଉଛନ୍ତି । କିଛି ଖର୍ଚ୍ଚ କରିବା ପୂର୍ବରୁ ଏମିତି ଗୋଟେ ଆଲୋଚନା ପରିବାର ଭିତରେ ଖୁବ୍ ମାମୁଲି କଥା । ବୟସ୍କ ହେଲେ ମଣିଷ ଅଧିକ ଅଭିମାନୀ ହୁଏ । ନିଜ ଘରେ ବି ଅତିଥି ପରି ମାନ ସମ୍ମାନ ଓ ସଂଭ୍ରମ ଖୋଜେ ।

ମିତା କହିଲେ- ମୁଁ ଯେତେବେଳେ ଖର୍ଚ୍ଚ କଥା ତୁମ ଆଗରେ ଉଠାଇ ଥିଲି ସେତେବେଳେ ବାପା ଘରେ ନ ଥିଲେ । ବାପାଙ୍କ କାନରେ ସେ କଥା ଆଦୌ ପଡ଼ିନାହିଁ ।

ଏମିତି ବି ହୋଇପାରେ, ବୋଉଙ୍କ ତୈଳଚିତ୍ର ପାଖରେ ବାପାଙ୍କ ତୈଳଚିତ୍ର ଟାଙ୍ଗିଲେ ସମ୍ଭବତଃ ସମସ୍ତେ ଧାରଣା କରିବେ ଦୁହେଁ ସ୍ୱର୍ଗାରୋହଣ କରି ସାରିଛନ୍ତି । ଏଇ କଥାଟା ଭାବି ହୁଏତ ବାପା ଚାହୁ ନାହାଁନ୍ତି ତୈଳଚିତ୍ର କରାଇବା ପାଇଁ ।

ଅଖିଳ ଯୁକ୍ତି କଲେ - ନା, ମାଆ ସ୍ୱର୍ଗାରୋହଣ କରିଛନ୍ତି, ତାଙ୍କ ତୈଳଚିତ୍ରରେ ଫୁଲମାଳ ଦିଆଯାଇଛି । ବାପା ଜୀବିତ ଅଛନ୍ତି, ତାଙ୍କ ତୈଳଚିତ୍ରରେ ଫୁଲମାଳ ଦିଆଯିବ ନାହିଁ । ଏମିତି ଗୋଟେ ସାମାନ୍ୟ କଥା କ'ଣ ବାପାଙ୍କ ପରି ଦୀର୍ଘ ଦିନ ଶିକ୍ଷକତା କରିଥିବା ଜଣେ ମଣିଷକୁ ଅଜଣା ଥିବ ?

ମଣିଷର ମନ ପଢ଼ିବାକୁ କେହି ସମର୍ଥ ନୁହଁ । ମଣିଷ ମନର ଆକଳନ ପାଇଁ ଆଧୁନିକ କମ୍ପ୍ୟୁଟର ବି ଏଯାଏ ସମର୍ଥ ହୋଇପାରି ନାହିଁ ।

ବାହାରେ କଲିଂବେଲ୍ ବାଜିଲା । କେହି ଜଣେ ବାହାର ଲୋକ ଆସିବାର ସଙ୍କେତ ପାଇ ଅଖିଳ ଓ ମିତା ସଜାଗ ହେଲେ । ଦରଜା ପାଖରୁ ବିମଳଙ୍କ ସାଙ୍ଗ ପଞ୍ଚାନନବାବୁଙ୍କୁ ପାଛୋଟି ଆଣିଲା ଚିକି । ଫରେଷ୍ଟ ଅଫିସର୍ ଶ୍ରୀଚନ୍ଦନବାବୁଙ୍କ ବାପା ଏଇ ପଞ୍ଚାନନବାବୁ । ସରକାରୀ ଚାକିରିରୁ ଅବସର ଗ୍ରହଣ ପରେ ପୁଅ ପାଖରେ ରହୁଛନ୍ତି । ଖୁବ୍ ଅଭିଜ୍ଞ ଓ ହିସାବୀ । ମାପ୍ ଚୁପ୍ କଥାବାର୍ତ୍ତା ।

ପଞ୍ଚାନନବାବୁଙ୍କୁ ଦେଖି ସଂଭ୍ରମରେ ଠିଆ ହୋଇ ପଡ଼ିଲେ ଅଖିଳ ଓ ମିତା । ବିମଳଙ୍କ ବଖରାରେ ସମସ୍ତ ଜିନିଷ ବିପର୍ଯ୍ୟସ୍ତ । ଖଟର ଶେଯ ଅଧା ଓଲଟା ଯାଇଛି । ଖଟତଳର ସବୁ ଜିନିଷ କଢ଼ାଯାଇ ଏଣେ ତେଣେ ବିଞ୍ଚି ହୋଇ ପଡ଼ିଚି । କାଚ୍ଛ ଆଲ୍‌ମାରି ଥାକର ବହିପତ୍ର ଘରସାରା ଗୋଟି ଗୋଟି ହୋଇ ପଡ଼ିଛି । ଘରର ସବୁ ଜିନିଷ ଓଲଟ, ପାଲଟ, ଘଣ୍ଟା ଚକଟା ହୋଇଛି ।

କାଛକୁ ଡେରା ହୋଇଥିବା ଆରାମ୍ ଚେୟାରଟିକୁ ଲୁଗା କାନିରେ ଝାଡ଼ିଝୁଡ଼ି ଠିକ୍ ଠାକ୍ କରି ପଞ୍ଚାନନ ବାବୁଙ୍କୁ ବସିବାକୁ ଦେଲେ ମିତା । ସିଏ ଚେୟାରରେ ବସୁ ବସୁ ପଚାରିଲେ- ଘର ଜିନିଷ କ'ଣ ଏମିତି କଢ଼ା କଢ଼ି ହୋଇଛି ? ଘରେ ଚୂନ ଦିଆ ଯିବାର ଅଛିକି ?

ଅଖିଳ ଆଗ ପଛ ହୋଇ ଶେଷରେ ପ୍ରକୃତ କଥାଟା ପଞ୍ଚାନନବାବୁଙ୍କ ପାଖରେ ପ୍ରକାଶ କଲେ । ବାପାଙ୍କର ଏମିତି ଅଦ୍ଭୁତ ଆଚରଣର କାରଣ କ'ଣ ବୋଲି ସିଏ

Digitized by srujanika@gmail.com

ଜାଣିପାରୁ ନାହାଁନ୍ତି । କିଛି ଅନୁମାନ ବି କରିପାରୁ ନାହାଁନ୍ତି ।

ପଞ୍ଚାନନବାବୁ କିଛି ସମୟ ଚିନ୍ତା କରିବା ମୁଦ୍ରାରେ ସ୍ଥିର ହୋଇ ରହି ତା'ପରେ କହିଲେ— ନା, ସେମିତି କିଛି ଯୁକ୍ତିଯୁକ୍ତ କାରଣ ମତେ ଦିଶୁନାହିଁ । କେବଳ....

: କେବଳ କ'ଣ ମଉସା । ଯାହା ଚିନ୍ତା କରୁଛନ୍ତି ଖୋଲାଖୋଲି କୁହନ୍ତୁ । ଆପଣ ଆମ ପିତୃସ୍ଥାନୀୟ, ଆପଣଙ୍କ ଆଗରେ ଖୋଲାଖୋଲି ସବୁକଥା ସ୍ୱୀକାର କରିବାରେ ଆମର ଟିକେ ହେଲେ ସଂକୋଚ ନାହିଁ । ଆମର ଯଦି କିଛି ତ୍ରୁଟି ଆପଣଙ୍କ ନଜରକୁ ଆସିଛି, ତା' ହେଲେ କୁହନ୍ତୁ । ଆମେ ସବୁକଥାକୁ ସ୍ପୋଟିଭ୍‌ଲି ଗ୍ରହଣ କରିବୁ ।

ପଞ୍ଚାନନ ବାବୁ ଏକ ସଙ୍ଗରେ ମୁଣ୍ଡ ଆଉ ହାତ ହଲାଇ କହିଲେ- ନା, ପୁଅ ! ସେମିତି କିଛି ଗୁରୁତର କଥା ନୁହଁ । ମୋର ସନ୍ଦେହ ହେଉଛି, ତୁମର ମାଆଙ୍କ ତୈଳଚିତ୍ରଟା ଭଲ ଭାବରେ ଅଙ୍କାଯାଇ ନଥିବ....

ଅଖିଳ ପ୍ରତିବାଦ କଲେ- ନା, ମଉସା ! ମାଆଙ୍କ ତୈଳଚିତ୍ରଟା ଖୁବ୍ ସୁନ୍ଦର ହୋଇଛି । ମାଆଙ୍କ ତୈଳଚିତ୍ର ଆଙ୍କିଥିବା ଚିତ୍ରଶିଳ୍ପୀ ମଧ୍ୟ ବାପାଙ୍କ ତୈଳଚିତ୍ର ତିଆରି କରିବେ ।

ଡାଇନିଙ୍ଗ୍ ଟେବୁଲ ଉପରେ ଚଢ଼ି କାନ୍ଥରୁ ଜେଜେମାଆଙ୍କ ତୈଳଚିତ୍ରଟାକୁ ନେଇ ଆସିଲା ଚିକି । ପଞ୍ଚାନନବାବୁ ତୈଳଚିତ୍ରଟାକୁ ଦେଖି ଦେଖି ହୋ ହୋ ହସି ଉଠିଲେ ।

ଅଖିଳ ଓ ମିତା ପଞ୍ଚାନନବାବୁଙ୍କ ଏମିତି ଉଚ୍ଚସ୍ୱର ହସର କାରଣ କିଛି ଅନୁମାନ କରିପାରିଲେ ନାହିଁ ।

ହସକୁ ଚାପି ପଞ୍ଚାନନବାବୁ କହିଲେ— ଏମିତି କଥାଟା କେହି ବି କହି ପାରନ୍ତେ ନାହିଁ । ବିମଳବାବୁ କେମିତି କହିବେ ? ସହଜେ ତ ସିଏ ଜଣେ ଆଦର୍ଶ ଶିକ୍ଷକ ।

ବାପା କ'ଣ କହି ନ ପାରି ଏମିତି କାମ କଲେ, ସେ କଥାଟା ତଥାପି ଅଖିଳ କି ମିତା କେହି ବୁଝି ପାରିଲେ ନାହିଁ । ଦୁହେଁ କେବଳ ବୋକା ବୋକା ଆଖିରେ ପଞ୍ଚାନନବାବୁଙ୍କ ମୁହଁକୁ ଚାହିଁ ରହିଲେ ।

ପଞ୍ଚାନନବାବୁ ଅଖିଳଙ୍କ ମାଆଙ୍କ ତୈଳଚିତ୍ରଟିକୁ ଚାହିଁ ରହି କହିଲେ- ତୁମ ମାଆଙ୍କର ତୈଳଚିତ୍ରଟି ଖୁବ୍ ସୁନ୍ଦର ଅଙ୍କା ହୋଇଛି ସତ, କିନ୍ତୁ ତୁମ ମାଆଙ୍କର ଇଏ କେତେ ବୟସର ଫଟୋ ? ଚିତ୍ରରୁ ଜଣାଯାଏ ତୁମ ମାଆଙ୍କ ବୟସ ସେତେବେଳେ ପଇଁତ୍ରିଶ, ଛତିଶରୁ ବେଶି ହେବ ନାହିଁ ।

ଅଖିଳ ଓ ମିତା କଥାଟାକୁ ତଥାପି ବୁଝିବାକୁ ସମର୍ଥ ହେଲେ ନାହିଁ । ଅଖିଳ ଉତ୍ତର ଦେଲେ— ହଁ ମାଆଙ୍କ ଫଟୋ ନିଆଗଲା ବେଳେ ତାଙ୍କୁ ପଇଁତ୍ରିଶି ବର୍ଷ ହୋଇଥିବ । କିନ୍ତୁ ମାଆଙ୍କ ବୟସ ସହିତ ବାପାଙ୍କର ଏମିତି ଆଚରଣର କି ସଂପର୍କ ଅଛି ?

ଆନଂଦ ଚଂଦ୍ର ପହି

Digitized by srujanika@gmail.com

ପଞ୍ଚାନନବାବୁ ଏଥର କଥାଟାକୁ ପରିଷ୍କାର କରିଦେଲେ– ଏ ତୈଳଚିତ୍ରରେ ତୁମ ମାଆଙ୍କ ବୟସ ପଚିଁତିରିଶି ବର୍ଷ । କିନ୍ତୁ ତୁମ ବାପାଙ୍କ ଏ ଯେଉଁ ଫଟୋ ଏଥିରେ ଅଛି ଏହା ତୁମର ପଅଁଷଠି ବର୍ଷର ବୁଢ଼ା ବାପାଙ୍କର ଛବି । ଚିତ୍ରଶିଳ୍ପୀ ତୁମ ବାପାଙ୍କର ଏଇ ଛବିକୁ ଦେଖି ତୁମ ପଅଁଷଠି ବର୍ଷର ବୁଢ଼ା ବାପାଙ୍କର ତୈଳଚିତ୍ରଟିଏ ଅଙ୍କନ କରିବେ । ଏଇ ପଇଁତିରିଶି ବର୍ଷର ସୁନ୍ଦରୀ ଭଦ୍ରମହିଳାଙ୍କ ତୈଳଚିତ୍ର ପାଖରେ ତୁମ ବୃଦ୍ଧ ବାପାଙ୍କର ତୈଳଚିତ୍ରଟି ଟାଙ୍ଗିଲେ କ'ଣ ଦେଖାଯିବ ଏବେ ତୁମେ ଅନୁମାନ କରିପାରୁଛ ? ତୈଳଚିତ୍ର ଦୁଇଟି ସ୍ୱାମୀ ସ୍ତ୍ରୀଙ୍କ ଚିତ୍ରପରି ଦେଖାଯିବ ନା ଶ୍ୱଶୁର ବୋହୂ ଚିତ୍ର ଏକତ୍ର ଟାଙ୍ଗିବା ପରି ଦେଖାଯିବ ?

ଅଖିଳଙ୍କ ମାଆଙ୍କ ତୈଳଚିତ୍ର ପାଖରେ ବିମଳବାବୁଙ୍କ ଫଟୋଟିଏ ଟେକି ଧରି ଦେଖାଇଲେ ପଞ୍ଚାନନବାବୁ । ପଚାରିଲେ– କେମିତି ଦେଖାଯାଉଛି ଦେଖ ।

ମର୍ଣ୍ଣିଙ୍ଗୱାକ୍‌ରୁ ଫେରି ନିଜ ବଖରାକୁ ହଠାତ୍ ପଶି ଆସିଲେ ବିମଳ । ତାଙ୍କ ଫଟୋ, ସ୍ତ୍ରୀଙ୍କ ତୈଳଚିତ୍ର ଓ ପଞ୍ଚାନନବାବୁଙ୍କ ସହିତ ନିଜ ପୁଅ, ବୋହୂ ଓ ନାତୁଣୀ ତିନିକୁ ଏମିତି ଅବସ୍ଥାରେ ଦେଖି ଅପ୍ରତିଭ ହୋଇ ଠିଆହୋଇଥିଲେ । ତାଙ୍କର ଅପ୍ରସ୍ତୁତ ପାଦ ଆଉ ଆଗକୁ ବଢୁ ନ ଥିଲା କି ପଛକୁ ଫେରୁ ନ ଥିଲା ।

□□

Digitized by srujanika@gmail.com

ମୁହାଁମୁହିଁ

ମାଲ୍ଲୀ ବଳଦ ଗାଡ଼ିରୁ ଓହ୍ଲେଇ ତରବର ହୋଇ ଦାଣ୍ଡଘରେ ପଶିଲା । ବାପାଙ୍କ ଗୋଡ଼ରେ ମୁଣ୍ଡରେ ହାତ ବୁଲାଇଲା । କମଳା ପାଖୁଡ଼ାଏ ଛଡ଼ାଇ ବାପାଙ୍କ ଜରୁଆ ପାଟିରେ ଚଟେଇ ଦେଲା । ତା' ବାପାଙ୍କ ଆଖି ଦୁଇଟା ମଲ୍ଲୀର ମୁହଁ ଚାରିକଡ଼େ ବୁଲିବୁଲି ତାକୁ ଚିହ୍ନୁଥିଲା ।

କେତେବେଳକେ ମଲ୍ଲୀବାପା ପଚାରିଲେ— ମାଆ ମଲ୍ଲୀ, ସମୁଦିଙ୍କ ଦେହ କେମିତି ଅଛି ? ତାଙ୍କୁ କାହା ପାଖରେ ଛାଡ଼ିକି ଆସିନୁ ? ଏତକ କହୁ କହୁ ତାଙ୍କୁ କାଶ ଆସିଲା । କାଶିକାଶି ଅଣକାଇଦି ହୋଇଗଲେ । ତରବରକି ମଲ୍ଲୀ ତା' ବାପାଙ୍କୁ ପାଣିପେଇଲା । ଛାତି ଆଉ ପିଠି ଆଉଁଶୁ ଆଉଁଶୁ କହିଲା— ତମେ ବେସ୍ତ ହୁଅନା ବାପା । ମୁଁ ତାଙ୍କ ପାଖରେ ରେଣୁକୁ ଛାଡ଼ିକି ଆଇଚି । ରେଣୁ ଦୂର ଲେଖାରେ ମୋର ନଣନ୍ଦ ହେବ ।

ମଲ୍ଲୀର ଶ୍ୱଶୁରଙ୍କ ଦେହ ଅତି ଖରାପ । ତିନି ବର୍ଷହେଲା ତାଙ୍କ ବାଆଁ ଫାଳକ ଅଚଳ । ସେଇ ବିଛଣାରେ ଝାଡ଼ା, ପରିସ୍ରା, ଗାଧୁଆ, ଖିଆପିଆ । ଶାଶୁ ଥିଲେ ଏତେ କାମ ମଲ୍ଲୀ ଉପରେ ପଡୁ ନ ଥାନ୍ତା । ଶ୍ୱଶୁର ଟିକେହେଲେ ମଲ୍ଲୀକୁ ପାଖରୁ ଛାଡ଼ନ୍ତି ନାହିଁ । ଦିଅର ଧନିଆଁର ବାହା ବୟସ ହେଲାଣି । ତାଙ୍କଲାଗି କନିଆ ଖୋଜା ଚାଲିଛି । ତାଙ୍କର ଏମିତି ଛିଟିକୁଟିଆ ରାଶି ଯେ, ଜାତକ କାହାରି ସାଙ୍ଗରେ ମେଳ ଖାଉନାହିଁ । ଧନିଆଁ ବାହାହେଲେ ମଲ୍ଲୀକୁ ଟିକେ କାମ ହାଲୁକା ପଡ଼ନ୍ତା । ଧନିଆଁ ସ୍ତ୍ରୀ ଘରଭିତର କାମ କରିନେଲେ ମଲ୍ଲୀ ଶ୍ୱଶୁରଙ୍କ ସେବା ଆଉ ବାହାର କାମ ଚଳେଇ ନିଅନ୍ତା ।

ଶ୍ୱଶୁରଙ୍କୁ କେତେ ବୁଝାଇ ଦି'ଇଟା ଦିନକୁ ବାପାଙ୍କୁ ଦେଖିବାକୁ ଆସିଛି ମଲ୍ଲୀ ।

ଆନନ୍ଦ ଚନ୍ଦ୍ର ପହି

Digitized by srujanika@gmail.com

ଦିହିଁଙ୍କି ଦିହେଁ ତ ବାଧକା, କାହା ପାଖରେ ରହିବ ସେ ? ଗୋଟେ ପଟେ ବାପା ଆର ପଟେ ଶ୍ୱଶୁର ।

ମଲ୍ଲୀ ବାପାଙ୍କ ଦେହ ଉପରୁ କନ୍ଥାଟା ଟେକି ଅନେଇଲା । ଦିହର ହାଡ଼ ଗଣିହେଇ ଦିଶୁଛି । ଆଖି ପଶିଗଲାଣି । ଗୋଡ଼ହାତ ଡ଼ାଙ୍ଗପରି ନଡ଼ନଡ଼ ହେଉଛି । ଛାତି ପେଟ ଦୁହିଁହୋଇ ଗଲାଣି ।

ମୁଣ୍ଡ ପାଖରେ ଗୋଟେ ଗାତ ଖୋଳା ହୋଇଛି । ସେଥିରେ ଛେପ, ଖଙ୍କାର ଟୁମ୍‌ଟୁମ୍, ମାଛି ଭଣଭଣ । ବାପାଙ୍କ ଶୋଇବା ବିଛଣା ତେଲ ଚିକିଟା, ମଇଳା କିଟିକିଟି । ଗନ୍ଧ ବାହାରୁଛି । କେମିତି ଗୋଟେ ବିଚିକିଟିଆ ଗନ୍ଧ । ପେଟରୁ ଭାତ ବାହାର କରିପକାଉଛି ।

ମଲ୍ଲୀ ଶାଢ଼ି ବଦଳି ଘରଦ୍ୱାର ସଫାକରିବାରେ ଲାଗିଗଲା । ବାପାଙ୍କ ବିଛଣା, ତକିଆଖୋଳ ଇତ୍ୟାଦି ସୋଢ଼ା ପକାଇ ସିଝାଇ ଦେଲା । ଘରଟାକୁ ଦି' ତିନି ଥରକି ଲିପିଆଣିଲା । ନିଜେ ଭଲ ଭାବରେ ସାବୁନ୍ ଲଗାଇ ଗାଧେଇ ଆସିଲା ।

ମଲ୍ଲୀଠୁ ତା' ଭାଇ ଦୁରୁଜା ବୟସରେ ସାନ । ଦୁରୁଜାକୁ ପଠେଇ ପାଖ ଡ଼ାକ୍ତରଖାନାରୁ ବାପା ପାଇଁ ଔଷଧ ଆଣିଲା ; କିନ୍ତୁ ରୋଗ କମୁନାହିଁ । କାଶଟା ଲହରାଇ ଲହରାଇ ହେଉଛି । ବେଳେ ବେଳେ କଫରେ ରକ୍ତ ପଡ଼ୁଛି । ଯଶୋଦାମାଆ ଆଇ ମଲ୍ଲୀ କାନରେ ଫୁସୁଫୁସୁକି କହିଲା-ତୋ ବାପାକୁ ଯକ୍ଷ୍ମା ହୋଇଛି । ସିଏ ଆଉ ଭଲହେବ ନେଇଁ । ଦୁରୁଜା ଓ ତା' ଭାରିଯା ବୁଢ଼ାଟାକୁ ମୋଟେ ଅନଉଁ ନାହାଁନ୍ତି । ଦୁରୁଜା ଭାରିଯା ତ ବୁଢ଼ା ଶୋଇବା ଘରକୁ ମୋଟେ ପଶୁନେଇଁ । ତୋ ବାପା ତିନିଚାରି ବର୍ଷହେଲା ଏମିତି କାଶୁଛି । ନିତି ସଞ୍ଜବେଳକୁ ଜର ହୁଏ । ମୂଳରୁ କଟକ ବଡ ଡ଼ାକ୍ତରଖାନାକୁ ନେଇଯାଇଥିଲେ ଭଲ ହେଇଯାଇ ଥାଆନ୍ତା । ନଖିଆ ବଡବାପାକୁ ରାଜଯକ୍ଷ୍ମା, ସିଏ ପୁଣି ଭଲହେଇ ଗଲାନା । ଦୁରୁଜାକୁ ମୁଁ ବେଳହୁଁ କହୁଛି, କଟକ ନେଇଯା, ସିଏ କ'ଣ ମୋ କଥା ଶୁଣିଲା ?

ମଲ୍ଲୀ ମନରେ ଦବକ ପଶିଲା । ଏମିତିଆ ମନୁକୁ ସିଏ ବା କ'ଣ କରିବ ? ଦିନକୁ ଦିନ ବାପାର ଦେହ ବେଶିବେଶି ହଉଛି । ଥୋଲାଥୋଲା ରକ୍ତ ପଡ଼ୁଛି କଫରେ ।

ଦି' ଦିନକୁ କଇ ଆସିଥିଲା ମଲ୍ଲୀ । ଯା ଭିତରେ ଚାରିଦିନ ଗଲାଣି । ସିଏ ଆସିବାଦିନଠୁ ଦୁରୁଜା ସ୍ତ୍ରୀ ଆଉ ବାପାଙ୍କ ଘରେ ଗୋଡପକାଇ ନାହିଁ । ଦିନ ରାତି ମଲ୍ଲୀ ବାପାଙ୍କ ମୁଣ୍ଡପାଖରେ ବସିଛି । ଟିକେ ପାଖରୁ ଛାଡ଼ୁନାହାଁନ୍ତି ବାପା । କେତେବେଳେ ଜୀବନନାଟିକା ଛାଡ଼ିଯିବ କହିହେବ ନାହିଁ ।

ମଲ୍ଲୀ ଆସିବାର ପାଞ୍ଚଦିନ ପରେ ଧନିଆଁ ଆସି ପହଞ୍ଚିଲା ତାକୁ ନେବାପାଇଁ । ମଲ୍ଲୀ ବାପାଙ୍କ ମୁହଁକୁ ଅନେଇଲା । ଧନିଆଁ କହିଲା– ମୋ ବାପାଙ୍କ ଦିହ ଭଲ ନାହିଁ,

Digitized by srujanika@gmail.com

ତମେ ଜାଣିଚ । ରେଣୁ କାଲିଠୁ ଆମ ଘରକୁ ଆଉ ଆସୁନାହିଁ । ମୁଁ ତାକୁ ଡାକିଯାଇଥିଲି ମୁହେଁ ମୁହେଁ ମନାକଲା । କହିଲା– ନୂଆବୋଉ ଦି' ଦିନକୁ ଯାଇ ଚାରିଦିନ ରହିଲେଣି, ତମେ ମତେ ଡାକିବାକୁ ନ ଆସି ଯା ତାଙ୍କୁ ଡାକି ଆଣିବ । ଘରେ ଗୋଟେ ରୋଗୀ । ରୋଷେଇବାସ, ଗାଈଗୋରୁ, ବାସନମଜା, ପାଣିଅଣା ଏସବୁ ମୁଁ କରିପାରିବି ନାହିଁ । ତମେ ଆଜି ମୋ ସାଙ୍ଗରେ ଚାଲ ନୂଆବୋଉ , ଭାଇ କଇଚନ୍ତି ।

ମଲ୍ଲୀ କହିବା ଆଗରୁ ତା' ବାପା କହିଲେ– ମୁଁ ଆଉ ବଞ୍ଚିବିନେଇଁ ପୁଅ । ଅତି ବେଶିରେ ଆଉ ଦିନ ଚାରିଟାରେ ମୋ କାମ ସରିବ । ମଲ୍ଲୀ ଚାଲିଗଲେ ମତେ ଆଉ କେହି ଅନେଇବେ ନାହିଁ ।

ଧନିଆଁ କହିଲା– କାହିଁକି ? ତମ ପୁଅବୋହୂ ଅଛନ୍ତି, ସେମାନେ କରିବେ ।

ବୁଢ଼ା କାଶୁକାଶୁ କହିଲେ– ସେମାନେ ଯଦି କରିଥାନ୍ତେ, ମୁଁ ଏତେସରି କାହିଁକି ହେଇ ଥାଆନ୍ତି ? ମଲ୍ଲୀ ଆସିବା ଆଗରୁ ମୁଁ କେମିତି ପଡ଼ିଥିଲି ସିଏ ଜାଣେ, ତାକୁ ପଚାର ।

ଧନିଆଁ କହିଲା– ତମ ଘରେ ଲୋକ ଥାଇଁକି କରିବେ ନାହିଁ, ସେଥିପାଇଁ କିଏ କ'ଣ କରିବ ? ଆମ ଘରେ କେହି ନାହାଁନ୍ତି, ଆମେ କେମିତି ଚଳିବୁ ? ଆମ ରୋଗୀଣା ବାପା କେମିତି ଚଳିବେ ?

ମଲ୍ଲୀର ବାପା ଧନିଆଁର ହାତକୁ ଧରିପକାଇ କହିଲେ ଆଉ ଦିନ ତିନି ଚାରିଟା, ଦୁଃଖେ କଷ୍ଟେ ଚଳିଯା । ମୋର ଶେଷ ଅବସ୍ଥା, ଏତେବେଳେ ମତେ ଛାଡ଼ି ଯିବା କ'ଣ ଠିକ୍ ହବ ?

ଏମିତି ଅଡୁଆରେ ପଡ଼ିବ ବୋଲି ମଲ୍ଲୀ ମୋଟେ ଜାଣି ନଥିଲା । ଏପଟେ ବାପା, ସେପଟେ ଶ୍ୱଶୁର । କିଛି ଠିକ୍ କରିପାରି ନ ଥିଲା ମଲ୍ଲୀ ।

ଧନିଆଁ ପଚାରିଲେ– ନୂଆବୋଉ, ମୁଁ ତୁମକୁ ଶେଷଥର ପାଇଁ ପଚାରୁଛି, ତମେ ମୋ ସାଙ୍ଗରେ ଯିବ କି ନାହିଁ ?

ମଲ୍ଲୀ ଆଖିରେ ଲୁହ । ବାପାଙ୍କ ମୁହଁକୁ ଚାହିଁଲା । ବାପା ତାକୁ ଅତି ବିକଳ ଭାବରେ ଅନେଇଁଚନ୍ତି । ତାଙ୍କ ଆଖି ମଲ୍ଲୀର କାନିଧରି ଅଟକାଉଛି । ଧନିଆଁ ମୁହଁକୁ ଚାହିଁଲା ମଲ୍ଲୀ,ଧନିଆଁ ତାଙ୍କ କଥା ଉପରେ ଅଟଳ ।

ଧନିଆଁ ରାଗରେ ତମତମ ହୋଇ ସେଇଦିନ କିଛି ନ ଖାଇ ନ ପିଇ ଫେରିଗଲା । ତା'ପରଦିନ ଧନିଆଁ ପୁଣି ଆସିଲା । ଏଥର ଘର ଭିତରକୁ ନ ପଶି ଦୁଆର ମୁହଁରେ ଠିଆହୋଇ ଧମକ ଦେଲାପରି କହିଲା– ନୂଆବୋଉ, ଭାଇ କହିଛନ୍ତି ତମେ ଯଦି ମୋ ସାଙ୍ଗରେ ନ ଯାଅ, ତେବେ ଆମ ଦରଜା ତମପାଇଁ ସବୁଦିନ ବନ୍ଦହୋଇ ରହିବ ।

ଆନନ୍ଦ ଚନ୍ଦ୍ର ପହି

Digitized by srujanika@gmail.com

ଧନିଆଁର ଏ ଧମକ ଶୁଣି ଦୁରୁଚା ଚିହିକି ଆସିଲା । ସିଏ ଆଜି ଯିବନାହିଁ କି ଆଠ ଦିନଯାଏ ଯାଇପାରିବ ନାହିଁ । ତମ ଇଚ୍ଛା ତମେ ଯାହା କରୁଛ କର । ମୋ ଭଉଣୀକି ପୋଷିବାପାଇଁ ମୋର କ'ଣ ବଳନାହିଁ ?

ଦୁରୁଚା ସ୍ତ୍ରୀ ଧନିଆଁକୁ କହିଲା– ଏଇ ଘରେ ସିଏ ଥିଲେ ନା ତମଘରେ ପିଲାଦିନରୁ ଥିଲେ ? ଆମେ କ'ଣ ଗୋଟେ ଭଉଣୀର ପେଟ ପୋଷିପାରିବୁ ନାହିଁ? ଏଠି କାହା ଆଗରେ ଏ ନାଲି ଦେଖଉଚ ?

ମଲ୍ଲୀ ଦେଖିଲା କଥାଟା ଅଡୁଆ ହେଇଯାଉଚି । ଏମିତି ପରିସ୍ଥିତିରେ ସିଏ ଆଉ ବାପଘରେ ରହିବାଟା ଭଲ ହେବନାହିଁ । ସେଇ ନିତିପିନ୍ଧା ଲୁଗା ପିନ୍ଧି ମଲ୍ଲୀ ବାହାରି ଆସିଲା ପଦାକୁ ।

ଦୁରୁଚା ମଲ୍ଲୀକୁ ଟାଣିଟାଣି ଘରଭିତରକୁ ନେଇଗଲା ଓ ଧନିଆଁକୁ ଶୁଣେଇ ଦେଲା– ଏଇଲେ ଆଠଦିନ ଯାଏ ମଲ୍ଲୀ ଦେଇକି ପଠେଇପାରିବି ନେଇଁ । ତମ ଇଚ୍ଛା ତମେ ଯାହା କର ।

ଧନିଆଁ ରାଗରେ ପାଚିକି ଦାନ୍ତ କାମୁଡ଼ିହେଲା । ଗାଁକୁ ଫେରି ଭାଇକୁ ସବୁକଥା କହିଲା । ଦୁଇଭାଇ ସ୍ଥିର କଲେ ମଲ୍ଲୀକୁ ଛାଡ଼ପତ୍ର ଦିଆଯିବ ।

କାନ୍ଦିକାନ୍ଦି ମଲ୍ଲୀର ମୁହଁ ଫୁଲିଗଲା । କ'ଣ କରିବ ସିଏ ? ଏକୁଟିଆ ଘରୁ ଗୋଡ଼କାଢ଼ି ଶାଶୁଘର ଯିବାଟା ଠିକ୍ ହେବନାହିଁ । କାହା ହାତରେ ଚିଠି ଖଣ୍ଡେ ଲେଖାଇ ଶାଶୁଘରକୁ ପଠେଇବାକୁ ସାଇଆଡ଼େ ଗଲା । ଚିଠି ଖଣ୍ଡେ ଲେଖାଇଲା, କିନ୍ତୁ ପଠେଇବ କାହା ହାତରେ ? ବାଧ୍ୟହୋଇ ଡାକରେ ପଠେଇଲା ।

ଧନିଆଁର ବଡ଼ଭାଇ ଘନିଆଁ ଚିଠି ପାଇଲା ଚାରିଦିନ ପରେ । ମଲ୍ଲୀ ଲେଖିଛି ଧନିଆଁକୁ ଆଉଥରେ ପଠେଇଲେ ସିଏ ନିଶ୍ଚେ ତାଙ୍କ ସାଥିରେ ଚାଲିଆସିବ । ସେଦିନ ସିଏ ଆସିଥା'ନ୍ତା । ତା' ଭାଇ ତାକୁ ଜବରଦସ୍ତ ଅଟକାଇ ରଖିଲା ।

ଧନିଆଁ କହିଲା– ଆଉ ମୁଁ ସେଠିକି ଯିବିନେଇଁ । ମୁଁ ଦି' ଦି' ଥର ଫେରିଚି । ଆଉ କୋଉ ମୁହଁରେ ଯିବି?

ଏ ଚିଠିର ଚାରିଦିନ ପରେ ମଲ୍ଲୀଘର ଗାଆଁରୁ ଜଣେ ଖବରିଆ ଆସି ଖବର ଦେଲା– ବୁଢ଼ା କାଲି ରାତିରେ ଚାଲିଗଲେ ।

ଶ୍ୱଶୁରଙ୍କ ଶୁଦ୍ଧିକି ବି ଘନିଆଁ ଗଲାନାହିଁ କି ବେଭାର ପଠାଇଲା ନାହିଁ । ଘନିଆଁ ବାପାଙ୍କ ଦିହ ଏବେ ବେଶି ଖରାପ । ମଲ୍ଲୀ ଗଲାଦିନଠୁ ତାଙ୍କର ହେପାଜତ ଠିକ୍‌ଭାବେ ନେଇ ହେଉନାହିଁ । ଆଠଦିନ ହେବ ଭାଣିଜୀରୁ ଗୋଟିଏ ଆଣି ଘରେ ରଖିଛନ୍ତି । ସିଏ ଯାହିତାହି ମୁଠେ ଫୁଟେଇ ଦଉଚି । ବୁଢ଼ାର ସେବା ସିଏ ପିଲାଟା କ'ଣ କରିବ ? ଧନିଆଁ ଏଣିକି ସବୁ କାମକୁ ଚିଡୁଚି । ଘନିଆଁ ବୁଢ଼ାକୁ ଟେକାଟେକି, ଘଷା ଆଉଁଶା ଠିକ୍ ଭାବେ

Digitized by srujanika@gmail.com

କରିପାରୁ ନାହିଁ ।

ଘନିଆଁ ବାପା ଝାଡ଼ା ହେଲେ । ଯେତେ ଔଷଧ ଦେଲେ କମିଲା ନାହିଁ । ଗୁହ ମୁତରେ ଘର ଗନ୍ଧେଇଲା । ଗୁହଲୁଗା ଧୋଇଧୋଇ ଘନିଆଁକୁ ବିରକ୍ତ ଲାଗିଲା ।

ଘନିଆଁ ବାପାକୁ ଅଟକାଇ ପାରିଲା ନାହିଁ । ସିଏ ଚାଲିଗଲେ । ବାପାଙ୍କ ଶୁଦ୍ଧିକୁ ମଲ୍ଲୀକୁ ଖବର ଦିଆଗଲା ନାହିଁ ।

ଶଶୁର ମରିବାର ଆଠଦିନ ପରେ କାହାଠୁ ଉଡ଼ା ଖବର ପାଇ ମୁଣ୍ଡଧୋଇ ଗାଧେଇଲା ମଲ୍ଲୀ । ଦଶଦିନ ଅନେଇଁ ଅନେଇଁ ସଞ୍ଜହେଲା । ଶାଶୁଘର ଗାଆଁରୁ କେହି ଆସିଲେ ନାହିଁ । ବାରିକ ଡକାଇ, ନଖ କଟାଇ, ପୋଖରୀରେ ବୁଡ଼ ପକାଇଲା ।

ଶଶୁରଙ୍କ ଶୁଦ୍ଧିକୁ ମଲ୍ଲୀକୁ ନ ନେବାରୁ ତା'ର ଶେଷ ଆଶା ତୁଟିଗଲା । କୋଳରେ ପିଲା ବକଟେ ନାହିଁ । କାହା ମୁହଁକୁ ଅନେଇ ସିଏ ବେଳ କାଟିବ ? କେତେ ଏମିତି ବଅସ ହବ ତାକୁ ? ଆଙ୍ଗୁଠି ଗଣି ହିସାବ କଲା । ଆଗିଲା ପୂନେଇକି ସତେଇଶି ପଶିବ । ଶଶୁରଙ୍କ ଏଗାର ଦିନ ଆଖି ଚିପୁଡ଼ି ଅନେକ କାନ୍ଦିଲା । ଦୁରୁଜାକୁ ଧରିକି ବାହୁନିଲା ମଲ୍ଲୀ । ତା' ହାତ ଓଠ ଧରି କାକୁତି ମିନତି କଲା— ମତେ ଆଜି ନେଇକି ମୋ ଶାଶୁଘରେ ଛାଡ଼ିଦେଇଆ । ମୁଁ ଏଠି ମୋଟେ ରହିବିନେଇଁ ।

ଦୁରୁଜା ମଲ୍ଲୀକୁ ଦମ୍ଭଦେଲା— ତୁ କାହିଁକି ମିଛରେ ଏମିତି ଛାନିଆ ହଉଚୁ ? ଦେଖିବା ସିଏ କେମିତି ଆସିକି ତତେ ନ ନେବ ? ବଳେବଳେ ଗଲେ ସେ ଘରେ ତୋର ଆଉ କି ଟାଣ ରହିବ ? ମାସ ଦିଇଟା ହେଇନେଇଁ ଏମିତି ଉଚ୍ଛନ୍ନ ହେଲେ ଚଳିବ ?

ଦୁରୁଜା ସ୍ତ୍ରୀ କହିଲା— ତମେ କାହିଁକି ତରୁତମ ଦେଉ ? ଦେଖିବା କେମିତି ତମ ଗୋଡ ପାଖକୁ ନ ଆସିବେ ।

ମଲ୍ଲୀ କାନ୍ଦିକାନ୍ଦି ରହିଲା । ତା' ମନ କେହି ବୁଝିଲେ ନାହିଁ । ବାପଘରେ ଭାଇ-ଭାଉଜ ତାଙ୍କ ଜିଦ୍‌ରେ ଅଟଳ, ଶାଶୁଘରେ ସ୍ୱାମୀ ଆଉ ଦିଅର ତାଙ୍କ ଜିଦ୍‌ରେ ଅଟଳ । କେତେ ଲୋକଙ୍କ ହାତରେ ମଲ୍ଲୀ ଖବର ଦେଲା— ଧନିଆଁ କି ତା' ସ୍ୱାମୀ ଘନିଆଁ କିଏ ହେଲେ ଆସିଲେ ତାଙ୍କ ସାଙ୍ଗରେ ଚାଲିଯିବ; କିନ୍ତୁ ଧନିଆଁ ଘନିଆଁଙ୍କ ସେଇ ଗୋଟିଏ ଜିଦ୍ ଦୁରୁଜା ମନକୁମନ ଆଣି ଛାଡ଼ିଦେଇ ନ ଗଲେ ସିଏ ସିଆଡ଼େ ରହିବ ।

ଧନିଆଁ ବାହାଘର ଦିନ ମଲ୍ଲୀ ଅନେକ କାନ୍ଦିଲା । ନ ଖାଇ ନ ପିଇ ଶୋଇଲା । ଦୁରୁଜା ଆଉ ତା' ସ୍ତ୍ରୀ ନ ଦେଖିଲାପରି ମୁହଁ ଆଡ଼େଇ ରହିଲେ ।

ଧନିଆଁର ବାହାଘର ଯା ଭିତରେ ବରଷେ ପୂରି ଗଲାଣି । କିଏ ଜଣେ କହୁଥଲା ଧନିଆଁର ପୁଅଟିଏ ହେଇଚି । ପୁଅଟିକୁ ଦେଖିବାକୁ ମଲ୍ଲୀର ମନ ଛାଟିପିଟି ହେଲା ।

ଦୁରୁଜା ଦିନେ ଗୋଟେ କାଗଜ ଆଣି କହିଲା— ଦେଉ, ଏ କାଗଜରେ ତୋ'

Digitized by srujanika@gmail.com

ଟିପଚିହ୍ନ ଦେ । ସେ ଦି' ଭାଇଙ୍କ ଗଉଁ କେତେ ମୁଁ ଦେଖିବି । ତତେ ଆସିକି ନେବେ ନେବେ ବୋଲି ଡର ସହିବ ନାହିଁ । ଆମକୁ ସିଏ କ'ଣ ବୋଲି ପାଇଛନ୍ତି କି ?

ମଲ୍ଲୀ ମୋଟେ ମଙ୍ଗିଲା ନେଇଁ । ନିଜ ଗେରସ୍ତ ନାଆଁରେ ମକଦ୍ଦମା କରିବ ଲୋକେ ତାକୁ କ'ଣ କହିବେ ? କେମିତି ସିଏ ମୁହଁ ଦେଖେଇବ ଗାଆଁ ଭାଇରେ ? ନା' ସେ କଥା ହେଇପାରିବ ନାହିଁ ।

ଦୁରୁଜା ଆଉ ସାଇ ଭାଇର ଲୋକମାନେ ବୁଝେଇ ବୁଝେଇ ଥକିଲେ । ମଲ୍ଲୀ ମୋଟେ ମଙ୍ଗିଲା ନେଇଁ । ମଲ୍ଲୀ ଗାଢ଼ ନିଦରେ ଶୋଇଥିବାବେଳେ ତା' ଟିପଚିହ୍ନ ନେଇଗଲା ଦୁରୁଜା । କୋର୍ଟରେ ମକଦ୍ଦମା ଚାଲିଲା । ଘନିଆଁ ନାଆଁରେ ମକଦ୍ଦମା ମଲ୍ଲୀ କରିଚି ।

ଘନିଆଁ କଚେରୀକୁ ଗଲା । ଓକିଲ ଦେଇ ମକଦ୍ଦମା ଲଢ଼ିଲା । ମଲ୍ଲୀ କିନ୍ତୁ କଚେରିକୁ ଯିବାକୁ ରାଜି ହେଲାନାହିଁ । ତାକୁ ସମସ୍ତେ ଡରାଇଲେ ତୁ ଯଦି ନ ଯିବୁ ପୋଲିସ ଆସିକି ବାନ୍ଧି ନେଇଯିବ । ମଲ୍ଲୀ ଡରିମରି କଚେରିକୁ ଗଲା । ଦି' ବରଷ କାଳ ମକଦ୍ଦମା ଚାଲିଲା । ଶେଷରେ ମକଦ୍ଦମାରେ ମଲ୍ଲୀର ଡ଼ିଗ୍ରୀ ହେଲା । ଘନିଆଁ ତା' ଘରକୁ ମଲ୍ଲୀକୁ ନେବ ନ ହେଲେ ତାକୁ ଖୋରାକି ପୋଷାକି ଦେବ ।

ଘନିଆଁ ଧନିଆଁ ଦି' ଭାଇ ବସି ବିଚାରକଲେ ଖୋରାକି ପୋଷାକି ଦେବାଠୁ ମଲ୍ଲୀକୁ ନେଇ ଆସିବାଟା ଭଲ ହେବ । ଯେତେହେଲେ ସିଏ ଏ ଘରର ବଡ଼ବୋହୂ । ତା'ର ଏଥିରେ ଦୋଷ କ'ଣ ? ସବୁ ନବରଙ୍ଗ ସେଇ ଦୁରୁଜାର । ତା'ରି ପାଇଁ କଥା ଏତେ ବାଟ ଗଲା ।

ମଲ୍ଲୀ କାନକୁ କଥାଟା ଏକାନରୁ ସେ କାନହୋଇ ଆସିଲା । ମଲ୍ଲୀ ଆଖିରୁ ଆନନ୍ଦର ଲୁହ ଦୁଇଧାଡ଼ି ଗାଲ ଉପରକୁ ଓହ୍ଲାଇ ଆସିଲା । ସେଇ ଶୁଭ ଦିନକୁ ମଲ୍ଲୀ ଅପେକ୍ଷା କରି ରହିଲା । ଗାଆଁ ମହାଦେବଙ୍କ ପାଖରେ ସବୁଦିନ ମୁଣ୍ଡିଆ ମାରେ, ସନ୍ଧ୍ୟାବେଳେ ରାଧାମୋହନ ଠାକୁରଙ୍କ ଘଣ୍ଟି ବାଜିଲେ ହାତ ଯୋଡ଼ିହୋଇ ଯାଏ ତା'ର ।

ଶଶୁରଘର ଗାଆଁ ମୁଣ୍ଡରେ ଦୁରୁଜା ସାଙ୍ଗରେ ମୁହାଁମୁହିଁ ଭେଟ ହୋଇଗଲା ଘନିଆଁର । ଦୁରୁଜା ନ ଦେଖିଲା ପରି ବାଟ ଆଡ଼େଇ ଚାଲିଯାଉଥିଲା । ଘନିଆଁ ତାକୁ ପଛରୁ ଡ଼ାକିଲା– କିରେ ଦୁରୁଜା ଆଉ କ'ଣ ମଣିଷ ଚିହ୍ନିପାରୁ ନଉଁ କି ?

ଦୁରୁଜା ସାପପରି ଓଲଟି ପଡ଼ିଲା– ତମ ଭଳିଆ ଅମଣିଷକୁ ଚିହ୍ନିବାଠୁ ନଚିହ୍ନିବା ଭଲ । ଏତେ ଦିନପରେ କୁଆଡ଼େ ଆଉ ଆସିଲ ?

– କାହିଁକି କ'ଣ ତମ ଗାଆଁକୁ ଆସିବା ମନା ? ମୁଁ ଆସିଚି ମଲ୍ଲୀକୁ ନେବି ।

– ଏତେ ଦିନକେ ମୁଣ୍ଡରେ ବୁଦ୍ଧି ପଶିଲା ? ଆଗରୁ ତ କାହିଁକି ଆସୁ ନ

Digitized by srujanika@gmail.com

ଥିଲ ନବାକୁ ? ଏଇଲେ କଚେରିବାଲାଏ ନାକରେ ଦଉଡ଼ି ଲଗାଇ ଟାଣିବାରୁ ତମେ ଆସିଲ । ମୁଁ ମଲ୍ଲୀ ଦେଈକି ତମ ଘରକୁ ପଠେଇବି ନାହିଁ । ଖୋରାକି ପୋଷାକି ଦବାକୁ ପଡ଼ିବ ବୋଲି ଏଇଲେ ଆଇଚ ନବାକୁ ଯଦି ତମେ ତାକୁ ନେଇ ଜୀବନରେ ମାରିପକାଅ, ସେଥିପାଇଁ କିଏ ଦାୟୀ ହେବ ? ତମେ କେଉଁ ମତଲବରେ ଆସିଚ କିଏ ଜାଣେ ?

ଘନିଆଁକୁ କଥାଟା ଭାରି ବାଧିଲା । ଚଡ଼ଚଡ଼ି ମାଡ଼ରେ ଗଛଟା ଠିଆଠିଆ ଜଳିଗଲା ପରି ତା' ଭିତରଟା ପୋଡ଼ି ଅଙ୍ଗାର ହୋଇଗଲା । ଘରକୁ ଫେରିଲା ଘନିଆଁ । କବାଟକିଳି ଘରେ ଶୋଇଲା ସେ ଦିନସାରା । ସକାଳୁ ଉଠି ଚାଲିଲା କଚେରିକୁ ।

ମଲ୍ଲୀର ମକଦ୍ଦମା ଆଗରୁ ଯେଉଁଦିନ ଧନିଆଁକୁ ଦୁରୁଜା ଫେରେଇଦେଲା ସେଇ ସମୟରେ ଓକିଲଙ୍କ କହିବା ଅନୁସାରେ ଘନିଆଁ ଆଉ ଧନିଆଁଙ୍କ ଭିତରେ ସବୁ ଜମିବାଡ଼ି ଭାଗପଟା କରାଯାଇଥିଲା । ଘନିଆଁର ଭାଗଟା ଧନିଆଁ ନାଆଁରେ ବିକ୍ରି ସୂତ୍ରରେ କରିଦେଇଥିଲା ଘନିଆଁ । ଆଜିଯାଏ ସେ କାଗଜପତ୍ର କଚେରିରେ ଥିଲା । ଧନିଆଁକୁ ଏ ବିଷୟରେ ମୋଟେ କିଛି କହି ନ ଥିଲା ଘନିଆଁ । କଚେରିରୁ ସେଇ କାଗଜତକ ଆଣି ଘରକୁ ଫେରିଲା ଘନିଆଁ । ଧନିଆଁ ଆଗରେ ଆଣି ସବୁ କାଗଜପତ୍ର ଥୋଇଦେଇ ଗୋଟି ଗୋଟିକି ବୁଝେଇ ଦେଲା । ଏଣିକି ସବୁ ଜମି ଧନିଆଁର ।

ଧନିଆଁ ଭେଲେକା ପରି ଭାଇ ମୁହଁକୁ ଅନେଇ ରହିଲା । ଉପୁଡ଼ା ଗଛଟିଏ ପରି ପିଣ୍ଡାରେ ମଶିଣା ଉପରେ ଶୋଇରହି ଘନିଆଁ ଭାବୁଥିଲା ତା' ଭବିଷ୍ୟତ କଥା । ବସୁଧାରେ ତା'ର ଗାର ନାହିଁ । ଘର ପୋଡୁ ପଛେ ମୂଷା କେଞ୍ଚ ପାଉ ।

ମଲ୍ଲୀ ଅନେଇଁ ଅନେଇଁ ରହିଲା । ଶାଶୁଘର ଗାଆଁରୁ କେହି ଆସିଲେ ନାହିଁ । ଦିନରାତି ଆଖିରୁ ଲୁହ ଗଡ଼ାଇଲା ।

ଦୁରୁଜା ମଲ୍ଲୀକୁ ଫୁସୁଲା ଫୁସୁଲି କଲା— ଦେଖ୍ ମଲ୍ଲୀ ଦେଈ, ଘନନନା ତତେ ନବାକୁ ଏଯାଏ ଆସିଲେ ନାହିଁ । କଚେରି କଥା ବି ସିଏ ଟାଳି ଦଉଚନ୍ତି । ଆଉ ଗୋଟେ ଦରଖାସ୍ତ କଚେରିରେ ପକେଇଦେଲେ ବାପାକୁ ମଉସା ବୋଲି ଡ଼ାକି ଆସି ପହଞ୍ଚିବେ ଏଠି । ତୁ ଏଇ କାଗଜରେ ଗୋଟେ ଟିପ ଦେଇ ଦେ ।

ମଲ୍ଲୀ ଏଥିରେ ଅରାଜି ହେଲା ନାହିଁ । କରେରିରେ ଦରଖାସ୍ତ କଲେ ସିଏ ଆସିବେ । ତାଙ୍କ ସାଙ୍ଗରେ ମଲ୍ଲୀ ଶାଶୁଘରକୁ ଯିବ । ଏଇ ଆଶାରେ ଟିପଚିହ୍ନ ପାଇଁ ହାତ ବଢ଼େଇଦେଲା ।

ପୁଣି ମକଦ୍ଦମା ଚାଲିଲା; କିନ୍ତୁ ଫଳ କିଛି ହେଲାନାହିଁ । ଘନିଆଁ ନାଆଁରେ ଜମିବାଡ଼ି କିଛି ନାହିଁ । ମଲ୍ଲୀକୁ ଏବେ ଘନିଆଁ ନେବାକୁ ରାଜିଅଛି ।

ଦୁରୁଜା ମଲ୍ଲୀକୁ କାନେ କାନେ ଶିଖାଇଲା; କିନ୍ତୁ ମଲ୍ଲୀ ତା' କଥା ମୋଟେ

ଆନଂଦ ଚଂଦ୍ର ପହି

Digitized by srujanika@gmail.com

ଶୁଣିଲା ନାହିଁ । ମିଶଲ ଉପରେ ଚଢ଼ି ମଲ୍ଲୀ କହିଲା— ମୋର ଖୋରାକି ପୋଷାକି ଦରକାର ନାହିଁ, ମୁଁ ତାଙ୍କ ସାଙ୍ଗରେ ଶାଶୁଘରକୁ ଯିବି ।

ମକଦ୍ଦମା ସରିଲା । କଚେରିରୁ କାଗଜ ଆସିଲା । ଘନିଆଁ ଏଥର ମଲ୍ଲୀକୁ ଘରକୁ ନବ; କିନ୍ତୁ ଘନିଆଁ କହିଲା— ମୋର ଘର କାହିଁ ଯେ, ମୁଁ ତାକୁ ଆଣିବି । ଯେତେବେଳେ ମୋର ଘରଦ୍ୱାର, ଜମିବାଡ଼ି ସବୁଥିଲା ମୁଁ ମୋ ଭାଇକୁ ପଠେଇଥିଲି ତାକୁ ଆଣିବାକୁ ତା' ଭାଇ ମନାକଲା । ଏଇଲେ ମୁଁ ମୋ ଭାଇ ହାତଟେକୋକୁ ଅନେଇଁ ପଡ଼ିଛି । ସିଏ ବି ତା' ଭାଇ ପାଖରେ ପଡ଼ିଥାଉ ।

ଦୁରୁଜା କଥା କଚେରିରେ ମଲ୍ଲୀ ମାନିଲା ନାହିଁ । ଖୋରାକି ପୋଷାକି ଆଉ ମିଳିବ ନାହିଁ । ଏତେ ଲଢ଼ିଲଢ଼ି ସବୁ ପାଣିଫାଟିଗଲା । ଦୁରୁଜା ଆଉ ତା' ସ୍ତ୍ରୀ ଏଣିକି ମଲ୍ଲୀ ଉପରେ ଚିଡ଼ିଚିଡ଼ି ହେଲେ । ସାମାନ୍ୟ ସାମାନ୍ୟ କଥାରେ ଗାଳିଦେଲେ । ଖାଇବା ପିଇବାରେ ହଇରାଣ କଲେ । ଗୁହାଳ ପୋଛିବା, ଗାଈ ଦୁହିଁବା, ବାସନ ମାଜିବା, ଲୁଗା ସଫାକରିବା ଆଉ ଧାନ କୁଟିବା ପରି କାମ ସବୁ କରିବାକୁ ବାଧ୍ୟ କଲେ । ବାରିଘର ଫସଲ କୋଡ଼ିବା, ପାଣିଦେବା, ଘାସ ବାଛିବା କାମ କଲାବେଳେ ମଲ୍ଲୀର ବି' ଆଖିରୁ ଲହ ଧାରଧାର ଛୁଟୁଥାଏ ।

ଦିନେ ଦୁରୁଜାପାଇଁ ବିଲକୁ ଭାତ ନେବାକୁ ଦୁରୁଜା ସ୍ତ୍ରୀ ମଲ୍ଲୀକୁ ବାଧ୍ୟକଲା । ଆଜିଯାଏ ବିଲକୁ ଯାଇନାହିଁ, କିଏ କାଳେ ଦେଖିକି ତା' ଶାଶୁଘରେ କହିଦେବ ବୋଲି ମଲ୍ଲୀ ବିଲକୁ ଭାତନେଇ ଯିବାକୁ ନାହିଁ କଲା ।

ଦୁରୁଜା ସେଦିନ ଭୋକରେ ରାଗିକି ବିଲରୁ ଫେରିଲା । ସ୍ତ୍ରୀ କଥାରେ ପଡ଼ି ଦୁରୁଜା ମଲ୍ଲୀକୁ ପାଞ୍ଚଣରେ ପିଟିଲା । ମଲ୍ଲୀ ନ ଖାଇ ନ ପିଇ ଦି' ଦିନ ରୁଷିକି ଶୋଇଲା; କିନ୍ତୁ ଉପାୟ କିଛିନାହିଁ । ପେଟଦାଉ ସମ୍ଭାଳି ନ ପାରି ପୁଣି ଖାଇଲା । ସେଇଦିନଠୁ ବିଲକୁ ଭାତ ନେବା ଆଉ ବେଳ ଅବେଳରେ ବଳଦ ଦିଇଟା ବିଲରେ ଚରେଇବା କାମ ମଲ୍ଲୀକୁ କରିବାକୁ ପଡ଼ିଲା ।

ଏତେ କାମ କରି ମଧ୍ୟ ଦୁରୁଜା ଆଉ ତା' ସ୍ତ୍ରୀ ମଲ୍ଲୀ ଉପରେ କଡ଼କଡ଼ ହୁଅନ୍ତି । ଦେଖେଇ ଦେଖେଇ ଦୁରୁଜାର ସ୍ତ୍ରୀ କହେ— ଆଜିକାଲି ଜଣେ ମଣିଷ ପୋଷିବା ଯାହା ହାତୀ ଘରେ ପୋଷିବା ସେଇଆ ।

ମଲ୍ଲୀ ସବୁ ଶୁଣେ । ତା' ଦିହରେ ଗୁଳିପରି କଥାଗୁଡ଼ା ଗଳିଯାଏ । ଯନ୍ତ୍ରଣାରେ ଛାଟିପିଟି ହୁଏ ମଲ୍ଲୀ । ଆଖିରୁ ଲୁହ ଗଡ଼ାଏ ।

ଘନିଆଁ କାନକୁ ଏସବୁ କଥା ଗଲା । ତା' ମନଟା ଘାଣ୍ଟିଗୋଳେଇ ହେଲା । ଯେତେହେଲେ ସିଏ ଏ ଘରର ବୋହୂ । ହଳିଆ ମୂଲିଆଙ୍କ ପରି ବିଲବାଡ଼ିରେ କାମ କରିବ । ଧାନ କୁଟିବ ? ଏଥିରେ ତା' ନାଆଁ ପଡୁଚି । ଘରର ଇଜ୍ଜତ ବି ବୁଡୁଚି ।

Digitized by srujanika@gmail.com

ଧନିଆଁକୁ ସବୁକଥା ବୁଝାଇଲା ଘନିଆଁ । ତୁ ଯାଆ ମଲ୍ଲୀକୁ ନେଇ ଆସିବୁ । ତା' ଭାଇ ଭାଉଜ ତାକୁ ଦୁଃଖ ଦେଉଚନ୍ତି । ସେଠି କାମକରି ଖାଉଚି, ଏଠି କାମକରି ଖାଇବ । ସେଠି କାମଦାମ କଲେ ଆମ ଘରର ବଦନାମ । ଏଠି ଯାହାକଲେ କେହି ପାଟି ଫିଟାଇବେ ନାହିଁ ।

ଧନିଆଁ ଆଉ ତା' ସ୍ତ୍ରୀ ମଲ୍ଲୀକୁ ଆଣିବାକୁ ରାଜି ହେଲେନାହିଁ । ଧନିଆଁ କହିଲା– ମୁଁ ବି' ଦିଇଥର ଯାଇ ଫେରିଛି । ତମେ ବି ଯାଇଥିଲ । ଆଉ ଆମର ମୁହଁ ନାହିଁ ଯିବାକୁ । ତା'ଛଡ଼ା ଆମ ଘରର ମାନମହତ ନୂଆବୋଉ ଆଉ କ'ଣ ରଖିଛନ୍ତି ? ବିଲବାଡ଼ିରେ କାମ କରୁଛନ୍ତି, ବେଳେବେଳେ ବଳଦ ଚରଉଛନ୍ତି, ଧାନ କୁଟୁଛନ୍ତି, ମିଶଲରେ ଚଢ଼ି ତମ ନାଆଁରେ ମକଦ୍ଦମା କଲେ । ଗାଆଁ ସାଇର ଲୋକମାନେ କ'ଣ କହୁଚନ୍ତି ତମ କାନକୁ କ'ଣ ଆସୁନାହିଁ ? ମୁଁ ବି ମୋର ଶେଷକଥା କହିଦେଉଚି– ତୁମେ ନୂଆବୋଉଙ୍କୁ ଯଦି ଏ ଘରକୁ ଆଣ, ଆମେ ଏ ଘର ଛାଡ଼ି ଚାଲିଯିବୁ ।

ଘନିଆଁ ବୋକା ହୋଇ ଧନିଆଁ ମୁହଁକୁ କିଛି ସମୟ ଅନେଇଲା । ତା'ପରେ ଅନେଇଲା ତା' ହାତରେ ଥିବା ପଘାଟାକୁ । ପଘାଟା ହାତରୁ ଖସିପଡ଼ିଲା । ତଳୁ ଉଠାଇ ଆଣିବାକୁ ନଇଁପଡୁଥିଲା; କିନ୍ତୁ ଆଉ ଉଠାଇଲା ନାହିଁ । ଖାଲି ପଘାଟା ହାତରେ ରଖି ଲାଭନାହିଁ । ସମସ୍ତଙ୍କୁ ସେ ପଘାରୁ ଫିଟାଇ ଦେଇଛି । ସେଥିରେ କାହାକୁ ବାନ୍ଧି ରଖିବାର ବଳ ଆଉ ତା'ଠି ନାହିଁ ।

ସେଇଠି ସେମିତି ପିଣ୍ଡା ଉପରେ ବସିପଡ଼ି ଖୋଲା ପଘାଟାକୁ ଚାହିଁରହିଲା ଘନିଆଁ ।

□□

ଆ[illegible]ଦ ଚଂଦ୍ର ପତି

Digitized by srujanika@gmail.com

ଘରୋଇ ହସ୍ତକ୍ଷେପ

କଟକ ମେଡିକାଲ କଲେଜ ହସ୍‌ପିଟାଲ୍‌ର ସାଧାରଣ ବେଡ୍ ସୁରେନ୍ଦ୍ର ଦେଖିଛନ୍ତି । ସେଠି ପନ୍ଦର ଦିନ ରଖାଇ ନିଜ ସ୍ତ୍ରୀ ସୁମତିଙ୍କ ଚିକିତ୍ସା କରାଇବା କଥା ଚିନ୍ତା କଲାବେଳେ ତାଙ୍କ ତଳିପାରୁ ତାଳୁ ପର୍ଯ୍ୟନ୍ତ ଘୃଣା ଆଉ ବିରକ୍ତି ଭାବଟେ ଉଠି ଉଠି ଆସିଲା । ରୋଗୀର ଆଟେଣ୍ଡାଣ୍ଟ୍ ପାଇଁ ଖଟଟିଏ ନାହିଁ । ସିଏ ତଳେ ଶୋଇବାକୁ ବାଧ୍ୟ । ୱାର୍ଡ଼ର ସବୁ ରୋଗୀଙ୍କ ପାଇଁ କମନ୍ ପାଇଖାନା, ବାଥ୍‌ରୁମ୍ । ଚାରିଆଡ଼ ଅଳିଆ, ଅସନା, ଆବର୍ଜନା । ମାଛି, ମଶା ଆଉ ଦୁର୍ଗନ୍ଧ ।

ପ୍ରାଇଭେଟ୍ କ୍ଲିନିକ୍‌ରେ ଅପରେସନ୍ କରିବା ପାଇଁ ପ୍ରଫେସର ମହାନ୍ତି ରୋକ୍‌ଠୋକ୍ ମନା କରିଦେଲେ । ସରକାର ଏବେ ମେଡ଼ିକାଲ୍ କଲେଜର ପ୍ରଫେସର ଓ ଆସିଷ୍ଟାଣ୍ଟ୍ ପ୍ରଫେସରମାନଙ୍କ ପ୍ରାଇଭେଟ୍ ପ୍ରାକ୍ଟିସ୍ ବନ୍ଦ କରିଦେଇଛନ୍ତି ।

କିନ୍ତୁ ପ୍ରଫେସର ମହାନ୍ତିଙ୍କ ବିନା ଏ ରୋଗର ସଫଳ ଅପରେସନ୍ ଓଡ଼ିଶାର ଅନ୍ୟ କୌଣସି ଡାକ୍ତର କରିପାରିବେ ନାହିଁ । ଓଡ଼ିଶା ବାହାରକୁ ଯିବାକୁ ତାଙ୍କ ହାତରେ ପ୍ରଚୁର ଅର୍ଥ ଥିଲେ ବି ସମୟ ନାହିଁ । ଏଇ ଚାରିଦିନ ମଧ୍ୟରେ ଅପରେସନ୍ ନକଲେ ସୁମତିଙ୍କ ମସ୍ତିଷ୍କର ଭାରସାମ୍ୟ ରହି ନପାରେ ।

କିଛି ସୂଚନା ନଦେଇ ସୁମତିଙ୍କ ମସ୍ତିଷ୍କରେ ଏତେବଡ଼ ଟିଉମରଟାଏ ଏତେଦିନ ଧରି କେମିତି ଯେ ବଢ଼ିଲା ସେ କଥା ସୁମତିଙ୍କୁ ଯେତିକି ବିସ୍ମିତ କରିଛି ତାଠୁ ବେଶି ବିସ୍ମିତ କରିଛି ସୁରେନ୍ଦ୍ରଙ୍କୁ । ସୁମତିଙ୍କ ସ୍ୱାସ୍ଥ୍ୟ ଭଲ । ବିବାହ ହୋଇ ସୁରେନ୍ଦ୍ରଙ୍କ ଘରକୁ ବୋହୂ ହୋଇ ଆସିବା ପରେ ଦିନଟେ ବି ସୁମତି ବିଛଣାରେ ପଡ଼ି ନାହାଁନ୍ତି । ସବୁବେଳେ ସଜଫୁଲ ପରି ସ୍ମାର୍ଟ । କିନ୍ତୁ ହଠାତ୍ ଇଏ କ'ଣ ହେଲା ? ଅଳଂକାର

ଆନଂଦ ଚଂଦ୍ର ପଢ଼ି

Digitized by srujanika@gmail.com

ଦୋକାନକୁ ଯିବାପାଇଁ ସୋଫାରୁ ଉଠିଗଲା ବେଳେ ମୁଣ୍ଡଟା ବୁଲାଇ ଦେଲା । ସୁମତି ତଳେ ପଡ଼ିଯିବା ପୂର୍ବରୁ ସୁରେନ୍ଦ୍ର ତାଙ୍କୁ ଆୟତ୍ତ କରିଦେଲେ । ପ୍ରଫେସର ମହାନ୍ତି ସୁମତିଙ୍କ ବ୍ରେନ୍‌ସ୍କାନ୍ କରି ଟିଉମର୍‌ର ସନ୍ଧାନ ପାଇଛନ୍ତି ।

ଆଜି ସୁମତିଙ୍କର ଡାକ୍ତରଖାନାରେ ଆଡ୍‌ମିସନ୍ । ତିନି ଦିନ ପରେ ବ୍ରେନ ଟିଉମର୍ ଅପରେସନ୍ । ସୁରେନ୍ଦ୍ର ବାଧ୍ୟ ହେଲେ ସାଧାରଣ ବେଡ୍‌ରେ ସୁମତିଙ୍କୁ ରଖାଇବା ପାଇଁ । ଆଉ କିଛି ଉପାୟ ନାହିଁ । ପ୍ରଫେସର ମହାନ୍ତିଙ୍କ ବ୍ୟତୀତ ଓଡ଼ିଶାର ଅନ୍ୟ କୌଣସି ଡାକ୍ତର ଏ ଅପରେସନ୍ କରିବାକୁ ସମର୍ଥ ନୁହଁନ୍ତି । ରାଜ୍ୟ ବାହାରକୁ କୌଣସି ବିଖ୍ୟାତ ଡାକ୍ତରଖାନାକୁ ସୁମତିଙ୍କୁ ନେବା ପାଇଁ ତାଙ୍କ ହାତରେ ସମୟ ନାହିଁ । ପ୍ଲେନ୍‌ରେ ଗଲେ ମଧ୍ୟ ଦୁଇ ତିନି ଦିନ କି ଚାରିଦିନ ଭିତରେ ଅପରେସନ୍ କରାଇବା ସମ୍ଭବ ନୁହଁ; କାରଣ ଡ଼ାକ୍ତରଙ୍କ ସହିତ ଆଗରୁ ଡେଟ୍ ଫିକ୍ସ ହୋଇନାହିଁ ।

ସାଧାରଣ ବେଡ୍‌କୁ ଦେଖି ସୁମତି ମୁହଁ ବୁଲାଇ ନେଲେ । ସୁରେନ୍ଦ୍ର ତାଙ୍କୁ ପ୍ରବୋଧନା ଦେଲେ– ଯା' ବ୍ୟତୀତ ଅନ୍ୟ କିଛି ପନ୍ଥା ନାହିଁ । ତଥାପି ଉଦ୍ୟମ ଜାରି ରଖିଛି କ୍ୟାବିନ୍ ମିଳିଲେ ତୁମେ ସେଠିକି ଚାଲିଯିବ । ଶିଳ୍ପପତି ସ୍ୱାମୀଙ୍କ ଏମିତି ଅସହାୟତାର ସୂଚନା ସୁମତି ଆଗରୁ କେବେ ପାଇ ନ ଥିଲେ । ଜୀବନରେ ସେ ସୁମତିଙ୍କୁ ଅନେକ କିଛି ଦେଇଛନ୍ତି– ଶୀତତାପ ନିୟନ୍ତ୍ରିତ ପାଞ୍ଚତାଲାବିଶିଷ୍ଟ ଅଟ୍ଟାଳିକା, ବିଦେଶୀ ବହୁମୂଲ୍ୟ ଗାଡ଼ି, ଦାମି ଦାମି ଗହଣା, ଶାଢ଼ି । ତିନି ତିନିଟା କାରଖାନାର ଏକାଙ୍ଗଚକ୍ରବର୍ତ୍ତୀ ତାଙ୍କ ସ୍ୱାମୀଙ୍କ ଦାମ୍ଭିକ ମନଟା ଆଜି କେମିତି ଚିପୁଡ଼ା ଲେମ୍ବୁ ପରି ଲୋଚାକୋଚା, ସେମେଟା ଦିଶୁଥିଲା ।

ସୁମତି ପ୍ରତିବାଦ ନ କରି ଡାକ୍ତରଖାନା ବେଡ୍‌ରେ ଚୁପ୍‌ଚାପ୍ ଶୋଇଗଲେ । ତାଙ୍କ ମୁଣ୍ଡ ପାଖରେ ଷ୍ଟୁଲଟିଏ ପକାଇ ବସିଲେ ସୁରେନ୍ଦ୍ର । ଓ୍ୱାକ୍‌ମ୍ୟାନର ଇଅରଫୋନ୍ ଦୁଇଟା ସୁମତିଙ୍କ କାନରେ ଗୁଞ୍ଜିଦେଇ ଓ୍ୱାକ୍‌ମ୍ୟାନକୁ ଅନ୍ କରି କହିଲେ- ଏ ଡାକ୍ତରଖାନା ପରିବେଶକୁ ଭୁଲିବା ପାଇଁ ତମେ ଗୀତ ଶୁଣ । ଖୁବ୍ ଭଲ ଭଲ ଭଜନ କ୍ୟାସେଟ୍ ମୁଁ ନେଇ ଆସିଛି । ଏଇଠି ତୁମ ମୁଣ୍ଡପାଖରେ ଦଶଟା ଭଜନ କ୍ୟାସେଟ୍ ରହିଲା ।

ସୁମତି ତାଙ୍କ ଚାରିପାଖକୁ ଚାହିଁଲେ । ଶାଶୁ, ଶ୍ୱଶୁର, ବାପା, ମାଆ, ନଣନ୍ଦ, ଦିଅର ଆଉ ତାଙ୍କ କାରଖାନାର ଅନେକ କର୍ମଚାରୀ ତାଙ୍କୁ ବେଢ଼ି ଠିଆ ହୋଇଛନ୍ତି । ସମସ୍ତଙ୍କ ମୁହଁରେ ସମବେଦନାର ଶ୍ରାବଣ ଥମ୍‌ଥମ୍ ହେଉଥିଲା । ସାମାନ୍ୟ ସୁଯୋଗ ପାଇଲେ ବର୍ଷିଯିବାର ସମ୍ଭାବନା ।

ରାତି ଦଶଟା ବେଳକୁ ପାଇଖାନାକୁ ଯିବାକୁ ବିଛଣା ଛାଡ଼ି ଉଠିଲେ ସୁମତି । ପାଇଖାନା ପର୍ଯ୍ୟନ୍ତ ତାଙ୍କ ଚାକରାଣୀ ବାଟ କଢ଼ାଇ ନେଲା । ପାଇଖାନାର କୋଡ଼ିଏ ଫୁଟ

Digitized by srujanika@gmail.com

ଦୂରରୁ ପଚା ବିଷ୍ଠା ଓ ମୂତ୍ରର ତୀବ୍ର ଦୁର୍ଗନ୍ଧରେ ନାକ ଫାଟି ପଡୁଛି । ରୁମାଲଟା ନାକରେ ଚାପି ଧରିଲେ ସୁମତି । ପେଟ ଭିତରୁ ଉଠି ଆସୁଥିବା ବାନ୍ତିର ଉଦ୍‌ଗିରଣକୁ ଅଟକାଇବା ପାଇଁ ପାଟିରେ ଲୁଗାକାନିଟାକୁ ମାଡ଼ି ଧରିଲେ ସୁମତି । ପାଇଖାନା ଦୁଆର ମୁହଁରେ ମଳ ମୂତ୍ର । ପାଇଖାନା ଭିତରକୁ ଟର୍ଚ୍ଚ ପକାଇଲେ । ତା' ଭିତରର ଆର୍ବଜନାର ଭୟଙ୍କରତାରେ ତାଙ୍କ ଆଖି ବୁଜି ହୋଇଗଲା । ପାଇଖାନା ସାରା ଏଣେତେଣେ ମଳମୂତ୍ର କୁଢ଼କୁଢ଼, ମନ୍ଦାମନ୍ଦା । ଆଉ ପାଇଖାନା ଭିତରକୁ ପଶିବା ତାଙ୍କ ପକ୍ଷେ ସମ୍ଭବ ନୁହଁ ।

ସଂପୃକ୍ତ ନର୍ସଙ୍କଠାରୁ ଅନୁମତି ନେଇ କାର୍‌ରେ ଘରକୁ ଫେରିଗଲେ ସୁମତି । ବାଥରୁମ୍ କାମ ସାରି ପଇଁତାଳିଶି ମିନିଟ୍ ଭିତରେ ପୁଣି ଫେରି ଆସିଲେ ତାଙ୍କ ବେଡ୍‌କୁ । ଡାକ୍ତର ରାଉଣ୍ଡରେ ଆସି ସୁମତିଙ୍କୁ ନ ଦେଖି ନର୍ସଙ୍କ ଉପରେ ଖୁବ୍ ବିରକ୍ତି ପ୍ରକାଶ କଲେ । ବେଡ୍‌ରେ ଆଡ଼୍‌ମିସନ ନେଲା ପରେ ରୋଗୀ ଡାକ୍ତରଖାନା ଛାଡ଼ି ଘରକୁ ଯିବାର ନିୟମ ନାହିଁ ।

ସୁରେନ୍ଦ୍ର ଡାକ୍ତରଙ୍କ ପାଖରେ ଦୃଢ଼ କଣ୍ଠରେ ଆପତ୍ତି କଲେ- ଏମିତି ଅପରିଷ୍କାର ପାଇଖାନାକୁ କିଏ ପଶିବ କେମିତି ? ପାଇଖାନାରେ ପାଦ ଥୋଇବାକୁ ସ୍ଥାନ ନାହିଁ ।

ଡାକ୍ତର କିନ୍ତୁ ସପେଇ ଦେଲେ– ଏତେ ରୋଗୀ ଅଛନ୍ତି, କେହି ବାହାରକୁ ଯାଉ ନାହାଁନ୍ତି । ସେମାନେ ପୁଣି ଚଳୁଛନ୍ତି କେମିତି ? ତା'ଛଡ଼ା ଆମର ପ୍ରତି ପାଇଖାନା ପ୍ରତିଦିନ ସଫା କରାଯାଇ ଫିନାଇଲ୍ ପଡୁଛି । ରୋଗୀମାନେ ନିଜେ ଅପରିଷ୍କାର କରୁଛନ୍ତି । ସେଇମାନେ ହଇରାଣ ହେବେ । ଏଥିରେ କିଏ କ'ଣ କରିବ ?

ସୁରେନ୍ଦ୍ର ଅନୁରୋଧ କଲେ– ସାର୍ ଚାଲନ୍ତୁ ଟିକେ ପାଇଖାନାର ଅବସ୍ଥା ଦେଖିବେ । ଏଠିକି ମଧ ଦୁର୍ଗନ୍ଧ ଆସି ଯାଉଛି । ସେ ପାଇଖାନା କିଏ କେମିତି ବ୍ୟବହାର କରିବ ? ଆସନ୍ତୁ ସାର୍, ଆମ କଥାକୁ ମିଛ ବୋଲି ଭାବୁଛନ୍ତି, ନିଜ ଆଖିରେ ଥରେ ଦେଖନ୍ତୁ ।

ଡାକ୍ତର ଖୁବ୍ ବିରକ୍ତି ପ୍ରକାଶ କଲେ– ମୁଁ ରୋଗୀ ଦେଖିବାକୁ ଆସିଛି । ପାଇଖାନା ଦେଖିବା ମୋ କାମ ନୁହଁ । ଆପଣ ଯାଇ ସୁପରିଟେଣ୍ଡେଣ୍ଟଙ୍କୁ ଜଣାନ୍ତୁ । ସିଏ ଆସି ଦେଖନ୍ତୁ ।

ସୁରେନ୍ଦ୍ର ସେଦିନ ଆଉ କିଛି ନ କହି ଚୁପ୍ ରହିଲେ । ପ୍ରଫେସର ମହାନ୍ତିଙ୍କୁ କହି ଅପରେସନ୍ ପୂର୍ବ ଦିନଗୁଡ଼ିକରେ ଦିନକୁ ଥରଟିଏ ଘରକୁ ଯାଇ ନିତ୍ୟକର୍ମ ସାରି ଆସିବା ପାଇଁ ମୌଖିକ ଅନୁମତି ହାସଲ କଲେ; କିନ୍ତୁ ଅପରେସନ୍ ପରେ ସୁମତିଙ୍କ ଝାଡ଼ା, ପରିସ୍ରା ବେଡ଼ପେନ୍ ସାହାଯ୍ୟରେ କରାଇ ନିଆଗଲା, ଆଉ ପାଇଖାନା ଯିବାକୁ ପଡ଼ିଲା ନାହିଁ ।

ସୁମତିଙ୍କ ବ୍ରେନ ଟିଉମର ଅପରେସନ୍ ସଫଳ ହୋଇଛି । ସେଥିପାଇଁ ସୁରେନ୍ଦ୍ର

Digitized by srujanika@gmail.com

ଭଗବାନଙ୍କ ପାଖରେ ଯେତିକି କୃତଜ୍ଞ, ପ୍ରଫେସର ମହାନ୍ତିଙ୍କ ପାଖରେ ତା'ଠୁ ବେଶି କୃତଜ୍ଞ । ସୁମତି ବେଡ୍‌ରେ ଶୋଇଛନ୍ତି, କିନ୍ତୁ ତାଙ୍କ ପରିବାର ଲୋକ, ବନ୍ଧୁବାନ୍ଧବ ତାଙ୍କ ପାଖରେ ବସି ସେବା କରିବାକୁ କି ସମବେଦନା ଜଣାଇବାକୁ ଚେୟାର କେଇଟା ପକାଇବା ପାଇଁ ସ୍ଥାନ ନାହିଁ ।

ସୁରେନ୍ଦ୍ର ସୁମତିଙ୍କ ବେଡ୍‌ର ଚାରିପାଖକୁ ଚାହିଁଲେ । ସୁମତିଙ୍କ ବେଡ୍ ପାଖରେ ଆଉ ଜଣେ ରୋଗୀ ତଳେ ଗଡୁଛି । ତା' ପାଇଁ ବେଡ୍ ନାହିଁ । ଡାକ୍ତରଖାନାରେ ବେଡ୍‌ରେ ଯେତିକି ରୋଗୀ ତଳେ ତା'ର ଶତକଡ଼ା ପଚିଶଭାଗ ରୋଗୀ ବିନା ବିଛଣାରେ ପଡ଼ିଛନ୍ତି ବେଡ୍ ପାଇବାକୁ ଅପେକ୍ଷା କରି । ସେମାନଙ୍କ ଦୟନୀୟ ଅବସ୍ଥା ଦେଖିବା ବଡ଼ କଷ୍ଟ । ସେକଡ଼ୁ ଦୃଷ୍ଟି ଫେରାଇ ସୁମତିଙ୍କୁ ଚାହିଁଲେ । ଖୁବ୍ ଦୁଃଖ ଆଉ ଅତୃପ୍ତିରେ ତାଙ୍କ ମୁହଁଟା ଆତଙ୍କିତ ଦିଶୁଥିଲା ।

ଅପରେସନ୍ ପରେ ପ୍ରାୟ ପନ୍ଦର ଦିନ ବେଡ୍‌ରେ ରହିବାକୁ ପଡ଼ିବ । ସୁମତିଙ୍କ ଦେହ ଦୋହଲାଇ ଦୀର୍ଘ ନିଃଶ୍ୱାସଟାଏ ଚାଲିଗଲା । ଯାହାର ପ୍ରତିକାର ନାହିଁ, ତାକୁ ଦେହପାତି କେବଳ ସହିବାକୁ ହିଁ ପଡ଼ିବ ।

କାହାର ଚିତ୍କାର ଶୁଣି ସୁରେନ୍ଦ୍ର ଓ ସୁମତି ଚମକି ପଡ଼ିଲେ । କେହି ଜଣେ ପାଇଖାନାରେ ପଡ଼ିଗଲା । ବିଧବା ସ୍ତ୍ରୀଲୋକଟିଏ ଅନ୍ଧାର ଭିତରେ ପାଇଖାନାକୁ ପାଦ ବଢ଼ାଇବା ବେଳେ ମଳ ଉପରେ ପାଦପଡ଼ି ଖସିଗଲା । ଭାରସାମ୍ୟ ହରାଇ ସ୍ତ୍ରୀଲୋକଟି ପାଇଖାନାର ମଳ ମୂତ୍ର ଉପରେ ପଡ଼ିଯାଇଛି । ତା'ର ପିନ୍ଧାଶାଢ଼ିଟି ମଳ ମୂତ୍ର ଜଡ଼ସଡ଼ । ଅସହାୟ ସ୍ତ୍ରୀଲୋକଟି ସକେଇ ସକେଇ ହୋଇ କାନ୍ଦୁଛି । ତାକୁ ଘେରିଥିବା ପ୍ରତ୍ୟେକ ଦେଖଣାହାରୀଙ୍କ ମୁହଁରେ ସମବେଦନାର ଛାପ ସ୍ପଷ୍ଟ । ଅନେକ ରାତି ପର୍ଯ୍ୟନ୍ତ ସେ ସ୍ତ୍ରୀଲୋକଟି ଧୋଇ ହେବା ପାଇଁ ମନ୍ଦେ ଭଲ ପାଣି ପାଇ ନଥିଲା । ସେତେବେଳେ କଳପାଣି ଯୋଗାଣ ବନ୍ଦ ହୋଇ ଯାଇଥିଲା । ଅନେକ ବିଳମ୍ବରେ ସେଇ ୱାର୍ଡର ବେହେରା ପାଣି ବାଲ୍‌ଟିଏ ଆଣି ଦେଲା । ସ୍ତ୍ରୀଲୋକଟି କ'ଣ କେମିତି ଧୋଇ ହେଲା ଆଉ ଲୁଗା ବଦଳାଇଲା ସେ କଥା ବୁଝିବାକୁ ଆଉ କାହାରି ଆଗ୍ରହ ନ ଥିଲା । କିନ୍ତୁ ଡାକ୍ତରଖାନାର ଅପରିଚ୍ଛନ୍ନତା କଥା ଅନେକ ସମୟ ଯାଏ ଆଲୋଚନାର କେନ୍ଦ୍ରବିନ୍ଦୁ ହୋଇ ରହିଲା ।

ସୁମତିଙ୍କ ଅପରେସନ୍‌ର ଆଠ ଦିନପରେ ତାଙ୍କୁ କ୍ୟାବିନ୍‌ଟିଏ ମିଳିଲା । କ୍ୟାବିନ୍ ପାଇବା ପାଇଁ ସୁରେନ୍ଦ୍ର ସ୍ଥାନୀୟ ଏମ. ଏଲ. ଏ.ଙ୍କ ଜରିଆରେ ସ୍ୱାସ୍ଥ୍ୟମନ୍ତ୍ରୀଙ୍କୁ କୁହାକୁହି କରାଇଥିଲେ । ତଥାପି ଏତେ ବିଳମ୍ବ ହେଲା । ବିଳମ୍ବ ହେବା ସ୍ୱାଭାବିକ; କାରଣ ସାରା ରାଜ୍ୟର ରୋଗୀଙ୍କ ପାଇଁ ମାତ୍ର ଅଳ୍ପ କେଇଟା କ୍ୟାବିନ୍ ।

କ୍ୟାବିନ୍‌କୁ ସ୍ଥାନାନ୍ତର ହେବାଦିନ ସୁମତିଙ୍କ ମୁହଁରେ ଖୁବ୍ ଆନନ୍ଦର ଲହରୀ

Digitized by srujanika@gmail.com

ରେଖାଟିଏ ଏକାନରୁ ସେକାନ ପର୍ଯ୍ୟନ୍ତ ଲମ୍ୱିଥିଲା । ସତେ ଯେମିତି ନୂଆ ତ୍ରିତଳ ପ୍ରାସାଦଟିଏ ନିଜେ ନିର୍ମାଣ କରି ନୂତନଭାବେ ଗୃହ ପ୍ରବେଶ କରୁଛନ୍ତି ।

କ୍ୟାବିନ୍‌ରେ ସବୁପ୍ରକାର ସୁବିଧା ଉପଲବ୍ଧ । ରୋଗୀ ପାଇଁ ଗୋଟେ ଖଟ, ଆଟେଣ୍ଡାଣ୍ଟ ପାଇଁ ଆଉ ଗୋଟେ ଖଟ, ଦୁଇଟା ଚେୟାର , ଦୁଇଟା ଷ୍ଟୁଲ ଆଉ ଆଟାଚ ଲାଟ୍ରିନ୍ ବାଥ୍ । ଘର ଆଉ ପାଇଖାନା ସବୁ ସଫା,ପରିଷ୍କାର, ପରିଚ୍ଛନ୍ନ । ସୁମତି ଆଶ୍ୱସ୍ତିର ନିଃଶ୍ୱାସ ମାରିଲେ । ସାଧାରଣ ବେଡ୍ ଆଉ କ୍ୟାବିନ୍ ଭିତରେ ଆକାଶ ପାତାଳ ପ୍ରଭେଦ ।

ସଂଧ୍ୟାରେ ପ୍ରଫେସର ମହାନ୍ତି କ୍ୟାବିନ୍‌କୁ ଆସିଲେ । ଦଶ ପନ୍ଦର ମିନିଟ୍ ସୁମତିଙ୍କୁ ଦେଖିଲେ । କିଛି ଔଷଧ ଲେଖିଲେ । ଆଠ ଦିନ ପରେ ଡିସ୍‌ଚାର୍ଜ କରାଯିବା କଥା କହିଲେ । ସୁମତି ଖୁବ୍ ପ୍ରଫୁଲ୍ଲ ଦିଶୁଥିଲେ । ସାଧାରଣ ବେଡ୍‌ରୁ ଏଇ କ୍ୟାବିନ୍‌କୁ ଆସିବା ସମୟରୁ ସୁମତି ଅନେକଟା ଖୁସି ଓ ସୁସ୍ଥ ଲାଗୁଛନ୍ତି ।

ଖୁବ୍ ସିରିଅସ୍ ରୋଗୀମାନଙ୍କ ପାଇଁ ସାଧାରଣ ବେଡ୍ ଆଦୌ ଅନୁକୂଳ ନୁହଁ । ଏଇ କଥାଟା ସୁରେନ୍ଦ୍ର ଏଇ କେଇଦିନର ଅନୁଭବରୁ ଜାଣିଛନ୍ତି । ସାଧାରଣ ବେଡ୍‌ରେ ପାଞ୍ଚ ସାତ ଦିନରୁ ଅଧିକ ଦିନ କଟାଇବା ଅତି କଷ୍ଟକର କଥା । ଅନେକ ବେଡ୍ ଭାଙ୍ଗିଗଲାଣି, ଗଦି ଚିରିଗଲାଣି । ସେ ସବୁ ମରାମତି ହେଉ ନାହିଁ ।

ରାତି ନଅଟା ବେଳକୁ ବଡ଼ଧରଣର କନ୍ଦାକଟା ସ୍ୱରଟେ ସାଧାରଣ ବେଡ୍ ଆଡୁ କ୍ୟାବିନ୍ ଆଡ଼କୁ ଲମ୍ୱିଆସିଲା । ସୁମତି ଅସ୍ଥିର ହେଲେ– ଦେଖିଲ କିଏ ଚାଲିଗଲା କି ? ୧୦୭ ନମ୍ବର ବେଡ୍‌ରେ ଥିବା ଯଦୁ କର ଅନେକ ଦିନ ହେଲା ଅଚେତ ଅବସ୍ଥାରେ ଥିଲେ ।

ସୁରେନ୍ଦ୍ର କ୍ୟାବିନ୍ ବାହାରକୁ ଆସି ବେହେରାଠୁ ବୁଝିଲେ ସୁମତିଙ୍କ ଅନୁମାନ ଠିକ୍ । ଯଦୁ କର ବୁଢା ଚାଲିଗଲେ । ଅସୁସ୍ଥ ରୋଗୀମାନଙ୍କ ବେଡ୍ ମଝିରେ ଯଦୁ କରଙ୍କ ମୃତ ଶରୀରଟା ଶୁଆଇ ଦିଆଯାଇଛି । ତାଙ୍କ ଆତ୍ମୀୟସ୍ୱଜନମାନେ ତାଙ୍କୁ ବେଢ଼ିଯାଇ କାନ୍ଦୁଥିଲେ ।

କ୍ୟାବିନ୍‌ରେ ଯେଉଁ କେତେ ଦିନ ସୁମତି ରହିଲେ ସେ ସବୁଦିନ ଭଲରେ ରହିଲେ । ଡାକ୍ତରଙ୍କ ନିୟମିତ ଚିକିତ୍ସା, ନର୍ସଙ୍କ ଯତ୍ନ ଓ ଘର ପରିଷ୍କାର, ପରିଚ୍ଛନ୍ନ । ବନ୍ଧୁବାନ୍ଧବ, ପରିବାର ଲୋକ ଓ କାରଖାନାର କର୍ମଚାରୀମାନେ ଆସି ସୁବିଧାରେ ତାଙ୍କ ପାଖରେ ବସି ଗପସପ କଲେ । ସୁମତି ଏ କ୍ୟାବିନ୍‌ରେ ଯେତେ ସୁବିଧା ସୁଯୋଗ ପାଇଲେ ତାଙ୍କର ସେତେ ମନେ ପଡ଼ିଲା ସେଇ ସାଧାରଣ ବେଡ଼୍‌ର ଦୁଃଖ, ଅସୁବିଧା ଓ ଅପରିଷ୍କାର ପରିବେଶ ।

ସୁସ୍ଥ ହୋଇ କ୍ୟାବିନ୍ ଛାଡ଼ିବା ଦିନ ସୁମତି ଇଚ୍ଛା ପ୍ରକାଶ କଲେ ସେଇ

Digitized by srujanika@gmail.com

ସାଧାରଣ ବେଡ୍‌ଗୁଡ଼ିକ ଆଉ ଥରେ ଦେଖିକି ଯିବା ପାଇଁ । କିନ୍ତୁ ସୁରେନ୍ଦ୍ର ବାରଣ କଲେ– ସେଠିକି ଯାଇ ତୁମେ କ'ଣ ଦେଖିବ ? ତୁମେ ସେଠି ଥିଲାବେଳେ ଯେଉଁମାନେ ଥିଲେ ସେମାନେ ଆଉ କେହି ପ୍ରାୟ ନାହାଁନ୍ତି । ସେମାନେ ଚିକିତ୍ସା ପରେ ଘରକୁ ଫେରି ଗଲେଣି ।

ସୁମତି ସେଦିନ ଆଉ ସାଧାରଣ ବେଡ୍ ପାଖକୁ ଯିବାକୁ ଅଡ଼ି ନ ବସି ଘରକୁ ଫେରିଲେ । ଫେରିବା ବାଟରେ ସୁରେନ୍ଦ୍ରଙ୍କୁ ପଚାରିଲେ– ଡାକ୍ତରଖାନା ପରିସରରେ ଯେତେ ଜାଗା ଖାଲି ପଡ଼ିଛି ସେଠି କ'ଣ ଆଉ ଦୁଇଶହ କ୍ୟାବିନ୍ କରିହୁଅନ୍ତା ନାହିଁ ? ସରକାର ଏତେ ଆଡ଼େ ଏତେ ଖର୍ଚ୍ଚ କରୁଛନ୍ତି, ଆଉ କିଛି କ୍ୟାବିନ୍ ତିଆରି କରିବା ପାଇଁ କ'ଣ ସରକାର ଅସମର୍ଥ ?

–ଅସମର୍ଥ ନ ହୋଇଥିଲେ କରନ୍ତେ ନାହିଁ କାହିଁକି ? ଏବେ ତ ସରକାରଙ୍କ ଆର୍ଥିକ ଅବସ୍ଥା ଶୋଚନୀୟ । କର୍ମଚାରୀଙ୍କୁ ଦରମା ଆଉ ପେନ୍‌ସନ୍ ଦେବାକୁ ସରକାରଙ୍କ ପାଖରେ ଅର୍ଥ ନିଅଣ୍ଟ ପଡୁଛି ।

ସୁମତି କହିଲେ– ଆମେ ଚାହିଲେ କ'ଣ ପାଞ୍ଚଟା କ୍ୟାବିନ୍ କରିଦେଇ ପାରନ୍ତେ ନାହିଁ ?

ସୁରେନ୍ଦ୍ର ସ୍ତ୍ରୀଙ୍କ ଏ ପ୍ରସ୍ତାବ ଶୁଣି ଆଉଥରେ ତାଙ୍କ ମୁହଁକୁ ଚାହିଁଲେ । ପ୍ରସ୍ତାବଟା ଉପର ଠାଉରିଆ ନୁହଁ, ତାଙ୍କ ଅନ୍ତରର ଗଭୀରତମ ପ୍ରଦେଶରୁ ବାହାରିଛି ।

ସୁମତି ପୁଣି ପ୍ରଶ୍ନକଲେ– ପାଞ୍ଚଟା କ୍ୟାବିନ୍ କରିବା ପାଇଁ କେତେ ଏମିତି ଖର୍ଚ୍ଚ ପଡ଼ିବ ? ସାତଲକ୍ଷ ନା ତା'ଠୁ ବେଶି ?

ସୁରେନ୍ଦ୍ର ଟିକେ ଚିନ୍ତାକରି କହିଲେ– ଫ୍ଲାଟ ଆକାରରେ ତିଆରି କଲେ ତା'ଠୁ କମ୍ ପଡ଼ିପାରେ ।

ସେଇ ଡ଼ାକ୍ତରଖାନାରୁ ଫେରିବା ରାସ୍ତାରେ ସୁମତି ଓ ସୁରେନ୍ଦ୍ର ଦୁହେଁ ସ୍ଥିର କଲେ କଟକ ଡ଼ାକ୍ତରଖାନା ପରିସରରେ ସେମାନେ ସାଧାରଣ ରୋଗୀମାନଙ୍କ ସୁବିଧା ପାଇଁ ତାଙ୍କ ବାପା ମାଆ, ଶାଶୁ ଶ୍ୱଶୁରଙ୍କ ନାମରେ ଚାରୋଟି କ୍ୟାବିନ୍ ତିଆରି କରିବେ । ସୁରେନ୍ଦ୍ରଙ୍କ ଫ୍ୟାମିଲି ଫ୍ରେଣ୍ଡ ଶିଳ୍ପପତି ସୀମାଚଳ ସାମନ୍ତରାୟ କଟକର ତୁଳସୀପୁରଠାରେ ଗୋଟେ ଶିବମନ୍ଦିର ତିଆରି କରିବା ପାଇଁ ମନସ୍ଥ କରିଛି । ତାଙ୍କୁ ପ୍ରବର୍ତ୍ତାଇଲେ ସିଏ ହୁଏତ ମନ୍ଦିର ନ କରି କ୍ୟାବିନ୍ ଗୋଟେ ଦୁଇଟା କରିବାକୁ ରାଜି ହୋଇଯାଇପାରେ । ଅନେକ ଲୋକ ମନ୍ଦିର ବେଢ଼ାରେ ନିଜ ନାମରେ କି ନିଜ ବାପା ମାଆଙ୍କ ନାମରେ ମାର୍ବଲ ଫଳକ ସ୍ଥାପନ କରିଛନ୍ତି । ସେମାନେ ବାପା ମାଆଙ୍କ ସ୍ମୃତିରକ୍ଷା ପାଇଁ ସେମାନଙ୍କ ନାମରେ ଡ଼ାକ୍ତରଖାନା ପାଇଁ ନୂଆ ବେଡ୍ ଦାନ କରି ପାରନ୍ତି ।

ଆନନ୍ଦ ଚନ୍ଦ୍ର ପତି

Digitized by srujanika@gmail.com

ସୁମତି ତାଙ୍କ ସ୍ୱାମୀକୁ ପ୍ରତିଶ୍ରୁତି ଦେଲେ– ମୁଁ ଏଇ ମାସକ ଭିତରେ ଦଶଜଣ ଲୋକ ଠିକ୍ କରି ଦେବି ଯେଉଁମାନେ ରୋଗୀମାନଙ୍କ ମଙ୍ଗଳ ପାଇଁ ଗୋଟେ ଗୋଟେ କ୍ୟାବିନ୍ ନିଜ ଖର୍ଚ୍ଚରେ କରିଦେବେ ।

ସୁରେନ୍ଦ୍ର କିନ୍ତୁ ସୁମତିଙ୍କୁ ମନା କଲେ– ନା, ତୁମ ଦେହ ଭଲ ନାହିଁ । ଅପରେସନ୍ ପରେ ତୁମର ସଂପୂର୍ଣ୍ଣ ବିଶ୍ରାମ ଦରକାର । ତୁମେ ବ୍ୟସ୍ତ ହୁଅନା, କ୍ୟାବିନ୍ ତିଆରି କରିବା ପାଇଁ ଲୋକ ଯୋଗାଡ଼ କରିବା ଦାୟିତ୍ୱ ମୋର । ଅନେକ ବଡ଼ ବଡ଼ ବ୍ୟବସାୟୀ ଓ ଶିଳ୍ପପତିଙ୍କ ସହିତ ମୋର ସଂପର୍କ, ବନ୍ଧୁତା ଓ ପରିଚୟ ଅଛି ।

ଡାକ୍ତରଖାନାରୁ ଫେରିବାର ଚାରିଦିନ ଭିତରେ ସୁରେନ୍ଦ୍ର ଡାକ୍ତରଖାନାର ସୁପରିନ୍‌ଟେଣ୍ଡେଣ୍ଟଙ୍କୁ ସାକ୍ଷାତ କରି ନିଜ ଖର୍ଚ୍ଚରେ ଚାରୋଟି କ୍ୟାବିନ୍ ତିଆରି କରିବାର ପ୍ରସ୍ତାବ ଦେଲେ । ସୁପରିନ୍‌ଟେଣ୍ଡେଣ୍ଟ ଡଃ ମନୋଜ ମିଶ୍ର ଏ ପ୍ରସ୍ତାବ ଶୁଣି ଖୁବ୍ ଖୁସି ହେଲେ ଓ ସୁରେନ୍ଦ୍ରଙ୍କୁ ଧନ୍ୟବାଦ ଜଣାଇଲେ । କିନ୍ତୁ ଡାକ୍ତରଖାନା ପରିସର ଭିତରେ ଘରୋଇ ଉଦ୍ୟମରେ କ୍ୟାବିନ୍ ତିଆରି ପାଇଁ ଅନୁମତି ପ୍ରଦାନ କରିବାକୁ ସେ ନିଜର ଅକ୍ଷମତା ପ୍ରକାଶ କରି କହିଲେ– ଆପଣ ଭୁବନେଶ୍ୱର ଯାଆନ୍ତୁ । ଆପଣ ନିଜ ଖର୍ଚ୍ଚରେ ସରକାରୀ ଡାକ୍ତରଖାନା ପରିସର ମଧ୍ୟରେ କ୍ୟାବିନ୍ ତିଆରି କରିବା ପାଇଁ ଲିଖିତ ପ୍ରସ୍ତାବ ସ୍ୱାସ୍ଥ୍ୟ ବିଭାଗରେ ଦିଅନ୍ତୁ । ସରକାରୀ ଅନୁମତି ମିଳିଗଲା ପରେ ଆପଣ କ୍ୟାବିନ୍ ତିଆରି କରିବେ । ମୁଁ ଭାବୁଛି ଏମିତି ପ୍ରସ୍ତାବକୁ ସରକାର ଅନୁମତି ପ୍ରଦାନ କରିବା ପାଇଁ ଆଗ୍ରହ ପ୍ରକାଶ କରିବେ; କାରଣ ଏଥିରେ ସରକାରଙ୍କର ତହବିଲ୍‌ରୁ କିଛି ଖର୍ଚ୍ଚ ହେବାର ନାହିଁ । ବରଂ ଆପଣ କ୍ୟାବିନ୍ ତିଆରି କଲେ ସେଥିରୁ ଯେଉଁ ଭଡ଼ା ଆଦାୟ ହେବ ତାହା ସରକାରୀ ରାଜକୋଷକୁ ଯିବ ।

ତା' ପର ଦିନ କ୍ୟାବିନ୍ କରିବା ପାଇଁ ଅନୁମତି ଭିକ୍ଷାକରି ଲିଖିତ ପ୍ରସ୍ତାବଟିଏ ଧରି ସୁରେନ୍ଦ୍ର ସ୍ୱାସ୍ଥ୍ୟ ବିଭାଗରେ ପହଞ୍ଚିଲେ । ଏମିତି ଗୋଟେ ଲୋକହିତକର ପ୍ରସ୍ତାବ ପାଇଁ ସ୍ୱାସ୍ଥ୍ୟ ବିଭାଗର ଶାସନସଚିବ ସୁରେନ୍ଦ୍ରଙ୍କୁ ଧନ୍ୟବାଦ ଦେଲେ । ତାଙ୍କର ସେବା ମନୋଭାବକୁ ତାରିଫ୍ କଲେ । ତାଙ୍କୁ ନିର୍ଭର ପ୍ରତିଶ୍ରୁତି ଦେଲେ– ଆପଣ ଯାଆନ୍ତୁ । ଅତି ବେଶିରେ ପନ୍ଦର ଦିନ ଭିତରେ ମୁଁ ଆପଣଙ୍କ ପାଖକୁ ଅନୁମତିପତ୍ର ପଠାଇ ଦେବି ।

ସୁରେନ୍ଦ୍ର ଶାସନସଚିବଙ୍କୁ କହିଲେ– ମୋତେ ଅନୁମତି ମିଳିଲେ ମୋର ଅନେକ ବନ୍ଧୁ ସେମାନଙ୍କ ସଂପର୍କୀୟଙ୍କ ସ୍ମୃତି ଉଦ୍ଦେଶ୍ୟରେ ଏମିତି କ୍ୟାବିନ୍ ତିଆରି କରିବେ । ଆଉ କେତେକ ମଧ୍ୟ ବେଡ୍ ଡୋନେଟ୍ କରିବାକୁ ଆଗ୍ରହ ପ୍ରକାଶ କରୁଛନ୍ତି ।

ଶାସନସଚିବ ସୁରେନ୍ଦ୍ରଙ୍କୁ ବିଦାୟ ଦେବାବେଳେ କହିଲେ– ଠିକ୍ ଅଛି ଆପଣ ସେମାନଙ୍କ ସହିତ କଥାବାର୍ତ୍ତା କରିଥାନ୍ତୁ । ଖୁବ୍ ଶୀଘ୍ର ଆମେ ଏହି ମର୍ମରେ ଆମ ବିଭାଗ ତରଫରୁ ଖବର କାଗଜରେ ଗୋଟିଏ ବିଜ୍ଞାପନ ଜରିଆରେ ବଦାନ୍ୟ ବ୍ୟକ୍ତିମାନଙ୍କଠାରୁ

Digitized by srujanika@gmail.com

ଏଥିପାଇଁ ଦରଖାସ୍ତ ଆହ୍ୱାନ କରିବୁ ।

ସଚିବାଳୟରୁ ଫେରି ସୁରେନ୍ଦ୍ର ସେଦିନ ସୁମତିଙ୍କୁ ସବୁକଥା କହିଲେ । ଏଇ ପନ୍ଦର ଦିନ ଭିତରେ ଅର୍ଥାତ୍ ଆସନ୍ତା ମାସ ପାଞ୍ଚ ତାରିଖ ଭିତରେ ସରକାରୀ ଅନୁମତି ମିଳିଯିବ । ସୁମତି କହିଲେ– ମୁଁ ଆଉ ଚାରିଜଣଙ୍କୁ ରାଜି କରାଇଛି । ସେମାନେ ନିଜ ଖର୍ଚ୍ଚରେ କ୍ୟାବିନ୍ ତିଆରି କରିବାକୁ ପ୍ରସ୍ତୁତ ।

ସୁରେନ୍ଦ୍ର କହିଲେ– ମୁଁ ମଧ୍ୟ ସାତ ଜଣଙ୍କୁ ରାଜି କରାଇଛି । ସେମାନେ ସମସ୍ତେ ଭାରି ଆଗ୍ରହୀ । ଆଉ କେତେକ ମଧ୍ୟବିତ୍ତ ଶ୍ରେଣୀର ଲୋକ ଡ଼ାକ୍ତରଖାନାକୁ ବେଡ୍ ଡୋନେଟ୍ କରିବାକୁ ଆଗ୍ରହ ପ୍ରକାଶ କରୁଛନ୍ତି ।

କିନ୍ତୁ କୋଡ଼ିଏ ଦିନ ବିତିଗଲା ପରେ ମଧ୍ୟ ସରକାରୀ ଚିଠି ଆସିଲା ନାହିଁ । ସୁମତି ସ୍ୱାମୀଙ୍କୁ ବାଧ୍ୟ କଲେ ସଚିବାଳୟ ଯାଇ ବୁଝିଆସିବାକୁ । ଶୁଭକାମରେ ହେଳା କରିବା ଉଚିତ ନୁହଁ । ସୁରେନ୍ଦ୍ର ସଚିବାଳୟ ଯାଇ ଶାସନସଚିବଙ୍କୁ ସାକ୍ଷାତ କଲେ । ଶାସନସଚିବ କହିଲେ– ମୁଁ ଫାଇଲ୍‌ଟାକୁ ସେଇ ଦିନ ମନ୍ତ୍ରୀଙ୍କ ପାଖକୁ ପଠାଇଛି । କୋଡ଼ିଏ ଦିନ ହେଲାଣି ମନ୍ତ୍ରୀଙ୍କ ଅଫିସ୍‌ରେ ଫାଇଲ୍ ପଡ଼ିଛି । ଆପଣ ଟିକେ ମନ୍ତ୍ରୀଙ୍କୁ ସାକ୍ଷାତ କରନ୍ତୁ । ତାଙ୍କ ପାଖର ଫାଇଲ୍‌ଟା ନଫେରିବା ପର୍ଯ୍ୟନ୍ତ କିଛି କରିହେବ ନାହିଁ । ହୁଏତ କାର୍ଯ୍ୟ ବ୍ୟସ୍ତତା ଭିତରେ ମନ୍ତ୍ରୀ ଏ ଫାଇଲ୍‌ଟା ଦେଖିବାକୁ ସମୟ ପାଇ ନାହାଁନ୍ତି । ଆପଣ ତାଙ୍କୁ ଟିକେ ସ୍ମରଣ କରାଇ ଦିଅନ୍ତୁ ।

ସୁରେନ୍ଦ୍ର ସିଧା ଉଠିଲେ ସ୍ୱାସ୍ଥ୍ୟ ମନ୍ତ୍ରୀଙ୍କ ଅଫିସ୍‌କୁ । ପ୍ରଥମେ ମନ୍ତ୍ରୀଙ୍କ ପ୍ରାଇଭେଟ୍ ସେକ୍ରେଟାରୀଙ୍କୁ ଭେଟି ତାଙ୍କ ଉଦ୍ଦେଶ୍ୟ ବ୍ୟକ୍ତ କଲେ । ପ୍ରାଇଭେଟ୍ ସେକ୍ରେଟାରୀ ସୁରେନ୍ଦ୍ରଙ୍କ ପ୍ରସ୍ତାବ ଶୁଣି ଖୁବ୍ ଖୁସି ହେଲେ । ସଙ୍ଗେ ସଙ୍ଗେ ଫାଇଲ୍‌ଟା ମନ୍ତ୍ରୀଙ୍କ ପାଖରୁ କରାଇ ଆଣିବାକୁ ପ୍ରତିଶ୍ରୁତି ଦେଇ ମନ୍ତ୍ରୀଙ୍କ ପ୍ରକୋଷ୍ଠରେ ପ୍ରବେଶ କଲେ ।

କିନ୍ତୁ ପାଞ୍ଚ ମିନିଟ୍ ପରେ ପ୍ରାଇଭେଟ୍ ସେକ୍ରେଟାରୀ ମନ୍ତ୍ରୀଙ୍କ ପ୍ରକୋଷ୍ଠରୁ ବାହାରି ଉତ୍‌କ୍ଷିପ୍ତ ହୋଇ କହିଲେ– ନାଇଁ, ଆଜି ମନ୍ତ୍ରୀ ଆଦୌ ଫ୍ରି ନାହାଁନ୍ତି । ତା'ଛଡ଼ା ମନ୍ତ୍ରୀଙ୍କ ମୁଡ୍ ଆଜି ଠିକ୍ ନାହିଁ ।

ସୁରେନ୍ଦ୍ର ନିରାଶ ହୋଇ କଟକ ଫେରି ଆସିଲେ । ପୁଣି ପାଞ୍ଚ ଦିନ ପରେ ଆସି ପ୍ରାଇଭେଟ୍ ସେକ୍ରେଟାରୀଙ୍କୁ ସାକ୍ଷାତ କଲେ । ସୁରେନ୍ଦ୍ରଙ୍କୁ ଦେଖୁ ଦେଖୁ ପ୍ରାଇଭେଟ୍ ସେକ୍ରେଟାରୀଙ୍କ ମୁହଁର ରଙ୍ଗ ବଦଳିଗଲା । ସେ ସୁରେନ୍ଦ୍ରଙ୍କ ସହିତ କଥାବାର୍ତ୍ତା କରିବାକୁ କୁଣ୍ଠା ପ୍ରକାଶ କଲେ । ବିଭିନ୍ନ ଆଳ ଦେଖାଇ କଥାବାର୍ତ୍ତା କରିବାକୁ ଆଭଏଡ୍ କଲେ । ସୁରେନ୍ଦ୍ର ତଥାପି ପ୍ରାଇଭେଟ୍ ସେକ୍ରେଟାରୀଙ୍କୁ ଅନୁରୋଧ କଲେ ମନ୍ତ୍ରୀଙ୍କ ସହିତ ତାଙ୍କର ସାକ୍ଷାତ କରାଇଦେବାକୁ । କିନ୍ତୁ ପ୍ରାଇଭେଟ୍ ସେକ୍ରେଟାରୀ କହିଲେ– ଆଜି ମନ୍ତ୍ରୀ କେବଳ ସରକାରୀ ଲୋକଙ୍କ ସହିତ ସାକ୍ଷାତ ଆଲୋଚନା କରିବେ । ବେସରକାରୀ

Digitized by srujanika@gmail.com

ଲୋକଙ୍କୁ ସାକ୍ଷାତ ଦେବାକୁ ମନ୍ତ୍ରୀଙ୍କ ହାତରେ ଆଜି ସମୟ ନାହିଁ । ଆଉ ଦୁଇ ଘଣ୍ଟା ପରେ ମନ୍ତ୍ରୀ ଦିଲ୍ଲୀ ଚାଲିଯିବେ ।

ସୁରେନ୍ଦ୍ର ସେଦିନ କଟକ ଫେରିଯିବାକୁ ବାଧ୍ୟ ହେଲେ । ଏଥର ସ୍ଥିର କଲେ ଫୋନ୍‌ରେ ପ୍ରାଇଭେଟ୍ ସେକ୍ରେଟାରୀଙ୍କ ସହିତ ଟାଇମ୍ ଫିକ୍ସ କରି ମନ୍ତ୍ରୀଙ୍କୁ ସାକ୍ଷାତ କରିବାକୁ ଯିବେ । ଏମିତି ଅଯଥାରେ ବାରମ୍ବାର ଆସି ଫେରିବାରେ ତାଙ୍କ ମନରେ ଘୋର ଆଘାତ ଲାଗିଛି । ଏ ସବୁ କଥା କିନ୍ତୁ ସିଏ ସୁମତିଙ୍କୁ ଜଣାଇ ନାହାଁନ୍ତି । ପ୍ରତିଥର ଭୁବନେଶ୍ୱରରୁ ଫେରି ସୁମତିଙ୍କ ମିଛ ଆଶ୍ୱାସନା ଦେଇଛନ୍ତି । ଏଇ ଆଠ ଦିନ ଭିତରେ ଅନୁମତି ପତ୍ର ମିଳିଯିବ ।

ପାଞ୍ଚ ଥର ଫୋନ୍ କରିବା ପରେ ପ୍ରାଇଭେଟ୍ ସେକ୍ରେଟାରୀଙ୍କ ସହିତ କଥାବାର୍ତ୍ତା କରିବାର ସୁଯୋଗ ମିଳିଲା ନାହିଁ । ତାଙ୍କ ସହିତ ଅନେକଥର ଯୋଗଯୋଗ କରିବାକୁ ଉଦ୍ୟମ କରି ବିଫଳ ହେଲାପରେ ସୁରେନ୍ଦ୍ର ନିରାଶ ହୋଇ ଅନ୍ୟ କିଛି ଉପାୟ ଚିନ୍ତା କରୁଥିବାବେଳେ ହଠାତ୍ ଦିନେ ତାଙ୍କ ସହିତ ଟେଲିଫୋନ୍ ସଂଯୋଗ ହୋଇଗଲା । ପ୍ରାଇଭେଟ୍ ସେକ୍ରେଟାରୀ ବିରକ୍ତ ହୋଇ କହିଲେ– ଆପଣ କ'ଣ ବିରୋଧୀଦଳରୁ ଏଥର ନିର୍ବାଚନ ଲଢ଼ିବାର ମତଲବ୍‌ରେ ଅଛନ୍ତି କି ? ଆଉ ନ ହେଲେ କାହିଁକି ଏମିତି ବଦାନ୍ୟତା ଦେଖାଇବାକୁ ଏତେ ଆଗ୍ରହୀ ? ଯଦି ଲୋକସେବା କରିବାର ଇଚ୍ଛା ଅଛି ତା' ହେଲେ ଆପଣ ନିଜେ ଡାକ୍ତରଖାନା ଖୋଲନ୍ତୁ, ବେଡ୍ ତିଆରି କରନ୍ତୁ, କ୍ୟାବିନ୍ ତିଆରି କରନ୍ତୁ; କିନ୍ତୁ ସରକାରଙ୍କ କାନ୍ଧରେ ଥୋଇ ବନ୍ଧୁକ ଫୁଟାଇବା ଆଶା ଛାଡ଼ି ଦିଅନ୍ତୁ । ସରକାର ସେ ସୁଯୋଗ କାହାକୁ ଦେବେ ନାହିଁ ।

ସୁରେନ୍ଦ୍ର ବିସ୍ମିତ ହୋଇ କହିଲେ– ଆପଣ ଏସବୁ କ'ଣ କହୁଛନ୍ତି ?

ସେପଟରୁ ପ୍ରାଇଭେଟ୍ ସେକ୍ରେଟାରୀ କହିଲେ– ଏ ସବୁ ମୁଁ କିଛି କହୁନାହିଁ । ମନ୍ତ୍ରୀ ଯାହା କହିଲେ ମୁଁ ଅବିକଳ ସେ କଥା ଆପଣଙ୍କୁ ଜଣାଇ ଦେଲି ।

– ମୁଁ କିନ୍ତୁ ମନ୍ତ୍ରୀଙ୍କ କଥାର ଅର୍ଥ କିଛି ବୁଝିପାରୁ ନାହିଁ । ମୋର ସେମିତି କିଛି ଖରାପ ଉଦ୍ଦେଶ୍ୟ ନାହିଁ ।

– ମନ୍ତ୍ରୀ କହିଲେ ଆପଣ ନିଶ୍ଚୟ ବିରୋଧୀ ଦଳରେ ଯୋଗ ଦେଇଛନ୍ତି । ଆପଣ ଡାକ୍ତରଖାନାରେ କ୍ୟାବିନ୍ ନିର୍ମାଣ କଲେ ପ୍ରମାଣିତ ହେବ ଯେ ବର୍ତ୍ତମାନର ସରକାର ଅପାରଗ । ସରକାରଙ୍କ ଆର୍ଥିକ ସମ୍ବଳର ଅଭାବ । ସେଥି ପାଇଁ ସରକାର ଘରୋଇ ଲୋକଙ୍କ ସହାୟତା ଲୋଡ଼ୁଛନ୍ତି । କ'ଣ ଏଥର ବୁଝିଲେ ତ ? ସରକାରଙ୍କୁ ସହଜରେ ବଦନାମ କରିବାକୁ ଆପଣଙ୍କର ଇଏ ଗୋଟେ ସୁଚିନ୍ତିତ ଯୋଜନା ।

ସୁରେନ୍ଦ୍ର ପ୍ରାଇଭେଟ୍ ସେକ୍ରେଟାରୀଙ୍କୁ ବୁଝାଇବା ଉଦ୍ଦେଶ୍ୟରେ କହିଲେ– ଦେଖନ୍ତୁ ମୁଁ କୌଣସି ରାଜନୈତିକ ଦଳରେ ଯୋଗ ଦେଇ ନାହିଁ କି ଆଗାମୀ

Digitized by srujanika@gmail.com

ନିର୍ବାଚନରେ ପ୍ରାର୍ଥୀ ହେବାର ମୋର ଅଭିଳାଷ ନାହିଁ । ମୁଁ ନିଜେ କ୍ୟାବିନ୍ ନ ପାଇ ହଇରାଣ ହୋଇଥିବାରୁ ସେ ଦିଗରେ କିଛିଟା କରିବା ପାଇଁ ମୋର ଇଚ୍ଛା । ଅନେକ ଲୋକ ମଧ୍ୟ ମୋ ପରି କ୍ୟାବିନ୍ କରିବାକୁ ଆଗ୍ରହୀ । ସରକାର କେବଳ ଅନୁମତି ଦେବା କଥା । ତା' ଭିତରେ ଏତେ ଅସୁବିଧା ଅଛି ବୋଲି ମୋତେ ଆଦୌ ଜଣା ନ ଥିଲା ।

ସେପଟରୁ ପ୍ରାଇଭେଟ୍ ସେକ୍ରେଟାରୀଙ୍କ ହସ ଶୁଭିଲା । ସେ ଖୁବ୍ ଲମ୍ବା ହସଟେ ହସିସାରି କହିଲେ– ଏବେ ବୁଝିଲେ ତ ? ନା, ଆଉ ମନ୍ତ୍ରୀଙ୍କୁ ଦେଖା କରିବା ଆବଶ୍ୟକ ନାହିଁ । ପାଞ୍ଚଥର ଆସି ମନ୍ତ୍ରୀଙ୍କ ସାକ୍ଷାତ ନ ପାଇ ଫେରିଛନ୍ତି । ଆଉ ପଚାଶ ଥର ଆସିଲେ ବି ଆପଣଙ୍କୁ ମନ୍ତ୍ରୀଙ୍କ ସାକ୍ଷାତ ମିଳିବ ନାହିଁ ।

ପ୍ରାଇଭେଟ୍ ସେକ୍ରେଟାରୀ ଆରପଟରେ ଖୁବ୍ ଜୋରରେ ଟେଲିଫୋନ୍ ରିସିଭରଟା କଚାଡ଼ି ଦେବାର ଶବ୍ଦଟା ସୁରେନ୍ଦ୍ରଙ୍କ କାନରେ ପିଟି ହୋଇଗଲା ।

ସେଇଦିନ ମନ୍ତ୍ରୀ ଫାଇଲ୍‌ଟା ସ୍ୱାସ୍ଥ୍ୟବିଭାଗକୁ ଫେରାଇ ଦେଲେ । ସେ ଫାଇଲରେ ମନ୍ତ୍ରୀ ମନ୍ତବ୍ୟ ଦେଇଥିଲେ– ସରକାରୀ ଡ଼ାକ୍ତରଖାନାରେ ଅଯଥା ଘରୋଇ ହସ୍ତକ୍ଷେପକୁ ପ୍ରଶ୍ରୟ ଦିଆଯିବ ନାହିଁ ।

□□

ଆନନ୍ଦ ଚନ୍ଦ୍ର ପତି

Digitized by srujanika@gmail.com

ଜରାନିବାସ

ଖବରକାଗଜରେ ପ୍ରକାଶ ପାଇଥିବା ଜରାନିବାସ ବିଜ୍ଞାପନ ଉପରେ ମୋ ଆଖି ଅଟକିଗଲା । ଖବରକାଗଜର ପ୍ରଥମ ପୃଷ୍ଠାରେ ଆଖି ପଡ଼ିବାଭଳି ସ୍ଥାନରେ ବିଜ୍ଞାପନ– 'ସ୍ୱୟଂପ୍ରଭା ସ୍ୱେଚ୍ଛାସେବୀ ସଂଗଠନ ତରଫରୁ ଅପୂର୍ବ ଉପହାର । ନିଜର ଜୀବନ ଇଚ୍ଛା ମୁତାବକ ବଞ୍ଚନ୍ତୁ । ଆପଣଙ୍କୁ ସାହଚର୍ଯ୍ୟ ଯୋଗାଇବାକୁ ସାଥୀ ମିଳିବେ, ମନୋରଂଜନ ପାଇଁ ସୁବ୍ୟବସ୍ଥା ରହିଛି । ସେବା, ଯତ୍ନ ଓ ଚିକିତ୍ସାର ସମସ୍ତ ବନ୍ଦୋବସ୍ତ କରାଯାଇଛି । ସ୍ୱୟଂପ୍ରଭା ସ୍ୱେଚ୍ଛାସେବୀ ସଂଗଠନର ଜରାନିବାସରେ ତୁରନ୍ତ ସ୍ଥାନ ସଂରକ୍ଷଣ କରି ନିଜ ଅଧିକାର, ସୁଖ, ସ୍ୱାଚ୍ଛନ୍ଦ୍ୟ ଓ ସୁବିଧାର ସୁରକ୍ଷା କରନ୍ତୁ ।'

ଜରାନିବାସରେ ସ୍ଥାନ ସଂରକ୍ଷଣ ପାଇଁ ଇଚ୍ଛୁକ ବୃଦ୍ଧ, ବୃଦ୍ଧା ବା ସେମାନଙ୍କ ପୁତ୍ରକନ୍ୟାଙ୍କଠାରୁ ଦରଖାସ୍ତ ସହିତ ୨୫ ହଜାର ଟଙ୍କାର ବ୍ୟାଙ୍କ ଡ୍ରାଫ୍ଟ୍ ଆହ୍ୱାନ କରାଯାଇଛି ।

ଏହି ଜରାନିବାସ ଯୋଜନାର ବିଶେଷ ନିୟମଗୁଡ଼ିକ ଉପରେ ମୁଁ ହାଲୁକା ଭାବେ ଆଖି ବୁଲାଇ ଆଣିଲି । ପ୍ରଥମ କିସ୍ତିରେ ୨୫ ହଜାର ଟଙ୍କାର ବ୍ୟାଙ୍କ ଡ୍ରାଫ୍ଟ, ଜରାନିବାସ ତିଆରି ସରିବା ପରେ ଆଉ ୫୦ ହଜାର ଟଙ୍କା ଦେଲେ ସେଠି ରହିବାର ଅଧିକାର ମିଳିବ । ଗୋଟିଏ ବେଡ୍‌ରୁମ୍ ତା' ସହିତ ସଂଲଗ୍ନ ସ୍ନାନାଗାର, ଶୌଚାଗାର । ବେଡ୍‌ରୁମ୍‌ରେ ରେଡ଼ିଓ, ରଙ୍ଗିନ୍ ଟିଭି ଓ ଟେଲିଫୋନ୍ ବ୍ୟବସ୍ଥା ରହିବ । ସେ ସବୁ ପାଇଁ ଦେୟ ସ୍ୱତନ୍ତ୍ର ।

ସାଧାରଣ ପାଠାଗାର, ଭୋଜନାଳୟ, ପାର୍କ, ଆଉ ଇନ୍‌ଡୋର ଓ ଆଉଟ୍‌ଡୋର ଗେମ୍‌ର ବ୍ୟବସ୍ଥା । ସାପ୍ତାହିକ ସ୍ୱାସ୍ଥ୍ୟ ସେବାର ବ୍ୟବସ୍ଥା ରହିବ ।

ଏମିତି ଜରାନିବାସ ଇଂଲଣ୍ଡ, ଆମେରିକା ପରି ଶିଳ୍ପସମୃଦ୍ଧ ପାଶ୍ଚାତ୍ୟ

Digitized by srujanika@gmail.com

ଦେଶମାନଙ୍କରେ ଥିବା କଥା ମୁଁ ପୂର୍ବରୁ ଶୁଣିଥିଲି, ଗଳ୍ପ, ଉପନ୍ୟାସରେ ପଢ଼ିଥିଲି, କିନ୍ତୁ ଭୁବନେଶ୍ୱରରେ ଏମିତି ଗୋଟେ ଜରାନିବାସ ନିର୍ମାଣ ହେବା କଥା ମୁଁ ସ୍ୱପ୍ନରେ ସୁଦ୍ଧା ଭାବି ନଥିଲି ।

ଭୁବନେଶ୍ୱରର ଏଯାଏ ମେଟ୍ରୋସିଟି ହୋଇ ନାହିଁ । ଏଠି ଜରାନିବାସର କି ଆବଶ୍ୟକତା ଅଛି ? ପାଶ୍ଚତ୍ୟ ଦେଶମାନଙ୍କରେ ପାରିବାରିକ ଜୀବନ ଭାଙ୍ଗି ଯାଇଛି । ସେଠି ସନ୍ତାନମାନଙ୍କର ବୃଦ୍ଧ ପିତାମାତାଙ୍କ ପ୍ରତି ଆକର୍ଷଣ ନାହିଁ । ନିର୍ଦ୍ଦିଷ୍ଟ ବୟସସୀମା ପାରହେବା ପରେ ବୃଦ୍ଧ ପିତାମାନେ ପୁଅଝିଅ କିମ୍ବା ପୁଅବୋହୂଙ୍କ ଆଶ୍ରୟ ନ ଲୋଡ଼ି ଜରାନିବାସରେ ଆଶ୍ରୟ ନିଅନ୍ତି ।

କିନ୍ତୁ ଏମିତି ଏକ ଜରାନିବାସର ଆବଶ୍ୟକତା କ'ଣ ଭୁବନେଶ୍ୱର ପରି ଅଖ୍ୟାତ ସହରରେ ଦେଖା ଦେଲାଣି ? ଏ ସହରର ପୁତ୍ର, କନ୍ୟା ବା ବଧୂମାନେ ବୃଦ୍ଧ ପିତାମାତାମାନଙ୍କୁ ନିଜ ପାଖରେ ରଖିବାକୁ ଅନିଚ୍ଛା ପ୍ରକାଶ କଲେଣି ? କାଇଁ ଏମିତି ଗୋଟେ ସମସ୍ୟା ଏ ସହରରେ ମୁଣ୍ଡ ଟେକୁଥିବା କଥା ମୁଁ ଏପର୍ଯ୍ୟନ୍ତ ଅନୁଭବ କରିନାହିଁ ।

ବିଦେଶରୁ ପ୍ରଚୁର ଟଙ୍କା ପାଉଥିବା ଏ ସ୍ୱେଚ୍ଛାସେବୀ ଅନୁଷ୍ଠାନମାନଙ୍କ ଉପରେ ମୁଁ ବିରକ୍ତି ପ୍ରକାଶ କଲି । ବିଦେଶୀ ଟଙ୍କା ସହିତ ବିଦେଶୀ ସଂସ୍କୃତିକୁ ଆମ ଦେଶକୁ ଆମଦାନୀ କରୁଥିବା ସ୍ୱେଚ୍ଛାସେବୀ ଅନୁଷ୍ଠାନମାନଙ୍କ ଭୂମିକା ଆମ ସଂସ୍କୃତି ଓ ପରଂପରାକୁ ଭାଙ୍ଗିବାରେ ଅନେକାଂଶରେ ଦାୟୀ ।

ମୁଁ ଖବର କାଗଜଟାକୁ ଦୂରକୁ ଫିଙ୍ଗି ଦେଲି ।

ଜରାନିବାସର ବିଜ୍ଞାପନଟା ଦିନେ ଦୁଇ ଦିନ ପର୍ଯ୍ୟନ୍ତ ମୋତେ ଅସ୍ଥିର କରି ରଖିଲା । ଖବର କାଗଜରେ ପ୍ରକାଶ ପାଉଥିବା ରାଜନୈତିକ ଘଟଣା, ଦୁର୍ଘଟଣା, ପୋଡାଜଳା, ଚୋରି, ଧର୍ଷଣ ଇତ୍ୟାଦି ଅତ୍ୟନ୍ତ ଦେହଘଷା ଖବରଠାରୁ ଜରାନିବାସ ନିର୍ମାଣ ବିଜ୍ଞାପନଟା ଖୁବ୍ ସ୍ୱତନ୍ତ୍ର ଥିଲା ଓ ନୂତନ ଜାଗରଣ ସୃଷ୍ଟି କରିଥିଲା ମୋ ଅବଚେତନ ମନ କାନ୍ଥଭାସରେ ।

ସେ ବିଜ୍ଞାପନ ପ୍ରକାଶ ପାଇବାର ଆଠଦିନ ପରେ ହାତରେ ସେଇ ବିଜ୍ଞାପନ କଟିଂ ଖଣ୍ଡେ ଧରି ମୋ ପାଖରେ ପହଞ୍ଚିଲେ ଦୂର ସଂପର୍କୀୟ ଯଦୁମାମୁ । ତାଙ୍କ ହାତରେ ବିଜ୍ଞାପନଟି ଦେଖି ମୁଁ ବୁଝିଗଲି ଯଦୁମାମୁଙ୍କୁ ବିଜ୍ଞାପନଟି ଆକର୍ଷିତ କରିଛି । କିନ୍ତୁ ଯଦୁମାମୁଙ୍କର କ'ଣ ଅସୁବିଧା ? ତାଙ୍କର ଦୁଇ ଦୁଇଟା ଯୋଗ୍ୟ ପୁଅ । ଜଣେ ଏଇ ଭୁବନେଶ୍ୱରରେ ଆଉ ଜଣେ ବମ୍ବେରେ । ଦୁଇ ଜଣଯାକ ଉଚ୍ଚ ପଦରେ ଅଧିଷ୍ଠିତ । ବମ୍ବେରେ ଥିବା ସାନ ପୁଅର ମାସିକ ଦରମା ୩୦ ହଜାର । ସିଏ କେଉଁ ନାମୀ କଂପାନୀରେ ଇଂଜିନିୟର । ଭୁବନେଶ୍ୱର ପୁଅ ମଧ୍ୟ ରାଜ୍ୟ ସରକାରଙ୍କ ଉଚ୍ଚ ପଦବୀର

Digitized by srujanika@gmail.com

ଅଧିକାରୀ । ସରକାରୀ ବଙ୍ଗଳା ସହିତ ଭୁବନେଶ୍ବରରେ ନିଜର ତିନିମହଲା କୋଠା ଅଛି ।

ଯଦୁମାମୁଙ୍କର ଜରାନିବାସ କ'ଣ ବା ଦରକାର ? ଯଦୁମାମୁ ତାଙ୍କ ସମୟରେ ସରକାରୀ ଚାକିରି କରିନଥିଲେ .ମଧ୍ୟ ଶିକ୍ଷିତ ଥିଲେ । ରାଜନୀତି ତାଙ୍କୁ ଆକୃଷ୍ଟ କରିଥିଲା ଶେଷ ପର୍ଯ୍ୟନ୍ତ । ଯଦୁମାମୁ ରାଜନୀତିର ଶିଡ଼ିରେ ଚଢ଼ି ୱାର୍ଡମେମ୍ବର, ସରପଞ୍ଚ ଶେଷରେ ବ୍ଲକ ଚେୟାରମ୍ୟାନ ପର୍ଯ୍ୟନ୍ତ ଯାଇଥିଲେ । ଦୁଇଥର ଲଗାତର ବ୍ଲକ ଚେୟାରମ୍ୟାନ୍ ହେବାପରେ ବିଧାନସଭା ସଭ୍ୟ ପଦ ପାଇଁ କୌଣସି ଏକ ଜାତୀୟ ରାଜନୈତିକ ଦଳରୁ ଟିକେଟ୍ ଯୋଗାଡ଼ର ଉଦ୍ୟମରେ ଥିଲେ । ସେଥିପାଇଁ ତାଙ୍କୁ ଦୁଇ ଲକ୍ଷ ଟଙ୍କା ଦେବାକୁ ପଡ଼ିଥାନ୍ତା । ସିଏ ତାହା ଦେବାକୁ ମଧ୍ୟ ପ୍ରସ୍ତୁତ ଥିଲେ, କିନ୍ତୁ ତାଙ୍କ ଦୁଇ ପୁଅ ତାଙ୍କର ଏ ବୃଦ୍ଧ ବୟସରେ ରାଜନୀତିରେ ମାତିବାକୁ ତୀବ୍ର ବିରୋଧ କଲେ । ଭୁବନେଶ୍ବରରେ ଚାକିରି କରିଥିବା ବଡ଼ପୁଅ ଜବରଦସ୍ତ ଗାଆଁରୁ ତାଙ୍କୁ ଭୁବନେଶ୍ବର ନେଇଆସିଲେ । ବାଘ ଲୁହାବାଡ଼ ଘେରା ଯତାରେ ରହି ଗର୍ଜନ କରିବା ପରି ଯଦୁମାମୁ ପାଞ୍ଚବର୍ଷ କାଳ ଗର୍ଜନ ତର୍ଜନ କଲେ । ବମ୍ବେରୁ ତାଙ୍କ ସାନପୁଅ ଓ ବୋହୂ ଆସି ତାଙ୍କୁ ଭୁବନେଶ୍ବରରୁ ବମ୍ବେ ନେଇଗଲେ । କିନ୍ତୁ ବମ୍ବେରେ ମାତ୍ର ଚାରିମାସ ରହିବା ପରେ ଯଦୁମାମୁ ଛାଟିପିଟି ହେଲେ । ଏଡେ ବଡ଼ ଗହଳ ଚହଳ ସହରଟା ତାଙ୍କୁ ଜନମାନବ ଶୂନ୍ୟ ଅରଣ୍ୟ ପରି ଭୟଙ୍କର ଲାଗିଲା । ଗୋଟିଏ ହେଲେ ଘର କି ରାସ୍ତା କି ମଣିଷ ତାଙ୍କର ଚିହ୍ନା ନୁହଁ । ଏତେଲୋକ ଦେହକୁ ଦେହ ବାଜୁଛି କିନ୍ତୁ ଗୋଟିଏ ଲୋକ ତାଙ୍କ ପାଖରେ ଅଟକୁ ନାହିଁ କି ପଦେ କଥା କହୁ ନାହିଁ କିମ୍ବା ଦଣ୍ଡେ ତାଙ୍କ ମୁହଁକୁ ଚାହୁଁ ନାହିଁ । ସମସ୍ତେ ଧାଇଁବା ପରି ଧପାଲିଛନ୍ତି କାହାକୁ ଅପେକ୍ଷା ନ କରି ।

ଏମିତି ପରିବେଶ ଯଦୁମାମୁଙ୍କୁ ଅସହ୍ୟ ଲାଗିଲା । ସାନ ପୁଅ କି ସାନ ବୋହୂ କାହାକୁ କିଛି ନ କହି ସିଏ ସିଧା ଟିକେଟ କାଟିଲେ ନିଜ ଗାଆଁକୁ । ଗାଆଁରେ ପହଞ୍ଚି ଦୁଇ ପୁଅଙ୍କୁ ଜଣାଇ ଦେଲେ ସହରରେ ରହିବା ତାଙ୍କ ପକ୍ଷେ ସମ୍ଭବ ନୁହଁ । ତାଙ୍କ କର୍ମକ୍ଷେତ୍ର ଗାଆଁରେ । ତେଣୁ ଏଣିକି ସିଏ ଗାଆଁରେ ରହିବେ ।

କିନ୍ତୁ ଗାଆଁ ରହଣିର ଦୁଇ ମାସ ଭିତରେ ଯଦୁମାମୁ ତାଙ୍କ ରାଜନୈତିକ ପ୍ରତିପକ୍ଷର ଗୁଣ୍ଡାଙ୍କ ହାତରେ ମାଡ଼ଖାଇ ଗୁରୁତର ଭାବେ ଆହତ ହୋଇ ଗାଆଁ ପାଖ ହସପିଟାଲରେ ଭର୍ତ୍ତି ହେଲେ । ଗାଆଁ ଡାକ୍ତରଖାନାରେ ତାଙ୍କ ଅବସ୍ଥା ଆୟତ୍ତ ବାହାରକୁ ଚାଲିଯିବାରୁ ବଡ଼ପୁଅ ଆସି ତାଙ୍କୁ ପୁଣି ଥରେ ଭୁବନେଶ୍ବର ନେଇଗଲେ । ଦୀର୍ଘ ଚାରିମାସର ଚିକିତ୍ସା ପରେ ଯଦୁମାମୁ ସୁସ୍ଥ ହେଲେ । କିନ୍ତୁ ସବୁଦିନ ପାଇଁ ଦୁର୍ବଳ ହୋଇଗଲେ । ହାତ ଓ ଗୋଡ଼ ଗଣ୍ଠିରେ ମାଡ଼ ଦରଜ ସିଏ ଏବେ ବି ଅନୁଭବ କରୁଛନ୍ତି ।

ଏକଦା ଗୋଟେ ଅଞ୍ଚଳକୁ ଶାସନ କରୁଥିବା ଯଦୁମାମୁ ତାଙ୍କ ପୁଅର ସଂସାର

Digitized by srujanika@gmail.com

ଭିତରେ ବନ୍ଦୀ ହେବାକୁ ଚାହୁଁ ନାହାଁନ୍ତି । ପୁଅ ଅଧୀନରେ ପୁଅଟିଏ ହୋଇ ତା'ର ଅନୁଶାସନ ମାନି ଚଳିବା ତାଙ୍କ ପରି ଜଣେ ରାଜନୈତିକ ନେତାପକ୍ଷେ ସମ୍ଭବ ନୁହଁ ।

ଗାଆଁକୁ ଯାଇ ତାଙ୍କ ରାଜନୈତିକ ପ୍ରତିପକ୍ଷଙ୍କ ସହିତ ସଂଘର୍ଷ କରିବାକୁ ତାଙ୍କ ମନରେ ଆଗ୍ରହ ଆଉ ସାହସ ଥିଲେ ବି ତାଙ୍କ ଦୁର୍ବଳ ସ୍ୱାସ୍ଥ୍ୟ କି ତାଙ୍କର ଦୁଇ ପୁଅ କେହି ତାଙ୍କୁ ଅନୁମତି ଦେବେ ନାହିଁ ।

ଏମିତି ଗୋଟେ ପରିସ୍ଥିତିରେ ପଡ଼ି କ'ଣ କରିବେ, କ'ଣ ନ କରିବେ ବୋଲି ଅନ୍ଧାରରେ ବାଡ଼ି ବୁଲାଉଥିବା ବେଳେ ଖବର କାଗଜରେ ପ୍ରକାଶିତ ଏଇ 'ଜରାନିବାସ' ବିଜ୍ଞାପନଟି ତାଙ୍କ ଆଗରେ ଉଜ୍ଜ୍ୱଳ ଦୀପ ଶିଖାଟିଏ ପରି ତାଙ୍କୁ ବାଟ ଦେଖାଇଛି । ଜରାନିବାସରେ ତାଙ୍କ ପରି ଆଉ ଅନେକ ବୃଦ୍ଧଙ୍କ ସହିତ ଦୁଃଖ ସୁଖ, ବୁଲା ବୁଲି କଥାବାର୍ତ୍ତାରେ ତାଙ୍କର ସମୟ କଟିବ ।

ଜରାନିବାସ ପାଇଁ ଆବଶ୍ୟକ ଦେୟ ପଇଠ କରିବା ତାଙ୍କ ପକ୍ଷେ ଆଦୌ କଷ୍ଟ କାମ ନୁହଁ । ଦୁଇ ପୁଅ ଭାଗ ଭାଗ କରି ଜରାନିବାସ ଦେୟ ଦେବାକୁ ଆଦୌ କୁଣ୍ଠାବୋଧ କରିବେ ନାହିଁ । ବରଂ ଯଦୁମାମୁ ଏ ବ୍ୟବସ୍ଥା ଗ୍ରହଣ କଲେ ଦୁଇ ପୁଅଙ୍କର ଦାୟିତ୍ୱ ଲାଘବ ହେବ ।

ଯଦୁମାମୁ ଆଣିଥିବା ବିଜ୍ଞାପନଟି ମୋ ହାତକୁ ବଢ଼ାଇ ଦେଇ ଚୁପ୍ ଚାପ୍ ଠିଆ ହେଲେ । ଯଦୁମାମୁ ମୋର ସଂପର୍କୀୟ ମାମୁ ହେଲେ ବି ତାଙ୍କ ମୋ ମଧରେ ବୟସର ବ୍ୟବଧାନ ବେଶି ନାହିଁ । ସିଏ ମୋଠୁ ମାତ୍ର ଚାରି ବର୍ଷ ବଡ଼ ।

ମୁଁ ବିଜ୍ଞାପନଟି ଉପରେ ଥରେ ଆଖି ବୁଲାଇ ଆଣି ତାଙ୍କୁ ଚାହିଁଲି । ମୁଁ ତାଙ୍କୁ ଏଥିରେ କି ସାହାଯ୍ୟ କରିପାରେ ବୋଲି ତାଙ୍କୁ ପ୍ରଶ୍ନ କଲି ।

ଯଦୁମାମୁ କହିଲେ– ଏ ବିଜ୍ଞାପନ ଅନୁସାରେ ମୁଁ ଦରଖାସ୍ତଟିଏ ଲେଖିଦେବି । ତୁ ସେ ଦରଖାସ୍ତଟି ମୋ ଦୁଇ ପୁଅଙ୍କୁ ଦେଖାଇ ସେମାନଙ୍କ ମତାମତ ସଂଗ୍ରହ କରିଦେବୁ । ଆଉ ସେମାନେ ଯଦି ରାଜି ହୁଅନ୍ତି ସେମାନଙ୍କଠାରୁ ଆବଶ୍ୟକ ଟଙ୍କା ମଧ ତୁ ଆଣିବୁ ।

ମୁଁ ସେମାନଙ୍କୁ ଏକଥା କୁହନ୍ତି, କିନ୍ତୁ ଏମିତି ଗୋଟେ ପ୍ରସ୍ତାବ ମୋ ନିଜ ତରଫରୁ ଦେବାଟା ଠିକ୍ ହେବ ନାହିଁ । ମୋ ନିଜ କଥାଟା ନିଜ ପିଲାଙ୍କ ପାଖରେ ହୁଏତ ମୁଁ ଠିକ୍ ଭାବେ କହିପାରିବି ନାହିଁ । ସେମାନେ ମୋ ପାଖରେ ଯେତେଟା ଫ୍ରି ଫ୍ରାଙ୍କ୍ ନ ହୋଇ ପାରିବେ, ସେତେଟା ଫ୍ରି ତୋ ପାଖରେ ହେବେ । ପାଶ୍ଚାତ୍ୟ ଦେଶରେ ଏ ବ୍ୟବସ୍ଥାଟା ଆଭିଜାତ୍ୟର ଚିହ୍ନ ଭାବେ ଗୃହୀତ ହେଉଥିବାବେଳେ ଆମ ଦେଶରେ ଏଥି ପାଇଁ ସାମାଜିକ ସ୍ୱୀକୃତି ମିଳି ନାହିଁ ।

ମୋ ସାନପୁଅର ମତାମତ ପାଇଁ ତୋତେ ବମ୍ବେ ଯିବାକୁ ପଡ଼ିବ ନାହିଁ, ସିଏ

Digitized by srujanika@gmail.com

କାଲିଠୁ ଭୁବନେଶ୍ୱର ଆସିଛି । କ'ଣ କହୁଛୁ ? ମୋ ପାଇଁ ଏତିକି କରିଦେବୁ ନାହିଁ ?

ମୁଁ ଯଦୁମାମୁଙ୍କ କଥା ଶୁଣି ନ ଶୁଣିବା ପରି କିଛି ଉତ୍ତର ନ ଦେଇ ଚୁପ୍‌ଚାପ୍ ଠିଆ ହୋଇ କେବଳ ସେହି ବିଜ୍ଞାପନକୁ ଚାହିଁଥିଲି । ମୋର ଗୋଟିଏ ପୁଅ, ଗୋଟିଏ ଝିଅ । ପୁଅ ଚାକିରି କରେ ବମ୍ବେରେ । ସିଏ ଆସନ୍ତା ବର୍ଷ ସସ୍ତ୍ରୀକ ଆମେରିକା ଯିବ । ତା'ର ପାସପୋର୍ଟ ପ୍ରସ୍ତୁତ ହୋଇ ସାରିଛି । ତା' ପ୍ରଫେସନ୍ ପାଇଁ ପ୍ରଶସ୍ତ କ୍ଷେତ୍ର ଆମେରିକା । ସିଏ ଆମେରିକାକୁ ହୁଏତ ସବୁଦିନ ପାଇଁ ତା'ର କର୍ମକ୍ଷେତ୍ର ଭାବେ ଗ୍ରହଣ କରିପାରେ ।

ମୋ ଝିଅ ଦିଲ୍ଲୀରେ ତା' ସ୍ୱାମୀ ସନ୍ତାନଙ୍କ ସହିତ । ତା'ର ଆଉ ତା' ସ୍ୱାମୀଙ୍କ ଚାକିରି ମଧ୍ୟ ମେଟ୍ରୋସିଟିରେ । ସିଏ ବା ମୋ ଦାୟିତ୍ୱ କ'ଣ ନେବ ? ତା' ପ୍ରଫେସନ କ୍ୟାରିଅର ଓ ସ୍ୱାମୀ ସଂସାର ଛାଡ଼ି ସିଏ କାହିଁକି ମୋ ବୋଝ ମୁଣ୍ଡାଇବା ପାଇଁ ମୁଣ୍ଡ ଦେଖାଇବ ।

ମୁଁ ଗାଆଁ ଛାଡ଼ି ମୋ କର୍ମକ୍ଷେତ୍ର ଭୁବନେଶ୍ୱରକୁ ଆଜିଯାଏ ଜାବୁଡ଼ି ଧରିଛି । ଅବସର ଗ୍ରହଣ ପରେ ମଧ୍ୟ ଗାଆଁକୁ ଫେରିନାହିଁ । ଫେରିଯିବାର ଆବଶ୍ୟକତା ଅନୁଭବ କରିନାହିଁ । ପିଲାମାନେ ଭୁବନେଶ୍ୱର ଛାଡ଼ି ତାଙ୍କ ନିଜ ନିଜ କର୍ମକ୍ଷେତ୍ରରେ ଅଟକି ଯିବାଟା ଆଦୌ ଅସ୍ୱାଭାବିକ ନୁହଁ । ତେଣୁ ଏ ବୃଦ୍ଧ ବୟସରେ ମୋର ଓ ମୋ ସ୍ତ୍ରୀଙ୍କର ନିର୍ଭରଯୋଗ୍ୟ ଆଶ୍ରୟସ୍ଥଳ କିଏ ? ଆମର ସେବା କରିବା ପାଇଁ ଚାକର ରଖିବାରେ ବିପଦ ଅନେକ । ଅନେକ ସମୟରେ ଚାକରମାନେ ଉଚ୍ଚାଭିଳାଷୀ ହୋଇ ଗୃହସ୍ୱାମୀଙ୍କୁ ବାଟରୁ ହଟାଇ ସମସ୍ତ ସଂପତ୍ତି ହଡ଼ପ କରିବାର ପ୍ରଚେଷ୍ଟା ଚଳେଇ ରଖନ୍ତି । ତା' ଛଡ଼ା ଚାକର ଏ ନିଃସଙ୍ଗ ବାର୍ଦ୍ଧକ୍ୟ ଜୀବନରେ କୋଳାହଳ ଆଣିବାରେ ସମର୍ଥ ହେବ ନାହିଁ ।

ମୋ ପାଇଁ ମଧ୍ୟ ଏ ଜରାନିବାସ ଏକମାତ୍ର ନିର୍ଭରଯୋଗ୍ୟ ଆଶ୍ରୟସ୍ଥଳ ହେବ, ଯେଉଁଠି ଅନ୍ୟ ବୃଦ୍ଧମାନଙ୍କ ମେଳରେ ଦୁଃଖ ସୁଖ ହୋଇ ବଞ୍ଚିବାରେ ଗୋଟେ ନିଆରା ସ୍ୱାଦ ମିଳିବ ।

ଯଦୁମାମୁ ମୋତେ ହଲାଇ ଦେଲେ- କ'ଣ, କିଛି ନ କହି ଏମିତି ଖୁଣ୍ଟା ପରି ଠିଆହେଲୁ କାହିଁକି ? ମୁଁ ଭାବୁଛି ମୋ ପୁଅବୋହୂ କେହି ଏ ପ୍ରସ୍ତାବରେ ଅରାଜି ହେବେ ନାହିଁ । ବରଂ ତାଙ୍କ ମନ ଭିତରେ ଖୁସିଖୁସିର ପବନଟେ ଖେଳିଯିବ । ତାଙ୍କ ମନ ମୁକ୍ତ ଓ ହାଲୁକା ହୋଇଯିବ । ବାପ ଜଂଜାଳରୁ ସମ୍ମାନଜନକ ମୁକ୍ତି ପଥର ସନ୍ଧାନ ତୁ ଦେଲେ ସେମାନେ ତୋ ଉପରେ ଖୁସି ହେବେ ।

ତୁ ଏ ପ୍ରସ୍ତାବଟା ଆଜି ସେମାନଙ୍କ ଆଗରେ ଥୋ । ଏଇ ବିଜ୍ଞାପନ କାଗଜଟା ତାଙ୍କ ହାତରେ ଧରାଇ ଦେଇ କହିବୁ- ତୁମ ବାପା ଏଥିରେ ଶତକଡ଼ା ଶହେଭାଗ ରାଜି । ବାସ୍, ଏତିକି କରିଦେଲେ, ତୋ ଦାୟିତ୍ୱ ଶେଷ ।

ଆନଂଦ ଚଂଦ୍ର ପତି

Digitized by srujanika@gmail.com

ମୁଁ ଯଦୁମାମୁଙ୍କ କାମଟା ହାତକୁ ନେଲି । କାଲି ସଂଧ୍ୟାରେ ତାଙ୍କ ଦୁଇ ପୁଅଙ୍କ ପାଖରେ କଥାଟା ଉପସ୍ଥାପିତ କରିବି ବୋଲି ତାଙ୍କୁ ପ୍ରତିଶ୍ରୁତି ଦେଲି । ସେ ଫେରିଗଲେ । ତା'ପର ଦିନ ମର୍ଣ୍ଣିଙ୍ଗୱାକ ସମୟରେ ମୋର ସାକ୍ଷାତ ହେଲା ଅବସରପ୍ରାପ୍ତ ମୁଖ୍ୟମନ୍ତ୍ରୀ ବିକାଶ ଦାସ ଓ ଅବସରପ୍ରାପ୍ତ ଆଇ, ଏ. ଏସ୍. ଅଫିସର ପୂର୍ଣ୍ଣ ବିଶ୍ୱାଳଙ୍କ ସହିତ । ମୋ ବାଟ ଛାଡ଼ି ସେ ଦୁହିଁଙ୍କ ସହିତ ଚାଲିଲି । ସେମାନଙ୍କ ମର୍ଣ୍ଣିଙ୍ଗୱାକ୍‌ରେ ଟକ୍ ବେଶି ୱାକ୍ କମ୍ । ଅବଶ୍ୟ ସେମାନେ ଚାଲିଚାଲି ଅତିକ୍ରମ କରୁଥିବା ଦୂରତା ପାଞ୍ଚ କିଲୋମିଟରରୁ କମ୍ ନୁହେଁ । କିନ୍ତୁ ତାଙ୍କ ୱାକିଂର ବେଗ କଥାବାର୍ତ୍ତା ଯୋଗୁ ବାଧା ପ୍ରାପ୍ତ ହୁଏ । ଦେହରୁ ଝାଳ ଝରେନା, ଦେହରେ ଦେହରେ ମରେ । ସକାଳର ସକଳ ଆଳାପ ଭିତରେ ମର୍ଣ୍ଣିଙ୍ଗୱାକ୍ ସରେ ।

ଆଗରୁ ତିନି ଚାରିଥର ସେମାନଙ୍କ ସହିତ ମର୍ଣ୍ଣିଙ୍ଗୱାକ୍‌ରେ ଯାଇଥିଲି । ସେତେବେଳେ ସେମାନଙ୍କ ଚାକିରି ଜୀବନର ପାରିବାରପଣିଆର ପଣିକିଆ ଶୁଣିଛି, ପ୍ରୌଢ଼ିର ପାହାଡ଼ ଦେଖିଛି, ଗୌରବର ଗାଥା ପଢ଼ିଛି । ଆଜି କିନ୍ତୁ ସେ ଦୁହିଁଙ୍କ ମୁହଁରୁ ସେ ସବୁ ବଦଳରେ ପରିବର୍ତ୍ତେ ନିଃସଙ୍ଗ ଜୀବନର କରୁଣ କାହାଣୀ ଶୁଭୁଥିଲା ।

ରାଜବାଟୀ ପରି ପ୍ରଶସ୍ତ ଅଟ୍ଟାଳିକାରେ କେବଳ ବିକାଶବାବୁ ଆଉ ତାଙ୍କ ବୃଦ୍ଧା ପତ୍ନୀ । ପୁଅ ଅଷ୍ଟ୍ରେଲିୟାରେ ଇଂଜିନିୟର ,ଝିଅ ଥାଇଲାଣ୍ଡରେ ଡକ୍ଟର । ଦୁହେଁ ବିବାହିତ ଓ ସେମାନଙ୍କ ପୁତ୍ର କନ୍ୟା ସହିତ ସନ୍ତୋଷରେ ଅଛନ୍ତି । ଏଠି ବୁଢ଼ାବୁଢ଼ୀ ଦୁଇଜଣ ସକାଳରୁ ରାତି ପର୍ଯ୍ୟନ୍ତ ପରସ୍ପର ମୁହଁକୁ ଚାହିଁ ଜୀବନ କଟାଇବାକୁ ଖୁବ୍ ଅସହ୍ୟ ଲାଗୁଛି । ତାଙ୍କ ଘରକୁ କେହି ଆସିବାର ନାହିଁ, ତାଙ୍କର କେଉଁଠିକୁ ଯିବାର ନାହିଁ । ସିଏ କାହାକୁ ଅପେକ୍ଷା କରିବାର ନାହିଁ । ସିଏ କାହା ପାଇଁ କିଛି କରିବାର ନାହିଁ କି, ତାଙ୍କ ପାଇଁ କେହି କିଛି କରିବାର ନାହିଁ । ଖବରକାଗଜ, ରେଡ଼ିଓ, ଟିଭି ପ୍ରତି ଅରୁଚି ଆସିଗଲାଣି ।

ପୁଅ ଆଉ ଝିଅ ଉଭୟେ ଡ଼ାକୁଛନ୍ତି ତାଙ୍କ ପାଖକୁ ଯାଇ ରହିବାକୁ; କିନ୍ତୁ ସେଠି ୟାଠୁ ଅଧିକ ନିଃସଙ୍ଗତା, ଶୂନ୍ୟତା । ସେମାନେ ତାଙ୍କ କାମକୁ ଯିବେ, ତାଙ୍କ ପିଲାମାନେ ସ୍କୁଲ୍ ଯିବେ । ବିଦେଶର ପରିବେଶ, ମାର୍କେଟ୍ ସବୁ ଅଚିହ୍ନା, ଅପରିଚିତ ।

ପୂର୍ଣ୍ଣ ବିଶ୍ୱାଳଙ୍କ ନିଃସଙ୍ଗତା ବିକାଶ ଦାସଙ୍କଠୁ ଅଧିକ କଠୋର । ପୂର୍ଣ୍ଣବାବୁଙ୍କ ପତ୍ନୀ ବିୟୋଗ ଘଟିଛି ଦଶ ବର୍ଷ ତଳୁ । ତାଙ୍କ ଭୁବନେଶ୍ୱରର ପାଞ୍ଚ ମହଲା କୋଠାରେ ସେ ଏକା । ତଳ ଦୁଇ ମହଲା ଓ ଉପର ଦୁଇ ମହଲା ଭଡ଼ା ଲାଗିଛି । ମଝି ମହଲାରେ ସେ ଏକୁଟିଆ ରହନ୍ତି । ମଝି ମହଲାରେ ତିନିଟା ବେଡ୍‌ରୁମ୍, ଡ୍ରଇଂରୁମ୍, ଷ୍ଟଡ଼ିରୁମ୍, ଡାଇନିଂଗ ରୁମ୍, ଷ୍ଟୋରରୁମ୍, ଠାକୁର ଘର, କିଚିନ୍ ଓ ତିନିଟା ଲାଟ୍ରିନ୍ ବାଥ୍ । ସମଗ୍ର କୋଠାର ରକ୍ଷଣାବେକ୍ଷଣ ତାଙ୍କ ଦାୟିତ୍ୱ । ତିନି ପୁଅ ଜଣେ ବାଙ୍ଗାଲୋର୍‌ରେ, ଜଣେ

Digitized by srujanika@gmail.com

ସାଉଥ୍ ଆଫ୍ରିକାରେ ଆଉ ଜଣେ ଲଣ୍ଡନ୍‌ରେ । ସମସ୍ତେ ସ୍ୱାବଲମ୍ବୀ । କେହି କାହାଠୁ ଟଙ୍କା ପଇସା ପାଇବାର ନାହିଁ, କିମ୍ବା କେହି କାହାକୁ ଟଙ୍କା ପଠାଇବାର ନାହିଁ ।

ପୁଅମାନଙ୍କଠାରୁ କିମ୍ବା ବୋହୂମାନଙ୍କଠାରୁ ନିୟମିତ ଚିଠି କିମ୍ବା ଟେଲିଫୋନ୍ ଆସେ ନାହିଁ । ପୂର୍ଣ୍ଣବାବୁ ମଧ ଆଉ ସେ ସବୁ ପ୍ରତ୍ୟାଶା ରଖି ନାହାଁନ୍ତି ।

ମୁଁ ପ୍ରସଙ୍ଗକ୍ରମେ ସେଇ ମର୍ଣ୍ଣିଙ୍ଗ୍‌ୱାକ୍ ସମୟରେ ପୂର୍ଣ୍ଣବାବୁ ଓ ବିକାଶବାବୁଙ୍କ ଆଗରେ ଜରାନିବାସ ବିଜ୍ଞାପନ କଥା ଉଠାଇଲି । ଦୁହେଁ ଜରାନିବାସ ସଂପର୍କରେ ଖୁବ୍ ଆଗ୍ରହ ପ୍ରକାଶ କଲେ । ପୂର୍ଣ୍ଣବାବୁ କହିଲେ- ଆମ ପରି ଯେଉଁମାନେ ସଂପୂର୍ଣ୍ଣ ନିଃସଙ୍ଗ ଜୀବନ ଯାପନ କରୁଛନ୍ତି ତାଙ୍କ ପାଇଁ ଏ ଜରାନିବାସ ସ୍ୱର୍ଗ ସମାନ । ସେଠି ଆମକୁ ସାହଚର୍ଯ୍ୟ ଦେବାକୁ ସାଥୀ ମିଳିବେ, ମନୋରଂଜନ ପାଇଁ ବିହିତ ବ୍ୟବସ୍ଥା ଥିବ, କିଛି କରିବା ପାଇଁ କାମ ଥିବ । ଅନେକଙ୍କ ମେଳରେ ଗହଳ ଚହଳ ଜୀବନ ଜିଇବାର ସୁଯୋଗ ମିଳିବ । ସେବା, ଯତ୍ନ ଆଉ ଚିକିତ୍ସା ମିଳିବ ।

ବିକାଶ ବାବୁ କହିଲେ– ଯେଉଁମାନେ ପୁଅ, ବୋହୂ, ନାତି, ନାତୁଣୀ ମେଳରେ ବୃଦ୍ଧାବସ୍ଥା ସୁଖରେ କାଟୁଛନ୍ତି ବୋଲି କୁହାଯାଉଛି ତାହା ସତ୍ୟନୁହେଁ, ଆପେକ୍ଷିକ ସତ୍ୟ । ପୁଅ ବୋହୂଙ୍କ ସଂପୂର୍ଣ୍ଣ ନିୟନ୍ତ୍ରଣରେ ଆକ୍ତା ମାକ୍ତା ହୋଇ ଅତ୍ୟନ୍ତ ଅଲୋଡ଼ା ମଣିଷଟିଏ ଭାବେ ବାହାରେ ଦାନ୍ତ ଦେଖାଇ ଭିତରେ ନିଜକୁ ଚିପୁଡ଼ିଚାପୁଡ଼ି କାନ୍ଦି କାନ୍ଦି ବଞ୍ଚୁଥିବା ସେଇ ବୃଦ୍ଧ ବୃଦ୍ଧମାନଙ୍କର ଏକାନ୍ତରେ ଇଣ୍ଟରଭିୟୁ ନେଲେ ତା'ର ପ୍ରକୃତ ସତ୍ୟତା ମିଳିବ ।

କେବଳ ଆପଣଙ୍କ ଯଦୁମାମୁ ନୁହଁ, ଆପଣ ବୁଝନ୍ତୁ ଆମେ ବି ଆମ ନିଜ ଘର ଛାଡ଼ି ଜରାନିବାସରେ ଜଏନ୍ କରିବୁ । ମୋ ମତରେ ଆମ ପାଇଁ ଜରାନିବାସରେ ସମଦଶାପନ୍ନ ଅନ୍ୟ ବୃଦ୍ଧବୃଦ୍ଧାଙ୍କ ମେଳରେ ଜୀବନ ଜିଇବାର ସୁଯୋଗ ଅଛି, କିନ୍ତୁ ଅନ୍ୟଠି କେବଳ ନିଃସଙ୍ଗତା ଆଉ ଶୂନ୍ୟତା ଆମ ପରି ବୃଦ୍ଧ, ବୃଦ୍ଧାମାନଙ୍କୁ ଅପେକ୍ଷା କରି ବସିଛି ।

ବିକାଶବାବୁ ଓ ପୂର୍ଣ୍ଣବାବୁଙ୍କଠାରୁ ସବୁଜ ସଙ୍କେତ ପାଇ ସଂଧ୍ୟାରେ ମୁଁ ଯଦୁମାମୁଙ୍କ ବଡ଼ ପୁଅ ଅରୁଣର ସରକାରୀ ବାସ ଭବନରେ ପହଞ୍ଚିଲି । ସମୟ ସଂଧ୍ୟା ସାତଟା । ଅରୁଣ ଆଉ ତା'ର ସ୍ତ୍ରୀ ଦୁହେଁ ଘରେ ନାହାଁନ୍ତି । ଅରୁଣ ବଜାରକୁ ଓ ତା ସ୍ତ୍ରୀ ସୌମ୍ୟା ତା'ର ବାନ୍ଧବୀ ଘରକୁ ଯାଇଛନ୍ତି । ବୈଠକଖାନାରେ ଅପେକ୍ଷା କରିବା ପାଇଁ ତା' ଚପରାଶି ଅନୁରୋଧ କଲା । ବୈଠକଖାନାରେ ବସିଲି । ମୋ ପୂର୍ବରୁ ଆଉ ଦୁଇଜଣ ସେଠି ଅପେକ୍ଷା କରି ବସିଥିଲେ ଅରୁଣକୁ । ଜଣେ ରିଟାୟାର୍ଡ ପ୍ରଫେସର କୈଳାସ ସାମଲ, ଅନ୍ୟଜଣକ ଅରୁଣର ଅଧସ୍ତନ ଅଧିକାରୀ; ସମ୍ଭବତଃ ଏ ବର୍ଷ ଅବସର ନେବେ ସରକାରୀ ସେବାରୁ ।

ଆନଂଦ ଚଂଦ୍ର ପହି

Digitized by srujanika@gmail.com

ସାମାନ୍ୟ ପରିଚୟ ପରେ ସୁବିଧା ଦେଖି ମୁଁ ଏଇ ଜରାନିବାସ ପ୍ରସଙ୍ଗଟାକୁ ଅଳସ ମୁହୂର୍ତ୍ତର ଆଳାପ ପାଇଁ ଟାଣି ଆଣିଲି । ପ୍ରଫେସର ସାମଲ କଥାଟାକୁ ମୋ ମୁହଁରୁ ଓଟାରି ନେଲେ ଓ କ୍ଲାସରୁମର ଲେକ୍‌ଚରଟିଏ ବାଢ଼ି ଦେଲେ- ଆମ ଦେଶରେ ସିନା ଏ ଜରାନିବାସ ପ୍ରସଙ୍ଗଟା ଏକଦମ୍ ଅର୍ବାଚୀନ , କିନ୍ତୁ ପାଶ୍ଚାତ୍ୟ ଦେଶମାନଙ୍କରେ ଏହା ଏକାନ୍ତ ଅପରିହାର୍ଯ୍ୟ । ମୁଁ ଗତବର୍ଷ ମୋ ପୁଅ ପାଖକୁ ନିଉୟର୍କ ଯାଇଥିଲି । ସେଠି ଜରାନିବାସ ବୃଦ୍ଧ ବୃଦ୍ଧାମାନଙ୍କ ପାଇଁ ଏକ ମର୍ଯ୍ୟାଦାବନ୍ତ ଆବାସ । ସେ ଦେଶର ପୁତ୍ର କନ୍ୟା, ବଧୂ ସମସ୍ତେ ସାଗ୍ରହେ ଜରାନିବାସରେ ନିଜ ବୃଦ୍ଧ ପିତାମାତାଙ୍କ ପାଇଁ ସ୍ଥାନ ସଂରକ୍ଷଣର ବ୍ୟବସ୍ଥା କରି ଦିଅନ୍ତି । ପିଲାମାନଙ୍କର ବୃଦ୍ଧ ପିତା ମାତାମାନଙ୍କୁ ପଠାଇବା ପାଇଁ ଯେତିକି ଆଗ୍ରହ ଜରାନିବାସରେ ବସବାସ କରିବା ପାଇଁ ବୃଦ୍ଧ ପିତାମାତାଙ୍କର ସେତିକି ଇଚ୍ଛା । ସପ୍ତାହାନ୍ତରେ ପୁତ୍ର, କନ୍ୟା, ବଧୂ, ସୁବିଧା ଅନୁସାରେ ଯାଇ ବାପା ମାଆଙ୍କୁ ଭେଟନ୍ତି, ଶୁଭେଚ୍ଛା ଜଣାନ୍ତି, ଭଲ ମନ୍ଦ ବୁଝନ୍ତି ।

କିନ୍ତୁ ଆମ ଦେଶରେ ପୁଅ ବୋହୂଙ୍କ ପାଖରେ ଅନାଦର, ଅନିଚ୍ଛା, ଅବହେଳା ଭିତରେ ଅକୁହା ଯନ୍ତ୍ରଣା ଛାତି ଭିତରେ ଚାପିରଖି ପଡ଼ି ରହନ୍ତି ବୃଦ୍ଧ ପିତାମାତା । ଘରୁ ବାହାରକୁ ଗୋଡ଼ କାଢ଼ିବାର ସୁଯୋଗ ନାହିଁ, ସୁବିଧା ନାହିଁ, ବ୍ୟବସ୍ଥା ନାହିଁ କି ପରଂପରା ନାହିଁ । ପୁଅ ବୋହୂ ମଧ ବାପା ମାଆଙ୍କୁ ପାଖରୁ ଦୂରେଇ ଦେବାର ଉପାୟ ନାହିଁ । ଏମିତି ଗୋଟେ ନ ଯଯୌ, ନ ତସ୍ଥୌ ସ୍ଥିତିରେ ଲକ୍ଷ୍ମଣରେଖାର ଦୁଇ ପଟରେ ଅଟକି ରହନ୍ତି ବୃଦ୍ଧ ବାପା ମାଆ ଆଉ ଉପାୟ ହୀନ ପୁତ୍ର ପୁତ୍ରବଧୂ । ଆମ ଦେଶରେ ଜରାନିବାସର ବହୁଳ ପ୍ରବର୍ତ୍ତନ ହେଲେ ଏ ବୃଦ୍ଧ ପିତାମାତା ଆଉ ପୁଅବୋହୂ ଉଭୟଙ୍କୁ ଉପାୟ ମିଳି ଯାଆନ୍ତା, ବାଟ ଫିଟିଯାଆନ୍ତା ନିଷ୍କୃତିର ।

ପ୍ରଫେସର ବା ଅଧ୍ୟାପକମାନେ ସାଧାରଣତଃ କ୍ଲାସ୍‌ରୁମ୍‌ରେ ଲେକ୍‌ଚର ଦେବା ଅଭ୍ୟାସ ଯୋଗୁ ସବୁଠି ଦୀର୍ଘ ଭାଷଣର ବଦଭ୍ୟାସର ବଶବର୍ତ୍ତୀ ହୋଇ ପଡ଼ିଥାନ୍ତି । ଥରେ ଭାଷଣ ଆରମ୍ଭ କଲେ ୪୫ ମିନିଟ୍ (ଗୋଟିଏ ପିରିଅଡ୍) ପର୍ଯ୍ୟନ୍ତ ଟାଣି ନିଅନ୍ତି ଭାଷଣର ଶେଷ ରେଖାଟିକୁ ।

ପ୍ରଫେସରଙ୍କ ଭାଷଣ ମଝିରେ ଅନେକ ବେଳୁ ଯଦୁମାମୁଙ୍କ ବଡ଼ପୁଅ ଅରୁଣ ଫେରିଆସି ପ୍ରଫେସରଙ୍କ ଭାଷଣ ଶୁଣୁଥିବା କଥା ଆମକୁ କାହାକୁ ଗୋଚର ନଥିଲା । କିନ୍ତୁ ହଠାତ୍ ଅରୁଣ ପ୍ରଫେସରଙ୍କ କଥା ମଝିରେ ଇଣ୍ଟରପିଅର କଲେ- ମୁଁ ଆପଣଙ୍କ ସହିତ ଶତକଡ଼ା ଶହେ ଭାଗ ଏକମତ । କିନ୍ତୁ ଏଠି ଜରାନିବାସ କାହିଁ ? ଜରାନିବାସ ନିର୍ମାଣ କରିବ କିଏ ?

ମୁଁ ଅରୁଣ ହାତକୁ ଖବର କାଗଜ ବିଜ୍ଞାପନଟା ବଢ଼ାଇ ଦେଇ କହିଲି– ଏଇ

Digitized by srujanika@gmail.com

ବିଜ୍ଞାପନଟା ପଢ଼ । ଭୁବନେଶ୍ୱରରେ ସ୍ୱୟଂପ୍ରଭା ସ୍ୱେଚ୍ଛାସେବୀ ଅନୁଷ୍ଠାନ ତରଫରୁ ଜରାନିବାସ ନିର୍ମାଣ କରାଯାଇଛି । ଦରଖାସ୍ତ ଦେବାର ଶେଷ ତାରିଖ ଆହୁରି ୨୫ ଦିନ ବାକି ଅଛି । ଯଦୁମାମୁ ଏ ଜରାନିବାସରେ ରହିବା ପାଇଁ ଖୁବ୍ ଆଗ୍ରହୀ । ମୁଁ ମଧ ଜରାନିବାସ ପାଇଁ କମ୍ ଆଗ୍ରହୀ ନୁହଁ । ତୋ ପରି ଉଚ୍ଚଶିକ୍ଷିତ, ଉଚ୍ଚପଦାଧିକାରୀ ଯଦି ଏ ସାମାଜିକ ସଂସ୍କାର ପାଇଁ ଆଗୁଆ ହୋଇ ଆଗ୍ରହ ପ୍ରକାଶ ନ କରିବ ତା' ହେଲେ ଆଉ କିଏ ବିଲେଇ ବେକରେ ଘଣ୍ଟି ବାନ୍ଧିବ ?

ଅରୁଣ ନିର୍ବାକ ହୋଇ ଠିଆ ହୋଇ ରହିଲା । ହଠାତ୍ ଏମିତି ଗୋଟେ ପ୍ରସ୍ତାବ ସମସ୍ତ କାଗଜପତ୍ର ସହିତ ତା' ହାତକୁ ବଢ଼ାଇ ଦେଇ ତା'ର ସ୍ୱୀକୃତି ଜଣେ କେବେ ମାଗି ବସିବ, ଏକଥା ସିଏ ମୋଟେ କଳ୍ପନା କରି ନଥିଲା ।

ଅରୁଣ ମୁହଁରେ ମୋ ପ୍ରସ୍ତାବବିରୋଧୀ କିଛି ହେଲେ ପ୍ରତିକ୍ରିୟା ନ ଦେଖି ମୁଁ କିଛିଟା ଉତ୍ସାହିତ ହେଲି । ମୋ ପ୍ରସ୍ତାବଟା ସ୍ରୋତର ଅନୁକୂଳରେ ଗତି କରୁଛି ବୋଲି ମୋର ହୃଦବୋଧ ହେଲା । ତାକୁ କନ୍‌ଭିନସ୍ କରାଇବା ପାଇଁ କହିଲି- ସବୁ ଉନ୍ନତ ଦେଶ ଯେଉଁମାନେ ଶିଳ୍ପବିପ୍ଳବ ଯୋଗୁଁ ସମୃଦ୍ଧ ହୋଇଛନ୍ତି, ସେମାନେ ପରିବର୍ତ୍ତନର ଗୋଟିଏ ପ୍ରକ୍ରିୟା ଦେଇ ଗତି କରି ସାରିଛନ୍ତି । ଆମର ଇଏ ଏକ ବିକାଶଶୀଳ ଦେଶ । ସେଇ ପ୍ରକ୍ରିୟା ପ୍ରକ୍ରିୟା ଦେଇ ଆମ ସାମାଜିକ ପରିବର୍ତ୍ତନ ଆସିବ । ସେଇ ପରିବର୍ତ୍ତନ ପ୍ରକ୍ରିୟାରେ ଆମ ଗାଆଁଗୁଡ଼ିକ ଟାଉନ୍ ହେବାକୁ ବସିଲେଣି । ସବୁ ଗାଆଁରେ ପିଚୁରାସ୍ତା, ବିଜୁଳି ଆଲୁଅ, ଟେଲିଫୋନ୍, ଟେଲିଭିଜନ, ଦୋକାନ, ବଜାର, ମଟର, ଟ୍ରକ୍, ବସ୍, କୋଠାଘର ।

ଆମ ଦେଶର ଅନେକ ମଣିଷ ଏବେ ଚାକିରି କି ବ୍ୟବସାୟ କରିବା ପାଇଁ ମୂଳ ପରିବାରଠାରୁ ଦୂରରେ ରହିବାକୁ ବାଧ ହେଉଛନ୍ତି । ଜରାନିବାସ ଏବେ ବୃଦ୍ଧ ପିତା ମାତାଙ୍କ ପାଇଁ ଅଭୟ ଆଶ୍ରୟ ସ୍ଥଳ । ଏ ଜରାନିବାସକୁ ସାମାଜିକ ସ୍ୱୀକୃତି ଦେବା ଦାୟିତ୍ୱ ତୁମମାନଙ୍କ ପରି ଉଚ୍ଚଶିକ୍ଷିତମାନଙ୍କର ।

ତୋ ସାନଭାଇ କିରଣ ବମ୍ବେରୁ ଆସିଛି ବୋଲି ଯଦୁମାମୁ କହୁଥିଲେ । ତାକୁ ପଚାରି ଜରାନିବାସରେ ବାପାଙ୍କ ପାଇଁ ଗୋଟିଏ ସ୍ଥାନ ସଂରକ୍ଷଣ ନିମନ୍ତେ ଦରଖାସ୍ତ ଦେବୁ ।

ସମ୍ମତି ହାସଲ କରିବା ଆଶାରେ ମୁଁ ଅରୁଣର ମୁହଁକୁ ଚାହିଁଲି । ଅରୁଣର ଅନ୍ତର ଭିତରୁ ସମ୍ମତିର ସଙ୍କେତ ଉଠି ଆସୁଥିବାର ମୁଦ୍ରାରେ ତା' ମୁଣ୍ଡ ହଲିଗଲା । ମୁଁ ସେଠି ଆଉ ମୁହୂର୍ତ୍ତଟିଏ ଅପେକ୍ଷା ନ କରି ଫେରିଆସିଲି ।

ଘରେ ପହଞ୍ଚି ମୋ ପୁଅ ଓ ଝିଅଙ୍କ ପାଖକୁ ପୃଥକ୍ ପୃଥକ ଦୁଇଟି ଚିଠି ଲେଖିଲି ।

ଆନନ୍ଦ ଚନ୍ଦ୍ର ପତି

Digitized by srujanika@gmail.com

ସେଥିରେ ମୁଁ ଛରାନିବାସରେ ସ୍ଥାନ ସଂରକ୍ଷଣ କରିବା ବିଷୟରେ ସେମାନଙ୍କ ସ୍ୱୀକୃତି ମାଗି ନ ଥିଲି । ସେ ଦୁହିଁଙ୍କୁ କେବଳ ମୋ ସଂକଳ୍ପର ସଙ୍କେତ ଦେଇଥିଲି । ମୁଁ ଚିଠିରେ ଲେଖିଥିଲି- ମୁଁ ଘରଛାଡ଼ି ଛରାନିବାସରେ ରହିବାକୁ ସ୍ଥିର କରିଛି, ଆଉ ଛରାନିବାସରେ ସ୍ଥାନ ସଂରକ୍ଷଣ ପାଇଁ ଆବଶ୍ୟକ ଟଙ୍କା ଡ଼ିପୋଜିଟ୍ ସହିତ ଦରଖାସ୍ତ କରିବାକୁ ଯାଉଛି ।

ପରଦିନ ସକାଳେ ଯଦୁମାମୁ ଆସି ପହଞ୍ଚିଲେ । ଖୁସିରେ ତାଙ୍କ ମୁହଁଟା ହସୁଥିଲା । ଜରାନିବାସରେ ସ୍ଥାନସଂରକ୍ଷଣ ପାଇଁ ତାଙ୍କ ଦୁଇ ପୁଅ ସ୍ୱୀକୃତି ପ୍ରଦାନ କରିଛନ୍ତି ।

ଯଦୁମାମୁ ଓ ମୁଁ ଦୁହେଁ 'ସ୍ୱୟଂପ୍ରଭା' ସ୍ୱେଚ୍ଛା ସେବୀ ଅନୁଷ୍ଠାନ ଖୋଜି ଖୋଜି ସେଠି ପହଞ୍ଚିଲୁ । ଅନୁଷ୍ଠାନ ଆଗରେ ଏତେ ଭିଡ଼ ଦେଖି ଆମେ ଶଙ୍କିଗଲୁ । ଆମ ସଂସ୍କୃତି ଓ ପରଂପରାବିରୋଧୀ ପାଶ୍ଚାତ୍ୟ ପ୍ରକଳ୍ପ ଜରାନିବାସକୁ ପ୍ରତିବାଦ କରି ତା' ଆଗରେ ଉତ୍କ୍ଷିପ୍ତ ଜନତାଙ୍କର ବିକ୍ଷୋଭ ପ୍ରଦର୍ଶନ ବୋଲି ଆମେ ଆଶଙ୍କା କରି ଟିକେ ହଟିକି ଠିଆ ହେଲୁ । ପ୍ରକୃତ ଘଟଣାଟା କ'ଣ ବୋଲି ଜାଣିବା ପାଇଁ ଉତ୍ସୁକ ହୋଇ ଏଣେ ତେଣେ ଚାହିଁବା ବେଳେ ଜଣେ କିଏ ସମବେତ ଲୋକମାନଙ୍କୁ ଅନୁରୋଧ କଲେ ଶୃଙ୍ଖଳା ଦୃଷ୍ଟିରୁ ଧାଡ଼ିରେ ଠିଆ ହେବା ପାଇଁ । କିଛି ସମୟ ପାଟିତୁଣ୍ଡ, ହଇଚଇ, ଏପଟ ସେପଟ ପରେ ସମସ୍ତେ ଶୃଙ୍ଖଳିତ ସ୍କୁଲ ଛାତ୍ର ପରି ଧାଡିରେ ଠିଆ ହେଲେ ।

ଯଦୁମାମୁ ଓ ମୁଁ ଧାଡ଼ିର ଶେଷରେ ଆଗପଛ ହୋଇ ଠିଆ ହେଲୁ । ଅଳ୍ପ ସମୟ ପରେ ଜଣା ପଡ଼ିଲା ଲୋକମାନେ ବିକ୍ଷୋଭ ପ୍ରଦର୍ଶନ କରିବାକୁ ନୁହଁ, ଆମ ପରି ଜରାନିବାସରେ ସ୍ଥାନ ସଂରକ୍ଷଣ ପାଇଁ ଫର୍ମ ପାଇବା ଉଦ୍ଦେଶ୍ୟରେ ଲାଇନ୍‌ରେ ଠିଆ ହୋଇଛନ୍ତି ।

ମୋ ଆଗେ ଆଗେ ଲମ୍ବିଥିବା ଲାଇନ୍‌କୁ ଆଖି ଲମ୍ବେଇ ମୁଁ ଦେଖିଲି ଅନେକ ଚିହ୍ନାଜଣା ମୁହଁ । ଏମାନଙ୍କ ମଧ୍ୟରୁ ଅଧିକାଂଶକୁ ମୁଁ ମର୍ଣ୍ଣିଙ୍ଗ୍ ୱାକ୍ ସମୟରେ କେଉଁଠି ନା କେଉଁଠି ଭେଟିଛି । ଧାଡ଼ି ମଝିରେ ଚୁପ୍ ଚାପ୍ ଠିଆ ହୋଇଛନ୍ତି ବିକାଶବାବୁ ଓ ପୂର୍ଣ୍ଣବାବୁ । ଆମ ଆଗରେ ସହସ୍ରାଧିକ ବୃଦ୍ଧ ବୃଦ୍ଧାଙ୍କ ଲମ୍ବାଧାଡ଼ି । ଏଇମାନେ ହେବେ ରାଜଧାନୀର ଏ ଜରାନିବାସର ଅନ୍ତେବାସୀ । ଏଇମାନଙ୍କ ଗହଣରେ ବଂଚିବାର, ଗପିବାର, ମିଶିବାର, ବୁଲିବାର ସୁଯୋଗ ମିଳିବ ଜରାନିବାସ ରହଣି କାଳରେ । ଜୀବନଟା ସରି ସରି ଆସୁଥିବା ଲଗ୍ନରେ ନୂଆ ଗୋଟେ ଜୀବନ ଆରମ୍ଭ କରିବାର ଉନ୍ମାଦନାରେ ଶୀତଳ ରକ୍ତରେ ତରଙ୍ଗ ସୃଷ୍ଟି ହେଉଥିଲା । ନୂଆ ଗୋଟେ କଲେଜରେ ଆଡ଼ମିଶନ୍ ନେବାର ଆଡ୍‌ଭେନ୍‌ଚର ପରି ମନରେ ଚମକ ଲାଗୁଥିଲା ।

ପଛକୁ ଚାହିଁଲି, ଆମ ଆଗର ଧାଡ଼ି ପରି ଆମ ପଛର ଧାଡ଼ି ଲମ୍ବି ଲମ୍ବି ଚାଲିଛି ।

ଆନଂଦ ଚଂଦ୍ର ପଣ୍ଡି

Digitized by srujanika@gmail.com

ରାଜଧାନୀର ରାଜବାଟୀଗୁଡ଼ିକର କବାଟ ଖୋଲି ସମ୍ଭ୍ରାନ୍ତ ବୃଦ୍ଧ, ବୃଦ୍ଧାମାନେ ଆସୁଛନ୍ତି ଜରାନିବାସରେ ସ୍ଥାନ ସଂରକ୍ଷଣ ଉଦ୍ଦେଶ୍ୟରେ ଲାଗିଥିବା ଲାଇନ୍‌କୁ ଲମ୍ବା କରିବା ପାଇଁ ।

ପରଂପରା ଭାଙ୍ଗିବା ପାଇଁ ନୁହଁ, ଖୁବ୍ ଦରକାରୀ ପରଂପରାଟିଏ ଯୋଡ଼ିବା ପାଇଁ ଏତେ ସ୍ଥିତିପ୍ରଜ୍ଞ ବିଚାରଶୀଳ ବୃଦ୍ଧବୃଦ୍ଧା ଅଣ୍ଟା ଭିଡ଼ିଛନ୍ତି ।

□□

ଆନନ୍ଦ ଚନ୍ଦ୍ର ପଢ଼ି

Digitized by srujanika@gmail.com

ଶେଷମନ୍ତ୍ର

ପ୍ରତାପକୁ ଯେତେବେଳେ ମାତ୍ର ଆଠ ବର୍ଷ ସେତେବେଳେ ତା'ର ଜାତକ ଦେଖି ଜଣେ ଜ୍ୟୋତିଷ କହିଥିଲେ ଏ ପିଲା ବଡ଼ ହେଲେ ଜଣେ ହାକିମ ହେବ । ଅବଶ୍ୟ ହାକିମ କ'ଣ, ହାକିମ ହେଲେ ଭଲ ହେବ କି ଖରାପ ହେବ ସେ କଥା ପ୍ରଥମେ ପ୍ରତାପ ବୁଝି ନ ଥିଲା । କିନ୍ତୁ ସେଠି ଉପସ୍ଥିତ ଥିବା ନବଘନଦାଦା ପ୍ରତାପ ଓ ପ୍ରତାପର ମାଆଙ୍କୁ ହାକିମର କରାମତି ବିଷୟରେ ସଂକ୍ଷିପ୍ତ ଧାରଣା ଦେଇଥିଲେ । ହାକିମ ହେଲେ ସରକାରୀ ମଟର, ଟେଲିଫୋନ୍, ପିଅନ, ସରକାରୀ ବଙ୍ଗଳା, ମୋଟା ଦରମା, ହଜାର ହଜାର ଟଙ୍କାର ଉପୁରି, ସମସ୍ତଙ୍କଠାରୁ ଖାତିର, ମାନସମ୍ମାନ, ପ୍ରତିପତ୍ତି ସବୁ ମିଳେ ବୋଲି ବୁଝାଇ ଦେଇଥିଲେ ।

ସେଇ ଦିନଠୁ ପ୍ରତାପ ମନରେ ହାକିମ ହେବାର ନିଶାଟା ମହୁଫେଣା ପରି ଚେକା ବାନ୍ଧିଲା । ପ୍ରତାପ ରାତିରେ ସ୍ୱପ୍ନ ଦେଖିଲା ସିଏ ଖୁବ୍ ଭଲ ପୋଷାକ ପିନ୍ଧି ମଟର ଗାଡ଼ି ଚଢ଼ି ବୁଲୁଛି ।

ପିଲାଦିନରୁ ଛାତି ଫୁଲାଇ ଉପରମୁହାଁ ହୋଇ ଚାଲିବାଟା ତା'ର ସ୍ୱଭାବରେ ପରିଣତ ହୋଇଗଲା । ଏଇ ଉପରମୁହାଁ ସ୍ୱଭାବ ଯୋଗୁଁ ତା'ର ସାଙ୍ଗସାଥୀ ମହଲରେ ତାକୁ ସମସ୍ତେ ଗର୍ବୀ ବୋଲି କହିଲେ ।

ହାକିମ ହେବା ସ୍ୱପ୍ନରେ ଅଧିକାଂଶ ସମୟ ମସଗୁଲ ରହୁଥିବା ପ୍ରତାପ ପାଠପଢ଼ା ପାଇଁ ଅଧିକ ସମୟ ଦେଇ ପାରୁ ନ ଥିଲା । ତଥାପି ଏକାଥରକେ ବି.ଏ.ପାଶ କରିଥିଲା । ଭବିଷ୍ୟତରେ ଅଫିସର୍ ହେବା କଥା ତା'ଜାତକରେ ଅଛି । ତେଣୁ ପ୍ରଥମେ ଆଇ.ଏ.ଏସ୍. ଆଡୁ ଆରମ୍ଭ କଲା । ତିନିଥର ପ୍ରିଲିମିନାରି ଦେଇ ଅସଫଳ ହେଲା ପରେ ଓ.ଏ.ଏସ୍. ପାହିଆକୁ ଖସିଲା । ଓ.ଏ.ଏସ୍. ତିନିଥର ଦେଲା । ଅସଫଳ

ଆନନ୍ଦ ଚନ୍ଦ୍ର ପହି

Digitized by srujanika@gmail.com

ହେଲା । ସରକାରୀ ଚାକିରି ପାଇଁ ତା' ବୟସ ଗଡ଼ିଯିବାର ଠିକ୍ ପୂର୍ବରୁ ସଚିବାଳୟର ଆସିଷ୍ଟାଣ୍ଟ ଗ୍ରେଡ୍ ପାଇଁ ଓଡ଼ିଶା ପବ୍ଲିକ୍ ସର୍ଭିସ କମିଶନ କରୁଥିବା ପରୀକ୍ଷାରେ କୃତକାର୍ଯ୍ୟ ହୋଇ ସଚିବାଳୟରେ ଆସିଷ୍ଟାଣ୍ଟ ଭାବେ ଯୋଗ ଦେଲା । ସେତେବେଳକୁ ଅଫିସର ହେବାର ନିଶାଟା ସଂପୂର୍ଣ୍ଣଭାବେ ଉତୁରି ଯାଇଥିଲା ।

କିନ୍ତୁ ସାଙ୍ଗ ସାଥୀମାନଙ୍କ ପାଖରେ ନିଜର ସମ୍ମାନ ରକ୍ଷା କରିବା ପାଇଁ କହିଲା– ଅଫିସର୍ ଚାକିରି ନ ହେଲେ ବି ଓ.ଏ.ଏସ., ଓ.ଏଫ୍.ଏସ୍., ଡାକ୍ତର, ଇଂଜିନିୟର ଓ ଅଧ୍ୟାପକ ଆଦି ସମସ୍ତ ଗେଜେଟେଡ ଅଫିସର ଚାକିରି ପ୍ରାର୍ଥୀମାନଙ୍କୁ ପରୀକ୍ଷା କରୁଥିବା ଓଡ଼ିଶା ପବ୍ଲିକ ସର୍ଭିସ କମିଶନ ଏ ସଚିବାଳୟ ଆସିଷ୍ଟାଣ୍ଟମାନଙ୍କୁ ରିକ୍ରୁଟ କରୁଛି । ସଚିବାଳୟ ରାଜ୍ୟର ସବୁଠୁ ମର୍ଯ୍ୟାଦାବନ୍ତ ଓ ଉଚ୍ଚତମ କାର୍ଯ୍ୟାଳୟ । ଶରୀରର ସମସ୍ତ ଶିରା ପ୍ରଶିରା ମସ୍ତକରେ ଏକାଠି ହେବା ପରି ରାଜ୍ୟର ପ୍ରତ୍ୟେକ କାର୍ଯ୍ୟାଳୟକୁ ସଚିବାଳୟ ନିୟନ୍ତ୍ରଣ କରେ ।

ସଚିବାଳୟ ଚାକିରିରେ ଯୋଗ ଦେବା ପରେ ପ୍ରତାପ ସଚିବାଳୟ ସମ୍ପର୍କରେ ତଥ୍ୟ ସଂଗ୍ରହ କଲା । ସିଏ ଜାଣିପାରିଲା ଓ.ଏ.ଏସ. ଏବଂ ଓ.ଏଫ୍.ଏସ୍. ପାଇବା ପାଇଁ ସଚିବାଳୟର ପ୍ରତି ବିଭାଗର ନିଭୃତ କୋଣରେ ଗୋଟେ ଗୋଟେ ଛୋଟ ଶିଡ଼ି ଅଛି । ପ୍ରତାପର ଅଫିସର ହେବାର ଯେଉଁ ଆଶାଟା ମ୍ଳାନ ପଡ଼ିଯାଇଥିଲା ତାହା ପୁଣି ଧୀରେ ଧୀରେ ଉଜ୍ଜଳ ହୋଇଗଲା ।

କି କି ପନ୍ଥା ଅବଲମ୍ବନ କଲେ ଏ ଶିଡ଼ି ଚଢ଼ି ହେବ ତା'ର ଗୁପ୍ତ ରହସ୍ୟ ଭେଦ କରିବା ପାଇଁ ସେ ବିଭାଗର ପୁରୁଖା ଲୋକମାନଙ୍କୁ ପଚାରିଲା । କେତେକ କହିଲେ- ଖୁବ୍ ଭଲ ଇଂରାଜୀରେ ଭଲ ନୋଟିଂ, ଡ୍ରାଫ୍‌ଟିଂ କରିପାରିଲେ, ସବୁ ଜିନିଷ ଟିକ୍‌ନିଖ ଭାବେ ପରୀକ୍ଷା କରି ଭଲ ପରାମର୍ଶଦେଇ ପାରିଲେ ଉପରିସ୍ଥ ଅଫିସର ତୁମ ଉପରେ ସନ୍ତୁଷ୍ଟ ହେବେ । ତୁମ ଚରିତ୍ର ପଞ୍ଜିକା ଭଲ ହେବ । ଓ.ଏଫ୍.ଏସ୍. ଓ ଓ.ଏ.ଏସ.କୁ ପ୍ରମୋଶନ ପାଇଁ ତୁମ ନାମ ସୁପାରିଶ କରାଯିବ ।

ପ୍ରତାପ ପ୍ରଥମେ ଟିକେ ଦବି ଗଲା । ତା'ର ଇଂରାଜୀ ଲେଖା ଭଲ ନୁହଁ । ଅକ୍ଷର ମଧ୍ୟ ଖରାପ । ନୋଟିଙ୍ଗ ଆଉ ଡ୍ରାଫ୍‌ଟିଙ୍ଗ କ'ଣ ସେ ବିଷୟରେ ତା'ର ଏପର୍ଯ୍ୟନ୍ତ ପ୍ରତ୍ୟକ୍ଷ ଧାରଣା ହୋଇନାହିଁ । ଭଲ କାମ କରି ଉପର ଅଫିସରଙ୍କୁ ପ୍ରଭାବିତ କି ମୁଗ୍ଧ କରିବା ପରି ତା'ର ଦକ୍ଷତା ନାହିଁ । ଅଫିସର ହେବା ପାଇଁ ମନରେ ଉଜ୍ଜଳି ଆସୁଥିବା ତାରକାସବୁ ଅନ୍ଧାର ଆକାଶର ଉଲ୍‌କା ପରି ଦପ କରି ଖସି ପଡ଼ିଲେ ।

ସଂପୂର୍ଣ୍ଣ ଭାବେ ଆଶା ତ୍ୟାଗ କରିବା ପୂର୍ବରୁ ଆଉ କେତେଜଣଙ୍କୁ ସେ ବିଷୟରେ ପ୍ରତାପ ପଚାରିଲା । ବିରଞ୍ଚି ବାବୁ ତାକୁ ଯାହା କହିଲେ ସେଥିରେ ପ୍ରତାପର ମନ ଆକାଶରୁ ଖସି ପଡ଼ିଥିବା ନକ୍ଷତ୍ରମାନେ ପୁଣି ଉର୍ଦ୍ଧ୍ୱକୁ ଉଠିଯାଇ ସୂର୍ଯ୍ୟପରି ଭାସ୍ୱର ଦିଶିଲେ ।

ଆନଂଦ ଚଂଦ୍ର ପାହି

Digitized by srujanika@gmail.com

ବିରଞ୍ଚିବାବୁ କହିଲେ– କାମ ଫାମ ସବୁ ମିଛ । ଅଫିସରମାନଙ୍କୁ ଯେତେ ଖୋସାମତ ମରାମତ କରିପାରିବ, ତାଙ୍କର ଘରୋଇ କାମ ଯେତେ କରିପାରିବ, ଅଫିସରଙ୍କର ସବୁ ଗାଳିକୁ ଚନ୍ଦନ ପରି ଦେହ ମୁଣ୍ଡରେ ବୋଳି ସବୁ କଥାରେ ହଁ ଭରିବ, ଅଫିସ ସମୟର ସାମାନ୍ୟ ପୂର୍ବରୁ ଅଫିସ ଆସିବ ଓ ସମସ୍ତେ ଏପରି କି ଅଫିସରମାନେ ଅଫିସ ଛାଡ଼ିବାର ଅଧଘଣ୍ଟାଏ ପରେ ଅଫିସ ଛାଡ଼ିବ, ସାମାନ୍ୟ କଥାରେ ଅଫିସରଙ୍କ ମୁହଁ ଉପରେ ଉଚ୍ଛ୍ୱସିତ ପ୍ରଶଂସା କରିବ ଆଉ ନିଜର ସମସ୍ତ ସହକର୍ମୀଙ୍କର ଦୋଷ, ତ୍ରୁଟି ସ୍ୱତଃପ୍ରବୃତ୍ତ ଭାବେ ଅଫିସରଙ୍କ ଆଗରେ କହିବ । ଚରିତ୍ର ପଞ୍ଜିକା ଲେଖିବା ସମୟ ହେଲେ ଥାକ ଥାକ ହୋଇ ରହିଥିବା ସମସ୍ତ ଅଫିସରଙ୍କ ଆଗରେ ବେକମୂଳର ବାଳକୁ ସାଉଁଳୁ ସାଉଁଳୁ ଦାନ୍ତ ନିକୁଟି ଭଲ ଚରିତ୍ର ପଞ୍ଜିକା ମାଗିବ । ତା'ହେଲେ ବର୍ଷ ପାଞ୍ଚ/ ଛଅଟା ପରେ ତୁମେ ଓ.ଏଫ.ଏସ. କିମ୍ବା ଓ.ଏ.ଏ.ସକୁ ନିଶ୍ଚୟ ପ୍ରମୋଶନ ପାଇବ ।

ଦୁଇ ପ୍ରକାର ମତାମତ ଶୁଣି ପ୍ରତାପ ଟିକେ ଇତଃସ୍ତତଃ ଭାବ ପୋଷଣ କରିଥିଲେ ହେଁ ତାହା ଦୀର୍ଘସ୍ଥାୟୀ ହୋଇ ନ ଥିଲା । ଏ ପରସ୍ପରବିରୋଧୀ ଦୁଇ ମତ ମଧ୍ୟରୁ କେଉଁଟି ପ୍ରକୃତରେ ଗ୍ରହଣୀୟ ବୋଲି ମନ ଭିତରେ ଗଭୀରଭାବେ ପର୍ଯ୍ୟାଲୋଚନା କରୁଥିବା ବେଳେ ଆସିଷ୍ଟାଣ୍ଟ ପଦରୁ ମାତ୍ର ବର୍ଷେ ତଳେ ଓ.ଏ.ଏସ. ପଦକୁ ପ୍ରମୋଶନ ପାଇ ଯାଇଥିବା ପ୍ରକାଶ ମହାନ୍ତିଙ୍କ ସହିତ ହଠାତ୍ ଭୁବନେଶ୍ୱରରୁ କଟକ ଯାଉଥିବା ବସ୍‌ରେ ଭେଟ ହୋଇଗଲା । ଦୁହେଁ ଗୋଟିଏ ବସ୍‌ରେ ଗୋଟିଏ ଦୁଇଜଣିଆ ସିଟ୍‌ରେ ଦୀର୍ଘସମୟ ପାଖାପାଖି ହୋଇ ବସିଥିଲେ ମଧ୍ୟ ଦୁହିଁଙ୍କ ମଧ୍ୟରେ ପରିଚୟ ଅଭାବରୁ ଦୁହେଁ ଚୁପ୍‌ଚାପ୍ ବସିଥିଲେ । କୌଣସି କାରଣରୁ ଦୁହିଁଙ୍କ ଭିତରେ ଆଲୋଚନାର ସୂତ୍ରପାତ ହେଲା । ଆଲୋଚନାରୁ ଜଣାଗଲା ଦୁହେଁ ସଚିବାଳୟର ଏକ ନିର୍ଦ୍ଦିଷ୍ଟ ବିଭାଗର ଲୋକ । ପ୍ରତାପ ସେ ବିଭାଗର ଆସିଷ୍ଟାଣ୍ଟ କିନ୍ତୁ ପ୍ରକାଶ ବର୍ଷେ ତଳେ ସେ ବିଭାଗର ଆସିଷ୍ଟାଣ୍ଟ ଥିଲା । ବର୍ତ୍ତମାନ ଓ.ଏ.ଏସ. ପାଇ କୌଣସି ଏକ ବ୍ଲକର ବି.ଡ଼ି.ଓ. । ଗୋଟିଏ ବିଭାଗର ଲୋକ ହିସାବରେ ଦୁହେଁ କିଛି ସମୟ ପାଇଁ ଅନ୍ତରଂଗ ଆଳାପ ଆଲୋଚନା କଲେ ।

ଓ.ଏ.ଏସ.କୁ ପ୍ରମୋଶନ ପାଇବାର ବାଟ ସମ୍ପର୍କରେ ଯେଉଁ ଦୁଇଟି ଭିନ୍ନ ଭିନ୍ନ ତଥ୍ୟ ସଂଗ୍ରହ କରିଥିଲା ତାହା ପ୍ରକାଶ ଆଗରେ ପ୍ରକାଶ କରିଦେଇ ପ୍ରକୃତ ବାଟ କ'ଣ ବୋଲି ପ୍ରତାପ ପଚାରିଲା । ଏ ପ୍ରଶ୍ନରେ ପ୍ରକାଶ କିଛିଟା ଅପ୍ରତିଭ ଦେଖାଗଲା । ଅଳ୍ପ କିଛି ସମୟ ଭିତରେ ନିଜକୁ ସଜାଡ଼ି ନେଇ ପ୍ରକାଶ କହିଲା- ଆପଣ ଯେଉଁ ଦୁଇଟିଯାକ ମତାମତ ଶୁଣିଛନ୍ତି ସେ ଦୁଇଟିଯାକ ଦୁଇ ଭିନ୍ନ ଦୃଷ୍ଟିର ଲୋକଙ୍କ ମତ । ପ୍ରଥମଟି ହେଉଛି ପ୍ରମୋଶନ ପାଇଁ ଆଶାୟୀ ବନ୍ଧୁମାନଙ୍କର । ସେମାନେ ନିଜର ମର୍ଯ୍ୟାଦା ରକ୍ଷା କରି କହିଛନ୍ତି । ଦ୍ୱିତୀୟ ମତଟି ପ୍ରମୋଶନ ପାଇବାର ଆଦୌ ସମ୍ଭାବନା ନ ଥିବା

Digitized by srujanika@gmail.com

ଲୋକଙ୍କର । ସେମାନେ ପ୍ରମୋଶନ ପାଉଥିବା ଗୋଷ୍ଠୀକୁ ଖୁବ୍ ତଳକୁ ପୋପାଡ଼ି ଦେଲା ପରି ମନ୍ତବ୍ୟ ଦେଇଛନ୍ତି ।

ପ୍ରତାପ କିଛି ନ ବୁଝି ପାରିବା ମୁଦ୍ରାରେ ପ୍ରକାଶର ମୁହଁକୁ କଟମଟ କରି ଚାହିଁଥିଲା ।

ପ୍ରକାଶ କହି ଚାଲିଥିଲା- ପ୍ରକୃତରେ ଏଇ ଦୁଇ ମତାମତକୁ ମିଶାଇ ଏଥିରୁ ଅତିରଞ୍ଜନକୁ ବାଦ ଦେଲେ ଯେଉଁ ପନ୍ଥା ରହିବ ତାହା ହିଁ ଉପଯୁକ୍ତ ।

ତଥାପି ପ୍ରତାପ ମୁହଁରେ ବୁଝି ନ ପାରିଥିବା ଭାବ ସ୍ପଷ୍ଟ ହୋଇ ଉଠୁଥିଲା । ପ୍ରକାଶ କହିଲା– ଆପଣ କିଛି ବୁଝିବା ଦରକାର ନାହିଁ । ଗୁରୁତ୍ୱପୂର୍ଣ୍ଣ କାମଥିବା ସିଟ୍‌ଟିଏ ପ୍ରଥମେ ପାଇବାକୁ ଚେଷ୍ଟା କରନ୍ତୁ । ଯେଉଁ ସିଟ୍‌ରେ କାମ କଲେ ଅଫିସର ପ୍ରତିଦିନ ପାଞ୍ଚ ଛଅ ଥର ଆପଣଙ୍କୁ ଡାକିବେ ତାହା ହିଁ ଗୁରୁତ୍ୱପୂର୍ଣ୍ଣ ସିଟ୍ । ଅଫିସ୍‌କୁ ଅଫିସରମାନେ ଆସିବାର ପାଞ୍ଚ ଦଶ ମିନିଟ୍ ଆଗରୁ ଆପଣ ଅଫିସ ଆସିବେ ଓ ସବୁ ଅଫିସର ଘରକୁ ଫେରିଯିବା ପରେ ଆପଣ ଘରକୁ ଫେରିବେ । ଆପଣ ପ୍ରଥମେ ଏତିକି କରନ୍ତୁ । ବର୍ଷେ ଦୁଇ ବର୍ଷ ଭିତରେ ଆପଣ ନିଜେ ସବୁ ଜାଣି ଯିବେ । ଆପଣଙ୍କୁ ଆଉ କେହି କିଛି ବୁଝାଇବା ଦରକାର ପଡ଼ିବ ନାହିଁ । ଯାହା କରିବା କଥା ତେଣିକି ଆପଣ ନିଜେ ଶିଖି ଯିବେ ।

ପ୍ରତାପ ଆଠଦିନ ଚେଷ୍ଟା କରିବା ପରେ ଗୋଟିଏ ଗୁରୁତ୍ୱପୂର୍ଣ୍ଣ ସିଟ୍ ପାଇବାରେ ସଫଳ ହେଲା । ସେଇ ସିଟ୍‌ର କାମ ପ୍ରଥମେ ପ୍ରତାପକୁ ଆସିଲାନାହିଁ । କାମ କରିବାକୁ ବହୁତ କଷ୍ଟ ଲାଗିଲା । ଅନ୍ୟମାନଙ୍କୁ ପଚାରି କାମ ଶିଖିଲା । କାମ ଭାର ଏତେ ପଡ଼ିଲା ଯେ ସିଏ ନିଜେ ବ୍ୟତିବ୍ୟସ୍ତ ହୋଇପଡ଼ିଲା । ଅନ୍ୟମାନେ ଅପରାହ୍ନ ପାଞ୍ଚଟାରେ ହସ୍ତାରତି ଛାଡ଼ି ଗୃହାଭିମୁଖେ ବାହୁଡ଼ିବା ବେଳେ ପ୍ରତାପ ଝାଳ ନାଳ ହୋଇ ରାତି ସାତଟା, ଆଠଟା ଯାଏ କାମ କଲା ।

ସହକର୍ମୀମାନେ ପ୍ରତାପ ପଛରେ ଫୁସ୍‌ଫାସ୍ ହେଲେ- ଖୋସାମତିଆ, ତେଲିଆ ।

ପ୍ରତାପ ତା'ର ସହକର୍ମୀମାନଙ୍କ ମନ୍ତବ୍ୟ ଶୁଣି ଖୁସି ହେଲା । ତା'ର ମନେହେଲା ସିଏ ଠିକ୍ ବାଟରେ ଚାଲିବା ଆରମ୍ଭ କରିଛି । ଜଣେ କିଏ କହିଥିଲେ– ଲୋକମାନେ ତୁମକୁ ଯେତେବେଳେ ଈର୍ଷା କରିବେ ତୁମେ ସେତେବେଳେ ଜାଣିବ ତୁମର ଉନ୍ନତି ହେଉଛି । ତୁମେ ସଫଳତା ପ୍ରାପ୍ତିର ଦ୍ୱାର ଦେଶରେ ।

ପ୍ରତାପ ଅଧିକ ଅଧିକ ଉତ୍ସାହିତ ହୋଇ ଆଗକୁ ଆଗକୁ ମାଡ଼ି ଚାଲିଲା । ଦିନେ ହେଲେ ଆଉ ପଛକୁ ଫେରି ଚାହିଁନାହିଁ । ଯେତେ ଅଧିକ ଖଟିଲେ ବି ଦିନେ ହେଲେ କ୍ଲାନ୍ତ ହୋଇନାହିଁ । ଆଗାମୀ ଦିନର ସମୃଦ୍ଧି, ପ୍ରତିପତ୍ତି, ସୁଖ ଓ ସମ୍ମାନର ମୋହ ତାକୁ

Digitized by srujanika@gmail.com

ନିଶାଗ୍ରସ୍ତ କରିଛି ।

ଅଳ୍ପ କେଇଟା ଦିନ ଭିତରେ ବିଭାଗର ସମସ୍ତ ଲୋକ ପ୍ରତାପକୁ ଭିନ୍ନ ଦୃଷ୍ଟିରେ ଦେଖିଲେ । ନିଜ ପରିବାରରେ ମଧ ତା' ସମ୍ପର୍କର ଗଣ୍ଠି କୋହଳ ହେବାର ଅନୁଭବ କଲେ ପ୍ରତାପର ସ୍ତ୍ରୀ ନିରୂପମା । ଘରେ ସ୍ୱାମୀଙ୍କର ଉପସ୍ଥିତିର ସମୟ ଦିନକୁ ଦିନ ସଙ୍କୁଚିତ ହେବାକୁ ଲାଗିଲା । ପିଲାମାନଙ୍କର ପାଠପଢ଼ା ଦେଖିବା, ଘର ପାଇଁ ପନିପରିବା କିଣିବା, ଦେହପାଆରେ ପିଲାମାନଙ୍କର ଚିକିତ୍ସା କରିବା, ସେମାନଙ୍କୁ ସିନେମା, ଥିଏଟର କି ପ୍ରଦର୍ଶନୀକୁ ବୁଲାଇନେବା, ଘରେ କୁଣିଆଁ ମୈତ୍ରଙ୍କ ଖବର ବୁଝିବା ଇତ୍ୟାଦି ଘରକାମରେ ପ୍ରତାପର ଅବହେଳାର ମାତ୍ରା ବଢ଼ି ବଢ଼ି ଚାଲିଲା ।

ଅଫିସ୍‌ରେ ପ୍ରତାପର ଉପସ୍ଥାପନର ଅବଧି ବଢ଼ି ବଢ଼ି ଚାଲିଲା । ଆଗେ ଅଫିସ ସମୟର ପାଞ୍ଚ ଦଶ ମିନିଟ୍ ଆଗରୁ ଅଫିସ ଯାଇ ଅଫିସ ଛୁଟି ହେବାର ଘଣ୍ଟେ ଦେଢ଼ ଘଣ୍ଟା ଭିତରେ ଘରକୁ ଫେରୁଥିବା ପ୍ରତାପ କ୍ରମେ କ୍ରମେ ମାତ୍ରା ବଢ଼େଇ ଏବେ ରାତି ଆଠଟା ନଅଟା ବେଳକୁ ଘରକୁ ଫେରୁଛି ।

ଅଫିସର୍‌ମାନେ ଯେତେ ରାତିରେ ଯାହା କାମ ପାଇଁ ଖୋଜିଲେ ମଧ ପ୍ରତାପ ପହଞ୍ଚି ଯାଇ କାମ କରିଦିଏ । ଏପରିକି ନିଜେ ଟାଇପ କରିବା ଶିଖି ରାତିର ବିଳମ୍ବିତ ପ୍ରହରରେ ଅଫିସର ଯାହା ଟାଇପ କରିବା କାମ ଦିଅନ୍ତି ତାକୁ କରିଦେଇ ଅଫିସର୍‌ମାନଙ୍କ ଶୁଭ ଦୃଷ୍ଟି ଆକର୍ଷଣ କରେ।

ପ୍ରତାପ ଓ.ଏ.ଏସ୍. ପାଇବାର ଦୁଇ ବର୍ଷ ପୂର୍ବରୁ ସମସ୍ତେ ଜାଣିଥିଲେ ସିଏ ପାଇବ ବୋଲି । ପ୍ରତାପ ଓ.ଏ.ଏସ. ପାଇବା କଥା ଶୁଣିବା ପରେ କିଏ ଖୁସି ହୋଇଥିଲା ସେ କଥା କହି ହେବ ନାହିଁ, କିନ୍ତୁ ଈର୍ଷାର କେଇଧାଡ଼ି ମହମବତୀ ଜଳି ଉଠିଥିଲା ପ୍ରାୟ ଅଧିକାଂଶ ସହକର୍ମୀଙ୍କ ଅନ୍ଧାରିଆ ଛାତି କୋଠରୀରେ । ଅନେକ ସହକର୍ମୀଙ୍କ ଅଣ୍ଟା, ପିଠି, ଛାତି, କାନ୍ଧ ଓ ମୁଣ୍ଡରେ ପାଦ ରଖି ପ୍ରତାପ ତୃତୀୟ ଶ୍ରେଣୀ ଡେଇଁ ଦ୍ୱିତୀୟ ଶ୍ରେଣୀ ଚାକିରିକୁ ଉଠିଯାଇଛି । ଏଥିରେ ତା'ର ନିଜର ଦକ୍ଷତା ଯେତିକି ନାହିଁ ତା'ଠୁ ଢେର ଅଧିକ ଅଛି ଉପରିସ୍ଥମାନଙ୍କର ଶୁଭେଚ୍ଛା, ଦାନ, ଦୟା ଓ ମର୍ଜି ।

ତେବେ ପ୍ରମୋସନ ମିଳିବା ପରେ କାହାର ଦାନ, ଶୁଭେଚ୍ଛା କି ମର୍ଜି ହୋଇ ଆଉ ତାହା ରହେ ନାହିଁ । ତାହା ଯୋଗ୍ୟତା, ଦକ୍ଷତା ଓ ଅଧିକାର ପରିସରଭୁକ୍ତ ହୋଇଯାଏ । ଓ.ଏ.ଏସ. ପ୍ରମୋସନ ପାଇବା ପରେ ପ୍ରତାପ ନିଜକୁ ଅଫିସର ଭାବେ ସବୁ ଦିଗରୁ ଗଢ଼ିବାକୁ ଚେଷ୍ଟା କଲା । ଚାଲି ଚଳନ, କଥାବାର୍ତ୍ତା, ଭାବଭଙ୍ଗୀ ଏବଂ ପୋଷାକ ପରିଚ୍ଛଦ ସବୁଥିରେ ପରିବର୍ତ୍ତନ ଆଣିଲା । ଗାମ୍ଭୀର୍ଯ୍ୟ, ଦାମ୍ଭିକତା, ସଂଭ୍ରମ ଏ ସବୁର ମିଶ୍ରଣର ଗୋଟେ ଭାବ ସବୁବେଳେ ପ୍ରତାପର ମୁହଁରେ, ମନରେ, ଆଚରଣରେ ଓ ପୋଷାକପତ୍ରରେ ସ୍ପଷ୍ଟ ହୋଇ ଉଠିଲା ।

ଆନନ୍ଦ ଚନ୍ଦ୍ର ପହି

Digitized by srujanika@gmail.com

ପ୍ରତାପର ପ୍ରଥମ ପୋଷ୍ଟିଂ କୋରାପୁଟ ଜିଲ୍ଲାର ଗୋଟିଏ ବ୍ଲକରେ ବିଡ଼ିଓ ଭାବରେ । ତା'ର ସରକାରୀ ବାସଭବନ ବ୍ଲକ ଅଫିସ୍‌ର ଖୁବ୍ ନିକଟରେ । ଅଫିସରେ ପିଅନ, ଘରେ ପିଅନ, ଜିପ୍‌ଗାଡ଼ି, ଟେଲିଫୋନ୍ । ଶହ ଶହ ନମସ୍କାର ।

ପ୍ରତାପ ନିଜ ଦେହରୁ, ବ୍ୟକ୍ତିତ୍ୱରୁ ତୃତୀୟଶ୍ରେଣୀ କର୍ମଚାରୀର ସମସ୍ତ ସତ୍ତା ଲୋପ କରି ତା' ସ୍ଥାନରେ ଅଫିସର ସତ୍ତାଟିଏ ସ୍ଥାପନ କରିବା ପାଇଁ ସବୁ ଦିଗରୁ ସବୁମତେ ଉଦ୍ୟମ ଜାରି ରଖିଥିଲା । ନିଜକୁ ଅସ୍ୱାଭାବିକଭାବେ ଗମ୍ଭୀର ରଖୁଥିଲା । ଦର୍ପଣ ଆଗରେ ମୁହଁ ଦେଖି ମୁହଁରେ ସମ୍ଭ୍ରାନ୍ତଠାଣି ଆଣିବାକୁ ଅଭ୍ୟାସ କରୁଥିଲା ।

ତୃତୀୟ ଶ୍ରେଣୀ କର୍ମଚାରୀମାନଙ୍କଠାରୁ ଯଥାସମ୍ଭବ ଦୂରେଇ ରହୁଥିଲା । ଅଭ୍ୟାସବଶତଃ ନିଜେ ନିଜେ ଚା' ଜଳଖିଆ ଦୋକାନ କିମ୍ବା ପାନ, ସିଗାରେଟ୍ ଦୋକାନ ପାଖକୁ ଚାଲିଯାଇ ମନେପଡ଼ି ଯିବାରୁ ଦୋକାନରୁ ଫେରି ଆସୁଥିଲା । ଅଫିସର ଏସବୁ ଦୋକାନକୁ ଯିବାଦ୍ୱାରା ନିଜ ମର୍ଯ୍ୟାଦାର ଅସମ୍ମାନ ହୁଏ । ତେଣୁ ପିଅନ ପଠାଇ ନିଜ କୋଠରୀକୁ ଚା, ଜଳଖିଆ, ପାନ ସିଗାରେଟ୍ ମଗାଇ ଆଣୁଥିଲା ପ୍ରତାପ ।

କାମ ନ ଥିବାବେଳେ କର୍ମଚାରୀମାନଙ୍କ ସହିତ ଗପ କରିବା ପାଇଁ ପ୍ରତାପ ନିଜ ଅଫିସର କୋଠରୀ ଭିତରୁ ବାହାରି ଆସି ଅଫିସ ହଲ ଭିତରେ ଧାଡ଼ି ଧାଡ଼ି ହୋଇ ବସିଥିବା ତୃତୀୟ ଓ ଚତୁର୍ଥଶ୍ରେଣୀ କର୍ମଚାରୀମାନଙ୍କ ମେଳରେ ବସି ପତ୍ରୁପତ୍ରୁ ଅନେକଥର ଫେରିଯାଇଛି ନିଜ କୋଠରୀ ଭିତରକୁ । ଅଫିସର ହେବା ପାଇଁ ତାକୁ ପୂର୍ବର ତୃତୀୟ ଶ୍ରେଣୀୟ ଗୋଠମେଳିଆ ଅଭ୍ୟାସ ଛାଡ଼ିବାକୁ ପଡ଼ିବ । ସିଏ ଅନ୍ୟମାନଙ୍କ ମେଳରେ ହଜିଯିବା ବ୍ୟକ୍ତିତ୍ୱର ମଣିଷ ନୁହେଁ । ତା'ଠି ଅଧିକ ଅଶ୍ୱଶକ୍ତି ଲାଗିଛି । ତା'ର ପରିଚୟ ସ୍ୱତନ୍ତ୍ର । ତା'ର ଆସନ ଆଉ ଗୋଷ୍ଠୀ ସ୍ୱତନ୍ତ୍ର । ପ୍ରତାପ ତା'ର ଅଭ୍ୟାସ ଓ ନିଷ୍ଠା ବଳରେ ଜଣେ କଡ଼ା ମିଜାଜର ଅଫିସର ଭାବେ ସବୁଠି ପରିଚିତ ହେଲା । ସବୁବେଳେ ଫଁ ଫଁ । କାହା ସହିତ ମନଖୋଲା କି ମୁହଁଖୋଲା କଥାବାର୍ତ୍ତା ନାହିଁ । କଥାବାର୍ତ୍ତା ସବୁ ମାପିଚୁପି ।

ଅଫିସର୍ ହୋଇଯିବା ପରେ ପ୍ରତାପର ଦରମା ଓ ଅନ୍ୟାନ୍ୟ ସୁବିଧା ସୁଯୋଗରେ ଯେତେ ପରିବର୍ତ୍ତନ ଆସିଲା ତା'ର ଢେର୍ ଗୁଣ ଅଧିକ ପରିବର୍ତ୍ତନ ଆସିଲା ତା'ର ଠାଣି, ବ୍ୟବହାର ଆଉ ଚାଲି ଚଳଣରେ । ତା' ଭିତରକୁ ଯେପରି ସାମାନ୍ୟ ଟିକେ ତୃତୀୟଶ୍ରେଣୀ କର୍ମଚାରୀର ଅଭ୍ୟାସ କି ସ୍ୱଭାବ ପ୍ରବେଶ ନ କରେ ସେଥିପ୍ରତି କଡ଼ା ଦୃଷ୍ଟି ରଖିଥିଲା ପ୍ରତାପ । ଦରମା ଓ ଅନ୍ୟାନ୍ୟ ସୁବିଧାରେ ପରିବର୍ତ୍ତନ ଆଣିଛନ୍ତି ସରକାର; କିନ୍ତୁ ତା' ନିଜର ଯାହା ପରିବର୍ତ୍ତନ ହୋଇଛି ସିଏ ନିଜେ ଚେଷ୍ଟା କରି ସେ ପରିବର୍ତ୍ତନ ଆଣିଛି । ତୃତୀୟ ଶ୍ରେଣୀ ବେଳର ସମସ୍ତ ପୋଷାକ ପତ୍ରକୁ ଅବ୍ୟାହତି ଦେଇ ଏକକାଳୀନ ପାଞ୍ଚ ପେୟାର ଅଫିସର୍ ପୋଷାକ ତିଆରି କରାଇଛି । ବେଶ ପୋଷାକରୁ

Digitized by srujanika@gmail.com

କେହି ଯେପରି ଅଫିସର ପ୍ରତାପ ଭିତରୁ ତୃତୀୟ ଶ୍ରେଣୀ କର୍ମଚାରୀ ପ୍ରତାପର କିଛି ହେଲେ ଗନ୍ଧ ପାଇବ ନାହିଁ । ପ୍ୟାଣ୍ଟ, ସାର୍ଟ, କୋର୍ଟ ସବୁ ପ୍ରତିଦିନ ଇସ୍ତ୍ରୀ କରାଯାଇ ଚିକ୍ ଚିକ୍ କରୁଛି । ଜୋତା ପ୍ରତିଦିନ ରଙ୍ଗ କରାଯାଉଛି । ପ୍ରତି କଥାରେ ମୁହଁରୁ ଇଂରାଜୀର ଅବାରିତ ସ୍ରୋତ । ପ୍ରତି ଘଣ୍ଟାଏ ଦେଢ଼ ଘଣ୍ଟା ଅନ୍ତରରେ ଦାମୀ ସିଗାରେଟ୍ ଲାଗୁଛି ।

ଖୁବ୍ ଅଳ୍ପ କେଇଟା ଦିନ ଭିତରେ ଜଣେ ପ୍ରଭାବଶାଳୀ ଅଫିସର୍ ଭାବେ ପ୍ରତାପର ନାଆଁ ବଢ଼ିଲା । ପ୍ରତାପ ନିଜ ଘରେ ତା'ର ପ୍ରତିପତ୍ତି ବଢ଼ାଇବା ପାଇଁ ସ୍ତ୍ରୀ ନିରୁପମା ଉପରେ ହାକିମି ପ୍ରୟୋଗ କଲା । ପ୍ରତାପ ତୃତୀୟଶ୍ରେଣୀ କର୍ମଚାରୀ ଥିବା ବେଳେ ନିରୁପମା ଉପରେ ଯେତିକି ବିରକ୍ତ ହେଉଥିଲା, ଯେତେ ଗାଳି ଦେଉଥିଲା ଅଫିସର ହେଲାପରେ ତା'ର ମାତ୍ରା ବଢ଼ାଇ ଦେଲା । ପୋଷାକପତ୍ର ଭଲ ସଫା ନ ହୋଇଥିଲେ କି ଆଇରନ୍ କରା ନ ଯାଇଥିଲେ ନିରୁପମାଙ୍କ ମୁହଁ ଉପରକୁ ଫୋପାଡ଼ି ଦିଏ ପ୍ରତାପ । ତରକାରୀ ଭଲ ନ ହୋଇଥିଲେ ଚିତ୍କାର କରି ବାସନକୁସନ ଫୋପାଡ଼େ, ଖାଇବା ପାଖରୁ ଉଠିଯାଏ । ପିଲାମାନେ କ'ଣ ଭୁଲ୍ ତ୍ରୁଟି କଲେ ନିରୁପମା ଉପରେ ଗାଳି ବର୍ଷାଏ ।

ନିରୁପମା ଥରେ ନିଜ ବାପ ଘରକୁ ଯାଇ ନିର୍ଦ୍ଦିଷ୍ଟ ହୋଇଥିବା ଦିନରେ ନ ଫେରି ତା' ବାପାଙ୍କ ଅସୁସ୍ଥତା ଯୋଗୁଁ ଦୁଇ ଦିନ ବିଳମ୍ବରେ ଫେରିଥିଲା ବୋଲି ପ୍ରତାପ ନିରୁପମା ଉପରେ ଗର୍ଜନ ତର୍ଜନ କରି ତା' ଉପରକୁ ଚପଲ ଫିଙ୍ଗିଥିଲା । ଚପଲଟା ନିରୁପମାର ପିଠିରେ ବାଜି ତଳେ ପଡ଼ିଥିଲା । ନିରୁପମା କିଛି ନ କହି ନିରୀହ ଛେଳିଟିଏ ପରି ଡିମା ଡିମା ଆଖି କାଢ଼ି ଥର ଥର ଥରିଥିଲା । ଅଫିସର ସ୍ୱାମୀଙ୍କର ଏତେ ସବୁ ଦୌରାତ୍ମ୍ୟକୁ ଜଣେ ଅଧସ୍ତନ କର୍ମଚାରୀ ପରି ମୁହଁ ବୁଜି ସହି ଯାଉଥିଲା ନିରୁପମା । ପ୍ରତ୍ୟୁତ୍ତର ଦେଲେ ତାଙ୍କ ସମ୍ମାନରେ ଆଞ୍ଚ ଆସିବା ଭୟରେ ସେ ନୀରବି ଯାଉଥିଲା ।

ଘରେ ନିଜର ଅଫିସର ଭାବମୂର୍ତ୍ତିର ପ୍ରସାର ପାଇଁ ନିଜକୁ ବିସ୍ତାରିତ, ବିସ୍ତାରିତଭାବେ ପ୍ରକାଶ କରିଛି ପ୍ରତାପ । ନିଜ ପରିବାରର ସମସ୍ତ ସଦସ୍ୟଙ୍କ ଉପରେ ତା' ନିଜ ଆଧିପତ୍ୟର ସମସ୍ତ ଭାର ଚାପି ଦେଇଛି । ସେ ଚାପର ଅଧିକାଂଶ ଭାଗ ତା' ସ୍ତ୍ରୀ ନିରୁପମା ଉପରେ ପଡ଼ିଛି ।

ନିରୁପମା ତା' ସ୍ୱାମୀର ସମସ୍ତ ଅତ୍ୟାଚାର କଷ୍ଟେ ମଷ୍ଟେ ସହି ଯାଉଥିଲା । ତା'ର ଧାରଣା ଥିଲା ସବୁ ଅଫିସର ନିଜ ଘରେ ଏମିତି କଠୋର ବ୍ୟବହାର ପ୍ରୟୋଗ କରି ପରିବାରର ଲୋକମାନଙ୍କୁ ଅଧସ୍ତନ କର୍ମଚାରୀମାନଙ୍କ ପରି ଶାସନ କରନ୍ତି ।

ଦିନେ କିନ୍ତୁ ଜିଲା କଲେକ୍ଟରଙ୍କ ଡ୍ରାଇଭର ସନାତନ ପ୍ରତାପକୁ ସାକ୍ଷାତ କରିବା ପାଇଁ ଘଣ୍ଟାଏ କାଳ ଅପେକ୍ଷା କରିଥିଲା । ପ୍ରତାପ କିଛି ଗୋଟେ ସରକାରୀ କାମରେ

Digitized by srujanika@gmail.com

ବାହାରକୁ ଯାଇଥିଲା । ସନାତନର ନିଜ ଘର ନିରୁପମାର ଗାଆଁରେ । କଥା ପ୍ରସଙ୍ଗରେ ନିରୁପମା ସନାତନକୁ ପଚାରିଲା- ସନାତନ ! ତୁମେ କଲେକ୍ଟରଙ୍କର ଘରେ ଏତେ ଦିନ ହେଲା କାମ କରୁଛ । ତାଙ୍କ ଘରର ଚାଲିଚଳନ ବିଷୟରେ କିଛି କହି ପାରିବ ?

ସନାତନ କିଛି ନ କହି କେବଳ ବୋକା ବୋକା ଆଖିରେ ନିରୁପମାକୁ ଚାହିଁଲା । ବଡ଼ଘର, ବଡ଼କଥା, ବହୁତ କଥା, ଗହନ କଥା । ସେ କଥା କେଉଁଠୁ ଆରମ୍ଭ କରି କେଉଁଠି ସାରିବ ?

ନିରୁପମା କଥାଟାକୁ ଆଉ ଟିକେ ସ୍ପଷ୍ଟ କରିବା ପାଇଁ କହିଲେ– କଲେକ୍ଟର ଆମ ବାବୁଙ୍କଠାରୁ ଢ଼େର ବଡ଼ । ଅଫିସ୍‌ର ବାହାରେ ଆଉ ଘରେ ସିଏ ଭାରି କଡ଼ା ହୋଇଥିବେ ? ବିଶେଷ କରି ତାଙ୍କ ସ୍ତ୍ରୀ ତାଙ୍କୁ ଖୁବ୍ ବେଶି ଭୟ କରୁଥିବେ ?

ସନାତନ ହୋ ହୋ ହୋଇ ହସି ଉଠିଲା । ସେମିତି ହସୁ ହସୁ କହିଲା- ତୁମକୁ ଏ ଭୁଲ୍ ଧାରଣା କିଏ ଦେଲା ? ଖାଲି ଆମ କଲେକ୍ଟର ନୁହଁନ୍ତି ଏମିତି ଯେତେ ବଡ଼ ବଡ଼ ହାକିମ କି ତାଙ୍କଠୁ ବଡ଼ ବଡ଼ ହାକିମ ମୁଁ ଦେଖିଛି ସେମାନେ ଅଫିସରେ କି ଅଫିସ ବାହାରେ ଯେତେ ଭୟଙ୍କର ଘରେ ନିଜ ସ୍ତ୍ରୀଙ୍କ ପାଖରେ ସେତେ ଭୟଭୀତ । ଅଫିସରମାନେ ଘରେ ପାଦ ଦେବା ମାତ୍ରେ ତାଙ୍କର ସମସ୍ତ ଶକ୍ତି ଲୋପ ପାଇଯାଏ । ଅତି ଭୟଭୀତ ମଣିଷଟିଏ ପରି ଖୁବ୍ ନିରୀହ, ଶାନ୍ତ ଶିଷ୍ଟଭାବେ ଘରେ ଚଳପ୍ରଚଳ ହୁଅନ୍ତି । ତାଙ୍କ ସ୍ତ୍ରୀ ତାଙ୍କ ଉପରେ ଗର୍ଜନ ତର୍ଜନ କରନ୍ତି । ସ୍ତ୍ରୀଙ୍କର ସମସ୍ତ ଆଦେଶ ବାଧ୍ୟ ମଣିଷ ପରି ସେ ପାଳନ କରନ୍ତି ।

ନିରୁପମା ସନାତନର କଥାକୁ ମୋଟେ ବିଶ୍ୱାସ କରିପାରୁ ନ ଥିଲା । ତା' ମୁହଁରେ ଆଖିରେ ସବୁଠି ଅବିଶ୍ୱାସର ସ୍ପଷ୍ଟ ଆଲେଖ୍ୟ ଆଙ୍କି ହୋଇ ଯାଇଥିଲା । ସିଏ ନିଜକୁ ସମ୍ଭାଳି ନ ପାରି ସତ କଥାଟା ପ୍ରକାଶ କରି ଦେଲା- ଆମ ଘରେ ସବୁ ଓଲଟା । ଇଏ ଆମର ଅଫିସରେ ଯେତିକି ହାକିମି ଦେଖାନ୍ତି ତା'ର ଚାରିଗୁଣ ହାକିମି ଘରେ ଦେଖାନ୍ତି । ବିଶେଷ କରି ମୋ ଉପରେ ତାଙ୍କର ହାକିମିଟା ବେଶି ।

ସନାତନ ସେମିତି ହସୁ ହସୁ କହିଲା– ବାବୁ ବୋଧହୁଏ ଜଙ୍ଗଲରେ ଉତ୍ପାତ କରୁଥିବା ବାଘକୁ ଦେଖିଛନ୍ତି, ପିଞ୍ଜରା ଭିତରେ ବନ୍ଦୀ ହୋଇ ଲାଞ୍ଜ ଯାକି ପିଞ୍ଜରା ଚାରିପାଖ ବୁଲୁଥିବା ବାଘକୁ ଦେଖି ନାହାଁନ୍ତି ।

: ତୁମ କଥା ମୁଁ କିଛି ବୁଝିପାରୁ ନାହିଁ ସନାତନ ।

: ବୁଝିବାକୁ ଆଉ କ'ଣ ବାକି ରହିଲା ? ତୁମ ବାବୁ ଅଫିସରମାନଙ୍କୁ ଅଫିସରେ କିମ୍ବା ତାଙ୍କ କର୍ତ୍ତୃତ୍ୱ ଥିବା ଇଲାକାରେ ଦୁର୍ଦ୍ଧାନ୍ତ, ଦୁର୍ଦ୍ଧର୍ଷ ହୋଇ ବୁଲୁଥିବାର ଦେଖିଛନ୍ତି । ସେମାନଙ୍କୁ ନିଜ ଘରେ ତାଙ୍କ ସ୍ତ୍ରୀଙ୍କ ପାଖରେ ଦେଖି ନାହାଁନ୍ତି । ନିଜ ସ୍ତ୍ରୀ ପାଖରେ ସେମାନେ ଏକଦମ ପୋଷା । ଡାକି ଦେଲେ ଲାଞ୍ଜ ହଲାଇ ପଛେ ପଛେ ଗୋଡ଼ାନ୍ତି ।

ଆନନ୍ଦ ଚନ୍ଦ୍ର ପାଢ଼ି

Digitized by srujanika@gmail.com

ବସ କହିଲେ ବସନ୍ତି, ଧଅ' କହିଲେ କାମୁଡ଼ି ଗୋଡ଼ାନ୍ତି ।

ସନାତନ ଅନେକ ବେଳୁ ଚାଲି ଗଲାଣି । ନିରୁପମା ବାଘକୁ ପୋଷା ମନାଇବାର ଉପାୟ ଚିନ୍ତା କରୁଥିଲା ' ସନାତନ ସିନା କହିଗଲା ବାଘକୁ ପୋଷା ମନାଇବାର ସମ୍ଭାବନା ଅଛି ବୋଲି କିନ୍ତୁ ଏ ଉପାୟ ତାକୁ ନିଜେ ସ୍ଥିର କରିବାକୁ ପଡ଼ିବ । ମନରେ ଅନେକ ଉପାୟ ଏକାଠି କରି ମନେ ମନେ ସେସବୁକୁ ପରଖୁଥିଲା । ହଠାତ୍ ବାଘ ଗର୍ଜନରେ ତା' ଛାତି ଥରି ଉଠିଲା । ବାଘ ଗନ୍ଧରେ ନାକ ଫାଟି ପଡ଼ିଲା ।

ନିରୁପମା ପିଲାଦିନେ ତା' ବାପାଙ୍କଠାରୁ ଶୁଣିଥିଲା ବାଘକୁ ଡ଼ରି ନ ଯାଇ ବାଘ ଆଖିରେ ଆଖି ମିଳାଇଲେ ବାଘ କିଛି କ୍ଷତି କରିପାରେ ନାହିଁ । ମାତ୍ର ଡରି ଯାଇ ଆଖି ବୁଜି ଦେଲେ ବାଘ ଝାମ୍ପି ପଡ଼ି ବେକ କଣା କରି ରକ୍ତ ଶୋଷି ନିଏ । ମସ୍ ମସ୍ କରି ମାଂସ ଖାଏ, ରଡ଼ରାଡ଼ କରି ହାଡ଼ ଚୋବାଏ ।

ନିରୁପମା ବାଘର ଗର୍ଜନ, ନିଶ ଫୁଲା, ଲାଞ୍ଜ ବାଡ଼ିଆରେ ଭୟଭୀତ ନ ହୋଇ ମନକୁ ଦମ୍ଭ ଦେଲା । ନିଜକୁ ଟାଣ କଲା । ବାଘ ହୋଇ ତାକୁ ଖାଇବାକୁ ମାଡ଼ି ଆସୁଥିବା ତା'ର ସ୍ୱାମୀର ବଡ଼ ବଡ଼ ଆଖି, ବିକଟାଳ ମୁହଁକୁ ନ ଡ଼ରି ନିଜ ଆଖିକୁ ଡିମା ଡିମା, ମୁହଁକୁ ବିକୃତ, ବିକଟାଳ କରି କଟମଟ ଚାହିଁଲା ନିରୁପମା ।

ପ୍ରତାପ ଆଖି ବଡ଼ ବଡ଼ କରି ଖୁବ୍ ଜୋର୍‌ରେ ଗର୍ଜନ କଲା- ମୋ ସାଙ୍ଗରେ ଏମିତି ବିଚିତ୍ର ଆଚରଣ କରୁଚ, ତମ ମୁଣ୍ଡ ଖରାପ ହୋଇଗଲାଣି ନା କ'ଣ ?

ନିରୁପମା ନିଜକୁ ନିୟନ୍ତ୍ରଣ କରି ଖୁବ୍ ସହଜ କଣ୍ଠରେ କହିଲା- ତୁମେ ବହୁ ଚେଷ୍ଟା କରି ନିଜକୁ ଅଫିସର କରିପାରିଛ । ବେଶ, ପୋଷାକ, ଚାଲି, ଠାଣି ସବୁଥିରେ ଜଣେ ପ୍ରତାପୀ ଅଫିସର ଭାବେ ସୁନାମ ଅର୍ଜିଛ । ତୁମେ ତୁମ ଅଫିସ୍‌ରେ ଓ ବାହାରେ ଅଫିସର ହୋଇ ପାରିଛ; କିନ୍ତୁ ଘରେ ତୁମେ ଏଯାଏ ଅଫିସର ହୋଇ ପାରିନା । ସେଇ ଚିଡ଼ା, କାମୁଡ଼ା ତୃତୀୟଶ୍ରେଣୀ କର୍ମଚାରୀ ରହିଯାଇଛ । କଥା କଥାକେ ଗର୍ଜନ, ତର୍ଜନ, ଗାଳି ଗୁଲଜ କରିବା ଆଉ ନିଜ ସ୍ତ୍ରୀକୁ ନିଜର ଜଣେ ଅଧସ୍ତନ କର୍ମଚାରୀ ପରି ବସ ଉଠ କରାଇବା ଏସବୁ ଅଫିସର୍ ଘରର ଚଳଣି ନୁହଁ । ତୁମେ ଅଫିସରେ କି ଅଫିସ ବାହାରେ ଯେତେ ପ୍ରତାପୀ ଅଫିସର ଭାବେ ପରିଚିତ ହେଲେ ବି ଆମ ଘରକୁ ଯିଏ ଆସିବ ସିଏ ତୁମର ତୃତୀୟ ଶ୍ରେଣୀ କର୍ମଚାରୀପଣିଆର ପରିଚୟ ପାଇଯିବ ।

ତୁମେ ତୁମ ଉପରିସ୍ଥ ଅଫିସରମାନଙ୍କ ଘର ଦେଖିଛ ? ନା, ତୁମେ ଦେଖିନା । ତୁମେ ସେମାନଙ୍କୁ କେବଳ ଅଫିସ୍‌ରେ ଦେଖିଛ ଓ ସେମାନଙ୍କ ପରି ହେବାକୁ ଚେଷ୍ଟା କରିଛ । ସେମାନଙ୍କ ଘର ଭିତରର ଦୃଶ୍ୟ ତୁମେ ଦେଖିନା । ସଂପୂର୍ଣ୍ଣ ଅଫିସର ହେବାକୁ ଇଚ୍ଛା ଥିଲେ ତୁମେ ଯାଅ, ସେମାନଙ୍କ ଘର ଦେଖ । ସେମାନେ ତାଙ୍କ ସ୍ତ୍ରୀମାନଙ୍କ ପାଖରେ ବଣର ବାଘ କି ପଞ୍ଜୁରିର ପୋଷା ବାଘ ତୁମେ ନିଜ ଆଖିରେ ଦେଖି ଆସ ।

ଆନନ୍ଦ ଚନ୍ଦ୍ର ପତି

Digitized by srujanika@gmail.com

ତା'ପରେ ନିଜେ ବିଚାର କର, ତୁମେ ସଂପୂର୍ଣ୍ଣ ଅଫିସର୍ ହୋଇଛ ନା ଅଧା ତୃତୀୟଶ୍ରେଣୀ କର୍ମଚାରୀ ରହି ଯାଇଛ ।

ନିରୁପମା ପ୍ରତାପର ମୁହଁକୁ ଚାହିଁଥିଲା ଓ ପ୍ରତାପ ମୁହଁର ଭାବାନ୍ତରକୁ ଲକ୍ଷ୍ୟ କରୁଥିଲା । ପ୍ରତାପ ଭିତରେ ଟିକେ ପୂର୍ବରୁ ଗର୍ଜନ କରୁଥିବା ହିଂସ୍ର ବାଘଟା ଧୀରେ ଧୀରେ ପୋଷା ବାଘ ପରି ଲାଞ୍ଜ ଯାକି ନିରୁପମା ପାଖକୁ ଲାଗି ଲାଗି ଆସୁଥିଲା । ବାଘଟା ନିରୁପମାର କୋଳରେ ମୁହଁ ଗୁଞ୍ଜି ପୋଷା ମାନିବା ମୁଦ୍ରାରେ ଲାଞ୍ଜ ପିଟୁଥିଲା ।

ଆଗରୁ ବିଲୁଆ ଦେଖି ଭୟ ପାଇଯାଉଥିବା ନିରୁପମା ଏବେ ବାଘ ଖେଳାଇବା ପାଇଁ ନିଜକୁ ପ୍ରସ୍ତୁତ କରିନେଉଥିଲା ।

□□

ଆନଂଦ ଚଂଦ୍ର ପହି

Digitized by srujanika@gmail.com

ଆନଂଦ ଚଂଦ୍ର ପହି

ଜନ୍ମ ୧୯୪୬ ମସିହା ଅପ୍ରେଲ ମାସ ୧୧ ତାରିଖ, ଗ୍ରାମ ନିହଲ ପ୍ରସାଦ, ଢ଼େଙ୍କାନାଳ, ବୃତ୍ତି ସରକାରୀ ସେବା, କିନ୍ତୁ ପ୍ରବୃତ୍ତି ସାହିତ୍ୟ ସାଧନା । ଶ୍ରୀ ପହି ଜଣେ ବିଶିଷ୍ଟ ଗାଳ୍ପିକ ଓ ପ୍ରତିଷ୍ଠିତ ନାଟ୍ୟକାର । ତାଙ୍କ ଗଳ୍ପ ଗୁଡ଼ିକର କାନଭାସ୍ ଗାଆଁରୁ ସହର ପର୍ଯ୍ୟନ୍ତ ପରିବ୍ୟାପ୍ତ । ଗାଆଁ ଜୀବନର ନିଛକ ଛବି, ଗାଆଁ ଓ ସହରୀ ଜୀବନର ସଂଘର୍ଷ, ସମାଜର ତଳ ପାହାଚିଆ ଅତି ଅପାଙ୍‌କ୍ତେୟ ଚରିତ୍ରମାନଙ୍କର ଅକୁହା ଦୁଃଖ, ସହରୀ ଶିକ୍ଷିତ ମଣିଷର ଅର୍ନ୍ତଦ୍ୱନ୍ଦ, ନୈରାଶ୍ୟ ଓ ହତାଶାକୁ ନେଇ ତାଙ୍କ ଗଳ୍ପର କଳେବର ପୁଷ୍ଟ । ତାଙ୍କ ସୃଷ୍ଟିରେ ସମାଜ ସଚେତନତା ଯେତିକି ତୀବ୍ର, ସମ୍ବେଦନଶୀଳତା ସେ... ସୂକ୍ଷ୍ମ । 'ପ୍ରତୀକ୍ଷାରେ ପରୀକ୍ଷିତ' ନାଟକ ପୁସ୍ତକ ପାଇଁ ଓଡ଼ିଶା ସାହିତ୍ୟ ଏକାଡ଼େମୀ ପୁରସ୍କାର ପାଇଥିବା ଶ୍ରୀ ପହି ଜଣେ ସଫଳ ନାଟ୍ୟକାର ହୋଇଥିବାରୁ ତାଙ୍କର ଅଧିକାଂଶ ଗଳ୍ପ ସୁନ୍ଦର ନାଟକୀୟତା ଓ ମନୋଜ୍ଞ ସଂଳାପର ଏକ ସୁମଧୁର ସମନ୍ୱୟ ।

ତାଙ୍କ ବଳିଷ୍ଠ ଗଳ୍ପଗୁଡ଼ିକ ମଧ୍ୟରୁ ଅଧିକାଂଶର ନାଟ୍ୟରୂପ ଶ୍ରୀ ପହି ନିଜେ ପ୍ରଦାନ କରିଛନ୍ତି ଏବଂ ସେଗୁଡ଼ିକ ମଞ୍ଚ, ବେତାର ଓ ଦୂରଦର୍ଶନରେ ସଫଳତାର ସହ ଅଭିନୀତ ଓ ବହୁ ପ୍ରଶଂସିତ । ଏହି ନାଟକଗୁଡ଼ିକ ପାଇଁ ସେ ବହୁବାର ରାଜ୍ୟସ୍ତରରେ ଓ ଜାତୀୟ ସ୍ତରରେ ପୁରସ୍କୃତ ।

ଗ୍ରନ୍ଥ ଭାରତୀ, ଭୁବନେଶ୍ୱର

Price : Rs. 95.00 only

Digitized by srujanika@gmail.com